ଶ୍ରୀ ମନ୍ଦିର ଜଗନ୍ନାଥ
KRSNA
ପ୍ରାଧାପକ: ଶ୍ରୀ ଗୋପାଳ ଚନ୍ଦ୍ର ତିପାଠୀ

ପ୍ରାଧ୍ୟାପକ ଶ୍ରୀ ଗୋପାଳ ଚନ୍ଦ୍ର ତ୍ରିପାଠୀ



ଗଜୋଦ୍ଧାରଣ ବେଶ

ବାଙ୍କଚୂଳ ବେଶ

- ସୂଚୀପତ୍ର -

୧.	ଭକ୍ତିମାନ ଯଃ ସ ମେ ପ୍ରିୟଃ	୧
୨.	ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର	୬
୩.	ଶ୍ରୀମନ୍ଦିରର ପୌରାଣିକ ତଥା ଐତିହାସିକ ବିକାଶ ଓ ପରିଚାଳନା	୧୦
୪.	ଶ୍ରୀ ମନ୍ଦିର ବେଢ଼ା ପରିକ୍ରମା	୧୭
୫.	ତ୍ରିମୂର୍ତ୍ତି ତଥା ଚତୁର୍ଦ୍ଧାମୂର୍ତ୍ତି ରହସ୍ୟ	୫୪
୬.	ରହସ୍ୟମୟ ସୁଦର୍ଶନ	୫୯
୭.	ରହସ୍ୟମୟୀ ସୁଭଦ୍ରା	୬୫
୮.	ରହସ୍ୟମୟ ବଳଭଦ୍ର	୭୩
୯.	ସର୍ବରହସ୍ୟ ପୁରୁଷୋତ୍ତମସ୍ୟ	୮୦
୧୦.	ଅପାଣି ପାଦୋଽହଂ ଅଚିନ୍ତ୍ୟ ଶକ୍ତିଃ	୯୦
୧୧.	ଶ୍ରୀଜଗନ୍ନାଥଙ୍କ ଦୈନିକ, ସାମୟିକ ତଥା ଗୁପ୍ତନୀତି	୯୭
୧୨.	ଶ୍ରୀଜଗନ୍ନାଥଙ୍କ ଯାନିଯାତ୍ରା ସମ୍ବନ୍ଧୀୟ ନୀତି	୧୧୦
୧୩.	ଶ୍ରୀ ଜଗନ୍ନାଥଙ୍କ ବିଭିନ୍ନ ବେଶ	୧୪୦
୧୪.	ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ	୧୪୯
୧୫.	ଭକ୍ତ ସମାଜ ଓ ଶ୍ରୀଜଗନ୍ନାଥ	୧୫୬
୧୬.	ଶ୍ରୀକ୍ଷେତ୍ର ପରିକ୍ରମା	୧୭୫

ନିଯୁକ୍ତୋଽସ୍ମି ତଥା କରୋମି' ନ୍ୟାୟରେ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରି ତ ଲେଖାଯାଇଅଛି । ତେଣୁ ଯଶ ବା ଅପଯଶ ଯାହା ମିଳିବ, ସେ ସବୁ ମୋର ନୁହେଁ ମହା ପ୍ରଭୁଙ୍କର ପ୍ରାପ୍ୟ ।

ବିଭିନ୍ନ ପତ୍ର ପତ୍ରିକାରେ ଶ୍ରୀଜୀଉଙ୍କ ସମ୍ପର୍କରେ ପ୍ରକାଶିତ ହୋଇଥିବା ମୋର ପ୍ରବନ୍ଧ ଗୁଡ଼ିକ ଏକତ୍ରିତ କରି ଏକ ପୁସ୍ତକ ପ୍ରକାଶ କରିବାର ଯୋଜନା ଆଜିକୁ ୭/୮ ବର୍ଷ ପୂର୍ବରୁ ମନରେ ଥିଲେ ସୁଦ୍ଧା ବସ୍ତୁତଃ ତାହା କାର୍ଯ୍ୟକାରୀ ହୋଇ ପାରିନଥିଲା । ଏ ଦିଗରେ ମୋର ଅତି ପ୍ରିୟ ଶୁଭାକାଙ୍କ୍ଷୀ ବନ୍ଧୁ ଡ଼କ୍ଟର ପ୍ରଶାନ୍ତ କୁମାର ମିଶ୍ର ଯେ କି ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟରତ ଅଛନ୍ତି ତାଙ୍କର ପ୍ରେରଣା ତଥା ସଫଳ ଉଦ୍ୟମ ଯୋଗୁ ହିଁ ଏ ପୁସ୍ତକ ପ୍ରକାଶିତ ହେବାକୁ ଯାଉଛି । ମୋର ଶ୍ରଦ୍ଧେୟା ଛାତ୍ରୀ ଏବଂ ଡ଼କ୍ଟର ପ୍ରଶାନ୍ତ କୁମାର ମିଶ୍ରଙ୍କ ଧର୍ମପତ୍ନୀ ଶ୍ରୀମତୀ ପୁଷ୍ପକାନ୍ତୀ ପ୍ରହରାଜ ଏ ପୁସ୍ତକର ପ୍ରକାଶନ ଦାୟିତ୍ୱ ବହନ କରିଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ । ଭୁବନେଶ୍ୱରର ପ୍ରେସମ୍ୟାନର ସ୍ୱତ୍ୱାଧିକାରୀ ଶ୍ରୀ ସୁବୋଧ ସରକାର, ମୁଦ୍ରଣ ଦାୟିତ୍ୱ ବହନ କରିଥିବାରୁ ସେ ମହାଶୟଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଛି । ମୋର ଧର୍ମପତ୍ନୀ ଶ୍ରୀମତୀ ଶାନ୍ତିଲତା ତ୍ରିପାଠୀ ମୋତେ ପାରିବାରିକ ଜଞ୍ଜାଳରୁ ବହୁ ମାତ୍ରାରେ ମୁକ୍ତ କରିଥିବାରୁ ସେ ମଧ୍ୟ ମୋର ଧନ୍ୟବାଦର ପାତ୍ରୀ । ମୋର ଜ୍ୟେଷ୍ଠା କନ୍ୟା ବିଜୟ ଲକ୍ଷ୍ମୀ (ଝୁନୁ), ପୁତ୍ର ଶାଶ୍ୱତ (କୁନୁ) ଏବଂ କନିଷ୍ଠା କନ୍ୟା ଶାଶ୍ୱତୀ (ରୁନୁ)ଙ୍କ ସକ୍ରୀୟ ସହଯୋଗ ଯୋଗୁ ଏ କାର୍ଯ୍ୟ ସମ୍ପାଦିତ ହୋଇ ପାରିଥିବାରୁ, ସେମାନଙ୍କୁ ମଧ୍ୟ ଅଶେଷ ଧନ୍ୟବାଦ । ପ୍ରଚ୍ଛଦପଟର ଶିଳ୍ପୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମଧ୍ୟ ଧନ୍ୟବାଦ ଜ୍ଞାପନ କରୁଅଛି ।

ଆଦ୍ୟରେ ଓ ଶେଷରେ ପରମାରାଧ୍ୟ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଭକ୍ତ୍ୟର୍ଘ୍ୟ ପ୍ରଦାନ କରି ପ୍ରାକ୍ କଥନ ଏତିକିରେ ସମାପ୍ତ କରୁଅଛି ।

ବିନୀତ

ଶ୍ରୀ ଗୋପାଳ ଚନ୍ଦ୍ର ତ୍ରିପାଠୀ

ପୁରୀ

ପ୍ରଥମ ଅଧ୍ୟାୟ

ଭକ୍ତିମାନ୍ ଯଃ ସ ମେ ପ୍ରିୟଃ

ଭକ୍ତ ଭଗବାନଙ୍କର ଅତି ପ୍ରିୟ । ସେଥିପାଇଁ ଯଥାର୍ଥରେ କୁହାଯାଇଛି 'ଅପାର କରୁଣାସିନ୍ଧୁ ଭଗବାନ ଭକ୍ତବତ୍ସଳଃ । ଭକ୍ତର ମନବାଞ୍ଛା ପୂରଣ କରିବା ପାଇଁ ସେ କାହାର ପୁତ୍ର ଭାବରେ ଜନ୍ମ ଲାଭ କରନ୍ତି, କାହା ରଥର ସାରଥୀ ହୁଅନ୍ତି ଏବଂ କାହା ସହିତ ମିତ୍ରତା କରି ମିତ୍ରର ସୁଖ ଦୁଃଖରେ ସୁଖୀଦୁଃଖୀ ହୁଅନ୍ତି । ନାରଦଙ୍କ ପ୍ରତି ଭଗବାନଙ୍କର ଉକ୍ତି ହେଲା,

ନାହଂ ତିଷ୍ଠାମି ବୈକୁଣ୍ଠେ
ଯୋଗୀନାଂ ହୃଦୟେ ନ ଚ ।
ମଦ୍‌ଭକ୍ତାଃ ଯତ୍ର ଗାୟନ୍ତି,
ତତ୍ର ତିଷ୍ଠାମି ନାରଦ ।

ବର୍ତ୍ତମାନ ପ୍ରଶ୍ନ ଉଠେ ଭକ୍ତ କିଏ ? ଭଗବାନ ଶ୍ରୀମଦ୍ ଭଗବତ୍ ଗୀତା ମାଧ୍ୟମରେ ଭକ୍ତର ସ୍ୱରୂପ ନିର୍ଣ୍ଣୟ କରି ଅଛନ୍ତି । ଗୀତା ଏକ ସାର୍ବଜନୀନ ଶାସ୍ତ୍ର । ଏହା ଭଗବାନଙ୍କର ମୁଖ ନିସୃତ ଶାଶ୍ୱତ ବାଣୀ । ଭାରତୀୟ ପରମ୍ପରା ସଭ୍ୟତା, ସଂସ୍କୃତି ତଥା ଆତ୍ମରର ପ୍ରତୀକ ହୋଇଥିବାରୁ ଏହା ସକଳ ଶାସ୍ତ୍ରର ସାର ବୋଲି ବିବେଚିତ ହୋଇଥାଏ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

'ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଲନନ୍ଦନଃ ।
ପାର୍ଥୋବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍ ।।'

ଏହାର ଅର୍ଥ ହେଲା, ସମସ୍ତ ଉପନିଷଦ ଯଦି ଗାଈ ହୁଅନ୍ତି, ଦୁଗ୍ଧ ଦୁହନକାରୀ ହେଉଛନ୍ତି ଶ୍ରୀକୃଷ୍ଣ । ଉକ୍ତ ଗାଈର ବାଛୁରୀ ହେଉଛନ୍ତି ଅର୍ଜୁନ ଓ ସୁଧୀବୃନ୍ଦ ହେଉଛନ୍ତି ଦୁଗ୍ଧ ପାନ କରୁଥିବା ବ୍ୟକ୍ତିଗଣ ଏବଂ ଏ ମହାନ୍ ଶାସ୍ତ୍ର ଶ୍ରୀମଦ୍ ଭଗବତ୍ ଗୀତା ହେଉଛି ଦୁଗ୍ଧ ରୂପକ ଅମୃତ ।

ଗୀତାର ସାର ମର୍ମ ହେଲା ଈଶ୍ୱରଙ୍କ ନିକଟରେ ଅତୁଟ ବିଶ୍ୱାସ ତଥା ଅଚଳା ଭକ୍ତି । ଯେଉଁ ବ୍ୟକ୍ତି ସେ ମହାନ୍ ଶକ୍ତି ନିକଟରେ ମନପ୍ରାଣ ଅର୍ପଣ କରିଦିଏ ଏବଂ ତା'ର କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କରୁଥାଏ, ସେହି ହିଁ ଭଗବାନଙ୍କର ଅତ୍ୟନ୍ତ ପ୍ରିୟ । ସେ ଭଳି ଭକ୍ତର ଅପ୍ରାପ୍ତ ବସ୍ତୁ ପ୍ରାପ୍ତି ହୁଏ ଏବଂ ପ୍ରାପ୍ତ ବସ୍ତୁର ରକ୍ଷଣାବେକ୍ଷଣ ଦାୟିତ୍ୱ ଭଗବାନହିଁ ବହନ କରନ୍ତି ।

ଭଗବାନଙ୍କର ମୁଖ ନିଃସୃତ ବାଣୀ ହେଲା, ଭକ୍ତିମାନ୍ ଯଃ ସ ମେ ପ୍ରିୟଃ' ବା 'ଯୋମଦ୍‌ଭକ୍ତଃ ସ ମେ ପ୍ରିୟଃ' । ଗୀତାର ଦ୍ୱିତୀୟ ଅଧ୍ୟାୟ ସାଂଖ୍ୟ ଯୋଗଠାରୁ ଦଶମ

ଅଧ୍ୟାୟ ବିଭୂତି ଯୋଗ ପର୍ଯ୍ୟନ୍ତ ଜ୍ଞାନନିଷ୍ଠା, କର୍ମନିଷ୍ଠା ତଥା ନିର୍ଗୁଣ ନିରାକାର ଅବ୍ୟକ୍ତ ଅକ୍ଷର ବ୍ରହ୍ମ ପରମାତ୍ମାଙ୍କ ଉପାସନା ଓ ଧ୍ୟାନ କଥା କୁହାଯାଇଅଛି । ସେହି ବ୍ରହ୍ମ ସମ୍ପୂର୍ଣ୍ଣ ଐଶ୍ୱର୍ଯ୍ୟଯୁକ୍ତ ହୋଇ ସମସ୍ତଙ୍କର ଆଦି ତଥା ସର୍ବ ଜାଗତର ଆତ୍ମାରୂପେ ବିଶ୍ୱରୂପ ଗ୍ରହଣ କରନ୍ତି, ଏକଥା ଏକାଦଶ ଅଧ୍ୟାୟର ବିଶ୍ୱରୂପ ଦର୍ଶନ ଯୋଗରେ ବର୍ଣ୍ଣନା କରାଯାଇଅଛି । ଏକ ନିଷ୍ଠ ଭକ୍ତିରେ ତତ୍ତ୍ୱଦ୍ୱାରା ଈଶ୍ୱରଙ୍କ ଜ୍ଞାନ, ଦର୍ଶନ ଓ ପ୍ରାପ୍ତି ହୋଇ ପାରିବ, ଏ କଥାର ସୂଚନା ଦିଆଯାଇଅଛି । ଜ୍ଞାନ ବଳରେ ମନୁଷ୍ୟ ବ୍ରହ୍ମ କ'ଣ ଈଶ୍ୱର କିଏ, ତାଙ୍କର ସ୍ୱରୂପ କ'ଣ ଇତ୍ୟାଦି ଜାଣିପାରେ ଏବଂ ଏହା ଜାଣିଲେ କର୍ମ ଓ ଉପାସନା ନିର୍ଣ୍ଣୟ କରାଯାଇପାରେ । ସେଥିପାଇଁ ଜ୍ଞାନ ଯୋଗ ସବୁଠାରୁ ଶ୍ରେଷ୍ଠ ବୋଲି ବିବେଚନା କରାଯାଏ । କିନ୍ତୁ ସେହି ଜ୍ଞାନ ପାଇବା ନିମିତ୍ତ ବିଶ୍ୱାସ, ଶ୍ରଦ୍ଧା ଏବଂ ଅଭ୍ୟାସ ଏକାନ୍ତ ଆବଶ୍ୟକ । ଅଚଳା ଭକ୍ତି ଓ ଅଭ୍ୟାସ ବା ସାଧନା ବିନା ଜ୍ଞାନ ପ୍ରାପ୍ତିର ସମ୍ଭାବନା ନାହିଁ । ସେଥିପାଇଁ ଦ୍ୱାଦଶ ଅଧ୍ୟାୟରେ ଭକ୍ତି ଯୋଗ ବିଷୟ ବର୍ଣ୍ଣନା କରାଯାଇଛି । ଭଗବାନଙ୍କ ଭାଷାରେ,

'ମଯ୍ୟାବେଶ୍ୟ ମନୋ ଯେ, ମାଂ
ନିତ୍ୟଯୁକ୍ତା ଉପାସତେ ।
ଶ୍ରଦ୍ଧୟା ପରୟୋପେତା ସ୍ତେମେ,
ଯୁକ୍ତତମା ମତାଃ ।।

ଅର୍ଥାତ୍, ଯେଉଁ ଭକ୍ତ ପରମେଶ୍ୱରଙ୍କଠାରେ ମନ ପ୍ରାଣ ଅର୍ପଣ କରି ନିରନ୍ତର ତତ୍ପରତା ସହିତ ପରମ ଶ୍ରଦ୍ଧାରେ ଉପାସନା କରେ ସେ ଶ୍ରେଷ୍ଠ ଯୋଗୀ ଓ ପରମେଶ୍ୱରଙ୍କର ଅତ୍ୟନ୍ତ ପ୍ରିୟ । ଯଦି ଭଗବାନଙ୍କ ନିକଟରେ ଚିତ୍ତ ସ୍ଥିର ରଖି ନପାରୁଛ, ଏହା ବିକ୍ଷିପ୍ତ ହୋଇଯାଉଅଛି । ତେବେ ଅଭ୍ୟାସ ବଳରେ ଚିତ୍ତକୁ ସ୍ଥିର କରାଯାଇପାରେ । ପରମେଶ୍ୱର ତାଙ୍କ ଭକ୍ତକୁ ବିଭିନ୍ନ ପନ୍ଥା ଅବଲମ୍ବନ କରିବା ପାଇଁ ସୂଚନା ଦେଇଥିବାରୁ ସେ କେଉଁ ମାତ୍ରାରେ ଉକ୍ତ ପ୍ରିୟ ତାହା ସୂଚୀତ ହୁଏ । ଅଭ୍ୟାସ କରିବାରେ ମଧ୍ୟ ଅସମର୍ଥ ହେଲେ, ସେ ସାଂସାରିକ କର୍ମରେ ଲିପ୍ତ ରହୁ, ଈଶ୍ୱରଙ୍କ ଆଦେଶରେ ତାଙ୍କରି କାର୍ଯ୍ୟ କରୁଛି ବୋଲି ମନେ କରୁ ଏବଂ କର୍ମ ଫଳରେ ଆସକ୍ତି ନ ରଖି ସେହି ଫଳ ଈଶ୍ୱରଙ୍କୁ ଅର୍ପଣ କରୁ ତେବେ ସେ ଏକ ଆଦର୍ଶ ପୁରୁଷ, ପରମ ଭକ୍ତ ହେବ ଏବଂ ଭଗବାନଙ୍କର ଆଦରଣୀୟ ହୋଇପାରିବ ସେ ସମ୍ପର୍କରେ ଭଗବାନଙ୍କର ଉକ୍ତି ପ୍ରଣିଧାନ ଯୋଗ୍ୟ । ଯେ ସର୍ବଭୂତରେ ଦ୍ୱେଷ ରହିତ, ସମସ୍ତଙ୍କ ପ୍ରତି ମିତ୍ରତା ଓ ଦୟାଭାବ ଯାହାଙ୍କର ଥାଏ, ଯେ ଆସକ୍ତି ଓ ଅହଂକାରଶୂନ୍ୟ, ଯାହାଙ୍କ ପାଇଁ ସୁଖ ଓ ଦୁଃଖ ସବୁ ସମାନ, ଯେ କ୍ଷମାଶୀଳ, ସଦା ସନ୍ତୁଷ୍ଟ, ନିତ୍ୟଯୋଗୀ, ସଞ୍ଜତ ଓ ଯେ ଆତ୍ମ ତତ୍ତ୍ୱରେ ଦୃଢ଼ ନିଶ୍ଚିତ ଏବଂ ସର୍ବୋପରି ଯେ ଈଶ୍ୱରଙ୍କଠାରେ ମନ ପ୍ରାଣ ଅବନବରତ ଲଗାଇଥାନ୍ତି, ସେ ଭକ୍ତ ଶ୍ରେଷ୍ଠ ଓ ଭଗବାନଙ୍କର ଅତ୍ୟନ୍ତ ପ୍ରିୟ । ସେହିପରି ଯାହାଙ୍କଠାରୁ କେହି ଉଦ୍‌ବେଗ, ଭୟ ବା ଆଶଙ୍କା ପାଆନ୍ତି ନାହିଁ ଓ ସେ ନିଜେ ମଧ୍ୟ ଅନ୍ୟଠାରୁ ଏ ସବୁ ପାଇ ନଥାନ୍ତି, ଯାହାଙ୍କ ହୃଦୟରେ ବ୍ୟାକୁଳତା, ହର୍ଷ ଓ ଭୟଭାବ ସ୍ଥାନ ପାଇ ନଥାଏ, ସେହି ହିଁ ଭଗବାନଙ୍କର ପ୍ରିୟଭକ୍ତ ।

ପୁନଶ୍ଚ, ଯେଉଁ ବ୍ୟକ୍ତି ଲବ୍ଧାର୍ଥରେ ମଧ୍ୟ ନିସ୍ପୃହ ଯାହାର ବାହ୍ୟ ତଥା ଅଭ୍ୟନ୍ତର ସମାନ, ଯେ ନିରଳସ ଜୀବନ ଯାପନ କରେ, ଯେ ଦକ୍ଷତାର ସହିତ କର୍ତ୍ତବ୍ୟ ସମ୍ପାଦନ କରେ ଏବଂ ଯାହାପାଇଁ ଶତ୍ରୁ ମିତ୍ରର ପାର୍ଥକ୍ୟ ନଥାଏ ବରଂ ଯେ ଉଭୟଙ୍କୁ ସମଜ୍ଞାନ କରିଥାଏ ସେହି ହିଁ ପ୍ରଭୁଙ୍କର ପ୍ରିୟ ଭକ୍ତ। ଏତଦ୍ ବ୍ୟତୀତ, ଯେଉଁ ବ୍ୟକ୍ତି ଇଷ୍ଟ ପାଇଲେ ହୃଷ୍ଟ ହୁଏ ନାହିଁ କିମ୍ବା ଅନିଷ୍ଟ ଘଟିଲେ ଅସନ୍ତୁଷ୍ଟ ହୁଏ ନାହିଁ, ଯେ ଶୁଭ ଅଶୁଭ, ମାନ ଅପମାନ, ନିନ୍ଦା ପ୍ରଶଂସା, ଶୀତ ଗ୍ରୀଷ୍ମ ଓ ସୁଖ ଦୁଃଖରେ ଅବିଚଳ ରହିପାରେ ଏବଂ ଏ ସବୁକୁ ଏକ ବୋଲି ବିବେଚନା କରେ, ଯେଉଁ ବ୍ୟକ୍ତି ଯେ କୌଣସି ସ୍ଥାନରେ ଅନାସକ୍ତ ଭାବରେ ବସବାସ କରି ରହିପାରେ, ଯାହାର ଚିତ୍ତ ସ୍ଥିର ଓ ଯେ ସଂଯତବାକ୍, ସେହିହିଁ ଭକ୍ତ ପଦବାଚ୍ୟ। ଭଗବାନଙ୍କ ଭାଷାରେ, 'ନୁହଁଇ ପରଶ୍ରୀକାତର। ସେହି ଭକତ ପ୍ରିୟ ମୋର'।

କେତେକଙ୍କ ମତରେ ଭକ୍ତ ନିକଟରେ ଦଶବିଧ ଲକ୍ଷଣ ପରିଲକ୍ଷିତ ହୁଏ। ଯଥା,

ଅକ୍ରୋଧ ବୈରାଗ୍ୟ ଜିତେନ୍ଦ୍ରିୟାଣୀ
ଷମା ଦୟା ସର୍ବଜନ ପ୍ରିୟଂଚ।
ନିର୍ଲୋଭଦାନୀ ଭୟଶୋକହୀନ
ଭକ୍ତ ପ୍ରମାଣଂ ଦଶଲକ୍ଷଣଂଚ।

ଅର୍ଥାତ୍, କ୍ରୋଧକୁ ଦମନ କରିଥିବା, ଆସକ୍ତି ନଥିବା ଜିତେନ୍ଦ୍ରିୟ ହୋଇଥିବା, କ୍ଷମା ତଥା ଦୟାଗୁଣ ସମ୍ପନ୍ନ ହୋଇଥିବା ଏବଂ ସର୍ବଜନ ପ୍ରିୟ ବ୍ୟକ୍ତିଙ୍କୁ ଭକ୍ତ କୁହାଯାଇଥାଏ। ଏତଦ୍ ବ୍ୟତୀତ, ସେ ନିର୍ଲୋଭ, ଦାନୀ, ଭୟହୀନ ଓ ଶୋକହୀନ ହେବା ମଧ୍ୟ ଆବଶ୍ୟକ। ଉକ୍ତ ଦଶବିଧ ଗୁଣ ସମ୍ପନ୍ନ ବ୍ୟକ୍ତିହିଁ ଭକ୍ତ ପଦବାଚ୍ୟ। ଏ ସବୁ ଗୁଣର ଅଧିକାରୀ ନ ହୋଇ ଶୁଦ୍ଧ ବସ୍ତ୍ର ପରିଧାନ କରି ମନ୍ଦିର ଯାଉଥିବା ବ୍ୟକ୍ତିଙ୍କୁ ଭକ୍ତ ବୋଲି କୁହାଯାଇ ନପାରେ। ବାହ୍ୟ ଶୁଚି ସହିତ ଅନ୍ତଃଶୁଚି ରହିବା, କଥା ଓ କାର୍ଯ୍ୟରେ କୌଣସି ତଫାତ୍ ନ ରହିବା ନିତାନ୍ତ ଦରକାର।

ଏ ସମସ୍ତ ଆଲୋଚନାରୁ ସୂଚନା ମିଳେ ଯେ, ଭଗବାନଙ୍କର ପ୍ରିୟ ହେବାକୁ ହେଲେ ଜଣେ ଉଚ୍ଚମାନର ମନୁଷ୍ୟ ହେବାକୁ ପଡ଼ିବ। ଭଲ ମଣିଷ ଭଗବାନଙ୍କର ଅତ୍ୟନ୍ତ ପ୍ରିୟ। ହିନ୍ଦୁ ଜଗତର ସମସ୍ତ ଶାସ୍ତ୍ର ଭଲ ମଣିଷ ଗଢ଼ିବା ପାଇଁ ଏବଂ ଏକ ସୁସ୍ଥ ସମାଜ ଗଢ଼ିବା ପାଇଁ ଉଦ୍ଦିଷ୍ଟ। ଭଗବାନ ବ୍ୟାସଦେବ ଅଷ୍ଟାଦଶ ପୁରାଣର ସ୍ରଷ୍ଟା। ଏ ସମସ୍ତ ପୁରାଣର ସାର ହେଲା ଦୁଇଟି କଥା। ଯଥା—

'ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନଂ ଦ୍ୱୟମ୍'
ପରୋପକାରୟ ପୁଣ୍ୟାୟ ପାପାୟ ପରପୀଡ଼ନମ୍।'

ପରୋପକାର କରିବା ହେଉଛି ପୁଣ୍ୟ ଏବଂ ଅନ୍ୟକୁ ପୀଡ଼ା ଦେବାହେଉଛି ପାପ। ତେଣୁ ନିଜର ତଥା ସମାଜର କଲ୍ୟାଣ ସାଧନ ପାଇଁ ଭଗବାନ ତାଙ୍କ ପ୍ରିୟ ଭକ୍ତଙ୍କୁ ଏକ ଆଦର୍ଶ ମାନବ ଭାବରେ ପ୍ରତି ପାଦିତ କରିଅଛନ୍ତି।

ଶାସ୍ତ୍ରରେ ନବଧା ଭକ୍ତି ବିଷୟ ଉଲ୍ଲେଖ କରାଯାଇଛି । ନବଧା ଭକ୍ତି ହେଲା—

'ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍ ।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମ୍ ଆତ୍ମନିବେଦନମ୍' ।

ଭଗବାନଙ୍କ ନାମ, ଗୁଣ, ମାହାତ୍ମ୍ୟ, ଲୀଳା ଇତ୍ୟାଦି ଶ୍ରବଣ କରିବା, ନାମ କୀର୍ତ୍ତନ କରିବା, ସ୍ମରଣ କରିବା, ପ୍ରଭୁଙ୍କର ପାଦ ସେବା କରିବା, ଅର୍ଚ୍ଚନ କରିବା, ବନ୍ଦନ କରିବା, ନିଜକୁ ଭଗବାନଙ୍କ ଦାସ, ସେବକ ମନେ କରିବା, ଭଗବାନଙ୍କୁ ସଖା ହିସାବରେ ଗ୍ରହଣ କରିବା ଏବଂ ଆତ୍ମସମର୍ପଣ କରିବା ଭକ୍ତିର ବିଭିନ୍ନ ପାହାଚ । ଆତ୍ମ ସମର୍ପଣ କଲେ, ଶରଣାଗତ ହୋଇଗଲେ ଜଣେ ଆନନ୍ଦରେ କାଳାତିପାତ କରିପାରିବ । ପ୍ରତ୍ୟେକ କାର୍ଯ୍ୟର ନିୟନ୍ତା ବା କର୍ତ୍ତା ପରମେଶ୍ୱର ଏବଂ ମନୁଷ୍ୟ କେବଳ ନିମିତ୍ତ, ଏହି ଭାବ ଆସିଲେ ଜୀବନ ମଧୁମୟ ହେବ । ଏହି ପରିପ୍ରେକ୍ଷୀରେ ଗୀତାର ମୋକ୍ଷଯୋଗଃର ଏକ ଶ୍ଲୋକ ପ୍ରଣିଧାନ୍ୟ ଯୋଗ୍ୟ । ଭଗବାନଙ୍କର ଅର୍ଜୁନକୁ ଏବଂ ଅର୍ଜୁନ ମାଧ୍ୟମରେ ସମଗ୍ର ମାନବ ସମାଜକୁ ଉପଦେଶ ହେଲା—

'ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ,
ତତ୍ ପ୍ରସାଦାତ୍ ପରାଂ ଶାନ୍ତି ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍' ।

ଅର୍ଥାତ୍, ହେ ଭାରତ ! ତୁମେ ସର୍ବତୋଭାବରେ ସେହି ପରମେଶ୍ୱରଙ୍କଠାରେ ଶରଣାପନ୍ନ ହୁଅ । ତାଙ୍କ ଅନୁଗ୍ରହରୁ ତୁମେ ପୂର୍ଣ୍ଣଶାନ୍ତି ଓ ଶାଶ୍ୱତ ଧାମ ପ୍ରାପ୍ତ ହେବ ।

ଭକ୍ତର ଭଗବାନଙ୍କୁ ଉକ୍ତ୍ୟର୍ଘ୍ୟ ପ୍ରଦାନ କରିବା ଛଡ଼ା ଅନ୍ୟ କିଛି ଦେୟ ନାହିଁ । ସେଥିପାଇଁ ଭକ୍ତ ଯଥାର୍ଥରେ କହିଥାଏ,

ରତ୍ନାକରସ୍ତବଗୃହଂ ଗୃହିଣୀଚ ଲକ୍ଷ୍ମୀଃ ।
କିଂଦେୟମସ୍ତି ଭବତେ ପୁରୁଷୋତ୍ତମାୟ ।
ଆଭୀର ଗୋପଲଳନା ହୃତମାନସାୟ
ଦତ୍ତଂ ମନସ୍ତଦନୁ ମେ କୃପୟା ଗୃହାଣ ।

ଅର୍ଥାତ୍, ହେ ପୁରୁଷୋତ୍ତମ ! ଯେହେତୁ ରତ୍ନାକର ବା ଜଳଧି ଆପଣଙ୍କର ଗୃହ ଏବଂ ସାରା ବିଶ୍ୱ ବ୍ରହ୍ମାଣ୍ଡର ପଡ଼ିଦାତ୍ରୀ ମହାଲକ୍ଷ୍ମୀ ଆପଣଙ୍କର ଗୃହିଣୀ, ଆପଣଙ୍କର କ'ଣ ଅଭାବ ଅଛି ଯେ, ମୁଁ ଦେଇପାରିବି । ଯାହା ଦେବି ତାହା ଆପଣଙ୍କ ଦାନର ପ୍ରତିଦାନ ହିଁ ହେବ । ଅତୀତରେ ଆପଣ ଗୋପାଳ ଗୋପାଙ୍ଗନାମାନଙ୍କର ମନ ପ୍ରାଣକୁ ହରଣ କରି ନେଇ ଯାଇଥିଲେ । ତେଣୁ ମୁଁ ମୋର ମନ ଓ ପ୍ରାଣକୁ ଆପଣଙ୍କ ନିକଟରେ ଅର୍ପଣ କରୁଛି । ଆପଣ କୃପା କରି ତାକୁ ହିଁ ଗ୍ରହଣ କରନ୍ତୁ । ଏହାହିଁ ମୋର ଆପଣଙ୍କ ପ୍ରତି ଭକ୍ତ୍ୟର୍ଘ୍ୟ । ❐❐❐

ଦ୍ୱିତୀୟ ଅଧ୍ୟାୟ

ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର

ବ୍ରହ୍ମାଣ୍ଡ ପୁରାଣରେ କୁହାଯାଇଛି ଯେ,

'ବର୍ଷାଣଂ ଭାରତ ଶ୍ରେଷ୍ଠଃ ଦେଶାନାଂ ଉତ୍କଳ ସ୍ମୃତଃ
ଉତ୍କଳସ୍ୟ ସମଦେଶ ଦେଶନାସ୍ତି ମହୀତଳେ ।

ଉତ୍କଳ ସମବେଶ ଏ ପୃଥିବୀରେ ବିରଳ । ଉତ୍କଳର ଗୌରବ ହେଉଛନ୍ତି ଶ୍ରୀ ଶ୍ରୀ ଜଗନ୍ନାଥ ଯେ କି ପୁରୀ, ପୁରୁଷୋତ୍ତମ (ପୁରୁଷମ), ଶଙ୍ଖକ୍ଷେତ୍ର, ନୀଳାଚଳ ବା ଶ୍ରୀକ୍ଷେତ୍ରରେ ଲୀଳାଖେଳା ସମ୍ପାଦନା କରନ୍ତି । ଶ୍ରୀକ୍ଷେତ୍ର ମହୋଦଧି କୂଳରେ ଅବସ୍ଥିତ ଏବଂ କଲିକତା ଠାରୁ ୩୧୧ ମାଇଲ, ବନାରସରୁ ୫୭୨ ମାଇଲ, ମାଦ୍ରାସରୁ ୭୧୯ ମାଇଲ, ଦିଲ୍ଲୀରୁ ୯୧୦ ମାଇଲ ଏବଂ ବମ୍ବେଠାରୁ ୧୦୫୨ ମାଇଲ ଦୂରରେ ଅବସ୍ଥିତ । ଏ ସ୍ଥାନରେ ଅତ୍ୟଧିକ ଗ୍ରୀଷ୍ମ ବର୍ଷା ଓ ଶୀତ ଅନୁଭୂତ ହୁଏ ନାହିଁ । ବ୍ରହ୍ମ ପୁରାଣରେ କୁହାଯାଇଛି,

'ପୁରୁଷୋତ୍ତମାତ୍ ପରକ୍ଷେତ୍ରଂ ନାସ୍ତ୍ୟେବ ପୃଥିବୀତଳେ
ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍' ।

ଏହି ପବିତ୍ର ଭୂମିରେ ପ୍ରବେଶ କଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ମୁନିଋଷିମାନଙ୍କର ନିଶ୍ଚିତ ଅଭିମତ । କପିଳ ସଂହିତାରେ ବର୍ଣ୍ଣନା କରାଯାଇଛି ଯେ,

'ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ,
ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ' ।

ପୁରୁଷୋତ୍ତମ ଶବ୍ଦ ମଧ୍ୟରେ ଯେଉଁ ଉଦ୍‌ବୋଧନ ରହିଛି ଶ୍ରୀ ଶବ୍ଦରେ ମଧ୍ୟ ସେହି ଉଦ୍‌ବୋଧନ ରହିଅଛି 'ଶ୍ରୀ' ଅର୍ଥାତ୍ ଶ୍ରେଷ୍ଠ, ସୌନ୍ଦର୍ଯ୍ୟ, ଶୋଭନୀୟତା, ସୁଲକ୍ଷଣ, ଶୌର୍ଯ୍ୟ ଓ ସମୃଦ୍ଧି, ଲକ୍ଷ୍ମୀଙ୍କର ଅନ୍ୟନାମ ମଧ୍ୟ ଶ୍ରୀ । 'ଶ୍ରୀ' ମଧ୍ୟ ଆଦ୍ୟ ପ୍ରଥମ ଓ ସର୍ବପ୍ରଧାନ । ତେଣୁ ଚତୁର୍ଦ୍ଧାମ ମଧ୍ୟରେ ତଥା ସମଗ୍ର ବିଶ୍ୱରେ ନୀଳାଚଳ କ୍ଷେତ୍ର 'ଶ୍ରୀ' ଅର୍ଥାତ୍ ଶ୍ରେଷ୍ଠ ହୋଇଥିବାରୁ ଏହା ଶ୍ରୀକ୍ଷେତ୍ର ନାମରେ ପରିଚିତ ।

ଉକ୍ତ ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ରର ବିସ୍ତୀର୍ଣ୍ଣତା ଦଶଯୋଜନ ଓ ଆୟତନ ପାଞ୍ଚ ଯୋଜନ ଥିଲା ବୋଲି 'ବ୍ରହ୍ମ ପୁରାଣ'ରେ ବର୍ଣ୍ଣନା କରାଯାଇଛି । ଯଥା,

'ଦଶଯୋଜନ ବିସ୍ତୀର୍ଣ୍ଣଂ ପଞ୍ଚଯୋଜନମାୟତମ୍,
ନାନାଶ୍ଚର୍ଯ୍ୟ ସମାଯୁକ୍ତଂ କ୍ଷେତ୍ରଂ ପରମଦୁର୍ଲ୍ଲଭମ୍ ।

ପୂର୍ବରୁ କୁହାଯାଇଛି ଯେ ଶ୍ରୀକ୍ଷେତ୍ରର ଅନ୍ୟନାମ ଶଙ୍ଖକ୍ଷେତ୍ର । ଏହାର ଭୌଗଳିକ ଅବସ୍ଥିତି ଓ ଆକାରକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଏ କ୍ଷେତ୍ରଟି ଗୋଟିଏ ଶଙ୍ଖ ଆକାରର । ପବିତ୍ର ଶଙ୍ଖକ୍ଷେତ୍ରର ପଶ୍ଚିମ ଭାଗରେ ଶ୍ରୀ ଲୋକନାଥଙ୍କ ମନ୍ଦିର, ପୂର୍ବଭାଗରେ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର । ଏହାର ନାଭିଦେଶରେ ରୋହିଣୀ କୁଣ୍ଡ, କଳ୍ପବଟ ଏବଂ ସ୍ୱୟଂ ଶ୍ରୀ ଜଗନ୍ନାଥ ରତ୍ନସିଂହାସନରେ ବିରାଜିତ । ଶ୍ରୀକ୍ଷେତ୍ରର ଅନ୍ତର୍ବେଦୀ ରତ୍ନସିଂହାସନର ସୁରକ୍ଷା ପାଇଁ ଯୋଗମାୟା ବିମଳା, ସର୍ବମଙ୍ଗଳା ଓ ଅର୍ଦ୍ଧାଶନୀ ପ୍ରଭୃତି ଦେବୀଗଣ ବିରାଜିତା' ।

ପବିତ୍ର ଉତ୍କଳଖଣ୍ଡ ଭଗବାନଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା ଓ ପଦ୍ମର ନାମାନୁସାରେ ଚାରିଭାଗରେ ବିଭକ୍ତ ହୋଇଅଛି । ଚକ୍ରକ୍ଷେତ୍ର ଭାବରେ ଭୁବନେଶ୍ୱର, ପଦ୍ମକ୍ଷେତ୍ର ଭାବରେ କୋଣାର୍କ, ଗଦାକ୍ଷେତ୍ର ଭାବରେ ଯାଜପୁର ଏବଂ ଶଙ୍ଖକ୍ଷେତ୍ର ଭାବରେ ଶ୍ରୀକ୍ଷେତ୍ର ପ୍ରସିଦ୍ଧି ଲାଭ କରିଅଛି । ଶ୍ରୀ ଜଗନ୍ନାଥ ଦାସ 'ପରିଚୟ ବୋଧିନୀ'ରେ ଶ୍ରୀ ଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ, ନୀଳାଚଳକୁ ଗୋବର୍ଦ୍ଧନ ଭାର୍ଗବୀକୁ ଯମୁନା, କଳ୍ପବୃକ୍ଷକୁ ଶ୍ୟାମକୁଞ୍ଜ, ସୁନା କୂଅକୁ ରାଧାକୁଣ୍ଡ ଏବଂ ପୁଣ୍ୟ ନୀଳାଚଳକୁ ନିତ୍ୟ ରାସସ୍ଥଳୀ ବୃନ୍ଦାବନ ବୋଲି ବର୍ଣ୍ଣନା କରିଅଛନ୍ତି । ତାଙ୍କ ଭାଷାରେ,

'ଏ କ୍ଷେତ୍ର ପୁରୁଷୋତ୍ତମ,
ଅଟଇ ନିତ୍ୟ ବୃନ୍ଦାବନ ।'

ସ୍କନ୍ଦ ପୁରାଣ ଅନୁଯାୟୀ ଶ୍ରୀକ୍ଷେତ୍ର ନୃସିଂହ କ୍ଷେତ୍ର ଭାବରେ ପରିଚିତ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରାଇ ମନ୍ଦିର ପ୍ରତିଷ୍ଠା ପାଇଁ ବ୍ରହ୍ମାଙ୍କୁ ଆଣିଥିଲେ । ଏକ ଯଜ୍ଞ ଅନୁଷ୍ଠିତ ହେଲା ଏବଂ ସେ ଯଜ୍ଞରୁ ଚତୁର୍ଭୁଜ ବିଶିଷ୍ଟ ଏକ ଭୟଙ୍କର ନୃସିଂହ ମୂର୍ତ୍ତି, ଯାହାଙ୍କର ଶିରଦେଶରେ ସପ୍ତଫଣା ବିଶିଷ୍ଟ ଅନନ୍ତ, କୋଳରେ ହରିତ୍‌ବର୍ଣ୍ଣା ମହାଲକ୍ଷ୍ମୀ, ଏପରି ଏକ ମୂର୍ତ୍ତି ଉଦ୍ଭବ ହେଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ମନରେ ଆଶ୍ଚର୍ଯ୍ୟ ତଥା ଭୟ ସଞ୍ଚାର ହେବାରୁ ଅଭ୍ୟର୍ଥନା ଶ୍ରୀ ପୁରୁଷୋତ୍ତମ ସଙ୍ଗେ ସଙ୍ଗେ ଏକ ଶାନ୍ତାକାର ନାରାୟଣ ମୂର୍ତ୍ତିରେ ପରିଣତ ହୋଇଗଲେ । ଯଜ୍ଞରୁ ପ୍ରଥମେ ନୃସିଂହ ମୂର୍ତ୍ତି ଉତ୍ପନ୍ନ ହୋଇଥିବାରୁ ଶ୍ରୀକ୍ଷେତ୍ରର ଅନ୍ୟନାମ ନୃସିଂହ କ୍ଷେତ୍ର ବୋଲି ସର୍ବଜନ ବିଦିତ । ଯଜ୍ଞରୁ ଉଦ୍ଭବ ହୋଇଥିବା ଦୁଇଟିଯାକ ମୂର୍ତ୍ତିର ଚିତ୍ର ଫଳକ ଶ୍ରୀମନ୍ଦିରସ୍ଥ ନାଟ୍ୟମନ୍ଦିର ମଧ୍ୟରେ ଦେଖିବାକୁ ମିଳେ ।

ଶ୍ରୀ କ୍ଷେତ୍ର ଧାମକୁ ଅଷ୍ଟଚଣ୍ଡୀ, ଅଷ୍ଟଶମ୍ଭୁ ଏବଂ ଅଷ୍ଟ ମହାବୀର ରକ୍ଷା କରୁଥାନ୍ତି ବୋଲି ପୌରାଣିକ ଉପାଖ୍ୟାନ ମାନଙ୍କରୁ ସୂଚନା ମିଳେ । ଅଷ୍ଟଚଣ୍ଡୀ ହେଲେ ରାମଚଣ୍ଡୀ, ହରଚଣ୍ଡୀ, ବାସେଳୀ, ବାରାହୀ, ଆଲାମଚଣ୍ଡୀ, ଦକ୍ଷିଣକାଳୀ, ଝାଡ଼େଶ୍ୱରୀ, ଏବଂ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବିମଳା । ସ୍କନ୍ଦ ପୁରାଣରେ ଅଷ୍ଟ ଶକ୍ତିଙ୍କ ନାମ ମଧ୍ୟ ଉଲ୍ଲେଖ ଅଛି । ସେମାନେ ହେଲେ, ଘାଟମଙ୍ଗଳା, ବିମଳା, ବିମାନବଡୁ ସାହିର ସର୍ବମଙ୍ଗଳା, ଅର୍ଦ୍ଧାଶନୀ (ମାଉସୀ ମା),

ଆଲାମଚଣ୍ଡୀ, ଦକ୍ଷିଣକାଳୀ, ମରିଚୀକା ଏବଂ ଗ୍ୱମୁଣ୍ଡାଅଷ୍ଟଶକ୍ତିଙ୍କ ବ୍ୟତୀତ, ଅନେକ ଉପଶକ୍ତି ଶ୍ରୀକ୍ଷେତ୍ର ଧାମରେ ବିରାଜମାନ କରୁଅଛନ୍ତି ।

ଶ୍ରୀକ୍ଷେତ୍ରର ଅଷ୍ଟଶମ୍ଭୁ ହେଲେ, ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱର, ବାଟ ଲୋକନାଥ, ବାନାମ୍ବର ଏବଂ ଶଙ୍କରେଶ୍ୱର ।

ଅଷ୍ଟମହାବୀର ହେଉଛନ୍ତି ସିଦ୍ଧ ମହାବୀର, ଦରିଆ ମହାବୀର, କାନପାତା ମହାବୀର, ବର୍ଗୀ ହନୁମାନ, ମଶାଣି ମହାବୀର, ପଞ୍ଚମୁଖୀ ମହାବୀର, ଫଂତେ ମହାବୀର, ଏବଂ ଶିରୁଳି ମହାବୀର । ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଗ୍ୱରି ଦ୍ୱାରରେ ବୀର ହନୁମାନଙ୍କ ମୂର୍ତ୍ତି ବିରାଜମାନ ।

ଶ୍ରୀକ୍ଷେତ୍ର ପୁରୁଷୋତ୍ତମଙ୍କ ଯୋଗୁଁ ସର୍ବୋତ୍ତମ କ୍ଷେତ୍ର ବୋଲି ବିବେଚିତ । ଏହାକୁ ମର୍ତ୍ତ୍ୟ ବୈକୁଣ୍ଠ ବୋଲି କୁହାଯାଇଥାଏ । ପ୍ରସିଦ୍ଧ ଚୈତନ୍ୟ ଭାଗବତରେ ଏହି ପୀଠର ଜୟଗାନ କରି ଶ୍ରୀକୃଷ୍ଣ ଶିବଙ୍କୁ ବୁଝାଇଛନ୍ତି । ଯଥା,

‘ସେଇ ସ୍ଥାନେ ଆମାର ପରମଗୋପ୍ୟପୁରୀ
ସେହି ସ୍ଥାନ ଶିବ ! ଆଜି କହି ତୋମାସ୍ଥାନେ
ସେ ପୁରୀର ମର୍ମ ମୋର କେହି ନାହିଁ ଜାନେ ।
ସିନ୍ଧୁତୀରେ ବଟମୂଳେ ନୀଳାଚଳ ନାମ
କ୍ଷେତ୍ର ଶ୍ରୀ ପୁରୁଷୋତ୍ତମ ଅତି ରମ୍ୟସ୍ଥାନ ।
X X X X X X X X X X X X
ସେ ସ୍ଥାନେ ନାୟିକା ଯମଦଣ୍ଡ ଅଧିକାର
ଆମି କରି ଭଲ ମନ୍ଦ ବିଗ୍ରର ସଭାର ।

ଏଥିରୁ ସୂଚନା ମିଳେ ଯେ ଶ୍ରୀକ୍ଷେତ୍ର ଅତ୍ୟନ୍ତ ମନୋରମ । ଏ କ୍ଷେତ୍ରରେ ଯମର ପ୍ରଭାବ ଅନୁଭୂତ ହୁଏ ନାହିଁ । ଶ୍ରୀକ୍ଷେତ୍ର ମଧ୍ୟରେ ପ୍ରାଣତ୍ୟାଗ କଲେ ସ୍ୱର୍ଗବାସ ହୁଏ, ଫଳରେ ଯମଦଣ୍ଡ ଭୋଗ କରିବାକୁ ପଡ଼ି ନଥାଏ ।

ଶ୍ରୀ କ୍ଷେତ୍ରର ମାହାତ୍ମ୍ୟ ଅସୀମ ତଥା ଅପରିକଳ୍ପିତ । ଷୋଡଶ ଖ୍ରୀଷ୍ଟାବ୍ଦର ଓଡ଼ିଆ କବି ଭକ୍ତ ବଳରାମ ଦାସ ‘ଭାବ ସମୁଦ୍ର’ରେ ଶ୍ରୀକ୍ଷେତ୍ରର ସାମ୍ୟଭାବକୁ ଉପଲବ୍ଧି କରି ଲେଖିଛନ୍ତି ଯେ,

‘କାହୁଁ ଭିଆଇଲ କ୍ଷେତ୍ର ତୋହର
ଚଉଦ ଭୁବନ ମଧ୍ୟୁ ବାହାର ।
ନାଥ ତୋ କ୍ଷେତ୍ରେ ସାନବଡ଼ ନାହିଁ
ବ୍ରାହ୍ମଣ ଗ୍ୱଣ୍ଡାଳ ଯେ ସରି ଦୁଇ ।’

ବିଭିନ୍ନ ପୁରାଣ ଯଥା- ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ ବାମଦେବ ସଂହିତା ଏବଂ ନୀଳାଦ୍ରି ମହୋଦୟ ପ୍ରଭୃତିରେ ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣିତ ହୋଇଅଛି । ବ୍ରହ୍ମ ପୁରାଣରେ ବ୍ରହ୍ମାଙ୍କ ମୁଖ ନିସୃତ ବାଣୀ ହେଲା,

ଯଥା ସର୍ବେଶ୍ୱରୋ ବିଷ୍ଣୁଃ ସର୍ବଲୋକୋତ୍ତମୋତ୍ତମଃ,
ତଥା ସମସ୍ତ ତୀର୍ଥାନାଂ ବରିଷ୍ଠଂ ପୁରୁଷୋତ୍ତମମ୍ ।'
X X X X X X X X X X X X X X
ସତ୍ୟଂ ସତ୍ୟଂ ମୁନିଶ୍ରେଷ୍ଠୋ ଭବଦ୍ଭିଃ ସମୁଦାହୃତମ୍ ।
ପୁରୁଷୋତ୍ତମସମଂ କ୍ଷେତ୍ରଂ ନାସ୍ତ୍ୟତ୍ର ପୃଥିବୀ ତଳେ ।'
X X X X X X X X X X X X X X
'ବର୍ଣ୍ଣାନାଂ ବ୍ରାହ୍ମଣୋ ଯତ୍ ବୈନତେୟଶ୍ଚ ପକ୍ଷିଣାମ୍,
ତଥା ସମସ୍ତ ତୀର୍ଥାନାଂ ବରିଷ୍ଠଂ ପୁରୁଷୋତ୍ତମମ୍ ।'
X X X X X X X X X X X X X X
'ମୁନୀନାଂ ଚ ଯଥା ବ୍ୟାସଃ କୁବେରୋ ଯକ୍ଷରକ୍ଷସାମ୍,
ତଥା ସମସ୍ତ ତୀର୍ଥାନାଂ ବରିଷ୍ଠଂ ପୁରୁଷୋତ୍ତମମ୍ ।'

ସ୍କନ୍ଦ ପୁରାଣ, ବିଷ୍ଣୁଖଣ୍ଡ, ଚତୁର୍ଥ ଅଧ୍ୟାୟରେ ମହାଲକ୍ଷ୍ମୀ ଯମଙ୍କୁ କହିଛନ୍ତି ଯେ,

'ପୃଥିବ୍ୟାଂ ଯାନି-ତୀର୍ଥାନି ଗଗନେଚ ତ୍ରିପିଷ୍ଟପେ.
ସାର୍ଦ୍ଧଂତ୍ରିକୋଟି ସଂଖ୍ୟାନି ସ୍ୱର୍ଗମୋକ୍ଷପ୍ରଦାନି ବୈ,
ତେଷାମଯଂ ତୀର୍ଥରାଜଃ କୀର୍ତ୍ତିତଃ ପୁରୁଷୋତ୍ତମଃ,
ସର୍ବେଷାଂ ମୁକ୍ତିକ୍ଷେତ୍ରାଣାମ୍ ଇଦଂ ସାଯୁଜ୍ୟଦଂ ମତମ୍' ।

ଏତଦ୍‌ବ୍ୟତୀତ, ଜୈମିନୀ ମୁନି ଋଷିମାନଙ୍କୁ ଶ୍ରୀକ୍ଷେତ୍ରର ବିଶେଷତ୍ୱ ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଯେ ଏହା କୋଟି ବ୍ରହ୍ମାଣ୍ଡ ଈଶ୍ୱରଙ୍କ ବାସସ୍ଥଳୀ ହୋଇଥିବାରୁ ଶ୍ରପୁରୁଷୋତ୍ତମ ନିଜେ ଏ କ୍ଷେତ୍ରକୁ ନିଜ ନାମରେ ନାମିତ କରିଅଛନ୍ତି । ଏ କ୍ଷେତ୍ରରେ ସାମ୍ୟ, ମୈତ୍ରୀ ଏବଂ ଭ୍ରାତୃତ୍ୱ ପ୍ରଗ୍ଭରିତ ହୁଏ ଏବଂ ଏ ସମସ୍ତ ଆନ୍ତରିକତାର ସହିତ କାର୍ଯ୍ୟକାରୀ ହୋଇଥାଏ । ଶ୍ରୀମନ୍ଦିରସ୍ଥ ଆଜନ ବଜାରରେ ଏବଂ ଅନ୍ୟ ଯେ କୌଣସି ସ୍ଥାନରେ ଜାତିବର୍ଣ୍ଣ ନିର୍ବିଶେଷରେ ଏକତ୍ର ବସି ମହାପ୍ରସାଦ ସେବା ଏ ନୀତିର କାର୍ଯ୍ୟକାରୀତା ସମ୍ବନ୍ଧରେ ବେଶ୍ ସୂଚନା ଦିଏ । ଓଡ଼ିଆ ଜାତିର ମଉଡ଼ମଣି ଗଜପତି ମହାରାଜା ଛେରାପହରା କରି ଶ୍ରମର ମର୍ଯ୍ୟାଦା ପରି ଏକ ସୁସ୍ଥ ନୀତିର ପ୍ରଗ୍ଭର ତଥା ପ୍ରସାର କରିଥାନ୍ତି । ଶ୍ରୀ କ୍ଷେତ୍ର ଯେ ପରମପାବନ କ୍ଷେତ୍ର, ଏହା ନିଃସନ୍ଦେହ ।

ତୃତୀୟ ଅଧ୍ୟାୟ

ଶ୍ରୀମନ୍ଦିରର ପୌରାଣିକ ତଥା ଐତିହାସିକ ବିକାଶ ଓ ପରିଗ୍ଭଳନା

ଜଗତ ବିଖ୍ୟାତ ଶ୍ରୀମନ୍ଦିରର ନିର୍ମାଣ କାଳ ଅଦ୍ୟାବଧି ରହସ୍ୟାଚ୍ଛନ୍ନ । ତଥାପି ପୁରାଣ ଓ ଇତିହାସ ଉପରେ ନିର୍ଭର କରି ଯାହା କିଛି ସୂଚନା ଦିଆଯାଇପାରେ । ମାଦଳା ପାଞ୍ଜି, ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ ଏବଂ ପଦ୍ମ ପୁରାଣରେ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗ କ୍ରମେ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ ଉଲ୍ଲେଖ ଅଛି । ସ୍କନ୍ଦ ପୁରାଣ ଅନୁଯାୟୀ,

'ଆସୀତ୍ କୃତ ଯୁଗେ ବିପ୍ରା ଇନ୍ଦ୍ରଦ୍ୟୁମ୍ନୋ ମହାନୃପଃ'
ସୂର୍ଯ୍ୟବଂଶେ ସ ଧର୍ମାତ୍ମା ସ୍ରଷ୍ଟଃା ପଞ୍ଚମ ପୁରୁଷଃ ।।'

ଅର୍ଥାତ୍ ସତ୍ୟ ଯୁଗରେ ଇନ୍ଦ୍ରଦ୍ୟୁମ୍ନ ନାମକ ଏକ ମହାରାଜା ଜନ୍ମ ଗ୍ରହଣ କରିଥିଲେ । ସେହି ଧର୍ମାତ୍ମା ରାଜା ବ୍ରହ୍ମାଙ୍କ ପଞ୍ଚମ ପୁରୁଷ ଅଟନ୍ତି । ସେ ବିଷ୍ଣୁଙ୍କୁ ସ୍ୱଦେହରେ ମର୍ତ୍ତ୍ୟରେ ପ୍ରତିଷ୍ଠା କରିବା ପାଇଁ ଅତ୍ୟନ୍ତ ଚିନ୍ତାଗ୍ରସ୍ତ ଥିଲେ । ଏକଦା ଜଣେ ସନ୍ନ୍ୟାସୀ ମହାରାଜାଙ୍କୁ ସନ୍ଦେଶ ଦେଲେ ଯେ ଏକାମ୍ର କାନନ ନିକଟବର୍ତ୍ତୀ ନୀଳ କନ୍ଦରରେ ପରଂବ୍ରହ୍ମ ଶ୍ରୀ ବିଷ୍ଣୁ ନୀଳ ମାଧବ ଭାବରେ ପୂଜା ପାଇ ଆସୁଅଛନ୍ତି । ରାଜା ଏ ସମ୍ବନ୍ଧରେ ସଠିକ୍ ବିବରଣୀ ପାଇବା ପାଇଁ ବିଦ୍ୟାପତି ନାମକ ଏକ ବ୍ରାହ୍ମଣଙ୍କୁ ପଠାଇଥିଲେ । ବିଦ୍ୟାପତି ଉତ୍ତ୍ର ଦେଶକୁ ଆସି ଚିତ୍ରୋତ୍ପଳା ନଦୀର ଦକ୍ଷିଣ କୂଳରେ ଅବସ୍ଥିତ ଏକାମ୍ର କାନନ ନିକଟରେ ଉପସ୍ଥିତ ହେଲେ ଏବଂ ସେଠାରୁ ଶବର ପଲ୍ଲୀ ନାମକ ଏକ ଶବର ଅଧ୍ୟୁସିତ ଅଞ୍ଚଳକୁ ଯାତ୍ରା କରିଥିଲେ । ସେ ସ୍ଥାନରେ ବିଦ୍ୟାପତି ଶବର ରାଜା ବିଶ୍ୱାବସୁଙ୍କ ସହ ପରିଚିତ ହେଲେ ଏବଂ ତାଙ୍କର ସେ ସ୍ଥାନକୁ ଆସିବାର ଅଭିପ୍ରାୟ ମଧ୍ୟ ଜଣାଇଲେ । ବିଶ୍ୱାବସୁଙ୍କ ଅନୁଗ୍ରହରୁ ବିଦ୍ୟାପତି ନୀଳମାଧବଙ୍କୁ ଦର୍ଶନ କଲେ । କିଛି ଦିନ ପରେ ବିଦ୍ୟାପତି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ଇନ୍ଦ୍ରଦ୍ୟୁମ୍ନ ମହାରାଜା ସମସ୍ତ ବିଷୟ ଅବଗତ ହୋଇ ସୈନ୍ୟ ସାମନ୍ତ ଓ ଅନୁଚରମାନଙ୍କ ସହ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରାର ଶୁଭାରମ୍ଭ କଲେ । ଇନ୍ଦ୍ରଦ୍ୟୁମ୍ନ ପହଞ୍ଚିବା ପୂର୍ବରୁ ପ୍ରଚଣ୍ଡ ଝଡ଼ରେ ନୀଳମାଧବ ଓ ତାଙ୍କର ମନ୍ଦିର ବାଲିରେ ଆବୃତ ହୋଇଯାଇଥିଲା ଏବଂ ଶୂନ୍ୟବାଣୀ ହେଲା ଏଥିରେ ଦୁଃଖ କରିବାର କୌଣସି କାରଣ ନାହିଁ କାରଣ ଭଗବାନ ପୁଣି ଦାରୁ ରୂପେ ଏହି ଶ୍ରୀକ୍ଷେତ୍ରରେ ହିଁ ପ୍ରକଟିତ ହେବେ । ରାଜା ନୀଳ ମାଧମଙ୍କୁ ଦର୍ଶନ ନକରିପାରି ବ୍ୟଥିତ ହେଲେ ସତ ମାତ୍ର ଅନ୍ୟ ରୂପରେ ତାଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷମାଣ ହୋଇ ରହିଲେ । ସ୍ୱପ୍ନାଦେଶ ଅନୁସାରେ ସେ ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଥମେ ନୃସିଂହ ଦେବଙ୍କ ଉପାସନା ନିମିତ୍ତ ଏକ ସୁନ୍ଦର ମନ୍ଦିର ନିର୍ମାଣ କରାଇଥିଲେ । ଦାରୁରୂପୀ ଭଗବାନଙ୍କୁ ଦର୍ଶନ କରିବା ପାଇଁ ସେ ମହୋଦଧି ନିକଟକୁ ଯାଇ ଦେଖିଲେ ଏକ ମହାନ୍ ବୃକ୍ଷ, ଯେଉଁ ବୃକ୍ଷର ଅଗ୍ରଭାଗ ରହିଛି ସମୁଦ୍ର ଗର୍ଭରେ

ଓ ମୂଳ ଦେଶ ଜଳକଲ୍ଲୋଳରେ ଭାସି ଭାସି ଆସୁଛି । ବୃକ୍ଷର ଦୀପ୍ତିମନ୍ତ ଆରକ୍ତ ବର୍ଣ୍ଣରେ ସମୁଦ୍ରର ନୀଳଜଳ ଅପୂର୍ବ ଶୋଭା ଧାରଣ କରିଅଛି । ରାଜାଙ୍କର ମନେହେଲା ଏହି ବୃକ୍ଷ ଅପୌରୁଷେୟ ଦେବବୃକ୍ଷ । ରାଜାଙ୍କୁ ଶୂନ୍ୟବାଣୀ ମାଧ୍ୟମରେ ନିର୍ଦ୍ଦେଶ ହେଲା ଉକ୍ତ ଦାରୁରୁ ମୂର୍ତ୍ତି ଗଠନ କରାଇବା ପାଇଁ । ମୂର୍ତ୍ତି ଗଠନ ପରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଦାରୁବ୍ରହ୍ମଙ୍କ ପାଇଁ ଏକ ଉତ୍ତୁଙ୍ଗ ମନ୍ଦିର ନିର୍ମାଣ କଲେ । ଏହା ପୂର୍ବରୁ ମହାରାଜା ଅଶ୍ୱମେଧ ଯଜ୍ଞ କରାଇଥିଲେ ବୋଲି ସୂଚନା ମିଳେ । ଯଜ୍ଞ କରି ବ୍ରାହ୍ମଣମାନଙ୍କୁ ଗୋଠ ଗୋଠ ଗାଈ ଦକ୍ଷିଣା ସ୍ୱରୂପ ଦାନ କରିଥିବା ଏବଂ ସେହି ଗାଈମାନଙ୍କ ଖୁରାରେ ଏକ ବିରାଟ ପୁଷ୍କରଣୀ ସୃଷ୍ଟି ହୋଇଥିବା ଜଣାଯାଏ । ସେହି ପୁଷ୍କରଣୀ ଇନ୍ଦ୍ରଦ୍ୟୁମ୍ନ ସରୋବର ନାମରେ ନାମିତ ଏବଂ ଅଦ୍ୟାବଧି ଉକ୍ତ ସରୋବର ଗୁଣ୍ଡିଘ୍ର ମନ୍ଦିରର ଅନତି ଦୂରରେ ବିଦ୍ୟମାନ । ପଞ୍ଚତୀର୍ଥ ମଧ୍ୟରୁ ଇନ୍ଦ୍ରଦ୍ୟୁମ୍ନ ସରୋବର ଅନ୍ୟତମ ।

ଶ୍ରୀମନ୍ଦିରର ନିର୍ମାତା କିଏ, ଏ ସମ୍ବନ୍ଧରେ ଶ୍ରୀ ଜଗନ୍ନାଥ ପୁରାଣରେ ଆଲୋଚନା କରାଯାଇଛି । ଇନ୍ଦ୍ରଦ୍ୟୁମ୍ନ ମହାରାଜା ମନ୍ଦିର ନିର୍ମାଣ କରାଇ ଏହାର ପ୍ରତିଷ୍ଠା ପାଇଁ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବା ପାଇଁ ବ୍ରହ୍ମଲୋକକୁ ଯାଇଥିଲେ । ବ୍ରହ୍ମାଙ୍କ ନିକଟରେ ମହାରାଜା ମୁହୂର୍ତ୍ତେ ମାତ୍ର ରହିବାରୁ ଏଣେ ଭୂଲୋକରେ ହଜାର ହଜାର ବର୍ଷ ଅତୀତ ହୋଇଗଲା । ବାଲୁକା ରାଶିରେ ମନ୍ଦିର ଆଚ୍ଛାଦିତ ହୋଇଯାଇଥାଏ । ରାଜା ଗାଲ ମାଧବ ମୃଗୟା ନିମିତ୍ତ ଅଶ୍ୱରେ ପରିଭ୍ରମଣ କରୁଥାଆନ୍ତି । ହଠାତ୍ ନୀଳଚକ୍ରର ଶିଖା ଘୋଡ଼ା ଟାପୁରେ ବାଜି ଏକ ଶବ୍ଦ ହେଲା । ସେ ଘୋଡ଼ା ପିଠିରୁ ଓହ୍ଲାଇ ନୀଳଚକ୍ରକୁ ଦେଖିଲେ ଏବଂ ଲୋକବାକ ଲଗାଇ ବାଲି କାଢ଼ିବା କାର୍ଯ୍ୟ ସମାପ୍ତ କରି ଏକ ବିରାଟ ମନ୍ଦିର ଦେଖି ଉଲ୍ଲସିତ ହେଲେ । କେତେ ଦିନ ପରେ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ସହ ଆସି ଦେଖିଲେ ଯେ ଅନ୍ୟ ଜଣେ ରାଜା ସେ ମନ୍ଦିରର ନିର୍ମାତା ବୋଲି ଦାବି କରୁଅଛନ୍ତି । ଦୁହିଁଙ୍କ ମଧ୍ୟରେ ଯୁକ୍ତି ତର୍କ ହେବାରୁ ବ୍ରହ୍ମାଙ୍କ ମାଧ୍ୟମରେ ସମାଧାନ କରାଯିବା ଠିକ୍ ହେଲା । ଇନ୍ଦ୍ରଦ୍ୟୁମ୍ନ କଳ୍ପବୃକ୍ଷ, ଭୂଷଣ୍ଡ କାକ, ରୋହିଣୀ କୁଣ୍ଡକୁ ସାକ୍ଷୀ ହିସାବରେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଲେ ଏବଂ ଏମାନେ ସମସ୍ତେ ଇନ୍ଦ୍ରଦ୍ୟୁମ୍ନ ମନ୍ଦିରର ନିର୍ମାତା ଓ ଗାଲମାଧବ କେବଳ ବାଲି କାଢ଼ିଛନ୍ତି ବୋଲି ମତ ବ୍ୟକ୍ତ କରିଥିଲେ । ଶେଷରେ ବ୍ରହ୍ମାଙ୍କ ନିଷ୍ପତ୍ତି ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ମହାରାଜା ହିଁ ମନ୍ଦିରର ପ୍ରକୃତ ନିର୍ମାତା ବୋଲି ବିଗ୍ଧର କରାଗଲା ।

ଶାରଳା ଦାସଙ୍କ ରଚିତ ମହାଭାରତର ବନ ପର୍ବରେ ଉଲ୍ଲେଖ ଅଛି ଯେ କଳିଯୁଗରେ ବିରାଟ ବଂଶର ରାଜା ମଧୁ କେଶରୀଙ୍କ ପୁତ୍ର ଇନ୍ଦ୍ରଦ୍ୟୁମ୍ନ ପୁରୁଷୋତ୍ତମ କ୍ଷେତ୍ରରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ଶ୍ରୀକୃଷ୍ଣଙ୍କ ଅଦଗ୍ଧ ପିଣ୍ଡ ଜଗନ୍ନାଥ ରୂପରେ ପୂଜା ପାଉଥିବା ବିଷୟ ମଧ୍ୟ ମହାଭାରତରୁ ସୂଚୀତ ହୁଏ । ଏଥିରୁ ମଧ୍ୟ ସୂଚନା ମିଳେ ଯେ, ଇନ୍ଦ୍ରଦ୍ୟୁମ୍ନଙ୍କୁ ଇତିହାସ ପୂର୍ବଯୁଗର ବୋଲି ଧରିବାକୁ ହେବ ଏବଂ ଶ୍ରୀ ମନ୍ଦିରର ପ୍ରାଚୀନତା ତଦନୁଯାୟୀ ନିର୍ଣ୍ଣୟ କରିବାକୁ ହେବ ।

ଭକ୍ତ କବି ଦୀନକୃଷ୍ଣ ଦାସଙ୍କ 'ଦେଉଳ ତୋଳା' ଗ୍ରନ୍ଥରେ ମନ୍ଦିର ନିର୍ମାଣ,ଦାରୁ ବିଗ୍ରହ ଗଠନ ଓ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ବର ଭିକ୍ଷା ବିଷୟ ବିଶଦ ଭାବରେ ବର୍ଣ୍ଣିତ ହୋଇଛି । ଇନ୍ଦ୍ରଦ୍ୟୁମ୍ନ ମହାରାଜା ପ୍ରତିଷ୍ଠା କର୍ମ ପରେ ପ୍ରଭୁଙ୍କୁ ତିନୋଟି ବର ଭିକ୍ଷା କରିଥିଲେ । ସେଗୁଡ଼ିକ ହେଲା,

୧) ବୁଢ଼ା ବଢ଼େଇ ସନ୍ତାନ ଯୁଗେ ଯୁଗେ ଥିବ ।
ବରଷକେ ତିନିରଥ ନିର୍ମାଣ ହୋଇବ ।

୨) ରାତ୍ର ଅର୍ଦ୍ଧମାନେ ତୋ କବାଟ ପଡ଼ିଥିବ ।
ରାତ୍ର ପାଞ୍ଚ ଘଡ଼ି ଥାଉ କବାଟ ଫିଟିବ ।
ସବୁ ହୋଇ ତିନି ଘଡ଼ି ଶୟନ କରିବ
ଖାଉ ଭୁଞ୍ଜୁ ଜଗନ୍ନାଥ ହାତ ନ ଶୁଖିବ ।

୩) ତୁମ୍ଭେ ଯେବେ ବର ଦେବ ମାଗୁ ଅଛି ମୁହିଁ ।
ମୋହ ବଂଶରେ କେହି ନଥିବେ ଗୋସାଇଁ ।
ଠାକୁର ବୋଇଲେ ଏହା ମାଗୁ କାହିଁପାଇଁ ।
ତୋତେ ଘେନି ଯୁଗରାଜ୍ୟ କରୁଥିବି ମୁହିଁ ।
ଇନ୍ଦ୍ରଦ୍ୟୁମ୍ନ ବୋଲେ ମୋରେ ତେଣେ କାର୍ଯ୍ୟ ନାହିଁ ।
ସବୁ ଦିନେ କୀରତି ମୋହର ଥିବ ରହି ।
ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର ।
ଆମ୍ଭର ବୋଇଲେ ଧର୍ମ ଯିବ ଯେ ମୋହର ।

ମନ୍ଦିରର ନିର୍ମାତା ଇନ୍ଦ୍ରଦ୍ୟୁମ୍ନ ମହାରାଜା ଅପୁତ୍ରିକ ହେବା ପାଇଁ ଯେଉଁ ବର ଭିକ୍ଷା କଲେ, ତାହା ପ୍ରଣିଧାନ ଯୋଗ୍ୟ । ତାଙ୍କର ଉତ୍ତର ପୁରୁଷ ଗର୍ବ କରି ପାରନ୍ତି ଯେ, ଏ ମନ୍ଦିର ତାଙ୍କର, ଫଳରେ ସମସ୍ତ ପୁଣ୍ୟ ଲୋପ ପାଇବ । ଇନ୍ଦ୍ରଦ୍ୟୁମ୍ନ ଭକ୍ତ ହିସାବରେ ଯେପରି ମହାନ୍ ଶ୍ରୀ ଜଗନ୍ନାଥ ମଧ୍ୟ ଅତୀବ ମହାନ୍ । ଇନ୍ଦ୍ରଦ୍ୟୁମ୍ନଙ୍କ ଦେହାନ୍ତ ପରେ ଯେହେତୁ ତାଙ୍କୁ ଶ୍ରାଦ୍ଧ ଦେବାକୁ କେହି ନାହାଁନ୍ତି, ଶ୍ରୀଜଗନ୍ନାଥ ପୁତ୍ର ହିସାବରେ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଦୀପଦାନ ଶ୍ରାଦ୍ଧ ଦେଇଥାନ୍ତି । ମାର୍ଗଶୀର ମାସରେ ଶ୍ରୀମନ୍ଦିରରେ ଦେବ ଦୀପାବଳୀ ଉତ୍ସବ ଅନୁଷ୍ଠିତ ହୁଏ । ଶ୍ରୀଜଗନ୍ନାଥ ସତ୍ୟ ଯୁଗ, ତ୍ରେତୟା ଯୁଗ, ଦ୍ୱାପର ଯୁଗର ପିତାମାତାଙ୍କ ଉଦ୍ଦେଶ୍ୟରେ ଦୀପଦାନ ଶ୍ରାଦ୍ଧ ଦିଅନ୍ତି ଏବଂ କଳିଯୁଗର ପିତା ଇନ୍ଦ୍ରଦ୍ୟୁମ୍ନଙ୍କୁ ମଧ୍ୟ ଶ୍ରାଦ୍ଧ ଦେଇଥାନ୍ତି । ସେ ତାଙ୍କୁ ମର୍ତ୍ତ୍ୟରେ ଅଧିଷ୍ଠିତ କରିଥିବାରୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବାସ୍ତବିକ୍ ପିତା ପଦବାଚ୍ୟ । ଭକ୍ତବତ୍ସଳ ଶ୍ରୀଜଗନ୍ନାଥ କେଉଁ ମାତ୍ରାରେ ଭକ୍ତର ଅଧୀନ ତାହା ବେଶ୍ ହୃଦ୍‌ଯଙ୍ଗମ କରି ହୁଏ ।

ଐତିହାସିକ ମତ:— ଐତିହାସିକମାନଙ୍କ ମତରେ ବର୍ତ୍ତମାନର ଶ୍ରୀମନ୍ଦିର-ଏକାଦଶ-ଦ୍ୱାଦଶ ଶତାବ୍ଦିରେ ନିର୍ମିତ ହୋଇଥିଲା ଉତ୍କଳର ରାଜା ଅନଙ୍ଗଭୀମଦେବ। ଏକାଦଶ ଶତାବ୍ଦିରେ ବିଶାଳ ଉତ୍କଳରେ ରାଜତ୍ୱ କରୁଥିଲେ। ତାଙ୍କ ରାଜ୍ୟର ସୀମା ଦକ୍ଷିଣରେ ରାଜମହେନ୍ଦ୍ରିଠାରୁ ଉତ୍ତରରେ ମେଦିନୀପୁର ପର୍ଯ୍ୟନ୍ତ ବିସ୍ତୃତଥିଲା। ବିଭିନ୍ନ ଐତିହାସିକ ମନ୍ଦିରର ନିର୍ମାଣ ସମୟ ସମ୍ବନ୍ଧରେ ବିଭିନ୍ନ ମତ ପ୍ରଦାନ କରିଥିବାର ଜଣାଯାଇଥାଏ। ଉଇଲିୟମ୍ ହଣ୍ଟର ତାଙ୍କର ରଚିତ ଓଡ଼ିଶା ଇତିହାସ ପୁସ୍ତକରେ ଉଲ୍ଲେଖ କରି ଅଛନ୍ତି ଯେ ଶ୍ରୀମନ୍ଦିର ନିର୍ମାଣ କାର୍ଯ୍ୟ ୧୧୭୪ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇ ୧୧୯୮ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିଲା। ଫର୍ଗୁସନ୍ ତାଙ୍କ ପୁସ୍ତକରେ ମତ ଦେଇଛନ୍ତି ଯେ, ଶ୍ରୀମନ୍ଦିର ୧୦୯୮ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା। ଅତଏବ, ଐତିହାସିକମାନଙ୍କ ମତରେ ଏକାଦଶ-ଦ୍ୱାଦଶ ଶତାବ୍ଦୀରେ ଅନଙ୍ଗଭୀମଦେବଙ୍କ ଦ୍ୱାରା ଶ୍ରୀମନ୍ଦିର ନିର୍ମାଣ କାର୍ଯ୍ୟ କରାଯାଇଥିଲା।

ଅନ୍ୟ କେତେକ ଗବେଷକ ଐତିହାସିକମାନଙ୍କ ମତରେ ଶ୍ରୀମନ୍ଦିର ଦ୍ୱାଦଶ ଶତାବ୍ଦିରେ ଅନନ୍ତବର୍ମା ଗ୍ୱେଡ଼ଗଙ୍ଗଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଶ୍ରୀମନ୍ଦିରର ନିର୍ମାଣ କାର୍ଯ୍ୟ ଗ୍ୱେଡ଼ଗଙ୍ଗ ଦେବଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ସତ, ମାତ୍ର ଏହା ପୂର୍ଣ୍ଣାଙ୍ଗ ହୋଇଥିଲା ଅନଙ୍ଗଭୀମଙ୍କ ସମୟରେ। ଅନଙ୍ଗଭୀମ ଦେବଙ୍କଠାରୁ ଆରମ୍ଭ କରି ମରହଟା ରାଜତ୍ୱ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଓଡ଼ିଶାର ରାଜାମାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବାକୁ ଲାଗିଲା। ମାଦଳା ପାଞ୍ଜି ଅନୁଯାୟୀ ଅନଙ୍ଗଭୀମ ଦେବଙ୍କ ପରେ ଲାଙ୍ଗୁଳା ନରସିଂହ ଦେବ ଓଡ଼ିଶାର ରାଜା ହୋଇ କୋଣାର୍କର ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଇଥିଲେ। ତାଙ୍କ ପରେ ଶ୍ରୀ ଭାନୁଦେବ ରାଜତ୍ୱ କଲେ। ଭାନୁଦେବଙ୍କ ରାଜତ୍ୱ କାଳରେ ଶ୍ରୀ ମନ୍ଦିରରେ କାର୍ତ୍ତିକ ମାସରେ ଏକ ଅତିରିକ୍ତ ବିଭାଗର ବ୍ୟବସ୍ଥା କରାଗଲା। ଏହା ବାଲଧୂପ ନାମରେ ବିଦିତ। କିମ୍ବଦନ୍ତୀରୁ ଜଣାଯାଏ ଯେ, ଥରେ ଗଜପତି ମହାରାଜା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନିମିତ୍ତ ଶ୍ରୀମନ୍ଦିରକୁ ଯାଇଥାନ୍ତି। ପରମ୍ପରା ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଏକ ଫୁଲମାଳ ଆଣି ରାଜାଙ୍କୁ ଦିଆଯାଏ। ମାତ୍ର ସେ ସମୟରେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଫୁଲମାଳ ନଥିଲା। ତେଣୁ ସେବକ ପୁଷ୍ପାଳକ ରାଜାଙ୍କୁ ସମ୍ମାନ ଦେଖାଇବା ଉଦ୍ଦେଶ୍ୟରେ ନିଜେ ତାଙ୍କର ଶିରରେ ବ୍ୟବହାର କରିଥିବା ଜଗନ୍ନାଥଙ୍କ ଏକ ଫୁଲମାଳ ରାଜାଙ୍କ ବେକରେ ଲମ୍ବାଇଦେଲେ। ଦୁର୍ଭାଗ୍ୟବଶତଃ, ସେ ଫୁଲମାଳରେ ଗୋଟିଏ ଲମ୍ବା ବାଳ ଦେଖି ରାଜା କ୍ରୋଧାନ୍ୱିତ ହୋଇ ପୁଷ୍ପାଳକ ସେବକଙ୍କୁ ଏହା କ'ଣ ଜଗନ୍ନାଥଙ୍କ ମାଳ ବୋଲି ପଚାରିବାରୁ ପୁଷ୍ପାଳକ ଡରରେ ହଁ ଭରିଦେଲେ। ଏ ବାଳ ଆସିଲା କେଉଁଠାରୁ ବୋଲି ପ୍ରଶ୍ନ ହେବାରୁ ପୁଷ୍ପାଳକ ଅନ୍ୟ ଉପାୟ ନଦେଖି ଏହା ଶ୍ରୀଜଗନ୍ନାଥଙ୍କର ବୋଲି ଉତ୍ତର ଦେଇଥିଲେ। ରାଜା ଶ୍ରୀଜଗନ୍ନାଥଙ୍କ ଶିରରେ ବାଳ ଅଛି ବୋଲି ଶୁଣି ଏହାର ସତ୍ୟାସତ୍ୟ ନିରୂପଣ କରିବା ପାଇଁ ତା ପରଦିନ ସେ ଆସିବେ ଏବଂ ସେ ସେବକ ତାହା ତାଙ୍କୁ ଦେଖାଇଦେବ ବୋଲି ନିର୍ଦ୍ଦେଶ ଦେଇ ଶ୍ରୀମନ୍ଦିରରୁ ଶ୍ରୀନଅରକୁ ପ୍ରତ୍ୟାବର୍ତ୍ତନ କଲେ। ସେ ଦିନ ରାତ୍ରି ପୁଷ୍ପାଳକଙ୍କର ଅନିଦ୍ରା ଓ ନାନା ଚିନ୍ତା ମଧ୍ୟରେ ଅତିବାହିତ ହେଲା। ସାରା ରାତ୍ରି ସେ

ମହାପ୍ରଭୁଙ୍କର ଶରଣାପନ୍ନ ହୋଇ ଏ ବିପଦରୁ ତାଙ୍କୁ ରକ୍ଷା କରିବା ପାଇଁ ବିନୀତ ପ୍ରାର୍ଥନା ହିଁ କଲେ। ପରଦିନ ରାଜା ନିର୍ଦ୍ଦିଷ୍ଟ ସମୟରେ ଆସି ପହଞ୍ଚିଲେ ଏବଂ ସେବକ ପୁଷ୍ପାଳକଙ୍କ ଉପସ୍ଥିତିରେ ରାଜା ଶ୍ରୀ ଜଗନ୍ନାଥଙ୍କ ଶିରରେ ଗୋଛାଏ ବାଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ। ଏହା କାଳେ ନକଲି ବାଳ ହୋଇଥିବ ଏହା ଜାଣିବା ପାଇଁ ରାଜା ଗୋଟିଏ ଦୁଇଟି ବାଳ ଟାଣି ଦେବାରୁ ଶ୍ରୀଜଗନ୍ନାଙ୍କ ଶିରରୁ ରକ୍ତସ୍ରାବ ହେଲା। ରାଜା ଶ୍ରୀଜୀଉଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରି ସେବକ ପୁଷ୍ପାଳକଙ୍କ ନିକଟରେ ମଧ୍ୟ କ୍ଷମା ଭିକ୍ଷା କଲେ। ଏହାର ସ୍ମୃତିରେ କାର୍ତ୍ତିକ ମାସରେ ବାଳଧୂପ ନାମକ ଏକ ଅତିରିକ୍ତ ଭୋଗର ବ୍ୟବସ୍ଥା କରାଗଲା।

ଭାନୁଦେବଙ୍କପରେ ସୂର୍ଯ୍ୟବଂଶର ରାଜାମାନେ ରାଜତ୍ୱ କରିବା ଆରମ୍ଭ କଲେ। ଶ୍ରୀ କପିଳେନ୍ଦ୍ର ଦେବଙ୍କ ଅମଳରେ ଶ୍ରୀମନ୍ଦିରର ବାହାରେ ବେଢ଼ାର ପ୍ରାଚୀର ନିର୍ମାଣ କରାଯାଇଥିଲା। ତାଙ୍କ ପରେ ଶ୍ରୀ ପୁରୁଷୋତ୍ତମ ଦେବ (୧୪୬୫-୧୪୯୫) ରାଜତ୍ୱ କରିଥିଲେ ଏବଂ ସ୍ୱୟଂ ଜଗନ୍ନାଥ ଓ ବଳଭଦ୍ର ରାଜା ପୁରୁଷୋତ୍ତମଙ୍କ କାଞ୍ଚି ଅଭିଯାନରେ ସହାୟତା କରି କାଞ୍ଚି ରାଜାଙ୍କୁ ପରାସ୍ତ କରିଥିଲେ। ରାଜ କୁମାରୀ ପଦ୍ମାବତୀ ଓ ଗଣେଶଙ୍କୁ ସଂଗରେ ଧରି ପୁରୁଷୋତ୍ତମ ଦେବ ବିଜୟ ଉଲ୍ଲାସରେ ଶ୍ରୀକ୍ଷେତ୍ର ପ୍ରତ୍ୟାବର୍ତ୍ତନ କରିଥିଲେ। କାଞ୍ଚି ଗଣେଶ ଶ୍ରୀ ଜଗନ୍ନାଥଙ୍କ ପଶ୍ଚାତ୍ ଭାଗରେ ବେଢ଼ା ମଧ୍ୟରେ ଅଦ୍ୟାବଧି ବିରାଜମାନ। ରଥ ଯାତ୍ରା ଦିନ ଚତୁର ମନ୍ତ୍ରୀଙ୍କ ବୁଦ୍ଧି ଯୋଗୁ ରାଜା ପୁରୁଷୋତ୍ତମ ଦେବ ପଦ୍ମାବତୀଙ୍କୁ ବିବାହ କରିଥିଲେ। ପୁରୁଷୋତ୍ତମ ଦେବଙ୍କ ପରେ ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବ (୧୪୯୫-୧୫୩୨) ଓଡ଼ିଶାର ରାଜା ହୋଇଥିଲେ ଏବଂ ତାଙ୍କରି ସମୟରେ ଶ୍ରୀ ଚୈତନ୍ୟଦେବ ଶ୍ରୀକ୍ଷେତ୍ର ଆସି ଧର୍ମ ପ୍ରଗ୍ଭର କରିଥିଲେ। ରାଜା ଓ ପ୍ରଜାମାନେ ହରି ନାମ କୀର୍ତ୍ତନରେ ଏତେଦୂର ନିମଜ୍ଜିତ ହେଲେ ଯେ ଏହାଙ୍କ ଅମଳରେ କଳିଙ୍ଗ ସାମ୍ରାଜ୍ୟର ଅଧଃପତନ ଆରମ୍ଭ ହେବାକୁ ଲାଗିଲା। ଶ୍ରୀ ଜଗନ୍ନାଥ ଥିଲେ ଚୈତନ୍ୟଙ୍କର ଓଡ଼ିଶା ଆଗମନର ପ୍ରଧାନ ଆକର୍ଷଣ। ଶ୍ରୀଜଗନ୍ନାଥଙ୍କ ଭିତରେ ସେ ଦେଖିଥିଲେ ଶ୍ରୀକୃଷ୍ଣଙ୍କୁ। ୧୫୦୯ ଖ୍ରୀଷ୍ଟାବ୍ଦରେ ପ୍ରଥମ ମୁସଲମାନ ଆକ୍ରମଣ ହେଲା। ଶ୍ରୀକ୍ଷେତ୍ରକୁ ଏବଂ ବ୍ରାହ୍ମଣମାନେ ଶ୍ରୀଜଗନ୍ନାଥଙ୍କ ପ୍ରତି ବିପଦ ଆଶଙ୍କା କରି ଠାକୁରମାନଙ୍କ ବିଗ୍ରହକୁ ଚିଲିକା ନିକଟସ୍ଥ ଚଢ଼େଇଗୁହ ପାହାଡ଼ରେ ଲୁଗ୍ୱାଇ ରଖିଥିଲେ। ଏହି ବଂଶର ଶେଷ ସ୍ୱାଧୀନ ରାଜା ଥିଲେ ତେଲେଙ୍ଗା ମୁକୁନ୍ଦ ଦେବ (୧୫୬୧-୧୫୬୮)। ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି ଯେ, ଏହାଙ୍କ ଅମଳରେ କଳା ପାହାଡ଼ ଶ୍ରୀକ୍ଷେତ୍ର ଆକ୍ରମଣ କରି ନାନା ଧ୍ୱସ୍ତବିଧ୍ୱସ୍ତ କାର୍ଯ୍ୟରେ ଲିପ୍ତ ରହିଥିଲେ। ୧୫୬୫ ଖ୍ରୀଷ୍ଟାବ୍ଦରେ ଆଫଗାନ୍ ରାଜା ସୁଲେମାନ ଗଜନି ଓଡ଼ିଶା ଆକ୍ରମଣ କରି ମନ୍ଦିର ଧ୍ୱସ୍ତ ବିଧ୍ୱସ୍ତ କଲେ ଏବଂ ମୁକୁନ୍ଦ ଦେବ ପରାସ୍ତ ତଥା ନିହତ ହେଲେ। ଏହାପରେ ଆଫଗାନି ରାଜତ୍ୱ ପ୍ରତିଷ୍ଠିତ ହେଲା। କିନ୍ତୁ ବାରମ୍ବାର ବିଭିନ୍ନ ପ୍ରକାରର ଆକ୍ରମଣରୁ ନିଜର ରାଷ୍ଟ୍ର ଦେବତା ଓ ଇଷ୍ଟ ଦେବତା ଶ୍ରୀ ଜଗନ୍ନାଥଙ୍କୁ ରକ୍ଷା କରିବା ପାଇଁ ପ୍ରଜାସମୂହ ପ୍ରାଣମୂର୍ଚ୍ଛା ପ୍ରଚେଷ୍ଟା କରି ଘୁଲିଲେ। ୧୫୭୫ ଖ୍ରୀଷ୍ଟାବ୍ଦରେ ମୋଗଲ ସମ୍ରାଟ ଆକବର ଓଡ଼ିଶାକୁ ନିଜର ଅଧିନସ୍ଥ କରିଥିଲେ। ପ୍ରାୟ ୧୫୯୦ ଖ୍ରୀଷ୍ଟାବ୍ଦରେ ରାଜା ମାନସିଂହ ଓଡ଼ିଶା

ଆସି ଆଫଗାନିମାନଙ୍କୁ ପରାସ୍ତ କରି ସାରା ଓଡ଼ିଶାକୁ ମୋଗଲ ସାମ୍ରାଜ୍ୟ ମଧ୍ୟରେ ଅନ୍ତର୍ଭୂକ୍ତ କରିଥିଲେ। ମାନସିଂହ ଭୋଇ ବଂଶୀୟ ରାଜା ରାମଚନ୍ଦ୍ର ଦେବଙ୍କୁ ସମର୍ଥନ କରି ତାଙ୍କୁ ଶ୍ରୀମନ୍ଦିରର ତତ୍ତ୍ୱାବଧାରକ ଭାବରେ ନିଯୁକ୍ତ କରାଇଥିଲେ। ରାଜା ସ୍ଥାନାନ୍ତରିତ ଶ୍ରୀଜଗନ୍ନାଥଙ୍କର ନାଭିବ୍ରହ୍ମ ଆଣି ନୂତନ କଳେବର ଗଠନ କରାଇ ମନ୍ଦିରରେ ପୁନଃ ପ୍ରତିଷ୍ଠିତ କରାଇଥିବାରୁ ଏବଂ ଶ୍ରୀମନ୍ଦିରରେ ଅନ୍ନ ଭୋଗର ପ୍ରବର୍ତ୍ତନ କରାଇଥିବାରୁ ତାଙ୍କୁ ଅଭିନବ ଇନ୍ଦ୍ରଦ୍ୟୁମ୍ନ ବା ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି ବର୍ଣ୍ଣନା କରାଯାଇଥାଏ। ନିଜର ଇଷ୍ଟ ଦେବତା ତଥା ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥଙ୍କୁ ମୁସଲମାନ କବଳରୁ ଉଦ୍ଧାର କରିବା ପାଇଁ ଗଜପତି ମହାରାଜା ୨ୟ ରାମଚନ୍ଦ୍ର ଦେବ (୧୭୩୧-୧୭୩୬) ମୁସଲମାନ ଧର୍ମ ଗ୍ରହଣ କରି ମୁସଲମାନ ଜେନେରାଲ ମୁରସିଦ୍ କୁଲି ଖାନ୍‌ଙ୍କ କନ୍ୟାଙ୍କୁ ବିବାହ କରିବା ପାଇଁ ଉଚିତ ମନେ କରିଥିଲେ। ସେ ମୁସଲମାନ କନ୍ୟା ବିବାହ କରିଥିବା ଯୋଗୁ ମ୍ଲେଚ୍ଛ ବୋଲି ବିବେଚିତ ହୋଇଥିଲେ ସୁଦ୍ଧା ଠାକୁରମାନଙ୍କୁ ଗୁପ୍ତରେ ସ୍ଥାନାନ୍ତରୀତ କରିବା ବ୍ୟବସ୍ଥା ଦ୍ୱାରା ସେମାନଙ୍କୁ ସୁରକ୍ଷିତ କରିପାରିଛନ୍ତି ବୋଲି ଆତ୍ମ ସନ୍ତୋଷ ଲାଭ କରିଥିଲେ। ଏ ରହସ୍ୟ ଆବିଷ୍କୃତ ହେବା ପରେ ରାଜା ରାମଚନ୍ଦ୍ର ଦେବଙ୍କ ଜଗନ୍ନାଥ ବର୍ଣ୍ଣନ ପାଇଁ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପରାମର୍ଶକ୍ରମେ ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ଗୁମୁଟ କାନ୍ଥରେ ପତିତପାବନ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ତାଙ୍କ ପରେ ତାଙ୍କ ପୁତ୍ର ବୀର କିଶୋର ଦେବ (୧ମ)ଙ୍କ ଅମଳରେ ଶ୍ରୀମନ୍ଦିରର ଭୋଗ ମଣ୍ଡପ ଏବଂ ସ୍ନାନ ମଣ୍ଡପ ପ୍ରଭୃତି ନିର୍ମିତ ହୋଇଥିଲା। ଏହି ସମୟରେ ଜୀର୍ଣ୍ଣ ରତ୍ନବେଦୀର ସଂସ୍କାର କରାଗଲା ଏବଂ ସମଗ୍ର ମନ୍ଦିରରେ ଚୂର୍ଣ୍ଣ ଲେପନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

ଐତିହାସକମାନଙ୍କ ମତରେ ୧୭୫୧ ଖ୍ରୀଷ୍ଟାବ୍ଦରୁ ୧୮୦୩ ପର୍ଯ୍ୟନ୍ତ ଓଡ଼ିଶା ମରହଟ୍ଟାମାନଙ୍କ ଅଧୀନରେ ରହିଥିଲା ଏବଂ ମରହଟ୍ଟା ଶାସନ କାଳରେ ଶ୍ରୀଜଗନ୍ନାଥ ମନ୍ଦିରର ବହୁବିଧ ଉନ୍ନତି ସାଧିତ ହୋଇଥିଲା। ମରହଟ୍ଟା ବର୍ଗୀମାନେ ଅତ୍ୟାଗ୍ରହୀ ହୋଇଥିଲେ ହେଁ ସେମାନେ ହିନ୍ଦୁ ଥିବାରୁ ହିନ୍ଦୁର ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ଥିଲେ। ମରହଟ୍ଟାମାନଙ୍କ ରାଜତ୍ୱ କାଳରେ ସୁବର୍ଣ୍ଣରେ ନିର୍ମିତ ଲକ୍ଷ୍ମୀଙ୍କ ବିଗ୍ରହ ନିର୍ମାଣ କରାଯାଇ ଶ୍ରୀଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ବିଜେ କରାଯାଇଥିଲା ଏବଂ ପୁରାତନ ଲକ୍ଷ୍ମୀ ବିଗ୍ରହକୁ ଭଣ୍ଡାର ଘରେ ରଖାଯାଇଥିଲା। ଇନ୍ଦ୍ରଦ୍ୟୁମ୍ନ ସରୋବରର ପଥର ବନ୍ଧ କାର୍ଯ୍ୟ ମଧ୍ୟ ସମ୍ପନ୍ନ କରାଯାଇଥିଲା। ଏହି ସମୟରେ ମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ କରାଗଲା। କେତେକ ଐତିହାସିକଙ୍କ ମତରେ ଇନ୍ଦୋରର ରାଣୀ ଅହଲ୍ୟା ବାଈ ଏହି ରାଜତ୍ୱ କାଳରେ ପୁରୀକୁ ଆସି ଧର୍ମଶାଳା ଓ ମଠ ଆଦି ନିର୍ମାଣ ଲାଗି ଲକ୍ଷ ଲକ୍ଷ ଟଙ୍କା ଦାନ କରିଥିଲେ। ମୁସଲମାନ ରାଜତ୍ୱ କାଳରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ଦେବ ମନ୍ଦିରଗୁଡ଼ିକର ମରାମତି କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହି ସମୟରେ ମନ୍ଦିରର ପରିମ୍ରଜନାଭାର ଦେଉଳ ପରିଛାଙ୍କ ଉପରେ ନ୍ୟସ୍ତ ଥିଲା। ପରିମ୍ରଜନାର ସୁବିଧା ପାଇଁ କାଳକ୍ରମେ ଗ୍ରିଜଣ ପରିଛା ନିଯୁକ୍ତ ହୋଇଥିଲେ। କୌଣସି ସେବକ ସେବା ପୂଜାରେ ହେଳା କଲେ ଉଚିତ ଦଣ୍ଡ ଭୋଗିବାକୁ ପଡୁଥିଲା।

୧୮୦୩ ଖ୍ରୀଷ୍ଟାବ୍ଦରୁ ଇଂରେଜମାନେ ଓଡିଶାକୁ ଦଖଲ କଲେ ଏବଂ ଶ୍ରୀମନ୍ଦିର ସେମାନଙ୍କ କର୍ତ୍ତୃତ୍ୱାଧୀନ ହେଲା । ଇଂରେଜ ରାଜତ୍ୱ କାଳରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତି ବିପଦ ମାଡ଼ି ଆସିଥିଲା । ଇଂରେଜମାନେ ଖ୍ରୀଷ୍ଟ ଧର୍ମାବଲମ୍ବୀ ହୋଇଥିବାରୁ ଓଡ଼ିଶାରେ ଖ୍ରୀଷ୍ଟଧର୍ମର ପ୍ରଗ୍ରର ପାଇଁ ବହୁ ସଂଖ୍ୟାରେ ମିଶନାରୀ ନିଯୁକ୍ତ ହୋଇଥିଲେ । ସେମାନେ ଜଗନ୍ନାଥଙ୍କୁ କୁତ୍ସିତ, କଦାକାର, ଭୟଙ୍କର ଆଦି ବିଶେଷଣ ଦେଇ ତାଙ୍କର ଅସାରତ୍ୱ ପ୍ରତିପାଦନ କରିବା ପାଇଁ ପ୍ରଚେଷ୍ଟା ଚଳାଇଥିଲେ । ମିଶନାରୀମାନଙ୍କର ଏଭଳି ମନ୍ତବ୍ୟର ପ୍ରତିବାଦ ଜଣାଉଥିବା ବ୍ୟକ୍ତିଙ୍କ ଉପରେ ଅକଥନୀୟ ଅତ୍ୟାଗ୍ଚର କରାଯାଉଥିଲା । ଏମାନଙ୍କ ରାଜତ୍ୱ କାଳରେ ଜଗନ୍ନାଥ ଭକ୍ତ ଗଜପତି ଦିବ୍ୟସିଂହ ଦେବଙ୍କୁ ମିଥ୍ୟା ଅପରାଧରେ କଳାପାଣି ଦ୍ୱୀପାନ୍ତର ଦଣ୍ଡ ଦିଆଯାଇଥିଲା । ସେତେବେଳକୁ ମୁକୁନ୍ଦ ଦେବ ସାବାଳକ ହେବା ପରେ ତାଙ୍କୁ ଶ୍ରୀମନ୍ଦିରର ସୁପରିଟେଣ୍ଡଣ୍ଟ ଭାବରେ ନିଯୁକ୍ତ କରାଗଲା । ମୁକୁନ୍ଦ ଦେବଙ୍କ ପରେ ରାମଚନ୍ଦ୍ର ଦେବ, ବୀରକିଶୋର ଦେବ ଶ୍ରୀମନ୍ଦିରର ସୁପରିଟେଣ୍ଡେଣ୍ଟ ହୋଇ ପରିଗ୍ଚଳନା କାର୍ଯ୍ୟ ତୁଲାଇଥିଲେ ।

ସ୍ୱାଧୀନତା ପରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ପାଶ୍ ହେଲା ଏବଂ ଏହା ୧୯୫୫ ମସିହା ନଭେମ୍ବର ମାସରୁ କାର୍ଯ୍ୟକାରୀ ହେଉଅଛି । ଆଇନ ଅନୁଯାୟୀ ଏକ ପରିଗ୍ଚଳନା କମିଟି ମାଧ୍ୟମରେ ପ୍ରଶାସନ କାର୍ଯ୍ୟ ନିର୍ବାହ ହେବ ଏବଂ ଗଜପତି ମହାରାଜା ଉକ୍ତ କମିଟିର ଅଧ୍ୟକ୍ଷ ରହିବେ । ଓଡ଼ିଶା ସରକାରଙ୍କର ଜଣେ ପ୍ରଥମ ଶ୍ରେଣୀ ଅଫିସର ଶ୍ରୀ ମନ୍ଦିରର ପ୍ରଶାସକ ହିସାବରେ ନିଯୁକ୍ତ ହେବେ ଏବଂ ତାଙ୍କୁ ସହାୟତା କରିବା ପାଇଁ କେତେ ଜଣ ସହକାରୀ ପ୍ରଶାସକ ମଧ୍ୟ କାର୍ଯ୍ୟରତ ରହିବେ । ବର୍ତ୍ତମାନର ଗଜପତି ଶ୍ରୀ ଦିବ୍ୟସିଂହ ଦେବ ୧୯୭୧ ମସିହାରୁ କମିଟିର ଅଧ୍ୟକ୍ଷ ହିସାବରେ କାର୍ଯ୍ୟକରି ଆସୁଅଛନ୍ତି । ଗଜପତି ଶ୍ରୀଜଗନ୍ନାଥଙ୍କର ଆଦ୍ୟ ସେବକ ତଥା ପ୍ରଧାନ ସେବକ ଭାବରେ ବିବେଚିତ ହୁଅନ୍ତି । ରଥ ମାର୍ଜନା ବା ଛେରା ପହରା, ସ୍ନାନ ବେଦୀ ମାର୍ଜନା, ଦୋଳ ବେଦୀ ମାର୍ଜନା, ଚନ୍ଦନ ଯାତ୍ରାରେ ଗ୍ପ ମାର୍ଜନା ଇତ୍ୟାଦି ସେବା ପୂଜା କାର୍ଯ୍ୟ ସେ ତୁଲାଇ ଥାନ୍ତି । ଲକ୍ଷ୍ମୀ ନାରାୟଣ ଭେଟରେ ଗଜପତିଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଅତୀବ ଆନନ୍ଦର କଥା ଯେ, ବର୍ତ୍ତମାନର ଗଜପତି ଶ୍ରୀ ଦିବ୍ୟସିଂହ ଦେବ ଏକ ଉଚ୍ଚମାନର ଭକ୍ତ ଏବଂ ସୁଗୁଣସମ୍ପନ୍ନ ବ୍ୟକ୍ତି ଶିକ୍ଷା,ଦୀକ୍ଷା, ଆଗ୍ଚର, ବ୍ୟବହାର ଏବଂ ଅନ୍ୟାନ୍ୟ ସଦ୍‌ଗୁଣ ଯୋଗୁ ଯେ କେହି ତାଙ୍କ ନିକଟରେ ନତ ମସ୍ତକ ହେବ । ବିଭିନ୍ନ ଅଧାମ୍ଭିକ ସଭାମାନଙ୍କରେ ତାଙ୍କର ଉଦ୍‌ବୋଧନ ବେଶ୍ ଫଳପ୍ରଦ ତଥା ହୃଦୟଗ୍ରାହୀ ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଶ୍ରୀଜଗନ୍ନାଥଙ୍କ ଉପରେ ଧର୍ମର ଅନେକ ଝଡ଼ ବହି ଯାଇଛି ହେଲେ କୌଣସିଟି ତାଙ୍କୁ ଟଳେଇ ପାରିନାହିଁ । ସେ ପାହାଡ଼ ପରି ଅଟଳ ରହିଛନ୍ତି । ଜଗନ୍ନାଥ ଧର୍ମ ବିଶ୍ୱଧର୍ମରେ ପରିଣତ ହେବାକୁ ଯାଉଛି କାରଣ ପାଶ୍ଚାତ୍ୟ ଦେଶମାନଙ୍କରେ ଜଗନ୍ନାଥ ଉପାସନା ରଥଯାତ୍ରା ଇତ୍ୟାଦି ଉପରେ ଗୁରୁତ୍ୱ ଆରୋପ କରାଯାଉଥିବା ଲକ୍ଷ୍ୟ କରାଯାଉଅଛି । ଜଗନ୍ନାଥ ଧର୍ମ ଯେ ସନାତନ ଧର୍ମ, ଏହା ନିଃସନ୍ଦେହ ।

ଚତୁର୍ଥ ଅଧ୍ୟାୟ
ଶ୍ରୀମନ୍ଦିର ବେଢ଼ା ପରିକ୍ରମା

ଶ୍ରୀମନ୍ଦିର ବା ବଡ଼ ଦେଉଳ ଘିରୋଟି ଦେଉଳରେ ବିଭକ୍ତ । ମୁଖ୍ୟ ମନ୍ଦିରଟି ଏକ ବିମାନ ସଦୃଶ । ବିମାନଟି ସବୁ ଠାରୁ ଉଚ୍ଚ । ରାସ୍ତା ଉପରୁ ବିମାନର ଦଧିନଉତି ପର୍ଯ୍ୟନ୍ତ ଉଚ୍ଚତା ୨୧୪ ଫୁଟ ୨୮ ଇଞ୍ଚ । ବିମାନକୁ ଲାଗି ମୁଖଶାଳା ବା ଜଗନମୋହନ । ଜଗମୋହନକୁ ଲାଗି ନାଟମନ୍ଦିର ଏବଂ ନାଟ ମନ୍ଦିରକୁ ଲାଗି ଭୋଗମଣ୍ଡପ । ବଡ଼ ଦେଉଳର ବାହାର ପଟର ଘିରିଆଡ଼େ ଏକ ପଥର କାନ୍ଥ ଅଛି ଯାହାକୁ ମେଘନାଦ ପାଚେରୀ କୁହାଯାଏ । ଉକ୍ତ ପାଚେରୀର ଘିରି କାନ୍ଥରେ ଘିରିଦ୍ୱାର ଅଛି । ସିଂହଦ୍ୱାର ବା ପୂର୍ବଦ୍ୱାର, ହାତୀଦ୍ୱାର ବା ଉତ୍ତର ଦ୍ୱାର, ଘୋଡ଼ାଦ୍ୱାରା ବା ଦକ୍ଷିଣଦ୍ୱାର ଏବଂ ବ୍ୟାଘ୍ରଦ୍ୱାର ବା ପଶ୍ଚିମ ଦ୍ୱାର । ରାସ୍ତା ଉପରୁ ମେଘନାଦ ପାଚେରୀର ଉଚ୍ଚତା ୨୦ ଫୁଟରୁ ୨୪ ଫୁଟ ପର୍ଯ୍ୟନ୍ତ । ମାଦଳା ପାଞ୍ଜି ଅନୁଯାୟୀ ଉକ୍ତ ମେଘନାଦ ପାଚେରୀ ସୂର୍ଯ୍ୟ ବଂଶର ରାଜା ଶ୍ରୀ କପିଲେନ୍ଦ୍ର ଦେବ ୧୪୪୮ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଇଥିଲେ ।

ଅରୁଣସ୍ତମ୍ଭ:— ଶ୍ରୀମନ୍ଦିରର ସିଂହଦ୍ୱାର ସାମନାରେ ପୂର୍ବ ଦିଗରେ ଏକ କମନୀୟ କାରୁକାର୍ଯ୍ୟ ବିଶିଷ୍ଟ ସ୍ତମ୍ଭ ବିଦ୍ୟମାନ । ଏହାକୁ ଅରୁଣ ସ୍ତମ୍ଭ ବୋଲି କୁହାଯାଇଥାଏ । ଉକ୍ତ ସ୍ତମ୍ଭ ଗୋଟିଏ ମୁଗୁନି ପଥରରେ ନିର୍ମିତ । ସ୍ତମ୍ଭ ଉପରେ ସୂର୍ଯ୍ୟ ଦେବଙ୍କ ସାରଥି ଅରୁଣ ଯୋଡ଼ ହସ୍ତରେ ବସିଛନ୍ତି । ସ୍ତମ୍ଭର ବ୍ୟାସ ଦୁଇଫୁଟ ଏବଂ ଗୋଲେଇ ୬ ଫୁଟ ୩.୫ଇଞ୍ଚ । ୭ ଫୁଟ ୯ ଇଞ୍ଚ ଲମ୍ବ, ସେହି ଓସାର ଏବଂ ୬ ଫୁଟ ଉଚ୍ଚର ଏକ ପୀଠ ଉପରେ ଅରୁଣ ସ୍ତମ୍ଭଟି ଥୁଆ ଯାଇଛି । ପୀଠର ଉପରଠାରୁ ଅରୁଣଙ୍କ ପାଦ ପର୍ଯ୍ୟନ୍ତର ଉଚ୍ଚତା ୨୫ ଫୁଟ ୨ ଇଞ୍ଚ । ପୀଠର ପତନ ଠାରୁ ଅରୁଣଙ୍କ ଶିଖା ପର୍ଯ୍ୟନ୍ତ ସ୍ତମ୍ଭର ଉଚ୍ଚତା ହେଉଛି ୩୩ଫୁଟ ୮ ଇଞ୍ଚ । ଅଷ୍ଟାଦଶ ଶତାବ୍ଦିରେ ମରହଟ୍ଟାମାନଙ୍କ ଅମଳରେ ଗଜପତି ଶ୍ରୀ ଦିବ୍ୟସିଂହ ଦେବ ଉକ୍ତ ଅରୁଣ ସ୍ତମ୍ଭକୁ କୋଣାର୍କରୁ ଆଣି ସିଂହଦ୍ୱାର ସମ୍ମୁଖରେ ସ୍ଥାପନ କରିଥିଲେ । ଅରୁଣ ସ୍ତମ୍ଭ ଡେଇଁ ଯୋତା, ଚମଡ଼ା, କ୍ୟାମେରା ଜିନିଷ ନେବା ନିଷେଧ ।

୨) ଫଟେ ହନୁମାନ :— ସିଂହଦ୍ୱାର ଅତିକ୍ରମ କରି ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କଲେ ବାମବାର୍ଶ୍ୱରେ ପ୍ରଥମେ ଏକ ହନୁମାନ ମୂର୍ତ୍ତି ଦର୍ଶନ କରିବାକୁ ମିଳିଥାଏ । ଏହାଙ୍କର ନାମ ଫଟେହନୁମାନ । ଭକ୍ତ ସମାଜ ଫଟେ ହନୁମାନଙ୍କୁ ଦର୍ଶନ କଲାବେଳେ ସ୍ମରଣ କରିଥାନ୍ତି ଯେ,

ମନୋଜବଂ ମାରୁତତୁଲ୍ୟ ବେଗମ୍ ।
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍ ।।
ବାତାତ୍ମଜଂ ବାନରଯୂଥମୁଖ୍ୟଂ ।
ତଂ ରାମଦୂତଂ ଶରଣଂ ପ୍ରପଦ୍ୟେ ।।

ଅର୍ଥାତ୍, ହେ ବୀର ହନୁମାନ ! ତୁମେ ମନ ଭଳି ଶୀଘ୍ରଗାମୀ । ବାୟୁର ବେଗ ଭଳି ବେଗମାନ । ତୁମେ ଜିତେନ୍ଦ୍ରିୟ ଏବଂ ବୁଦ୍ଧିମାନମାନଙ୍କ ମଧ୍ୟରେ ବରିଷ୍ଠ । ତୁମେ ମଧ୍ୟ ବାନରମାନଙ୍କର ଅଧିପ । ତୁମେ ପବନସୁତ ଏବଂ ଶ୍ରୀରାମଙ୍କ ଦୂତ । ମୁଁ ତୁମର ଶରଣ ଭିକ୍ଷା କରୁଛି । ଶ୍ରୀ ମନ୍ଦିରକୁ ରକ୍ଷା କରିବା ପାଇଁ ଗ୍ୱରି ଦ୍ୱାରରେ ହନୁମାନ ବିରାଜମାନ । ଫଳେ ହନୁମାନ ପୂର୍ବ ଦିଗରୁ ଶ୍ରୀମନ୍ଦିରକୁ ରକ୍ଷା କରିଥାନ୍ତି ।

ପତିତପାବନ :— ସିଂହଦ୍ୱାର ଗୁମୁଟ ଭିତରେ ଉତ୍ତର ପିଣ୍ଡା ଉପରେ ପୂର୍ବାଭିମୁଖ ହୋଇ ଶ୍ରୀ ଶ୍ରୀ ପତିତପାବନ ମୂର୍ତ୍ତି ବିରାଜମାନ । ଏହା ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କର ପ୍ରତିମୂର୍ତ୍ତି । ୧୭୩୨ରୁ ୧୭୪୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ପୁରୀ ଭୋଇ ବଂଶର ରାଜା ଶ୍ରୀ ରାମଚନ୍ଦ୍ର ଦେବଙ୍କ (୨ୟ) ରାଜତ୍ୱ ସମୟରେ ଶ୍ରୀମନ୍ଦିର ଇତିହାସରେ ଏକ ବିଶେଷ ଘଟଣା ଘଟିଥିଲା । ରାଜା ରାମଚନ୍ଦ୍ର ଦେବ ମୁସଲମାନଙ୍କ ଦ୍ୱାରା ପରାସ୍ତ ହୋଇ, ମୁସଲମାନ ସେନାପତି ମୁର୍ଶିଦକୁଲୀ ଖାଁଙ୍କର କନ୍ୟାକୁ ବାଧ୍ୟତାମୂଳକ ଭାବରେ ବିବାହ କରିଥିଲେ । ଫଳରେ ରାଜା ମ୍ଲେଚ୍ଛ ବା ପତିତ ବୋଲି ପରିଗଣିତ ହୋଇଥିଲେ । ଅଣହିନ୍ଦୁଙ୍କର ଶ୍ରୀମନ୍ଦିରକୁ ପ୍ରବେଶ କରିବା ଅଧିକାର ନଥିବାରୁ, ରାଜା ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହେଲେ । ରାଜାଙ୍କୁ ଶ୍ରୀଜୀଉଙ୍କର ଦର୍ଶନର ସୁବିଧା ସକାଶେ ଶ୍ରୀମନ୍ଦିରର ପ୍ରବେଶ ଦ୍ୱାର ନିକଟରେ ପତିତପାବନ ମୂର୍ତ୍ତି ସ୍ଥାପନ କରାଯାଇଥିଲା । ସେହିକାଳରୁ ପ୍ରତ୍ୟହ ଲକ୍ଷ ଲକ୍ଷ ପତିତ ପତିତପାବନଙ୍କୁ ରାସ୍ତା ଉପରେ ଠିଆହୋଇ ଦର୍ଶନକରି ଆସୁଅଛନ୍ତି । ଠାକୁରଙ୍କ ନାମ ପତିତପାବନ, ଅର୍ଥାତ୍ ପତିତମାନଙ୍କର ତ୍ରାଣକର୍ତ୍ତା । ପତିତମାନେ ମହାପ୍ରଭୁଙ୍କ ଦର୍ଶନ ଲାଭ କରି ପୂତ ହୋଇଥାନ୍ତି । ପତିତପାବନଙ୍କୁ ନିମ୍ନୋକ୍ତ ଭାବରେ ପ୍ରାର୍ଥନା କରାଯାଇଥାଏ । ଯଥା :—

ପତିତାନାଂ ପତିତୋଽହଂ ତ୍ୱମେବ ପାପହାରକଃ ।
ପାବନପୁରୁଷ ! ଦେହି ନିଶ୍ଚଳାଂ ଭକ୍ତିଂ ମେ ବିଭୋ'' ।।

ଅର୍ଥାତ୍, ହେ ପତିତପାବନ ! ମୁଁ ପତିତମାନଙ୍କ ମଧ୍ୟରେ ପତିତ । ତୁମେ ପତିତମାନଙ୍କର ପାତକହାରୀ । ହେ ବିଭୁ ! ମୋ ହୃଦୟରେ ନିଶ୍ଚଳା ଭକ୍ତି ଦେଇ ତୁମ ନିକଟରେ ଶରଣ ଯିବା ପାଇଁ ମୋତେ ପଥ ଦେଖାଅ ।

ଜଗନ୍ନାଥ ହେଉଛନ୍ତି ପତିତପାବନ । ବଡ଼ ଦାଣ୍ଡରୁ ପତିତପାବନଙ୍କୁ ଦର୍ଶନ କରିବା ଅର୍ଥ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା । ଜଗନ୍ନାଥ ସଂସ୍କୃତିରେ ସମାଜର ଉଚ୍ଚ ସ୍ତରରେ ଥିବା ମଣିଷ ଓ ସର୍ବନିମ୍ନ ସ୍ତରରେ ଥିବା ମଣିଷ ସମାନ । ନିମ୍ନସ୍ତରର ମଣିଷକୁ ଉଚ୍ଚସ୍ତରକୁ ଆଣିବା ଏବଂ ତାର ପାପ, ତାପ, ଅଭାବ, ଅନାଟନରୁ ତାକୁ ଉଦ୍ଧାର କରିବା ଏବଂ ଅବହେଳିତ ତଥା ଅପବିତ୍ର ଅବସ୍ଥାରୁ ତାକୁ ଉନ୍ନତ ତଥା ପବିତ୍ର କରିବା ହେଉଛି ଜଗନ୍ନାଥ ଧର୍ମର ବୈଶିଷ୍ଟ୍ୟ । ତେଣୁ ମହାପ୍ରଭୁ ଜଗନ୍ନାଥଙ୍କ ଅନ୍ୟନାମ ହେଉଛି ପତିତପାବନ ଏବଂ ତାଙ୍କ ପତାକାର ନାମ ପତିତପାବନ ବାନା । କବି ନିତ୍ୟାନନ୍ଦ ଦାସଙ୍କ ଭାଷାରେ,

''ପତିତ ଜନଙ୍କୁ ଉଦ୍ଧାରିବା ପାଇଁ
ଉଡ଼ାଉ ଅଛ ପତାକା'' ।

ସେହିପରି ବୀର କେଶରୀ ଦେବ ଜଗନ୍ନାଥଙ୍କୁ ସମ୍ବୋଧନ କରି ଲେଖିଛନ୍ତି,

''ପତିତ ପାବନ ବାନା ଆଉ କେତେବେଳକୁ
ଭାଷିଗଲି ଭବଜଳେ ନାବ ଦିଅ କୂଳକୁ'' ।

ବହୁ ଓଡ଼ିଆ କବି ଜଗନ୍ନାଥଙ୍କୁ ପତିତପାବନ ଭାବରେ ସମ୍ବୋଧନ କରିଛନ୍ତି ଏବଂ ସେ ଅନାଥର ନାଥ, ଅଗତିର ଗତି, ଆର୍ତ୍ତତ୍ରାଣ ଓ ଦୀନବନ୍ଧୁ ବୋଲି ବଳିଷ୍ଠ ଯୁକ୍ତି ବାଢ଼ିଯାଇଛନ୍ତି । ପତିତଗଣ ମହାପ୍ରଭୁଙ୍କର ଅତି ଆଦରର ବ୍ୟକ୍ତି । ତେଣୁ ପୁରୁଷୋତ୍ତମ ଚେତନା ମୂଳରେ ରହିଛି ମୈତ୍ରୀ, ସାମ୍ୟ ଦୟା ଓ ବିଶ୍ୱଭାବ । ଉକ୍ତ ପୁରୁଷୋତ୍ତମ ଚେତନାରେ ଜନ ସମାଜ ବିଶେଷତଃ ଧନୀ ତଥା ଉନ୍ନତ ବ୍ୟକ୍ତି ଅନୁପ୍ରାଣିତ ହେଲେ ଘୃଣ୍ୟ ଭାବ ଦୂରୀଭୂତ ହେବ ଏବଂ ସାମ୍ୟ ଭାବ ବିକଶିତ ହୋଇପାରିବ । ଶାସକ ଗୋଷ୍ଠୀ ପୁରୁଷୋତ୍ତମ ଚେତନାରେ ଅନୁପ୍ରାଣିତ ହେବା ନିତାନ୍ତ ଆବଶ୍ୟକ ।

ବାଇଶି ପାହାଚ :— ବାଇଶିଟି ପାହାଚ ଅତିକ୍ରମ କରି ଶ୍ରୀମନ୍ଦିରର ଭିତର ବେଢ଼ା ମଧ୍ୟରେ ପ୍ରବେଶ କରିବାକୁ ହୋଇଥାଏ । ଏହା ବାଇଶି ପାହାଚ ନାମରେ ଖ୍ୟାତ । ପ୍ରତ୍ୟେକ ପାହାଚର ଓସାର ପ୍ରାୟ ୬ ଫୁଟ, ଉଚ୍ଚତା । ୬ ଇଞ୍ଚ ଏବଂ ଲମ୍ବ ପ୍ରାୟ ୭୦ ଫୁଟ । ବାଇଶି ପାହାଚ ଅତ୍ୟନ୍ତ ପବିତ୍ର ସ୍ଥାନ । ପିତୃ ପୁରୁଷଙ୍କଙ୍କ ପିଣ୍ଡଦାନ ଶ୍ରାଦ୍ଧ ବାଇଶି ପାହାଚରେ ଜରାଯାଇଥାଏ । ଅସଂଖ୍ୟ ଭକ୍ତଙ୍କର ପଦରଜ ଲାଭ କରିବା ପାଇଁ ଛୋଟ ଛୋଟ ପିଲାମାନଙ୍କୁ ବାଇଶି ପାହାଚରେ ପିତାମାତାମାନେ ଗଡ଼ାଇଥାନ୍ତି । ଜୈନ୍ୟଧର୍ମରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନଙ୍କ ମତରେ ଶ୍ରୀ ମନ୍ଦିରର ବାଇଶି ପାହାଚ ଜୈନ ବାଇଶିଜଣ ତୀର୍ଥଙ୍କରଙ୍କର ରୂପକ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ସମସ୍ତ ପାପରାଶି ବାଇଶି ପାହାଚରେ ଧୂଳିସାତ୍ ହୋଇଥାଏ ।

ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀର ଅନ୍ୟନାମ ଗୋଲକ । ଗୋଲକର ଅଧଃ ଦେଶରେ ଅଷ୍ଟବୈକୁଣ୍ଠ ଓ ତା'ର ଅଧଃ ଦେଶରେ ଚତୁର୍ଦ୍ଦଶ ଭୁବନ । ହିରଣ୍ୟଗର୍ଭ ହେଉଛି ମହାପ୍ରଭୁଙ୍କ ପଦ୍ମାସନ । ରତ୍ନବେଦୀକୁ ଯିବାକୁ ହେଲେ ଚତୁର୍ଦ୍ଦଶ ଭୁବନ ଏବଂ ଅଷ୍ଟବୈକୁଣ୍ଠ ଅତିକ୍ରମ କରି ଯିବାକୁ ହୋଇଥାଏ । ତେଣୁ ବାଇଶି ବାହାଚ ହେଉଛି ଚତୁର୍ଦ୍ଦଶ ଭୁବନ ଓ ଅଷ୍ଟବୈକୁଣ୍ଠର ସମାହାର । ସେହିପରି, ସପ୍ତ ଭୁବନ ବିଜେ ଏହି ବାଇଶି ପାହାଚରେ— ଭୁଃ, ଭୁବଃ, ସ୍ୱଃ, ମହଃ, ଜନ, ତପଃ, ଓ ସତ୍ୟ ଏହି ସପ୍ତଲୋକ ସହିତ ରହିଛି ସପ୍ତ ପାତାଳ— ଅତଳ, ସୁତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ । ସପ୍ତଭୁବନ ଓ ସପ୍ତପାତାଳ ମିଶି ହେଲେ ଚତୁର୍ଦ୍ଦଶ ଭୁବନ ଏହା ସହିତ ଅଷ୍ଟବୈକୁଣ୍ଠ ଯଥା ଶ୍ରୀବୈକୁଣ୍ଠ, କୈବଲ୍ୟ ବୈକୁଣ୍ଠ, କାରଣାର୍ଣ୍ଣବ ବୈକୁଣ୍ଠ, ଶେଷଶାୟୀ ବୈକୁଣ୍ଠ, ଶ୍ୱେତଦ୍ୱୀପ ବୈକୁଣ୍ଠ, ପରବ୍ୟୋମ ବୈକୁଣ୍ଠ,

ଗର୍ଭୋଦକଶାୟୀ ବୈକୁଣ୍ଠ ଓ କୈଳାସ ବୈକୁଣ୍ଠ ମିଶିଲେ ହେଲା ବାଇଶି । ବାଇଶି ପାହାଚରେ ଏମାନଙ୍କର ଅଧିଷ୍ଠାନ ।

ଅନ୍ୟକେତେକଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ଭାଗବତଙ୍କର ସ୍ୱରୂପ । ଭାଗବତ ଦ୍ୱାଦଶସ୍କନ୍ଧ, ତହିଁରେ ଦଶତତ୍ତ୍ୱ ଯଥା ବାସୁଦେବ, ନୃସିଂହ, ରାମକୃଷ୍ଣ, ଶ୍ରୀଦେବୀ, ଭୁଦେବୀ, ଗୋବିନ୍ଦ, ନାରାୟଣ ମଦନମୋହନ, ବିମଳା ଓ ଭୁବନେଶ୍ୱରୀ ମିଶିଲେ ବାଇଶି ହୁଏ । ଏଣୁ ଶ୍ରୀଜଗନ୍ନାଥଙ୍କୁ ପ୍ରାଣ ଦେଇ ଭଲ ପାଇବାକୁ ହେଲେ ବାଇଶି ପାହାଚର ସଂସ୍ପର୍ଶ ଦରକାର । ଦର୍ଶନ କରିବାର ସମସ୍ତ ବ୍ୟାକୁଳତାର ଆଂଶିକ ପରିତୃପ୍ତି ବାଇଶି ପାହାଚରେ ଘଟିଲେ ଶ୍ରୀ ଜଗନ୍ନାଥଙ୍କ କୃପା ଓ ପୂର୍ଣ୍ଣପ୍ରାଣ ଦର୍ଶନ ସମ୍ଭବପର ହୋଇଥାଏ ।

ଏତଦ୍‌ବ୍ୟତୀତ, ବାଇଶି ପାହାଚ ହେଉଛି ପଞ୍ଚମାତ୍ରା ପଞ୍ଚଭୂତ, ପଞ୍ଚବୀଜ, ପଞ୍ଚଦେବ ଏବଂ ଜୀବ ଓ ପରମ ନାମକ ଦୁଇ ଆତ୍ମାର ମିଳିତ ତନୁ । ଏହା ମଧ୍ୟ ବାଇଶିଟି ତୀର୍ଥ ଭୂମି ବାଇଶିଟି ତତ୍ତ୍ୱର ପ୍ରତୀକ ଓ ବାଇଶିଟି ଭାବର ସ୍ୱରୂପ । ସେହିପରି, ପଞ୍ଚରସ, ଅଷ୍ଟସାତ୍ତ୍ୱିକ ଭାବ, ତ୍ରିବୀଜ, ତ୍ରିଶକ୍ତି ଓ ତ୍ରିଗୁଣର ସମାହାର ଶ୍ରୀଜଗନ୍ନାଥଙ୍କ ବାଇଶି ପାହାଚ । ଅତଏବ, ଅତି ରହସ୍ୟମୟ ଏହାର ବିଭବ । ସମସ୍ତ ପାପ ରାଶି ସମୂଳେ ଏହାର ସ୍ପର୍ଶରେ ବିନିଷ୍ଟ ହୁଏ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ସୁଲଭ ଓ ସୁଗମ ହୋଇଥାଏ ।

କାଶୀ ବିଶ୍ୱ ନାଥ:— ବାଇଶି ପାହାଚ ଉପରେ ଦକ୍ଷିଣ ଭାଗରେ କାଶୀ ବିଶ୍ୱନାଥଙ୍କ ମନ୍ଦିର ଅବସ୍ଥିତ । ମନ୍ଦିରଟିର ଉଚ୍ଚତା ଖୁବ୍ ଅଳ୍ପ । ଏହା ଦେବ ଦେବ ମହାଦେବଙ୍କ ମନ୍ଦିର । ଶିବ ଲିଙ୍ଗ ମର୍ମର ପ୍ରସ୍ତରର । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ମଙ୍ଗଳମୟ ସଦାଶିବଙ୍କୁ ଦର୍ଶନ କରିବା ଅତ୍ୟନ୍ତ ତାତ୍ପାର୍ଯ୍ୟପୂର୍ଣ୍ଣ । ଗବେଷକ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ମତ ଅନୁଯାୟୀ ୧୬୧୧ ଖ୍ରୀଷ୍ଟାବ୍ଦରେ କାଶୀ ବିଶ୍ୱନାଥଙ୍କ ବାଇଶି ପାହାଚରେ ପୂଜାର ଆରମ୍ଭ ହୁଏ । ଚକ୍ରପାଣି ଖୁଣ୍ଟିଆ ନାମକ ଜନୈକ ସେବାୟତ ବନାରସ ଯାଇ ବିଶ୍ୱନାଥଙ୍କୁ ଦର୍ଶନ;କରିବାର ଅଭିଳାଷ ପୋଷଣ କରିଥିଲେ । ମାତ୍ର ଆର୍ଥିକ ତଥା ଶାରିରୀକ ଅକ୍ଷମତା ଯୋଗୁ ଏତେଦୂର ଯିବା ତାଙ୍କ ପକ୍ଷରେ ସମ୍ଭବପର ନହେବାରୁ ସେ ମହାପ୍ରଭୁ ଜଗନ୍ନାଥଙ୍କୁ ତାଙ୍କ ଅନ୍ତର ବେଦନା ଜଣାଇଥିଲେ । ଭକ୍ତ ବତ୍ସଳ ଶ୍ରୀଜଗନ୍ନାଥ ଭକ୍ତର ମନକାମନା ପୂରଣ କରିଥିଲେ । ପରଦିନ ପ୍ରାତଃ କାଳରେ ଦେଖିଲା ବେଳକୁ ବାଇଶି ପାହାଚ ଉପରେ ଏକ ଲିଙ୍ଗୋଦ୍ଭବ ମୂର୍ତ୍ତି ବିରାଜମାନ ହୋଇଛନ୍ତି । ଉପରେ ବେଲପତ୍ର ସବୁ ପଡ଼ିରହିଛି । ରାଜାଙ୍କୁ ସ୍ୱପ୍ନାଦେଶ ହୋଇଛି ଯେ ସିଂହଦ୍ୱାର ଭିତରକୁ ବାଇଶି ପାହାଚ ପାଖରେ କାଶୀ ବିଶ୍ୱନାଥ ବସିଛନ୍ତି । ତାଙ୍କର ସାଦର ଅଭ୍ୟର୍ଥନା କରାଯାଉ । ସେହି ଦିନଠାରୁ କାଶୀବିଶ୍ୱନାଥ ଶ୍ରୀକ୍ଷେତ୍ରର ଶ୍ରୀ ମନ୍ଦିର ମଧ୍ୟରେ ପୂଜା ପାଇ ଆସୁଅଛନ୍ତି ! ଜଗନ୍ନାଥ ଦର୍ଶନ କାମୀ ପ୍ରତ୍ୟେକ ବ୍ୟକ୍ତି ବିଶ୍ୱନାଥଙ୍କୁ ଦର୍ଶନ କରି ନିଜକୁ ଧନ୍ୟମନେ କରିଥାନ୍ତି । ଅନେକ ବିଶ୍ୱାସ, ଅନେକ ଆବେଗ ନେଇ ଭକ୍ତ ତାଙ୍କ ପାଖକୁ ଛୁଟି ଆସିଥାଏ । ମନ୍ଦିର ନିକଟରେ ବୃଷଭ ପଛପଟେ ଭକ୍ତ ସମାଜ ପ୍ରାର୍ଥନା କରୁଥାଏ ।

"ବିଶ୍ୱେଶ୍ୱରାୟ ନରକାର୍ଣବତାରଣାୟ।
ଭକ୍ତିପ୍ରଦାୟ ଭବରୋଗବିମୋଚନାୟ।।
ଗୌରୀପ୍ରିୟାୟ ବରଦାୟ ତ୍ରିଲୋଚନାୟ।
ସଂସାରଦୁଃଖ ହରଣାୟ ନମଃ ଶିବାୟ"।।

ଅର୍ଥାତ୍, ହେ ବିଶ୍ୱେଶ୍ୱର ! ତୁମେ ନରକ ସାଗରର ତ୍ରାଣକର୍ତ୍ତା। ତୁମେ ଭକ୍ତି ପ୍ରଦାୟକ ତଥା ଜନ୍ମ ବନ୍ଧନ ରୂପକ ରୋଗର ବିମୋଚକ। ତୁମେ ଗୌରୀପ୍ରିୟ, ବରଦ, ଓ ତ୍ରିଲୋଚନ, ସଂସାରର ଦୁଃଖ ହରଣ କରିବାକୁ ତୁମେ ହିଁ ସମର୍ଥ। ତୁମେ ଶିବ ବା ମଙ୍ଗଳମୟ। ତୁମକୁ କୋଟି କୋଟି ନମସ୍କାର।

ଭିତର ବେଢ଼ା:— ବାଇଶି ପାହାଚ ଅତିକ୍ରମ କରି ଏକ କାରୁକାର୍ଯ୍ୟପୂର୍ଣ୍ଣ ଦ୍ୱାର ଅତିକ୍ରମ କଲେ ଭିତର ବେଢ଼ାରେ ପ୍ରବେଶ କରିବାକୁ ହୋଇଥାଏ। ବେଢ଼ାର ନାମ କୂର୍ମବେଢ଼ା ବା ଭିତର ବେଢ଼ା। ବଡ଼ ଦେଉଳର ଗ୍ୱରି ପାଖକୁ ବେଢ଼ି ଯେଉଁ ପ୍ରାଚୀର ରହିଛି ତାର ନାମ କୂର୍ମ ପ୍ରାଚୀର। ୧୪୭୦ ଖ୍ରୀଷ୍ଟାବ୍ଦରେ ମହାରାଜା ପୁରୁଷୋତ୍ତମ ଦେବ କୂର୍ମବେଢ଼ା ତୋଳାଇଥିବା ଜଣାଯାଏ। କୂର୍ମ ପ୍ରାଚୀରର ୬ଟି ଦ୍ୱାର ଅଛି। ଅର୍ଥାତ୍, ଭିତର ବେଢ଼ାରୁ ବାହାର ବେଢ଼ାକୁ ଆସିବାକୁ ହେଲେ ଉକ୍ତ ୬ଟି ଦ୍ୱାର ମଧ୍ୟରୁ ଯେକୌଣସିଟିର ଆଶ୍ରୟ ନେବାକୁ ପଡ଼ିଥାଏ। ମେଘନାଦ ପାଚେରୀର ଗ୍ୱରିଦ୍ୱାର ଭଳି ପ୍ରାୟ ସିଧାରେ ଗ୍ୱରିଦ୍ୱାର ଅବସ୍ଥିତ। ପୂର୍ବକାନ୍ଥରେ ଐଶାନ୍ୟ କୋଣ ତରଫକୁ ଏକ ଦ୍ୱାର ଏବଂ ଆଗ୍ନେୟକୋଣ ଆଡ଼କୁ ଏକ ଦ୍ୱାର ଅବସ୍ଥିତ। ଐଶାନ୍ୟକୋଣ ଦ୍ୱାର ବାଟେ ଶ୍ରୀଜଗନ୍ନାଥ ସ୍ନାନ ବେଦୀକୁ ଏବଂ ରଥ ଉପରକୁ ପହଣ୍ଡିବିଜେ କରିଥାନ୍ତି। ଅନ୍ୟାନ୍ୟ ପର୍ବମାନଙ୍କରେ ମଧ୍ୟ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଏହି ଦ୍ୱାର ବାଟେ ବାହାର ବେଢ଼ାକୁ ଯାଆନ୍ତି। ଆଗ୍ନେୟକୋଣ ଦ୍ୱାର ବାଟେ ରୋଷଶାଳାକୁ ଯିବାକୁ ହୋଇଥାଏ। ମେଘନାଦ ପାଚେରୀ ଓ କୂର୍ମ ପାଚେରୀ ମଧ୍ୟରେ ଥିବା ସ୍ଥାନର ଦୂରତା ପ୍ରାୟ ୧୫୦ ଫୁଟ।

ଭିତର ବେଢ଼ା ବା କୂର୍ମ ବେଢ଼ା ମଧ୍ୟରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଅଧିଷ୍ଠିତ। ବଡ଼ ଫେଉଳଟି ଗ୍ୱରୋଟି ଦେଉଳରେ ବିଭକ୍ତ। ଯଥା:— ବିମାନ ବା ମୁଖ୍ୟ ମନ୍ଦିର, ମୁଖଶାଳା ବା ଜଗମୋହନ, ନାଟ୍ୟ ମନ୍ଦିର ଏବଂ ଭୋଗମଣ୍ଡପ। ବିମାନ ବା ମୁଖ୍ୟ ମନ୍ଦିର, ଯାହା ମଧ୍ୟରେ ରତ୍ନ ସିଂହାସନରେ ସପ୍ତ ବିଗ୍ରହ ବିଦ୍ୟମାନ, ତାହା ସତ୍ତ୍ୱଗୁଣ ବା ନିଷ୍କଳଙ୍କ ହୃଦୟକୁ ବୁଝାଇଥାଏ। ଜଗମୋହନ, ରଜଗୁଣ ବା ଶକ୍ତିର ଆଧାର ଅଟେ। ନାଟ୍ୟ ମନ୍ଦିର ଓ ଭୋଗ ମଣ୍ଡପ, ତମଗୁଣକୁ ବୁଝାଏ। ଭକ୍ତର ଏହି ତ୍ରିଗୁଣାତ୍ମକ ପ୍ରବୃତି ବା ଶରୀର ତତ୍ତ୍ୱ ନେଇ ମନ୍ଦିରର ଗଠନ ପ୍ରଣାଳୀ କରାଯାଇ ଥିବା ଅନୁମାନ କରାଯାଏ।

ଅଗ୍ନୀଶ୍ୱର ମହାଦେବ ବା ଶ୍ରୀ ଆଗ୍ନେୟେଶ୍ୱର :–

କୂର୍ମବେଢ଼ା ମଧ୍ୟରେ ପ୍ରବେଶ କରି ଦକ୍ଷିଣ ଦିଗକୁ ଯାତ୍ରା କଲେ ଆଗ୍ନେୟ କୋଣରେ ଆଗ୍ନେୟେଶ୍ୱର ମହାଦେବଙ୍କ ମନ୍ଦିର ଦୃଷ୍ଟିଗୋଚର ହୁଏ । ଶ୍ରୀ ମନ୍ଦିର ମଧ୍ୟରୁ ପାକଶାଳା

ପର୍ଯ୍ୟନ୍ତ ଯେଉଁ ରାସ୍ତା ପଡ଼ିଛି, ସେହି ରାସ୍ତା ପାର୍ଶ୍ୱରେ ଆଗ୍ନେୟେଶ୍ୱର ବିରାଜମାନ । ଏକ କ୍ଷୁଦ୍ର ମନ୍ଦିରର ଭୂମି ଭିତରେ ଶିବ ଲିଙ୍ଗ ବିରାଜମାନ । ପାକଶାଳାର ଅଗ୍ନି ଏ ମହାଦେବ ରକ୍ଷା କରୁଥିବାରୁ ଏହାଙ୍କ ନାମ ଅଗ୍ନୀଶ୍ୱର ବୋଲି କୁହାଯାଏ । ତା ଛଡ଼ା, ଆଗ୍ନେୟ କୋଣର, ଏ ମହାଦେବ ରକ୍ଷାକର୍ତ୍ତା ହୋଇଥିବାରୁ ଏହାଙ୍କୁ ଆଗ୍ନେୟେଶ୍ୱର ବୋଲି ମଧ୍ୟ କୁହାଯାଇଥାଏ। ଅଗ୍ନୀଶ୍ୱର ମହାଦେବଙ୍କୁ ପ୍ରଣିପାତ କଲାବେଳେ ବୋଲାଯାଏ,

''ଅଗ୍ନୀଶ୍ୱରଂ ମହାରୁଦ୍ରଂ ବିଷ୍ଣୁପାକବିଶୋଧକମ୍ ।
ମହାଜ୍ୱଳାମୟଂ ଶମ୍ଭୁଂ ନମାମି ଚନ୍ଦ୍ରଶେଖରମ୍ ।।''

ଅର୍ଥାତ୍ ହେ ଅଗ୍ନୀଶ୍ୱର ! ତୁମେ ରୁଦ୍ରମାନଙ୍କ ମଧ୍ୟରେ ମହାରୁଦ୍ର । ତୁମେ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ପାକର ବିଶୋଧକ । ତୁମେ ମହାଜ୍ୱାଳାମୟ ଶମ୍ଭୁ । ତୁମେ ଚନ୍ଦ୍ରଶେଖର । ତୁମକୁ ନମସ୍କାର ।

ସତ୍ୟନାରାୟଣଃ– ଅଗ୍ନୀଶ୍ୱର ମହାଦେବଙ୍କ ମନ୍ଦିର ପରେ ସତ୍ୟନାରାୟଣଙ୍କ ମନ୍ଦିର ଅବସ୍ଥିତ। ମନ୍ଦିରର ମୁହଁ ଉତ୍ତର ଦିଗକୁ । ଉକ୍ତ ମନ୍ଦିରରେ ମୁଗୁନି ପଥରର ସତ୍ୟନାରାୟଣ ମୂର୍ତ୍ତି ବିରାଜମାନ । ଏହା ଏକ ମନମୁଗ୍ଧକର କମନୀୟ ମୂର୍ତ୍ତି । ଏହା ଚତୁର୍ଭୁଜ ଜନାର୍ଦ୍ଦନଙ୍କ ମୂର୍ତ୍ତି । ପୀଠକୁ ମିଶାଇଲେ ମୂର୍ତ୍ତିଟିର ଉଚ୍ଚତା ପ୍ରାୟ ୫ ଫୁଟ । ସତ୍ୟନାରାୟଣଙ୍କ ଉପର ଡାହାଣ ହାତରେ ଚକ୍ର, ଉପର ବାଁ ହାତରେ ଶଙ୍ଖ, ତଳ ଡାହାଣ ହାତରେ ଅଭୟମୁଦ୍ରା ଏବଂ ତଳ ବାଁ ହାତରେ ଗଦା ଶୋଭାପାଏ । ପ୍ରଭୁଙ୍କ କର୍ଣ୍ଣରେ କୁଣ୍ଡଳ, ଗଳାରେ ହାର, ଏବଂ ପ୍ରତ୍ୟେକ ହାତରେ ଦୁଇଟା ଯୋଡ଼ା ହୋଇଥିବା ଖଡୁ ଶୋଭା ପାଇଥାଏ । ସତ୍ୟନାରାୟଣଙ୍କ ଦୁଇ ଦିଗରେ ଅଛନ୍ତି ଜୟା ଓ ବିଜୟା । ଗରୁଡ଼ ନତଜାନୁ ଅବସ୍ଥାରେ ପାଦତଳେ ବିରାଜମାନ । ଉପରେ ଅପ୍ସରା କିନ୍ନରୀଙ୍କ ଚିତ୍ର । ସ୍ନାନ ପୂର୍ଣ୍ଣିମା ଦିନ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଓ ଶ୍ରୀ ସୁଦର୍ଶନଙ୍କ ସ୍ନାନ ଉଦ୍ଦେଶ୍ୟରେ ସୁନା କୂଅରୁ ଆସିଥିବା ଜଳ, ସତ୍ୟନାରାୟଣଙ୍କ ମନ୍ଦିରରେ ହାଣ୍ଡି ଓ କୁଡୁଆରେ ରହେ । ପ୍ରତ୍ୟହ, ଏଠାରେ ଶ୍ରୀ ଜୀଉମାନଙ୍କ ଚନ୍ଦନ ଲାଗି ସମୟରେ ଅଳକା ଥୁଆହୁଏ ଏବଂ ଏଠାରେ ମଧ୍ୟ ଭକ୍ତମାନେ ଶ୍ରୀଜୀଉଙ୍କ ପାଇଁ ପୁଲ ଗୁଛନ୍ତି । ଛୋଟ ଛୋଟ ପିଲାମାନଙ୍କର ଜନ୍ମଦିନ ଉତ୍ସବ ମାନଙ୍କରେ କରାହେଉଥିବା ସିକିରିଣି ସତ୍ୟନାରାୟଣଙ୍କୁ ଭୋଗ କରାଯାଏ । ସତ୍ୟନାରାୟଣଙ୍କ ନିକଟରେ ଭକ୍ତ ବିନମ୍ର ପ୍ରାର୍ଥନା କଲାବେଳେ ବୋଲିଥାଏ ଯେ,

''ଶୁକ୍ଳାମ୍ବରଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ ଚତୁର୍ଭୁର୍ଜମ୍ ।
ପ୍ରସନ୍ନବଦନଂ ଧ୍ୟାୟେତ୍ ସର୍ବବିଘ୍ନୋପଶାନ୍ତୟେ ।।''

ଅର୍ଥାତ୍, ହେ ସତ୍ୟନାରାୟଣ ! ତୁମେ ଶୁଭ୍ରବସନଧାରୀ ବିଶ୍ୱବ୍ୟାପକ ବିଷ୍ଣୁ । ତୁମେ ଶଶିପ୍ରଭା ଏବଂ ଚତୁର୍ଭୁଜ । ତୁମେ ସଦା ପ୍ରସନ୍ନ ବଦନ । ସମସ୍ତ ପ୍ରକାର ବିଘ୍ନ ଶାନ୍ତିପାଇଁ ମୁଁ ତୁମକୁ ଧ୍ୟାନ କରୁଅଛି ।

ହରିସହଦେବ:– ବଟବୃକ୍ଷର ପୂର୍ବ ଦିଗକୁ ହରିସହଦେବଙ୍କ ମନ୍ଦିର ଅବସ୍ଥିତ । ଏକ ଛୋଟ ମନ୍ଦିର ମଧ୍ୟରେ ଏକ ପୁଟ ଉଚ୍ଚତା ବିଶିଷ୍ଟ ଶିବ ଲିଙ୍ଗ ବିରାଜମାନ । ଲିଙ୍ଗର ପରିଧି ମଧ୍ୟ ଛୋଟ । ଲିଙ୍ଗର ସମ୍ମୁଖରେ ଏକ ମନୋହର ଠାଣିରେ ବୃଷଭ ବିଦ୍ୟମାନ । ଜଗନ୍ନାଥ ଦର୍ଶନକାମୀ ପ୍ରାୟ ପ୍ରତ୍ୟେକ ଭକ୍ତ ହରିସହଦେବଙ୍କୁ ଦର୍ଶନ କରୁଥିବା ଦୃଷ୍ଟିଗୋଚର ହୁଏ । ହରି ସହଦେବ ଜଗନ୍ନାଥଙ୍କ ଗୋଧନର ମାଲିକ । ହରି ସହଦେବଙ୍କୁ ଦର୍ଶନ କଲାବେଳେ କୁହାଯାଏ ଯେ,

''ଶିବଂ ଗାଭୀପ୍ରିୟଂ ବନ୍ଦେ ଗୋରକ୍ଷିଣଂ ପୁନଃ ପୁନଃ ।
ଗୋ-ସଂପଦାଂ ପ୍ରଦଂଶମ୍ଭୁଂ ତ୍ରିଲୋଚନଂ ଭଜାମ୍ୟହମ୍ ।।''

ଅର୍ଥାତ୍, ହେ ତ୍ରିଲୋଚନ ! ତୁମେ ଧେନୁପ୍ରିୟ ଏବଂଗୋସମ୍ପଦର ରକ୍ଷାକର୍ତ୍ତା । ତୁମେ ଗୋ ସମ୍ପଦ ପ୍ରଦାୟକ । ତୁମେ ମଙ୍ଗଳଦାତା ଶମ୍ଭୁ । ତୁମକୁ ମୁଁ ଭଜନ କରୁଅଛି ।

କଳ୍ପବଟ:– ଶ୍ରୀ ମନ୍ଦିର ମଧ୍ୟରେ ଥିବା ପ୍ରାଚୀନତମ ଅନୁଷ୍ଠାନମାନଙ୍କ ମଧ୍ୟରୁ କଳ୍ପବଟ ଅନ୍ୟତମ । ପ୍ରଳୟ ସମୟରେ ମଧ୍ୟ ଏହା ଜଳମଗ୍ନ ହୋଇ ନଥିଲା । ଏହି କଳ୍ପବଟଠାରେ ପ୍ରଳୟ ଜଳରେ ଜନାର୍ଦ୍ଦନ ଏକ ବଟପତ୍ର ଉପରେ ଶୟନ କରି ଭାସୁଥିବା ବିଷୟ ପ୍ରାୟ ସର୍ବଜନ ବିଦିତ । କବିଙ୍କ ଭାଷାରେ,

''କରାରବିନ୍ଦେନ ପଦାରବିନ୍ଦଂ ମୁଖାରବିନ୍ଦେ ନିବେଶୟନ୍ତମ୍ ।
ବଟସ୍ୟ ପତ୍ରସ୍ୟ ପୁଟେ ଶୟାନଂ ବାଳଂ ମୁକୁନ୍ଦଂ ମନସାସ୍ମରାମି ।।''

ଅର୍ଥାତ୍, ପ୍ରଳୟ ସମୟରେ ପ୍ରଭୁ ବାଳମୁକୁନ୍ଦ ତାଙ୍କ ପାଦପଦ୍ମକୁ ହସ୍ତପଦ୍ମରେ ଧରି ମୁଖପଦ୍ମ ମଧ୍ୟରେ ପ୍ରବେଶ କରାଇଥିଲେ । ଏକ ବଟପତ୍ର ଉପରେ ଶୟନ କରିଥିବା ସେହି ପ୍ରଭୁଙ୍କୁ ମୁଁ ମନେ ମନେ ସ୍ମରଣ କରୁଅଛି । ପ୍ରଳୟ ସମୟରେ ମାର୍କଣ୍ଡେୟ ମୁନି କେଉଁ ଠାରେ ଆଶ୍ରୟ ନପାଇ ଏହି ବଟବୃକ୍ଷ ମୂଳରେ ଜନାର୍ଦ୍ଦନଙ୍କ ନିର୍ଦ୍ଦେଶମତେ ତାଙ୍କ ଉଦର ମଧ୍ୟରେ ପ୍ରବେଶ କରି ଆଶ୍ରୟ ଲାଭ କରିଥିଲେ । ଉକ୍ତ କଳ୍ପବଟ ଉପରୁ ଏକ କାକ ରୋହିଣୀକୁଣ୍ଡ ମଧ୍ୟକୁ ଖସି ପଡ଼ିବାରୁ ଚତୁର୍ଭୁଜ ହୋଇଥିବା ଜଣାଯାଏ । କଳ୍ପବଟ କାଳେ କାଳେ ବିଷ୍ଣୁଙ୍କର ଆଳୟ ଅଟେ । ପ୍ରତିଯୁଗର ଅନ୍ତିମ ସମୟରେ ସ୍ୱୟଂ ନାରାୟଣ ବଟ ପତ୍ର ଉପରେ ଶୟନ କରନ୍ତି । କଳ୍ପବଟ, ଶ୍ରୀକ୍ଷେତ୍ର ବା ଶଙ୍ଖକ୍ଷେତ୍ରର ନାଭିଦେଶରେ ଅବସ୍ଥିତ । ଏହାକୁ ଅକ୍ଷୟବଟ, ବାଞ୍ଛାବଟ, ବଂଶୀବଟ ଏବଂ ଦେବନାଶନ ବଟ ବୋଲି ମଧ୍ୟ କୁହାଯାଇଥାଏ । ସମସ୍ତ ମନକାମନା ଏହିଠାରେ

ପୂର୍ଣ୍ଣ ହୁଏ ବୋଲି ଭକ୍ତମାନଙ୍କର ଗଭୀର ବିଶ୍ୱାସ ରହିଥାଏ । ଉକ୍ତ ବଟବୃକ୍ଷର ଛାୟା ସୁଶୀତଳ, ପରିବେଶ ଗମ୍ଭୀର ଓ ସୁଖଦାୟକ, ଭଗବତ୍ ଚିନ୍ତା, ଗୁଣଗାନ ଓ ଶ୍ରବଣ ପାଇଁ ଏହାର ତଳ ପ୍ରକୃଷ୍ଟ ସ୍ଥାନ ବୋଲି ବିବେଚିତ ହୋଇଥାଏ । ବୈଷ୍ଣବମାନଙ୍କ ମତରେ କଳ୍ପବଟ ହେଉଛି ବ୍ରହ୍ମାଣ୍ଡର ସ୍ୱର୍ଗଦ୍ୱାର ଓ ଯୋଗୀମାନଙ୍କ ମତରେ ଏହା ଶରୀରର ତାଳୁ । ସାରଳା ଦାସଙ୍କ ରଚିତ ମହାଭାରତରେ କଳ୍ପବଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ମହାଭାରତର ଆଦିପର୍ବ ଓ ଉଦ୍‌ଯୋଗ ପର୍ବରେ ବର୍ଣ୍ଣନା କରାଯାଇଛି ଯେ ଉକ୍ତ ବଟ ବୃକ୍ଷର ଖମ୍ଭ ବା ଖୁଣ୍ଟ ମହାଭାରତ ଯୁଦ୍ଧରେ ଅନେକଙ୍କର ପ୍ରାଣନାଶ ଘଟାଇଥିବାରୁ, ଏହାକୁ ଦେବନାଶନ ବୃକ୍ଷ ବୋଲି କୁହାଯାଇଥାଏ । କଳ୍ପବଟ ମୂଳରେ ଦେବତାମାନଙ୍କର ମଧ୍ୟ ମୃତ୍ୟୁ ଘଟିଥାଏ । ଭକ୍ତମାନେ, ନିଷ୍କପଟ ହୃଦୟରେ ଏହିଠାରେ ଗାୟତ୍ରୀ ମନ୍ତ୍ର ଜପକଲେ ମୁକ୍ତିଲାଭ ମିଳେ ବୋଲି ମଧ୍ୟ ବିଶ୍ୱାସ କରାଯାଏ । କେବଳ ନିଷ୍କପଟ ଯୋଗୀମନେ ହିଁ, ଏହି ଆଜ୍ଞାଚକ୍ର ବା କଳ୍ପବଟକୁ ଭେଦ କରି ବିଷ୍ଣୁଙ୍କର ରତ୍ନସିଂହାସନସ୍ଥ ''କାଉଁରୀପାଟଣା''ରେ ଶ୍ରୀ ଜଗନ୍ନାଥଙ୍କ ନିକଟକୁ ବା ବ୍ରହ୍ମରନ୍ଧ୍ରକୁ ଯାଇପାରିବେ ବୋଲି ଈଶ୍ୱର ଦାସଙ୍କ ଶ୍ରୀ ଚୈତନ୍ୟ ଭାଗବତରେ ବର୍ଣ୍ଣନା କରାଯାଇଅଛି । କବି ବଳରାମ ଦାସଙ୍କ 'ସାରଗୁପ୍ତ ଗୀତା', କବି ଜଗନ୍ନାଥ ଦାସଙ୍କ 'ତୁଳାଭିଣା', ଯଶୋବନ୍ତ ଦାସଙ୍କ ପ୍ରେମ ଭକ୍ତି ବ୍ରହ୍ମଗୀତା, ଅଚ୍ୟୁତାନନ୍ଦ ଦାସଙ୍କ ଅଷ୍ଟଗୁଣ୍ଡରୀ ଓ ଈଶ୍ୱର ଦାସଙ୍କ ଶ୍ରୀ ଚୈତନ୍ୟ ଭାଗବତରେ କଳ୍ପବଟର ମହିମା ବିଶଦ ବର୍ଣ୍ଣନା କରାଯାଇଅଛି । ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ କଳ୍ପବଟ ଏକ ବିରାଟ ଅନୁଷ୍ଠାନ ଯାହାକି କାଳେ କାଳେ ବିରାଜମାନ । କଳ୍ପବଟ ମୂଳରେ ଭକ୍ତ ସମାଜ ଗାନ କରିଥାନ୍ତି ଯେ,

''କଳ୍ପବୃକ୍ଷ ! ନମସ୍ତୁଭ୍ୟଂ ନ୍ୟଗ୍ରୋଧ ! ପୁଣ୍ୟଦାୟକ ।
ସର୍ବକାମପ୍ରଦ ! ସାକ୍ଷାନ୍ ମହାପ୍ରଳୟସାକ୍ଷିଣେ ।।
ମୂଳେ ବ୍ରହ୍ମସ୍ୱରୂପଂ ଚ ମଧ୍ୟେ ରୁଦ୍ରସ୍ୱରୂପିଣମ୍ ।
ବଟମୂଳେ ପ୍ରକାଶଂ ତଂ ଦୃଷ୍ଟ୍ୱା ଜନ୍ତୁ-ର୍ବିମୁଚ୍ୟତେ ।।''

ଅର୍ଥାତ୍, ହେ କଳ୍ପବୃକ୍ଷ ! ତୁମେ ନ୍ୟଗ୍ରୋଧ, ପୁଣ୍ୟଦାୟକ ଓ ମହାପ୍ରଳୟର ସାକ୍ଷୀ । ତୁମେ ସମସ୍ତ କାମନା ପୂର୍ଣ୍ଣ କରିଥାଅ । ତୁମ ମୂଳରେ ସ୍ୱୟଂ ବ୍ରହ୍ମା ଏବଂ ତୁମ ମଧ୍ୟରେ ରୁଦ୍ର ବିରାଜମାନ । ତୁମଠାରେ ବାଳମୁକୁନ୍ଦଙ୍କୁ ଦର୍ଶନ କରି ପ୍ରାଣୀ ମୁକ୍ତି ଲାଭ କରେ । ମୁଁ ତୁମକୁ ପ୍ରଣାମ କରୁଅଛି ।

ମାର୍କଣ୍ଡେୟ ପାଦୁକାଃ– କଳ୍ପବଟ ତଳେ ମାର୍କଣ୍ଡେୟ ମୁନିଙ୍କ ପାଦଯୁଗଳର ଚିହ୍ନ ଏକ କ୍ଷୁଦ୍ର ମନ୍ଦିର ମଧ୍ୟରେ ସଂରକ୍ଷିତ କରାଯାଇଅଛି । ମାର୍କଣ୍ଡେୟ ମହାମୁନି ପ୍ରଳୟ ଜଳରେ ଭାସିଆସି ଜଗତ୍‌ବନ୍ଦ୍ୟ ବିଷ୍ଣୁଙ୍କ ଶରଣାପନ୍ନ ହୋଇଥିଲେ । ଭକ୍ତ ବତ୍ସଳ ଜନାର୍ଦ୍ଦନ ତାଙ୍କୁ ସ୍ୱ ଉଦର ମଧ୍ୟରେ ସ୍ଥାନ ଦେଇଥିଲେ ବୋଲି ପୁରାଣରୁ ସୂଚନା ମିଳେ । ମାର୍କଣ୍ଡେୟ ପାଦୁକା ଦର୍ଶନ କଲାବେଳେ ସ୍ତୁତି କରାଯାଇଥାଏ ଯେ,

"ମାର୍କଣ୍ଡେୟ ! ନମସ୍ତେଽସ୍ତୁ ମହାପ୍ରଳୟସାକ୍ଷିଣେ ।
ଅନୁଜ୍ଞାଂ ଦେହି ବିପ୍ରାନ୍ଧତମୋନାଶାୟ ବୈ ନମଃ ।।"

ଅର୍ଥାତ୍, ହେ ମାର୍କଣ୍ଡେୟ ! ତୁମେ ମହାପ୍ରଳୟର ସାକ୍ଷି ଏବଂ ମହା ଅଜ୍ଞାନର ବିନାଶପାଇଁ ସତତ ଯତ୍ନଶୀଳ । ମୋତେ ଆପଣ ଆଦେଶ ପ୍ରଦାନ କରନ୍ତୁ ।

ବଟକୃଷ୍ଣ :– କଳ୍ପବଟ ମୂଳରେ ଏକ କ୍ଷୁଦ୍ରମନ୍ଦିର ମଧ୍ୟରେ ବଟକୃଷ୍ଣ ବା ବାଳମୁକୁନ୍ଦ ବିରାଜମାନ । ମନ୍ଦିରଟିର ମୁଖ ପୂର୍ବଦିଗକୁ । ମନ୍ଦିର ସମ୍ମୁଖକୁ ମୁଖଶାଳା ସଦୃଶ ଏକ କୋଠରୀ ନିର୍ମିତ ହୋଇଅଛି । ବଟକୃଷ୍ଣଙ୍କ ମୂର୍ତ୍ତିର ଲମ୍ବ ପ୍ରାୟ ୧ ଫୁଟ ହେବ ଏବଂ ଏହା କଳା ପଥରର ମୂର୍ତ୍ତି । ବଟକୃଷ୍ଣ ଦକ୍ଷିଣ ଦିଗକୁ ମୁଣ୍ଡ କରି ଚିତ୍ ହୋଇ ବଟ ପତ୍ର ଆକାରର ଏକ ପଥର ଉପରେ ଶୟନ କରିଥିବା ଦୃଷ୍ଟି ଗୋଚର ହୁଏ । ଉକ୍ତ ପଥରକୁ ବଟପତ୍ର ଭଳି ଜ୍ଞାନ କରାଯାଏ । ବଟକୃଷ୍ଣଙ୍କ ମୁହଁ ଉପରେ ପିଲାମାନଙ୍କ ଖେଳିବାପାଇଁ ଉଦିଷ୍ଟ ଚୁଡୁମା ଇତ୍ୟାଦି ଝୁଲା ଯାଇଥାଏ । ଜନ୍ମାଷ୍ଟମୀ ଦିନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବରେ ଏବଂ ତା ପରଦିନ ନନ୍ଦୋତ୍ସବରେ ହଜାର ହଜାର ଭକ୍ତ ଏହି ସ୍ଥାନରେ ବଟକୃଷ୍ଣଙ୍କୁ ଦର୍ଶନ କରନ୍ତି । ବଟକୃଷ୍ଣଙ୍କ ଉଦ୍ଦେଶ୍ୟରେ ଲିଖିତ ପ୍ରାର୍ଥନା ହେଲା,

"କରାରବିନ୍ଦେନ ପଦାର-ବିନ୍ଦଂ
ମୁଖାରବିନ୍ଦେ ନିବେଶୟନ୍ତମ୍ ।
ବଟସ୍ୟ ପତ୍ରସ୍ୟ ପୁଟେ ଶୟାନଂ
ବାଳମୁକୁନ୍ଦଂ ମନସା ସ୍ମରାମି ।।"

ଅର୍ଥାତ୍, ବାଳମୁକୁନ୍ଦ ବା ବଟକୃଷ୍ଣ ତାଙ୍କର ହସ୍ତପଦ୍ମରେ ପାଦପଦ୍ମକୁ ଧରି ମୁଖପଦ୍ମ ମଧ୍ୟରେ ପ୍ରବେଶ କରାଇଅଛନ୍ତି । ଏକ ବଟପତ୍ର ଉପରେ ଶୟନ କରିଥିବା ବାଳକୁକୁନ୍ଦଙ୍କୁ ମୁଁ ମନରେ ସ୍ମରଣ କରୁଅଛି ।

ବାଟଗଣେଶ :– କଳ୍ପବଟ ମୂଳରେ ଦକ୍ଷିଣ ଦିଗକୁ ମୁଖ କରି ବଟଗଣେଶଙ୍କର ମନ୍ଦିର । ସମ୍ମୁଖରେ ଜଗମୋହନ ଏବଂ ଜଗମୋହନ ତଳକୁ ଏକ ପୀଠ ଉପରେ ମୂଷିକ ବିରାଜମାନ । ଗଣେଶ ସିଦ୍ଧିଦାତା ତଥା ବିଦ୍ୟାଦାତା ହୋଇଥିବାରୁ ପ୍ରତ୍ୟେକ ଶ୍ରେଣୀର ବ୍ୟକ୍ତି ବ ଟଗଣେଶଙ୍କୁ ପୂଜା ଅର୍ଚ୍ଚନା କରିଥାନ୍ତି । ଗଣେଶ ମୋଦକ ଧରିଥିବା ଲକ୍ଷ୍ୟ କରାଯାଏ । କଳ୍ପବଟର ନିମ୍ନଭାଗରେ ଥିବାରୁ ସେ କାମଧେନୁ ସଦୃଶ, ତେଣୁ ସମସ୍ତ କାମନା ପୂରଣ କରିବାର ସେ ଅଧିକାରୀ । ବଟଗଣେଶ ବା କଳ୍ପ ଗଣପତିଙ୍କୁ ଧ୍ୟାନ କଲାବେଳେ ଭକ୍ତ ଗାନ କରିଥାଏ ଯେ,

'କଳ୍ପଦ୍ରୁମାଧଃ ସ୍ଥିତକାମଧେନୁମ୍ ।
ଚିନ୍ତାମଣିଂ ମୋଦକନ୍ୟସ୍ତ ଶୁଣ୍ଡମ୍ ।।
ପର୍ଶ୍ୱର୍ଷମାଳାଦଶନଂ ଦଧାନମ୍ ।
ନମାମି ସିଦ୍ଧିପ୍ରଦକାମଦଂତମ୍ ।।"

ଅର୍ଥାତ୍, ହେ ଗଣନାଥ ! ତୁମେ କଳ୍ପବଟର ନିମ୍ନଭାଗରେ ଅବସ୍ଥିତ ହୋଇ କାମଧେନୁ ସଦୃଶ ସମସ୍ତ କାମନାର ପୂରକ । ତୁମେ ହିଁ ଚିନ୍ତାମଣି । ତୁମ୍ଭ ଶୁଣ୍ଢରେ ମୋଦକ ବା ଲଡୁ ବିଦ୍ୟମାନ। ତୁମେ ଦାନ୍ତରେ ଅକ୍ଷମାଳା ବହନ କରିଅଛ । ତୁମେ ସିଦ୍ଧିଦାତା ତଥା ସମସ୍ତ କାମନାର ପ୍ରଦାତା । ତୁମ୍ଭଙ୍କୁ ମୁଁ ନମସ୍କାର କରୁଅଛି ।

ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ବାସରେ ଏହି ପୀଠ ଠାରେ ବିନାୟକ ଚତୁର୍ଥୀ-ମହାବ୍ରତ ଅନୁଷ୍ଠିତ ହୁଏ । ବିଦ୍ୟା, ସିଦ୍ଧି ତଥା ଧନ ପ୍ରାପ୍ତି ଉଦ୍ଦେଶ୍ୟରେ ଗଣପତି ପୂଜା କରାଯାଇଥାଏ । ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ତଥା ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ଉକ୍ତ ଦିନ ଗଣପତି ପୂଜା ଅର୍ଚ୍ଚନା କରିଥାନ୍ତି ।

ବଟବିହାରୀ ଜଗନ୍ନାଥ ବା ବଟ ଅବକାଶଃ– ବଟ ଗଣେଶଙ୍କ ଦକ୍ଷିଣକୁ କୂର୍ମବେଢ଼ା ପ୍ରାଚୀରକୁ ଲାଗି ଉତ୍ତରମୁହାଁ ହୋଇ ବଟବିହାରୀ ଜଗନ୍ନାଥ ମନ୍ଦିର । ପାଞ୍ଚଫୁଟ ଉଚ୍ଚତା ବିଶିଷ୍ଟ ଜଗନ୍ନାଥ ମୂର୍ତ୍ତି ଏହି ମନ୍ଦିରରେ ବିରାଜମାନ । ଜଗନ୍ନାଥଙ୍କ ବାମଭାଗକୁ ଲକ୍ଷ୍ମୀଙ୍କର ଏକ ମୂର୍ତ୍ତି ଅଛି । ସିଂହାସନ ପାଖକୁ ଏକ ପଥର କୁଣ୍ଡ ରଖାଯାଇଛି । ଏଥିରେ ଶ୍ରୀ ମନ୍ଦିରର ଚତୁର୍ଦ୍ଧାମୂର୍ତ୍ତିଙ୍କର ଲୁଗା ସଫା କରାହୁଏ । ବଟବିହାରୀ ଜଗନ୍ନାଥ ମନ୍ଦିରର ବାରଣ୍ଡାରେ ପଶ୍ଚିମ କୋଣକୁ ଏକ ପଥର କୁଣ୍ଡରେ ସବୁବେଳେ ପାଣି ରଖାଯାଇଥାଏ । ଛତିଶା ନିଯୋଗର ସେବାୟତମାନେ ଏହି କୁଣ୍ଡର ପାଣିରେ ଗୋଡ଼ହାତ ଧୋଇ ଜଗନ୍ନାଥଙ୍କ ସେବା କରିବା ନିମନ୍ତେ ବଡ଼ଦେଉଳକୁ ଯାଇଥାନ୍ତି । ଏହି ମନ୍ଦିରରେ ମଧ୍ୟ ଶ୍ରୀ ଜଗନ୍ନାଥଙ୍କ ପୁରାଣ ପାଠ ହୁଏ । ବଟ ଅବକାଶଙ୍କୁ ଭକ୍ତଗଣ ସ୍ପର୍ଶ କରିବାର ସୁଯୋଗ ପାଇଥାନ୍ତି ।

ସର୍ବମଙ୍ଗଳା ବା ବଟମଙ୍ଗଳାଃ– କଳ୍ପବଟ ମୂଳରେ ସର୍ବମଙ୍ଗଳା ବା ବଟମଙ୍ଗଳା ମନ୍ଦିର ବିଦ୍ୟମାନ । ଉକ୍ତ ମନ୍ଦିରରେ ଜଗଜ୍ଜନନୀ ସର୍ବମଙ୍ଗଳା ଅଧିଷ୍ଠିତା । ଶ୍ରୀ କ୍ଷେତ୍ରର ଅନ୍ତର୍ବେଦୀ ରହ ସିଂହାସନର ସୁରକ୍ଷା ପାଇଁ ଯୋଗମାୟା ବିମଳା, ଜଗଜ୍ଜନନୀ ସର୍ବମଙ୍ଗଳା ଓ ଅର୍ଦ୍ଧାଶନୀ ପ୍ରଭୃତି ଦେବୀଗଣ ବିରାଜିତା । ବଟବୃକ୍ଷ ନିକଟସ୍ଥ ମଙ୍ଗଳାଙ୍କୁ ପ୍ରାର୍ଥନା କଲେ ସମସ୍ତ କାମନା ପୂରଣ ହୁଏ ବୋଲି ପ୍ରାୟ ସମସ୍ତଙ୍କର ଗଭୀର ବିଶ୍ୱାସ । ସେଥିପାଇଁ ଏହି କ୍ଷୁଦ୍ର ମନ୍ଦିର ପରିସର ମଧ୍ୟରେ ଦିବାରାତ୍ରୀ ଅସମ୍ଭବ ଧରଣର ଜନସମାଗମ ହୋଇଥାଏ । ଦେବୀ ଯାତ୍ରା ସମୟରେ ଷୋଳ ପୂଜା ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ସର୍ବମଙ୍ଗଳାଙ୍କର ବିଭିନ୍ନ ବେଶ ହୋଇଥାଏ । ମନ୍ଦିର ମଧ୍ୟରେ ଦଶମହାବିଦ୍ୟାଙ୍କର ପ୍ରତିମୂର୍ତ୍ତି ଦୃଷ୍ଟିଗୋଚର ହୁଏ। ପରଂବ୍ରହ୍ମ ବିଷ୍ଣୁଙ୍କର ଦଶ ଅବତାର ପରି ଜଗଜ୍ଜନନୀ ମଙ୍ଗଳା ବା ଯୋଗମାୟାଙ୍କର ଦଶ ଅବତାର ହୋଇଥାଏ । ନିମ୍ନୋକ୍ତ ଶ୍ଲୋକ ଦଶ ମହାବିଦ୍ୟାର ସୂଚନା ଦିଏ । ଯଥାଃ–

> ''କୃଷ୍ଣସ୍ତୁ କାଳିକାଦେବୀ ଶ୍ରୀରାମ ତାରିଣୀ ତଥା ।
> ଭାର୍ଗବ ଷୋଡଶୀ ବିଦ୍ୟା ବାମନୋ ଭୁବନେଶ୍ୱରୀ ।।

ମତ୍ସ୍ୟସ୍ଥୁ ବଗଳାଦେବୀ ବରାହୋଚ୍ଛିନ୍ନମସ୍ତକା
ଧ୍ୱମାବତୀ କୁର୍ମରୂପା ନୃସିଂହୋ ଭୈରବୀସ୍ୱୟମ୍ ।।
ବୁଦ୍ଧରୂପା ମହାଲକ୍ଷ୍ମୀ ମାତଙ୍ଗୀ କଲ୍‌କୀରୂପିଣୀ ।
ଏତେ ଦଶମହାବିଦ୍ୟାଃ ଅବତାରାଃ ହରେର୍ଦ୍ଦଶଃ ।।''

ଦଶମହାବିଦ୍ୟା ହେଲେ କାଳିକା, ତାରିଣୀ, ଷୋଡଶୀ ବିଦ୍ୟା, ଭୁବନେଶ୍ୱରୀ, ବଗଳାଦେବୀ, ଛିନ୍ନ ମସ୍ତକା, ଧୂମାବତୀ, ଭୈରବୀ, ମହାଲକ୍ଷ୍ମୀ, ଏବଂ ମାତଙ୍ଗୀ । ବିଭିନ୍ନ ସମୟରେ ଉପରୋକ୍ତ ରୂପରେ ମା ଯୋଗମାୟା ବିଭିନ୍ନ ଉଦ୍ଦେଶ୍ୟସାଧନ କରିବାପାଇଁ ଅବତାର ଗ୍ରହଣ କରିଥାନ୍ତି ।।

ସର୍ବ ମଙ୍ଗଳାଙ୍କ ମନ୍ଦିର ଓ ମୁଖଶାଳା ପରେ ବାହାରକୁ ଏକ ସ୍ତମ୍ଭ ସଂଲଗ୍ନ ହୋଇ ପଥର ନିର୍ମିତ ଏକ କ୍ଷୁଦ୍ର ସିଂହ ମୂର୍ତ୍ତି ବିରାଜମାନ ଏବଂ ମନ୍ଦିରର ବାହାର ଉତ୍ତର କାନ୍ଥରେ ସଙ୍କଟତାରିଣୀଙ୍କର ଏକ ଅତିକ୍ଷୁଦ୍ର ମୂର୍ତ୍ତି ମଧ୍ୟ ଦୃଷ୍ଟିଗୋଚର ହୁଏ । ସର୍ବମଙ୍ଗଳାଙ୍କ ଉଦ୍ଦେଶ୍ୟରେ ଲିଖିତ ଧ୍ୟାନ ହେଲା,

''ଶୁଭାନନାଂ ରକ୍ତସୁଗ୍ରୁହାସ୍ୟାଂ ।
ନେତ୍ରୈସ୍ତ୍ରିଭିଃ ଶୋଭିତମଙ୍ଗଳାସ୍ୟାମ୍ ।।
ବରାଭୟାଂ ଶୂଳଗଦାଧରାଂ ଚ ।
ନ୍ୟଗ୍ରୋଧଲଗ୍ନାବସତିଂ ଭଜେଽହମ୍ ।।''

ଅର୍ଥାତ୍, ହେ ସର୍ବମଙ୍ଗଳା ! ତୁମ୍ଭ ମୁଖପଦ୍ମକୁ ଦର୍ଶନ କଲେ ସର୍ବଶୁଭ ହୋଇଥାଏ । ତୁମ୍ଭର ଲୋହିତ ମୁଖ ଶ୍ରୀରେ ହାସ୍ୟଭାବ ଗୁରୁତା ଆଣିଦିଏ । ତ୍ରିନେତ୍ରରେ ମଣ୍ଡିତ ତୁମ ମୁଖାରବିନ୍ଦ ମଙ୍ଗଳ ପ୍ରଦାୟକ ଅଟେ । ତୁମେ ଅଭୟବର ପ୍ରଦାନ କରିଥାଅ । ଶୂଳ ଓ ଗଦା ତୁମ୍ଭର ଆୟୁଧ । କଳ୍ପବୃକ୍ଷ ସଂଲଗ୍ନରେ ତୁମର ନିବାସ । ହେ ମା ! ମୁଁ ତୁମକୁ ଭଜନ କରୁଅଛି ।

ସର୍ବ ମଙ୍ଗଳାଙ୍କ ସମ୍ମୁଖରେ ଏବଂ ମାର୍କଣ୍ଡେୟଙ୍କ ଉଭୟ ପାର୍ଶ୍ୱରେ ପଞ୍ଚଦ୍ୱାରପାଳ ମହାଦେବଙ୍କ ମନ୍ଦିର ଅବସ୍ଥିତ । ସେମାନେ ହେଲେ, ଶ୍ରୀ ଲୋକନାଥ, ଶ୍ରୀ ଯମେଶ୍ୱର, ଶ୍ରୀ ନୀଳକଣ୍ଠେଶ୍ୱର, ଶ୍ରୀ ମାର୍କଣ୍ଡେୟ ଏବଂ ଶ୍ରୀ କପାଳମୋଚନ । ଏମାନଙ୍କୁ ପଞ୍ଚପାଣ୍ଡବ ବୋଲି ମଧ୍ୟ କୁହାଯାଇଥାଏ । ଉକ୍ତ ପଞ୍ଚମହାଦେବଙ୍କ ଆସ୍ଥାନ ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଅବସ୍ଥିତ ।

ମାର୍କଣ୍ଡେଶ୍ୱର :– ସର୍ବମଙ୍ଗଳାଙ୍କ ମନ୍ଦିରର ଅତି ନିକଟରେ ଏବଂ ଉକ୍ତ ମନ୍ଦିରର ସାମାନ୍ୟ ପଶ୍ଚିମକୁ ମାର୍କଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ । ଚଟାଣଠାରୁ ପ୍ରାୟ ୭/୮ ଫୁଟ ନିମ୍ନ ଭାଗରେ ଶିବଲିଙ୍ଗ ଓ ପିତଳର ସର୍ପ ବିରାଜମାନ । ପଶ୍ଚିମଭାଗ କାନ୍ଥରେ ଶିବଙ୍କ ପ୍ରତିମୂର୍ତ୍ତି, ଏକ ବାଳକର ପ୍ରତିମୂର୍ତ୍ତି ଏବଂ ଯମରାଜାଙ୍କ ପ୍ରତିମୂର୍ତ୍ତି ଦୃଷ୍ଟିଗୋଚର ହୁଏ । କଥିତ ଅଛି ଏକ ବାଳକର ଅଳ୍ପ ବୟସରେ ଆୟୁଷ ଶେଷ ହେଲା ଏବଂ ସ୍ୱୟଂ ଯମରାଜା ତାର ଜୀବାତ୍ମାକୁ

ନେବାପାଇଁ ତା ନିକଟକୁ ଆସିଥିଲେ । ବାଳକଟି ମୃତ୍ୟୁ ଅନିବାର୍ଯ୍ୟ ଜାଣି ଦେବଦେବ ମହାଦେବଙ୍କ ଶିବ ଲିଙ୍ଗକୁ କୁଣ୍ଢାଇ ଧରି ପ୍ରଭୁଙ୍କ ଆଶ୍ରୟ ନେଲା । ଭକ୍ତ ବତ୍ସଳ ଭଗବାନ ଯମକୁ ନିର୍ଦ୍ଦେଶ ଦେଲେ ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କରିବାପାଇଁ ଏବଂ ବାଳକଟିର ଆୟୁଷ ୧୨ ବର୍ଷ ପରିବର୍ତ୍ତରେ ୧୨୦ ବର୍ଷ ହୋଇଥିବା ଜଣାଗଲା । ଯମରାଜା ଲଜ୍ଜିତ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ । ଦେବ ଦେବ ମହାଦେବ ହେଉଛନ୍ତି ଅକର୍ମ କର୍ମ ଦାୟକ ଏବଂ ସଦାମଙ୍ଗଳମୟ ବା ସଦାଶିବ । ସେ ସମସ୍ତ ପାପତାପ ଅପହରଣ କରିଥାନ୍ତି । ମାର୍କଣ୍ଡେଶ୍ୱରଙ୍କ ଧ୍ୟାନ ହେଲା,

''ମାର୍କଣ୍ଡେୟ ! ନମସ୍ତୁଭ୍ୟମଘୋର ପାପହାରକ ।
ପାପଂ ମେ ହର ଭୋ ଶମ୍ଭୋ ନାରାୟଣପ୍ରିୟଂ ଭଜେ ।।''

ଅର୍ଥାତ୍, ହେ ମାର୍କଣ୍ଡେଶ୍ୱର ! ତୁମେ ଅଘୋର ପାପହାରକ । ତୁମ୍ଭେ ଶମ୍ଭୁ ଓ ନାରାୟଣଙ୍କ ପ୍ରିୟ । ହେ ପ୍ରଭୁ ! ମୋର ପାପରାଶି ହରଣ କର ।

ଅନନ୍ତ ବାସୁଦେବ :– କୂର୍ମ ପ୍ରାଚୀରର ଦକ୍ଷିଣଦ୍ୱାରର ପଶ୍ଚିମରେ ଅନନ୍ତ ବାସୁଦେବଙ୍କ ମନ୍ଦିର । ଭକ୍ତ ମନ୍ଦିର ଅତି ପ୍ରାଚୀନ ବୋଲି ମନେ ହୋଇଥାଏ । ଅନ୍ୟ ମନ୍ଦିରମାନଙ୍କ ଠାରୁ ଏହି ମନ୍ଦିର ଏକ ସ୍ୱତନ୍ତ୍ର ଧରଣର । ଏହାର ବିମାନ ବା ମୁଖ୍ୟ ମନ୍ଦିରଟି ଛୋଟ ଓ ମୁଖଶାଳାଟି ବଡ଼ । ଏଥିପାଇଁ ଜନମୁଖରେ ଶୁଣାଯାଏ ଯେ ମନ୍ଦରଠୁ ମୁଖଶାଳା ବଢ଼ିଗଲା । ମନ୍ଦିରର ମୁଖ ପଶ୍ଚିମକୁ । ମନ୍ଦିର ମଧ୍ୟରେ ଅନନ୍ତ ବାସୁଦେବଙ୍କ ଏକ ଛୋଟ ମୂର୍ତ୍ତି ବିରାଜମାନ । ଅନନ୍ତ ବାସୁଦେବଙ୍କ ଧ୍ୟାନ ହେଲା,

''ଅନନ୍ତାୟ ନମସ୍ତେଽସ୍ତୁ ମହାହିଶୟନାୟ ଚ ।
ଭବବନ୍ଧବିମୋକ୍ଷାୟ ନମଃ ପୁରୁଷପୂର୍ବଜ ।।''

ଅର୍ଥାତ୍ ହେ ପୁରୁଷୋତ୍ତମ ! ତୁମ୍ଭର ଅନ୍ତ ନାହିଁ । ତୁମେ ମହା ନାଗରାଜା ବାସୁକୀ କ୍ରୋଡ଼ରେ ଶୟନ କରିଅଛ । ତୁମେ ଜନ୍ମ ବନ୍ଧନର ବିମୋଚନ କର୍ତ୍ତା ଏବଂ ତୁମେ ସମସ୍ତଙ୍କର ପୂର୍ବପୁରୁଷ । ତୁମକୁ ପ୍ରଣିପାତ କରୁଅଛି ।

ଦିକ୍‌ପାଳ: – ଅନନ୍ତ ବାସୁ ଦେବଙ୍କ ମନ୍ଦିରର ପଶ୍ଚିମକୁ ଦିକ୍‌ପାଳ ବା ଦିଗପାଳ ମନ୍ଦିର ଅବସ୍ଥିତ । ମନ୍ଦିରଟିର ମୁଖ ଦକ୍ଷିଣ ଦିଗକୁ ।

ସୂର୍ଯ୍ୟନାରାୟଣ — ଦିକ୍‌ପାଳ ମନ୍ଦିରର ଉତ୍ତର ଭାଗରେ ମୁକ୍ତି ମଣ୍ଡପର ଐଶାନ୍ୟକୋଣରେ ସୂର୍ଯ୍ୟ ନାରାୟଣଙ୍କର ଏକ କ୍ଷୁଦ୍ର ମନ୍ଦିର ଅବସ୍ଥିତ । ପ୍ରାତଃ କାଳରେ ଏଠାରେ ସୂର୍ଯ୍ୟପୂଜା ହୁଏ । ସୂର୍ଯ୍ୟନାରାୟଣଙ୍କ ଧ୍ୟାନ ହେଲା,

''ନମଃ କମଳରୂପାୟ ନମଃ କମଳଧାରିଣେ ।
ନମଃ କମଳଯନ୍ତ୍ରାୟ ପଦ୍ମବଲ୍ଲଭ ! ତେ ନମଃ ।।

ଅର୍ଥାତ୍ ହେ ସୂର୍ଯ୍ୟ ! ତୁମେ ସାକ୍ଷାତ୍ କମଳ ସ୍ୱରୂପ। ତୁମେ କମଳ ଧାରଣ କରିଅଛ ଏବଂ ତୁମେ ପଦ୍ମଯନ୍ତ୍ରର ଅଧିପ। ତୁମେହିଁ ପଦ୍ମବଲ୍ଲଭ। ମୁଁ ତୁମକୁ ପ୍ରଣାମ କରୁଅଛି।

କୁଆମ ଚଣ୍ଡୀ:— ଅନନ୍ତ ବାସୁଦେବଙ୍କ ମନ୍ଦିରର ପଶ୍ଚିମକୁ କୁଆମଚଣ୍ଡୀଙ୍କ ମନ୍ଦିର ଅବସ୍ଥିତ। ମନ୍ଦିରର କାନ୍ଥରେ କୁକୁରର ଗୋଟିଏ ପ୍ରତିମୂର୍ତ୍ତି ଅଙ୍କିତ ହୋଇଅଛି।

ମୁକ୍ତିମଣ୍ଡପ ବା ବ୍ରହ୍ମାସନ:— ଶ୍ରୀମନ୍ଦିରର ଜଗମୋହନର ଦକ୍ଷିଣକୁ ମୁକ୍ତି ମଣ୍ଡପ ବା ବ୍ରହ୍ମାସନ ଅବସ୍ଥିତ। ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରତ୍ୟେକ ୩୮ ଫୁଟ। ଏହା ପ୍ରସ୍ତରରେ ନିର୍ମିତ ଏକ ଉଚ୍ଚ ମଣ୍ଡପ। ଷୋଳଟି ଖମ୍ଭ ଉପରେ ପୀଢ଼ ଛାତ ନିର୍ମିତ ହୋଇଅଛି। ବ୍ରହ୍ମା ଶ୍ରୀମନ୍ଦିର ପ୍ରତିଷ୍ଠା କରିବାକୁ ଅସିଥିବାବେଳେ ଏହି ମଣ୍ଡପରେ ଉପବେଶନ କରିଥିଲେ। ସେଥିପାଇଁ ଏହାକୁ ବ୍ରହ୍ମାସନ କୁହାଯାଏ। ଶାସନୀ ବ୍ରାହ୍ମଣମାନଙ୍କର ଏହା ଉପରେ ବସିବାର ଅଧିକାର ଅଛି। ମନ୍ଦିରର ପରିଚ୍ଛଳନା ଗତ ତ୍ରୁଟି ବିବଦମାନ ବିଷୟ୍ ଇତ୍ୟାଦି ମୁକ୍ତି ମଣ୍ଡପ ପଣ୍ଡିତ ସଭାଦ୍ୱାରା ସମାହିତ ହୋଇଥାଏ। ବର୍ତ୍ତମାନର ମଣ୍ଡପଟି ପ୍ରତାପରୁଦ୍ରଙ୍କ ଅମଳରେ ଷୋଡ଼ଶ ଶତାବ୍ଦୀରେ ନିର୍ମିତ ହୋଇଥିବା ଜଣାଯାଏ। ମାଦଳା ପାଞ୍ଜିରେ ଲେଖାଅଛି ରାମଚନ୍ଦ୍ର ଦେବ (ଭୋଇ ବଂଶ)ଙ୍କ ଅଃଙ୍କେ ମାନସିଂହଙ୍କ ଭାର୍ଯ୍ୟା ଗୌରାରାଣୀ ବଡ଼ ଦେଉଳ ମୁକୁତ ମୋଣ୍ଡପ ଗଢ଼ାଇଥିଲେ। ରାଜା ମାନସିଂହ ଦିଲ୍ଲୀ ସମ୍ରାଟ ଆକବରଙ୍କର ମନ୍ତ୍ରୀ ଥିଲେ ଓ ସେ ଓଡ଼ିଶାକୁ ଆସି ଖୋର୍ଦ୍ଧାର ସିଂହାସନ ସମ୍ପର୍କରେ ହୋଇଥିବା ବିବାଦକୁ ମେଣ୍ଟାଇଥିଲେ। ଭୋଇ ବଂଶର ରାମଚନ୍ଦ୍ର ଦେବଙ୍କୁ ରାଜା ବୋଲି ଘୋଷଣା କରାଯାଇଥିଲା।

ମୁକ୍ତି ମଣ୍ଡପ ପଣ୍ଡିତ ସଭାର ଅଧିବେଶନ ଏହି ସ୍ଥାନରେ ଅନୁଷ୍ଠିତ ହୋଇଥାଏ। ମୁକ୍ତି ମଣ୍ଡପର ଏକ ପୁସ୍ତକାଗାର ଅଛି। ଯହିଁରେ ବହୁ ପ୍ରାଚୀନ ଶ୍ରୁତି, ସ୍ମୃତି, ପୁରାଣାଦି ଗ୍ରନ୍ଥ ସଂଗୃହୀତ ହୋଇ ରଖାଯାଇଅଛି। ବହୁ ମୂଲ୍ୟବାନ ତାଳପତ୍ର ପୋଥି ମଧ୍ୟ ଅଛି। ଏ ସମସ୍ତ ଗ୍ରନ୍ଥ, ବିଶେଷତଃ ନୀଳାଦ୍ରି ମହୋଦୟ୍ ଓ ମୟୁର ଚିତ୍ର ପୋଥିରେ ଉଲ୍ଲେଖ ଥିବା ବିଷୟକୁ ଅନୁଶୀଳନ କରି ପଣ୍ଡିତ ସଭା ବିଭିନ୍ନ ନିଷ୍ପତ୍ତି ନେଇଥାନ୍ତି। କୌଣସି ଅଶୁଭ ସୂଚନା ମିଳିଲେ, ତାର ପ୍ରତିକାର ବିଧାନ ମୁକ୍ତି ମଣ୍ଡପ ପଣ୍ଡିତ ସଭା ତରଫରୁ କରାଯାଇଥାଏ। କିପରି ଭାବରେ କେତେ ଟଙ୍କା ବ୍ୟୟରେ ଶାନ୍ତି ସ୍ଥାପନାର୍ଥେ ହୋମ, ଯଜ୍ଞ ଓ ନବଗ୍ରହ ପୂଜା କରାଯାଇପାରିବ, ତାହାର ଏକ ଖସଡ଼ା ତିଆରି କରାଯାଏ ଏବଂ ମନ୍ଦିର ପରିଚାଳକ ସେ ଖସଡ଼ା ପରିଚ୍ଛାଙ୍କୁ ଦେଇଥାନ୍ତି। ଏ ସମ୍ପର୍କୀୟ ସମସ୍ତ ବ୍ୟୟ ମନ୍ଦିର ପାଣ୍ଠିରୁ ବହନ କରାଯାଇଥାଏ। ମନ୍ଦିର ପରିଚ୍ଛଳନାରେ କିପରି ଶୃଂଖଳା ରକ୍ଷା କରାଯାଇପାରିବ, କୌଣସି ସେବକ କର୍ତ୍ତବ୍ୟରେ ଅବହେଳା କଲେ, କିଭଳି ଭାବରେ ଦଣ୍ଡିତ ହେବେ ଇତ୍ୟାଦି ଏ ସମସ୍ତ ନିଷ୍ପତ୍ତି ମୁକ୍ତି ମଣ୍ଡପ ପଣ୍ଡିତ ସଭା ଦ୍ୱାରା କରାଯାଇଥାଏ। ୧୮୦୫ ଖ୍ରୀଷ୍ଟାବ୍ଦରେ ଗ୍ରୋମ୍ ସାହେବ ପୁରୀରେ କଲେକ୍ଟର ଥିବାବେଳେ ଶ୍ରୀମନ୍ଦିର ସମ୍ବନ୍ଧରେ ଏକ ରିପୋର୍ଟ ସରକାରଙ୍କଠାରେ ଦାଖଲ କରିଥିଲେ। ତାଙ୍କ ରିପୋଟରେ ସେ ଜଣାଇଥିଲେ ଯେ ମୁକ୍ତି ମଣ୍ଡପ ସଭାର ସଦସ୍ୟମାନଙ୍କ

ଦ୍ୱାରା ପରୀକ୍ଷା କରାଯାଇ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ସେବାୟତମାନଙ୍କୁ ଶ୍ରୀ ମନ୍ଦିରରେ ନିଯୁକ୍ତି ଦିଆଯାଉ । ସେ ସମୟରେ ମୁକ୍ତି ମଣ୍ଡପରେ ବସୁଥିବା ବ୍ରାହ୍ମଣମାନେ ଅତି ଉଚ୍ଚକୋଟିର ପଣ୍ଡିତ ଥିଲେ । ବେଦ, ଉପନିଷଦ, ଗୀତା, ପୁରାଣ ପ୍ରଭୃତିରେ ସେମାନଙ୍କର ପାଣ୍ଡିତ୍ୟ ଥିଲା । କିନ୍ତୁ କାଳକ୍ରମେ ଏପରି ପଣ୍ଡିତଙ୍କ ସଂଖ୍ୟ ହ୍ରାସ ପାଇବାରେ ଲାଗୁଛି । ଫଳରେ ଯେଉଁ ଦାୟିତ୍ୱ ଉକ୍ତ ପଣ୍ଡିତସଭା ବହନ କରିବାର କଥା, ତାହା ବହନ କରିବାକୁ ସାମର୍ଥ୍ୟ ପ୍ରକାଶିତ ହେଉନାହିଁ । ମୁକ୍ତି ମଣ୍ଡପରେ ପ୍ରତିବର୍ଷ ମହାସମାରୋହରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ଝୁଲଣ ଯାତ୍ରାରେ ଏହି ମୁକ୍ତି ମଣ୍ଡପ ଉପରେ ବିଜେ କରିଥାନ୍ତି । ମୁକ୍ତି ମଣ୍ଡପକୁ ପ୍ରଣିପାତ କଲାବେଳେ କୁହାଯାଇଥାଏ ଯେ,

''ବ୍ରହ୍ମାସନଂ ନମସ୍ତେଽସ୍ତୁ ସର୍ବକଳ୍ମଷନାଶକମ୍ ।
ଯଜ୍ଞାଙ୍ଗଭୂର୍ଭରଂ ବନ୍ଦେ ବେଦାଙ୍ଗାୟ ନମୋନମଃ ।।

ଅର୍ଥାତ୍, ହେ ମୁକ୍ତି ମଣ୍ଡପ ! ତୁମେ ବ୍ରହ୍ମାସନ ଏବଂ ସମସ୍ତ କଳ୍ମଷର ବିନାଶକ । ତୁମେ ଯଜ୍ଞ ଭସ୍ମରେ ଭରିତ । ତୁମେ ବେଦାଙ୍ଗ, ମୁଁ ତୁମକୁ ବନ୍ଦନା କରୁଅଛି ।

ନୃସିଂହଃ— ମୁକ୍ତିମଣ୍ଡପର ମଶ୍ଚିମକୁ ନୃସିଂହ ମନ୍ଦିର ଅବସ୍ଥିତ । ଏହାର ମୁଖ ପୂର୍ବଦିଗକୁ । ଏ ମନ୍ଦିରରେ ନୃସିଂହ ବିରାଜମାନ ଏବଂ ଏହାଙ୍କୁ ମୁକ୍ତ ନୃସିଂହ ବୋଲି ମଧ୍ୟ କୁହାଯାଇଥାଏ । ଏ ଠାକୁର ବହୁ କାଳରୁ ଏଠାରେ ରହିଥିବାର ପ୍ରମାଣ ମିଳେ । ଜଗନ୍ନାଥ ମନ୍ଦିର ପ୍ରତିଷ୍ଠିତ ହେବା ପୂର୍ବରୁ ଶ୍ରୀମନ୍ଦିର ପ୍ରାଙ୍ଗଣ ମଧ୍ୟରେ କଳ୍ପବଟ, ନୃସିଂହ ରୋହିଣୀକୁଣ୍ଡ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବିମଳା ଏବଂ ଐଶାନେଶ୍ୱର ବିରାଜମାନ ହୋଇଥିବା ବିଷୟ ଉତ୍କଳ ଖଣ୍ଡରୁ ଜଣାଯାଏ । ନୃସିଂହଙ୍କ ମନ୍ଦିର ଦ୍ୱାରର ପଶ୍ଚିମ ଭାଗରେ ଏକ ଶିଳାଲିପି ଅଛି । ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ମହାସ୍ନାନ ହୁଏ ଏବଂ ନୃସିଂହ ଜନ୍ମ ଉପଲକ୍ଷେ 'ଭୋଗବନ୍ଦାପନା' କରାଯାଇଥାଏ । ଏହି ଦିନ ନୃସିଂହଦେବ ଜଗନ୍ନାଥବଲ୍ଲଭଙ୍କୁ ବିଜେ କରନ୍ତି । ଶ୍ରୀ ଜୀଉଙ୍କ ନବେକଳେବର ସମୟରେ ଗୋପନୀୟ ନୀତି ପାଳିତ ହୋଇଥାଏ ଏବଂ ସେ ସମୟରେ ନୃସିଂହ ଦେବ ଅଧିଷ୍ଠାତା ଦେବତା ଅଟନ୍ତି । ନୃସିଂହଙ୍କର ଧ୍ୟାନ ହେଲା,

''ଉଗ୍ରବୀରଂ ମହାବିଷ୍ଣୁଂ ଦ୍ୱଳନ୍ତଂ ସର୍ବତୋମୁଖମ୍ ।
ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୋ-ର୍ମୃତ୍ୟୁଂ ନମାମ୍ୟହମ୍ ।।''

ଅର୍ଥାତ୍ ହେ ନୃସିଂହ ! ତୁମେ ଉଗ୍ର ତଥା ବୀର । ତୁମେ ମହାବିଷ୍ଣୁ । ତୁମେ ଦ୍ୱନ୍ଦ୍ୱାତୀତ । ତୁମର ମୁଖମଣ୍ଡଳ ସବୁ ଦିଗକୁ ପରିବ୍ୟାପ୍ତ । ତୁମେ ନୃସିଂହ ଭୀଷଣ ତଥା କଲ୍ୟାଣ-ପ୍ରଦ । ତୁମେ ମୃତ୍ୟୁର ମୃତ୍ୟୁ । ମୁଁ ତୁମଠାରେ ଶରଣ ଯାଉଛି ଓ ପ୍ରଣିପାତ କରୁଅଛି ।

ମଦନମୋହନ ମନ୍ଦିର ବା ଦକ୍ଷିଣଘରଃ— ଶ୍ରୀ ମନ୍ଦିରର ଜଗମୋହନର ଦକ୍ଷିଣଦ୍ୱାରର ପଶ୍ଚିମ ଦିଗରେ ମନ୍ଦିରକୁ ସଂଲଗ୍ନ ହୋଇ ମଦନମୋହନଙ୍କ ମନ୍ଦିର ଅବସ୍ଥିତ । ମଦନମୋହନ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଅଟନ୍ତି । ଚତୁର୍ଦ୍ଧାମୂର୍ତ୍ତି କେବଳ ସ୍ନାନଯାତ୍ରା ଓ ରଥଯାତ୍ରାରେ ରତ୍ନ ସିଂହାସନ ତ୍ୟାଗ କରି ସ୍ନାନବେଦୀକୁ ଓ ରଥସ୍ଥ ହୋଇ ଗୁଣ୍ଡିଘ୍ମନ୍ଦିରକୁ ଯାତ୍ରା କରିଥାନ୍ତି । ମାତ୍ର ଅନ୍ୟ ସମସ୍ତ ପର୍ବ ପର୍ବାଣୀ, ଯାନି ଯାତ୍ରାରେ ମଦନମୋହନ, ରାମକୃଷ୍ଣ, ଦୋଳଗୋବିନ୍ଦ, ନାରାୟଣ ମହାପ୍ରଭୁଙ୍କ ପ୍ରତିନିଧିତ୍ୱ କରିଥାନ୍ତି । ଝୁଲଣ ଯାତ୍ରା, ଚନ୍ଦନ ଯାତ୍ରା ପ୍ରଭୃତିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବିଜେ କରିଥାନ୍ତି । ତେଣୁ ଯେ ଜଗନ୍ନାଥ ସେହି ହିଁ ପ୍ରଭୁ ମଦନମୋହନ । ମଦନମୋହନଙ୍କ ବ୍ୟତୀତ ଆହୁରି ଅନେକ ପ୍ରତିମା ଏହି ମନ୍ଦିରରେ ଉପାସିତ ହୋଇଥାନ୍ତି । ସେମାନେ ହେଲେ ରାମ, କୃଷ୍ଣ, ବାଡ଼ି ନୃସିଂହ,ରାମ, ଲକ୍ଷ୍ମଣ, ସୀତା, ନୃସିଂହ ନାରାୟଣ, ଦୋଳଗୋବିନ୍ଦ ଇତ୍ୟାଦି । ଖୁବ୍ ବଡ଼ ଧରଣର ଶାଳଗ୍ରାମ ମଧ୍ୟ ଏଠାରେ ପୂଜା ପାଉଥିବା ଦୃଷ୍ଟି ଗୋଚର ହୁଏ ।

ଜଳକ୍ରୀଡ଼ା ମଣ୍ଡପଃ— ନୃସିଂହଙ୍କ ମନ୍ଦିରର ପଶ୍ଚିମକୁ ଜଳ କ୍ରିଡ଼ା ମଣ୍ଡପ ବିଦ୍ୟମାନ । ନରେନ୍ଦ୍ର ପୁଷ୍କରଣୀରେ ଚନ୍ଦନଯାତ୍ରା ସରିବା ପରେ ଏହିଠାରେ ଠାକୁରମାନଙ୍କର ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହାକୁ ଭିତର ଚନ୍ଦନ କୁହାଯାଏ । ଇତିହାସରୁ ସୂଚନା ମିଳେ ଯେ, ସପ୍ତଦଶ ଶତାବ୍ଦୀର ମଧ୍ୟ ଭାଗରେ ମୁକୁନ୍ଦ ଦେବଙ୍କ ଅମଳରେ ଉକ୍ତ ମଣ୍ଡପ ନିର୍ମିତ ହୋଇଥିଲା ।

ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅବାବାସ୍ୟା, ଶୀତଳ ଷଷ୍ଠୀ ଏବଂ ରୁକ୍ମିଣୀ ହରଣ ଏକାଦଶୀ ତିଥିରେ ଜଳକ୍ରୀଡ଼ା ମଣ୍ଡପରେ ଜଳକ୍ରୀଡ଼ା ଅନୁଷ୍ଠିତ ହୁଏ ।

ରୋହିଣୀକୁଣ୍ଡ :— ବିମଳାଙ୍କ ମନ୍ଦିରର ସମ୍ମୁଖରେ ଏବଂ ଜଳକ୍ରୀଡ଼ା ମଣ୍ଡପର ପାର୍ଶ୍ୱରେ ରୋହିଣୀକୁଣ୍ଡ ଅବସ୍ଥିତ । ଉକ୍ତ କୁଣ୍ଡରେ ଏକ କାକ ପକ୍ଷୀ ଓ ନୀଳଚକ୍ରର ପ୍ରତିମୂର୍ତ୍ତି ଦୃଷ୍ଟିଗୋଚର ହୋଇଥାଏ । ପୁରାଣ ଅନୁଯାୟୀ ଶଂଖକ୍ଷେତ୍ରର ନାଭିଦେଶରେ ରୋହିଣୀକୁଣ୍ଡ ବିଦ୍ୟମାନ । କୁଣ୍ଡଟି କାରଣ ବାରିରେ ପରିପୂର୍ଣ୍ଣ ଥିଲା । ପ୍ରଳୟ କାଳରେ ଏହି କୁଣ୍ଡରୁ ଜଳ ନିର୍ଗତ ହୋଇ ବୃଦ୍ଧିପ୍ରାପ୍ତ ହୁଏ ଏବଂ ପ୍ରଳୟ ଶେଷରେ ସମସ୍ତ ଜଳରାଶି ଏହି କୁଣ୍ଡରେ ଲୀନ ହୋଇଥାଏ । ସତ୍ୟଯୁଗରେ ଏକ ଭୂଷଣ୍ଡ କାକ ତୃଷାର୍ତ୍ତ ଅବସ୍ଥାରେ କଳ୍ପବଟରୁ ଉଡ଼ିଆସି ଉକ୍ତ କୁଣ୍ଡର କାରଣବାରିରେ ନିପତିତ ହୋଇ ମୋକ୍ଷଲାଭ କରିଥିଲା ଏବଂ କାକର ଶରୀରରୁ ଚତୁର୍ଭୁଜ ନିର୍ଗତ ହୋଇଥିଲା । ବ୍ରହ୍ମପୁରାଣ ଅନୁଯାୟୀ ଏହି କୁଣ୍ଡ ମଧ୍ୟକୁ ଯିବା ନିମନ୍ତେ ପାବଚ୍ଛଶ୍ରେଣୀ ରହିଥିଲା । ଅନ୍ୟ ପୁରାଣ ମତରେ ପ୍ରଥମେ ଦାରୁଙ୍କର ଏହି କୁଣ୍ଡରେ ଆବିର୍ଭାବ ହୋଇଥିଲା । ତେଣୁ ରୋହିଣୀ କୁଣ୍ଡର ଜଳସ୍ପର୍ଶ କଲେ ମନୁଷ୍ୟ ମୋକ୍ଷ ଲାଭ କରେ ବୋଲି ସମସ୍ତଙ୍କର ଗଭୀର ବିଶ୍ୱାସ । ରୋହିଣୀକୁଣ୍ଡ ସ୍ମରଣ କଲା ବେଳେ କୁହାଯାଇଥାଏ ଯେ,

''କୁଣ୍ଡଂ ହ୍ୟେତଦ୍ ରୋହିଣ୍ୟାଖ୍ୟଂ କରୁଣାଖ୍ୟଜଳୈର୍ଯୁକ୍ତମ୍ ।
ତତ୍ର ସନ୍ନିଷ୍ଠତୋ ନିତ୍ୟଂ ସ୍ପର୍ଶନାତ୍ ବନ୍ଧମୁକ୍ତି ଦମ୍ ।।''

ଅର୍ଥାତ୍, ହେ ରୋହିଣୀକୁଣ୍ଡ ! ତୁମେ କରୁଣା ଜଳରେ ପରିପୂର୍ଣ୍ଣ ତୁମ ସ୍ପର୍ଶରେ ସମସ୍ତ ବନ୍ଧନରୁ ମୁକ୍ତି ମିଳେ । ତୁମକୁ ମୁଁ ନମସ୍କାର କରୁଅଛି । ସେହିପରି ଅନ୍ୟତ୍ର ମଧ୍ୟ କୁହାଯାଇଛି ଯେ,

''ରୋହିଣାଖ୍ୟଂ ମହାକାଳଂ ବିଷ୍ଣୁଲକ୍ଷଣ ଲାଞ୍ଛିତମ୍ ।
ଶଙ୍ଖଚକ୍ରଧରଂ ସାକ୍ଷାତ୍ ସତ୍ୟବନ୍ତଂ ନମୋଽସ୍ତୁତେ ।।''

ଅର୍ଥାତ୍, ହେ ରୋହିଣୀ ! ତୁମେ ମହାକାଳ । ତୁମଠାରେ ବିଷ୍ଣୁଙ୍କର ସର୍ବାବୟବ ଲକ୍ଷଣ ପ୍ରତିବିମ୍ବିତ । ତୁମେ ଶଂଖଚକ୍ରଧର ଓ ତୁମେ ସତ୍ୟବାଦୀ । ତୁମକୁ ମୁଁ ନମସ୍କାର କରୁଅଛି ।

ନୃତ୍ୟଗଣପତି :— ବିମଳାଙ୍କ ମନ୍ଦିରର ପ୍ରାୟ ସମ୍ମୁଖରେ ଦକ୍ଷିଣାଭିମୁଖ ହୋଇ ଏକ ପ୍ରାଚୀନ ମନ୍ଦିର ଅବସ୍ଥିତ । ଏହା ନୃତ୍ୟ ଗଣପତିଙ୍କ ମନ୍ଦିର । ଗଣପତିଙ୍କ ମୂର୍ତ୍ତି କଳା ମୁଗୁନି ପଥରର । ମୂର୍ତ୍ତିର ଫଳକ ପ୍ରାୟ ୬ଫୁଟ ୩ଫୁଟ ଅଟେ । ଗଣେଶ ମୂଷିକ ଉପରେ ନୃତ୍ୟ କରୁଥିବା ଭଂଗିରେ ବିଦ୍ୟମାନ । ଉକ୍ତ ନୃତ୍ୟଗଣେଶ ଅଷ୍ଟଭୂଜ ଅଟନ୍ତି । ଉପରେ ଦୁଇ ହାତରେ ସର୍ପ । ସର୍ପ ମସ୍ତକ ଉପରେ ଭଂଗା ହୋଇ ରହିଛି । ଉପର ଡାହଣ ହାତରେ ସେ ସର୍ପର ଫଣା ଧରି ରଖିଛନ୍ତି । ଅନ୍ୟ ଦୁଇ ଡାହାଣ ହାତରେ ମାଳା ଓ ଦନ୍ତ । ଦୁଇହାତରେ ଜପମୁଦ୍ରା କରାଯାଉଅଛି । ବାମର ଗୋଟିଏ ହାତରେ ଅଙ୍କୁଶ ଏବଂ ଅନ୍ୟ ଏକ ହାତରେ ଲଡୁବା ମୋଦକ ରହିଅଛି । ଲଡୁ ଉପରେ ଶୁଣ୍ଢ ରଖାଯାଇଥିବା ଦୃଷ୍ଟି ଗୋଚର ହୁଏ । ଏପରି ଏକ ସୁନ୍ଦର ଆକଷଣୀୟ ମୂର୍ତ୍ତି ଅନ୍ୟତ୍ର ବିରଳ । ନୃତ୍ୟ ଗଣପତିଙ୍କ ଧ୍ୟାନ ହେଲା,

''ନୃତ୍ୟପ୍ରିୟାୟ ଗଣନାୟକସୁନ୍ଦରାୟ ।
ନାଗେନ୍ଦ୍ର ସୂତ୍ର ପରିଭୂଷଣ-ଭୂଷିତାୟ ।।
ଲମ୍ବୋଦରାୟ ଶୁଭଦାୟ ହରପ୍ରିୟାୟ ।
ତୁଭ୍ୟଂ ନମୋଽସ୍ତୁ ମମବିଘ୍ନ ବିନାଶକାୟ ।।''

ଅର୍ଥାତ୍, ହେ ଗଣପତି ! ତୁମେ ନୃତ୍ୟ ପ୍ରିୟ । ତୁମେ ଗଣମାନଙ୍କର ଅଧିନାୟକ ଏବଂ ଖୁବ୍ ସୁନ୍ଦର । ନାଗରାଜ ତୁମ ଅଂଗରେ ଉପବୀତ ଭାବରେ ବିଭୂଷିତ । ତୁମେ ଲମ୍ବୋଦର । ତୁମେ ଶୁଭଦ ଓ ହରପ୍ରିୟ । ହେ ପ୍ରଭୁ ! ବିଘ୍ନ ବିନାଶ ପାଇଁ ତୁମକୁ ପ୍ରଣାମ କରୁଅଛି ।

ଯୋଗମାୟା ବିମଳା :— ବିମଳାଙ୍କ ମନ୍ଦିର ଭିତରେ ବେଢ଼ାର ନୈରୃତ କୋଣରେ ରୋହିଣୀକୁଣ୍ଡର ପଶ୍ଚିମକୁ ଅବସ୍ଥିତ । ଏହା ପୂର୍ବାଭିମୁଖ । ଯୋଗାମାୟା ବିମଳା ଏ ମନ୍ଦିରରେ ବିରାଜମାନା । ବିମଳା, ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରରେ ଆବିର୍ଭାବ ପୂର୍ବରୁ ଅଛନ୍ତି ବୋଲି କେହି କେହି ବିଶ୍ୱାସ କରିଥାନ୍ତି । ଦେବୀ ଭାଗବତରେ ବର୍ଣ୍ଣନା କରାଯାଇଛି ଯେ,ଦକ୍ଷ ପ୍ରଜାପତିଙ୍କ

କନ୍ୟା ଶିବଙ୍କ ଗୃହିଣୀ ସତୀଙ୍କ ମୃତ ଶରୀରକୁ ଶିବଙ୍କ ସ୍କନ୍ଧରୁ ବିଚ୍ୟୁତ କରାଇବା ପାଇଁ ମହାବିଷ୍ଣୁ ଶ୍ରୀଜଗନ୍ନାଥ ସୁଦର୍ଶନ ଚକ୍ର ଜରିଆରେ ଶିବଙ୍କ ଅଜ୍ଞାତରେ ଖଣ୍ଡ ଖଣ୍ଡ କରି ଦେଇଥିଲେ। ଏହା ୧୦୮ ଭାଗରେ ବିଭକ୍ତ ହୋଇ ଭୂପତିତ ହୋଇଥିଲା ଏବଂ ପୁରୁଷୋତ୍ତମ କ୍ଷେତ୍ରରେ ସତୀଙ୍କର ପଦ୍ମଯୁଗଳ ପତିତ ହୋଇ ବିମଳା ପୀଠର ସୃଷ୍ଟି ହେଲା। କେହି କେହି ସତୀଙ୍କର ରସନା ପତିତ ହୋଇଥିବା ବିଷୟ ମଧ୍ୟ ଦର୍ଶାଇଥାନ୍ତି। ବିମଳାଙ୍କୁ ଭୈରବୀ ଓ ଜଗନ୍ନାଥଙ୍କୁ ଭୈରବ ବୋଲି ଦେବୀ ଭାଗବତରେ ପ୍ରତିପାଦନ କରାଯାଇଅଛି। ନିମ୍ନୋକ୍ତ ଶ୍ଲୋକଗୁଡ଼ିକ ବିମଳା ଓ ଜଗନ୍ନାଥଙ୍କ ସମ୍ପର୍କର ପ୍ରମାଣ ଦିଏ। ଯଥାଃ —

୧) ''ଉତ୍ତଳେ ନାଭିଦେଶେଶ୍ଚ ବିମଳା ପୁରୁଷୋତ୍ତମେ।
ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ।।''

୨) ''ଉତ୍ତଳେ ଯନ୍ତ୍ର ଦେଶେଶ୍ଚ ବିରଜାକ୍ଷେତ୍ର ଉଚ୍ୟତେ।
ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ।।''

୩) ''ଛାୟାୟାଂ ମଙ୍ଗଳାପ୍ରୋକ୍ତା ବିମଳା ପୁରୁଷୋତ୍ତମେ।''

ଶ୍ରୀଜଗନ୍ନାଥଙ୍କ ଭୋଗ ବିମଳାଙ୍କୁ ସମର୍ପିତ ହେବା ପରେ ଏହା 'ମା ପ୍ରସାଦ' ବା ମହାପ୍ରସାଦ ରୂପେ ପରିଗଣିତ ହୁଏ। ଶ୍ରୀକ୍ଷେତ୍ରରେ ବିମଳାଙ୍କର ପ୍ରାଧାନ୍ୟ ଖୁବ୍ ବେଶୀ। ବିମଳାଙ୍କୁ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବୋଲି ସମ୍ବୋଧନ କରାଯାଇଥାଏ।

ଦେବୀ ପୂଜା ସମୟରେ ବିମଳାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତି ପାଳିତ ହୁଏ। ଷୋଳପୂଜାର ପ୍ରଥମ ଦିବସରୁ ଶେଷ ଦିବସ ପର୍ଯ୍ୟନ୍ତ ଯୋଗମାୟା ବିମଳାଙ୍କୁ ନାନା ପ୍ରକାର ବେଶ କରାଯାଇଥାଏ। ଏହି ଦିନମାନଙ୍କରେ ବିମଳାଙ୍କ ମନ୍ଦିର ମଧ୍ୟରେ ସ୍ତ୍ରୀଲୋକମାନଙ୍କ ପ୍ରବେଶ ନିଷେଧ ଅଟେ। ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ ତିଥିରେ ଜଗନ୍ନାଥଙ୍କ ପହୁଡ଼ ପରେ ବିମଳାଙ୍କ ମନ୍ଦିରରେ ଆମିଷ ଭୋଗ କରାଯାଇଥାଏ ଏବଂ ପଶୁତ୍ରୁ ବଳି ମଧ୍ୟ ଦିଆଯାଇଥାଏ। ଶ୍ରୀମନ୍ଦିର ମଧ୍ୟରେ ଆମିଷ ପ୍ରବେଶ କରିବା ଏକ ଆଶ୍ଚର୍ଯ୍ୟଜନକ ବିଷୟ ପରି ମନେ ହେଲେ ସୁଦ୍ଧା, ମହାପ୍ରଭୁ ଜଗନ୍ନାଥଙ୍କର ବୋଧହୁଏ ଏଥିପାଇଁ ଆପତ୍ତି ନଥାଏ। କୈବଲ୍ୟ ଲୋଲୁପିନୀ ମା' ବିମଳା ବର୍ଷକରେ ୩ ଦିନ ମାତ୍ର ଆମିଷ ଆବଶ୍ୟକ କରୁଥିବାରୁ ଶାକ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ଅନୁଯାୟୀ ଶ୍ରୀଜଗନ୍ନାଥ ଏଥିରେ ସମ୍ମତ କାରଣ, ବିମଳା ହେଉଛନ୍ତି ଜଗନ୍ନାଥଙ୍କର ମାୟାଶକ୍ତି, ବଳଭଦ୍ରଙ୍କର କ୍ରିୟାଶକ୍ତି ଓ ସୁଭଦ୍ରାଙ୍କର ଇଚ୍ଛାଶକ୍ତି। ବିମଳା ''ଓଁ ହ୍ରୀଁ'' ମନ୍ତ୍ରରେ ପୂଜା ପାଇଥାନ୍ତି।

ବିମଳାଙ୍କ ମନ୍ଦିର ଅତି ପ୍ରାଚୀନ ଏବଂ ଏହା ଘୁରି ଭାଗରେ ଯଥା, ମିମାନ, ଜଗମୋହନ ନାଟ୍ୟ ମନ୍ଦିର ଓ ଭୋଗମଣ୍ଡପରେ ବିଭକ୍ତ। ନାଟ୍ୟ ମନ୍ଦିରର ପ୍ରାଚୀର ଦେହରେ ପଥରର

ଯୋଗାସନରେ ଉପବିଷ୍ଟା ଉଲଗ୍ନ ଭୈରବୀ ମୂର୍ତ୍ତି ଦୃଷ୍ଟିଗୋଚର ହୁଏ । ଜଗମୋହନର ନୈଋତ କୋଣରେ ଦକ୍ଷିଣକାଳୀ ବିରାଜମାନ । ନାଟ୍ୟ ମନ୍ଦିରରେ ମଧ୍ୟ ଦଶମହାବିଦ୍ୟାଙ୍କର ଚିତ୍ର ଭକ୍ତମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ଭୋଗମଣ୍ଡପ ବାହାରେ ରୋହିଣୀକୁଣ୍ଡ ନିକଟରେ ଏକ ହସ୍ତୀକୁ ସିଂହ ମାଡ଼ିବସିଥିବା ପ୍ରତିମୂର୍ତ୍ତି ବିଦ୍ୟମାନ । ମା ବିମଳାଙ୍କୁ ସିଂହ ଲକ୍ଷ୍ୟ କରିଥିବାର ପରି ମନେ ହୁଏ । ସେହି ଯୋଗମାୟା ଜଗଜ୍ଜନନୀ ମିମଳାଙ୍କୁ ଧ୍ୟାନ କଲାବେଳେ କୁହାଯାଇଥାଏ ଯେ,

''ଧ୍ୟାୟେତ୍ ବିଦ୍ୟୁତ୍ ସମପ୍ରଭାମୁଡ୍ଡୀୟାନପୁରେ ଶ୍ୱରୀମ୍ଃ
ନୃମୁଣ୍ଡନୁଣ୍ଡଳୀକୁମ୍ଭାନ୍ ଦଧାନାଂ ପରମେଶ୍ୱରୀମ୍ ।।

ଅକ୍ଷମାଳାଧରାଂ ଦେବୀଂ ସର୍ବଶକ୍ତି ପ୍ରଦାୟିନୀମ୍ ।
ପଦ୍ମପାଦାମହଂ ବନ୍ଦେ ବିମଳାଂ ବିମଳାପ୍ରଦାମ୍ ।।

ଅର୍ଥାତ୍, ହେ ମା ବିମଳା ! ଉଜ୍ଜ୍ୱଳ ବିଦ୍ୟୁତ୍‌ମାଳାର ଜ୍ୟୋତି ତୁମଠାରେ ପ୍ରକାଶିତ । ତୁମେ ଉଡ଼୍ଡୀୟାନ୍ ତନ୍ତ୍ରର ଅଧିଶ୍ୱରୀ । ତୁମେ ନରମୁଣ୍ଡମାଳିନୀ ପରମେଶ୍ୱରୀ ଏବଂ ଅକ୍ଷମାଳା ବହନକାରିଣୀ । ତୁମେ ହିଁ ସମସ୍ତ ଶକ୍ତି ପ୍ରଦାୟିନୀ ନାରାୟଣୀ । ତୁମେ ପଦ୍ମ ଉପରେ ଦଣ୍ଡାୟମାନ ହୋଇଅଛ । ହେ ବିମଳାପ୍ରଦା ତୁମକୁ ବନ୍ଦନା କରୁଅଛି । ଏତଦ୍ ବ୍ୟତୀତ ପ୍ରତ୍ୟହ ଭକ୍ତ ସମାଜ ଚଣ୍ଡୀରୁ ଉଦ୍ଧାର କରି ଗାନ କରିଥାନ୍ତି ଯେ,

ଓଁ ସର୍ବମମଙ୍ଗଳମାଙ୍ଗେଲ୍ୟେ ଶିବେ ସର୍ବାର୍ଥ ସାଧିକେ
ଶରଣ୍ୟେ ତ୍ରମ୍ବକେ ଗୋରୀ ନାରାୟଣୀ ନମଃସ୍ତୁତେ ॥''

''ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣେ
ସର୍ବସ୍ୟାର୍ତ୍ତି ହରେଦ୍ଦେବୀ ନାରାୟଣୀ ନମଃସ୍ତୁତେ ।।''

ମା ବିମଳା ହେଉଛନ୍ତି ଜଗତର ମା, ବାପା ଓ ଧାତ୍ରୀ । ତେଣୁ ତାଙ୍କୁ ପ୍ରଣିପାତ କଲାବେଳେ କେହି କେହି ଗାନ କରିଥାନ୍ତି ଯେ,

''ବିମଳେ ତ୍ୱଂ ଜଗତ୍ ମାତା ବିମଳେ ତ୍ୱଂ ଜଗତ୍ ପିତା ।
ବିମଳେ ତ୍ୱଂ ଜଗଦ୍ଧାତ୍ରୀ ବିମଳାୟୈ ନମୋନମଃ ।।''

ଗୋପେଶ୍ୱର :— ବିମଳାଙ୍କ ମନ୍ଦିର ପରେ ଗୋପେଶ୍ୱରଙ୍କ ମନ୍ଦିର ଅବସ୍ଥିତ । ରାସକ୍ରୀଡ଼ା ନିପୁଣ ଗୋପରକ୍ଷକ ଗୋପୀମାନଙ୍କ ସହ ବିରାଜମାନ । ତାଙ୍କୁ ପ୍ରଣିପାତ କଲାବେଳେ ଗାନ କରାଯାଇଥାଏ ଯେ,

''ରାସକ୍ରୀଡ଼ା ପରତତ୍ତ୍ୱ ବିଳାସିନ୍ ଗୋପରକ୍ଷକ।
ଗୋପେଶ୍ୱର ! ସହ ବନ୍ଦେ ଗୋପୀଭି ର୍ଗୋପନାୟକମ୍ ।।''

ଅର୍ଥାତ୍, ହେ ଗୋପେଶ୍ୱର ! ତୁମେ ରାସକ୍ରୀଡ଼ାରେ ନିପୁଣ ତଥା ରାସକ୍ରୀଡ଼ାରେ ବିଳାସୀ। ତୁମେ ଗୋପରକ୍ଷକ। ମୁଁ ଗୋପୀମାନଙ୍କ ସହ ତୁମକୁ ପ୍ରଣାମ କରୁଅଛି।

କୈଳାସପତି ମହାଦେବଙ୍କ ମନ୍ଦିରଃ— ଗୋପେଶ୍ୱର ମନ୍ଦିରର ଉତ୍ତର ପାର୍ଶ୍ୱରେ କୈଳାସପତି ମହାଦେବଙ୍କ ମନ୍ଦିର ଅବସ୍ଥିତ। ଏକ ଉଚ୍ଚ ସିଂହାସନ ଉପରେ ଦେବ ଦେବ ମହାଦେବ ଉପବେଶନ କରିଅଛନ୍ତି। ପାର୍ବତୀ, ଗଣେଶ, କାର୍ତ୍ତିକେୟ, ନନ୍ଦୀ, ଭୃକୁଟି ଏବଂ କୈଳାସବାସୀ ଗଣ ଏଠାରେ ବିରାଜିତ। ଅନବସର ବା ଅଣସର ସମୟରେ ଲଗା ଯାଉଥିବା ଶିବ, ମହାଲକ୍ଷ୍ମୀ ଓ ବିଷ୍ଣୁ ମୂର୍ତ୍ତି ଚିତ୍ରିତ ତାଟି ଏହିଠାରେ ରଖାଯାଏ। ବଳଭଦ୍ର ସୁଭଦ୍ରା ଓ ଜଗନ୍ନାଥଙ୍କ କ୍ରମ ପରି ଶିବ, ମହାଲକ୍ଷ୍ମୀ ଓ ବିଷ୍ଣୁ ଚିତ୍ର ରଖାଯାଉଥିବାରୁ ବଳଭଦ୍ରଙ୍କୁ ଶିବ, ସୁଭଦ୍ରାଙ୍କୁ ମହାଲକ୍ଷ୍ମୀ ଓ ଜଗନ୍ନାଥଙ୍କୁ ବିଷ୍ଣୁ ଭାବରେ ପରିକଳ୍ପନା କରାଯିବା ଯଥାର୍ଥ ବୋଲି ମନେ ହୁଏ।

ସାକ୍ଷୀଗୋପାଳଃ— କୂର୍ମ ପ୍ରାଚୀରର ପଶ୍ଚିମ କାନ୍ଥରେ ସାକ୍ଷିଗୋପାଳଙ୍କ ମନ୍ଦିର ଅବସ୍ଥିତ। ଏଥିରେ ରାଧା କୃଷ୍ଣ ମୂର୍ତ୍ତି ବିଦ୍ୟମାନ। ପୁରୀଠାରୁ ପ୍ରାୟ ୧୮ କିମି ଦୂରରେ ସାକ୍ଷିଗୋପାଳ ନାମକ ଏକ ପୁରାଣ ପ୍ରସିଦ୍ଧ ସ୍ଥାନ ଅଛି। ଏ ସ୍ଥାନରେ ଏକ ମନ୍ଦିରରେ ସତ୍ୟବାଦୀ ବା ସାକ୍ଷୀଗୋପାଳଙ୍କ ମୂର୍ତ୍ତି। ବିଦ୍ୟମାନ। କାର୍ତ୍ତିକ ମାସ ଅଁଳାନବମୀ ଦିନ ଏ ସ୍ଥାନରେ ଏକ ବଡ଼ ଧରଣର ଯାତ୍ରା ଅନୁଷ୍ଠିତ ହୋଇଥାଏ ଏବଂ ସେହିଦିନ ହଜାର ହଜାର ସଂଖ୍ୟକ ବ୍ୟକ୍ତି ରାଧାଙ୍କ ପଦଦର୍ଶନ କରିଥାନ୍ତି। ଶ୍ରୀମନ୍ଦିର ମଧ୍ୟରେ ସାକ୍ଷିଗୋପାଳଙ୍କୁ ଦର୍ଶନ କରିବାର ସୁଯୋଗ ଲାଭ କରିବା ଉଦ୍ଦେଶ୍ୟରେ ସାକ୍ଷିଗୋପାଳଙ୍କ ମୂର୍ତ୍ତି ବେଢ଼ା ମଧ୍ୟରେ ସ୍ଥାପିତ ହୋଇଥିବା ମନେ ହୁଏ। ସାକ୍ଷିଗୋପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଶ୍ଲୋକ ହେଲା,

''କୃଷ୍ଣାୟ ବାସୁଦେବାୟ ଦେବକୀନନ୍ଦନାୟଚ।
ନନ୍ଦ ଗୋପକୁମାରାୟ ଗୋବିନ୍ଦାୟ ନମୋନମଃ।।''

ଅର୍ଥାତ୍, ହେ ସାକ୍ଷିଗୋପାଳ ! ତୁମେ ସାକ୍ଷାତ୍ କୃଷ୍ଣ, ବାସୁଦେବ ଏବଂ ଦେବକୀନନ୍ଦନ। ତୁମେ ମଧ୍ୟ ନନ୍ଦକୁମାର ତୁମେ ଗୋବିନ୍ଦ। ତୁମକୁ କୋଟି କୋଟି ପ୍ରଣାମ।

ଏକାଦଶୀ ଦେବୀ :— ସାକ୍ଷିଗୋପାଳଙ୍କ ମନ୍ଦିର ସମ୍ମୁଖରେ ଶ୍ରୀମନ୍ଦିରର ପଶ୍ଚିମ କାନ୍ଥ ବାହାର ପାଖରେ ଚଟାଣକୁ ଲାଗି ଗୋଟିଏ ଅତି କ୍ଷୁଦ୍ର ମନ୍ଦିର ଅଛି, ଯାହା କି ଏକାଦଶୀ ଦେବୀଙ୍କ ମନ୍ଦିର ଅଟେ। ଏକାଦଶୀ ଦିନ ନିରାହାର ରହି ବ୍ରତ ପାଳନ କରିବାର ବିଧି ଅଛି। ମାତ୍ର ଶ୍ରୀକ୍ଷେତ୍ରରେ କେହି ନିରାହାର ରହିବେ ନାହିଁ, ଏହା ପ୍ରଭୁ ଜଗନ୍ନାଥଙ୍କ ନିର୍ଦ୍ଦେଶ। ମହାପ୍ରସାଦ

ସେବା କରି ବ୍ରତ ପାଳନ କରିବାର ବିଧି ଶ୍ରୀ କ୍ଷେତ୍ରରେ ପ୍ରଚଳିତ। ଏକାଦଶୀ ଦେବୀଙ୍କୁ ଶ୍ରୀଜଗନ୍ନାଥ ଏଠାରେ ବାନ୍ଧିରଖିଛନ୍ତି ବୋଲି ଅନେକ ବିଶ୍ୱାସ କରନ୍ତି। ଏକାଦଶୀ ଦିନ ରାତ୍ରିରେ ବଡ଼ ଦେଉଳ ଉପରେ ମହାଦୀପ ଉଠେ। 'ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଜୟ ହେଉ' 'ଜଗନ୍ନାଥଙ୍କ ଜୟ ହେଉ' ଇତ୍ୟାଦି ଧ୍ୱଜା ବାନ୍ଧୁଥିବା ତଥା ମହାଦୀପ ଟେକୁଥିବା ସେବକ ଖୁବ୍ ବଡ଼ ପାଟିରେ ଡାକ ଦେଇଥାନ୍ତି। ମହାଦୀପ ରାତ୍ରି ଅଧରେ 'ଦର୍ଶନ କଲେ ଅଶେଷ ପୁଣ୍ୟଲାଭ ହୁଏ ବୋଲି ଭକ୍ତ ସମାଜର ଅଗାଧ ବିଶ୍ୱାସ।

କାଞ୍ଚି ଗଣେଶ ବା ଭଣ୍ଡ ଗଣେଶଃ— କୂର୍ମ ପ୍ରାଚୀରର ପଶ୍ଚିମ ଦ୍ୱାରର ଦକ୍ଷିଣ ଦିଗକୁ ଏବଂ ସାକ୍ଷିଗୋପାଳ ମନ୍ଦିରର ପାର୍ଶ୍ୱରେ ଗଣେଶଙ୍କ ମନ୍ଦିର ଅବସ୍ଥିତ। ଗଣେଶ ଏକ କଳାମୁଗୁନି ପଥରରେ ନିର୍ମିତ ଏବଂ ସେ ପୂର୍ବାଭିମୁଖ। ମୂର୍ତ୍ତିଟି ଖୁବ୍ ସୁନ୍ଦର ଓ ଆକର୍ଷଣୀୟ। ଗଣେଶଙ୍କର ଘୃରିଭୂଜ। ସୁଶକ୍ତି ସହିତ ନବଦ୍ୱାର ରୋଧ କରି ଗଣେଶ ସମାଧି ଅବସ୍ଥାରେ ଅଛନ୍ତି। ତାଙ୍କ କୋଳରେ ସିଦ୍ଧିଦେବୀ ଉପବେଶନ କରିଛନ୍ତି ଏବଂ ଗଣେଶଙ୍କ ଶୁଣ୍ଢ ଶକ୍ତିଙ୍କ ଭଗରେ ଭରିହୋଇ ରହିଥିବାରୁ ଲୋକ ମୁଖରେ ଭକ୍ତ ଗଣେଶଙ୍କୁ ଭଣ୍ଡ ଗଣେଶ ବୋଲି କୁହାଯାଇଥାଏ। ପୁରୀ ରାଜା ଶ୍ରୀ ପୁରୁଷୋତ୍ତମ ଦେବ କାଞ୍ଚିର ରାଜା ଶାଲ ନରସିଂହ ଦେବଙ୍କୁ ୧୪୭୪ ଖ୍ରୀଷ୍ଟାବ୍ଦରେ ପରାସ୍ତ କରି କାଞ୍ଚିରୁ ଏହି ମୂର୍ତ୍ତି ଆଣିଥିଲେ ବୋଲି ଇତିହାସରୁ ଜଣାଯାଏ। ତେଣୁ ଭଣ୍ଡ ଗଣେଶ ମଧ୍ୟ କାଞ୍ଚି ଗଣେଶ ନାମରେ ପରିଚିତ। ଏହାଙ୍କୁ ନାଟୁଆ ଗଣେଶ ବା କାମଦ ଗଣେଶ ମଧ୍ୟ କହନ୍ତି। ଉକ୍ତ ଗଣେଶଙ୍କର ଧ୍ୟାନ ହେଲା।

''ମହାକାୟଧର ଦେବଂ ବିଘ୍ନେଶ ! ବିଘ୍ନନାଶକମ୍।
ପରଶୁର୍ମାଳିକାହସ୍ତଂ ନିଜଲିଙ୍ଗାଗ୍ରମର୍ଦ୍ଦକମ୍।।

କ୍ରୋଡ଼େ ସିଦ୍ଧିମହାଦେବୀ ମାଲିଙ୍ଗ୍ୟ ବପୁରାୟତମ୍।
ଉଦ୍ଦଣ୍ଡବିଗ୍ରହଂ ବନ୍ଦେ ଶୁଣ୍ଢିନଂ ସିଦ୍ଧିଦାୟକମ୍।।''

ଅର୍ଥାତ୍ ହେ ଗଣନାଥ ! ତୁମେ ବିଘ୍ନେଶ। ତୁମେ ବିଶାଳ ବପୁ ଧାରଣ କରିଅଛ ଏବଂ ତୁମ ହସ୍ତରେ ପରଶୁ ଓ ମାଳା। ତୁମେ ଲିଙ୍ଗ ମର୍ଦ୍ଦକ ବେଶରେ ଚିତ୍ରିତ। ତୁମ କୋଳରେ ସିଦ୍ଧିଦାୟିନୀ ମହାଦେବୀ ଆଲିଙ୍ଗିତ। ତୁମେ ଉଦ୍ଦଣ୍ଡ ବିଗ୍ରହ ତଥା ସିଦ୍ଧିଦାୟକ। ମୁଁ ତୁମଠାରେ ଶରଣାପନ୍ନ ହେଉଛି।

କ୍ଷୀରଘୋରା ଗୋପୀନାଥଃ— କୂର୍ମ ପ୍ରାଚୀର ମଧ୍ୟରେ ପୂର୍ବାଭିମୁଖ ହୋଇ ରାଧା ଓ କୃଷ୍ଣ ଏକ ସୁନ୍ଦର ମନ୍ଦିର ମଧ୍ୟରେ ବିରାଜମାନ। ଏହାଙ୍କୁ କ୍ଷୀରଘୋରା ଗୋପୀନାଥ ବୋଲି କୁହାଯାଏ। କ୍ଷୀର ଘୋରା ଗୋପୀନାଥଙ୍କ ମୂଳ ପୀଠ ହେଉଛି ବାଲେଶ୍ୱର ଜିଲ୍ଲା ରେମୁଣା ଗ୍ରାମରେ। ଭକ୍ତ ପାଇଁ ଭଗବାନ କିପରି କ୍ଷୀର ଭୋଗ ନିଜ ପଣତ କାନିରେ ଲୁଘ୍ଇ ରଖିଥିଲେ, ଏ ସଂପର୍କରେ ଏକ କିମ୍ବଦନ୍ତୀ ରହିଅଛି। ଭକ୍ତ ହେଉଛି ଭଗବାନଙ୍କର ଅତି ପ୍ରିୟ। ସେଥିପାଇଁ ଭଗବାନଙ୍କ ଭାଷାରେ ଯୋମଦ୍ ଭକ୍ତଃ ସମେ ପ୍ରିୟଃ ବା ଭକ୍ତିମାନ୍ ଯଃ ସ ମେ ପ୍ରିୟଃ।

ଭୁବନେଶ୍ୱରୀ:— କୂର୍ମବେଢ଼ାର ପଶ୍ଚିମ ଦ୍ୱାରର ଉତ୍ତର ଭାଗକୁ ଭୁବନେଶ୍ୱରୀଙ୍କ ମନ୍ଦିର ଅବସ୍ଥିତ। ଏହି ମନ୍ଦିରରେ ବିମାନ ମଧ୍ୟରେ ଭୁବନେଶ୍ୱରୀ ଏବଂ ନାଟ୍ୟମନ୍ଦିର ମଧ୍ୟରେ ଏକ ପାର୍ଶ୍ୱରେ ସରସ୍ୱତୀ ଓ ଅନ୍ୟ ପାର୍ଶ୍ୱରେ ଷଷ୍ଠୀ, ସାବିତ୍ରୀ ଓ ଗାୟତ୍ରୀ ବିରାଜମାନା। ଉପରୋକ୍ତ ପଞ୍ଚଦେବୀ ପୂର୍ବାଭିମୁଖ ହୋଇ ବସି ଅଛନ୍ତି। ଭୁବନେଶ୍ୱରୀଙ୍କୁ କେହି କହେି କମଳା ବୋଲି କହଥାନ୍ତି। ସେ ତ୍ରିନୟନା, ସ୍ମିତହାସୀ ଓ ବରଦା ହସ୍ତରେ ପାଶ ଓ ଅଙ୍କୁଶ ଶୋଭା ପାଇଥାଏ। ଭୁବନେଶ୍ୱରୀଙ୍କ ଧ୍ୟାନ ହେଲା।

''ଉଦ୍ୟଦ୍ଦିନଦ୍ୟୁତିମିନ୍ଦୁ -କିରୀଟାଂ ତୁଙ୍ଗଂକୁଚଂ ନୟନତ୍ରୟଯୁକ୍ତାମ୍।
ସ୍ମେରମୁଖୀଂ ବରଦାଙ୍କୁଶପାଶାଃଭୀତିକରାଂ ପ୍ରଭଜେ ଭୁବନେଶ୍ୱରୀମ୍''।।

ଅର୍ଥାତ୍ ହେ ଭୁବନେଶ୍ୱରୀ ! ତୁମେ ପ୍ରଚଣ୍ଡ ବିମଣ୍ଡଳର ଜ୍ୟୋତିରେ ଉଦ୍ଭିପ୍ତା। ତୁମ କର୍ଣ୍ଣଭୂଷଣ ହେଉଛି ସଦ୍ୟ ପ୍ରକାଶିତ ଚନ୍ଦ୍ରମଣ୍ଡଳ। ତୁମର କୁଚଦ୍ୱୟ ଭଙ୍ଗିମା ପ୍ରକାଶ କରୁଅଛି। ତୁମେ ତ୍ରିନୟନା ଓ ସ୍ମିତହାସୀ। ତୁମେ ବରଦା ତଥା ଅଭୟଦାୟିନୀ। ତୁମେ ପାଶ ଓ ଅଙ୍କୁଶ ଧାରଣା କରିଅଛ। ମୁଁ ତୁମକୁ ଭଜନ କରୁଅଛି। ଏହି ମନ୍ଦିରକୁ ପଞ୍ଚଶକ୍ତିଙ୍କ ମନ୍ଦିର କୁହାଯାଏ।

ସରସ୍ୱତୀ :— ମା' ସରସ୍ୱତୀ ହେଉଛନ୍ତି ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଏହି ମନ୍ଦିରରେ ସରସ୍ୱତୀଙ୍କ ପୂଜା ଅର୍ଚ୍ଚନା ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ଏହା ବସନ୍ତ ପଞ୍ଚମୀ ବା ଶ୍ରୀ ପଞ୍ଚମୀ ନାମରେ ବିଦିତ। ଶ୍ରୀଜଗନ୍ନାଥଙ୍କ ନିକଟରେ ଉକ୍ତ ଦିନ ହରିଡ଼ାଗୁଣ୍ଡି ଓ ହେଙ୍ଗୁ ମିଶ୍ରିତ ବସନ୍ତ କାକରା ପିଠା ଭୋଗ କରାଯାଇଥାଏ। ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀଜୀଉଙ୍କ ପ୍ରତିନିଧି ଧନୁର୍ବାଣ ନେଇ ବେଣ୍ଟ ପୋଖରୀଠାରେ ନାରିକେଳ ଓ କସ୍ତୁରି ପୁଡ଼ିଆକୁ ମୃଗୟା କଳ୍ପନା କରି ବାଣ ସଂଯୋଗ କରନ୍ତି। ସରସ୍ୱତୀଙ୍କ ନିକଟରେ ଉକ୍ତ ଦିନ ବାଇଶି ଗୋଟି ନଡ଼ିଆ ଭଂଗାହୁଏ ଓ ମାଦଳା ପାଞ୍ଚି ପୂଜା ହୁଏ। ପଞ୍ଚୋପଗ୍ଭରରେ ଭୋଗ ହୁଏ। ଶ୍ରୀମନ୍ଦିରରେ ଶ୍ରୀପଞ୍ଚମୀ ଦିନଟି ସରସ୍ୱତୀ ଓ ଲକ୍ଷ୍ମୀଙ୍କର ଉପାସନା ଦିବସ ଅଟେ।

ବୈଷ୍ଣବମାନଙ୍କ ମତରେ ଲକ୍ଷ୍ମୀ ଓ ସରସ୍ୱତୀ ହେଉଛନ୍ତି ସପତ୍ନୀ। ଦେବୀ ଭାଗବତ ଅନୁଯାୟୀ ଅନନ୍ତ ଶକ୍ତିଙ୍କଠାରୁ ସର୍ବପ୍ରଥମେ ପୁରୁଷ ରୂପେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ ନାରୀ ରୂପେ ସରସ୍ୱତୀ, ଲକ୍ଷ୍ମୀ ଓ କାଳୀ ଜନ୍ମ ହୋଇଥିଲେ। ତେଣୁ ବ୍ରହ୍ମାଙ୍କର ସ୍ତ୍ରୀ ରୂପେ ସରସ୍ୱତୀ, ବିଷ୍ଣୁଙ୍କର ସ୍ତ୍ରୀ ରୂପେ ଲକ୍ଷ୍ମୀ ଏବଂ ମହେଶ୍ୱରଙ୍କ ସ୍ତ୍ରୀ ରୂପେ କାଳୀ ପୂଜା ପାଇ ଆସୁଅଛନ୍ତି। ଏ ମତକୁ ଖଣ୍ଡନ କରି ଅନେକ ପୁରାଣ ସ୍ୱୟଂ ଭଗବାନଙ୍କର ମୁଖରୁ ସରସ୍ୱତୀଙ୍କର ଜନ୍ମ ବୋଲି ବର୍ଣ୍ଣନା କରିଛନ୍ତି। ସରସ୍ୱତୀଙ୍କୁ ସେଥିପାଇଁ ବାକ୍‌ଦେବୀ ବୋଲି କୁହାଯାଇଥାଏ। ବିଦ୍ୟାର୍ଥୀମାନଙ୍କର ସେ ହେଉଛନ୍ତି ପରମ ଆରାଧ୍ୟାଦେବୀ ତଥା ଇଷ୍ଟ ଦେବୀ। ସରସ୍ୱତୀଙ୍କ ଧ୍ୟାନ ହେଲା,

''ଶୁକ୍ଳାଂ ବ୍ରହ୍ମବିଗ୍ୱର ସାରପରମାମାଦ୍ୟାଂ ଜଗଦ୍ ବ୍ୟାପିନିଂ।
ବୀଣାପୁସ୍ତକ ଧାରିଣୀମଭୟଦାଂ ଜାଡ୍ୟାନ୍ଧକାରାପହାମ୍ ।।

ହସ୍ତେ ସ୍ଫଟିକମାଳିକାଂ ଚ ଦଧତୀଂ ପଦ୍ମାସନେ ସଂସ୍ଥିତାଂ।
ବନ୍ଦେ ତାଂ ପରମେଶ୍ୱରୀଂ ଭଗବତୀଂ ବୁଦ୍ଧିପ୍ରଦାଂ ଶାରଦାମ୍ ।।''

ଅର୍ଥାତ୍, ହେ ସରସ୍ୱତୀ ! ତୁମେ ଶୁଭ୍ରା। ବେବାର୍ଥ ବିଗ୍ୱର କରି ସାରତତ୍ତ୍ୱ ନିରୂପଣ କରିବାରେ ତୁମେ ନିପୁଣା। ତୁମେ ଆଦ୍ୟାଶକ୍ତି ତଥା ନିଖଳ ଜଗତବ୍ୟାପୀ। ତୁମେ ଅଜ୍ଞାନ ଅନ୍ଧକାରର ବିନାଶିନୀ ତଥା ଅଭୟ ଦାୟିନୀ। ତୁମେ ହସ୍ତରେ ବୀଣା ଓ ପୁସ୍ତକ ଧାରଣ କରିଅଛ ଏବଂ ସ୍ଫଟିକମଣିର ମାଳା ବହନ କରିଅଛ। ତୁମେ ପଦ୍ମାସନରେ ଦଣ୍ଡାୟମାନା। ତୁମେ ପରମେଶ୍ୱରୀ ଭଗବତୀ ଓ ଶାରଦା। ତୁମକୁ ବନ୍ଦନା କରୁଅଛି।

ଷଷ୍ଠୀ :— ସନ୍ତାନ ସନ୍ତତିମାନଙ୍କର ଉନ୍ନତି ତଥା ରକ୍ଷଣାବେକ୍ଷଣ ପାଇଁ ଷଷ୍ଠୀ ଦେବୀଙ୍କୁ ପୂଜାଅର୍ଚ୍ଚନା କରାଯାଏ। ଷଷ୍ଠୀଦେବୀ ତ୍ରିଭୂଜା ତାଙ୍କ ବାମକୋଳରେ ଦିବ୍ୟଶିଶୁ ଆତ୍ମସୁଖ ଲାଭ କରୁଥାଏ। ଷଷ୍ଠୀ ଓଷା ଦିନ ଏ ମନ୍ଦିରରେ ଅସମ୍ଭବ ଧରଣର ଜନସମାଗମ ହୁଏ। ପିଲାମାନଙ୍କର ଜନ୍ମଦିନ ମାନଙ୍କରେ ମା' ମାନେ ଷଷ୍ଠୀଙ୍କ ମନ୍ଦିରକୁ ଯାଇ ପୂଜା କରିଥାନ୍ତି। ଷଷ୍ଠୀଦେବୀଙ୍କର ଧ୍ୟାନ ହେଲା।

''ଗୌରବର୍ଣ୍ଣାଂ ଚ ତ୍ରିଭୂଜାଂ ନାନାଲଙ୍କାରଭୂଷିତାମ୍।
ସର୍ବଲକ୍ଷଣ ସମ୍ପନ୍ନାଂ ପୀନୋନ୍ନତ ପୟୋଧରାମ୍ ।।

ଦିବ୍ୟବସ୍ତ୍ର ପରିଧାନାଂ ବାମକ୍ରୋଡ଼େ ସପୁତ୍ରକାମ୍।
ପ୍ରସନ୍ନବଦନାଂ ଷଷ୍ଠୀଂ ଜଗଦ୍ଧାତ୍ରୀଂ ସୁଖପ୍ରଦାମ୍ ।।

ଅର୍ଥାତ୍, ହେ ଷଷ୍ଠୀ ଦେବୀ ! ତୁମେ ଗୌରବର୍ଣ୍ଣା ତ୍ରିଭୂଜା ଓ ନାନା ଅଳଙ୍କାରରେ ବିମଣ୍ଡିତା ତୁମଠାରେ ସମସ୍ତ ଶୁଭ ଲକ୍ଷଣ ପରିପୂର୍ଣ୍ଣ। ସ୍ତନ୍ୟପାୟୀ ଶିଶୁ ପାଇଁ ତୁମ ସ୍ତନ ମଣ୍ଡଳ ନିତ୍ୟ କ୍ଷୀରସାର ବହନ କରି ଅଛି। ତୁମେ ଦିବ୍ୟବସ୍ତ୍ର ଧାରଣ କରିଅଛ ଏବଂ ତୁମ ବାମ କୋଳରେ ଦିବ୍ୟଶିଶୁ ଆତ୍ମ ସୁଖ ଲାଭ କରୁଅଛି। ତୁମେ ପ୍ରସନ୍ନବଦନା ସୁଖଦାୟିନୀ ଜଗଦ୍ଧାତ୍ରୀ। ହେ ମା ଷଷ୍ଠୀ ମୁଁ ତୁମକୁ ପ୍ରଣାମ କରୁଅଛି।

ସାବିତ୍ରୀ :— ସାବିତ୍ରୀ ବ୍ରହ୍ମାଙ୍କର ଶକ୍ତି ଅଟନ୍ତି। ସେ ଦ୍ୱିଭୂଜା। ସାବିତ୍ରୀ ଅମାବାସ୍ୟା ଦିନ ସଧବା ସ୍ତ୍ରୀମାନେ ସାବିତ୍ରୀଙ୍କୁ ପୂଜା ଅର୍ଚ୍ଚନା କରିଥାନ୍ତି। ସାବିତ୍ରୀଙ୍କ ଧ୍ୟାନ ହେଲା,

''ଦ୍ୱିଭୂଜାଂ ବ୍ରହ୍ମଣଃ ଶକ୍ତିଂ ବ୍ରହ୍ମଶକ୍ତି ପ୍ରଦାୟିନୀମ୍।
ସାବିତ୍ରୀଂ ମନ୍ତ୍ରରୂପାଂ ଚ ସ୍ମରାମି ତତ୍ ପଦାମ୍ବୁଜମ୍ ।।

ଅର୍ଥାତ୍, ହେ ସାବିତ୍ରୀ ! ତୁମେ ବ୍ରହ୍ମାଙ୍କର ଶକ୍ତି ଏବଂ ବ୍ରହ୍ମଶକ୍ତି ପ୍ରଦାୟିନୀ । ତୁମେ ଦ୍ୱିଭୁଜା, ମନ୍ଦ ରୂପା । ମୁଁ ତୁମ ପାଦକମଳକୁ ସ୍ମରଣ କରୁଅଛି ।

ଗାୟତ୍ରୀ :— ଗାୟତ୍ରୀ ଦେବୀ ଧବଳ ବର୍ଣ୍ଣା । ସେ ସୂର୍ଯ୍ୟ ମଣ୍ଡଳର ଆଭାସିନୀ ତଥା ବ୍ରହ୍ମାଲୋକ ନିବାସିନୀ । ଦେବୀ ପଦ୍ମାସନରେ ଉପବିଷ୍ଟା । ଗାୟତ୍ରୀଙ୍କ ଧ୍ୟାନ ହେଲା

"ଶ୍ୱେତବର୍ଣ୍ଣାଂ ସମୁଦ୍ଦିଷ୍ଟ କୌଶେୟ ବସନାବୃତାମ୍ ।
ଶ୍ୱେତୈ ର୍ବିଲୋପନୈଃ ପୁଷ୍ପାଳଙ୍କାରୈଶ୍ଚ ବିଭୂଷିତାମ୍ ।

ଆଦିତ୍ୟ ମଣ୍ଡଳାଭାସାଂ ବ୍ରହ୍ମଲୋକନିବାସିନୀମ୍ ।
ଅକ୍ଷସୂତ୍ରଧରାଂ ଦେବୀଂ କମଳାସନ ସଂସ୍ଥିତାମ୍ ।।"

ଅର୍ଥାତ୍, ହେ ଗାୟତ୍ରୀ ! ତୁମେ ଶ୍ୱେତବର୍ଣ୍ଣା, ପଟ୍ଟବସ୍ତ୍ର ସୁଶୋଭିତା । ତୁମେ ଶୁଭ୍ର ଚନ୍ଦନ, ପୁଷ୍ପ ଓ ଅଳଙ୍କାରରେ ବିଭୂଷିତା । ତୁମେ ସୂର୍ଯ୍ୟମଣ୍ଡଳର ଆଭାସିନୀ ଏବଂ ବ୍ରହ୍ମଲୋକ ନିବାସିନୀ । ତୁମେ ଅକ୍ଷସୂତ୍ର ଧାରଣ କରିଅଛ ଓ ପଦ୍ମାସନରେ ଉପବିଷ୍ଟା ହୋଇଅଛ । ହେମା ! ମୁଁ ତୁମକୁ ପ୍ରଣାମ କରୁଅଛି ।

ନୀଳମାଧବ :— ଭୁବନେଶ୍ୱରୀଙ୍କ ମନ୍ଦିରର ଉତ୍ତରକୁ ନୀଳମାଧବଙ୍କ ମନ୍ଦିର । ଏଥିରେ ଏକ ଖଣ୍ଡ କଳାମୁଗୁନି ପଥରରେ ଗଠିତ ନୀଳମାଧବ ମୂର୍ତ୍ତି ବିରାଜମାନ । ଏହା ଏକ ସୁନ୍ଦର କମନୀୟ ଭୂର୍ତ୍ତି । ନୀଳମାଧବ ଏକ ସିଂହାସନ ଉପରେ ଉପବେଶନ କରି ଅଛନ୍ତି । ତାଙ୍କର ବାମ ଭାଗରେ ଏକ କ୍ଷୁଦ୍ର ଜଗନ୍ନାଥ ମୂର୍ତ୍ତି ଦୃଷ୍ଟି ଗୋଚର ହୁଏ । ନୀଳ ମାଧବଙ୍କ ମନ୍ଦିରର ଦ୍ୱାରବନ୍ଧ ଉପର ଭାଗରେ ଏକ ନବଗ୍ରହ ପାଟକ ଅଛି ।

ସଚ୍ଚିଦାନନ୍ଦ ରାଉତରାୟଙ୍କ ଦ୍ୱାରା ଲିଖିତ 'ସାହିତ୍ୟରେ ମୂଲ୍ୟବୋଧ' ପୁସ୍ତକରେ ନୀଳ ମାଧବଙ୍କର ଏକ ଦାର୍ଶନିକ ଅର୍ଥ ପ୍ରଦାନ କରାଯାଇଛି । ନୀଳ-ମା-ଧବ — ଏହାର ଅର୍ଥ ହେଉଛି ନୀଳ (Blue) ମା (Mother)— ଧବ (White) । ଏହାର ଦାର୍ଶନିକ ଅର୍ଥ ହେଲା ନିଃସତ୍ତା (non existence) ଜନନ (principle of Generation) ଓ ଶୁକ୍ଳ (Phenomenal expression of the Universe) ନୀଳ - ମା - ଧବ - ଏହି ତିନି ତତ୍ତ୍ୱ ରୁ ସମ୍ଭବତଃ ଯଥାକ୍ରମେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କର ଉନ୍ମେଷ । ନୀଳମାଧବଙ୍କ ଧ୍ୟାନ ହେଲା,

"ନୀଳଦ୍ରି ଶିଖରାସୀନଂ ନମାମି ନୀଳମାଧବମ୍ ।
ପ୍ରଣତାର୍ତ୍ତିହରଂ ଦେବଂ ଶରଣାଗତରକ୍ଷକମ୍ ।।"

ଅର୍ଥାତ୍, ହେ ନୀଳମାଧବ ! ତୁମେ ନୀଳାଚଳର ଅଗ୍ରଭାଗରେ ଅବସ୍ଥାନ କରିଅଛ । ତୁମେ ପ୍ରଣତଲୋକର ଦୁଃଖ ନାଶକ । ତୁମେ ଶରଣାର୍ଥୀର ଶରଣ ଦାୟକ । ହେ ପ୍ରଭୁ ମୁଁ ତୁମକୁ ପ୍ରଣାମ କରୁଅଛି ।

ବେଢ଼ାକାଳୀ ବା ଗୁହ୍ୟକାଳୀ :– ନୀଳମାଧବଙ୍କ ମନ୍ଦିରର ଉତ୍ତରକୁ ବେଢ଼ାକାଳୀଙ୍କ ମନ୍ଦିର ଅବସ୍ଥିତ । ତାଙ୍କୁ ବେଢ଼ାକାଳୀ, ଗୁହ୍ୟକାଳୀ ବା ଭଦ୍ରକାଳୀ ବୋଲି କୁହାଯାଇଥାଏ । ସେ ପୂର୍ବାଭିମୁଖ ଭାବରେ ଉପବେଶନ କରିଅଛନ୍ତି । ତାଙ୍କର ଦୁଇ ଭୂଜ । ଦକ୍ଷିଣ ହସ୍ତରେ ଖଡ଼୍‌ଗ ଏବ ବାମ ହସ୍ତରେ ଖର୍ପର । ଗଳାରେ ଏକ ମୁଣ୍ଡମାଳ ଶୋଭା ପାଉଅଛି । ଏହା ଏକ ଦାରୁର ମୂର୍ତ୍ତି, ଯାହାଙ୍କର ଉଚ୍ଚତା ପ୍ରାୟ ତିନି ଫୁଟ । ବର୍ତ୍ତମାନର ଏ ମୂର୍ତ୍ତି ପ୍ରକୃତ ମୂର୍ତ୍ତି ନୁହେଁ ବୋଲି ଅନେକଙ୍କର ବିଶ୍ୱାସ । ଏହାଙ୍କ ପଛପଟେ ପ୍ରକୃତ ମୂର୍ତ୍ତି ଥିବା ବିଶ୍ୱାସ କରାଯାଏ । ପୂର୍ବେ ମନ୍ଦିରର ଚତୁର୍ଦ୍ଦିଗ ଅରଣ୍ୟରେ ଭରପୁର ଥିଲା । କାଳୀଙ୍କ ପ୍ରକୋପରେ ଅନେକ ଲୋକ ଭୟଭୀତ ହେଲେ ଏବଂ କେତେକ ମଧ୍ୟ ମୃତ୍ୟୁ ବରଣ କଲେ । ମରହଟ୍ଟା ରାଜତ୍ୱରେ ବାବା ଭୁଙ୍ଗଗିରୀଙ୍କ ତତ୍ତ୍ୱାବଧାନରେ କାଳୀଙ୍କୁ ମନ୍ଦିର ମଧ୍ୟରେ ବନ୍ଦ କରି ରଖାଗଲା ଏବଂ ତାଙ୍କ ସମ୍ମୁଖରେ ବର୍ତ୍ତମାନର ମୂର୍ତ୍ତିଙ୍କୁ ସ୍ଥାପନା କରାଗଲା । ବର୍ତ୍ତମାନର ମୂର୍ତ୍ତିଙ୍କ ଦକ୍ଷିଣ ପାଖକୁ ଏକ ରନ୍ଧ୍ର ଅଛି । ଭକ୍ତ ରନ୍ଧ୍ର ବାଟରେ ପ୍ରତିଦିନ ଫୁଲ ଚନ୍ଦନ ଦେଇ ଭିତରେ ରୁଦ୍ଧ ହୋଇଥିବା ଦେବୀଙ୍କୁ ଅର୍ଚ୍ଚନା କରାଯାଇଥାଏ । ବେଢ଼ାକାଳୀ ହେଉଛନ୍ତି ଶ୍ରୀ ଜଗନ୍ନାଥ ମନ୍ଦିରର ବେଢ଼ା ରକ୍ଷାକର୍ତ୍ତ୍ରୀ ସେହି ପରମାରାଧ୍ୟା କାଳୀଙ୍କ ଧ୍ୟାନ ହେଲା,

''କଳିଂ କରାଳବଦନାଂ ମୁଣ୍ଡମାଳା ବିଶୋଭିତାମ୍ ।
ଲୋଳଜିହ୍ୱାଂ ତ୍ରିନେତ୍ରାଙ୍ଗାଖଡ଼୍‌ଗପାତ୍ର ଧରାନନାମ୍ ।।

ଗୃହ୍ୟାତ୍ ଗୁହ୍ୟତମାଂ ଦେବୀଂ ସର୍ବସିଦ୍ଧି ପ୍ରଦାୟିନୀମ୍ ।
ଗୁହ୍ୟଚକ୍ରଶ୍ୱରୀଂ ବନ୍ଦେ କାଳିକାଂ କାଳମାତ୍ରକାମ୍ ।।''

ଅର୍ଥାତ୍, ହେ ଗୁହ୍ୟକାଳୀ ! ତୁମେ କରାଳ ବଦନା, ନରମୁଣ୍ଡ ମାଳାରେ ବିଭୂଷିତା । ତୁମର ଜିହ୍ୱା ଅତି ଚପଳ । ତୁମେ ତ୍ରିନେତ୍ରା, ଖଡ଼୍‌ଗଧରା, ପାନପତ୍ର ତୁମ ଅଧରକୁ ସ୍ପର୍ଶ କରିଅଛି । ତୁମେ ଅପ୍ରକଟା ଏବଂ ଗୁହ୍ୟଚକ୍ରର ଅଧୀଶ୍ୱରୀ । ତୁମେ ସିଦ୍ଧି-ଦାୟିନୀ, କାଳିକା, ଏବଂ କାଳମାତୃକା । ତୁମକୁ ମୁଁ ବାରମ୍ବାର ବନ୍ଦନା କରୁଅଛି । ଏହାଙ୍କ ପରେ ମାର୍ବଲ୍ ପ୍ରସ୍ତର ନିର୍ମିତ ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତି ଏକ ମନ୍ଦିରରେ ବିରାଜମାନ ।

ମହାଲକ୍ଷ୍ମୀ :– ଭିତର ବେଢ଼ାର ବାୟୁ କୋଣରେ ମହାଲକ୍ଷ୍ମୀଙ୍କ ମନ୍ଦିର ଅବସ୍ଥିତ । ମନ୍ଦିରଟି ବିମାନ, ଜଗମୋହନ, ନାଟ ମନ୍ଦିର ଓ ଭୋଗ ମନ୍ଦିର, ଏହିପରି ତ୍ରିରି ଭାଗରେ ବିଭକ୍ତ । କେତେକଙ୍କ ମତରେ ରାଜା ଗ୍ରେଳଗଙ୍ଗଦେବଙ୍କ ସମୟରେ ଉକ୍ତ ମନ୍ଦିର ନିର୍ମିତ ହୋଇଥିଲା । ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି, ମୁକୁନ୍ଦଦେବ (୧୬୫୫-୧୬୯୩ ଖ୍ରୀଷ୍ଟାବ୍ଦ)ଙ୍କର ପାତ୍ର ପିତାମ୍ବର ବିଦ୍ୟାଧର ମହାପାତ୍ର ଲକ୍ଷ୍ମୀଙ୍କ ଜଗମୋହନ ନିର୍ମାଣ କରିଥିଲେ । ଜଗମୋହନରେ ଲକ୍ଷ୍ମୀନୃସିଂହଙ୍କର ପଥର ମୂର୍ତ୍ତି ବିଦ୍ୟମାନ । ନୃସିଂହଙ୍କ କୋଳରେ ଲକ୍ଷ୍ମୀ ବିରାଜମାନା । ମୁଖ୍ୟ ମନ୍ଦିରର ପଶ୍ଚିମ କାନ୍ଥକୁ ଲାଗି ଏକ ସିଂହାସନରେ ଜଗଜ୍ଜନନୀ ମହାଲକ୍ଷ୍ମୀ ପୂର୍ବାଭିମୁଖ ହୋଇ

ଉପବେଶନ କରିଥିବା ଦୃଷ୍ଟି ଗୋଚର ହୁଏ । ଏହା ଏକ ସୌମ୍ୟ ମୂର୍ତ୍ତି, ଯାହାଙ୍କ ହସ୍ତରେ ପଦ୍ମକଳିକା ବିଦ୍ୟମାନ । ନାଟ ମନ୍ଦିରରେ ବହୁ ସୁନ୍ଦର ମୂର୍ତ୍ତି ଅଙ୍କିତ ହୋଇଅଛି । ମହାଲକ୍ଷ୍ମୀଙ୍କୁ ଦର୍ଶନ କଲାପରେ ତାଙ୍କ ମନ୍ଦିର ପ୍ରାଙ୍ଗଣରେ କିଛି ସମୟ ବସିବାର ବିଧିଅଛି । ବୋଧହୁଏ ଜଗନ୍ନାଥ ଦର୍ଶନକାମୀ ବ୍ୟକ୍ତିଗଣ ବାଇଶି ପାହାଚ ଦେଇ ଶ୍ରୀ ମନ୍ଦିର ବେଢ଼ାର ଠାକୁର ଠାକୁରାଣୀଙ୍କୁ ଦର୍ଶନ କରି ମହାଲକ୍ଷ୍ମୀ ମନ୍ଦିର ନିକଟରେ ଉପସ୍ଥିତ ହେଲାଦୋଳକୁ ସାମାନ୍ୟ କ୍ଲାନ୍ତି ଅନୁଭବ କରିଥାନ୍ତି । ତେଣୁ ଦକ୍ଷିଣ ଦିଗରୁ ନିଶାତଳ ଦେଇ ଆସୁଥିବା ଶୀତଳ ପବନର ସ୍ପର୍ଶରେ ଯେ କେହି ସାମାନ୍ୟ ବିଶ୍ରାମ ନେବ ଏବଂ ଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ତା'ର କ୍ଲାନ୍ତି ଯେପରି ମେଣ୍ଟି ପାରିବ. ଏହି ଉଦ୍ଦେଶ୍ୟରେ ଏଠାରେ ବସିବାର ବିଧି ବୋଧହୁଏ ରହିଅଛି ।

ମହାଲକ୍ଷ୍ମୀ ହେଉଛନ୍ତି ଶ୍ରୀ ବା ଐଶ୍ୱର୍ଯ୍ୟର ଦେବୀ । ସେ ଜଗତର ସର୍ବମୟ କର୍ତ୍ତାଙ୍କର ଗୃହିଣୀ । ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସେ ହେଉଛନ୍ତି ପତିଦାତ୍ରୀ । ତାଙ୍କର କରୁଣା ନହେଲେ କେହି ଅନ୍ନ-ବସ୍ତ୍ର ପାଆନ୍ତି ନାହିଁ । ଉଚ୍ଚ, ନୀଚ, ଧନୀ, ନିର୍ଦ୍ଧନ ନିର୍ବିଶେଷରେ ସେ ସ ମସ୍ତଙ୍କୁ ସମ ଦୃଷ୍ଟି ଦେଇଥାନ୍ତି । ଶୁଦ୍ଧପୂତ ଭାବରେ ଭାବଭକ୍ତିର ସହିତ ମହାଲକ୍ଷ୍ମୀଙ୍କୁ ଆରାଧନା କଲେ ସକଳ ଐଶ୍ୱର୍ଯ୍ୟ ମିଳେ ବୋଲି ହିନ୍ଦୁମାନଙ୍କର ଗଭୀର ବିଶ୍ୱାସ । ସେ ଚଞ୍ଚଳା ତଥା ଚପଳା । ତାଙ୍କୁ ସବୁଦିନ ପାଇଁ ବାନ୍ଧି ରଖିବା ସମ୍ଭବପର ନୁହେଁ । ସମୁଦ୍ର ମନ୍ଥନରୁ ତାଙ୍କର ଉତ୍ପତି ବୋଲି ଶ୍ରୀମଦ୍ ଭାଗବତ ଅଷ୍ଟମସ୍କନ୍ଦର ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

ମହାଲକ୍ଷ୍ମୀଙ୍କ ନିକଟରେ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା ଯାତ୍ରା, ଦ୍ୱାଦଶୀ ନୀଳାଦ୍ରୀବିଜେ, ଝୁଲଣ ଯାତ୍ରା, ଜନ୍ମାଷ୍ଟମୀ, ନନ୍ଦୋତ୍ସବ, ରାଧାଷ୍ଟମୀ, କୁମାର ପୂର୍ଣ୍ଣିମା ଓ ଦ୍ୟୁତକ୍ରୀଡ଼ା, ଦଶହରା, ଏକାଦଶୀ ଲକ୍ଷ୍ମୀ ନାରାୟଣ ଓ ଲକ୍ଷ୍ମୀନୃସିଂହ ବେଶ, ପୌଷ ପୂର୍ଣ୍ଣିମା ଏବଂ ରୁକ୍ମିଣୀ ବିବାହ ପ୍ରଭୃତି ପର୍ବପର୍ବାଣୀ ଗୁଡ଼ିକରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥାଏ ।

ମହାଲକ୍ଷ୍ମୀଙ୍କ ଧ୍ୟାନ ହେଲା,

''ସରସିଜ ନିଳୟେ ସରୋଜହସ୍ତେ ।
ଧବଳ ତରାଂଶୁକଗନ୍ଧମାଲ୍ୟଶୋଭେ ।।
ଭଗବତି ! ହରିବଲ୍ଲଭେ ମନୋଜ୍ଞେ ।
ତ୍ରିଭୁବନ ଭୂତିକରି ! ପ୍ରସୀଦ ମହ୍ୟମ୍ ।।''

ଅର୍ଥାତ୍, ହେ ମହାଲକ୍ଷ୍ମୀ ! ତୁମେ ପଦ୍ମନିଳୟର ବିଳାସିନୀ ଓ ତୁମ ହସ୍ତରେ ପଦ୍ମ କଳିକା ନିତ୍ୟ ବିରାଜମାନ । ତୁମେ ଶୁକ୍ଳବସ୍ତ୍ର ପରିଧାନ କରିଅଛ ଏବଂ ତୁମେ ଗନ୍ଧ ମାଲ୍ୟରେ ବିଶୋଭିତା । ତୁମେ ଭଗବାନଙ୍କର ପ୍ରିୟତମା, ମନୋଜ୍ଞା, ତଥା ତ୍ରିଭୁବନର ଐଶ୍ୱର୍ଯ୍ୟଦାୟିନୀ । ହେ ଭଗବତୀ! ମୋତେ ପ୍ରସନ୍ନ ହୁଅ ।

ନବଗ୍ରହ :– ମହାଲକ୍ଷ୍ମୀଙ୍କ ନାଟ ମନ୍ଦିରର ଉତ୍ତରକୁ ନବଗ୍ରହଙ୍କ ମନ୍ଦିର । ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁ ହେଉଛନ୍ତି ପ୍ରଭୁ ଜଗନ୍ନାଥଙ୍କର ନଅଗୋଟି ଶକ୍ତି । ମନୁଷ୍ୟର ପଶୁ ପ୍ରବୃତ୍ତିଗୁଡ଼ିକୁ ଆୟତ୍ତାଧୀନ କରି ଶାନ୍ତି ସ୍ଥାପନ କରିବା ଉଦ୍ଦେଶ୍ୟରେ ନବଗ୍ରହ ପୂଜା କରାଯାଇଥାଏ । ନବଗ୍ରହଙ୍କ ଧ୍ୟାନ ହେଲା,

''ନବଗ୍ରହାଣାମାଖ୍ୟାତଂ ଗ୍ରହକୁମ୍ଭେନ ସେବିତମ୍ ।
ଗ୍ରହଣାଂ ଦୋଷନାଶାୟ ସ୍ୱାସ୍ଥ୍ୟସ୍ୟାପି ବିବୃଦ୍ଧୟେ ।।''

ଅର୍ଥାତ୍, ହେ ନବଗ୍ରହ ! ତୁମେ ନବମ ସଂଖ୍ୟାରେ ପରିଗଣିତ । ତୁମେ ଗ୍ରହକୁମ୍ଭରେ ପୂଜିତ । ଗ୍ରହ ଦୋଷ ଖଣ୍ଡନ ପାଇଁ ଓ ନିରୋଗ ସ୍ୱାସ୍ଥ୍ୟ ପାଇଁ ତୁମକୁ ପ୍ରଣାମ କରୁଅଛି ।

ପ୍ରତ୍ୟେକ ଗ୍ରହଙ୍କ ସ୍ୱତନ୍ତ୍ର ଧ୍ୟାନ ଓ ସ୍ତବ ଅଛି । ଯାହାର ଯେଉଁ ଗ୍ରହ ଦୋଷଥାଏ, ସେହି ଗ୍ରହଙ୍କୁ ପୂଜା ଅର୍ଚ୍ଚନା କରାଯାଏ ଓ ଗ୍ରହ ଶାନ୍ତି ହୋମ କରାଯାଇଥାଏ ।

ଉକ୍ତ ନବଗ୍ରହ ମନ୍ଦିରର ବିଶେଷତ୍ୱ ହେଲା ଯେ ମୂର୍ତ୍ତିଗୁଡ଼ିକ ବାମରୁ ଦକ୍ଷିଣକୁ ଅବସ୍ଥିତ ନହୋଇ ଦକ୍ଷିଣରୁ ବାମକୁ ବିରାଜମାନ । ଅନ୍ୟତ୍ର ନବଗ୍ରହଙ୍କ ମନ୍ଦିରରେ ଏ ପ୍ରକାର ସ୍ଥିତି ଦେଖାଯାଏ ନାହିଁ ।

ସୂର୍ଯ୍ୟ ନାରାୟଣ :– ମହାଲକ୍ଷ୍ମୀଙ୍କ ମନ୍ଦିରର ପୂର୍ବକୁ କୂର୍ମପ୍ରାଚୀରର ଉତ୍ତର ଭାଗକୁ ସୂର୍ଯ୍ୟନାରାୟଣଙ୍କ ମନ୍ଦିର ଅବସ୍ଥିତ । ଭୋଇ ବଂଶର ରାଜା ନରସିଂହ ଦେବ ୧୬୨୨-୧୬୪୪ ଖ୍ରୀଷ୍ଟାବ୍ଦ ମଧ୍ୟରେ କୋଣାର୍କରୁ ଚନ୍ଦ୍ର ସୂର୍ଯ୍ୟଙ୍କୁ ଆଣି ବଡ଼ ଦେଉଳ ମଧ୍ୟରେ ସ୍ଥାପନା କରିଥିଲେ ବୋଲି ମାଦଳା ପାଞ୍ଜିରୁ ସୂଚନା ମିଳେ । ସୂର୍ଯ୍ୟମନ୍ଦିରଟି ବିମାନ, ଜଗମୋହନ ଓ ନାଟ ମନ୍ଦିର, ଏହିପରି ୩ ଭାଗରେ ବିଭକ୍ତ । ବିମାନ ମଧ୍ୟରେ ଏକ ସିଂହାସନ ଉପରେ ପ୍ରସ୍ତରର ସୂର୍ଯ୍ୟନାରାୟଣ ମୂର୍ତ୍ତି ବିରାଜମାନ । ମୂର୍ତ୍ତିରେ ସପ୍ତାଶ୍ୱ ଅଛନ୍ତି । ଶ୍ରୀ ମନ୍ଦିରରେ ପ୍ରତ୍ୟହ ସୂର୍ଯ୍ୟପୂଜାର ବିଧିଅଛି । ସୂର୍ଯ୍ୟଦେବଙ୍କର ସ୍ୱତନ୍ତ୍ର ରୋଷଘର ଅଛି । ଏଠାରେ ଛ'ଭୋଗ ପୂଜା ହୁଏ ଏବଂ ଛତିଶା ନିଯୋଗ ସରଘରେ ଏ ପ୍ରସାଦ ବିକ୍ରି ହୋଇଥାଏ । ରବିବାର ଦିନ ସୂର୍ଯ୍ୟଙ୍କ ବାର ହୋଇଥିବାରୁ ସୂର୍ଯ୍ୟନାରାୟଣଙ୍କର ଦୁଇଥର ସ୍ନାନ ହୁଏ । ଏ ମନ୍ଦିରରେ ସୂର୍ଯ୍ୟ ନାରାୟଣଙ୍କର ମଧ୍ୟ ବିଶେଷ ପର୍ବପର୍ବାଣି ପାଳିତ ହୋଇଥାଏ । ଗ୍ରହଣ ଓ ସୂର୍ଯ୍ୟୋପରାଗ ଗୁଡ଼ିକରେ ମହାସ୍ନାନ ହୋଇଥାଏ । ମାଘ ସପ୍ତମୀ ଦିନ ସୂର୍ଯ୍ୟଦେବଙ୍କ ନିକଟରେ ବରୁଣ ପୂଜା, ବନ୍ଦାପନା, ଆରତି ହୋଇଥାଏ ଏବଂ ସୂର୍ଯ୍ୟନାରାୟଣ ନୂତନବସ୍ତ୍ର ଲାଗି ହୁଅନ୍ତି । ଚୈତ୍ର ଗୁଣ୍ଡିଘରେ ସୂର୍ଯ୍ୟଦେବଙ୍କ ଚଳନ୍ତି ପ୍ରତିମା ଜଗମୋହନକୁ ବିଜେ ହୁଅନ୍ତି । ସପ୍ତପୁରୀ ଅମାବାସ୍ୟା ଦିନ ସାତଗୋଟି ପୁରି ଭୋଗ ହୋଇଥାଏ । କୁମାର ପୂର୍ଣ୍ଣିମା, ଓଢ଼ଣ ଷଷ୍ଠୀ ଓ ବସନ୍ତ ପଞ୍ଚମୀରେ ନୂତନ ବସ୍ତ୍ର ଲାଗି ହୁଅନ୍ତି । ଶାମ୍ବ ଦଶମୀ ଦିନ ଠାକୁରଙ୍କର ବିଶେଷ ଭୋଗ ହୋଇଥାଏ । ସୂର୍ଯ୍ୟଙ୍କୁ ଗ୍ରହ ରାଜ ବୋଲି ସମ୍ବୋଧନ କରାଯାଇଥାଏ । ଗ୍ରହରାଜ ସୂର୍ଯ୍ୟଙ୍କ ଧ୍ୟାନ ହେଲା,

''ଗ୍ରହଣାମାଦିରାଦିତ୍ୟ ଲୋକରକ୍ଷଣକାରକ ।
ବିଷମ ସ୍ଥାନସଂଭୂତାଂ ପୀଡ଼ାଂ ହରତୁ ମେ ଗ୍ରହଃ ।।''

ଅର୍ଥାତ୍, ହେ ସୂର୍ଯ୍ୟ ! ତୁମେ ଗ୍ରହରାଜ । ତୁମେ ଲୋକରକ୍ଷକ ଏବଂ ସକଳ ଶକ୍ତିର ଆଧାର । ହେ ପ୍ରଭୁ ! ଗ୍ରହମାନଙ୍କର ବିଷମ ସ୍ଥାନରେ ଅବସ୍ଥିତି ଜନିତ ପୀଡ଼ା ହରଣ କର ।

ପାତାଳେଶ୍ୱର :– କୂର୍ମପ୍ରାଚୀରର ଉତ୍ତର ଦ୍ୱାର ନିକଟରେ ପାତାଳେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ । ମନ୍ଦିରଟି ଅଧାପୋତା ଅବସ୍ଥାରେ ରହିଅଛି । କୂର୍ମବେଢ଼ା ଚଟାଣ ଠାରୁ ପ୍ରାୟ ୨୦ ଫୁଟ ତଳେ ଶିବଲିଙ୍ଗ ବିରାଜମାନ । ଶିବଲିଙ୍ଗଙ୍କ ନିକଟକୁ ଯିବା ପାଇଁ ପାବଚ୍ଛଶ୍ରେଣୀ ରହିଅଛି । ମନ୍ଦରଟି ପୂର୍ବାଭିମୁଖ । ଏହି ଦ୍ୱାରା ଛଡ଼ା ଅନ୍ୟ ବାଟରେ ମନ୍ଦିର ମଧ୍ୟକୁ ଆଲୋକ ବା ପବନ ଯିବାର ଉପାୟ ନାହିଁ । ପାତାଳେଶ୍ୱରଙ୍କ ଧ୍ୟାନ ହେଲା,

''ନମୋ ରୁଦ୍ରାୟ କାଳାୟ ପାତାଳାନ୍ତସ୍ଥିତାୟ ଚ ।
ସର୍ବରୋଗ ବିମର୍ଦ୍ଦାୟ ମୃତ୍ୟୁଞ୍ଜୟାୟ ବୈ ନମଃ ।।''

ଅର୍ଥାତ୍, ହେ ପାତାଳେଶ୍ୱର ! ତୁମେ ରୁଦ୍ର ତଥା କାଳ । ତୁମେ ପାତାଳର ଅନ୍ତିମ ଭାଗ ପର୍ଯ୍ୟନ୍ତ ଅବସ୍ଥିତ । ତୁମେ ସମସ୍ତ ରୋଗର ବିମର୍ଦ୍ଦକ । ହେ ମୃତ୍ୟୁଞ୍ଜୟ, ତୁମକୁ ମୁଁ ପ୍ରଣିପାତ କରୁଅଛି ।

ପାତାଳେଶ୍ୱରଙ୍କ ଦର୍ଶନ ପରେ ଦେବଯାନ ଦର୍ଶନ ବିଧି ରହିଅଛି । କୂର୍ମବେଢ଼ାର ଉତ୍ତର ଦ୍ୱାର ପାରହୋଇ ବାହାର ବେଢ଼ା ମଧ୍ୟକୁ ପ୍ରବେଶ କଲେ ଉତ୍ତରଦ୍ୱାର ପ୍ରାଙ୍ଗଣରେ କୂଟସ୍ଥ ଦେବତାଙ୍କୁ ଦର୍ଶନ କରାଯାଇଥାଏ । ଐଶାନେଶ୍ୱର, ଶୀତଳା, ଲୋକେଶ୍ୱର, ଉତ୍ତରାୟଣୀ, ବୈକୁଣ୍ଠେଶ୍ୱର ଓ ତପସ୍ୱୀ ହନୁମାନ, ଏ ଛଅ ଜଣ ଦେବଦେବୀ ଦେବଯାନ ଦର୍ଶନ କ୍ରମରେ ରହି ଅଛନ୍ତି ।

ଐଶାନେଶ୍ୱର:– କୂର୍ମବେଢ଼ା ହସ୍ତୀଦ୍ୱାରର ବାହାରପଟେ ଐଶାନ୍ୟ କୋଣରେ ଐଶାନେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ । ଭୂମି ଭିତରେ ଏ ମନ୍ଦିରଟି ନିର୍ମିତ । ମହାଦେବଙ୍କ ନିକଟକୁ ଯିବା ପାଇଁ ପାବଚ୍ଛ ଶ୍ରେଣୀ ରହିଅଛି । ଐଶାନେଶ୍ୱର ଜଗନ୍ନାଥଙ୍କ ଇଶାଣ ବା ଗୁରୁ ବୋଲି ବିବେଚନା କରାଯାଇଥାଏ । ଜଗନ୍ନାଥ ଶ୍ରୀ ମନ୍ଦିରରେ ପ୍ରତିଷ୍ଠିତ ହେବା ପୂର୍ବରୁ ଐଶାନେଶ୍ୱର ସେଠାରେ ରହିଥିବା ବିଷୟ ପ୍ରାୟ ସମସ୍ତେ ବିଶ୍ୱାସ କରିଥାନ୍ତି । ଶିବରାତ୍ରୀରେ ଏଠାରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥାଏ । ଐଶାନେଶ୍ୱରଙ୍କ ଧ୍ୟାନ ହେଲା,

''ନମଃ ସ୍ୱୟଂଭୁରୁଦ୍ରାୟ ତ୍ର୍ୟମ୍ବକାୟନମୋ ନମଃ ।
ନମଃ କାଳାୟ ଘୋରାୟ ଐଶାନ୍ୟାଧିପତେ ନମଃ ।।''

ଅର୍ଥାତ୍, ହେ ଐଶାନେଶ୍ୱର ! ତୁମେ ସ୍ୱୟଂ ପ୍ରକାଶିତ । ତୁମେ ରୁଦ୍ର, ତ୍ର୍ୟମ୍ବକ, କାଳ ଏବଂ ଘୋର । ତୁମେ ଐଶାନ୍ୟ ଦିଗର ଅଧିପତି । ମୁଁ ତୁ ମଙ୍କୁ ପ୍ରଣାମ କରୁଅଛି ।

ଶୀତଳାଦେବୀ :– ବାହାର ବେଢ଼ାର ଉତ୍ତର ଦ୍ୱାର ସନ୍ନିକଟରେ ଶୀତଳାଦେବୀଙ୍କ ମନ୍ଦିର ଅବସ୍ଥିତ । ଏକ କ୍ଷୁଦ୍ର ମନ୍ଦିର ମଧ୍ୟରେ ଶୀତଳା ଦେବୀ ଉତ୍ତରାଭିମୁଖ ହୋଇ ରହିଛନ୍ତି । ସେ ହସ୍ତରେ ଶୂର୍ପ ବା କୁଲା ଧାରଣ କରିଛନ୍ତି । ମା ଶୀତଳା ଗର୍ଦ୍ଦଭ ବାହିନୀ ଅଟନ୍ତି । ବସନ୍ତ, ବିସ୍ଫୋଟକ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ରୋଗ ପ୍ରଶମିତ ହେବା ପାଇଁ ଶୀତଳାଙ୍କୁ, ପଣା, ପଇଡ଼, ଇତ୍ୟାଦି ଭୋଗ କରନ୍ତି ଏବଂ ଚନ୍ଦନ ଲାଗି କରାଇଥାନ୍ତି । ଶୀତଳାଙ୍କ ମନ୍ଦିର ପ୍ରାଙ୍ଗଣରେ ଦେବସଭା ବସିଥାଏ ବୋଲି ଅନେକଙ୍କର ବିଶ୍ୱାସ ଅର୍ଦ୍ଧରାତ୍ରୀ ପରେ ଯେତେବେଳେ ଶ୍ରୀ ଜଗନ୍ନାଥଙ୍କ ପହୁଡ଼ ହୁଏ, ସମସ୍ତ ଦେବଦେବୀ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି । ବୋଧହୁଏ ସେହି ସମୟରେ ଶୀତଳାଙ୍କ ମନ୍ଦିର ପ୍ରାଙ୍ଗଣରେ ସେମାନେ ଏକତ୍ରିତ ହୁଅନ୍ତି ।

ଶୀତଳାଙ୍କ ମନ୍ଦିର ପ୍ରାଙ୍ଗଣରେ ସୁବର୍ଣ୍ଣ କୂପ ବା ସୁନା କୂଅ ବିଦ୍ୟମାନ । ସ୍ନାନଯାତ୍ରା ଦିନ ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଓ ଶ୍ରୀ ସୁଦର୍ଶନ ସୁନା କୂଅର ଜଳରେ ସ୍ନାନ କରିଥାନ୍ତି । ଶୀତଳାଙ୍କ ଧ୍ୟାନ ହେଲା,

''ଶୀତଳେ ସୂର୍ପହସ୍ତେ ଚ ମହାଗର୍ଦ୍ଦଭ ବାହିନୀ ।
ରକ୍ଷଣାତ୍ ସର୍ବଗାତ୍ରାଣି ଶୀତଳେ ଶୀତଳପ୍ରଦେ ।।

ଶୀତଳେ ତ୍ୱଂ ଜଗନ୍‌ମାତା ଶୀତଳେ ତ୍ୱଂ ଜଗତ୍‌ପିତା ।
ଶୀତଳେ ତ୍ୱଂ ଜଗଦ୍ଧାତ୍ରୀ ଶୀତଳାୟୈ ନମୋନମଃ ।।''

ଅର୍ଥାତ୍, ହେ ଶୀତଳେ ! ତୁମେ ହାତରେ କୂଲା ଧରିଅଛ ଏବଂ ଗର୍ଦ୍ଦଭ ବାହନ ଆରୋହଣ କରିଅଛ । ତୁମେ ଶୀତଳ ଦାୟିନୀ । ମୋର ଅଙ୍ଗ ଶାନ୍ତି କରାଇ ରକ୍ଷାକର । ତୁମେ ଜଗତର ମାତା, ପିତା, ତୁମେ ଜଗତକୁ ଧାରଣ କରିଅଛ । ମୁଁ ତୁମକୁ ନମସ୍କାର କରୁଅଛି ।

ଲୋକେଶ୍ୱର :– ଶୀତଳାଙ୍କ ମନ୍ଦିରର ପୂର୍ବଭାଗରେ ଲୋକେଶ୍ୱର ବା ଲୋକନାଥଙ୍କ ମନ୍ଦିର ଅବସ୍ଥିତ । ଏହା ଏକ କ୍ଷୁଦ୍ର ମନ୍ଦିର ଏବଂ ଉକ୍ତ ମନ୍ଦିର ମଧ୍ୟରେ ଲୋକେଶ୍ୱର ମହାଦେବ ବିରାଜମାନ । ଲୋକେଶ୍ୱରଙ୍କ ଧ୍ୟାନ ହେଲା,

''ନମସ୍ତେ ଲୋକନାଥାୟ ହ୍ୟକର୍ମକର୍ମଦାୟିନେ ।

ନମସ୍ତେ ବୃଷମାରୂଢ଼ ମୁମାପତିଂ ନମାମ୍ୟହମ୍ ।।''

ଅର୍ଥାତ୍, ହେ ଲୋକେଶ୍ୱର ! ତୁମେ ଲୋକନାଥ, ଅକର୍ମକର୍ମଦାୟକ । ତୁମେ ବୃଷଭ ଉପରେ ଆରୋହଣ କରିଅଛ । ତୁମେ ଉମାପତି । ମୁଁ ତୁମକୁ ପ୍ରଣାମ କରୁଅଛି ।

ଉତ୍ତରାୟଣୀ:– ଲୋକେଶ୍ୱର ମହାଦେବଙ୍କ ସମ୍ମୁଖରେ ଉତ୍ତରାୟଣୀ ଦେବୀଙ୍କ ମନ୍ଦିର । ଲୋକେଶ୍ୱର ପଶ୍ଚିମାଭିମୁଖ ଏବଂ ଉତ୍ତରାୟଣୀ ପୂର୍ବାଭିମୁଖ ଅଟନ୍ତି । ଉତ୍ତରାୟଣୀଙ୍କ ଧ୍ୟାନରୁ ତାଙ୍କର ରୂପ, ଗୁଣ ବା ମହିମା ପ୍ରକଟିତ ହୋଇଥାଏ । ତାହା ହେଲା,

''ନମାମି ଘ୍ରେଉରାଂ ଦୁର୍ଗାଂ ନୀଳବର୍ଣ୍ଣାଂ ତ୍ରିଲୋଚନାମ୍ ।
ଶୂଳଂ ଚର୍ମ ଚ ଖଡ୍‌ଗଂ ଚ ନାଗପାଶଧରାଂ ଶୁଭାମ୍ ।।

ପାଶାଙ୍କୁଶକରାଂ ସୌମ୍ୟାଂ ଚୈତ୍ୟଶୃଙ୍ଗକରାନ୍ୱିତାମ୍ ।
ଧନୁର୍ବାଣଧରାମୁଗ୍ରାଂ କାତ୍ୟାୟନୀଂ ଭଜାମ୍ୟହମ୍ ।।''

ଅର୍ଥାତ୍, ହେ ଉତ୍ତରାୟଣୀ ! ତୁମେ ଉତ୍ତରାପଥର ଦୁର୍ଗା । ତୁମେ ନୀଳବର୍ଣ୍ଣା ଓ ତ୍ରିନୟନା । ତୁମ ହସ୍ତରେ ଶୂଳ, ଚର୍ମ, ଖଡ୍‌ଗ, ନାଗଫାଶ ପ୍ରଭୃତି ଶୋଭାପାଏ ଏବଂ ତାହା ପ୍ରାଣୀମାନଙ୍କର ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ତୁମେ ସୌମ୍ୟା, ତୁମ ହସ୍ତରେ ଅଙ୍କାତ ବଟବୃକ୍ଷର ମୁକୁନ୍ଦ ରହିଅଛି । ଧନୁର୍ବାଣ ତୁମ କରମଣ୍ଡଳର ଆୟୁଧ । ତୁମେ ଉଗ୍ରା, କାତ୍ୟାୟନୀ, ମୁଁ ତୁମକୁ ଭଜନ କରୁଅଛି ।

ବୈକୁଣ୍ଠେଶ୍ୱର :– ଦେବଯାନ ମଧ୍ୟରେ ବୈକୁଣ୍ଠେଶ୍ୱର ମଧ୍ୟ ଅନ୍ୟତମ । ବୈକୁଣ୍ଠେଶ୍ୱର ହେଉଛନ୍ତି ବୈକୁଣ୍ଠ କ୍ଷେତ୍ରର ପାଳନକର୍ତ୍ତା । ତାଙ୍କ ଧ୍ୟାନରୁ ତାଙ୍କର ମହିମା ପ୍ରକଟିତ ହୋଇଥାଏ । ଯଥା:–

''ବୈକୁଣ୍ଠକ୍ଷେତ୍ରପଂ ଲିଙ୍ଗଂ ଭକ୍ତିମୁକ୍ତିପ୍ରଦାୟକମ୍ ।
ଚତୁର୍ବର୍ଗପ୍ରଦଂ ନିତ୍ୟମୁମାଧବଂ ସ୍ମରାମ୍ୟହମ୍ ।।''

ଅର୍ଥାତ୍, ହେ ବୈକୁଣ୍ଠେଶ୍ୱର ! ତୁମେ ବୈକୁଣ୍ଠ କ୍ଷେତ୍ରର ପାଳନ କର୍ତ୍ତା । ତୁମେ ଭକ୍ତି ତଥା ମୁକ୍ତିଦାୟକ । ତୁମେ ମଧ୍ୟ ଧର୍ମ, ଅର୍ଥ କାମ, ମୋକ୍ଷ ରୂପକ ଚତୁରିବର୍ଗର ଦାତା । ମହାଦେବୀ ଉମାଙ୍କ ସହିତ ମୁଁ ତୁମକୁ ସଦାସର୍ବଦା ସ୍ମରଣ କରୁଅଛି ।

ତପସ୍ୱୀ ହନୁମାନ :– ତପସ୍ୱୀ ହନୁମାନଙ୍କୁ ଚତୁରିଚକ୍ର ହନୁମାନ, ଅଷ୍ଟଭୂଜ ହନୁମାନ ବୋଲି ମଧ୍ୟ କୁହାଯାଇଥାଏ । ଏହାଙ୍କ ଉଚ୍ଚତା ପ୍ରାୟ ୪ ଫୁଟ ଏବଂ ସେ ପୂର୍ବାଭିମୁଖ । ଏପରି ମୂର୍ତ୍ତି ଭାରତରେ କୁତ୍ରାପି କଳ୍ପିତ ହୋଇନାହିଁ ବୋଲି ପଣ୍ଡିତ ସଦାଶିବ ରଥଙ୍କ ସୁଚିନ୍ତିତ ମତ । ପଣ୍ଡିତ ରଥଶର୍ମାଙ୍କ ଲିଖିତ ତପସ୍ୱୀ ହନୁମାନ ପୁସ୍ତିକାରେ ବର୍ଣ୍ଣନା କରାଯାଇଛି ଯେ ଥରେ ସୁଦର୍ଶନ ଚକ୍ରର ଅହଙ୍କାର ଆସିଲା ଯେ ସେ ଭଗବାନଙ୍କର ଅତି ନିକଟତମ, ତେଣୁ ଅତ୍ୟନ୍ତ ପ୍ରିୟ । ଗର୍ବଗଞ୍ଜନ ପ୍ରଭୁ ଜଗନ୍ନାଥଙ୍କର ମୌଳିକ ନୀତି । ତେଣୁ ତାଙ୍କ ବାନାର ନାମ ଗର୍ବଗଞ୍ଜନ ବାନା । ପରମଭକ୍ତ ହନୁମାନ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଲାବେଳେ ଅହଙ୍କାରୀ ସୁଦର୍ଶନ, ପୂର୍ବଦ୍ୱାର, ପଶ୍ଚିମ ଦ୍ୱାର, ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାର ନିକଟରେ ଅତି ବେଗରେ ଘୂରିବାକୁ ଲାଗିଲେ । ହନୁମାନ କୌଣସି ଦ୍ୱାର ଦେଇ ଜଗନ୍ନାଥଙ୍କ ନିକଟକୁ ଯିବାର ସୁବିଧା

ନଦେଖି ପ୍ରଭୁଙ୍କୁ ବିନମ୍ର ପ୍ରାର୍ଥନା କଲେ । ସଙ୍ଗେ ସଙ୍ଗେ ହନୁମାନଙ୍କ ଭୁଜରୁ ଅନ୍ୟ ଛଅ ଗୋଟି ହାତ ବାହାରିଲା । ତେଣୁ ସେ ହେଲେ ଅଷ୍ଟଭୁଜ । ଗୁରି ହାତରେ ଗୁରୋଟି ଚକ୍ର ଧାରଣ କରି, ଦୁଇ ହାତରେ ଗଦା ଧରି ଏବଂ ଅନ୍ୟ ଦୁଇ ହାତରେ ପ୍ରଭୁଙ୍କ ପ୍ରତି ପ୍ରଣତି ମୁଦ୍ରା ପ୍ରଦର୍ଶନ କରି, ହନୁମାନ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ମନ୍ଦିର ମଧ୍ୟରେ ପ୍ରବେଶ କଲେ । ପ୍ରଭୁ ସିନା ଗୋଟିଏ ଚକ୍ର ଧରିଥାନ୍ତି କିନ୍ତୁ ତାଙ୍କ ଭକ୍ତଙ୍କ ହସ୍ତରେ ଗୁରିଚକ୍ର । ସୁଦର୍ଶନଙ୍କ ଗର୍ବ ଭଞ୍ଜନ ହେଲା, ସେ ମଧ୍ୟ ଅଭିଶାପ ଲାଭ କରିଥିଲେ । ଏଥିପାଇଁ, ତପସ୍ୱୀ ହନୁମାନଙ୍କୁ ଗୁରିଚକ୍ର ହନୁମାନ ବୋଲି କୁହାଯାଇଥାଏ । ପ୍ରଭୁଙ୍କ ଆଦେଶରେ ଉତ୍ତର ଦ୍ୱାରରେ ଦେବ ବୈକୁଣ୍ଠ ବା ନବକଳେବର ସମାଧି ଦିବ୍ୟସ୍ଥଳର ରକ୍ଷକ ରୂପରେ ଏ ମୂର୍ତ୍ତି ବିରାଜମାନ । ବିଗ୍ରହ କଳା ଦୃଷ୍ଟିରୁ ଭକ୍ତ ମୂର୍ତ୍ତି ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀର ମୂର୍ତ୍ତି ବୋଲି ଅନୁମାନ କରାଯାଇଥାଏ । ହନୁମାନଙ୍କ ଧ୍ୟାନ ହେଲା,

''ଭକ୍ତାଗ୍ରଣୀଂ ଶାନ୍ତସୁରଙ୍ଗଂ ଦେହଂ ।
ଭୁଜଦ୍ୱୟେ ପର୍ବତବୃକ୍ଷଯୁକ୍ତମ୍ ।।

ବଦ୍ଧାଞ୍ଜଳିଂ ମୁଦ୍‌ଗରଯୁକ୍ତକକ୍ଷଂ ।
ଭଜେ କପୀନ୍ଦ୍ରଂ କୃତବୈରାନାଶମ୍ ।।''

ଅର୍ଥାତ୍, ହେ ତପସ୍ୱୀ ହନୁମାନ ! ତୁମେ ଭକ୍ତମାନଙ୍କ ମଧ୍ୟରେ ଅଗ୍ରଣୀ । ତୁମେ ଶାନ୍ତ କିନ୍ତୁ କଠୋର ଦେହ । ତୁମ ଦୁଇ ହାତରେ ଥିବା ପର୍ବତ ଓ ବୃକ୍ଷ ବୀରତ୍ୱର ସୂଚନା ଦିଏ । ତୁମେ ଭଗବାନଙ୍କ ନିକଟରେ ସର୍ବଦା ବଦ୍ଧାଞ୍ଜଳି । ତୁମ କକ୍ଷରେ ଯୁଦ୍ଧପାଇଁ ଉଦ୍ୟତ ମୁଦ୍‌ଗର ବିଦ୍ୟମାନ । ତୁମେ କପିଶ୍ରେଷ୍ଠ ଓ ଶତ୍ରୁହନ୍ତା । ମୁଁ ତୁମକୁ ଭଜନ କରୁଅଛି ।

କୋଇଲି ବୈକୁଣ୍ଠ :– 'କୋଇଲି' ଏକ ଦ୍ରାବିଡ଼ ଶବ୍ଦ । ଏହାର ଅର୍ଥ ମନ୍ଦିର । ବୈକୁଣ୍ଠ ଶବ୍ଦ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । କୁଣ୍ଠା ବିଗତ ହେଲେ ତାକୁ ବିକୁଣ୍ଠା କୁହାଯାଏ । ବିକୁଣ୍ଠାର ସ୍ଥାନ ହେଉଛି ବୈକୁଣ୍ଠ । ଜଗନ୍ନାଥ ପୀଠ ବିକୁଣ୍ଠା ଭାବର ପୀଠ ବୋଲି ସର୍ବଜନ ବିଦିତ । ଅନ୍ୟ ଅର୍ଥରେ 'କୋଇଲି' ଶବ୍ଦର ଅର୍ଥ ଜୀବ । ଜୀବ ପରମାତ୍ମା ସହିତ ଏହି ସ୍ଥଳରେ ମିଶୁଥିବାରୁ ବା ବୈକୁଣ୍ଠ ପ୍ରାପ୍ତି ହେଉଥିବାରୁ ଏହାର ନାମ କୋଇଲି ବୈକୁଣ୍ଠ । ଏହି ସ୍ଥାନଟି ନୀଳଗିରିର ସବୁଠାରୁ ପ୍ରାଚୀନ ସ୍ଥାନ ଏବଂ ଜଗନ୍ନାଥଙ୍କର ଏହିଠାରେ ଆବିର୍ଭାବ ହୋଇଥିଲା ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ତାଙ୍କ ରଚିତ 'ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ' ପୁସ୍ତକରେ ଅଭିମତ ପ୍ରକାଶ କରିଛନ୍ତି । ଏହା ନିକଟରେ ପଶ୍ଚିମକୁ ଜକ୍ଷକୁଞ୍ଜ । ପ୍ରାୟ ୧୦ ହାତ ପ୍ରସ୍ଥ, ୧୦ ହାତ ଦୈର୍ଘ୍ୟ ଓ ପାଞ୍ଚଛଅ ହାତ ଗଭୀରର ଏକ ଗର୍ତ୍ତ ଏଠାରେ ଅଛି । ଏହାର ଚତୁର୍ଦ୍ଦିଗରେ ନାନାବୃକ୍ଷ ଲତା ଏ ସ୍ଥାନରେ ସୌନ୍ଦର୍ଯ୍ୟ ବୃଦ୍ଧି କରୁଅଛି । ଉକ୍ତ ଗର୍ତ୍ତ ମଧ୍ୟରେ ନବକଳେବର ସମୟରେ ଠାକୁରମାନଙ୍କର ପୁରୁଣା ବିଗ୍ରହକୁ ସମାଧି ଦିଆ ଯାଇଥାଏ । ଏହିଠାରେ

ଠାକୁରମାନଙ୍କର ନୂତନ କଳେବର ହୁଏ ବୋଲି ଏହି କୁଞ୍ଜର ନାମ ଜନ୍ମକୁଞ୍ଜ । ଜନ୍ମକୁଞ୍ଜ ଠାରୁ ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ଶ୍ରୀ ଜୀଉଙ୍କର ଉପବନ ମଧ୍ୟ ଅବସ୍ଥିତ । ବିଶ୍ୱେଶ୍ୱର, ଚକ୍ର ନାରାୟଣଙ୍କ ମନ୍ଦିର ଉକ୍ତ ଉପବନ ମଧ୍ୟରେ ଅବସ୍ଥିତ ।

କୋଇଲି ବୈକୁଣ୍ଠର ଅନ୍ୟ ଏକ ପ୍ରଚଳିତ ସାଧାରଣ ଅର୍ଥ ଅଛି । କେତେକଙ୍କ ମତରେ ଏ ସ୍ଥାନରେ ଶ୍ରୀକୃଷ୍ଣ ରାଧାଙ୍କୁ କୋଇଲି ରୂପରେ ଦେଖା ଦେଇଥିବାରୁ, ଏହାର ନାମ କୋଇଲି ବୈକୁଣ୍ଠ ।

ଗରୁଡ଼ସ୍ତମ୍ଭ ନିକଟରେ ଚତୁର୍ଦ୍ଧାମୂର୍ତ୍ତି ବର୍ଣ୍ଣନ :– ଉତ୍ତର ଦ୍ୱାରର ବାହାର ବେଢ଼ାରୁ କୂର୍ମ ବେଢ଼ା ମଧ୍ୟକୁ ଆସି ଶ୍ରୀ ଜଗନ୍ନାଥ ମନ୍ଦିରର ନାଟ ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ହୋଇଥାଏ । ନାଟ ମନ୍ଦିରର ଏକ ସ୍ତମ୍ଭ ଉପରେ ଭଗବାନଙ୍କ ବାହାନ ଗରୁଡ଼ ବିରାଜମାନ । ନାଟ ମନ୍ଦିରର ପୂର୍ବପଶ୍ଚିମ ଦୈର୍ଘ୍ୟ ପ୍ରାୟ ୬୭ ଫୁଟ ଏବଂ ଉତ୍ତର ଦକ୍ଷିଣର ଦୈର୍ଘ୍ୟ ମଧ୍ୟ ୬୭ ଫୁଟ ଅଟେ । ଉକ୍ତ ନାଟ ମନ୍ଦିରରେ ଗୁରିଧାଡ଼ିରେ ଷୋଳଟି ଖମ୍ଭ ଅଛି । ନାଟ ମନ୍ଦିରର ଭିତର କାନ୍ଥରେ, ଛାତରେ ଓ ଖମ୍ଭ ମାନଙ୍କରେ ନାନା ବର୍ଣ୍ଣର ନାନାଦେବଦେବୀଙ୍କର ଚିତ୍ର ଓ ମୂର୍ତ୍ତି ରହିଅଛି । ଗରୁଡ଼ ଖମ୍ଭର ପୂର୍ବକୁ ଅର୍ଥାତ୍ ଏହାର ପଶ୍ଚାତ୍ ଭାଗରେ ଉଭୟ ପାର୍ଶ୍ୱରେ ବ୍ରହ୍ମା ଓ ଶିବ ଯୋଡ଼ ହସ୍ତରେ ଦଣ୍ଡାୟମାନ । ଗରୁଡ଼ଙ୍କ ଦକ୍ଷିଣକୁ ବା ଶିବଙ୍କ ମୂର୍ତ୍ତିର ପାର୍ଶ୍ୱରେ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ କାଞ୍ଚି ଅଭିଯାନର ମୂର୍ତ୍ତି ବିଦ୍ୟମାନ। ଧଳା, କଳା ଘୋଡା ଚଢ଼ି କାଞ୍ଚି ଯୁଦ୍ଧରେ ରାଜା ପୁରୁଷୋତ୍ତମ ଦେବଙ୍କୁ ସହାୟତା କରିବା ପାଇଁ ଯାଉଥିବାବେଳେ ରହମୁଦି ବନ୍ଧାଦେଇ ମାଣିକ ଗଉଡୁଣୀ ଠାରୁ ଦହି ଖାଇବା ଦୃଶ୍ୟ ଏଥିରେ ଦିଆଯାଇଅଛି । ଗରୁଡ଼ ଖମ୍ଭ ନିକଟରେ ବା ପଶ୍ଚାତ୍‌ଭାଗରେ ଦଣ୍ଡାୟମାନ ହୋଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବାର ବିଧି ରହିଥିବା ବିଷୟ ପ୍ରାୟ ସର୍ବଜନ ବିଦିତ । ଗରୁଡ଼ ଖମ୍ଭ ପଛରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଧ୍ୟାନ ହେଲା,

> ''ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳ କମଳେ ରତ୍ନସିଂହାସନସ୍ଥମ୍ ।
> ସର୍ବାଳଙ୍କାରଯୁକ୍ତଂ ନବଘନରୁଚିରଂ ସଂଯୁତଂ ଗ୍ୱଗ୍ରଜେନ ।
>
> ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟମ୍ ।
> ବେଦାନାଂ ସାରମୀଶଂ ସ୍ୱଜନପରିବୃତଂ ବ୍ରହ୍ମଦାରୁଂ ନମାମି ।।''

ଜଗମୋହନ :– ନାଟ ମନ୍ଦିର ଅତିକ୍ରମ କରି ଜଗନ୍ନାଥଙ୍କ ସିଂହାସନ ଆଡ଼କୁ ଗତିକଲେ ଜଗମୋହନ ମଧ୍ୟରେ ପ୍ରବେଶ କରିବାକୁ ପଡ଼ିଥାଏ । ଜଗମୋହନଟି ପଞ୍ଚରଥ ପୀଢ଼ ଦେଉଳ ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରତ୍ୟେକ ୮୦ଫୁଟ । ଏହାର ତିନୋଟି ଦ୍ୱାର ଅଛି । ଦକ୍ଷିଣ ଦ୍ୱାରଟି

ମୁକ୍ତିପଣ୍ଡପ ଆଡ଼କୁ, ଉତ୍ତର ଦ୍ୱାରଟି ଭଣ୍ଡାରଘର ଭିତରକୁ ଏବଂ ପୂର୍ବ ଦ୍ୱାରଟି, ଯାହାକି ଜୟ ବିଜୟ ଦ୍ୱାର ନାମରେ ନାମିତ, ନାଟ ମନ୍ଦିର ଆଡ଼କୁ ପଡ଼ିଅଛି । ଜୟବିଜୟ ଦ୍ୱାରରେ ଖୁବ୍ ସୁନ୍ଦର କାରୁକାର୍ଯ୍ୟମାନ ପ୍ରସ୍ତରରେ ଖୋଦିତ ହୋଇଅଛି ।

ବିମାନ :– ବିମାନ ବା ମୁଖ୍ୟ ମନ୍ଦିରଟି ଏକ ପଞ୍ଚରଥ ଦେଉଳ । ପୂର୍ବରୁ କୁହାଯାଇଛି ଯେ ଅରୁଣସ୍ତମ୍ଭ ନିକଟସ୍ଥ ରାସ୍ତା ଉପରୁ ବିମାନର ଖପୁରୀ ପର୍ଯ୍ୟନ୍ତ ଉଚ୍ଚତା ୨୧୪ ଫୁଟ । ଉକ୍ତ ମୁଖ୍ୟ ମନ୍ଦିରର ରତ୍ନସିଂହାସନ ଉପରେ ସପ୍ତ ବିଗ୍ରହ ବିଦ୍ୟମାନ । ସେମାନେ ହେଲେ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ, ଶ୍ରୀ ସୁଦର୍ଶନ, ଏବଂ ଶ୍ରୀ ଜଗନ୍ନାଥଙ୍କ ଉଭୟ ପାର୍ଶ୍ୱରେ ଭୂଦେବୀ, ଶ୍ରୀ ଦେବୀ ଓ ଶ୍ରୀ ନୀଳମାଧବ । ଏମାନଙ୍କ ସମ୍ବନ୍ଧରେ ପରବର୍ତ୍ତୀ ଅଧ୍ୟାୟ ମାନଙ୍କରେ ବିଶଦ ଆଲୋଚନା କରାଯାଇଅଛି ।

ଭୋଗମଣ୍ଡପ :– ନାଟ ମନ୍ଦିରକୁ ଲାଗି ପୂର୍ବଦିଗକୁ ଭୋଗମଣ୍ଡପ ମନ୍ଦିର ଅବସ୍ଥିତ । ଏହା ଏକ ପଞ୍ଚରଥ ପୀଢ଼ ଦେଉଳ । ମନ୍ଦିରଟି ଅତି ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ । ମନ୍ଦିର ଗାତ୍ରରେ ଅନେକ ପୌରାଣିକ ଚିତ୍ର ତଥା ମୂର୍ତ୍ତି ଦୃଷ୍ଟିଗୋଚର ହୁଏ । ଭୋଗମଣ୍ଡପ ମନ୍ଦିରରେ ସକାଳ ଧୂପ ପରେ ହେଉଥିବା ଭୋଗମଣ୍ଡପ ବା 'ଭଅଣ୍ଡ' ଭୋଗ ହୋଇଥାଏ । ଏହା ରାଜଭୋଗ ବୋଲି ପରିଗଣିତ ହୁଏ ନାହିଁ । ଯାତ୍ରୀମାନଙ୍କର ଆବଶ୍ୟକତା ଦରକାର ହେଲେ ଦିନେ ଦିନେ ୨/୩ ଥର ଭୋଗମଣ୍ଡପ ଭୋଗ ହୋଇଥାଏ । ଏହାକୁ 'ପଛ ଭ୍ରଣ୍ଡ' ବୋଲି କହିଥାନ୍ତି ।

ଏହାପରେ କୂର୍ମବେଢ଼ାକୁ ଆସି ଐଶାନ୍ୟ ଦିଗର କୂଟ ଚକ୍ରରେ ଦଣ୍ଡାୟମାନ ହୋଇ ଲକ୍ଷ୍ମୀ, ନାରାୟଣ (ସତ୍ୟନାରାୟଣ) ଓ ନୀଳଚକ୍ରଙ୍କୁ ଦର୍ଶନ କରିବାକୁ ହୋଇଥାଏ ।

ନୀଳଚକ୍ର :– ଶ୍ରୀ ମନ୍ଦିରର ଚୂଡ଼ା ଉପରେ ନୀଳଚକ୍ର ବିରାଜମାନ । ଏହା ଅଷ୍ଟଧାତୁ ନିର୍ମିତ ଚକ୍ର । ଭଗବାନଙ୍କ ନୀଳକାନ୍ତି ବିଗ୍ରହ ସଦୃଶ ଚକ୍ରମଧ୍ୟ ନୀଳ । ନୀଳଚକ୍ର ଦର୍ଶନ କଲେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ସଂଗେ ସମାନ ବୋଲି ବିବେଚନା କରାଯାଇଥାଏ । ଶାସ୍ତ୍ର କହେ, 'ଚକ୍ରସେବ୍ୟଂ ନୃପସେବ୍ୟଂ ନ ସେବ୍ୟଂ ନୃପକେବଳମ୍' । 'ନୀଳଚକ୍ରରେ ରହିଥିବା ନୀଳ ଶବ୍ଦ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । କଳା କାଳ ଶବ୍ଦର ରୂପାନ୍ତର । ମହାପ୍ରଭୁ ଜଗନ୍ନାଥ ମହାକାଳର ପ୍ରତୀକ । ତେଣୁ କଳା ବା ନୀଳ ନୀଳଚକ୍ର ସ୍ୱୟଂ ଜଗନ୍ନାଥଙ୍କ ପ୍ରତୀକ । ସେହିପରି, ସାଗର ଓ ଆକାଶ ପ୍ରତ୍ୟେକ ନୀଳବର୍ଣ୍ଣ ବିଶିଷ୍ଟ । ସେମାନେ ଅନନ୍ତ ତଥା ଅସୀମ । ତେଣୁ ନୀଳଚକ୍ର ଅନନ୍ତତ୍ୱର ବା ଅସୀମତାର ପ୍ରତୀକ, ଯେହେତୁ ଏହା ନୀଳ ।

ଜଗନ୍ନାଥ ଧାମରେ ନୀଳ ଶବ୍ଦ ବହୁଳ ଭାବରେ ବ୍ୟବହୃତ । ଯଥା:- ନୀଳାଚଳ, ନୀଳଗିରି, ନୀଳଶୈଳ, ନୀଳମାଧବ ଓ ନୀଳାଦ୍ରି, । ଉକ୍ତ ନୀଳ ଶବ୍ଦ ଦାର୍ଶନିକ ବ୍ୟଞ୍ଜନାରେ ଋଦ୍ଧିମନ୍ତ । ନୀଳଚକ୍ର ଅନେକ ତତ୍ତ୍ୱର ସନ୍ଧାନ ଦେଇଥାଏ । ଏହା ଗତି ବା ପ୍ରଗତିର ସୂଚନା

ଦିଏ । ଏହା ମଧ୍ୟ ଅଧମ ଛେଦନର ପ୍ରତୀକ । ପୁନଶ୍ଚ, ଚକ୍ର ପରିପୂର୍ଣ୍ଣତା ବା ଅଖଣ୍ଡତାର ବାର୍ତ୍ତା ପ୍ରସ୍ଫର କରିଥାଏ । ଏହା ସବୁଦିଗରୁ ସମାନ ହୋଇଥିବାରୁ ସାମ୍ୟବାଦର ସୂଚନା ନୀଳଚକ୍ରରୁ ମିଳିଥାଏ । ସମାନ ଗୁରୁତ୍ୱ, ମହତ୍ତ୍ୱ, ମର୍ଯ୍ୟଦା, ସୁଯୋଗ ଏବଂ ସମାନ ଅଧିକାର ପ୍ରଭୃତିର ସୂଚନା ନୀଳଚକ୍ର ଦେଇଥାଏ । ଏଦ୍‌ବ୍ୟତୀତ, ନୀଳଚକ୍ର ମଧ୍ୟ ଗଣର ପ୍ରତୀକ । ପୁରୁଷୋତ୍ତମ କ୍ଷେତ୍ରରେ 'ପ୍ରଜାଚକ୍ର' ମର୍ଯ୍ୟାଦା ଲାଭ କରିଥାଏ । ରାଜାଙ୍କୁ ଓ ଚକ୍ରକୁ ସେବା କରିବା ଉଚିତ । ଏହା ନକରି କେବଳ ରାଜାଙ୍କୁ ସେବାକଲେ ଶାସନକଳ ଅଚଳ ହୋଇଯିବ, ଏହା ନିଃସନ୍ଦେହ ।

ଉକ୍ତ ନୀଳ ଚକ୍ର ଉପରେ ବାନା ବା ଧ୍ୱଜା ଉଡୁଥିବା ସମସ୍ତଙ୍କର ଦୃଷ୍ଟିଗୋଚର ହୁଏ । ଏହା ମହାପ୍ରଭୁ ଜଗନ୍ନାଥଙ୍କର ପତିତପାବନ ବାନା ତଥା ଗର୍ବଗଞ୍ଜନ ବାନା ଫର ଫର ଉଡୁଥିବା ବାନା, ବୋଧହୁଏ, ସମସ୍ତଙ୍କୁ ଶ୍ରୀକ୍ଷେତ୍ର ଆସିବା ପାଇଁ ସଙ୍କେତ ଦେଇଥାଏ ଏବଂ ଅଭୟବାଣୀର ସୂଚନା ମଧ୍ୟ ଦେଇଥାଏ ।

ନୀଳଚକ୍ର ଦର୍ଶନ କରି ପୂର୍ବଦିଗକୁ ଯାତ୍ରା କଲେ ପୁନଶ୍ଚ ବାହାର ବେଢ଼ା ମଧ୍ୟକୁ ଆସିବାକୁ ପଡ଼ିଥାଏ । ଉକ୍ତ ବାହାର ବେଢ଼ାରେ, ପ୍ରଥମତଃ, ଆନନ୍ଦବଜାର ଅବସ୍ଥିତ ।

ଆନନ୍ଦବଜାର ଓ ଶ୍ରୀ ମହାପ୍ରସାଦ :– ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରୟ କରାଯାଏ । ଏ ବଜାରରେ ଆନନ୍ଦରେ ବୁଲି ଲୋକେ ମହାପ୍ରସାଦ ସେବା କରିଥାନ୍ତି । ମହାପ୍ରସାଦ ଆନନ୍ଦର ପ୍ରତୀକ ହୋଇଥିବାରୁ, ମହାପ୍ରସାଦ ପ୍ରାପ୍ତିର ବଜାରକୁ ଆନନ୍ଦ ବଜାର ବୋଲି କୁହାଯାଇଥାଏ । କବି ବନମାଳୀ ଦାସଙ୍କ 'ଏହି ଅଳି ଶ୍ରୀଛାମୁରେ' କବିତାରେ ଯଥାର୍ଥରେ କୁହାଯାଇଛି,

''ଆନନ୍ଦ ବଜାରେ ବୁଲି ମୁଁ ମଜାରେ ଗାଉଥିବି ତୋର ନାମ ।
ତୋ ପ୍ରେମ ସାଗରେ ବୁଡ଼ି ଯାଉଥିବିବୋଲି ହରେକୃଷ୍ଣ ନାମ' ।।

ଶ୍ରୀ ମହାପ୍ରସାଦ :– ଜଗନ୍ନାଥ ପ୍ରସାଦ ମା ବିମଳାଙ୍କୁ ସମର୍ପଣ ହେବାପରେ 'ମା ପ୍ରସାଦ' ବା 'ମହାପ୍ରସାଦ' ବୋଲି ବିବେଚିତ ହୋଇଥାଏ । 'ପ୍ରସାଦ' ଶବ୍ଦ ମଧ୍ୟରେ ଆନନ୍ଦ, ପ୍ରୀତି, ପ୍ରେମ, ପ୍ରସନ୍ନତା, ନିର୍ମଳତା, ପବିତ୍ରତା ତଥା ପାବକତା ଭାବ ରହିଥାଏ । ମହାପ୍ରସାଦ, ତେଣୁ ମହାନନ୍ଦ, ମହାପ୍ରେମ, ମହାଭାବ ତଥା ମହାପବିତ୍ରତା ପ୍ରଭୃତିର ପରିଦ୍ୟୋତକ । ଲକ୍ଷ୍ମୀଙ୍କ ପାଜରେ ପ୍ରସ୍ତୁତ ଏବଂ ଶ୍ରୀ ପୁରୁଷୋତ୍ତମଙ୍କ ଭୋଜନର ଅବଶେଷ ହୋଇଥିବାରୁ ଏହା ମୋକ୍ଷଦାତା ବୋଲି ପରିକଳ୍ପିତ ହୋଇଥାଏ । ଏହାକୁ ସେବାକଲେ ସମସ୍ତ ପାପର ବିନାଶ ହୁଏ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

''ଯଦଙ୍ଗଂ ପାଚୟେତ୍ ଲକ୍ଷ୍ମୀ ଭୁଙ୍କ୍ତେ ଶ୍ରୀପୁରୁଷୋତ୍ତମଃ ।
ତଦଙ୍ଗଂ ମୋକ୍ଷଦଂ ଦିବ୍ୟଂ ଭକ୍ଷଣାତ୍ ପାପନାଶନମ୍ ।।''

ମହାପ୍ରସାଦକୁ ମଧ୍ୟ କୈବଲ୍ୟ ଓ ନିର୍ମାଲ୍ୟ ବୋଲି କୁହାଯାଇଥାଏ । 'କେବଳ' ଶବ୍ଦରୁ 'କୈବଲ୍ୟ ସୃଷ୍ଟି, ଯାହାର ଅର୍ଥ ହେଉଛି ଏକମାତ୍ର ପରମ ପଦାର୍ଥ। ଉପେନ୍ଦ୍ର ଭଞ୍ଜଙ୍କ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ବର୍ଣ୍ଣନା ଅଛି ଯେ,

'' ମୁକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ'' ।

ଏହାର ଅର୍ଥ ହେଉଛି, 'ଜଗନ୍ନାଥ' ଶବ୍ଦ ମଧ୍ୟରେ ଗୋଟଏ ଯୁକ୍ତାକ୍ଷର ଅଛି, ଯଥା 'ନ୍ନ' । ଏହାକୁ ସ୍ୱତନ୍ତ୍ର ଭାବରେ ଉଚ୍ଚାରଣ କରି ହୁଏ ନାହିଁ । ତେଣୁ ପୂର୍ବରେ ସ୍ୱରବର୍ଣ୍ଣ 'ଅ' ସଂଯୁକ୍ତ କରି ଉଚ୍ଚାରଣ କରିବାକୁ ହୋଇଥାଏ । 'ଅ' ସଂଯୁକ୍ତ କରି ଉଚ୍ଚାରଣ କଲେ ଶବ୍ଦଟି ହୁଏ 'ଅନ୍ନ' । ଏହି ଅନ୍ନ ହିଁ କୈବଲ୍ୟ । ଉକ୍ତ କୈବଲ୍ୟ ହେଉଛି କେବଳୀ ଭାବ ବା କେବଳୀତ୍ୱ । ପଣ୍ଡିତ ନୀଳକଣ୍ଠ ଦାସ, ତାଙ୍କ ରଚିତ ସଂସ୍କୃତ ଓ ସଂସ୍କୃତିରେ ଉଲ୍ଲେଖ କରିଛନ୍ତି ଯେ ଅଜୀବରୁ ଜୀବକୁ ଅଲଗା କରିଦେଲେ ବ୍ୟକ୍ତି ହୋଇଯାଏ କେବଳୀ ବା ନିର୍ବାଣ ପ୍ରାପ୍ତ । ଜୈନ ଧର୍ମ ମଧ୍ୟ କୈବଲ୍ୟ ପ୍ରାପ୍ତିରେ ନିର୍ବାଣ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରିଥାଏ । ଏହାକୁ ନିର୍ମାଲ୍ୟ କହିବା ମୂଳରେ ରହିଛି ନିର୍ମଳ ଭାବ, ପବିତ୍ରତା ତଥା ପାବନକାରିତା । ମହାନିର୍ବାଣ ତନ୍ତ୍ର ଅନୁଯାୟୀ ।

''ଜାତି ଭେଦୋ ନ କର୍ତ୍ତବ୍ୟଃ ପ୍ରସାଦେ ପରମାତ୍ମନଃ ।''

ତେଣୁ ମହାପ୍ରସାଦ ସେବନରେ ଉଚ୍ଚ, ନୀଚ ଭେଦଭାବ, ଜାତିଅଜାତି ଭେଦଭାବ ଓ ତତ୍‌ଜନିତ ସଂକୀର୍ଣ୍ଣତା ରହି ନଥାଏ । ଏକ ପତ୍ରରେ ବ୍ରାହ୍ମଣ ଗୃଞ୍ଜାଳ ମହାପ୍ରସାଦ ସେବା କରି ପାରିବେ ବୋଲି ଶାସ୍ତ୍ରଜ୍ଞମାନେ ମତ ଦେଇଥାନ୍ତି । ଆନନ୍ଦ ବଜାରରେ ଏ ପ୍ରକାର ଅବସ୍ଥା ଦେଖିଲେ ମନେ ହୁଏ ପ୍ରଭୁ ଜଗନ୍ନାଥ ତାଙ୍କ ସାମ୍ୟବାଦ ନୀତିକୁ କାର୍ଯ୍ୟକାରୀତା କରିବା ଦିଗରେ ଖୁବ୍ ତତ୍ପର । ମହାପ୍ରସାଦର ମାହାତ୍ମ୍ୟ ସ୍କନ୍ଦପୁରାଣର ଉତ୍କଳଖଣ୍ଡରେ ବର୍ଣ୍ଣନା କରଯାଇଅଛି । ଯଥା,

''ସୁଧୋପମ୍ ପଚତ୍ୟନ୍ନଂ ଭୁଙ୍କ୍ତେ ନାରାୟଣ ପ୍ରଭୁଃ ।
ତଦୁଚ୍ଛିଷ୍ଟୋପଭୋଗୋ ହି ସର୍ବାଘକ୍ଷୟ କାରକଃ ।।''

ମହା ପ୍ରସାଦ ସେବା କଲାବେଳେ ମହାପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରି, ପ୍ରଣାମ ଜଣାଇ ସେବା କରାଯାଇଥାଏ । ତେଣୁ ସମସ୍ତେ ଗାନ କରିଥାନ୍ତି ଯେ,

''ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ର-ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ।।''

ଅର୍ଥାତ୍, ହେ ମହାପ୍ରସାଦ ! ନୀଳାଚଳ ନିବାସୀ, ନିତ୍ୟ, ପରମାତ୍ମା ବଳଭଦ୍ର, ସୁଭଦ୍ରାଙ୍କ ସହିତ ଯୁକ୍ତ ହୋଇଥିବା ଜଗନ୍ନାଥଙ୍କୁ ପ୍ରଣାମ କରି ମୁଁ ତୁମକୁ ସେବା କରୁଅଛି ।

ସ୍ନାନବେଦୀ :— ଆନନ୍ଦ ବଜାର ଉତ୍ତର ପୂର୍ବ କୋଣରେ ମେଘନାଦ ପାଚେରୀ ସନ୍ନିକଟରେ ସ୍ନାନବେଦୀ ଅବସ୍ଥିତ । ବେଦୀଟି ପଥରରେ ନିର୍ମିତ ଏବଂ ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରତ୍ୟେକ ପ୍ରାୟ ୭୫ ଫୁଟ । ବେଦୀ ଉପରେ ଏକ ପଥରର ସିଂହାସନ ରହିଅଛି । ବେଦୀ ଉପରୁ ସିଂହାସନକୁ ଯିବା ପାଇଁ ପାବଚ୍ଛ ଶ୍ରେଣୀ ଅଛି । ସ୍ନାନ ପୂର୍ଣ୍ଣମୀ ଦିନ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ହୋଇ ସ୍ନାନ ବେଦୀରେ ବିଜେ କରନ୍ତି । ଶୀତଳାଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ସୁବର୍ଣ୍ଣ କୂପ ବା ସୁନା କୂଅରୁ ଜଳ ଅଣାଯାଇ ଶ୍ରୀ ଜୀଉମାନଙ୍କୁ ସ୍ନାନ କରାଯାଇଥାଏ । ଶ୍ରୀ ଜୀଉଙ୍କର ସ୍ନାନଯାତ୍ରା ଦର୍ଶନ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଶ୍ରୀକ୍ଷେତ୍ରରେ ଠୁଳ ହୋଇଥାନ୍ତି । ଅପରାହ୍ନରେ ଠାକୁରମାନଙ୍କର ହାତୀବେଶ ବା ଗଣପତି ବେଶ ହୋଇଥାଏ । ଅନ୍ୟ ଦିନ ମାନଙ୍କରେ ଶହ ଶହ ବ୍ୟକ୍ତି ସ୍ନାନବେଦୀ ଉପରେ ବସି ମହାପ୍ରସାଦ ସେବା କରୁଥିବା ଦୃଷ୍ଟି ଗୋଚର ହୁଏ ।

ଗୃହାଣୀ ମଣ୍ଡପ :— ସ୍ନାନବେଦୀର ଦକ୍ଷିଣକୁ ଗୃହାଣୀ ମଣ୍ଡପ ଅବସ୍ଥିତ । ସପ୍ତଦଶ ଶତାବ୍ଦୀ ଶେଷଭାଗକୁ ଖୋଜା ବେଣୁ ଛୋଟରାୟ ଉକ୍ତ ମଣ୍ଡପଟି ନିର୍ମାଣ କରାଇଥିଲେ । ବାଇଶି ପାହାଚର ଦକ୍ଷିଣକୁ ମଧ୍ୟ ଅନ୍ୟ ଏକ ଗୃହାଣୀ ମଣ୍ଡପ ଅଛି । ରଥଯାତ୍ରା ପରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ । ଶ୍ରୀ ଜଗନ୍ନାଥ ଲକ୍ଷ୍ମୀଙ୍କୁ ସଙ୍ଗରେ ନନେଇ ବିଦେଶ ଯାତ୍ରା କରିଥିବାରୁ ଲକ୍ଷ୍ମୀ ଅସନ୍ତୋଷ ଭାବ ପ୍ରକାଶ କରିଥିବା ଘଟଣା ପୁରାଣ ମାନଙ୍କରୁ ସୂଚୀତ ହୁଏ । ତେଣୁ ଜଗନ୍ନାଥଙ୍କ ପ୍ରତ୍ୟାବର୍ତ୍ତନ ବାର୍ତ୍ତା ପାଇ ମହାଲକ୍ଷ୍ମୀ ଗୃହାଣୀ ମଣ୍ଡପରୁ ରଥସ୍ଥ ଜଗନ୍ନାଥଙ୍କୁ ଭେଟିଥାନ୍ତି । ଏଥିପାଇଁ ଗୃହାଣୀ ମଣ୍ଡପକୁ ମଧ୍ୟ ଭେଟ ମଣ୍ଡପ ବୋଲି କୁହାଯାଇଥାଏ ।

ପାକଶାଳା ବା ରୋଷଘର :— ବର୍ତ୍ତମାନର ପାକଶାଳା ବା ରୋଷ ଘର ବାଇଶି ପାହାଚର ଦକ୍ଷିଣ ଦିଗକୁ ଅବସ୍ଥିତ । ପୂର୍ବେ ଯେତେବେଳେ ଅଳ୍ପ ଅନ୍ନ ଭୋଗ ହେଉଥିଲା ଏହା ଐଶାନ୍ୟ କୋଣରେ ରହିଥିଲା । ଉକ୍ତ ନୂତନ ରୋଷଶାଳା ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କ ସମୟରେ ଖ୍ରୀଷ୍ଟାବ୍ଦ ୧୬୮୨ ରୁ ୧୭୧୩ ମଧ୍ୟରେ ନିର୍ମିତ ହୋଇଥିଲା । ଦିବ୍ୟସିଂହ ଦେବଙ୍କ ପ୍ରଧାନ ମନ୍ତ୍ରୀ ଗୋବିନ୍ଦଙ୍କ ତତ୍ତ୍ୱାବଧାନରେ କଟକ ଜିଲ୍ଲାର ଶ୍ରୀ ରାଜେନ୍ଦ୍ର ରାୟଙ୍କ ବ୍ୟୟରେ ଉକ୍ତ ପାକଶାଳା ନିର୍ମିତ ହୋଇଥିଲା । ପାକଶାଳାରେ ବହୁ ସଂଖ୍ୟାକ ଚୁଲିଅଛି । ଏକାଥରକେ ଲକ୍ଷାଧିକ ଲୋକଙ୍କ ପାଇଁ ରୋଷେଇ ହେବାର ବ୍ୟବସ୍ଥା ଶ୍ରୀ ଜଗନ୍ନାଥଙ୍କ ପାକଶାଳାରେ ସମ୍ଭବ ହେଉଥିବାରୁ ଉଚ୍ଚଳ ଗୌରବ ମଧୁସୂଦନ ଏହାକୁ ସର୍ବବୃହତ୍ ହୋଟେଲ ବୋଲି ପାଶ୍ଚାତ୍ୟ ରାଜ୍ୟରେ ଦମ୍ଭର ସହିତ ପ୍ରକାଶ କରିଥିଲେ । ଚୁଲିଗୁଡ଼ିକ ଆକାର ଓ ପ୍ରକାର ଦୃଷ୍ଟିରୁ ବିଚିତ୍ର ଧରଣର । ଚୁଲିଗୁଡ଼ିକର ଆକାର ଖୁବ୍ ବଡ଼ । ଏଥିରେ ବହୁତ ଗୁଡ଼ିଏ ଟୁମ୍ପା (କଣା) ଥାଏ । ଏହି କଣାମାନଙ୍କରେ ବିଭିନ୍ନ ଆକାରର ହାଣ୍ଡିକୁଡ଼ିଆ ବସେ । ସାଧାରଣ ଦିନ ମାନଙ୍କରେ ପ୍ରତିଦିନ ପ୍ରାୟ ୨୫ ମହଣ ଘୃତଳ ରୋଷେଇ ହୋଇଥାଏ । ରୋଷେଇ ଘରୁ ମେଘନାଦ ପାଚେରୀ ଭେଦ କରି ଏକ ନଳାବାଟେ ପେଜ ବୋହିଯାଇ ଦକ୍ଷିଣ ଦିଗ

ରାସ୍ତାର ଏକ ବଡ଼ କୁଣ୍ଡରେ ଜମାହୁଏ । ଏହାକୁ ପେଜନଳା ବୋଲି କୁହାଯାଇଥାଏ । ଶହ ଶହ ଗାଈଗୋରୁ ଉକ୍ତ ପେଜକୁ ପିଇଥାନ୍ତି ।

ଶ୍ରୀ ମନ୍ଦିରର ରୋଷଘର ଚୁଲାରେ ଅନବରତ ନିଆଁ ରହିଥାଏ । ଏହାକୁ ବୈଷ୍ଣବାଗ୍ନି ବୋଲି କୁହାଯାଏ । ସେବାୟତମାନଙ୍କ ଘରୁ କାହାର ମୃତ୍ୟୁ ହେଲେ ଶ୍ରୀମନ୍ଦିର ରୋଷଘରୁ ଅଗ୍ନି ଅଣାଯାଇ ମୁଖାଗ୍ନି ଦିଆଯାଇଥାଏ । ଶ୍ରୀ ମନ୍ଦିର ରୋଷଘରେ ଛପନ ପ୍ରକାର ଭୋଗ ପ୍ରସ୍ତୁତ ହୁଏ । ଏଠାରେ ଗ୍ୱରି ପ୍ରକାର ପାକ ହୋଇଥାଏ । ଏହାକୁ ଭୀମପାକ, ନଳପାକ, ସୌରୀପାକ ଓ ଗୌରୀପାକ ବୋଲି କୁହାଯାଇଥାଏ । ସେହିପରି ଉକ୍ତ ପାକଶାଳାରେ ଗ୍ୱରି ପ୍ରକାର ଅନ୍ନ ପ୍ରସ୍ତୁତ ହୁଏ । ଯଥା, ଶାଳୀ ଅନ୍ନ, କ୍ଷୀରାନ୍ନ, ଦଧିଅନ୍ନ ଓ ଶୀତଳ ଅନ୍ନ । ଅସଂଖ୍ୟ ପ୍ରକାରର ତରକାରୀ ମଧ୍ୟ ପ୍ରସ୍ତୁତ ହୁଏ । ତରକାରୀ ବା ଡାଲି ପ୍ରଭୃତିକୁ ବଘରା ଯାଏ ନାହିଁ । ପରେ ଭୋଗ ପରେ ସୁଆରମାନେ ବଘରା ବଘରି କରୁଥିବା ଦୃଷ୍ଟିଗୋଚର ହୁଏ ।

ପଶ୍ଚିମ ଦ୍ୱାରରେ ଥିବା ବାହାର ବେଢ଼ା :– ବର୍ତ୍ତମାନ ସୁଦ୍ଧା ପୂର୍ବ ଓ ଉତ୍ତର ଦ୍ୱାରରେ ଥିବା ବାହାର ବେଢ଼ା ସମ୍ବନ୍ଧରେ ଆଲୋଚନା କରାଯାଇଅଛି । ପଶ୍ଚିମ ତଥା ଦକ୍ଷିଣ ଦ୍ୱାର ବାହାର ବେଢ଼ା ସମ୍ବନ୍ଧରେ ସ ମ୍ୟକ୍ ଆଲୋଚନା କରାଯାଉ । ପଶ୍ଚିମ ଦ୍ୱାର ବାହାର ବେଢ଼ାରେ ଚତୁର୍ଦ୍ଧାମରେ ବିରାଜିତ ଦେବଗଣ ବିରାଜମାନ କରୁଅଛନ୍ତି । ଶ୍ରୀଜଗନ୍ନାଥ, ଶ୍ରୀରାମନାଥ, ଶ୍ରୀ ବଦ୍ରୀନାଥ ଓ ଶ୍ରୀ ଦ୍ୱାରକାନାଥଙ୍କ ମୂର୍ତ୍ତି ପୂର୍ବାଭିମୁଖ ହୋଇ ଏକ ମନ୍ଦିର ମଧ୍ୟରେ ବିରାଜମାନ । ପଶ୍ଚିମ ଦ୍ୱାର ପାହାଚ ଉପରେ ଉତ୍ତର ଆଡ଼କୁ ଏକ କ୍ଷୁଦ୍ର ମନ୍ଦିରରେ ମହାବୀରଙ୍କ ମୂର୍ତ୍ତି ବିରାଜମାନ । ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଦିନ ବିଶେଷ ଉତ୍ସବ ମହାବୀର ମନ୍ଦିରମାନଙ୍କରେ ପାଳିତ ହୁଏ । ଏହିଦିନ ମହାବୀର ଜଗନ୍ନାଥ ବଲ୍ଲଭଙ୍କୁ ବିମାନରେ ବିଜେ କରନ୍ତି । ସେଠାରେ ଭୋଗ ଓ ପଣା କରାଯାଇଥାଏ । ଚତୁର୍ଦ୍ଧାମୂର୍ତ୍ତିଙ୍କ ମନ୍ଦିରର ଦକ୍ଷିଣକୁ ନୀଳାଚଳ ଉପବନ ଅବସ୍ଥିତ । ଏଠାରେ ବିଭିନ୍ନ ପ୍ରକାରର ଫୁଲ ଗଛ ରୋପଣ କରାଯାଇଛି । ଶ୍ରୀ ଜୀଉଙ୍କର ଅଙ୍ଗଲାଗି ନିମିତ୍ତ ଉକ୍ତ ଉପବନରୁ ଫୁଲ ତୋଳା ହୋଇ ମାଳ ଗୁନ୍ଥା ଯାଇଥାଏ । ଅନେକ ପୁରୁଷ ସ୍ତ୍ରୀ ସ୍ୱେଚ୍ଛାକୃତ ଭାବେ ଫୁଲ ଗୁନ୍ଥୁଥିବାର ଦୃଷ୍ଟିଗୋଚର ହୁଏ । ଉକ୍ତ ନୀଳାଚଳ ଉପବନରେ ନବଗୁଞ୍ଜର, ଚକ୍ରନାରାୟଣ, କୈଳାସ ପର୍ବତ ଅନନ୍ତଶୟନ, ପଞ୍ଚମୁଖୀ ହନୁମାନ, ନିର୍ମାଲ୍ୟ ଖଲା, ଏବଂ ସୁଗ୍ରୀବ ଓ ବିଭୀଷଣଙ୍କ ମୂର୍ତ୍ତି ରହିଅଛି । ପଶ୍ଚିମ ଦ୍ୱାରର ବାହାର ବେଢ଼ାରୁ ଉତ୍ତର ଦିଗରେ 'ନୀଳାଦ୍ରି ବିହାର' ନାମକ ଏକ ସଂଗ୍ରହାଳୟ ଅବସ୍ଥିତ । ପ୍ରବେଶ ପଥରେ ଭଗବାନଙ୍କ ବିଶ୍ୱମୂର୍ତ୍ତିର ଏକ ମୂର୍ତ୍ତି ବିରାଜମାନ । ଏହା ମଧ୍ୟରେ ପୁରାଣ ବର୍ଣ୍ଣିତ ଅନେକ କିମ୍ବଦନ୍ତୀର ଆକର୍ଷଣୀୟ ମୂର୍ତ୍ତିମାନ ରଖାଯାଇଅଛି ।

ଦକ୍ଷିଣ ଦ୍ୱାରରେ ଥିବା ବାହାର ବେଢ଼ା :— ଦକ୍ଷିଣ ଦ୍ୱାର ବାହାର ବେଢ଼ାରେ ହନୁମାନ ଶ୍ରୀ ରାମଚନ୍ଦ୍ରଙ୍କ ମନ୍ଦିର, ଷଡ଼ଭୂଜ ଗୌରାଙ୍ଗଙ୍କ ମନ୍ଦିର, ନୃସିଂହଙ୍କ ମନ୍ଦିର ଏବଂ ବୁଢ଼ୀ ମା'ଙ୍କ ମନ୍ଦିର ଅବସ୍ଥିତ । ଦକ୍ଷିଣ ଦ୍ୱାର ଦେଇ ବାହାର ରାସ୍ତାକୁ ଗଲେ, ମେଘନାଦ ପ୍ରାଚୀରକୁ ଲାଗି ଦକ୍ଷିଣାଭିମୁଖ ହୋଇ ଏକ ବିରାଟକାୟ ହନୁମାନ ମୂର୍ତ୍ତି ଦୃଷ୍ଟିଗୋଚର ହୋଇଥାଏ । ଏହାଙ୍କୁ କାନପାତା ହନୁମାନ ବୋଲି କୁହାଯାଏ । କଥିତ ଅଛି ଯେ ମହାପ୍ରଭୁ ଜଗନ୍ନାଥଙ୍କ ନିର୍ଦ୍ଦେଶରେ ତାଙ୍କର ପରମ ଦାସ ହନୁମାନ ଏହିଠାରେ କାନପାତି ରହିଛନ୍ତି ସମୁଦ୍ରର ଗର୍ଜନ ଶୁଭୁଛି କି ନାହିଁ ଜାଣିବା ଉଦ୍ଦେଶ୍ୟରେ । ସାଗର କନ୍ୟା ଲକ୍ଷ୍ମୀଙ୍କୁ ବିବାହ କରିଥିବାରୁ ସାଗର ହେଉଛି ଶ୍ରୀ ଜଗନ୍ନାଥଙ୍କ ଶ୍ୱଶୁର । ସମୁଦ୍ରର ଗର୍ଜନ ପୂର୍ବରୁ ଶ୍ରୀ ମନ୍ଦିରକୁ ଶୁଭୁଥିଲା । ଫଳରେ ଶ୍ରୀ ଜଗନ୍ନାଥଙ୍କ ସୁନିଦ୍ରାରେ ବ୍ୟାହତ ଘଟୁଥିଲା । ଶ୍ରୀ ଜଗନ୍ନାଥ ଏଥିଯୋଗୁ ବିରକ୍ତ ହୋଇ ଆଦେଶ ଦେଲେ ଯେ ସମୁଦ୍ରର ଗର୍ଜନ କେବେହେଲେ ଶ୍ରୀ ମନ୍ଦିରକୁ ଶୁଭିବ ନାହିଁ । ତେଣୁ ମହାବୀର କାନପାତି ଶୁଣିବେ ପ୍ରକୃତରେ ସମୁଦ୍ର ଗର୍ଜନ ଶୁଭୁଛି କି ନାହିଁ । ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥିବେ ଯେ ପୁରୀର ସବୁସ୍ଥାନରେ ସମୁଦ୍ର ଗର୍ଜନ ଶୁଣିବାକୁ ମିଳିଥାଏ, ମାତ୍ର ଏ ଶବ୍ଦ ଶ୍ରୀମନ୍ଦିର ମଧ୍ୟରେ ଥିବା ଲୋକଙ୍କୁ ଶୁଣାଯାଏ ନାହିଁ । ନିଶାର୍ଦ୍ଧରେ ମଧ୍ୟ ଶ୍ରୀ ମନ୍ଦିର ମଧ୍ୟକୁ ସମୁଦ୍ର ଗର୍ଜନ ନ ଶୁଭିବା ବଡ଼ ରହସ୍ୟମୟ ପରି ବୋଧ ହୁଏ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଶ୍ରୀ ମନ୍ଦିରସ୍ଥ ସମସ୍ତ ଦେବଦେବୀ ଅତ୍ୟନ୍ତ ରହସ୍ୟମୟ । ସେମାନଙ୍କର ଉପସ୍ଥିତି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।



ପଞ୍ଚମ ଅଧ୍ୟାୟ

ତ୍ରିମୂର୍ତ୍ତି ତଥା ଚତୁର୍ଦ୍ଧାମୂର୍ତ୍ତି ରହସ୍ୟ

ଶ୍ରୀ ମନ୍ଦିରର ରତ୍ନ ସିଂହାସନରେ ସପ୍ତବିଗ୍ରହ ବିରାଜମାନ । ଏ ସମ୍ପର୍କରେ ଯଥାର୍ଥରେ କୁହାଯାଇଛି,

''ସପ୍ତାଭରଣ ସଂଯୁକ୍ତଂ ନୀଳାଦ୍ରିମଞ୍ଜନପରମ୍ ।
ଶ୍ରୀ ଭୂ ମାଧବ ଚକ୍ରଶ୍ଚ ଚକ୍ରୀଭଦ୍ରାହଳୀ କ୍ରମାତ୍ ।।''

ଅର୍ଥାତ୍, ନୀଳାଦ୍ରିମଞ୍ଜନସ୍ଥ ସପ୍ତ ବିଗ୍ରହ ହେଲେ ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ, ଶ୍ରୀ ସୁଦର୍ଶନ, ଶ୍ରୀଦେବୀ, ଭୂଦେବୀ, ଏବଂ ଶ୍ରୀ ମାଧବ । ଏ ସମସ୍ତ ଦେବ ଦେବୀ ଅତ୍ୟନ୍ତ ରହସ୍ୟମୟ। କିନ୍ତୁ ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ, ଏ ତ୍ରିମୂର୍ତ୍ତିଙ୍କୁ ଏବଂ ସୁଦର୍ଶନଙ୍କୁ ସାମିଲ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଥାଏ । ଏମାନେ ପ୍ରାୟ ସମସ୍ତଙ୍କର ଦୃଷ୍ଟି ଗୋଚର ହୋଇଥାନ୍ତି । ପ୍ରଥମେ ତ୍ରିମୂର୍ତ୍ତିଙ୍କ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଯାଉ ।

ତ୍ରିମୂର୍ତ୍ତି ରହସ୍ୟ :– ଗବେଷକମାନଙ୍କ ମତରେ ତ୍ରିମୂର୍ତ୍ତି ହେଉଛନ୍ତି ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗର ପ୍ରତୀକ । ବଳଭଦ୍ର ହେଉଛନ୍ତି ଜ୍ଞାନଯୋଗୀ, ସୁଭଦ୍ରା କର୍ମଯୋଗୀ ଓ ଜଗନ୍ନାଥ ଭକ୍ତିଯୋଗୀ । ଶ୍ରୀମଦ୍‌ଭଗବତ୍ ଗୀତା ଅନୁଯାୟୀ କେବଳ କର୍ମ, କେବଳ ଜ୍ଞାନ ଓ କେବଳ ଭକ୍ତିର ସ୍ଥିତି ନାହିଁ । କର୍ମୀର ହାତ, ଜ୍ଞାନୀର ଚକ୍ଷୁ ଓ ଭକ୍ତର ହୃଦୟ, ଏହି ତିନିଗୋଟିର ସମନ୍ୱୟରେ ତ୍ରିବେଣୀ ସଙ୍ଗମ ହୁଏ, ଫଳରେ ମାନବ ଜୀବନ ସାର୍ଥକ ହୋଇଥାଏ ।

ତ୍ରିମୂର୍ତ୍ତି ଓ ଓଁକାର ବ୍ରହ୍ମ :– ବେଦରେ ଓଁକାରକୁ ବ୍ରହ୍ମ ବୋଲି ପ୍ରତିପାଦନ କରାଯାଇଅଛି। ଓଁକାର ଅକାର, ଉ କାର ଓ ମ କାରର ସମଷ୍ଟି । ଓଁ=ଅ+ଉ+ମ । ଅ କାର ବ୍ରହ୍ମାତ୍ମକ, ଉ କାର ବିଷ୍ଣୁାତ୍ମକ ଏବଂ ମ କାର ଶିବାତ୍ମକ ଅଟେ । ତେଣୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସମଷ୍ଟି ହିଁ ଓଁ । ଏତଦ୍‌ବ୍ୟତୀତ, ଉକ୍ତ ତିନି ଅକ୍ଷର ସତ୍ତ୍ୱ, ରଜ ଓ ତମ, ସତ୍ୟ, ତ୍ରେତୟା ଓ ଦ୍ୱାପର, ଏବଂ ଭୂଃ, ଭୁବଃ ଓ ସ୍ୱଃ ପ୍ରଭୃତିକୁ ବୁଝାଇଥାଏ । ପୁନଶ୍ଚ, ଅ ହିଁ ବିଶ୍ୱ, ଉ ତେଜସ୍, ଓ ମ ପ୍ରାଜ୍ଞ । ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଜଗନ୍ନାଥଙ୍କୁ ପ୍ରଣବରୂପୀ ବୋଲି କୁହାଯାଇଛି । ଯଥା,

'ଇତିସ୍ତୁତ୍ୱା ସୁରେଶାନଂ ଦେବଂ ପ୍ରଣବରୂପିଣମ୍' ।

ସାରଳା ଦାସଙ୍କ ମତରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ଯଥାକ୍ରମେ ହର, ବ୍ରହ୍ମାଓ ହରି ଅଟନ୍ତି। ଏତ୍ରିମୂର୍ତ୍ତି ହିଁବ୍ରହ୍ମା, ବିଷ୍ଣୁ ମହଶ୍ୱର । ଯଥା,

'ରାମ କୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା,
ଶୀପୁରୁଷୋଉମେ ବିଜେ ହରିହର ବ୍ରହ୍ମା' ।

ତ୍ରିମୂର୍ତ୍ତି ହିଁ ତ୍ରିବୀଜ:– ଦିବାକର ଦାସ ଶ୍ରୀ ଜଗନ୍ନାଥ ଚରିତାମୃତରେ ପ୍ରକାଶ କରିଛନ୍ତି ଯେ ବଳଭଦ୍ରଙ୍କର ହେଉଛି ଶ୍ରୀଁ ବୀଜ, ସୁଭଦ୍ରାଙ୍କର ହ୍ରୀଁ ବୀଜ ଓ ଜଗନ୍ନାଥଙ୍କର ହେଉଛି କ୍ଲୀଁ ବୀଜ । ତାଙ୍କ ଭାଷାରେ,

'ଶ୍ରୀଁ ବୀଜ ବଳଭଦ୍ର ହୋନ୍ତି । ହ୍ରୀଁ ବୀଜ ସୁଭଦ୍ରା ମୂରତି ।
କ୍ଲୀଁ ବୀଜ ଜଗନ୍ନାଥ ଭାବ । ଏ ରୂପେ ନୈବେଦ୍ୟଦେବ' ।

ତ୍ରିମୂର୍ତ୍ତି ଚିନି ସାଙ୍କେତିକ ରୂପ :– ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଯଥାକ୍ରମେ କୃଷ୍ଣ, ଶ୍ୱେତ ଓ ପୀତବର୍ଣ୍ଣ ବିଶିଷ୍ଟ । ଏମାନେ ପୃଥିବୀର ତିନିବର୍ଣ୍ଣର ମନୁଷ୍ୟ ଭିତରେ ସାମ୍ୟ ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ତିନୋଟି ସାଙ୍କେତିକ ରୂପ । ଆଫ୍ରିକା ଓ ଏସିଆର କୃଷ୍ଣାଙ୍ଗ, ୟୁରୋପ ଓ ଆମେରିକାର ଶ୍ୱେତାଙ୍ଗ ଏବଂ ଚୀନ, ତିବ୍ଧତର ପୀତାଙ୍ଗମାନଙ୍କ ମଧ୍ୟରେ ସାର୍ବଜନୀନ ମୈତ୍ରୀ, ସାମ୍ୟ, ସମନ୍ୱୟ ତଥା ମିଳନର ଅଭିମନ୍ତ୍ର ଶୁଣାଇବା ପାଇଁ ବୋଧହୁଏ ଅବତୀର୍ଣ୍ଣ । ଶ୍ରୀ ଜଗନ୍ନାଥଙ୍କର ବାନା ପତିତପାବନ ହୋଇଥିବାରୁ ଏବଂ ସେ ଦୀନବନ୍ଧୁ, ଆର୍ତ୍ତତ୍ରାଣ, ବୋଲାପାଉଥିବାରୁ ଅପେକ୍ଷାକୃତ ନିର୍ଦ୍ଧନ ତଥା ଅବହେଳିତ ଏସିଆ ଆଫ୍ରିକାର ଲୋକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଏବଂ ସେମାନଙ୍କ ପରି ନିଜେ କୃଷ୍ଣବର୍ଣ୍ଣ ହୋଇଥିବା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ ।

ତ୍ରିମୂର୍ତ୍ତି ହେଉଛନ୍ତି ତିନିଜଣ ଠାକୁରାଣୀ :– ତନ୍ତ୍ରଶାସ୍ତ୍ରରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ତିନିଦେବୀ ବୋଲି ବର୍ଣ୍ଣନା କରାଯାଇଛି । ଯଥା,

'ଉଗ୍ରତାରା ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ ।
ନୀଳାଦୌସୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା ।'

ଅର୍ଥାତ୍, ବଳଭଦ୍ର ହେଉଛନ୍ତି ଉଗ୍ରତାରା, ସୁଭଦ୍ରା ଭୁବନେଶ୍ୱରୀ ଏବଂ ଜଗନ୍ନାଥ ହେଉଛନ୍ତି ଦକ୍ଷିଣକାଳୀ । ସପ୍ତଶତୀ ଚଣ୍ଡୀରେ ତିନିଦେବୀଙ୍କ ତତ୍ତ୍ୱ ଓ ଧ୍ୟାନ ପରିବେଷିତ ହୋଇଅଛି । ସେମାନେ ହେଲେ ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀ । ମହାସରସ୍ୱତୀ ଧବଳ ବର୍ଣ୍ଣୀ, ମହାଲକ୍ଷ୍ମୀ ପୀତବର୍ଣ୍ଣୀ ଓ ମହାକାଳୀ କୃଷ୍ଣବର୍ଣ୍ଣୀ । ବଳଭଦ୍ର ଧବଳ ବର୍ଣ୍ଣ, ସୁଭଦ୍ରା ପୀତବର୍ଣ୍ଣୀ ଓ ଜଗନ୍ନାଥ କୃଷ୍ଣବର୍ଣ୍ଣ ।

ଆଦିଶଙ୍କରଙ୍କ ମତରେ ତ୍ରିମୂର୍ତ୍ତି :– ଆଦି ଶଙ୍କରାଗ୍ରର୍ଯ୍ୟ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଯେଉଁ ସ୍ତବ କରିଥିଲେ ସେମାନେ କିଏ ତାହା ସ୍ପଷ୍ଟ ହୁଏ । ବଳଭଦ୍ରଙ୍କୁ କାମପାଳ ବା ମହାଦେବ ହିସାବରେ, ସୁଭଦ୍ରାଙ୍କୁ ଯୋଗମାୟା ହିସାବରେ ଓ ଜଗନ୍ନାଥଙ୍କୁ ବିଷ୍ଣୁ ଭାବରେ ସେ ସ୍ତବ କରିଅଛନ୍ତି । ବଳଭଦ୍ର ବା ଶିବ ଏବଂ ଜଗନ୍ନାଥ ବା ବିଷ୍ଣୁଙ୍କ ମଧ୍ୟ ଭାଗରେ ଯୋଗମାୟା ବା ଶକ୍ତି ରହିଥିବାରୁ ଶିବ ଓ ବିଷ୍ଣୁ ଶକ୍ତି ସମନ୍ୱିତ ହୋଇଛନ୍ତି । ଏ ମତ ବର୍ତ୍ତମାନ ସୂଚ୍ଚା ଅକାଟ୍ୟ । ଶୈବ, ଶାକ୍ତ ଏବଂ ବୈଷ୍ଣବମାନେ ତ୍ରିମୂର୍ତ୍ତି ମଧ୍ୟରେ ସେମାନଙ୍କର

ଆରାଧ୍ୟ ଦେବଦେବୀଙ୍କୁ ଦର୍ଶନ କରିଥାନ୍ତି । ଏ ତିନି ଧର୍ମ ମଧ୍ୟରେ ସମନ୍ୱୟ ଆଣିବା ପାଇଁ ତ୍ରିମୂର୍ତ୍ତି ବିରାଜମାନ ।

ବୈଷ୍ଣବଙ୍କ ଅଭିମତ :– ବୈଷ୍ଣବମାନଙ୍କ ମତରେ ବଳଭଦ୍ର ହେଉଛନ୍ତି ବଳରାମ, ସୁଭଦ୍ରା ଭଗିନୀ ଏବଂ ଜଗନ୍ନାଥ ହିଁ କୃଷ୍ଣ । ଦୁଇ ଭାଇଙ୍କ ମଝିରେ ଭଉଣୀ ସୁଭଦ୍ରା ରତ୍ନବେଦୀରେ ବସି ରହିଅଛନ୍ତି । ଦ୍ୱାପର ଯୁଗର ଶ୍ରୀକୃଷ୍ଣ ଶ୍ରୀ ଜଗନ୍ନାଥ ଭାବରେ ଉପାସିତ ବୋଲି ସେମାନଙ୍କର ଅଭିମତ । ବ୍ରହ୍ମ ପୁରାଣରେ ଜଗନ୍ନାଥଙ୍କୁ କୃଷ୍ଣ ରୂପରେ କଳ୍ପନା କରାଯାଇଛି । ଦର୍ଶନ ବିଧି ପ୍ରସଙ୍ଗରେ ଉଲ୍ଲେଖ ଅଛି ।

'ବଟସ୍ୟ ଦର୍ଶନଂ ଚୈବ ବ୍ୟୁଷ୍ଟିଂ ସତ୍ୟ ଚ ଭୋ ଦ୍ୱିଜାଃ ।
ଦର୍ଶନଂ ବଳଦେବସ୍ୟ କୃଷ୍ଣସ୍ୟ ଚ ବିଶେଷତଃ' ।

ଚତୁର୍ଦ୍ଧାମୂର୍ତ୍ତି ରହସ୍ୟ:– ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଏବଂ ସୁଦର୍ଶନ ହେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଉକ୍ତ ଚତୁର୍ଦ୍ଧାମୂର୍ତ୍ତି ଅତ୍ୟନ୍ତ ରହସ୍ୟଜନକ । ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ପର୍କରେ ବିଭିନ୍ନ ମତ ଉପସ୍ଥାପିତ ହୋଇଅଛି ।

ତ୍ରିରଙ୍ଗୀ ସାଙ୍କେତିକ ରୂପ :– ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଯଥାକ୍ରମେ କୃଷ୍ଣ, ଶ୍ୱେତ, ପୀତ ଓ ଲୋହିତବର୍ଣ୍ଣ ବିଶିଷ୍ଟ । ବର୍ଣ୍ଣ ଦୃଷ୍ଟିରୁ ପୃଥିବୀର ଅଧିବାସୀଙ୍କୁ ତ୍ରିରଙ୍ଗୀ ଭାଗରେ ବିଭକ୍ତ କରାଯାଇଥାଏ । ଯଥା, ଧବଳକାୟ, କୃଷ୍ଣକାୟ, ପୀତକାୟ ଏବଂ ଲୋହିତକାୟ । ବଳଭଦ୍ର ଧବଳବର୍ଣ୍ଣ, ଜଗନ୍ନାଥ କୃଷ୍ଣବର୍ଣ୍ଣ, ସୁଭଦ୍ରା ପୀତବର୍ଣ୍ଣ ଏବଂ ସୁଦର୍ଶନ ଲୋହିତବର୍ଣ୍ଣ । ଚତୁର୍ଦ୍ଧାମୂର୍ତ୍ତି ପୃଥିବୀର ତ୍ରିରଙ୍ଗୀ ମନୁଷ୍ୟ ଭିତରେ ସାମ୍ୟ ଓ ମୈତ୍ରୀ ପ୍ରତିଷ୍ଠା କରିବା ପାଇଁ ତ୍ରିରଙ୍ଗୀ ସାଙ୍କେତିକ ରୂପ ମାତ୍ର । ଆଫ୍ରିକା ଓ ଏସିଆର କୃଷ୍ଣାଙ୍ଗ, ୟୁରୋପ ଓ ଆମେରିକାର ଶ୍ୱେତାଙ୍ଗ, ଚୀନ ଓ ତିବ୍ବତର ପୀତାଙ୍ଗ ଏବଂ ଲୋହିତାଙ୍ଗ ମାନଙ୍କ ମଧ୍ୟରେ ମିଳନର ଅଭିମନ୍ତ୍ର ଶୁଣାଇବା ପାଇଁ ଚତୁର୍ଦ୍ଧାମୂର୍ତ୍ତି, ବୋଧହୁଏ, ଅବତୀର୍ଣ । ଆଫ୍ରିକା ଓ ଏସିଆର ଅଧିବାସୀ ଅପେକ୍ଷାକୃତ ଦରିଦ୍ର ହୋଇଥିବାରୁ ଶ୍ରୀ ଜଗନ୍ନାଥ ସେମାନଙ୍କ ପ୍ରତିନିଧିତ୍ୱ କରିବା ଉଦ୍ଦେଶ୍ୟରେ ବୋଧହୁଏ କୃଷ୍ଣବର୍ଣ୍ଣ । ସେ ପତିତପାବନ ଓ ଦୀନବନ୍ଧୁ ।

ଚତୁର୍ଦ୍ଧାମୂର୍ତ୍ତି ଏକ ତଥା ଅଭିନ୍ନ :– ଶ୍ରୀ ଜଗନ୍ନାଥ ଚରିତାମୃତ ଗ୍ରନ୍ଥରେ 'ଜଗନ୍ନାଥ' ଚତୁରାକ୍ଷରକୁ ଚତୁର୍ଦ୍ଧାମୂର୍ତ୍ତି ତତ୍ତ୍ୱର ମୂଳବୀଜ ରୂପେ ଗ୍ରହଣ କରାଯାଇଅଛି । ଯଥା,

'ଜ କାରଶ୍ଚ ଜଗନ୍ନାଥଃ ଗ କାରଃ ବଳଦେବକଃ ।
ଭଦ୍ରା ନ କାର ଭାବେନ ଥ କାରଶ୍ଚ ସୁଦର୍ଶନଃ' ।

ଏହାର ଅର୍ଥ ହେଲା ଜଗନ୍ନାଥ କହିଲେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନଙ୍କୁ ବୁଝାଏ। ଜଗନ୍ନାଥ ଦାସ 'ଏକାକ୍ଷର ପ୍ରଶ୍ନରେ' ମଧ୍ୟ ଅନୁରୂପ ମତ ପ୍ରଦାନ କରିଅଛନ୍ତି । ଯଥା,

'ଯେଉଁ ପ୍ରଭୁ ଜଗନ୍ନାଥ ତହିଁ ସିନା ସବୁତତ୍ତ୍ୱ
ଶୁକଳ ଗଉର ରଙ୍ଗ କଳା ବୋଲିଟି,

ଏମନ୍ତେ ତ୍ରିରି ହୋଇଲା ଅପରେ ତ୍ରିରି କହିଲା
ଶ୍ରୀ ନୀଳକନ୍ଦରେ ବିଜେ ଚତୁର୍ଦ୍ଧାମୂର୍ତ୍ତି ।'

କାଳଚକ୍ରର ତ୍ରିରି ଅବସ୍ଥା ହିଁ ଚତୁର୍ଦ୍ଧାମୂର୍ତ୍ତି:–

କେତେକ ଗବେଷକ କାଳଚକ୍ରର ବିଭିନ୍ନ ଅବସ୍ଥା ରୂପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗ୍ରହଣ କରିଥାନ୍ତି । କୃଷ୍ଣବର୍ଣ୍ଣର ଜଗନ୍ନାଥ ହେଉଛନ୍ତି ରାତ୍ରୀ, ଶୁକ୍ଳ ବର୍ଣ୍ଣର ବଳଭଦ୍ର ହେଉଛନ୍ତି ଦିବସ, ହରିଦ୍ରା ବର୍ଣ୍ଣର ସୁଭଦ୍ରା ହେଉଛନ୍ତି ସନ୍ଧ୍ୟା ଏବଂ ସୁଦର୍ଶନ ହେଉଛନ୍ତି କାଳବର୍ଣ୍ଣର ପ୍ରତୀକ । ଅନେକ ପଣ୍ଡିତ ଜଗନ୍ନାଥଙ୍କୁ ବିଷ୍ଣୁଙ୍କର କାଳ ସ୍ୱରୂପ ସୁଭଦ୍ରାଙ୍କୁ ବିଷ୍ଣୁଙ୍କର ପ୍ରକୃତି ସ୍ୱରୂପ ଏବଂ ବଳଭଦ୍ରଙ୍କୁ ବିଷ୍ଣୁଙ୍କର ସ୍ୱରୂପ ପୁରୁଷ ଭାବରେ କଳ୍ପନା କରିଥାନ୍ତି।

ତ୍ରିରିବେଦ ହେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି:– ବଳରାମ ଦାସ ଗୁପ୍ତ ଗୀତାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ତ୍ରିରିବେଦ ବୋଲି ମତପ୍ରଦାନ କରିଅଛନ୍ତି । ବଳଭଦ୍ର ହେଉଛନ୍ତି ସାମବେଦ, ସୁଭଦ୍ରା ଋକ୍ ବେଦ, ଜଗନ୍ନାଥ ଯର୍ଜୁବେଦ, ଏବଂ ସୁଦର୍ଶନ ହେଉଛନ୍ତି ଅଥର୍ବବେଦ । ତାଙ୍କ ମତରେ,

'ବଳଭଦ୍ର ଯେ ସାମ ହୋଇ । ଋକ୍ ଯେ ସୁଭଦ୍ରା ଅଟଇ ।
ଯଜୁର୍ବେଦ ଶ୍ରୀ ଜଗନ୍ନାଥ । ଅଥର୍ବ ସୁଦର୍ଶନ ପାର୍ଥ' ।

ଏଥିରୁ ସୂଚନା ମିଳେ ଯେ ଚତୁର୍ଦ୍ଧାମୂର୍ତ୍ତି ବେଦସ୍ୱରୂପ ବା ଜ୍ଞାନ ସ୍ୱରୂପ ।

ଚତୁର୍ଦ୍ଧାମୂର୍ତ୍ତିରେ ହରେକୃଷ୍ଣ ମନ୍ତ୍ର:– ଯଶୋବନ୍ତ ଦାସ 'ପ୍ରେମଭକ୍ତି ବ୍ରହ୍ମଗୀତା'ରେ ହରେକୃଷ୍ଣ ମନ୍ତ୍ରକୁ ଚତୁର୍ଦ୍ଧାମୂର୍ତ୍ତିରେ ଭେଦାଇ ଅଛନ୍ତି । ଯଥା,

ହ— ହ ଅକ୍ଷର ଭଦ୍ରଶାଖା । ଗୁପତ ରୂପ ଏ ରାଧିକା ।

ରେ— ରେ ଅକ୍ଷର ଯେ ବଳଦେବ । ରେବତି ପତି ଅନୁଭାବ ।

କୃ— କୁରୁ ଅକ୍ଷର କୃଷ୍ଣଦେହୀ । ଶ୍ରୀ ଜଗନ୍ନାଥ ଯାହା କହି ।

ଷ୍ଣ— ଷ୍ଣୁଅ ଯେ ସୁଦର୍ଶନ ପୁଣ । ଯେମନ୍ତେ ଚତୁର୍ଥ ପ୍ରମାଣ ।

ଚତୁର୍ଦ୍ଧାମୂର୍ତ୍ତି ହେଉଛନ୍ତି ତ୍ରିରି ଇନ୍ଦ୍ରିୟ:– ଚତୁର୍ଦ୍ଧାମୂର୍ତ୍ତି ଶରୀରର ଶ୍ରବଣ, ନୟନ, ଅଧର ଓ ନାସିକା ଅଟନ୍ତି । ବଳଭଦ୍ର ହେଉଛନ୍ତି ଶ୍ରବଣ, ଜଗନ୍ନାଥ ନୟନ, ସୁଭଦ୍ରା ଅଧର ଏବଂ ସୁଦର୍ଶନ ହେଉଛନ୍ତି ନାସିକା । ମହାପ୍ରଭୁ ବଳଭଦ୍ରଙ୍କ ମାଧ୍ୟମରେ ଶୁଣନ୍ତି, ତାଙ୍କର ଚକା

ଆଖି ସବୁ ଦେଖେ, ସୁଭଦ୍ରାଙ୍କ ମାଧ୍ୟମରେ ଭୋଜନ କରନ୍ତି ଏବଂ ସୁଦର୍ଶନଙ୍କ ମାଧ୍ୟମରେ ଘ୍ରାଣ କରନ୍ତି । ଶ୍ରୀ କ୍ଷେତ୍ରରେ ଦେଖାଯାଏ ଯେ ଯେଉଁ ଭକ୍ତ ଯାହା କିଛି ଗୁହାରୀ କରେ ସେ ବଳଭଦ୍ରଙ୍କୁ ଜଣାଇଥାଏ । ସେହିପରି ଭୋଗ ପୂଜାବେଳେ ଯେଉଁ ଟେରା ବନ୍ଧା ହୁଏ, ସେତେବେଳେ ସୁଭଦ୍ରାଙ୍କ ମୁଖମଣ୍ଡଳ ଦେଖାଯାଏ ନାହିଁ ।

ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ଚକ୍ରରାଜ ହିଁ ଚତୁର୍ଦ୍ଧାମୂର୍ତ୍ତିଃ– ସାରାଳା ଦାସ ଓ ଅନ୍ୟାନ୍ୟ ପଣ୍ଡିତଙ୍କ ମତରେ ବଳଭଦ୍ର ହେଉଛନ୍ତି ଦେବଦେବ ମହାଦେବ, ସୁଭଦ୍ରା ବ୍ରହ୍ମା, ଜଗନ୍ନାଥ ସ୍ୱୟଂ ବିଷ୍ଣୁ ଏବଂ ସୁଦର୍ଶନ ଆୟୁଧ ଚକ୍ର । କଳିଯୁଗରେ ବ୍ରହ୍ମାଙ୍କର ପୂଜା ନଥିବାରୁ ସେ ଗୁପ୍ତରେ ସୁଭଦ୍ରାଙ୍କ ରୂପରେ ବିରାଜମାନ ବୋଲି ବିଗ୍ରର କରାଯାଇଥାଏ ।

ଆଦି ଶଙ୍କରଙ୍କ ମତରେ ବଳଭଦ୍ର ହେଉଛନ୍ତି ଶିବ, ସୁଭଦ୍ରା ଯୋଗମାୟା, ଜଗନ୍ନାଥ ବିଷ୍ଣୁ ଏବଂ ବିଷ୍ଣୁଙ୍କର ଆୟୁଧ ସୁଦର୍ଶନ, ଏମାନେ ହେଲେ ଚତୁର୍ଦ୍ଧାମୂର୍ତ୍ତି ।

ରତ୍ନବେଦୀସ୍ଥ ପଞ୍ଚଦେବତାଃ– ରତ୍ନ ସିଂହାସନରେ ପଞ୍ଚ ଦେବତାଙ୍କ ଉପାସନା କରାଯାଏ ବୋଲି କେତେକ ଗବେଷକଙ୍କ ନିଶ୍ଚିତ ଅଭିମତ । ନାରାୟଣ ରୂପରେ ଜଗନ୍ନାଥ, ବଳଭଦ୍ର ତ୍ରିଲୋଚନ ରୂପରେ, ସୁଭଦ୍ରା ରୂପରେ ଯୋଗମାୟା, ମାଧବ ରୂପରେ ଗଣଦେବତା ଏବଂ ଚକ୍ର ଭାବରେ ତେଜମୟ ସୂର୍ଯ୍ୟ ବିଦ୍ୟମାନ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

‘ଜଗନ୍ନାଥଃ ସ୍ୱୟଂ ବିଷ୍ଣୁଃ ବଳଭଦ୍ର ତ୍ରିଲୋଚନଃ ।
ଭଦ୍ରାଦେବୀ ପରାସାକ୍ଷାତ୍ ମାଧବ ଗଣଦୈବତଃ ।
ଚକ୍ରଃ ତେଜୋମୟସୂର୍ଯ୍ୟଃ ପଞ୍ଚଦେବ ସ୍ମରାମ୍ୟହମ୍’ ।

ରତ୍ନ ସିଂହାସନସ୍ଥ ସପ୍ତବିଗ୍ରହ, ତ୍ରିମୂର୍ତ୍ତି, ଏବଂ ଚତୁର୍ଦ୍ଧାମୂର୍ତ୍ତି ଅତ୍ୟନ୍ତ ରହସ୍ୟମୟ ହେଲେ ହେଁ ଶ୍ରୀ ଜଗନ୍ନାଥ ଯେ ଏକାକୀ ସମସ୍ତ ଚିନ୍ତନ ଚକ୍ରର ଅବ୍ୟକ୍ତ ମୂଳାଧାର, ଏହା ନିଃସନ୍ଦେହ । ତ୍ରିମୂର୍ତ୍ତି ତଥା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଓଁକାର ଭାବରେ, ବ୍ରହ୍ମାବିଷ୍ଣୁ ମହେଶ୍ୱର ଭାବରେ, ବୌଦ୍ଧ ଧର୍ମର ବୁଦ୍ଧ ସଂଘ ଧର୍ମ ଭାବରେ, ସତ୍‌ଚିତ୍ ଆନନ୍ଦ ଭାବରେ, ଋକ୍ ଯଜୁ, ସାମ ଭାବରେ, ହ୍ରୀଁ ଶ୍ରୀଁ କ୍ଲୀଁ ବୀଜ ଭାବରେ କୃଷ୍ଣ ଶ୍ୱେତ ପୀତ ବର୍ଣ୍ଣ ଭାବରେ, ସତ୍ତ୍ୱ ରଜତମ ଭାବରେ, କର୍ମ ଜ୍ଞାନ ଓ ଭକ୍ତି ଭାବରେ ଏବଂ ଶିବ, ଶକ୍ତି, ବିଷ୍ଣୁ ଭାବରେ ପ୍ରତିପାଦିତ କରାଯାଇଅଛି ।ଏ ସମ୍ବନ୍ଧୀୟ ତତ୍ତ୍ୱ ଓ ତଥ୍ୟ ଅତ୍ୟନ୍ତ ବ୍ୟାପକ, ଅନନ୍ତ ଓ ଅତ୍ୟନ୍ତ ରହସ୍ୟାବୃତ୍ତ। ଚତୁର୍ଦ୍ଧାମୂର୍ତ୍ତି ଏକ ତଥା ଅଭିନ୍ନ, ଏହା ମଧ୍ୟ ପ୍ରତିପାଦିତ ହୋଇଅଛି । ବିଭିନ୍ନ ଧର୍ମାବଲମ୍ବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କର ଆରାଧ୍ୟ ଦେବ ଦେବୀଙ୍କୁ ରତ୍ନସିଂହାସନସ୍ଥ କରିବା ଯୁକ୍ତିଯୁକ୍ତ ପରି ମନେହୁଏ । ସେ ଯାହାହେଉ ଏ ସମସ୍ତ ବିଷୟ କେବଳ ମାନସିକ ପରିକଳ୍ପନା । ତ୍ରିମୂର୍ତ୍ତି କିଏ, କ’ଣ ସେ ବିଷୟ ଶ୍ରୀ ଜଗନ୍ନାଥଙ୍କୁ ହିଁ ଜଣା । ସର୍ବ ରହସ୍ୟ ପୁରୁଷୋଉମସ୍ୟ ଦେବେ ନ ଜାନାତି କୁତ ମନୁଷ୍ୟଃ ।

ଷଷ୍ଠ ଅଧ୍ୟାୟ

ରହସ୍ୟମୟ ସୁଦର୍ଶନ

ରତ୍ନ ସିଂହାସନରେ ଶ୍ରୀ ଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ଏକ ସ୍ତମ୍ଭ ରୂପରେ ସୁଦର୍ଶନ ବିରାଜମାନ । ସୁଦର୍ଶନ ପରଂବ୍ରହ୍ମ ବିଷ୍ଣୁଙ୍କର ଆୟୁଧ । ଏହା ତାଙ୍କ ଦକ୍ଷିଣ ହସ୍ତର ଅଙ୍ଗୁଳିରେ ଶୋଭାପାଇଥାଏ । ଚକ୍ର ବିଷ୍ଣୁଙ୍କର ହସ୍ତରେ ଶୋଭାପାଉଥିବାରୁ ତାଙ୍କୁ ଚକ୍ରପାଣି ବୋଲି କୁହାଯାଇଥାଏ । ରତ୍ନସିଂହାସନରେ ସୁଦର୍ଶନ ଚକ୍ର ଆକାରରେ ପ୍ରଭୁଙ୍କର ଦକ୍ଷିଣ ପାର୍ଶ୍ୱରେ ଶୋଭା ପାଉଥିଲେ କୌଣସି ଚିନ୍ତା କରିବାର ଅବକାଶ ନଥାନ୍ତା । କିନ୍ତୁ ସେ ସ୍ତମ୍ଭ ଆକାରରେ ମହାପ୍ରଭୁଙ୍କ ବାମ ପାର୍ଶ୍ୱରେ ଅବସ୍ଥିତ ହୋଇଥିବାରୁ, ସ୍ୱତଃ ପ୍ରଶ୍ନ ଉଠେ ସୁଦର୍ଶନ କିଏ ଏବଂ ଏପରି ରୂପରେ ଓ ବାମ ପାର୍ଶ୍ୱରେ ଶୋଭା ପାଉଥିବା ମୂଳରେ କିଛି ଗୂଢ଼ ତତ୍ତ୍ୱ ନିହିତ ଅଛି କି ?

ସୁଦର୍ଶନ କିଏ ?

ବୈଷ୍ଣବମାନଙ୍କ ମତରେ ସୁଦର୍ଶନ ହେଉଛନ୍ତି ଶ୍ରୀ ବିଷ୍ଣୁଙ୍କର ଶକ୍ତିଶାଳୀ ଆୟୁଧ । ଏହା ଜରିଆରେ ଭଗବାନ ସମସ୍ତ ପାପରାଶି, ଆସୁରିକ ପ୍ରକୃତି ଏବଂ ପ୍ରତ୍ୟେକ ପ୍ରକାର ବିଘ୍ନ ବିନାଶ କରିଥାନ୍ତି । ମତ୍ସ୍ୟ ପୁରାଣର ଏକାଦଶ ଅଧ୍ୟାୟ ଏବଂ ବାମନ ପୁରାଣର ଉନବିଂଶ ଅଧ୍ୟାୟରେ ସୁଦର୍ଶନଚକ୍ରଙ୍କର ଉତ୍ପତି ସମ୍ପର୍କରେ ସୂଚନା ଦିଆଯାଇଅଛି । ସୂର୍ଯ୍ୟ ନିଜର ତେଜକୁ ପ୍ରଶମିତ କରିବା ପାଇଁ ପ୍ରାର୍ଥନା କରିବାରୁ ଶ୍ରୀ ବିଷ୍ଣୁ ସୂର୍ଯ୍ୟଙ୍କର ଘୃଣ୍ୟମାନ ତେଜରୁ କିଛି ଅଂଶ ପୃଥକ୍ କରିଦେଲେ । ସେହି ପୃଥକୀକୃତ ତେଜ. ତିନି ଭାଗରେ ବିଭକ୍ତ ହୋଇ ବିଷ୍ଣୁଙ୍କର ସୁଦର୍ଶନ ଚକ୍ର, ରୁଦ୍ରଙ୍କର ତ୍ରିଶୂଳ ଏବଂ ଇନ୍ଦ୍ରଙ୍କର ବଜ୍ର ରୂପରେ ପ୍ରକଟିତ ହେଲେ ବୋଲି ମତ୍ସ୍ୟ ପୁରାଣର ଅଭିମତ । ସେହିପରି ବାମନ ପୁରାଣରେ ଉଲ୍ଲେଖ ଅଛି ଯେ, ଦୁର୍ଦାନ୍ତ ଅସୁରମାନଙ୍କୁ ନିପାତ କରିବା ପାଇଁ ଏକ ତୀକ୍ଷ୍ଣ ଅସ୍ତ୍ରର ପ୍ରୟୋଜନ କଥା ବିଷ୍ଣୁ ଦେବତାମାନଙ୍କୁ କହିଥିଲେ । ତେଣୁ ସମସ୍ତ ଦେବତାଙ୍କର ତେଜକୁ ଏକତ୍ରିତ କରି ସୁଦର୍ଶନ ଚକ୍ରର ସୃଷ୍ଟି ହୋଇଥିଲା । ଏହା ବିଷ୍ଣୁଙ୍କର ଆୟୁଧ ରୂପରେ ବିଦିତ ହେଲା । ସୁଦର୍ଶନଙ୍କ ଧ୍ୟାନରୁ ଏହାର ମାହାତ୍ମ୍ୟ ହୃଦ୍‌ବୋଧ କରିହୁଏ । ଯଥା—

ଓଁ ସୁଦର୍ଶନ ମହାଜ୍ୱାଳା ! କୋଟି ସୂର୍ଯ୍ୟ ସମପ୍ରଭ ।
ଅଜ୍ଞାନ ତିମିରାନ୍ଧସ୍ୟାଞ୍ଜନିନାଂ ମୋକ୍ଷଦାୟକ ।

ଆଗଚ୍ଛତୁ ମହାଚକ୍ର ଦିବ୍ୟଜ୍ୟୋତିଃ ସ୍ୱ ରୂପିଣେ ।
ଅନାହତ ପୁରଶ୍ରେଷ୍ଠେ ବିଶତୁ ଅସ୍ତ୍ରମୁତ୍ତମମ୍ ।।

ଦ୍ୱାପର ଯୁଗର ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣ ଅସ୍ତ୍ର ଧାରଣ କରିବେ ନାହିଁ ବୋଲି ସୂଚନା ଦେଇଥିଲେ ସୁଦ୍ଧା ଯୁଦ୍ଧ ପରେ ଯେତବେଳେ ବେଲାଳସେନଙ୍କୁ ଯୁଦ୍ଧରେ କିଏ ବେଶୀ

ସଂଖ୍ୟକ ଶତ୍ରୁ ନିପାତ କଲେ ବୋଲି ପ୍ରଶ୍ନ କରାଗଲା, ଲକ୍ଷ ଲକ୍ଷ ସଂଖ୍ୟାରେ ଶତ୍ରୁ ନିପାତ କରିଥିବା ଏକ ଚକ୍ରର ମାହାତ୍ମ୍ୟ ବିଷୟ ବେଲାଳସେନ ବର୍ଣ୍ଣନା କରିଥିଲେ। କଳି ଯୁଗରେ ମଧ୍ୟ ସ୍ତମ୍ଭରୂପୀ ସୁଦର୍ଶନ ଚକ୍ରକୁ ପାପ ଓ ବିଘ୍ନ ବିନାଶନ ଉଦ୍ଦେଶ୍ୟରେ ବେଢ଼ା ପରିକ୍ରମା ଓ ଶ୍ରୀକ୍ଷେତ୍ର ପରିକ୍ରମା କରାଇବା ପାଇଁ ଶ୍ରୀମନ୍ଦିରସ୍ଥ ରତ୍ନ ସିଂହାସନରୁ ଶାରଦ ପୂର୍ଣ୍ଣିମା, ଗହ୍ମାପୂର୍ଣ୍ଣିମା, କୁମାରପୂର୍ଣ୍ଣିମା ଓ ରାଧାଷ୍ଟମୀରେ ନିଆଯିବାର ବିଧାନ ରହିଅଛି। ଏତଦ୍ ବ୍ୟତୀତ, ବିଷ୍ଣୁ ସମସ୍ରନାମରେ ବିଷ୍ଣୁ କିପରି ସମସ୍ତ ପ୍ରକାର ଆୟୁଧର ଅଧିକାରୀ ସେ ବିଷୟ ଉଲ୍ଲେଖ କରାଯାଇଅଛି। ସହସ୍ରନାମରେ ଶେଷ ଶ୍ଲୋକ ହେଲା,

'ଶଙ୍ଖଭୃନ୍ନନ୍ଦକୀ ଚକ୍ରୀ ଶାର୍ଙ୍ଗଧନ୍ୱା ଗଦାଧରଃ।
ରଥାଙ୍ଗପାଣିରକ୍ଷୋଭ୍ୟଃ ସର୍ବପ୍ରହଣାୟୁଧଃ।।''

ସମସ୍ତ ପ୍ରହାରଣ ଆୟୁଧ ହେଲା ପାଞ୍ଚଜନ୍ୟ ଶଙ୍ଖ, ନନ୍ଦକ ନାମକ ଖଡ୍ଗ, ସୁଦର୍ଶନଚକ୍ର, ଶାର୍ଙ୍ଗ ଧନୁ କୌମୋଦକି ଗଦା ତା'ଛଡା ରଥର ଏକ ଅଙ୍ଗ (ଚକ)କୁ ଚକ୍ର ହିସାବରେ ଭଗବାନ ଧାରଣ କରି ସେ ରଥାଙ୍ଗପାଣି ହୋଇଥିଲେ। ଏ ସମସ୍ତ ଆଲୋଚନାରୁ ଜଣାଯାଏ ଯେ, ସୁଦର୍ଶନ ବିଷ୍ଣୁଙ୍କର ଆୟୁଧ। ବର୍ତ୍ତମାନ ପ୍ରଶ୍ନ ଉଠେ ସେ ସ୍ତମ୍ଭାକାର କାହିଁକି ?

ପ୍ରଥମତଃ, ଦାରୁ ମୂର୍ତ୍ତି ତତ୍ତ୍ୱରୁ ଦେଖିଲେ ସୁଦର୍ଶନ ଆଦି ମୂର୍ତ୍ତି ବୋଲି କଥିତ। 'ସୁଦର୍ଶନ ମାଦିମୂର୍ତ୍ତେ ସର୍ବେଷାଂ ମୋକ୍ଷ ଦାୟକ। ସର୍ବରୋଗହରା ଶାନ୍ତ ଚକ୍ରରାଜାୟ ତେ ନମଃ' ଶ୍ଲୋକରୁ ସୁଦର୍ଶନ ଆଦିମୂର୍ତ୍ତି ବୋଲି ପ୍ରମାଣିତ ହୁଏ। ସମସ୍ତ ବିଜେ ଓ ନୀତିରେ ସୁଦର୍ଶନଙ୍କ ବିଜେ ପ୍ରଥମେ ହୋଇଥାଏ। ଦାରୁରୁ ବିଗ୍ରହ ନିର୍ମାଣ କଲାବେଳେ ପ୍ରଥମେ ଦାରୁ ଯୂପାକାର ହୋଇଥାଏ। ଯୂପାକାର ଦାରୁରୁ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମିତ ହୋଇଥାଏ। ସମଲେଶ୍ୱରୀ, ସ୍ତମ୍ଭେଶ୍ୱରୀ, ବାଙ୍କୁଡ଼ାର ଜିନାସନୀ, ବାଣପୁରର ଭଗବତୀ ଆଦି ଅନେକ ଗ୍ରାମଦେବୀ ସ୍ତମ୍ଭ ରୂପରେ ଆଦି ଦେବତା ବୋଲି ପୂଜିତ ହୋଇ ଆସୁଅଛନ୍ତି। ଶବରମାନଙ୍କର କାଠଖୁଣ୍ଟ ଦେବତା ଦଣ୍ଡଯାତ୍ରାର ଦଣ୍ଡଦେବତା,ବାଣପୁର ପ୍ରଭୃତି କେତେକ ଅଂଚଳରେ ପୂଜା ପାଉଥିବା କାଠ ଦିଅଁ ସମସ୍ତେ ସ୍ତମ୍ଭାକାର ତେଣୁ ସୁଦର୍ଶନଙ୍କୁ କେନ୍ଦ୍ର କରି ଅନ୍ୟତ୍ର ସ୍ତମ୍ଭାକାର ବିଗ୍ରହ ପୂଜିତ ହେଉଥିବା ଦୃଷ୍ଟି ଗ୍ୱେଚର ହୁଏ। ମତ୍ସ୍ୟ ପୁରାଣରେ ବର୍ଣ୍ଣିତ ହୋଇଅଛି ଯେ, ସୁଦର୍ଶନ ବୃକ୍ଷ ନାମରେ ଏକବୃକ୍ଷ ଉପାସିତ ହେଉଥିଲେ। ତେଣୁ ସୁଦର୍ଶନ ବୃକ୍ଷ ଏକଦା ଦାରୁ ପୂଜାର ପ୍ରତୀକ ରୂପରେ କଥିତ ହେଉଥିଲେ। ପରବର୍ତ୍ତୀ କାଳରେ ସୁଦର୍ଶନ ଚକ୍ର ଆୟୁଧ ରୂପରେ ଉପାସିତ ହେଲେ।

ଦ୍ୱିତୀୟତଃ, ପଦ୍ମପୁରାଣକୁ ଆଧାର କରି ପଣ୍ଡିତ ସଦାଶିବ ରଥଶର୍ମା 'ତପସ୍ୱୀ ହନୁମାନ' ପୁସ୍ତିକାରେ ବର୍ଣ୍ଣନା କରିଛନ୍ତି ଯେ ଶ୍ରୀଜଗନ୍ନାଥଙ୍କର ଅଭିଶାପ ବଳରେ ସୁଦର୍ଶନ ସ୍ତମ୍ଭ ରୂପରେ ଓ ଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ବିରାଜମାନ। ଏକଦା ଆୟୁଧ ସୁଦର୍ଶନଙ୍କ

ମନରେ ଅହଙ୍କାର ହୁଏ ଯେ ମହାପ୍ରଭୁ ତା ବଳରେ ବଳୀୟାନ। ସେ ଶ୍ରୀଜଗନ୍ନାଥଙ୍କର ନିକଟତମ ତଥା ପ୍ରିୟତମ ହେବା ସ୍ୱାଭାବିକ। ଯେକୌଣସି ଅସାଧ୍ୟ ସାଧନ ପାଇଁ ଶ୍ରୀଜଗନ୍ନାଥ ତା'ର ଆଶ୍ରୟ ନେଇଥାନ୍ତି। ଗର୍ବଗଞ୍ଜନ ଶ୍ରୀ ଜଗନ୍ନାଥ, ସୁଦର୍ଶନର ମନୋଭାବ ଜାଣିପାରି ତାକୁ ଉଚିତ ଶିକ୍ଷା ଦେବା ପାଇଁ ଉପାୟ ସ୍ଥିର କଲେ। ତାଙ୍କର ପରମଭକ୍ତ ହନୁମାନଙ୍କୁ ଅଭୟାରଣ୍ୟରେ ତପସ୍ୟା କରୁଥିବା ସ୍ଥାନରୁ ଡାକି ଆଣିବା ପାଇଁ ମହାପ୍ରଭୁଙ୍କର ସୁଦର୍ଶନଙ୍କୁ ଆଦେଶ ହେଲା। ସୁଦର୍ଶନ କାଳ ବିଳମ୍ବ ନକରି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ହନୁମାନଙ୍କୁ ଶ୍ରୀଜଗନ୍ନାଥଙ୍କର ଆଦେଶ ଜଣାଇଲେ। ପରମ ଭକ୍ତ ହନୁମାନ ଅବିଳମ୍ବେ ଶ୍ରୀମନ୍ଦିର ଅଭିମୁଖରେ ଯାତ୍ରା କଲେ। ସୁଦର୍ଶନ ହନୁମାନଙ୍କୁ ପଛରେ ପକାଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିଗଲେ ଏବଂ ହନୁମାନ ଯେପରି ରତ୍ନ ସିଂହାସନ ନିକଟକୁ ସେ ଯିବା ପୂର୍ବରୁ ଯାଇ ନପାରିବେ, ସେଥିପାଇଁ ପୂର୍ବ, ପଶ୍ଚିମ ଉତ୍ତର, ଦକ୍ଷିଣ ଦିଗକୁ ଅବରୋଧ କରି ପ୍ରବଳ ବେଗରେ ଘୂରିବାକୁ ଲାଗିଲେ। କିଛିକ୍ଷଣ ପରେ ହନୁମାନ ସେଠାରେ ପହଞ୍ଚି ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବାର ସୁବିଧା ନଦେଖି ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ। ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ହନୁମାନଙ୍କ ମନ ଓ ଦେହରେ ଏପରି ଶକ୍ତି ସଞ୍ଚାର କଲେ, ଯାହା ଫଳରେ ହନୁମାନଙ୍କ ସ୍କନ୍ଧ ଦେଶରୁ ଆଉ ଛଅଟି ଭୁଜ ନିର୍ଗତ ହୋଇ ସେ ଅଷ୍ଟଭୁଜ ହେଲେ ଏବଂ ଘୂରି ଦ୍ୱାରରେ ଘୂରୁଥିବା ଘୂରୋଟିଯାକ ଚକ୍ରକୁ ସେ ଘୂରିହାତରେ ଆଙ୍ଗୁଳିରେ ଧରି ରଖି, ଦୁଇହାତ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଯୋଡ଼ି ଓ ଅନ୍ୟ ଦୁଇ ହାତରେ ଜପ କରି ରତ୍ନ ସିଂହାସନ ଆଡ଼କୁ ଅଗ୍ରସର ହେଲେ। କିଛିକ୍ଷଣ ପରେ ସୁଦର୍ଶନ ମର୍ମାହତ ଅବସ୍ଥାରେ ରତ୍ନ ସିଂହାସନ ନିକଟରେ ଉପସ୍ଥିତ ହେଲେ, କିନ୍ତୁ ଭକ୍ତ ଶେଖର ହନୁମାନଙ୍କୁ ହେୟ ଜ୍ଞାନ କରିଥିବାରୁ ଏବଂ ବିଶେଷ କରି ସୁଦର୍ଶନଙ୍କ ଗର୍ବ ଗଞ୍ଜନ ପାଇଁ ଶ୍ରୀଜଗନ୍ନାଥ ସୁଦର୍ଶନଙ୍କୁ ଅଭିଶାପ ଦେଇଥିଲେ। କଳିଯୁଗରେ ସୁଦର୍ଶନ ଚକ୍ର ଆକାରରେ ଶୋଭାନପାଇ ଏକ ସ୍ତମ୍ଭ ଆକାରରେ ଓ ଶ୍ରୀଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ଶୋଭାପାଇବେ। ଉକ୍ତ ଅଭିଶାପ ଅତ୍ୟନ୍ତ କଠୋର ହୋଇଥିବା ସୃଷ୍ଟିରୁ ଦଣ୍ଡକୁସାମନ୍ୟ ଲାଘବ କରିବା ପାଇଁ ସୁଦର୍ଶନ ମହାପ୍ରଭୁଙ୍କୁ ବିନମ୍ର ନିବେଦନ କରିଥିଲେ। କ୍ଷମାଶୀଳ ଭଗବାନ ସୁଦର୍ଶନଙ୍କୁ ଅଭୟ ଦେଲେ ଯେ କଳିଯୁଗରେ ଶ୍ରୀମନ୍ଦିର ଶିଖର ଦେଶରେ ନୀଳଚକ୍ର ଭାବରେ ସେ ଶୋଭା ପାଇବେ ଏବଂ ନୀଳଚକ୍ରକୁ ଦର୍ଶନ କଲେ ସ୍ୱୟଂ ଜଗନ୍ନାଥଙ୍କୁ ଦର୍ଶନ ହେଲା ବୋଲି ଭକ୍ତମାନେ ମନେ କରିବେ। ଏହି କାରଣରୁ ସୁଦର୍ଶନ ସ୍ତମ୍ଭ ଆକାରରେ ଶ୍ରୀ ଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ବିରାଜମାନ। ଉତ୍ତରଦ୍ୱାରରେ କୋଇଲି ବୈକୁଣ୍ଠ ନିକଟରେ ତପସ୍ୱୀ ହନୁମାନ ବା ଘୂରିଚକ୍ର ହନୁମାନ ବା ଅଷ୍ଟଭୁଜ ହନୁମାନ ମୂର୍ତ୍ତି ଏକ କ୍ଷୁଦ୍ର ମନ୍ଦିର ମଧ୍ୟରେ ବିରାଜମାନ। ସେ ମୂର୍ତ୍ତିକୁ ନିରୀକ୍ଷଣ କଲେ ଜଣାଯାଏ ଯେ ସେ ପୂର୍ବାଭିମୁଖ ଏବଂ ତାଙ୍କର ଘୂରି ହାତରେ ଘୂରିଚକ୍ର ବିଦ୍ୟମାନ। ପ୍ରଭୁଙ୍କ ଉଦ୍ଦେଶ୍ୟରେ ତାଙ୍କର ଦୁଇ ଯୋଡ଼ ହସ୍ତ ଓ ଅନ୍ୟ ଦୁଇ ହସ୍ତ ଜପମୁଦ୍ରା ଅବସ୍ଥାରେରହିଥିବା ଦୃଷ୍ଟି ଗୋଚର ହୁଏ।

ତୃତୀୟତଃ, ପୌରାଣିକ ଉପାଖ୍ୟାନରୁ ସୂଚନା ମିଳେ ଯେ, ଶ୍ରୀକୃଷ୍ଣ ଦ୍ୱାରିକାରେ ରାଧାଙ୍କର ବିରହ ବେଦନା ସହ୍ୟ କରିନପାରି ରାଧା, ରାଧା ବୋଲି ଚିତ୍କାର କଲେ। ଏଥିରେ

ଅଷ୍ଟପାଟବଂଶୀ ଚିତ୍ରିତ ହୋଇ ବ୍ରଜଲୀଳା ପ୍ରସଙ୍ଗ ଜାଣିବା ପାଇଁ ସେ ବିଷୟରେ ବିଶାରଦା ବୃନ୍ଦାଦେବୀଙ୍କୁ ଅନୁରୋଧ କଲେ। ଏ ପ୍ରସଂଗ ବ୍ୟାଖ୍ୟା ସମୟରେ ସେ ସ୍ଥାନକୁ ଯେପରି ଶ୍ରୀକୃଷ୍ଣ ବଳରାମ ବା ଅନ୍ୟ କେହି ନଆସନ୍ତି, ସେଥିପାଇଁ ରୋହିଣୀ କନ୍ୟା ସୁଭଦ୍ରାଙ୍କୁ ଦ୍ୱାରପାଳ ଭୂମିକା ଗ୍ରହଣ କରିବାକୁ ପଡ଼ିଥିଲା। ବ୍ରଜଲୀଳା ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ପରିବେଷିତ ହେଉଥିବା ବେଳେ, ରାଜ ସଭାରେ ଥିବା କୃଷ୍ଣ, ବଳରାମଙ୍କ ଚିତ୍ତ ଆନ୍ଦୋଳିତ ହେବାକୁ ଲାଗିଲା। ସେ ଦୁଇଭାଇ ଅଥଯ୍ ହୋଇ ବ୍ୟାଖ୍ୟାନ ସ୍ଥଳ ଆଡ଼କୁ ଦୌଡ଼ି ଆସିଲେ। ସେତେବେଳ ସୁଭଦ୍ରା ଅନ୍ତଃପୁର ଆଡ଼କୁ ମୁଖ କରି, ଦୁଇ ହାତକୁ ଦ୍ୱାରବନ୍ଧରେ ରଖି ବ୍ରଜ ଲୀଳା ଶ୍ରବଣ କରିବାରେ ନିମଗ୍ନ ଥିଲେ। ଏ ପ୍ରସଙ୍ଗ ଶୁଣିଲା ବେଳେ କୃଷ୍ଣ, ବଳରାମ ଓ ସୁଭଦ୍ରା ଏତେ ମାତ୍ରାରେ ଅଭଭୂତ ହୋଇପଡ଼ିଲେ ଯେ ସେମାନଙ୍କର କଳେବର ବିଗଳିତ ହେବାକୁ ଲାଗିଲା ଏବଂ ଚକ୍ଷୁ ମଧ୍ୟ ବିସ୍ଫାରିତ ହୋଇଗଲା। ମହାଭାବ ପ୍ରବଳ ହେବାରୁ ତିନିଜଣଙ୍କର ହସ୍ତପଦ ସଙ୍କୁଚିତ ହେଲା ଏବଂ ସେମାନେ ନିଶ୍ଚଳ ହୋଇଗଲେ। ସୁଦର୍ଶନ ଚକ୍ର ମଧ୍ୟ ତରଳିଯାଇ ଦୀର୍ଘ ସ୍ତମ୍ଭାକୃତି ଧାରଣ କଲା। ଏହି ସମୟରେ ଦେବର୍ଷି ନାରଦ ସେଠାରେ ଉପସ୍ଥିତ ହୋଇ ଏମାନଙ୍କର ଏ ଅବସ୍ଥା ଦେଖି ବିସ୍ମିତ ହେଲେ। ବ୍ରଜଲୀଳା ବ୍ୟାଖ୍ୟାନ ଶେଷ ହେବା ପରେ, ସମସ୍ତେ ପୂର୍ବାବସ୍ଥା ଫେରି ପାଇଲେ। ଏପରି ରୂପ ଚତୁଷ୍ଟୟ ଜଗତବାସୀଙ୍କୁ ଦେଖାଇବା ପାଇଁ ଦେବର୍ଷି ନାରଦ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଅନୁରୋଧ କଲେ ଏବଂ ଶ୍ରୀକୃଷ୍ଣ ତଥାସ୍ତୁ କହିବାରୁ ନାରଦଙ୍କ ମନକାମନା ପୂର୍ଣ୍ଣ ହେଲା। ପ୍ରଫେସର ଡକ୍ଟର ବାସୁଦେବ ସାହୁଙ୍କ ରଚିତ ଜଗନ୍ନାଥ ଚେତନାର ଉଦ୍ଭବ ଓ ବିକାଶ ପୁସ୍ତକରେ ବର୍ଣ୍ଣନା କରାଯାଇଅଛି ଯେ ଏହା ପରେ କଳିଯୁଗରେ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରାର୍ଥନା, ପାର୍ବତୀଙ୍କ ତପସ୍ୟା ଏବଂ ନାରଦଙ୍କ ଅନୁରୋଧ କ୍ରମେ କଳିଯୁଗରେ ପୁରୁଷୋତ୍ତମ ଧାମରେ କିମ୍ଭୂତ କିମାକାର ରୂପରେ ଚତୁର୍ଦ୍ଧାମୂର୍ତ୍ତି ବିରାଜିତ। ଏହି କାରଣରୁ ଆୟୁଧ ସୁଦର୍ଶନ ଚକ୍ର ଆକାରରେ ରତ୍ନ ସିଂହାସନରେ ବିଦ୍ୟମାନ ନହୋଇ ଏକ ସ୍ତମ୍ଭ ଆକାରରେ ଦୃଷ୍ଟି ଗୋଚର ହେଉଅଛନ୍ତି। ଉପରୋକ୍ତ ଆଲୋଚନା ମଧ୍ୟ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ହସ୍ତପଦ ବିହୀନ ଶରୀର ସମ୍ବନ୍ଧରେ ଆଲୋକପାତ କରିଥାଏ।

ଚତୁର୍ଥତଃ, ଶ୍ରୀ ଗଣେଶ ପ୍ରସାଦ ପରିଜା, ତାଙ୍କ ରଚିତ 'ମହାବାହୁ ଜଗନ୍ନାଥ' ପୁସ୍ତକରେ ବର୍ଣ୍ଣନା କରିଛନ୍ତି ଯେ ଜଗନ୍ନାଥଙ୍କ ପରମଭକ୍ତ ନନ୍ଦ ପଟ୍ଟନାୟକ ମହାରାଜା ପ୍ରତାପରୁଦ୍ରଙ୍କ ଦ୍ୱାରା ଗୃହବନ୍ଦୀ ହୋଇ ଯୋଗାସନରେ ବସି ଦେଖିଲେ ଯେ ଶିବଶକ୍ତି ଭଳି ଯୁଗନଦ୍ଧ ଅବସ୍ଥାରେ ଶ୍ରୀଜଗନ୍ନାଥ ଓ ସୁଭଦ୍ରା ବିଦ୍ୟମାନ। ପୀତବର୍ଣ୍ଣା ସୁଭଦ୍ରା କୃଷ୍ଣବର୍ଣ୍ଣ ଜଗନ୍ନାଥଙ୍କ ଦେହରେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଭଗିନୀ ଭାବରେ ବିଦିତା ସୁଭଦ୍ରା, ଏଠାରେ ସ୍ତ୍ରୀ ଭାବରେ ପ୍ରବର୍ତ୍ତିକା। ସପ୍ତଶତୀ ଚଣ୍ଡୀ ଅନୁଯାୟୀ ମହାଲକ୍ଷ୍ମୀ ଓ ସୁଭଦ୍ରାଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଅର୍ଥାତ୍, ଯୋଗମାୟା ସୁଭଦ୍ରା ଅନ୍ୟ କେହି ନୁହଁନ୍ତି, ସ୍ୱୟଂ ଜଗଜ୍ଜନନୀ ମହାଲକ୍ଷ୍ମୀ। ତେଣୁ ଉଭୟ ପୀତବର୍ଣ୍ଣା। ସହଜ ସାଧନା କ୍ଷେତ୍ରରେ ଲିଙ୍ଗର ଗତି ପ୍ରଥମ। ଲିଙ୍ଗ ସ୍ପନ୍ଦନାରେ ବିନ୍ଦୁର ସ୍ଫୁରଣ ହୁଏ । ବିନ୍ଦୁ, ଶକ୍ତିର ଆଶ୍ରୟରେ ଜଗତ କାରଣ ରୂପେ ବିଦିତ। ସେଥିପାଇଁ

ରଥଯାତ୍ରା ବେଳେ ଲିଙ୍ଗରୂପୀ ସୁଦର୍ଶନଙ୍କୁ ପ୍ରଥମେ ପହଣ୍ଡି ବିଜେ କରି ନିଆହୁଏ । ତାପରେ ପହଣ୍ଡି ହୁଅନ୍ତି ବିନ୍ଦୁ ରୂପୀ ବଳଭଦ୍ର । ବିନ୍ଦୁ ଶକ୍ତିର ଆଶ୍ରୟରେ ନୂତନ ସୃଷ୍ଟିର କାରଣ ହେତୁ ବଳଭଦ୍ରଙ୍କ ପରେ ଶକ୍ତି ରୂପିଣୀ ଯୋଗମାୟା ସୁଭଦ୍ରାଙ୍କ ପହଣ୍ଡି ବିଜେ ହୋଇଥାଏ । ଶେଷରେ, ଛେଚି କଚି ହୋଇ ଆଗକୁ ପାହୁଣ୍ଡେ ପଛକୁ ପାହୁଣ୍ଡେ କରି ପହଣ୍ଡି ବିଜେ କରନ୍ତି ଶ୍ରୀଜଗନ୍ନାଥ ଯେ କି ସହଜ ସାଧନାର ମୂର୍ତ୍ତି ବିଗ୍ରହ । ଏତଦ୍ ବ୍ୟତୀତ ରଥଯାତ୍ରା ବେଳେ ସୁଭଦ୍ରାଙ୍କ ରଥରେ ଲିଙ୍ଗରୂପୀ ସୁଦର୍ଶନ ବିରାଜମାନ ହେବା ଘଟଣାର ରହସ୍ୟ ଉଦ୍‌ଘାଟନ କଲେ ଜଣାଯାଏ ଯେ ଲିଙ୍ଗ ଓ ଶକ୍ତିର ସମ୍ପର୍କ ଘନିଷ୍ଠ ହୋଇଥିବାରୁ, ଲିଙ୍ଗରୂପୀ ସୁଦର୍ଶନ ଶକ୍ତି ରଥରେ ରହିଥାନ୍ତି । ତାହୁକ ରଥ ଉପରୁ ସୃଷ୍ଟି ରହସ୍ୟ ପ୍ରଗ୍ଭର କରି ଗ୍ଭଲିଥାଏ । ତେଣୁ ରଥଯାତ୍ରା ହିଁ ସହଜ ସାଧନାର ସାମଗ୍ରିକ ରୂପ ଏବଂ ସୁଦର୍ଶନ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ଲିଙ୍ଗ ସ୍ୱରୂପ । ଏଣୁ ସୁଦର୍ଶନ ସ୍ତମ୍ଭରୂପୀ ।

ସୁଦର୍ଶନ କ'ଣ ବଳଭଦ୍ରରୂପୀ ସଦାଶିବଙ୍କ ଆୟୁଧ ?

ଜଗନ୍ନାଥ ଚେତନାର ଉଦ୍ଭବ ବିକାଶ ପୁସ୍ତକରେ ଉଲ୍ଲେଖ ଅଛି, ଲିଙ୍ଗ ଶିବଙ୍କର ପ୍ରତୀକ । ଲଗୁଡ (ବାଡ଼ି, ସ୍ତମ୍ଭ) ଲିଙ୍ଗର ପ୍ରତୀକ ରୂପରେ ମଧ୍ୟ ପୂଜିତ ହୋଇଥାଏ । ରତ୍ନ ସିଂହାସନସ୍ଥ ସୁଦର୍ଶନ ଏକ ଲଗୁଡ ଆକାରର ହୋଇଥିବାରୁ ଏହା ଶିବଙ୍କର ଆୟୁଧ ବୋଲି କେହି କେହି ମତବ୍ୟକ୍ତ କରିଥାନ୍ତି । ସମ୍ଭବତଃ, ପୁରୀ ମନ୍ଦିରର ସୁଦର୍ଶନ ଏକଦା ଶିବଙ୍କର ଆୟୁଧରୂପରେ ଅଥବା ସ୍ୱୟଂ ଶିବ ରୂପରେ ପୂଜା ପାଉଥିଲେ । ନୟାଗଡ଼ର ଶରଣକୁଳସ୍ଥ ଶିବଙ୍କ ନାମ ଲଡୁକେଶ୍ୱର । ଲଡୁକେଶ୍ୱର ଶବ୍ଦ ଲଗୁଡ଼େଶ୍ୱର ଶବ୍ଦର ବିପରିମାଣ ମାତ୍ର । ଲଡୁକେଶ୍ୱର ଶବ୍ଦ ବୋଧହୁଏ କାଳକ୍ରମେ ଲକୁଡେଶ୍ୱର ଏବଂ ତତ୍ପରେ ଲଡୁକେଶ୍ୱର ଶବ୍ଦରେ ପରିଣତ ହୋଇଅଛି । ଏତଦ୍ ବ୍ୟତୀତ, ବରୋଦାରେ ଲକୁଳୀଶ ଶିବଙ୍କର ଏକ ମନ୍ଦିର ଅଛି । ସେହି ପରି, ଭୁବନେଶ୍ୱରସ୍ଥ ରାଜାରାଣୀ ମନ୍ଦିର ଲଗୁଳୀଶ ସମ୍ପ୍ରଦାୟର ମନ୍ଦିର ଏବଂ ଏହାର ଦ୍ୱାର ବନ୍ଧରେ ଲକୁଳୀଶ ଶିବଙ୍କର ମୂର୍ତ୍ତି ଖୋଦିତ ହୋଇଅଛି । ଉକ୍ତ ଲକୁଳୀଶ ଶିବଙ୍କ ହସ୍ତରେ ଲଗୁଡ ବା ଗଦା ରହିଥିବାର ଦୃଷ୍ଟିଗୋଚର ହୁଏ । ଲକୁଳ, ଲଗୁଡ ଆଦି ଶବ୍ଦ ସମର୍ଥ ପର୍ଯ୍ୟାୟବାଚୀ । ତେଣୁ ଲିଙ୍ଗ ଶିବଙ୍କର ପ୍ରତୀକ ହୋଇଥିବାରୁ ଏବଂ ଲେଗୁଡ଼ ଲିଙ୍ଗର ପ୍ରତୀକ ରୂପେ ପୂଜା ପାଉଥିବାର ବିଧାନ ଥିବା ଦୃଷ୍ଟିରୁ, ବୋଧହୁଏ ସ୍ତମ୍ଭରୂପୀ ସୁଦର୍ଶନ ହେଉଛନ୍ତି ବଳଭଦ୍ରରୂପୀ ଶିବଙ୍କର ଆୟୁଧ ।

ଶ୍ରୀପୁରୁଷୋତ୍ତମ ଧର୍ମରେ ଆମ୍ଭେମାନେ ଚତୁର୍ବ୍ୟୁହ ବା ଗ୍ଭରିଗୋଟି ବିଗ୍ରହଙ୍କୁ ମୁଖ୍ୟତଃ ପ୍ରଧାନ୍ୟ ଦେଇଥାଉ । ସେମାନେ ହେଲେ ବଳଭଦ୍ର ଶେଷାବତାର, ସୁଭଦ୍ରା ଶକ୍ତି, ଜଗନ୍ନାଥ ବିଷ୍ଣୁ ଓ ସୁଦର୍ଶନ ବିଷ୍ଣୁଙ୍କ ଆୟୁଧ ରୂପେ ଗୃହୀତ ହୋଇଥାନ୍ତି । ପୂର୍ବରୁ ସୂଚନା ଦିଆଯାଇଛି ଯେ ମତ୍ସ୍ୟ ପୁରାଣ, ଅଗ୍ନିପୁରାଣ, ବିଷ୍ଣୁଧର୍ମୋତ୍ତର ପୁରାଣ ପ୍ରଭୃତିରେ ପ୍ରତିପାଦିତ ହୋଇଛି ଯେ ସୁଦର୍ଶନ ବିଷ୍ଣୁଙ୍କର ଆୟୁଧ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

'ଲକ୍ଷାଦିତ୍ୟ ସମପ୍ରଭଂ ତ୍ରିଜଗତାଂ ଶକ୍ତି ସ୍ୱରୂପଂ ପରମ୍ ।
ନାନାଦୁଷ୍ଟ ବିନାଶନୈକ ନିପୁଣଂ ବିଦ୍ୟୋତିତଂ ତେଜସା ।।
ସ୍ତମ୍ଭାକାରମ୍ ଅପୂର୍ବମାକୃତି ଧରଂ ଭକ୍ତୈଃ ସଦା ସେବିତମ୍ ।
ଧ୍ୟାୟେତ୍ ଚକ୍ରସୁଦର୍ଶନଂ ପ୍ରଭୁଜଗନ୍ନାଥସ୍ୟ ଦିବ୍ୟାୟୁଧମ୍ ।

ଉପରୋକ୍ତ ଧ୍ୟାନରେ ସୁଦର୍ଶନ ଚକ୍ର ପ୍ରଭୁଜଗନ୍ନାଥଙ୍କର ଦିବ୍ୟ ଆୟୁଧ ଭାବରେ ବର୍ଣ୍ଣନା ଜରାଯାଇଅଛି ।

ଏତଦ୍ ବ୍ୟତୀତ, ଚତୁର୍ଦ୍ଧା ମୂର୍ତ୍ତି ତଥା ତ୍ରିମୂର୍ତ୍ତି ତତ୍ତ୍ୱରେ ସୁଦର୍ଶନଙ୍କୁ ଅଥର୍ବବେଦ ଭାବରେ, ଶରୀର ତତ୍ତ୍ୱରେ ସୁଦର୍ଶନଙ୍କୁ ନାସିକା ଭାବରେ ଅକ୍ଷର ଭେଦରେ ଜଗନ୍ନାଥ ଚତୁରାକ୍ଷର ମଧ୍ୟରୁ ସୁଦର୍ଶନଙ୍କୁ 'ଥ' ଅକ୍ଷର ଭାବରେ, କୃଷ୍ଣ ଶ୍ୱେତ ପୀତ, ଲୋହିତ ବର୍ଣ୍ଣ ଭେଦରେ ସୁଦର୍ଶନଙ୍କୁ ଲୋହିତ ବର୍ଣ୍ଣ ଭାବରେ, ଓଁକାର ମନ୍ତ୍ର ମତରେ ସୁଦର୍ଶନଙ୍କୁ ଓଁକାର ଭାବରେ ଏବଂ ହରେକୃଷ୍ଣ ମହାମନ୍ତ୍ର ମତରେ ସୁଦର୍ଶନଙ୍କୁ ଷ୍ଠ ଭାବରେ ପ୍ରତିପାଦିତ କରାଯାଇଅଛି । ଅତଏବ ସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ତଥା ଚତୁର୍ବ୍ୟୁହ ତତ୍ତ୍ୱର ଅଂଶ ବିଶେଷ, ଏହା ନିଃସନ୍ଦେହ ।

ଏସମସ୍ତ ଆଲୋଚନାରୁ ସୁଦର୍ଶନଙ୍କ ସମ୍ବନ୍ଧରେ ସାମାନ୍ୟ ସୂଚନା ମିଳେ । ରତ୍ନ ସିଂହାସନସ୍ଥ ଚତୁର୍ଦ୍ଧା ମୂର୍ତ୍ତି ସମ୍ବନ୍ଧୀୟ କୌଣସି ସିଦ୍ଧାନ୍ତ ସ୍ୱୟଂ ସମ୍ପୂର୍ଣ୍ଣ ବା ଅପରିବର୍ତ୍ତନୀୟ ନୁହେଁ । ତେଣୁ ସୁଦର୍ଶନ ଅତୀବ ରହସ୍ୟମୟ ଏବଂ ତାହାହିଁ ଜଗନ୍ନାଥ ଚେତନାର ବୈଶିଷ୍ଟ୍ୟ । ସୁଦର୍ଶନଙ୍କର ସ୍ତମ୍ଭରୂପ ହେବା ଓ ଶ୍ରୀଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ରହିବା ମୂଳରେ ଅନ୍ୟ କିଛି କାରଣ ଥାଇପାରେ, ମାତ୍ର ପ୍ରକୃତ କାରଣ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ହିଁ ବିଦିତ, ଏହା ନିଃସନ୍ଦେହ ।



ସପ୍ତମ ଅଧ୍ୟାୟ

ରହସ୍ୟମୟୀ ସୁଭଦ୍ରା

ରତ୍ନସିଂହାସନରେ ବଳଭଦ୍ର ଓ ଜଗନ୍ନାଥଙ୍କ ମଝିରେ ସୁଭଦ୍ରା ଶୋଭା ପାଆନ୍ତି। ସୁଭଦ୍ରା କିଏ, ଏ ପ୍ରଶ୍ନର ଉତ୍ତର ବିଭିନ୍ନ। ନାନା ମୁନୀନାଂ ନାନା ମତ ନ୍ୟାୟରେ ସୁଭଦ୍ରାଙ୍କ ସମ୍ପର୍କରେ ନାନା ମତ ପ୍ରକାଶିତ। ପ୍ରତ୍ୟେକ ମତ ପ୍ରଣିଧାନ ଯୋଗ୍ୟ। ସେହି ମତମାନଙ୍କ ମଧ୍ୟରୁ ନିମ୍ନରେ କେତୋଟି ମତର ସୂଚନା ଦିଆଗଲା।

ସୁଭଦ୍ରା କ'ଣ ଛଦ୍ମରୂପୀ ବ୍ରହ୍ମା ?

ସାରଳା ଦାସଙ୍କ ଲିଖିତ ମହାଭାରତରେ ସୁଭଦ୍ରାଙ୍କୁ ବ୍ରହ୍ମା ରୂପରେ ବର୍ଣ୍ଣନା କରାଯାଇଅଛି। ଯୋଗମାୟା ଏବଂ ଶ୍ରୀକୃଷ୍ଣଙ୍କ ଅଭିଶାପ ବଳରେ ବ୍ରହ୍ମା ଛଦ୍ମବେଶରେ ସୁଭଦ୍ରା ରୂପରେ ପୂଜା ପାଉଅଛନ୍ତି। ସାରଳାଙ୍କ ଭାଷାରେ,

ଜଗନ୍ନାଥ ରୂପେ ହରି ବିଜୟ କରିବେ।
କଳିଯୁଗ ନରଙ୍କର ଦୃଷ୍କୃତ ହରିବେ।।
ଗତଦୋଷ ଉପେକ୍ଷା କରିବେ ଦେବ ହରି।
ବ୍ରହ୍ମାବସିବେ ସଂଗେ ସୁଭଦ୍ରା ରୂପ ଧରି।।

ଯେକଇ ମୂର୍ତ୍ତି ଯେ ଗ୍ୱରିରୂପ ହୋଇ।
ଜଗନ୍ନାଥ, ବଳଭଦ୍ର, ସୋହୋଦ୍ରା, ସୁଦର୍ଶନ ନାମ କହି।
ବଳରାମ ବୋଲିଣ ଯେବଣ ନାମ ହୋଇ।
ପ୍ରତକ୍ଷେ ଯେ ସଦାଶିବ କପିଳାସ ବାସୀ ସେହି।
ମଧ୍ୟରେ ସୋହଦ୍ରା ଯେ ଜଗତର ପିତା
ସଂସାର ଜାତ କରିବାକୁ ଅଟନ୍ତି ମହାଜ୍ଞାତା।।
ଅନାଦି ମାତାଙ୍କର ଶାପ ଗୁଣ ଘେନି।
ତେଣୁ ସେ ସ୍ତ୍ରୀଲିଙ୍ଗ ରୂପ ବହିଛନ୍ତି ପୁଣି।।

ସେହପରି, ଯଶୋବନ୍ତ ଦାସ 'ପ୍ରେମ ଭକ୍ତି ବ୍ରହ୍ମ ଗୀତା'ରେ ଅଚ୍ୟୁତାନନ୍ଦ ଦାସଙ୍କ 'ମନ୍ମଥ ଚନ୍ଦ୍ରିକା'ରେ ଓ ବିଷ୍ଣୁ କେଶରୀ ପୁରାଣ ଏବଂ ମାର୍କଣ୍ଡେୟ ପୁରାଣରେ ସୁଭଦ୍ରଙ୍କୁ ବ୍ରହ୍ମା ବୋଲି ପ୍ରତିପାଦିତ କରାଯାଇଅଛି। ବିଷ୍ଣୁ କେଶରୀ ପୁରାଣରେ ଉଲ୍ଲେଖ ଅଛି—

ଏ ଦୋଷରୁ ବିଧାତା ତୁ ସ୍ତ୍ରିରୀ ରୂପ ହୁଅ।
ବେନି ପୁରୁଷ ମଧ୍ୟରେ ତୁହି ବସିଥାଅ।।

ସୁଭଦ୍ରା ନାମ ବହିଣ ନୀଳାଚଳ ବାସେ
ବିଷ୍ଣୁ ଦକ୍ଷିଣ ଅନନ୍ତ ବେବ ବାମପାଶେ।
ମଧ୍ୟେ ବସିବୁ ଯୁବତୀ ରୂପ ତୁହି ଧରି
କର କର୍ଣ୍ଣ ଅଞ୍ଚଳକୁ ହୃଦେ ଗୋପ୍ୟ କରି।।

ସେହିପରି ମାର୍କଣ୍ଡେୟ ପୁରାଣରେ ଅନୁରୂପ ମତ ପ୍ରଦତ୍ତ ହୋଇଅଛି ଯଥା—

ବ୍ରହ୍ମା ବିଷ୍ଣୁ ଈଶ୍ୱର ଆବର ଦିନମଣି।
ଏ ବିଧି ଗ୍ୱରିରୂପ ଜଗତ ଚିନ୍ତାମଣି।।

ଅର୍ଥାତ୍, ବ୍ରହ୍ମା, ବିଷ୍ଣୁ, ମହେଶ୍ୱରର ଓ ସୂର୍ଯ୍ୟ ନାରାୟଣ ଯଥାକ୍ରମେ ସୁଭଦ୍ରା, ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନ ଭାବରେ ରହ ସିଂହାସନରେ ବିରାଜିତ।

ବର୍ତ୍ତମାନ ପ୍ରଶ୍ନ ଉଠେ, ବ୍ରହ୍ମାଙ୍କୁ କାହିଁକି ଓ କିଏ ଅଭିଶାପ ଦେଲେ ? ଏ ସମ୍ପର୍କରେ ଦୁଇଟି ପୌରାଣିକ ଉପାଖ୍ୟାନ ଥିବା ଜଣାଯାଏ। ପ୍ରଥମତଃ, ବ୍ରହ୍ମା ସୃଷ୍ଟିର ପ୍ରାରମ୍ଭରେ ବିଷ୍ଣୁଙ୍କ ନାଭି କମଳରୁ ଜାତ ହେବା ପରେ ଯୋଗମାୟା, ବ୍ରହ୍ମାଙ୍କ ସହିତ ରତିକ୍ରୀଡ଼ା ପାଇଁ ଇଚ୍ଛା ପ୍ରକାଶ କଲେ। ପରମସାଧକ ବ୍ରହ୍ମା ଯୋଗମାୟାଙ୍କର ଏ ପ୍ରକାର ନିବେଦନରେ ମର୍ମାହତ ହୋଇ ଯୋଗମାୟାଙ୍କୁ ତିରସ୍କାର କଲେ। ଯୋଗମାୟା ଅପମାନିତା ହୋଇ ବ୍ରହ୍ମାଙ୍କୁ ଅଭିଶାପ ଦେଲେ ଯେ ଯେହେତୁ ବ୍ରହ୍ମା ସ୍ତ୍ରୀ ଜାତି ପ୍ରତି ଅବମାନନା କରିଛନ୍ତି ସେଥିପାଇଁ ତାଙ୍କୁ କଳିଯୁଗରେ ସ୍ତ୍ରୀ ରୂପଧରି ଅବତୀର୍ଣ୍ଣ ହେବାକୁ ପଡ଼ିବ। ଏହି ଅଭିଶାପ ଯୋଗୁ ବ୍ରହ୍ମା ରତ୍ନସିଂହାସନରେ ସୁଭଦ୍ରା ରୂପରେ ଅବତୀର୍ଣ୍ଣ। ଦ୍ୱିତୀୟତଃ, ଦ୍ୱାପର ଯୁଗରେ ବ୍ରହ୍ମା ଶ୍ରୀକୃଷ୍ଣଙ୍କର ବସ୍ତ୍ରାହରଣ କରିଥିଲେ। ଶ୍ରୀକୃଷ୍ଣ କ୍ରୁଦ୍ଧ ହୋଇ ବ୍ରହ୍ମାଙ୍କୁ ଅଭିଶାପ ଦେଇଥିଲେ ଯେ, ତାଙ୍କର ଏ ହୀନ ଆଗ୍ୱରଣ ପାଇଁ ସେ ଅପୂଜା ହୋଇରହିବେ ଏବଂ କଳିଯୁଗରେ ସେ ସୁଭଦ୍ରା ରୂପରେ ପୂଜା ପାଇବେ। ଏ ସମସ୍ତ ଘଟଣାରୁ ବ୍ରହ୍ମା ହିଁ ସୁଭଦ୍ରା ଏହା ପ୍ରତିପାଦିତ ହୁଏ।

ସୁଭଦ୍ରା କ'ଣ ଭଗିନୀ ?

କୃଷ୍ଣ ଉପାସନାର ପ୍ରାଧାନ୍ୟ ପ୍ରତିଷ୍ଠିତ ହେବା ପରଠାରୁ, ଜଗନ୍ନାଥଙ୍କୁ ଦ୍ୱାପର ଯୁଗର ଶ୍ରୀକୃଷ୍ଣ, ବଳଭଦ୍ରଙ୍କୁ ରୋହିଣୀ ପୁତ୍ର ବଳରାମ ଏବଂ ସୁଭଦ୍ରାଙ୍କୁ ରୋହିଣୀକନ୍ୟା ତଥା ବଳରାମଙ୍କ ସହୋଦରା ଭାବରେ ଗ୍ରହଣ କରାଯାଇଅଛି। ଭଉଣୀ ସୁଭଦ୍ରା ଦୁଇ ଭାଇଙ୍କ ମଝିରେ ବସିଥିବା କଥା ପ୍ରାୟ ସମସ୍ତଙ୍କର ହୃଦ୍‌ବୋଧ ହୁଏ। ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟ ଓ ବ୍ରହ୍ମ ପୁରାଣରେ ରୋହିଣୀ ଗର୍ଭସମ୍ଭୂତା ବଳଦେବ ଭଗ୍ନୀ ସୁଭଦ୍ରା କାତ୍ୟାୟନୀ, ଶିବା ଓ ଭଦ୍ରକାଳୀ ରୂପେ ପରିକୀର୍ତ୍ତିତା।। ସ୍କନ୍ଦ ପୁରା ଣରେ ଉଲ୍ଲେଖ ଅଛି

'ଇୟଂ କୃଷ୍ଣାବତାରେହି ରୋହଣୀ ଗର୍ଭ ସମ୍ଭବା।' ବ୍ରହ୍ମ ପୁରାଣ ଅନୁଯାୟୀ—

'ତ୍ରାହି ମାଂ ପଦ୍ମପତ୍ରାକ୍ଷି କାତ୍ୟାୟିନୀ ନମୋସ୍ତୁତେ'
ବଳଦେବସ୍ୟ ଭଗିନୀଂ ସୁଭଦ୍ରାଂ ବରଦାଂ ଶିବାମ୍ ।'

ସୁଭଦ୍ରା ଯେ କି ଯୋଗମାୟା ଭାବରେ ପରିକୀର୍ତ୍ତିତା । ସେ ପ୍ରଥମେ ବିଜୁଳି କନ୍ୟା ଭାବରେ ଯଶୋଦାଙ୍କ ଗର୍ଭରୁ ସମ୍ଭୂତା ହୋଇ, କଂସର ମର୍ମାନ୍ତିକ ଉତ୍ପୀଡ଼ନରୁ ମୁକ୍ତ ହୋଇ ପରେ ବଳରାମ ସହୋଦରା ଭାବରେ ରୋହିଣୀ କନ୍ୟା ପରେ ବଳରାମ ସହୋଦରା ଭାବରେ ରୋହିଣୀ କନ୍ୟା ଭାବରେ ଜାତ ହୋଇଥିଲେ ବୋଲି ବିଗ୍ୱର କରାଯାଇଥାଏ । ଭକ୍ତ କବି ବଳରାମ ଦାସ 'ଭାବ ସମୁଦରେ' ଉଲ୍ଲେଖ କରିଛନ୍ତି—

'ତୋର ମୁଖେ ଲାଜ ସଂକୋଚ ନାହିଁ ।
ମଧ୍ୟରେ ଭଗ୍ନୀ ପାଶେ ବେନି ଭାଇ ।।'

ସୁଭଦ୍ରା କ'ଣ ଶ୍ରୀରାଧା ?

ଗୌଡ଼ୀୟ ବୈଷ୍ଣବଙ୍କ ମତରେ ସୁଭଦ୍ରା ହେଉଛନ୍ତି ବୃଷଭାନୁ କିଶୋରୀ ଶ୍ରୀରାଧା । ଶିବ ଦାସ ରାଧା ରସାମୃତ ଗୀତାରେ ଜଗନ୍ନାଥଙ୍କୁ ଚୀର କିଶୋର ଶ୍ରୀକୃଷ୍ଣ, ସୁଭଦ୍ରାଙ୍କୁ ଚୀର କିଶୋରୀ ଶ୍ରୀରାଧା ବୋଲି ପ୍ରତିପାଦିତ କରିଛନ୍ତି । ଯଥା—

କିଶୋର କିଶୋରୀ ରୂପ ସେହି ଅଙ୍ଗେ ଅଛି ।
କପଟରେ ଚତୁର୍ଦ୍ଧା ମୂରତି ସେ ହୋଇଛି ।

ଜ୍ୟେଷ୍ଠ ବଳରାମ ଯେ କନିଷ୍ଠ ଜଗନ୍ନାଥ ।
ଯେଉଁ ରାଧା ସୁଭଦ୍ରା ଟି ନାମ ତାର ଖ୍ୟାତ ।।

ଅଚ୍ୟୁତାନନ୍ଦ ମଧ୍ୟ 'ମନ୍ମଥ ଚନ୍ଦିକା'ରେ ସୁଭଦ୍ରାଙ୍କୁ ରଙ୍ଗେଶ୍ୱରୀ ରାଧା ବୋଲି ବର୍ଣ୍ଣନା କରିଅଛନ୍ତି ଯଥା—

'ସୁଭଦ୍ରାଟି ରଙ୍ଗଦେବୀ ରାଧାରଙ୍ଗେଶ୍ୱରୀ ।
ମଧ୍ୟରେ ବିଜୟ ମାତ ଶୂନ୍ୟ ରୂପ ଧରି ।।'

ଏତଦ୍ ବ୍ୟତୀତ, ଜଗନ୍ନାଥ ଓ ରାଧା ଏକ ଅଙ୍ଗ ବୋଲି ଶ୍ରୀ ଜଗନ୍ନାଥ ଚରିତାମୃତରେ ବର୍ଣ୍ଣନା କରାଯାଇଅଛି । ଯଥା—

'ଏହି ଜଗନ୍ନାଥ ଅଙ୍ଗରେ ରାଧା ଅଛନ୍ତି ପ୍ରେମଭରେ ।
ବଇଠି ଶ୍ୱେତ ଚିତା ଯାଏ ରାଧାକୃଷ୍ଣଙ୍କ ଅଙ୍ଗଶୋହେ ।।'

ଅତଏବ, ସତ୍‌ଚିତ୍‌ର ବିଗ୍ରହ ଶ୍ରୀକୃଷ୍ଣ ଓ ଆନନ୍ଦର ବିଗ୍ରହ ଶ୍ରୀରାଧା ପରି ବଳଭଦ୍ର ସତ୍‌, ଜଗନ୍ନାଥ ଚିତ୍‌ ଓ ସୁଭଦ୍ରା ଆନନ୍ଦର ଆହ୍ଲାଦିନୀ ଶକ୍ତି ଭାବରେ ପରିକଳ୍ପନା କରାଯାଇଥାଏ। ସେହିପରି, ଦେବୀ ଭାଗବତ ନବମ ସ୍କନ୍ଦରେ ଗୋଲକେଶ୍ୱରୀ ଶ୍ରୀରାଧାଙ୍କ ବିଭିନ୍ନ ନାମ ମଧ୍ୟରେ ଶୁଭା, ସୁଭଦ୍ରା ଓ ସୁଭଗା ନାମ ପରିଦୃଷ୍ଟ।

ସୁଭଦ୍ରା କ'ଣ ମହାଲକ୍ଷ୍ମୀ ?

ଉତ୍କଳୀୟ ବୈଷ୍ଣବମାନଙ୍କ ମତରେ ସୁଭଦ୍ରା ଅନ୍ୟ କେହି ନୁହଁନ୍ତି, ସ୍ୱୟଂ ଜଗଜ୍ଜନନୀ ମହାଲକ୍ଷ୍ମୀ। ନୀଳାଦ୍ରି ମହୋଦୟରେ ସୁଭଦ୍ରାଙ୍କୁ ମହାଲକ୍ଷ୍ମୀ ବୋଲି ସମ୍ବୋଧନ କରାଯାଇଅଛି। ଯଥା—

'ରୁଦ୍ରାଣ୍ୟୈ ରୁଦ୍ରରୂପାୟୈ କାଳରାତ୍ର୍ୟୈ ନମୋନମଃ।
ବୈଷ୍ଣବ୍ୟୈ ବିଷ୍ଣୁ ରୂପାୟୈ ମହାଲକ୍ଷ୍ମ୍ୟୈ ନମୋନମଃ।
ସ୍ତ୍ରୀ ରୂପଣ୍ୟୈ ନମସ୍ତେଽସ୍ତୁ ସୁଭଦ୍ରେ ତ୍ୱାଂ ନମାମ୍ୟହମ୍‌।
ସାକ୍ଷାତ୍‌ ବ୍ରହ୍ମସ୍ୱରୂପାଂ ତ୍ୱାଂ ଜଗଦମ୍ବେ ନମୋଽସ୍ତୁତେ।।

ସ୍କନ୍ଦ ପୁରାଣ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ସୁଭଦ୍ରା ହିଁ ମହାଲକ୍ଷ୍ମୀ ବୋଲି ପ୍ରତିପାଦିତ କରଯାଇଛି। ଯଥା,

ଦକ୍ଷ ପାର୍ଶ୍ୱସ୍ଥିତାଂ ତସ୍ୟ ଲକ୍ଷ୍ମୀଂ ଶୁଭଲକ୍ଷଣାମ୍‌।
x x x x x x x x x x x x x x x x x x x x x x
ତୟୋର୍ମଧ୍ୟେ ସ୍ଥିତାଂ ଲକ୍ଷ୍ମୀଂ ସୁଭଦ୍ରାଂ ଭଦ୍ରରୂପିଣୀମ୍‌।

ତନ୍ତ୍ର ଶାସ୍ତ୍ରରେ ଆଦ୍ୟାଶକ୍ତି ତ୍ରିବିଧ। ଯଥା— କୃଷ୍ଣ ବର୍ଣ୍ଣା ମହାକାଳୀ, ପୀତବର୍ଣ୍ଣା ମହାଲକ୍ଷ୍ମୀ ଓ ଶ୍ୱେତବର୍ଣ୍ଣା ମହାସରସ୍ୱତୀ। ଶାକ୍ତମାନଙ୍କ ମତରେ କୃଷ୍ଣବର୍ଣ୍ଣ ଜଗନ୍ନାଥ ମହାକାଳୀ ପୀତବର୍ଣ୍ଣା ସୁଭଦ୍ରା ମହାଲକ୍ଷ୍ମୀ ଏବଂ ଶ୍ୱେତବର୍ଣ୍ଣ ବଳଭଦ୍ର ମହାସରସ୍ୱତୀ। ସପ୍ତଶତୀ ଚଣ୍ଡୀରେ ତିନୋଟି ଚରିତର ଦେବୀ ହେଉଛନ୍ତି ମହାକାଳୀ, ମହାଲକ୍ଷ୍ମୀ ମହା ସରସ୍ୱତୀ। ପ୍ରଥମ ଚରିତରେ ମହାକାଳୀଙ୍କ ଦ୍ୱାରା ମଧୁ କୈଟଭଙ୍କ ବଧ ହୋଇଛି। ମଧ୍ୟମ ଚରିତରେ ମହାଲକ୍ଷ୍ମୀଙ୍କ ଦ୍ୱାରା ମହିଷାସୁରର ମୃତ୍ୟୁ ହୋଇଛି ଏବଂ ଉତ୍ତର ଚରିତରେ ମହାସରସ୍ୱତୀଙ୍କ ଦ୍ୱାରା ଶୁମ୍ଭ ନିଶୁମ୍ଭଙ୍କ ନିଧନ ଘଟିଛି। ଏ ଆଲୋଚନାରୁ ସୁଭଦ୍ରା ହିଁ ମହାଲକ୍ଷ୍ମୀ ବୋଲି ପ୍ରତିବାଦିତ ହୋଇଥାନ୍ତି।

ସୁଭଦ୍ରା କ'ଣ ଆଦ୍ୟାଶକ୍ତି ଯୋଗମାୟା ବିମଳା ?

ସୁଭଦ୍ରା ହିଁ ସ୍ୱୟଂ ଶକ୍ତି, ଭବାନୀ, ଯୋଗମାୟା ଏ ପ୍ରକାର ମତ ବିଭିନ୍ନ ଶାସ୍ତ୍ରରେ ପ୍ରଦାନ କରାଯାଇଅଛି। ଜୀବ ସ୍ୱରୂପୀ ବଳଭଦ୍ର ଓ ବ୍ରହ୍ମସ୍ୱରୂପୀ ଜଗନ୍ନାଥଙ୍କ ମଧ୍ୟଭାଗରେ ଯୋଗମାୟା ହିଁ ମୂଳ ପ୍ରକୃତି ରୂପେ ପ୍ରତିଷ୍ଠିତା। ଉଡ୍ଡୀଶ ତନ୍ତ୍ର ଅନୁଯାୟୀ—

ଯୋଗମାୟା ପରାଂ ନିଦ୍ୟା ସୁଭଦ୍ରା ମୋହରୂପିଣୀ ।
ନିର୍ଗୁଣା ବିଷ୍ଣୁ ମାୟାସି ନାଦ ବିଦ୍ୟାମୟୀ ସ୍ୱୟମ୍ ।।

ସ୍କନ୍ଦ ପୁରାଣରେ ଜଗଦ୍ଧାତ୍ରୀ ସୁଭଦ୍ରାଙ୍କୁ ବ୍ରହ୍ମା ଆଦ୍ୟାଶକ୍ତି ମହାକାଳୀ ଭାବରେ ସମ୍ବୋଧନ କରିଅଛନ୍ତି । ଯଥା—

ଜୟ ଭଦ୍ରେ ସୁଭେଦ୍ରେ ତ୍ୱଂ ସର୍ବେଷାଂ ଭଦ୍ରଦାୟିନି ।
ଭଦ୍ରାଭଦ୍ରା ସ୍ୱରୂପା ତ୍ୱାଂ ଭଦ୍ରକାଳି ନମୋଽସ୍ତୁତେ ।।
ତ୍ୱଂ ମାତା ଜଗତାଂ ଦେବି ପିତା ନାରାୟଣୋ ହିସଃ
ସ୍ତ୍ରୀ ରୂପଂ ସର୍ବମେବତ୍ୱଂ ପୁଂରୂପୋଜଗଦୀଶ୍ୱରଃ''

ସପ୍ତଶତୀ ଚଣ୍ଡୀରେ ଉଲ୍ଲେଖ ଅଛି—

'ଯା ଦେବୀ ସର୍ବଭୂତେଷୁ ବିଷ୍ଣୁମାୟେତି ଶବ୍ଦିତା'

ମା ସୁଭଦ୍ରା ବିଷ୍ଣୁଙ୍କର ମାୟାଶକ୍ତି । ଆଦିଶଙ୍କରାଚାର୍ଯ୍ୟଙ୍କ ଅଭିମତ ଏ ପରିପ୍ରେକ୍ଷୀରେ ପ୍ରଣିଧାନ ଯୋଗ୍ୟ । ଶଙ୍କରଙ୍କ ମତରେ ବଳଭଦ୍ର ହେଉଛନ୍ତି ଶିବ, ଜଗନ୍ନାଥ ହେଉଛନ୍ତି ବିଷ୍ଣୁ ଓ ସୁଭଦ୍ରା ହେଉଛନ୍ତି ଯୋଗମାୟା । ଶିବଙ୍କ ବାମ ପାର୍ଶ୍ୱରେ ଓ ବିଷ୍ଣୁଙ୍କ ଦକ୍ଷିଣ ପାର୍ଶ୍ୱରେ ଶକ୍ତି ଅବସ୍ଥିତା । ଶକ୍ତିର ସମନ୍ୱୟରେ ଶିବ ଓ ବିଷ୍ଣୁଙ୍କର ସ୍ଥିତି ସୁଦୃଢ଼ । ଶକ୍ତି ସମନ୍ୱିତ ନହେଲେ ଶିବ ଶବରେ ପରିଣତ ହୁଅନ୍ତି ଏବଂ ବିଷ୍ଣୁଙ୍କର ସୁଦର୍ଶନ ଚକ୍ର ମଧ୍ୟ ଗତିକରି ପାରେ ନାହିଁ । ଏହାଛଡ଼ା, ଶକ୍ତିଙ୍କୁ ଉପାସନା ନକଲେ ଏବଂ ଶକ୍ତିଙ୍କର ଅନୁକମ୍ପା ନହେଲେ ପରଂବ୍ରହ୍ମ ଲାଭ ହୋଇପାରନ୍ତି ନାହିଁ । ସେଥିପାଇଁ ଆଦିଶଙ୍କର ମା' ସୁଭଦ୍ରାଙ୍କୁ ପ୍ରାର୍ଥନା କରିଥିଲେ ।

ମଧ୍ୟେ ଦେବୀ ପରାତ୍ପରା ଭଗବତୀ
ଯା ପ୍ରକୃତି ରୂପିଣୀ
ନିର୍ଲିପ୍ତା ଗୁପ୍ତ ଦେହା ତ୍ରିଜଗତ ଜନନୀ
ସୂକ୍ଷ୍ମରୂପା ବିଚିତ୍ରା
ଦେବୀ ଆନନ୍ଦକନ୍ଦା କନକତନୁ ଧରା
ସର୍ବସୌଭାଗ୍ୟ ରୂପା ।
ଦେହି ମେ ଭକ୍ତିମୁକ୍ତିଂ ହରିପଦଯୁଗଳଂ
ଯୋଗମାୟାଂ ସ୍ମରାମି ।।

ଅର୍ଥାତ୍ ହେ ମଧ୍ୟ ଭାଗରେ ବିରାଜିତା ମା ସୁଭଦ୍ରା,ତୁ ପରାତ୍ପରାଭଗବତୀ, ପ୍ରକୃତି ରୂପିଣୀ,ତ୍ରିଜଗତ ଜନନୀ ଅଟୁ । ତୁ ମଧ୍ୟ ନିର୍ଲିପ୍ତା, ଗୁପ୍ତ ଦେହା, ସୂକ୍ଷ୍ମରୂପା, ବିଚିତ୍ରା, ଆନନ୍ଦ

ପ୍ରଦାୟିନୀ ଏବଂ ସର୍ବସୌଭାଗ୍ୟ ରୂପିଣୀ ତୋର କାନ୍ତି ସୁବର୍ଣ୍ଣ ପରି ତେଜିୟାନ୍। ମା ମୋତେ ଭକ୍ତି ପ୍ରଦାନ କର। ମୁକ୍ତି ପ୍ରଦାନ କର ଏବଂ ହରିଙ୍କର ପଦଯୁଗଳ କିପରି ଲାଭ କରିବି ସେ ପନ୍ଥା ମୋତେ ବତାଇଦିଅ। ହେ ଯୋଗମାୟା ତୋତେ ସ୍ମରଣ କରୁଛି। ପ୍ରଣାମ କରୁଛି।

ଶ୍ରୀକ୍ଷେତ୍ରରେ ରାଜରାଜେଶ୍ୱରୀ ଭାବରେ ବିଦିତା ବିମଳା ଏକ ପ୍ରଧାନ ଶକ୍ତିପୀଠ। ସୁଭଦ୍ରାଙ୍କୁ ବିମଳା ଭାବରେ ଗ୍ରହଣ କରାଯାଏ। ବିମଳାଙ୍କୁ ଯେପରି ତନ୍ତ୍ର ଧାରାରେ ପୂଜା କରାଯାଏ, ସୁଭଦ୍ରାଙ୍କୁ ସେହିପରି ପୂଜା କରାଯାଏ। ଉଭୟ ବିମଳା ଓ ସୁଭଦ୍ରା ହ୍ରୀଁ ମନ୍ତ୍ରରେ ଆରାଧିତ ହୁଅନ୍ତି ଅତଏବ, ଦୁର୍ଗା, ବିମଳା ଓ ସୁଭଦ୍ରା ଏକତଥା ଅଭିନ୍ନ ଏବଂ ସେମାନେ ଶକ୍ତି ସ୍ୱରୂପିଣୀ। ପୁନଶ୍ଚ ଦୁର୍ଗା ସହସ୍ରନାମରେ ଉଲ୍ଲେଖ ଅଛି, ସୁଭଦ୍ରା କଲ୍ପଲତିକା କ୍ରୀଡ଼ା କୌତୁହଳ ପ୍ରିୟା।

ପଶ୍ଚିମ ଓଡ଼ିଶାର ଲୋକଗୀତ ଓ ସୁଭଦ୍ରା ପ୍ରବନ୍ଧରେ ପ୍ରଫେସର ପ୍ରହ୍ଲାଦ ପ୍ରଧାନ ବର୍ଣ୍ଣନା କରିଛନ୍ତି ଯେ ବଳଭଦ୍ର ହେଉଛନ୍ତି ଶିବ ଏବଂ ସୁଭଦ୍ରା ହେଉଛନ୍ତି ତାଙ୍କର ଶକ୍ତି ଭବାନୀ। ଏହା ପଶ୍ଚିମ ଓଡ଼ିଶାର ଅତି ପ୍ରିୟ ଲୋକଗୀତ ଡାଲ ଖାଇରୁ ସୂଚୀତ ହୁଏ। ଯଥା,

ଆଢ଼ାଢ଼ ମାସରେ ଗୁନ୍‌ଗ୍ୱି ରଥ
ରଥେ ବିଜେ କଲେ ଜଗତନାଥ।।
ଆଗେ ବଳଭଦ୍ର ପଛେ ଭବାନୀ।
ପଛେ କୁଦାଇଲେ, ଦୁତିଲୋ, ଶାରଙ୍ଗପାନି।
ଡାଲ ଖାଇରେ।

ସୁଭଦ୍ରା କ'ଣ ସୀତା ?

ସନ୍ତ ତୁଳସୀ ଦାସ, ଭକ୍ତ ପ୍ରବର ବିଭୀଷଣ ଭକ୍ତ ଶିରୋମଣି ବୀର ହନୁମାନଙ୍କ ପାଇଁ ଜଗନ୍ନାଥ ଶ୍ରୀରାମ ବଳଭଦ୍ର ଲକ୍ଷ୍ମଣ ଏବଂ ସୁଭଦ୍ରା ସୀତା ଅଟନ୍ତି। ନୀଳାଦ୍ରି ଅର୍ଚ୍ଚନା ଚନ୍ଦ୍ରିକା ଅନୁଯାୟୀ।

ଜଗନ୍ନାଥ ମହାବାହୋ ପ୍ରତ୍ୟକ୍ଷ ରଘୁନନ୍ଦନଂ।
ସୌମିତ୍ରୀ ବଳଦେବଶ୍ଚ ଭଦ୍ରା ମୈଥିଳୀ ମେବଚ।।

ସେହିପରି ରାମଚରିତ ମାନସରେ ସନ୍ତ ତୁଳସୀ ଦାସଙ୍କ ମତ ହେଲା—

ଯୋହି ରାମ ସୋହି ଜଗଦୀଶା।ଠ
ମୂରତି କେ ଅନ୍ତନ ପାବତ ଶେଷା।
ଶେଷ ଭୟେ ଲଛିମନ ଅନୁଗ୍ୱରୀ।
ଭଦ୍ରା ସୋ ସିୟା ରାଜକୁମାରୀ।।

ବାଷ୍ଟି ରାମାୟଣର ଅଭମତ ମଧ୍ୟ ପ୍ରଣିଧାନ ଯୋଗ୍ୟ

ଶ୍ରୀରାମ ଜାଣିଲେ ମୁଁ ଅଟେ ଜଗନ୍ନାଥ।
ସୀତା ସୁଭଦ୍ରା ଯେ ବେନି ଅଟନ୍ତି ସଂଯାତ।
ଲକ୍ଷ୍ମଣ ଯେ ବଳରାମ ଏକ ସଂଗ ହୋନ୍ତି।
ଏସନେକ ମତେ ତହୁଁ ଦେବ ଚଳିଯାନ୍ତି।

ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହେଉଥିବା ବିଭିନ୍ନ ପର୍ବପବାଣିରୁ ଶ୍ରୀଜଗନ୍ନାଥ ହିଁ ଶ୍ରୀ ରାମ ତାହା ପ୍ରମାଣିତ ହୋଇଥାଏ। ପୌଷ ପୂର୍ଣ୍ଣମୀ ଦିନ ପୌଷାଭିଷେକ ବା ରାମାଭିଷେକ ଉତ୍ସବ ଅନୁଷ୍ଠିତ ହୁଏ। ଏ ଦିନ ଶ୍ରୀଜଗନ୍ନାଥଙ୍କର ମୁକୁର ସ୍ନାନ ହୁଏ ଏବଂ ଶ୍ରୀ ଜଗନ୍ନାଥ ଶ୍ରୀରାମ ରୂପରେ ବିରାଜମାନ କରନ୍ତି। ଏତଦ୍‌ବ୍ୟତୀତ ବସନ୍ତ ପଞ୍ଚମୀ ଠାରୁ ଦୋଳପୂର୍ଣ୍ଣମୀ ପର୍ଯ୍ୟନ୍ତ ସୂର୍ଯ୍ୟବଂଶୀ ରଜାମାନେ ଶିକାର କରିବାକୁ ବନଗମନ କରୁଥିବା ଘଟଣା ଅନୁଯାୟୀ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀ ଜଗନ୍ନାଥଙ୍କର ମଧ୍ୟ ଅନୁରୂପ ଯାତ୍ରା ଅନୁଷ୍ଠିତ ହୁଏ। ଏହା ବେଣ୍ଟ ଯାତ୍ରା ନାମରେ ବିଦିତ। ଏହାଛଡ଼ା, ଶ୍ରୀରାମ ନବମୀ ତିଥିରେ ଶ୍ରୀରାମଙ୍କ ଜନ୍ମୋତ୍ସବ ଶ୍ରୀମନ୍ଦିରରେ ପାଳିତ ହୁଏ ଏବଂ ଶ୍ରୀକ୍ଷେତ୍ରରେ ସାତ ସାହି ମାନଙ୍କରେ ରାମଲୀଳା ଅନୁଷ୍ଠିତ ହୁଏ। ଏ ସମସ୍ତରୁ ସୂଚନା ମିଳେ ଯେ ଶ୍ରୀରାମ ଓ ଶ୍ରୀଜଗନ୍ନାଥ ଅଭିନ୍ନ। ତେଣୁ ଭଳଭଦ୍ର ଲକ୍ଷ୍ମଣ ଏବଂ ଦେବୀ ସୁଭଦ୍ରା ସୀତା ଭୂମିକା ଗ୍ରହଣ କରିଥାନ୍ତି।

ବୌଦ୍ଧମାନଙ୍କ ମତରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ହେଉଛନ୍ତି ବୌଦ୍ଧ ଧର୍ମର ତ୍ରିରତ୍ନ—ବୁଦ୍ଧ, ସଙ୍ଘ ଓ ଧର୍ମ। ତେଣୁ ସୁଭଦ୍ରା ଧର୍ମ ରତ୍ନର ରୂପାନ୍ତର। ବୌଦ୍ଧ ଧର୍ମରେ ଧର୍ମ ନାରୀ ଭାବରେ ପରିକଳ୍ପିତା । ସେହିପରି ସୁଭଦ୍ରାଙ୍କୁ ଏକାନଂଶା ଭାବରେ ବର୍ଣ୍ଣନା କରାଯାଇ ଅଛି। ବୃହତ ସଂହିତାରେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଗଠନ ପ୍ରସଙ୍ଗରେ ଏକାନଂଶାଙ୍କର ବର୍ଣ୍ଣନା କରାଯାଇଅଛି। ଯଥା—

ଏକାନଂଶା କାର୍ଯ୍ୟାଦେବୀ ବଳଦେବ କୃଷ୍ଣୟୋ ମଧ୍ୟେ'

ଅର୍ଥାତ୍, ବଳଦେବ ଓ କୃଷ୍ଣଙ୍କ ମଧ୍ୟରେ କାର୍ଯ୍ୟାଦେବୀ ଏକାନଂଶା ବିଦ୍ୟମାନ। ପରବର୍ତ୍ତୀ ସଂସ୍କୃତ ଗ୍ରନ୍ଥ ମାନଙ୍କରେ ଉକ୍ତ ଏକାନଂଶା ପାର୍ବତୀ ବା ଶକ୍ତି ରୂପରେ ପରିକଳ୍ପିତା ହୋଇଅଛନ୍ତି। ପ୍ରଥମେ ଭଗିନୀ ରୂପେ କଳ୍ପିତା ସୁଭଦ୍ରା, ଶକ୍ତିବାଦରେ ଅଭ୍ୟୁଦୟ ଘଟିଲା ପରେ ସ୍ୱରୂପରେରେ ପ୍ରବର୍ତ୍ତିତା ହୋଇଛନ୍ତି।

କେତେକ ଗବେଷକଙ୍କ ମତରେ ସୁଭଦ୍ରା ଏକ ଆଦିବାସୀ ଦେବତା। ଆଦିବାସୀଙ୍କ ଦ୍ୱାରା ପୂଜା ପାଉଥିବା 'ସମ୍ଲେଶ୍ୱରୀ' ହିଁ ସୁଭଦ୍ରା। ଦକ୍ଷିଣ ଓଡ଼ିଶାରେ ନାରାୟଣ ବା ସ୍ୱୟମ୍ଭୂ ରୂପରେ ପୂଜିତା ଦେବତା କାଳକ୍ରମେ ପୁରୁଷୋତ୍ତମ ଭାବରେ, ମଧ୍ୟ ଓଡ଼ିଶା ଓ ପୂର୍ବ ଓଡ଼ିଶାରେ

ପୂଜିତ 'ମଣିନାଗେଶ୍ୱର' ବଳଭଦ୍ର ଭାବରେ ଏବଂ ପଶ୍ଚିମ ଓଡ଼ିଶାରେ ପୂଜିତା 'ସମ୍ଭେଶ୍ୱରୀ' ସୁଭଦ୍ରା ଭାବରେ ରୂପାନ୍ତରିତ ହୋଇ ଓଡ଼ିଶାର ରାଷ୍ଟ୍ର ଦେବତା ଭାବରେ ପୂଜା ପାଉଅଛନ୍ତି। ଅନ୍ୟ କେତେକ ଗବେଷକଙ୍କ ମତରେ କନ୍ଧ ଦେବତା 'ଜାକେରୀ ପେନୁ' 'ତାନାପେନୁ' ଓ 'ମୁରବି ପେନୁ' ଯଥାକ୍ରମେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ। ଏହି ତ୍ରିମୂର୍ତ୍ତିରେ ରୂପାନ୍ତରୀତ ହୋଇ ପୂଜା ପାଇ ଆସୁଅଛନ୍ତି।

ଐତିହାସିକ, ଗବେଷକ ଏବଂ ପୌରାଣିକ ତଥା ଶାସ୍ତ୍ରୀୟ ମତରେ ସୁଭଦ୍ରାଙ୍କୁ ବିଭିନ୍ନ ଭାବରେ ପରିକଳ୍ପନା କରାଯାଇଅଛି। ବୌଦ୍ଧଙ୍କ ମତରେ ସେ ଧର୍ମ, ଆଦିବାସୀଙ୍କ ପାଇଁ ସେ ସମ୍ଭେଶ୍ୱରୀ, ବୃହତ୍ ସଂହିତାନୁଯାୟୀ ସେ ଏକାନଂଶା, ଏବଂ କନ୍ଧମାନଙ୍କ ପାଇଁ ସୁଭଦ୍ରା ହେଉଛନ୍ତି ତାନାପେନୁ। ସାରଳା ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସଙ୍କ ମତରେ ସେ ସୃଷ୍ଟିକର୍ତ୍ତା ବ୍ରହ୍ମା, ଗୌଡ଼ୀୟ ବୈଷ୍ଣବ ଓ ଉତ୍କଳୀୟ ବୈଷ୍ଣବଙ୍କ ମତରେ ସୁଭଦ୍ରା ଯଥାକ୍ରମେ ଶ୍ରୀରାଧା ଓ ମହାଲକ୍ଷ୍ମୀ ଭାବରେ ପରିକଳ୍ପିତା। କୃଷ୍ଣ ଉପାସନାର ପ୍ରାଧାନ୍ୟ ପରେ ସୁଭଦ୍ରା ଭଗିନୀ ଭାବରେ ବିଦିତା। ଆଦିଶଙ୍କରଙ୍କ ମତରେ ସୁଭଦ୍ରା ହିଁ ଯୋଗମାୟା ଭବାନୀ। ରାମ ଉପାସକମାନଙ୍କ ମତରେ ସେ ସୀତା, ଜାନକୀ। ଏଥିରୁ ଜଣାଯାଏ ଯେ ସୁଭଦ୍ରା ଅତୀବ ରହସ୍ୟମୟୀ। ଯାହାର ହାତ ଅଛି ଏବଂ ପାଦ ଅଛି ତାହାର ଆଦିଅନ୍ତ ଅଛି। ସୁଭଦ୍ରାଙ୍କର ହାତ ନାହିଁ କି ପାଦ ନାହିଁ। ତେଣୁ ତାଙ୍କର ଆଦିଅନ୍ତ ନାହିଁ। ଯୋଗମାୟା ହିସାବରେ ତାଙ୍କୁ ଯେପରି ପ୍ରତିବାଦିତ କରାଯାଇଅଛି, ସେ ଯୁକ୍ତି ଅତ୍ୟନ୍ତ ବଳିଷ୍ଠ ପରି ମନେ ହୁଏ। ସେ ଜୀବ ଓ ବ୍ରହ୍ମ ମଧ୍ୟରେ ରହି ଏକ ସଂଯୋଜିକା ଶକ୍ତି ଭାବରେ କାର୍ଯ୍ୟରତା। ଅନ୍ୟ ଅର୍ଥରେ ବଳଭଦ୍ର ହେଉଛନ୍ତି ଜୀବ ଚୈତନ୍ୟ ବା ସାଧକ, ଜଗନ୍ନାଥ ପ୍ରହ୍ମଚୈତନ୍ୟ ବା ସାଧ୍ୟ ଏବଂ ସୁଭଦ୍ରା ହେଉଛନ୍ତି ମଧ୍ୟବର୍ତ୍ତୀ କ୍ରିୟାତ୍ମିକା ଶକ୍ତି ବା ସାଧନା ସେହିପରି, ବଳଭଦ୍ର ହେଉଛନ୍ତି ଆଧାର ଜଗନ୍ନାଥ ଶାୟିତ ଓ ସୁଭଦ୍ରା କ୍ରିୟା ତେଣୁ ଅନନ୍ତ ଶୟନର ତ୍ରିଶକ୍ତି। ସୁଭଦ୍ରା ମାୟା ଶକ୍ତି ହୋଇଥିବାରୁ ସେ ଗୁହ୍ୟା, ନିର୍ଲିପ୍ତା, ଗୁପ୍ତଦେହା ଏବଂ ଗୋପନୀୟା। ଅବ୍ୟକ୍ତକୁ ବ୍ୟକ୍ତ କରିବା ନିର୍ଗୁଣର ଗୁଣ ନିରୂପଣ କରିବା ଏବଂ ଅସୀମାର ସୀମା ନିର୍ଣ୍ଣୟ କରିବା ଧୃଷ୍ଟତା ମାତ୍ର। ସେ ସବୁ ଧର୍ମର ତଥା ସବୁ ସମ୍ପ୍ରଦାୟର। ତାଙ୍କୁ ଏକ ଗୋଷ୍ଠିର ବୋଲି ପରିକଳ୍ପନା କରିବା ଫଳରେ ସୀମିତ କରିବା ଧୃଷ୍ଟତା ତଥା ଅପରାଧମୂଳକ। ତାଙ୍କର ପ୍ରକୃତ ସ୍ୱରୂପ କ'ଣ, ସେ ପ୍ରକୃତରେ କିଏ, ତାହା କେବଳ ପରମେଶ୍ୱର ଶ୍ରୀ ଜଗନ୍ନାଥଙ୍କୁ ଓ ରହସ୍ୟମୟୀ ଜଗଦ୍ଧାତ୍ରୀ ସୁଭଦ୍ରାଙ୍କୁ ହିଁ ଜଣା।

ଅଷ୍ଟମ ଅଧ୍ୟାୟ
ରହସ୍ୟମୟ ବଳଭଦ୍ର

ରତ୍ନସିଂହାସନସ୍ଥ ବଳଭଦ୍ର ବା ବଡ଼ ଠାକୁର ଅତୀବ ରହସ୍ୟମୟ। ସେ କିଏ ଓ ତାଙ୍କର ସ୍ୱରୂପ କ'ଣ ତାହା ରସହସ୍ୟାଛନ । ଆଦିବାସୀଙ୍କ ପାଇଁ ସେ 'ଜାକେରିପେନୁ'। ବୌଦ୍ଧଙ୍କ ପାଇଁ ସଂଘ, ବ୍ରାହ୍ମଣ୍ୟଣ ଧର୍ମର ପଣ୍ଡିତଙ୍କ ମତରେ ସେ ସଙ୍କର୍ଷଣ, ଶିବ, ଶେଷଦେବ, ପଞ୍ଚସଖା, ଯୁଗୀଯ କବି ଭାବୁକଙ୍କ ମତରେ ସେ ଓଁକାର, ବୈଷ୍ଣବଙ୍କ ମତରେ ସେ ରୋହିଣୀପୁତ୍ର ବଳରାମ, କେତେକ ଗବେଷକଙ୍କ ମତରେ ତୋଷାଳୀର ମଣିନାଗ ପର୍ବତରେ ପୂଜିତ ନାଗଦେବତା ପରବର୍ତ୍ତୀ କାଳରେ ବଳଭଦ୍ର ରୂପରେ ପୂଜା ପାଇ ଆସୁଅଛନ୍ତି। ଅନେକ ଶାସ୍ତ୍ରଜ୍ଞ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଏକ ମୂର୍ତ୍ତିର ଅଂଶ ବିଶେଷ ବୋଲି ପ୍ରତିପାଦିତ କରିଅଛନ୍ତି। ବଳରାମ ଦାସଙ୍କ ଗୁପ୍ତ ଗୀତା ଅନୁଯାୟୀ ସେ ସାମବେଦ, ଶରୀର ତତ୍ତ୍ୱ ମତରେ ସେ ଶ୍ରବଣ, ବୀଜ ମଧ୍ୟରେ ସେ ଶ୍ରୀଁ ବୀଜ ଏବଂ କାଳ ତତ୍ତ୍ୱ ଅନୁଯାୟୀ ବଳଭଦ୍ର ହେଉଛନ୍ତି ବିଷ୍ଣୁଙ୍କର ପୁରୁଷ ସ୍ୱରୂପ। ରାମଉପାସକଙ୍କ ମତରେ ସେ ଅନୁଜ ଲକ୍ଷ୍ମଣ ଏବଂ ଶାକ୍ତମାନଙ୍କ ମତରେ ସେ ମହାସରସ୍ୱତୀ। ବ୍ରହ୍ମ ପୁରାଣରେ ଜଗନ୍ନାଥ ଓ ବଳଭଦ୍ର ବା ହରିହର ଏକ ତଥା ଅଭିନ୍ନ ବୋଲି ବର୍ଣ୍ଣନା କରାଯାଇଅଛି। ଯଥା—

ଯୋ ରୁଦ୍ରଃ ସଃ ସ୍ୱୟଂ ବିଷ୍ଣୁର୍ଯୋବିଷ୍ଣୁଃ ସଃ ମହେଶ୍ୱରଃ'।

ଏହିପରି ଭାବରେ ବିଭିନ୍ନ ଶାସ୍ତ୍ର ଭିନ୍ନ ଭିନ୍ନ ଭାବରେ ବଳଭଦ୍ରଙ୍କୁ ପ୍ରତିବାଦିତ କରିଅଛନ୍ତି। ପ୍ରତ୍ୟେକଙ୍କ ଯୁକ୍ତି ବଳିଷ୍ଠ ତଥା ହୃଦୟଗ୍ରାହୀ।

ବଳଭଦ୍ର କ'ଣ ସଦାଶିବ ମହାଦେବ ?

ଶୈବମାନଙ୍କ ମତରେ ବଳଭଦ୍ର ହେଉଛନ୍ତି ଶିବ। ଆଦିକବି ସାରଳା ଦାସଙ୍କ ମହାଭାରତ, ଅନନ୍ତାନନ୍ଦଙ୍କ ଚିତ୍ତବୋଧ, ଯଶୋବନ୍ତ ଦାସଙ୍କ ପ୍ରେମଭକ୍ତି ଗୀତା ଓ ମହାଦେବ ଦାସଙ୍କ ମାର୍କଣ୍ଡେୟ ପୁରାଣରେ ବଳଭଦ୍ର ହିଁ ଶିବ ବୋଲି ବର୍ଣ୍ଣନା କରାଯାଇଛି। ସାରଳା ଦାସଙ୍କ ଭାଷାରେ—

ପୀତ କୁଙ୍କୁମ ବରନ ସେହି ବ୍ରହ୍ମା ମୂର୍ତ୍ତି।
ତାହାଣେ ଶୁକଳ ବର୍ଣ୍ଣ ମହାଦେବ ଜ୍ୟୋତି।।
ରୂପରେ ତ ନାରାୟଣ ବର୍ଣ୍ଣ ଅଟେ କଳା।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ତିନିଦେବ ମେଳା

ବାମଦେବ ସଂହିତାରେ ବର୍ଣ୍ଣନା କରାଯାଇଛି ଯେ ଶଙ୍କରଙ୍କ ବୃଷଭ ବାହନ ହେଉଛନ୍ତି ଭଗବାନ ବିଷ୍ଣୁ ଏବଂ ବିଷ୍ଣୁଙ୍କ ଗରୁଡ଼ ବାହନ ହେଉଛନ୍ତି ଶଙ୍କର ଯଥା—

ଅହଂଚ ଖଗ ରୂପେଣ ତସୈବ ବାହନଂ ପ୍ରିୟେ।
ସୋଽପି ବୃଷଭ ରୂପେଣ ମମେକ ବାହକ ସ୍ତଥା।

କୋଣାର୍କ ମନ୍ଦିରସ୍ଥ ଏକ ମୂର୍ତ୍ତି ଫଳକରେ ଶିବଲିଙ୍ଗ, ଜଗନ୍ନାଥ ଓ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କୁ ଦେଖିବାକୁ ମିଳେ। ସେହିପରି ଶ୍ରୀମନ୍ଦିରସ୍ଥ ଭୋଗମଣ୍ଡପର ଉତ୍ତର ପୂର୍ବ କୋଣରେ ଉପରକୁ ଥିବା ଏକ କ୍ଷୁଦ୍ର ଫଳକରେ ଶିବଲିଙ୍ଗ, ଦୁର୍ଗା ଓ ଜଗନ୍ନାଥଙ୍କର ମୂର୍ତ୍ତି ବିରାଜମାନ। ଏହାର ତାତ୍ପର୍ଯ୍ୟ ହେଲା ଯେ ଦୁର୍ଗା ସେ ସୁଭଦ୍ରା ଏବଂ ଶିବଲିଙ୍ଗ ହେଉଛନ୍ତି ରତ୍ନ ସିଂହାସନସ୍ଥ ବଳଭଦ୍ର। ଏତଦ୍ ବ୍ୟତୀତ, ଅଚ୍ୟୁତାନନ୍ଦ ଦାସ 'ଚିତ୍ତ ବିନୋଦ'ରେ ବର୍ଣ୍ଣନା କରିଛନ୍ତି ଯେ,

ଏବେ ଏକମନ ହୋଇ ଶୁଣ ହେ ଶଙ୍କର।
ନୀଳାଦ୍ରିରେ ହେବି ମୁହିଁ ବୌଦ୍ଧ ଅବତାର।।
ବଳଭଦ୍ର ରୂପେ ତୁମ୍ଭେ ବିଷ୍ଣୁ ମୂର୍ତ୍ତି ହୋଇ।
ସୁଭଦ୍ରା ରୂପରେ ତହିଁ ଆଦ୍ୟାଥିବ ରହି।।

ତେଣୁ ବଳଭଦ୍ର ହେଉଛନ୍ତି ଶିବ ଓ ସୁଭଦ୍ରା ହେଉଛନ୍ତି ଆଦ୍ୟାଶକ୍ତି ଆଦିଶଙ୍କରଙ୍କ ବଳଭଦ୍ରଙ୍କ ଉଦ୍ଦେଶ୍ୟରେ ହୋଇଥିବା ସ୍ତବରୁ ବଳଭଦ୍ର ଶିବ ବୋଲି ପ୍ରତିପାଦିତ ହୁଅନ୍ତି। ଶଙ୍କରଙ୍କ ସ୍ତବ ହେଲା—

ଓଁ ଦୋର୍ଭ୍ୟାଂ ଶୋଭିତଂ ଲାଙ୍ଗଳଂ
ସମୁଷଳଂ କାଦମ୍ବରୀ ଚଞ୍ଚଳମ୍।
ରତ୍ନାଢ୍ୟ ବରକୁଣ୍ଡଳଂ ଭୁଜବଲୈଃ
ଆକ୍ରାନ୍ତ ଭୂମଣ୍ଡଳମ୍।।
ବଜ୍ରାଭାମଳ ଗୁରୁଗଣ୍ଡ ଯୁଗଳଂ
ନାଗେନ୍ଦ୍ର ଚୂଡ଼ୋଜ୍ୱଳମ୍।
ସଂଗ୍ରାମେ ଚପଳଂ ଶଶାଙ୍କ ଧବଳଂ
ଶ୍ରୀକାମପାଳଂ ଭଜେ।।

ବଳଭଦ୍ର ହିଁ କାମପାଳ ଶିବ ଏହା ସୂଚୀତ ହୋଇଥାଏ। ବଳଭଦ୍ର ଙ୍କ ମୁଖ ମଣ୍ଡଳକୁ ଲକ୍ଷ୍ୟ କଲେ ସେ ଶିବ ବୋଲି ଧାରଣା ଆସେ। ତାଙ୍କର ଶିରର ସର୍ପାକୃତି ଶିବଙ୍କ ଜଟାର ସର୍ପବଳୟ ପରି ମନେ ହୁଏ। ବହୁବାର ବଳଭଦ୍ର ଙ୍କ ନିକଟରୁ ସର୍ବ ବାହାରିବା ଘଟଣା ସେବାୟତମାନେ ଦେଖିଥିବା ଜଣାଯାଏ। ସମସ୍ତେ ଶିବଙ୍କ ଭଳି ବଳଭଦ୍ରଙ୍କୁ ଭୟ କରିଥାନ୍ତି। ସ୍କନ୍ଦ ପୁରାଣରେ ଉତ୍କଳ ଖଣ୍ଡରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ତ୍ରିମୂର୍ତ୍ତି ଦର୍ଶନ କରି ସ୍ତବ କରିଥିବା ଘଟଣାର ଉଲ୍ଲେଖ ଅଛି। ବଳଭଦ୍ରଙ୍କୁ ସ୍ତବ ମାଧ୍ୟମରେ ସେ କହିଛନ୍ତି,

ତ୍ୱମେବ ଏକାଖିଳ ଲୋକାର୍ତ୍ତା
ଫଣା ସହସ୍ରୈଃ ପରିଣିତ ମୂର୍ତ୍ତିଃ।
ପର୍ଯ୍ୟାୟ ବୃତ୍ତ୍ୟା ବଳିନଂ ବରିଷ୍ଠଂ
ତ୍ୱାମୀଶିତାରଂ ଶରଣଂ ପ୍ରପଦ୍ୟେ।

ବଳଭଦ୍ର ହେଉଛନ୍ତି ଶ୍ରୀମନ୍ଦିରର ଶାସନ କର୍ତ୍ତା ଏବଂ ବିଷ୍ଣୁଙ୍କର ଶ୍ରବଣ। ତାଙ୍କୁ ସମସ୍ତ ଗୁହାରୀ କରାଯାଇଥାଏ। ସେ ପ୍ରକଟ ସଗୁଣ ବ୍ରହ୍ମ। ସେ ଭୈରବ ହୋଇଥିବାରୁ ତାଙ୍କ ବ୍ୟବହୃତ ଫୁଲମାଳ ବିମଳାଙ୍କଠାରେ ମଣ୍ଡଣି କରାଯାଇଥାଏ। ଏ ସମସ୍ତରୁ ସୂଚନା ମିଳେ ଯେ ବଳଭଦ୍ର ହିଁ ଶିବ ମାତ୍ର ବିଷ୍ଣୁଙ୍କ ସହିତ ଅବସ୍ଥାପିତ ହୋଇଥିବାରୁ ସେ ବୈଷ୍ଣବ ଦେବତା ଭାବରେ ପରିଗଣିତ ହୋଇଅଛନ୍ତି।

ବଳଭଦ୍ର କ'ଣ ଶେଷ ବେବ ଅନନ୍ତ ?

ଅନନ୍ତ ଶୟନରେ ଆମେ ଅନନ୍ତ ନାଗ ଓ ଶୟନରତ ବିଷ୍ଣୁଙ୍କୁ ଦେଖିଥାଉ। ଅନନ୍ତନାଗ, ଯାହାଙ୍କର ସହସ୍ରଫଣା ରହିଥାଏ। ତାଙ୍କ ଉପରେ ବିଷ୍ଣୁ ଶାୟିତ ଏବଂ ନିଦ୍ରାରତ। ଉକ୍ତ ଅନନ୍ତନାଗ ହେଉଛନ୍ତି ଆଧାର ବା ଶଯ୍ୟା, ଯାହା ଉପରେ ପୁରୁଷୋତ୍ତମ ନିଦ୍ରା ଯାଇଥାନ୍ତି। ରତ୍ନସିଂହାସନସ୍ଥ ବଳଭଦ୍ର ହେଉଛନ୍ତି ଅନନ୍ତ ନାଗ, ଶେଷ ଦେବ ଅନନ୍ତ, ଶାୟିତ ପୁରୁଷୋତ୍ତମ ହେଉଛନ୍ତି ଶ୍ରୀଜଗନ୍ନାଥ। ସୁଭଦ୍ରା ହେଉଛନ୍ତି ନିଦ୍ରାରୂପକ କ୍ରିୟା। ତେଣୁ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରା ଯଥାକ୍ରମେ ଆଧାର ଆଧେୟ ଓ କ୍ରିୟା ଭାବରେ ପରିକଳ୍ପିତ।

ସ୍କନ୍ଦ ପୁରରାଣରେ ବର୍ଣ୍ଣନା କରାଯାଇଛି ଯେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ବ୍ରହ୍ମାଙ୍କ ମନ୍ତ୍ରରେ ଦୀକ୍ଷିତ ହୋଇ ଶ୍ରୀଜଗନ୍ନାଥଙ୍କୁ ପ୍ରଥମେ ନୃସିଂହ ରୂପରେ ଦର୍ଶନ ଲାଭ କରିଥିଲେ। ଲକ୍ଷ୍ମୀ ତାଙ୍କର ହୃତ୍‌ପଦ୍ମରେ ଏବଂ ଅନନ୍ତ ରୂପୀ ବଳଭଦ୍ର ପଶ୍ଚାତ୍ ଭାଗରେ ଶୋଭା ପାଉଥିଲେ। ଏ ପ୍ରକାର ଉଗ୍ର ରୂପରେ ପରଂବ୍ରହ୍ମଙ୍କୁ ଦର୍ଶନ କରି ଇନ୍ଦ୍ରଦ୍ୟୁମ୍ନ ଭୟଭୀତ ହେବାରୁ ରହସ୍ୟମୟ ଜଗନ୍ନାଥ ଉଗ୍ର ରୂପ ପରିହାର କରି ପ୍ରଶାନ୍ତ ମୂର୍ତ୍ତି ଧାରଣ କରିଥିଲେ। ସ୍କନ୍ଦ ପୁରାଣ ଅନୁଯାୟୀ—

ମନ୍ତ୍ରରାଜଂ ତତୋ ଲବ୍ଧ୍ୱା ଇନ୍ଦ୍ରଦ୍ୟୁମ୍ନ ଶ୍ଚତୁର୍ମୁଖାତ୍।
ନୃସିହଂ ଶାନ୍ତ ବପୁଷଂ ଲକ୍ଷ୍ମୀ ସଂସ୍ଥିତ ବକ୍ଷସମ୍ ।।
ଚକ୍ରଂ ପିନାକଂ ଦଧତଂ ଚନ୍ଦ୍ର ସୂର୍ଯ୍ୟାଽଗ୍ନି ଚକ୍ଷୁଷମ୍
x x x x x x x x x x x x x x x x x x x x x
ଫଣା ସହସ୍ରଂ ବିସ୍ତାର୍ଯ୍ୟ ପଶ୍ଚାତଚ୍ଛତ୍ରାକୃତିଂ ବିଭୋ
ଦଦର୍ଶ ବଳଭଦ୍ରଂ ତଂ ହଳଳଙ୍ଗଳ ଧାରିଣମ୍ ।।

ନୃସିଂହ ମୂର୍ତ୍ତି ଏବଂ ପ୍ରଶାନ୍ତ ମୂର୍ତ୍ତି, ଏ ପ୍ରକାର ଦୁଇଟି ଚିତ୍ର ଶ୍ରୀମନ୍ଦିରସ୍ଥ ନାଟ୍ୟ ମନ୍ଦିରରେ ଦୃଷ୍ଟି ଗୋଚର ହୁଏ ଶିରରେ ସହସ୍ର ଫେଣା ବିସ୍ତାରିତ ଏବଂ ହଳଲଙ୍ଗଳ ଧାରୀ ବଳଭଦ୍ର ଶେଷ ଦେବ ଅନନ୍ତ ବୋଲି ବିଗ୍ରର କରାଯାଏ ।

ବଳଭଦ୍ର କ'ଣ ରୋହିଣୀସୁତ ବଳରାମ ବା ସଙ୍କର୍ଷଣ ?

ବୈଷ୍ଣବମାନଙ୍କ ମତରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଏବଂ ସୁଦର୍ଶନ ହେଉଛନ୍ତି ଯଥାକ୍ରମେ ବଳରାମ, ଭଗିନୀ ସୁଭଦ୍ରା, ଶ୍ରୀକୃଷ୍ଣ ଏବଂ ଆୟୁଧ ସୁଦର୍ଶନ ଚକ୍ର । ଶ୍ରୀମଦ୍ ଭାଗବତରେ ଭଗବାନ ବିଷ୍ଣୁ ଶେଷ ଦେବ ଅନନ୍ତଙ୍କୁ ବଳରାମ ରୂପରେ ଆବିର୍ଭୂତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେ ଦେବକୀ ଗର୍ଭରୁ ଆକର୍ଷିତ ହୋଇ ରୋହିଣୀ ଗର୍ଭରେ ସଂସ୍ଥାପିତ ହୋଇଥିବାରୁ ତାଙ୍କୁ ସଂକର୍ଷଣ ବୋଲି କୁହାଯାଏ । ସେ ଅତ୍ୟନ୍ତ ବଳଶାଳୀ ଥିବାରୁ ବଳରାମ ନାମ ତାଙ୍କର ସାର୍ଥକ ଥିଲା । ଲୌକିକ ମତରେ ବଳଭଦ୍ରଙ୍କୁ ଅଗ୍ରଜ ବା ବଡ଼ ଭାଇର ମାନ୍ୟତା ଦିଆଯାଇଥାଏ । ପହଣ୍ଡି ବିଜେ ଏବଂ ରଥ ଚଳିବାରେ ପ୍ରଥମେ ବଳଭଦ୍ର ହିଁ ଶୁଭାରମ୍ଭ କରନ୍ତି । ବଡ଼ ଭାଇ ଓ ସାନ ଭାଇଙ୍କ ମଝିରେ ଭଉଣୀ ବିରାଜିତା ହେବା ଏବଂ ରଥ ଚଳିଲା ବେଳେ ଦୁଇଭାଇଙ୍କ ମଝିରେ ଭଉଣୀଙ୍କ ରଥ ଯିବା ବେଶ ତାତ୍ପର୍ଯ୍ୟପୂର୍ଣ୍ଣ ।

ବଳଭଦ୍ର କ'ଣ ରାମଙ୍କ ଅନୁଜ ଲକ୍ଷ୍ମଣ ?

ରାମ ଉପାସକମାନଙ୍କ ମତରେ ବଳଭଦ୍ର ହେଉଛନ୍ତି ଲକ୍ଷ୍ମଣ । ନୀଳାଦ୍ରି ଅର୍ଚ୍ଚନ ଚନ୍ଦ୍ରିକାରେ ଉଲ୍ଲେଖ ଅଛି–

ଜଗନ୍ନାଥ ମହାବାହୋ ପ୍ରତ୍ୟକ୍ଷ ରଘୁନନ୍ଦନ୍ ।
ସୌମିତ୍ରୀ ବଳଦେବଶ୍ଚ ଭଦ୍ରା ମୈଥିଳୀ ମେବଚ ।।

ଅର୍ଥାତ୍ ଜଗନ୍ନାଥ ରଘୁନନ୍ଦନ ଶ୍ରୀ ରାମ, ବଳଭଦ୍ର ସୌମିତ୍ରୀ ବା ଲକ୍ଷ୍ମଣ ଓ ସୁଭଦ୍ରା ହେଉଛନ୍ତି ମୈଥିଳୀ ବା ସୀତା । ପୁନଶ୍ଚ ବଳରାମ ଦାସ କୃତ ଦାଣ୍ଡି ରାମାୟଣରେ ରାମ, ଲକ୍ଷ୍ମଣ ଓ ସୀତା ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିବା କଥା ବର୍ଣ୍ଣନା କରାଯାଇଅଛି । ସେ ଦର୍ଶନ ସମୟରେ ପୁରୁଷୋତ୍ତମ ତ୍ରିମୂର୍ତ୍ତି ସହିତ ରାମ ଲକ୍ଷ୍ମଣ ଓ ସୀତାଙ୍କ ଏକତ୍ୱ ପ୍ରତିଷ୍ଠା କରାଯାଇଅଛି । ଯଥା—

କେତେହେଁକ ଦୂରରେ ଯେ ଦେଖିଲେ ନୀଳଗିରି ।
ତହିଁରେ ବିଜେ କରି ଅଛନ୍ତି ଶ୍ରୀହରି ।।
ଦକ୍ଷିଣ ସିନ୍ଧୁରେ ରାମ ସ୍ନାନ ଯେ ସାରିଲେ ।
ଦାରୁବ୍ରହ୍ମ ସ୍ୱରୂପକୁ ଯାଇଣ ଦେଖିଲେ ।।
ଜଗନ୍ନାଥ ଛାମୁରେ ଶ୍ରୀରାମ ଉଭା ହୋଇ
ଲକ୍ଷ୍ମଣ ବଳରାମଙ୍କ ସନ୍ନିଧକୁ ଯାଇ ।।

ସୀତା ସୁଭଦ୍ରା ଯେ ଭେଟ ହେଉଛନ୍ତି ବେନି ।
ତିନି ଦେବତା ହୋଇ ସେ ତିନିମୂର୍ତ୍ତି ଘେନି ।।
ଶ୍ରୀରାମ ଜାଣିଲେ ମୁଁ ଯେ ଅଟେ ଜଗନ୍ନାଥ ।
ସୀତା ସୁଭଦ୍ରା ଯେ ବେନି ଅଟନ୍ତି ସଂଘାତ ।
ଲକ୍ଷ୍ମଣ ଯେ ବଳରାମ ଏକ ସଂଗ ହୁନ୍ତି ।
ଏସନେକ ମତେ ତହୁଁ ଦେବ ଚଳିଯାନ୍ତି ।।

ଲକ୍ଷ୍ମଣ ଓ ବଳଭଦ୍ର ଏକ ଜଣା ଅଭିନ୍ନ ବୋଲି ଏଥିରୁ ସୂଚନା ମିଳେ । ପୁନଶ୍ଚ ରାମଲୀଳାରେ ମଧ୍ୟ ଅନୁରୂପ ମତ ପ୍ରଦତ୍ତ ହୋଇଅଛି । ଯଥା–

ଶ୍ରୀ ରଘୁନାଥ ବୋଲନ୍ତି ଜଗନ୍ନାଥ ମୁହିଁ ।
ସୀତା ସୁଭଦ୍ରା ଲକ୍ଷ୍ମଣ ବଳଭଦ୍ର ହୋଇ ।।

ସନ୍ତ ତୁଳସୀ ଦାସ, ବିଭୀଷଣ, ବୀର ହନୁମାନ ରତ୍ନସିଂହାସନରେ ରାମ ଲକ୍ଷ୍ମଣ ସୀତାଙ୍କୁ ଦର୍ଶନ କରନ୍ତି ବୋଲି ଉପାଖ୍ୟାନମାନଙ୍କରୁ ସୂଚନା ମିଳେ । ଏହାଛଡ଼ା ଶ୍ରୀ ମନ୍ଦିରର ନୀତିମାନଙ୍କରୁ ସୂଚନା ମିଳେ ଯେ ପୁଷ୍ୟାଭିଷେକ ଦିନ ଶ୍ରୀଜଗନ୍ନାଥ ରଘୁନାଥ ରୂପରେ ଏବଂ ଗୁରୁବାରରେ ଏକାଦଶୀ ସଂଯୋଗ ହେଲେ ଶ୍ରୀ ଜଗନ୍ନାଥ ଶ୍ରୀରାମ ରୂପେ ରତ୍ନ ସିଂହସନରେ ପୂଜା ପାଆନ୍ତି । ଏ ସମସ୍ତରୁ ସୂଚନା ମିଳେ ଯେ ବଳଭଦ୍ର ବୋଧହୁଏ ଶ୍ରୀରାମ ଅନୁଜ ଲକ୍ଷ୍ମଣ ।

ବଳଭଦ୍ର କ'ଣ ମହାସରସ୍ୱତୀ ?

ଶାକ୍ତମାନଙ୍କ ମତରେ ବଳଭଦ୍ର ହେଉଛନ୍ତି ମହାସରସ୍ୱତୀ ଏବଂ ଅନ୍ୟ କେତେକଙ୍କ ମତରେ ସେ ହେଉଛନ୍ତି ଉଗ୍ରତାରା । ରତ୍ନସିଂହାସନସ୍ଥ ତ୍ରିମୂର୍ତ୍ତି ଶାକ୍ତମାନଙ୍କ ମତରେ ତିନିଜଣ ଦେବୀ । ତନ୍ତ୍ର ଶାସ୍ତ୍ରରେ ଉଲ୍ଲେଖ ଅଛି,

ଉଗ୍ରତାର ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ ।
ନୀଳାଦ୍ରୌସ୍ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା ।।

ଅର୍ଥାତ୍, ବଳଭଦ୍ର ରୂପୀ ଶୂଳପାଣି ହେଉଛନ୍ତି ଉଗ୍ରତାରା, ସୁଭଦ୍ରା ଭୁବନେଶ୍ୱରୀ ଏବଂ ନୀଳାଦ୍ରିରେ ଜଗନ୍ନାଥ ହେଉଛନ୍ତି ଦକ୍ଷିଣ କାଳିକା । ସପ୍ତଶତୀ ଚଣ୍ଡୀରୁ ସୂଚନା ମିଳେ ଯେ ପ୍ରଥମ ଚରିତରେ ମହାକାଳୀଙ୍କ ଦ୍ୱାରା ମଧୁକୈଟଭଙ୍କ ବଧ ହୋଇଥିଲା । ମଧ୍ୟମ ଚରିତରେ ମହାଲକ୍ଷ୍ମୀ ମହିଷାସୁରକୁ ନିପାତ କରିଥିଲେ ଏବଂ ଉତ୍ତର ଚରିତରେ ମହାସରସ୍ୱତୀଙ୍କ ଦ୍ୱାରା ଶୁମ୍ଭ ନିଶୁମ୍ଭଙ୍କର ମୃତ୍ୟୁ ଘଟିଥିଲା । କାଳୀ କୃଷ୍ଣବର୍ଣ୍ଣା ଜଗନ୍ନାଥ କୃଷ୍ଣବର୍ଣ୍ଣ । ସୁଭଦ୍ରା ଓ ମହାଲକ୍ଷ୍ମୀ ଉଭୟ ପୀତବର୍ଣ୍ଣା । ମହାସରସ୍ୱତୀଙ୍କ ପରି ବଳଭଦ୍ର ଶ୍ୱେତବର୍ଣ୍ଣ ।

ଏତଦ୍ ବ୍ୟତୀତ ବୀଜ ତତ୍ତ୍ୱରେ ବଳଭଦ୍ର ଶ୍ରୀଁବୀଜ ପ୍ରଣବ ତତ୍ତ୍ୱରେ (ଅଉମ = ଓଁ) 'ମ' କାର ଶିବାତ୍ମକ, ବୈଦିକ ତତ୍ତ୍ୱରେ ବଳଭଦ୍ର ସାମବେଦ, କିନ୍ତୁ ସ୍କନ୍ଦ ପୁରାଣ ଅନୁଯାୟୀ ବଳଭଦ୍ର ହେଉଛନ୍ତି ଋକ୍ ବେଦ। ଯଥା—

ଋଗ୍‌ବେଦରୂପୀ ହଳଧୃକ୍ ସାମବେଦୋ ନୃକେସରୀ।
ଯଜୁର୍ମୂର୍ତ୍ତି ସ୍ତ୍ରିୟଂ ଭଦ୍ରା ଚକ୍ରମାଥର୍ବଣଂ ସ୍ମୃତମ୍ ।।

ସେହିପରି ଗୁଣତ୍ରୟ ତତ୍ତ୍ୱରେ ବଳଭଦ୍ରଙ୍କର ତମଗୁଣ ଅଟେ। ବିଷ୍ଣୁଙ୍କର ରୌଦ୍ରତା ବଳଭଦ୍ରଙ୍କ ନିକଟରେ ପ୍ରକାଶିତ।

ବଳଭଦ୍ର କ'ଣ ବୈଷ୍ଣବ ଚିନ୍ତାଧାରା ସମ୍ଭୂତ ?

ବଳଭଦ୍ର ମୁଖ୍ୟତଃ ରୁଦ୍ର ହେଲେ ବି ବିଷ୍ଣୁ ସ୍ୱରୂପ। ତାଙ୍କଠାରେ ରୁଦ୍ରତ୍ୱର ପ୍ରକାଶ ହୋଇଅଛି। ଶିବଙ୍କ ଭଳି ସେ ବେଲ ପତ୍ରରେ ପୂଜିତ ହୁଅନ୍ତି ନାହିଁ। ଗୀତାରେ ବର୍ଣ୍ଣିତକ୍ଷର ଅକ୍ଷର ଓ ପୁରୁଷୋତ୍ତମ ସ୍ୱରୂପ ଜଗନ୍ନାଥ ହିଁ ତ୍ରିମୂର୍ତ୍ତିରେ ପ୍ରତିଫଳିତ ହୋଇଛି ବୋଲି ଅନେକଙ୍କର ବିଶ୍ୱାସ। ଶ୍ରୀ ଜଗନ୍ନାଥ ପୁରୁଷୋତ୍ତମ ଭାବରେ କ୍ଷର ଓ ଅକ୍ଷରରୁ ଅତୀତ ତଥା ଉତ୍ତମ। ସେହିପରି ବିଷ୍ଣୁଙ୍କ ଅନନ୍ତଶୟନର ଆଧାର ହେଉଛନ୍ତି ବଳଭଦ୍ର ରୂପୀ ଅନନ୍ତ। ବଳଭଦ୍ରଙ୍କଠାରେ ତମ ଓ ସତ୍ତ୍ୱ ଗୁଣର ଅପୂର୍ବ ସମନ୍ୱୟ ଘଟିଥିବାରୁ ସେ ହେଉଛନ୍ତି ଅନନ୍ତ ବାସୁଦେବ। ଶିବ ଓ ବିଷ୍ଣୁ ଅଭେଦ ବୋଲି ଶାସ୍ତ୍ରମାନଙ୍କରେ ବର୍ଣ୍ଣନା କରାଯାଇଅଛି। ଯଜୁର୍ବେଦ ସୂକ୍ତ ଅନୁଯାୟୀ,

ଶିବାୟ ବିଷ୍ଣୁରୂପାୟ ଶିବରୂପାୟ ବିଷ୍ଣବେ।
ଶିବସ୍ୟ ହୃଦୟଂ ବିଷ୍ଣୁଃ ବିଷ୍ଣୁଶ୍ଚ ହୃଦୟଂ ଶିବଃ।।

ସେହିପରି ବ୍ରହ୍ମ ପୁରାଣରେ ଉଲ୍ଲେଖ ଅଛି।
ଯୋରୁଦ୍ରଃ ସ ସ୍ୱୟଂ ବିଷ୍ଣୁଃ
ଯୋ ବିଷ୍ଣୁଃ ସ ମହେଶ୍ୱରଃ
ଉଭୟୋ ଅନ୍ତରଂ ନାସ୍ତି
ପବନାକାଶୟୋରିବ।।

ଏ ସମସ୍ତ ଆଲୋଚନାରୁ ଶିବ ବିଷ୍ଣୁ ଅର୍ଥାତ୍ ବଳଭଦ୍ର ଜଗନ୍ନାଥଙ୍କ ସମ୍ପର୍କ ବୋଧଗମ୍ୟ ହୁଏ।

ରହସିଂହାସନସ୍ଥ ବଳଭଦ୍ରଙ୍କୁ ବିଭିନ୍ନ ଭାବରେ ବର୍ଣ୍ଣନା କରାଯାଇଥିବାରୁ ସେ ଏକ ରହସ୍ୟମୟ ଠାକୁର। ତାଙ୍କ ତତ୍ତ୍ୱ ଜାଣିବା ବାସ୍ତବିକ୍ କଷ୍ଟକର ବ୍ୟାପାର। ସେଥିପାଇଁ ଯଥାର୍ଥରେ କୁହାଯାଇଛି।

ତବ ତତ୍ତ୍ୱଂ ନ ଜାନାମି କୀଦୃଶୋଽସି ମହେଶ୍ୱରଃ
ଯାଦୃଶୋଽସି ମହାଦେବ ! ତାଦୃଶାୟ ନମୋନମଃ।।

ସେହି ପରମାରାଧ୍ୟ ବଳଭଦ୍ର ବା ବଡ଼ ଠାକୁରଙ୍କୁ ଭକ୍ତ୍ୟର୍ଘ୍ୟ ପ୍ରଦାନ କରି ଭକ୍ତ କହେ,

'ଆତ୍ମାତ୍ୱଂ ଗିରିଜା ମତି ସହଚରାଃ
ପ୍ରାଣାଃ ଶରୀରଂ ଗୃହମ୍ ।
ପୂଜାତେ ବିଷୟୋପଭୋଗରଚନା
ନିଦ୍ରା ସମାଧି ସ୍ଥିତି ।
ସଞ୍ଚାରଂ ପଦୟୋଃ ପ୍ରଦକ୍ଷିଣ ବିଧି
ସ୍ତୋତ୍ରାଣି ସର୍ବାଗୀରୋ ।
ଯତ୍ ଯତ୍ କର୍ମ କରୋମି ତତ୍ ତତ୍ ଦକ୍ଷିଲଂ
ଶମ୍ଭୋ ! ତବାରାଧନାମ୍' ।।

ଅର୍ଥାତ୍ ହେ ଶମ୍ଭୁ ! ଆପଣ ହେଉଛନ୍ତି ମୋର ଆତ୍ମା । ଗିରିଜା ମୋର ମତି, ପଞ୍ଚପ୍ରାଣ ହେଉଛନ୍ତି ସହଚର ଏବଂ ମୋର ଶରୀର ହେଉଛି ଆପଣଙ୍କର ଗୃହ । ମୁଁ ଯେଉଁ ବିଷୟ ଉପଭୋଗ କରୁଛି, ସେ ସବୁ ଆପଣଙ୍କର ପୂଜା ଏବଂ ମୋର ଶୟନ ହେଉଛି ଆପଣଙ୍କର ସମାଧି । ମୁଁ ପଦ ସଞ୍ଚାର କଲାବେଳେ ଆପଣଙ୍କୁ ହିଁ ପ୍ରଦକ୍ଷିଣ କରୁଅଛି । ମୋର ସମସ୍ତ ବାକ୍ୟ ଆପଣଙ୍କର ସ୍ତୋତ୍ର' । ତେଣୁ ହେ ପ୍ରଭୁ ମୁଁ ଯାହା କରୁଛି, ସେ ସବୁ କେବଳ ଆପଣଙ୍କର ଆରାଧନା ପାଇଁ ହିଁ କରୁଅଛି । ସେହି ରହସ୍ୟମୟ ଶିବରୂପୀ ବଳଭଦ୍ରଙ୍କ ନିକଟରେ ଆତ୍ମସମର୍ପଣ କରିବା ହିଁ ଏକମାତ୍ର କାମ୍ୟ

ନବମ ଅଧ୍ୟାୟ

ସର୍ବରହସ୍ୟ ପୁରୁଷୋତ୍ତମସ୍ୟ

ନୀଳାଦ୍ରିନାଥ ଶ୍ରୀଜଗନ୍ନାଥ କିଏ, ତାଙ୍କର ସ୍ୱରୂପ କ'ଣ, ଏ ସମ୍ବନ୍ଧରେ ଆଲୋଚନା କରି ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହେବା ଧୃଷ୍ଟତା ମାତ୍ର। ଦେବ ଦେବ ମହାଦେବ, ସୃଷ୍ଟିକର୍ତ୍ତା ବ୍ରହ୍ମା ଏବଂ ସମସ୍ତ ଦେବ ଦେବୀଙ୍କୁ ମଧ୍ୟ ଏହା ଅଗୋଚର। ସେଥିପାଇଁ ଯଥାର୍ଥରେ କୁହାଯାଇଛି,

'ସବରହସ୍ୟ ପୁରୁଷୋତ୍ତମସ୍ୟ ଦେବେ ନ ଜାନାତି କୁତଃ ମନୁଷ୍ୟଃ'

ତଥାପି ରହସ୍ୟମୟ ଦେବ ଦେବୀଙ୍କ ପାଇଁ ରହସ୍ୟମୟ ହୋଇଥିବା ଜଗନ୍ନାଥଙ୍କୁ ମନୁଷ୍ୟ ଜିଭଳି ଦୃଷ୍ଟିରେ ଦେଖିଛି, ସେ ସମ୍ବନ୍ଧରେ ସମ୍ୟକ୍ ସୂଚନା ଦେବା ଏକମାତ୍ର ଅଭିପ୍ରାୟ। ଆଦିବାସୀଙ୍କ ପାଇଁ ଜଗନ୍ନାଥ ଏକ ଶବର ଦେବତା, ଜୈନଙ୍କ ପାଇଁ ସେ ଋଷଭନାଥ, ବୌଦ୍ଧଙ୍କ ପାଇଁ ବୁଦ୍ଧ, ବୈଷ୍ଣବଙ୍କ ପାଇଁ ଶ୍ରୀପତି, ଶୈବଙ୍କ ପାଇଁ ଭୈରବ ଏବଂ ଶାକ୍ତମାନଙ୍କ ପାଇଁ ସେ ମହାକଳୀ। ଯିଏ ଯେଉଁ ଭାବରେ ଦର୍ଶନ କରିବାକୁ ଗ୍ରହିଁଛି, ତା ପାଇଁ ଜଗନ୍ନାଥଙ୍କର ସେହି ରୂପ। ସେ କୌଣସି ଏକ ନିର୍ଦ୍ଦିଷ୍ଟ ସତ୍ତା, ସୀମା ବା ରୂପରେ ଆବଦ୍ଧ ନୁହଁନ୍ତି। ସେ ଅପାଣିପାଦ ହେବା ମୂଳରେ ରହିଛି ତାଙ୍କର ଅସୀମତା, ଯାହାର ଆଦି ନାହିଁ କି ଅନ୍ତ ନାହିଁ। ତେଣୁ ସେ ଅନାଦି ତଥା ଅନନ୍ତ। ସେ ଅରୂପ ତଥା ସରୂପ, ନିର୍ଗୁଣ ତଥା ସଗୁଣ। ସେହି ପରମାରାଧ୍ୟ ଜଗନ୍ନାଥ ହେଉଛନ୍ତି ସର୍ବ ବେଦବେଦାନ୍ତର ସାର, ଭକ୍ତମାନଙ୍କର କଳ୍ପବୃକ୍ଷ ସଦୃଶ ଏବଂ ସଂସାର ସାଗରର ଏକମାତ୍ର ନିର୍ଭରଶୀଳ ତରଣୀ।

ମହାପୁରୁଷ ଦିବାକର ଦାସ ଶ୍ରୀ-ଜ-ଗ-ନ୍ନା-ଥ, ଏହି ପାଞ୍ଚୋଟି ବର୍ଣ୍ଣର ବିଶଦ ବ୍ୟାଖ୍ୟା ପ୍ରଦାନ କରିଅଛନ୍ତି। ଯଥା—

ଶ୍ରୀ— ଲକ୍ଷ୍ମୀ, ଭକ୍ତି, ପ୍ରୀତି ଓ ଶୋଭାପ୍ରଦାୟିନୀ ଶକ୍ତି।

ଜ— 'ଜ' ଅର୍ଥାତ୍ ସୃଷ୍ଟି ବା ଜନ୍ମର ସ୍ଥଳ। ସର୍ବଦେବଦେବୀ, ବେଦମନ୍ତ୍ର, ଯୋଗ ଓ ଜ୍ଞାନ, ସବୁର ଉତ୍ପତିସ୍ଥଳ। ସେ ସ୍ୱୟଂ ସୃଷ୍ଟ, ଜଗନ୍ମୟ ଓ ଜ୍ୟୋତି ସ୍ୱରୂପ।

ଗ— 'ଗ'ର ଅର୍ଥ ଗୁହ୍ୟ, ଗୁରୁତର, ସାଗର ପରି ଗଭୀର ଓ ଅନନ୍ତ। ସେ ଗର୍ବଗଞ୍ଜନ ଓ ଗଜ ଉଦ୍ଧାରଣ କରି ଦୁଃଖୀର ଦୁଃଖ ନିବାରକ।

ନ୍ନା— 'ନ'ର ଅର୍ଥ ନିର୍ବିକଳ୍ପ, ନିରାକାର, ନିର୍ଭରଶୀଳ, ନିରାଲମ୍ବ ସ୍ଥାନ, ନରକ ନିସ୍ତାରଣ, ନିତ୍ୟ ଓ ନିର୍ମଳ।

ଥ— 'ଥ'ର ଅର୍ଥ ସେ ସର୍ବଭୂତର ଆତ୍ମା, ସୁଦର୍ଶନ, ସ୍ଥିରବୁଦ୍ଧି, ଧର୍ମ, ଅର୍ଥ, କାମ ଓ ମୋକ୍ଷର ଜନ୍ମସ୍ଥଳ। 'ଥ' ଅନାଥର ନାଥ ଓ ସର୍ବ ପ୍ରାଣୀ ହିତକାରୀ।

ତେଣୁ ଶ୍ରୀଜଗନ୍ନାଥ ନାମରେ ଭଗବାନ କିଭଳି ରହସ୍ୟମୟ ସର୍ବଶକ୍ତିମାନ, ଅନ୍ତର୍ଯାମୀ ତଥା ସର୍ବପ୍ୟାପୀ, ଏ ସମସ୍ତ ବିଷୟ ସନ୍ନିହିତ କରାଯାଇଅଛି ।

ଶ୍ରୀଜଗନ୍ନାଥ କିଭଳି ଆଦ୍ୟଦେବ ଏବଂ ରତ୍ନସିଂହାସନସ୍ଥ ଚତୁର୍ଦ୍ଧା ମୂର୍ତ୍ତି କିଭଳି ଜଗନ୍ନାଥଙ୍କର ଅଂଶ ବିଶେଷ, ତାହା 'ଗରିତାମୃଣଦି' ଗ୍ରନ୍ଥରେ ବର୍ଣ୍ଣନା କରାଯାଇଅଛି । ତହିଁରେ ଜଗନ୍ନାଥ ଚତୁରାକ୍ଷରକୁ ଚତୁର୍ଦ୍ଧା ମୂର୍ତ୍ତି ତତ୍ତ୍ୱର ମୂଳବୀଜ ରୂପେ ଗ୍ରହଣ କରାଯାଇଅଛି । ଯଥା—

'ଜ କାରଶ୍ଚ ଜଗନ୍ନାଥଃ ଗ କାରଃ ବଳଦେବକଃ ।
ଭଦ୍ରା ନ କାର ଭାବେନ ଥ କାରଶ୍ଚ ସୁଦର୍ଶନଃ ।'

ଜଗନ୍ନାଥ କ'ଣ ଆଦିବାସୀ ଶବର ଦେବତା ?

ଡକ୍ଟର ବେଶୀମାଧବ ପାତ୍ରୀ ତାଙ୍କର 'ଦାରୁଦେବତା' ପୁସ୍ତକରେ ଜଗନ୍ନାଥଙ୍କୁ ଶବର ଦେବତା ଭାବରେ ପ୍ରତିପାଦନ କରିଅଛନ୍ତି । 'ଜଗନ୍ନାଥ' ଶବ୍ଦ ଶବର ଭାଷାରେ ବ୍ୟବହୃତ 'ଜଗନ୍ତ' (ଜଗତର ଦେବତା) ଶବ୍ଦର ସଂସ୍କୃତ ରୂପ । ଶବରମାନେ ମଧ୍ୟ ସେମାନଙ୍କର ପ୍ରସିଦ୍ଧ ଦେବତାଙ୍କୁ 'ଜଗାବୋଇ' ବୋଲି ଶ୍ରଦ୍ଧାରେ ଡ଼ାକିଥାନ୍ତି । 'ବୋଇ' ଶବ୍ଦର ଅର୍ଥ ଦେବତା ବା ଠାକୁର । ସେହିପରି ଜଗନ୍ନାଥଙ୍କୁ ମାଦଳା ବୋଲି କୁହାଯାଇଥାଏ । ମାଦଳା ଅର୍ଥ ହସ୍ତପଦ ବିହୀନ ଗଣ୍ଡି । ଅଦ୍ୟାବଧି ମଧ୍ୟ ଶବର ସମାଜରେ ମାଦଳା ପୂଜା ପ୍ରଚଳିତ ଅଛି । ସାରଳା ଦାସ ତାଙ୍କ ରଚିତ ମହାଭାରତରେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ,

'ବୋଲନ୍ତି ମାଧବ ସାବଧାନେ ଶୁଣ ।
ମୂହିଁ ସେ ଅନାଦିନାଥ ଶବରୀନାରାୟଣ' ।।

ଜଗନ୍ନାଥ ଧର୍ମ ମୁଖ୍ୟତଃ ଆଦିବାସୀ ଧର୍ମ ବୋଲି ମଧ୍ୟ ପ୍ରତିପାଦିତ ହୋଇଅଛି । ଶ୍ରୀକ୍ଷେତ୍ରର ଦୈତାଗଣ ଶବର ବଂଶଧର ବୋଲି ବହୁ ପ୍ରମାଣ ଉପସ୍ଥାପିତ ହୋଇଅଛି ।

ଜୈନ ଧର୍ମ ଓ ଶ୍ରୀଜଗନ୍ନାଥ

ଜୈନମାନେ ମଧ୍ୟ ଜଗନ୍ନାଥଙ୍କୁ ସେମାନଙ୍କର ଦେବତା ବୋଲି ବଳିଷ୍ଠ ଯୁକ୍ତି ବାଢ଼ିଥାନ୍ତି । ଜଗନ୍ନାଥ ଶବ୍ଦ ମୂଳତଃ ଜୈନ ଏବଂ ଏହା ଜିନେଶ୍ୱର ଅର୍ଥାତ୍ ଆଦିନାଥ ଋଷଭଙ୍କର ନାମାନ୍ତର ବୋଲି ଜୈନଗ୍ରନ୍ଥରୁ ସୂଚନା ମିଳେ । ଜଗନ୍ନାଥ ଧର୍ମ ଓ ଜୈନ ଧର୍ମ ମଧ୍ୟରେ ଅନେକ ସାମଞ୍ଜସ୍ୟ ଦୃଷ୍ଟିଗୋଚର ହୁଏ । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେବା ପରି, ଉକ୍ତ ଦିନ ଋଷଭଙ୍କର ରଥଯାତ୍ରାର ବିଧାନ ଅଛି । ଉକ୍ତ ତିଥିରେ ପ୍ରଥମ ତୀର୍ଥଙ୍କର ଋଷଭନାଥ ଗର୍ଭଗତ ହୋଇଥିଲେ । ତେଣୁ ଚୈତ୍ୟ ନିର୍ମିତ ରଥ ଉପରେ ଜିନଙ୍କର ପ୍ରତିମା ସ୍ଥାପନ କରି ନଗରରେ ପରିକ୍ରମା କରାଇବା ଉକ୍ତ ଉତ୍ସବର ବିଧାନ ।

ସେହିପରି ଶ୍ରୀଜଗନ୍ନାଥଙ୍କର ସ୍ନାନ ଯାତ୍ରା ପରି ଜୈନ ପ୍ରତିମାମାନଙ୍କର ଅଭିଷେକ ତଥା ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏତଦ୍ ବ୍ୟତୀତ, ଋଷଭଙ୍କର କଳ୍ପବଟ ଜଗନ୍ନାଥଙ୍କ କଳ୍ପବଟର ପ୍ରତୀକ ପରିମନେ ହୁଏ । ସେହିପରି, ନୀଳଚକ୍ର ହେଉଛି ଋଷଙ୍କର ଲାଞ୍ଛନ । ଭାରତ ବର୍ଷରେ ଯେଉଁ ସ୍ଥାନରେ ଋଷଭଙ୍କର ପୂଜା ହୁଏ ସେ ସ୍ଥାନକୁ ଚକ୍ରକ୍ଷେତ୍ର କୁହାଯାଏ । ଶ୍ରୀମନ୍ଦିରର ବାଇଶି ପାହାଚକୁ ଜୈନ ବାଇଶି ଜଣ ତୀର୍ଥଙ୍କର ରୂପକ ବୋଲି ମନେ କରାଯାଏ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଜଗନ୍ନାଥଙ୍କ ମହାପ୍ରସାଦର ଅନ୍ୟନାମ କୈବଲ୍ୟ, ଯାହାର ମୂଳ ମଧ୍ୟ ଜୈନ ଧର୍ମରେ ଅଛି ବୋଲି ବିଶ୍ୱାସ କରାଯାଏ । ଜୀବ ଅଜୀବର ସମବାୟରେ ବ୍ୟକ୍ତିର ସୃଷ୍ଟି ବୋଲି ଜୈନ ଦର୍ଶନରେ ଉଲ୍ଲେଖ ଅଛି । ଅଜୀବରୁ ଜୀବକୁ ପୃଥକ୍ କଲେ ବ୍ୟକ୍ତି ହେବ କେବଳ ଜୀବମାତ୍ର ବା କେବଳୀ । ଉକ୍ତ କେବଳୀ ଭାବ (କେବଳୀତ୍ୱ) ହେଉଛି କୈବଲ୍ୟ, ଯାହାର ପ୍ରାପ୍ତିରେ ନିର୍ମାଣ ପ୍ରାପ୍ତି ହୋଇଥାଏ । ଏସମସ୍ତ ବିଷୟ ଆଲୋଚନା କରି ପଣ୍ଡିତ ନୀଳକଣ୍ଠ ଓ ଅନ୍ୟାନ୍ୟ ଜୈନ ଶାସ୍ତ୍ର ବିଶାରଦମାନେ ଦୃଢ଼ ମତ ପୋଷଣ କରନ୍ତି ଯେ, ଜଗନ୍ନାଥ ଏକ ଜୈନ ଅନୁଷ୍ଠାନ । ଜଗନ୍ନାଥଙ୍କ ସମ୍ପର୍କରେ ଏହା ଅବଶ୍ୟ ଏକ ମତ ମାତ୍ର ।

ବୌଦ୍ଧ ଧର୍ମ ଓ ଜଗନ୍ନାଥ

ବୌଦ୍ଧ ଧର୍ମର ତ୍ରିରତ୍ନ ଯଥା, ବୁଦ୍ଧ, ଧର୍ମ ଓ ସଂଘକୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ନିକଟରେ ଆରୋପ କରାଯାଇଅଛି । ଐତିହାସିକମାନଙ୍କ ମତରେ ଶ୍ରୀକ୍ଷେତ୍ରର ରଥଯାତ୍ରା ସହିତ ବୌଦ୍ଧ ରଥଯାତ୍ରାର ସାମଞ୍ଜସ୍ୟ ଅଛି । ରଥଯାତ୍ରା ବୁଦ୍ଧଦେବଙ୍କ ଜନ୍ମୋତ୍ସବ ପାଳନର ସ୍ମୃତି ମାତ୍ର । ସେମାନଙ୍କ ମତରେ ଜଗନ୍ନାଥ ହିଁ ବୁଦ୍ଧ ଏବଂ ବୌଦ୍ଧ ଧର୍ମର ପ୍ରଭାବ ଜଗନ୍ନାଥ ଧର୍ମ ଉପରେ ପଡ଼ିଛି ବୋଲି ବୌଦ୍ଧମାନଙ୍କ ଅଭିମତ ।

ମାତ୍ର ଏ ପ୍ରକାର ଯୁକ୍ତି ଅମୂଳକ ପରି ମନେ ହୁଏ । ଆମର ପ୍ରାଚୀନ ପୁରାଣ, ରାମାୟଣ, ଏପରିକି ଉପନିଷଦରେ ମଧ୍ୟ ରଥଯାତ୍ରାର ବର୍ଣ୍ଣନା ଥିବାରୁ ସନାତନ ଧର୍ମ ଅନ୍ୟ ଧର୍ମକୁ ପ୍ରଭାବିତ କରିଛି, ଏହା ନିଃସନ୍ଦେହ । ମହାବୀର ଓ ଗୌତମ ବୁଦ୍ଧଙ୍କ ଜନ୍ମ ପରେ ଜୈନଧର୍ମ ଓ ବୌଦ୍ଧ ଧର୍ମ ପ୍ରଗ୍ରରିତ ତଥା ପ୍ରସାରିତ ହୋଇଅଛି । କିନ୍ତୁ ଜଗନ୍ନାଥ ଧର୍ମ ଯାହାକି ସନାତନ ଧର୍ମ ଅଟେ ତାହାର ସୃଷ୍ଟି କେବେଠାରୁ ହେଲା ସେ କଥା ବର୍ତ୍ତମାନ ସୁଦ୍ଧା ନିରୂପିତ ହୋଇନାହିଁ । ସେ ଯାହାହେଉ, ଆଦିବାସୀ, ଜୈନ, ବୌଦ୍ଧ ପ୍ରଭୃତି ବିଭିନ୍ନ ଧର୍ମର ମତବାଦ ଜଗନ୍ନାଥ ଧର୍ମ ସହିତ ସଂଶ୍ଳିଷ୍ଟ ଏହା ଜଗନ୍ନାଥଙ୍କ ସାର୍ବଜନୀନ ଉଦାର ମହିମାର ପରି ପ୍ରକାଶ । କରିଥାଏ ।

ବେଦ, ଉପନିଷଦ ଓ ଗୀତାର ପୁରୁଷୋତ୍ତମ ହିଁ ଜଗନ୍ନାଥ

ବେଦ, ଉପନିଷଦ ଓ ଶ୍ରୀମଦ୍ ଭଗବତ ଗୀତାରେ ପୁରୁଷୋତ୍ତମଙ୍କର ପ୍ରଶସ୍ତି ଗାନ କରାଯାଇଛି । ଜଗନ୍ନାଥଙ୍କର ଅନ୍ୟ ନାମ ପୁରୁଷୋତ୍ତମ ଏବଂ ତାଙ୍କ ନାମାନୁସାରେ ତାଙ୍କର

ଧାମର ନାମ ପୁରୁଷୋତ୍ତମ। ପ୍ରଭୁ ଓ ତାଙ୍କ ଧାମ ଉଭୟ ସର୍ବଶ୍ରେଷ୍ଠ। କପିଳ ସଂହିତାରେ ଉଲ୍ଲେଖ ଅଛି,

ସର୍ବେଷାଂ ଚୈବ ଦେବାନାଂ
ରାଜା ଶ୍ରୀପୁରୁଷୋତ୍ତମଃ।
ସର୍ବେଷାଂ ଚୈବ କ୍ଷେତ୍ରାଣାଂ
ରାଜା ଶ୍ରୀପୁରୁଷୋତ୍ତମଃ।।

ସେହିପରି ବ୍ରହ୍ମ ପୁରାଣରେ ବ୍ରହ୍ମା କହନ୍ତି ଯେ,

ଯଥା ସର୍ବେଶ୍ୱରୋ ବିଷ୍ଣୁଃ ସର୍ବଲୋକୋତ୍ତମୋତ୍ତମଃ।
ତଥା ସମସ୍ତ ତୀର୍ଥାନାଂ ବରିଷ୍ଠଂ ପୁରୁଷୋତ୍ତମମ୍ ''

ପୁରୁଷ ଶବ୍ଦ ଆମ ଭାରତୀୟ ଦର୍ଶନ ଶାସ୍ତ୍ରରେ ଆତ୍ମା ଓ ପରମାତ୍ମା ଅର୍ଥରେ ବ୍ୟବହୃତ। ତାହା ଇନ୍ଦ୍ରିୟାତୀତ। ଋକ୍ ବେଦରେ ପୁରୁଷସୂକ୍ତ ମନ୍ତ୍ରରେ ପୁରୁଷୋତ୍ତମଙ୍କୁ ସହସ୍ରଶୀର୍ଷା, ସହସ୍ରାକ୍ଷ, ସହସ୍ରାପାଦ ଭାବରେ ସ୍ତୁତି କରାଯାଇଅଛି। ସେ ସ୍ୱୟଂ ଅମୃତ ଓ ଅମୃତତ୍ୱର ନିୟାମକ। ସେ ମର୍ତ୍ୟ, ଅନ୍ତରୀକ୍ଷ ଓ ସ୍ୱର୍ଗକୁ ଆଧେୟ କରି ସମସ୍ତଙ୍କୁ ପାଳନ କରୁଅଛନ୍ତି।

ଋକ୍ ବେଦ ଦଶମମଣ୍ଡଳ ୧୫୫ତମ ସୂକ୍ତ ଦ୍ୱିତୀୟା ଋକ୍‌ରେ ଉଲ୍ଲେଖ ଅଛି।
ଆଦୌ ଯଦ୍‌ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍।
ତଦାଲଭସ୍ୱ ଦୁର୍ହାଣୋ ତେନ ଗଚ୍ଛ ପରସ୍ତରମ୍।

ଅର୍ଥାତ୍ ଦୂରବର୍ତ୍ତୀ ସ୍ଥାନରେ ବର୍ତ୍ତମାନ ନିର୍ମାତ୍ୟ ପୁରୁଷରହିତ (ଅପୌରୁଷେୟ) ଯେଉଁ ଦାରୁମୟ ପୁରୁଷୋତ୍ତମ ନାମକ ଶ୍ରୀଭଗବତ୍ ବିଗ୍ରହ ସମୁଦ୍ରତୀରରେ ବିରାଜମାନ, ହେ ଅମରସ୍ତବକାରି ! ସେହି ଦାରୁବ୍ରହ୍ମଙ୍କୁ ଆଶ୍ରୟ କର ଏବଂ ଉପାସନା ଦ୍ୱାରା ଶ୍ରେଷ୍ଠ ବୈଷ୍ଣବ ଲୋକକୁ ଗମନ କର।

ଶ୍ୱେତାଶ୍ୱେତ ଉପ ନିଷଦରେ ପୁରୁଷୋତ୍ତମଙ୍କ ସମ୍ପର୍କରେ କୁହାଯାଇଛି।

'ଆପାଣି ପାଦୋ ଯବନଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସଶୃଣୋତ୍ୟ କର୍ଣ୍ଣଃ।
ସବେ ବେଦ୍ୟଂ ନଚ ତସ୍ୟାସ୍ତିବେତ୍ତା
ତମାହୁରାଧ୍ୟଂ ପୁରୁଷଂ ମହାନ୍ତମ୍।।

ଅର୍ଥାତ୍ ଯେଉଁ ଶକ୍ତି ହସ୍ତପଦ ନଥାଇ ମଧ୍ୟ ସର୍ବାଧିକାରୀ, ଚକ୍ଷୁ ନଥାଇ ସର୍ବଦର୍ଶୀ, କର୍ଣ୍ଣ ନଥାଇ ସର୍ବଶ୍ରୋତା ଏବଂ ସର୍ବଜ୍ଞାତା ତଥା ଅଚିନ୍ତ୍ୟ ଶକ୍ତିମାନ୍, ସେ ହିଁ ପୁରୁଷୋତ୍ତମ।

ସେହିପରି, ଶ୍ରୀମଦ୍ ଭଗବତ୍ ଗୀତାର ପୁରୁଷୋତ୍ତମ ଯୋଗରେ ଭଗବାନଙ୍କ ମୁଖ ନିସୃତ ବାଣୀ ହେଲା,

'ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।।

ଅର୍ଥାତ୍, ମୁଁ କ୍ଷର ବା ବିନାଶଶୀଳ ଶରୀର ଓ ଅକ୍ଷର ବା ଅବିନାଶୀ ଚୈତନ୍ୟ ଠାରୁ ଅତୀତ ତଥା ଉତ୍କୃଷ୍ଟ । ଏଥିପାଇଁ, ଲୋକ ସମୁହରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ଖ୍ୟାତ ।

ବେଦ, ଉପନିଷଦ, ଗୀତାର ବର୍ଣ୍ଣିତ ପୁରୁଷୋତ୍ତମ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ପାଦ ନାହିଁ, ପୂର୍ଣ୍ଣାଙ୍ଗ ହାତ ନାହିଁ, କାନ ନାହିଁ ଏବଂ ଦୁଇଟି ଗୋଲକକୁ ଆଖି ବୋଲି କୁହାଯାଏ । ସେ କିନ୍ତୁ ସବୁ ଦେଖନ୍ତି ସବୁ ଶୁଣନ୍ତି । ସେ ନଶୁଣୁଥିଲେ କୋଟି କୋଟି ଲୋକ ତାଙ୍କ ପାଖରେ ଗୁହାରୀ କରନ୍ତେ କାହିଁକି ?

ଶ୍ରୀଜଗନ୍ନାଥ ଦାସ ତାଙ୍କ ରଚିତ ଭାଗବତରେ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ବୋଲି ପ୍ରତିପାଦନ କରିଥଛନ୍ତି । ଯଥା,

ସେହୁ ଗୋଲକ ନିତ୍ୟସ୍ଥଳ । ସେହିଟି ଗିରି ନୀଳାଚଳ ।
କୋଟିଏ ଯୁଗ ଯେବେ ଯାଇ । ଏଥିର ଲୀଳା ନ ସରଇ ।

ଶ୍ରୀଜଗନ୍ନାଥ ଷୋଳକଳା । ଏଥୁଁ କଳାଏ ନନ୍ଦବଳା ।
କଳାକେ ଷୋଳକଳା ହୋଇ । ଘେନି ଜନ୍ମିଲେ ଗୋପେ ଯାଇଁ ।।

ଭାଗବତକାର ଭକ୍ତକବି ଜଗନ୍ନାଥ ଦାସ ମଧ୍ୟ ବ୍ରହ୍ମଙ୍କ ଶରୀରରୁ ସବୁ ଅବତାର ଜାତ ଓ ଲୀନ ହୁଅନ୍ତି ବୋଲି ବର୍ଣ୍ଣନା କରିଛନ୍ତି । ଯଥା,

ଯେତେ ଯେତେ ବିଷ୍ଣୁ ଅବତାର । ଏହି କ୍ଷେତ୍ରରୁ ସେ ବାହାର ।
ଏ ଦେବ ଦେବଙ୍କ ଉତ୍ତମ । ଏ କ୍ଷେତ୍ର ଶ୍ରେଷ୍ଠ ପୁରୁଷୋତ୍ତମ ।।

ନିଖିଳ ବିଶ୍ୱ ପାଇଁ ଆତ୍ମା ପୁରୁଷର ପୂର୍ଣ୍ଣତା ପ୍ରାପ୍ତି ଓ ଆତ୍ମୋତ୍ସର୍ଗ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ ଅର୍ଥାତ୍ ବିଶ୍ୱଚେତନା ହିଁ ପୁରୁଷୋତ୍ତମ ଚେତନା । ଅତଏବ, ବେଦ, ଉପନିଷଦ, ଗୀତା, ପୁରାଣର ପୁରୁଷୋତ୍ତମ ହେଉଛନ୍ତି ନୀଳାଦ୍ରି ବିହାରୀ ଜଗନ୍ନାଥ ।

ଶ୍ରୀଜଗନ୍ନାଥ କ'ଣ ନୀଳମାଧବ ?

ପୁରାଣରୁ ସୂଚନା ମିଳେ ଯେ ନୀଳଗିରିରେ ନୀଳମାଧବଙ୍କୁ ଶବରରାଜା ବିଶ୍ୱାବସୁ ପୂଜା କରୁଥିଲେ । ଅବନ୍ତୀର ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରେରିତ ହୋଇ ବ୍ରାହ୍ମଣ ବିଦ୍ୟାପତି ନୀଳମାଧବଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ । ଇନ୍ଦ୍ରଦ୍ୟୁମ୍ନ ସେଠାରେ ପହଞ୍ଚିଲା ବେଳକୁ ସେ ଦିବ୍ୟ ସୁନ୍ଦର ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ପରମଭକ୍ତ ଇନ୍ଦ୍ରଦ୍ୟୁମ୍ନଙ୍କୁ ଶାନ୍ତ୍ୱନା ଦେବା ପାଇଁ ଶୂନ୍ୟ ବାଣୀ ହେଲା ଯେ ''ଦୁଃଖ କରିବାର କିଛି ନାହିଁ, ନୀଳ ମାଧବ ପୁଣି ଦାରୁ ରୂପରେ ଶ୍ରୀକ୍ଷେତ୍ରରେ ପ୍ରକଟିତ ହେବେ ।' ଇନ୍ଦ୍ରଦ୍ୟୁମ୍ନ ସିନ୍ଧୁ ତୀରରେ ଦାରୁଙ୍କୁ ଦର୍ଶନ କରି ତହିଁରୁ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରାଇଥିଲେ । ଏଥିରୁ ସୂଚନା ମିଳେ ଯେ ଶ୍ରୀଜଗନ୍ନାଥଙ୍କ ପୂର୍ବରୂପ ନୀଳମାଧବ ।

ଏ ମୂର୍ତ୍ତିଙ୍କୁ ଇନ୍ଦ୍ରନୀଳମଣି ବୋଲି ବର୍ଣ୍ଣନା କରାଯାଇଅଛି । ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ବର୍ଣ୍ଣାନା ଅଛି,

'ସିନ୍ଧୁଦୀରେ ତୁ ଯୋ ବ୍ରହ୍ମନ୍ ରାଜତେ ନୀଳ ପର୍ବତଃ
ବିଲୋକ୍ୟ ମାଧବଂ ନୀଳରକ୍ତକାନ୍ତିଂ କୃପାନିଧିମ ।
ତସ୍ୟ ପ୍ରାକ୍‌ତଟମାସ୍ଥାୟ ନୀଲେନ୍ଦ୍ରମଣି ନିର୍ମିତ ।
ତଦେନ ଦର୍ଶୟିଷ୍ୟାମି ନୀଲେନ୍ଦ୍ରମଣିମଚ୍ୟୁତମ୍ ।।
ନୀଲେନ୍ଦ୍ରମଣି ମୂର୍ତ୍ତେସ୍ତୁ ବିଷ୍ଣୋ ରୂପଂ ଯଥାତଥମ୍ ।
ନୀଲେନ୍ଦ୍ରମଣି ପାଷାଣମୟୀ ମୂର୍ତ୍ତିଃ ପୁରାତନୀ ।
ଇନ୍ଦ୍ରନୀଳ ମୟୋଦେବ ଆସ୍ତେ ଚକ୍ର ଗଦାଧରଃ ।।

ଏଥିରୁ ନୀଳମାଧବଙ୍କ ମୂର୍ତ୍ତି ସମ୍ବନ୍ଧରେରେ ସମ୍ୟକ୍ ସୂଚନା ମିଳେ ।

ଶ୍ରୀଜଗନ୍ନାଥ କ'ଣ ସ୍ୱୟଂ କୃଷ୍ଣ ବାସୁଦେବ ?

ତୈତରୀୟ ଆରଣ୍ୟକରେ ବିଷ୍ଣୁଙ୍କ ଗାୟତ୍ରୀ କଥା ଉଲ୍ଲେଖ ଅଛି । ଯଥା,

'ଓଁ ନାରାୟଣାୟର ବିଦ୍ମହେ, ବାସୁଦେବାୟ ଧୀମହି
ତନ୍ନୋ ବିଷ୍ଣୁଃ ପ୍ରଚୋଦୟାତ୍ ।।

ବିଷ୍ଣୁଙ୍କର ଅନ୍ୟନାମ ବାସୁଦେବ । ସଙ୍କର୍ଷଣଙ୍କର କନିଷ୍ଠ ଭ୍ରାତା କୃଷ୍ଣହିଁ ବାସୁଦେବ । ବାସୁଦେବ **ଶଙ୍ଖ**, ଚକ୍ର, ଗଦା ଓ ପଦ୍ମଧାରୀ । ଶଙ୍ଖ ସମ୍ପଦ ଓ ସମୃଦ୍ଧିର, ଚକ୍ର ବିଶ୍ୱଭାବର, ଗଦା ଶକ୍ତିର ଏବଂ ପଦ୍ମ ପବିତ୍ରତାର ପ୍ରତୀକ ।

ରତ୍ନସିଂହାସନସ୍ଥ ତ୍ରିମୂର୍ତ୍ତି ଯଥା ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ, ବଳରାମ, ଭଗିନୀ ସୁଭଦ୍ରା ଓ କୃଷ୍ଣ ଭାବରେ ବିଭିନ୍ନ ଶାସ୍ତ୍ରରେ ପ୍ରତିପାଦିତ ହୋଇଛନ୍ତି । କେତେକଙ୍କ ମତରେ

ଶ୍ରୀକୃଷ୍ଣଙ୍କ ଅଦଗ୍ଧ ପିଣ୍ଡକୁ ଜଗନ୍ନାଥଙ୍କ ବ୍ରହ୍ମ ଭାବରେ ସ୍ଥାପନ କରାଯାଇଅଛି । ଅବଶ୍ୟ ଏ ମତକୁ ଗ୍ରହଣ କଲେ ଜଗନ୍ନାଥଙ୍କ ସ୍ଥିତି ଦ୍ୱାପର ଯୁଗର ଶେଷରେ ବୋଲି ଗ୍ରହଣ କରିବାକୁ ପଡ଼ିବ । ମାତ୍ର ସତ୍ୟ ଯୁଗର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଜଗନ୍ନାଥ ମର୍ତ୍ତ୍ୟମଣ୍ଡଳରେ ଅବସ୍ଥିତ ହୋଇଥିବା ବିଷୟ ଆମେ ସ୍କନ୍ଦ ପୁରାଣରୁ ଜାଣୁ । ତା'ଛଡ଼ା, ବାଲ୍ମିକୀ ରାମାୟଣରେ ରାମଚନ୍ଦ୍ରଙ୍କର ବିଭୀଷଣ ପ୍ରତି ଉପଦେଶଥିଲା ଆରାଧ୍ୟ ଜଗନ୍ନାଥ ଇକ୍ଷାକୁକୁଳ ଦୈବତମ୍ । ଏହାତ ତ୍ରେତୟା ଯୁଗର କଥା । ସେ ଯାହାହେଉ, କୃଷ୍ଣ ଓ ଜଗ ନ୍ନାଥଙ୍କ ମଧ୍ୟରେ ଅଭିନ୍ନତା ଆଣିବା ପାଇଁ ତାହା ଗୋଟିଏ ଯୁକ୍ତି ହୋଇପାରେ ।

ଭକ୍ତ କବି ବଳରାମ ଦାସଙ୍କ ମତରେ ଶ୍ରୀଜଗନ୍ନାଥ ନିତ୍ୟରାସସ୍ଥଳୀ, ରାମକୃଷ୍ଣାଦି ଅବତାର ଓ ଗୋପମଥୁରା ଆଦି କ୍ଷେତ୍ରର ଉତ୍ପତି ଶ୍ରୀକ୍ଷେତ୍ରରୁ । ପଞ୍ଚସଖାଙ୍କ ମତରେ ଜଗନ୍ନାଥ ନିତ୍ୟକୃଷ୍ଣ ଏବଂ ନୀଳାଚଳ ହେଉଛି ନିତ୍ୟ ଗୋଲକ । ଶ୍ରୀମନ୍ଦିରର ବିଭିନ୍ନ ପର୍ବପର୍ବାଣିରେ କୃଷ୍ଣ ଓ ଜଗନ୍ନାଥଙ୍କ ମଧ୍ୟରେ ଅଭିନ୍ନତା ପ୍ରତିପାଦିତ ହୋଇଅଛି । ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପେ କିଭଳି ଧ୍ୟାନ କରାଯାଏ, ସେଥିମଧ୍ୟରୁ ଗୋଟିଏ ଧ୍ୟାନ ନିମ୍ନରେ ଦିଆଗଲା । ଯଥା,

'ଓଁ ପୀନାଙ୍ଗଂ ଦ୍ୱିଭୁଜଂ କୃଷ୍ଣଂ ପଦ୍ମପତ୍ରାୟ ତେ କ୍ଷଣମ୍ ।
ମହୋରସଂ ମହାବାହୁଂ ପୀତବସ୍ତ୍ରଂ ଶୁଭାନନେ ।।
ଶଙ୍ଖଚକ୍ର ଗଦାପଦ୍ମଂ ମୁକୁଟାଙ୍ଗଦଭୂଷଣମ୍ ।
ସର୍ବଲକ୍ଷଣ ସଂଯୁକ୍ତଂ ବନମାଳା ବିଭୂଷିତମ୍ ।।

ଚନ୍ଦନଯାତ୍ରା, ଝୁଲଣଯାତ୍ରା, ରୁକ୍ମିଣୀ ହରଣ, କୃଷ୍ଣ ଜନ୍ମୋତ୍ସବ, ନବୋତ୍ସବ, ପ୍ରଭୃତି ପର୍ବପର୍ବାଣି, ଯାନିଯାତ୍ରାରେ କୃଷ୍ଣଙ୍କ ଲୀଳା ଶ୍ରୀମନ୍ଦିରରେ ପାଳିତ ହେଉଥିବାରୁ ଶ୍ରୀକୃଷ୍ଣ ଓ ଜଗନ୍ନାଥ ଅଭିନ୍ନ ବୋଲି ମତ ବ୍ୟକ୍ତ କରାଯାଇଥାଏ । କିନ୍ତୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଇଁ ଜଗନ୍ନାଥଙ୍କ ଆଜ୍ଞାମାଳ ଦରକାର ଏବଂ ଜଗନ୍ନାଥଙ୍କ ଅନୁମତି ଦରକାର ବୋଲି ନୀଳାଦ୍ରି ମହୋଦୟରେ ଉଲ୍ଲେଖ ଅଛି । ଯଥା,

'ଇଦାନୀଂ କୃଷ୍ଣଚନ୍ଦ୍ରସ୍ୟ ଜନ୍ମନେ ପଦ୍ମଲୋଚନ
ଆଜ୍ଞାକୁରୁ ମହୋବାହୋ ଦାରୁବ୍ରହ୍ମ ନମୋଽସ୍ତୁତେ' ।।

ଏତଦ୍ ବ୍ୟତୀତ, ଯଥାର୍ଥରେ କୁହାଯାଇଛି ଯେ,

'ଗତିଃ କୃଷ୍ଣେ ମତି କୃଷ୍ଣେ ଗତିର୍ଗଙ୍ଗା ତଟେ ତଟେ ।
ଜୀବିତେ ମରଣେ ବାପି ନୀଳାଚଳ ପତିର୍ଗତିଃ ।।

ଅତଏବ, ସମସ୍ତ ଅବତାର ଓ ସକଳ ତୀର୍ଥ ନୀଳାଦ୍ରିନାଥଙ୍କଠାରୁ ସୃଷ୍ଟ । ସବୁ ସମ୍ପ୍ରଦାୟର ଶ୍ରେଷ୍ଠ ସାଧକ ଗଣ ଶ୍ରୀକ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ସିଦ୍ଧି ଲାଭ

କରିଛନ୍ତି ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଅଛନ୍ତି । ଶ୍ରୀଜଗନ୍ନାଥ ସମସ୍ତଙ୍କର, ସବୁ ସମ୍ପ୍ରଦାୟର, ସବୁ ଧର୍ମର ବୋଲି ମତ ବ୍ୟକ୍ତ କରାଯାଇଅଛି । ସେ ଅନିରୁଦ୍ଧ, ଯାହାଙ୍କୁ ରୁଦ୍ଧ ବା ସୀମିତ କରାଯାଇ ପାରେନା ।

'ଯଥା ଦେହେ ତଥା ଦେବେ' ଶ୍ରୀଜଗନ୍ନାଥଙ୍କ ନିକଟରେ ହିଁ ପ୍ରଯୁଜ୍ୟ । ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ବା ଉତ୍ତମ ପୁରୁଷ । ଶ୍ରୀଜଗନ୍ନାଥଙ୍କ ନୀତି ନିର୍ଘଣ୍ଟ ଯାନି ଯାତ୍ରା ପ୍ରତି ଲକ୍ଷ୍ୟ କଲେ ଜଣାଯାଏ ଯେ ସେ ମଣିଷ ପରି କାର୍ଯ୍ୟ କଳାପ କରନ୍ତି, ଆଚରଣ କରିଥାନ୍ତି । ମଣିଷ ପରି ସେ ଦେହ ତ୍ୟାଗ କରନ୍ତି, ନବକଳେବରର ବିଧାନ ଜଗନ୍ନାଥଙ୍କର ହିଁ ରହିଛି । ନବକଳେବରରେ ବ୍ରହ୍ମ ପୁରାତନ ବିଗ୍ରହ ବର୍ଜନ କରି ନୂତନ ନିର୍ମିତ ଦାରୁ ବିଗ୍ରହରେ ପ୍ରବେଶ କରିଥାନ୍ତି, ଯେପରି ମନୁଷ୍ୟର ମୃତ୍ୟୁପରେ ଆତ୍ମା ଅନ୍ୟଘଟରେ ପ୍ରବେଶ କରେ । ରଥ ଯାତ୍ରା ସମୟରେ ମହାଲକ୍ଷ୍ମୀଙ୍କୁ ଜଗନ୍ନାଥ ନେଉ ନଥିବାରୁ ସେ ଜଣେ ଅଭିମାନିନୀ ଗୃହିଣୀର ଭୂମିକା ଗ୍ରହଣ କରନ୍ତି । ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ବଚସା ହୁଏ । ସେହିପରି ଶ୍ରୀଜଗନ୍ନାଥ ଗ୍ରୀଷ୍ମ ଦିନରେ ଜଳବିହାର କରନ୍ତି, ଫଳରେ ଚନ୍ଦନଯାତ୍ରାର ସୃଷ୍ଟି ହୁଏ । ଶୀତ ଦିନରେ ପାହାନ୍ତି ଭୋଜନ ଆମୋଦଦାୟକ ହୋଇଥିବାରୁ ପହିଲି ଭୋଗର ବ୍ୟବସ୍ଥା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ବସନ୍ତ ଋତୁରେ ଫଗୁଖେଳ ଓ ଦୋଳ ଉତ୍ସବ ବେଶ୍ ଆମୋଦ ଦାୟକ । ଅତ୍ୟଧିକ ସ୍ନାନକରି ଜ୍ୱରରେ ଆକ୍ରାନ୍ତ ହୁଅନ୍ତି ଏବଂ ଔଷଧ ସେବନ କରନ୍ତି । ଏହା ମଧ୍ୟ ଅନୁଧ୍ୟାନ ଯୋଗ୍ୟ । କୁମାର ପୂର୍ଣ୍ଣିମା ରାତ୍ରିରେ ମହାଲକ୍ଷ୍ମୀଙ୍କ ସହ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମାଧବ ଖେଳରେ ପରାସ୍ତ ହୋଇ ମହାଲକ୍ଷ୍ମୀଙ୍କ ନିକଟରେ ସାତ ଦିନ ବନ୍ଧା ହୋଇ ରହିବା ଘଟଣା ବଡ଼ କୌତୁହଳ ଜନକ । ବର୍ଷାଢାଳରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥାଏ ଏବଂ ମଦନମୋହନ, ଲକ୍ଷ୍ମୀ ସରସ୍ୱତୀ ଦୋଳିରେ ବସି ଝୁଲି ବର୍ଷା ଋତୁକୁ ଉପଭୋଗ କରନ୍ତି । ମନୁଷ୍ୟ ପରି ଶ୍ରୀଜଗନ୍ନାଥ ଦୀପଦାନ ଶ୍ରାଦ୍ଧୋତ୍ସବ ପାଳନ କରିବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଅବଶ୍ୟ ଜଗନ୍ନାଥ ଅନାଦି ତଥା ଅନନ୍ତ । ସେ ଜନ୍ମ ରହିତ, ସ୍ୱୟଂ ସୃଷ୍ଟ, ତେଣୁ ତାଙ୍କର ପିତାମାତା ନାହାନ୍ତି । କିନ୍ତୁ ବିଭିନ୍ନ ଯୁଗରେ ସେ ଅବତାର ନେଲା ବେଳେ ତାଙ୍କର ପିତାମାତା ଥିଲେ ଏବଂ ସେମାନଙ୍କ ଉଦ୍ଦେଶ୍ୟରେ ମାର୍ଗଶୀର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରୁ ଶୁକ୍ଳ ପକ୍ଷ ପ୍ରତିପଦା ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଶ୍ରୀମନ୍ଦିରରେ ଦେବ ଦୀପାବଳି ଉତ୍ସବ ଅନୁଷ୍ଠିତ ହୁଏ । ସତ୍ୟଯୁଗର ପିତାମାତା କଶ୍ୟପ ଓ ଅଦିତିଙ୍କୁ, ତ୍ରେତୟା ଯୁଗର ପିତାମାତା ଦଶରଥ କୌଶଲ୍ୟାଙ୍କୁ, ଦ୍ୱାପର ଯୁଗର ପିତାମାତା ବସୁଦେବ ଦେବକୀ, ନନ୍ଦ ଓ ଯଶୋଦାଙ୍କୁ ଏବଂ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଯେ ବିଷ୍ଣୁଙ୍କୁ ମର୍ତ୍ତ୍ୟ ମଣ୍ଡଳରେ ଅବସ୍ଥିତ କରାଇଥିଲେ ଏବଂ ଅପୁତ୍ରିକ ହେବାକୁ ବରଭିକ୍ଷା କରିଥିଲେ ତାଙ୍କ ଉଦ୍ଦେଶ୍ୟରେ ପୁତ୍ର ଭାବରେ ଜଗନ୍ନାଥ ଦୀପଦାନ ଶ୍ରାଦ୍ଧ କରିଥାନ୍ତି । ଏତଦ୍ ବ୍ୟତୀତ, ମନୁଷ୍ୟକୁ ଶୀତଲାଗିଲେ ସେ ଶୀତବସ୍ତ୍ର ପରିଧାନ କରେ । ଶ୍ରୀଜଗନ୍ନାଥ ମଧ୍ୟ ମାର୍ଗଶୀର ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଘୋଡ଼ବସ୍ତ୍ର ଲାଗି ହୁଅନ୍ତି । ରେକଡ଼ ଅଫ୍ ରାଇଟ୍ସ (ସ୍ୱତ୍ୱଲିପି) ଅନୁଯାୟୀ ରବିବାରଦିନ ଲାଲ ରଙ୍ଗର ଘୋଡା, ସୋମବାର ଦିନ କଳାଛିଟ ମିଶା ଶୁକ୍ଳ ଘୋଡ଼,

ମଙ୍ଗଳବାରରେ ପାଞ୍ଚରଙ୍ଗ ମିଶା ଘୋଡ଼, ବୁଧବାରରେ ନୀଳ ରଙ୍ଗର ଘୋଡ଼, ଗୁରୁବାରରେ ବସନ୍ତ ରଙ୍ଗର ଘୋଡ଼, ଶୁକ୍ରବାରରେ ଶୁକ୍ଳ ରଙ୍ଗର ଘୋଡ଼ ଏବଂ ଶନିବାରରେ କଳା ରଙ୍ଗର ଘୋଡ଼ ଲାଗି ହେବାର ବିଧି ଅଛି । ଯାନି ଯାତ୍ରାକୁ ବାଦ ଦେଲେ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିରୁ ଜଣାଯାଏ ଯେ ଶ୍ରୀଜଗନ୍ନାଥଙ୍କର ଅବକାଶ ନୀତି ହେଉଥିବା ବେଳେ ତିନିଠାକୁରଙ୍କୁ ଦାନ୍ତକାଠି ଓ ଜିଭଛେଲା ଦୂରରୁ ଦେଖାଇ ଦାନ୍ତଘଷା ଓ ଜିଭଛେଲା ପରି କରାଯାଏ ଏବଂ କର୍ପୂର, ଦହି, ଅଁଳା ଓ ଚନ୍ଦନ ମିଶ୍ରିତ ଜଳ ଦର୍ପଣମାନଙ୍କଉପରେ ଢ଼ାଳି ଠାକୁରମାନଙ୍କୁ ସ୍ନାନ କରାଯାଏ । ମନୁଷ୍ୟଙ୍କ ପରି ଶ୍ରୀଜଗନ୍ନାଥ ମଧ୍ୟ ଗ୍ରହ ନକ୍ଷେତ୍ରଙ୍କ ପ୍ରଭାବରୁ ଯେହେତୁ ମୁକ୍ତ ନୁହଁନ୍ତି, ସେଥିପାଇଁ ଅବକାଶ ନୀତି ହେଉଥିବା ସମୟରେ ଜ୍ୟୋତିଷ ଠାକୁରମାନଙ୍କର ରାଶିନକ୍ଷେତ୍ର ଗଣନା କରି ସେହ ଦିନର ନକ୍ଷତ୍ର ପ୍ରଭାବ ଇତ୍ୟାଦି ଶୁଣାନ୍ତି । ଜଣାଯାଏ ଯେ ବଳଭଦ୍ରଙ୍କର ରାଶିନକ୍ଷତ୍ର ହେଉଛି ଶ୍ରବଣା ମକର, ସୁଭଦ୍ରାଙ୍କର ଜ୍ୟେଷ୍ଠାବିଛା ଏବଂ ଜଗନ୍ନାଥଙ୍କର ରୋହିଣୀ ବୃଷ । ଅତଏବ ଗ୍ରହରୂପୀ ଜନାର୍ଦ୍ଦନଙ୍କୁ ମଧ୍ୟ କିପରି ଗ୍ରହପୀଡା ହୁଏ ଏବଂ ତା'ର ନିରାକରଣ ପାଇଁ ନକ୍ଷତ୍ର ବନ୍ଦାପନାର ବ୍ୟବସ୍ଥା କିପରି ଶ୍ରୀମନ୍ଦିରରେ ପାଳିତ ହୁଏ, ଏହା ଲୋକଶିକ୍ଷାମୂଳକ । ଏ ସମସ୍ତରୁ ପୁରୁଷଶ୍ରେଷ୍ଠ ଜଗନ୍ନାଥ କିପରି ମନୁଷ୍ୟ ପରି ଆଚରଣ କରନ୍ତି, ତାହାର ସାମାନ୍ୟ ସୂଚନା ମିଳେ ।

ସର୍ବୋଚ୍ଚ ତଥା ସର୍ବୋତ୍ତମ ପ୍ରଶାସକ ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥ ସୃଷ୍ଟି, ସ୍ଥିତି ଓ ବିଲୟର ସର୍ବୋଚ୍ଚ ନିୟନ୍ତା ହୋଇଥିଲେ ସୁଦ୍ଧା, ସ୍ଥିତି ବା ପାଳନ କରିବାର ଦାୟିତ୍ୱ ଉପରେ ତାଙ୍କର ପ୍ରାଧାନ୍ୟ ବେଶୀ । ପ୍ରଶାସନ କ୍ଷେତ୍ରରେ ସେ ସର୍ବମୟ କର୍ତ୍ତା । ତେଣୁ ସେ ସର୍ବୋଚ୍ଚ ପ୍ରଶାସକ ଏବଂ ତାଙ୍କର ବିଚକ୍ଷଣ ପ୍ରଶାସନ ଯୋଗୁ ସେ ସର୍ବୋତ୍ତମ ପ୍ରଶାସକ ମଧ୍ୟ । ସାମ୍ୟ, ମୈତ୍ରୀ, ଭ୍ରାତୃତ୍ୱ ତଥା ମାନବବାଦର ସୂଚନା ତାଙ୍କର ପ୍ରଶାସନରୁ ମିଳିଥାଏ । ଶ୍ରମର ବିଭକ୍ତିକରଣ ବା ବିଭାଜନ, ଶ୍ରମର ମର୍ଯ୍ୟାଦା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପରି କେତେକ ମୌଳିକ ନୀତି ତାଙ୍କ ପ୍ରଶାସନର ବିଭିନ୍ନ ଦିଗ । ଶ୍ରୀଜଗନ୍ନାଥଙ୍କ ଚକା ଆଖି ସମସ୍ତଙ୍କୁ ସମଦୃଷ୍ଟି ଦେଇଥାଏ । ଜାତିବର୍ଣ୍ଣ ନିର୍ବିଶେଷରେ ଏକାପତ୍ରରେ ମହାପ୍ରସାଦ ସେବା କରିବା ବ୍ୟବସ୍ଥାରୁ ସାମ୍ୟବାଦର କାର୍ଯ୍ୟକାରୀତା ସମନ୍ଧରେ ବେଶ୍ ଧାରଣା କରିହୁଏ । 'ମହାନିର୍ବାଣ ତନ୍ତ୍ର'ରେ ଉଲ୍ଲେଖ ଅଛି ।

'ଜାତି ଭେଦୋ ନ କର୍ତ୍ତବ୍ୟଃ ପ୍ରସାଦେ ପରମାତ୍ମନଃ' ମହାଭାବରେ ଅଭିଭୂତ ହେଲେ ଅପବିତ୍ରତା ଆପେ ଆପେ ଅପସରି ଯାଏ । ଶ୍ରମରମର୍ଯ୍ୟାଦା ପରି ନୀତିର ତାତ୍ପର୍ଯ୍ୟ ବୁଝିବାକୁ ହେଲେ ପୁରୁଷୋତ୍ତମ ଉପାସନା ସମ୍ବନ୍ଧରେ ଧାରଣା କରିବା ଉଚିତ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ଜଣେ ଶ୍ରେଷ୍ଠ ପୁରୁଷ । ଜଗନ୍ନାଥ କହିଲେ ଜଗତର ପ୍ରଭୁ ବା ବିଗ୍ରହାନୁଗ୍ରହ ସମର୍ଥ ବିଭୂତିମନ୍ତ ବିଭୁ ନୁହଁନ୍ତି, ବରଂ ସେ ଜଗତ ରୂପକ ପୁରୁଷର ଉତ୍ତମ ବା ଶ୍ରେଷ୍ଠ ସ୍ୱରୂପ । ସେହି ଜଗତସ୍ୱରୂପ ପୁରୁଷର ବା ପୁରୁତ୍ତୋମର ସୁଖଦୁଃଖରେ

ନିଜେ ସୁଖୀ ଦୁଃଖୀ ହୋଇପାରିଲେ, ଅର୍ଥାତ୍ ସମଗ୍ର ବିଶ୍ୱର ଅନୁଭବ ସଙ୍ଗରେ ନିଜର ଅନୁଭବକୁ ସାମିଲ କରିପାରିଲେ, ତାହା ହିଁ ହେବ ଜଗନ୍ନାଥଙ୍କର ଉପାସନା । ତେଣୁ ଜଗନ୍ନାଥ ଧର୍ମର ପୁରୁଷୋତ୍ତମ ଚେତନା ଭିତରେ ରହିଛି ବିଶ୍ୱୈକପ୍ରାଣତା, ବିଶ୍ୱ ପୁରୁଷ, ଅନନ୍ତପୁରୁଷ ସତ୍ତାର ନିର୍ଯ୍ୟାସ । ସେଥିପାଇଁ, ଜଗନ୍ନାଥ ଧର୍ମ ଓ ଉପାସନାରେ ଅନୁପ୍ରାଣିତ ହେଲେ ଜନତାର ସେବା ଲାଗି ପ୍ରୟୋଜନ ହେଉଥିବା କୌଣସି କାର୍ଯ୍ୟକୁ ଘୃଣ୍ୟ କାର୍ଯ୍ୟ ବୋଲି ବିଚେଚନା କରିବାର ଅବକାଶ ରହେ ନାହିଁ । ଯଦି ଓଡ଼ିଆ ଜାତିର ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ଆଦ୍ୟ ତଥା ପ୍ରଧାନ ସେବକ ଗଜପତି ମହରାଜା ଝାଡୁଦାରର କାର୍ଯ୍ୟ 'ଛେରାପହଁରା' କରି ପରମ ଗୌରବ ଲାଭ କରିଥାନ୍ତି, ତେବେ ଜଗନ୍ନାଥଙ୍କ ପ୍ରଶାସନରୁ ଶ୍ରମର ମର୍ଯ୍ୟାଦା ପରି ଏକ ଉଚ୍ଚ ଚିନ୍ତା ଧାରାର ସୂଚନା ମିଳେ ନାହିଁ କି ? ଏହା ସାମାଜିକ ବୈଷମ୍ୟ, ଜାତିଭେଦ, ଉଚ୍ଚନୀଚ ଭେଦ ଭାବ ଓ ହୀନ ମନ୍ୟତା ଦୂର କରିବାରେ ସହାୟକ ହୋଇଥାଏ । ଜଣେ ଉଚ୍ଚମାନର ପ୍ରଶାସକ ବେଶୀ ଶୁଣନ୍ତି, କମ୍ କଥା କହନ୍ତି । ଶ୍ରୀଜଗନ୍ନାଥ ଅକର୍ଣ୍ଣ ହେଲେ ବି ସେ ସର୍ବଶ୍ରୋତା ମାତ୍ର ସେ ମୁକ ପରି ବସିରହିଥାନ୍ତି । ଶ୍ରୀମନ୍ଦିରର ନୀତି ନିର୍ଘଣ୍ଟ ଲକ୍ଷ୍ୟ କଲେ ଜଣାଯାଏ ଯେ ଶ୍ରୀଜଗନ୍ନାଥଙ୍କ ଭୋଗ ପୂର୍ବରୁ ଦ୍ୱାରପାଳ ପୂଜା ଅନୁଷ୍ଠିତ ହୁଏ । ନିଜର ଅଧସ୍ତନ କର୍ମଗ୍ୱରୀଙ୍କ ପ୍ରତି କିଭଳି ଗୁରୁତ୍ୱ ଦିଆଯିବା ଉଚିତ, ସେମାନଙ୍କ ସୁଖ ଦୁଃଖରେ କିଭଳି ସାମିଲ ହେବା ଦରକାର ଏ ସମସ୍ତ ବିଷୟ ତାଙ୍କର ପ୍ରଶାସନରୁ ଶିକ୍ଷାମିଳେ । ପ୍ରଶାସନ କ୍ଷେତ୍ରରେ ସେ ସର୍ବୋଚ୍ଚ କର୍ତ୍ତା ଏବଂ ସମସ୍ତ ଦେବ ଦେବୀ ତାଙ୍କର ଅଧସ୍ତନ କର୍ମଗ୍ୱରୀ । ଶ୍ରୀମନ୍ଦିର ନୀତିରୁ ଜଣାଯାଏ ଯେ ମହାଦେବ ଲୋକନାଥ ଭଣ୍ଡାର ରକ୍ଷକ ଭାବରେ, ମହାଦେବ ଯମେଶ୍ୱର ହିସାବ ରକ୍ଷକ ଭାବରେ, ମହାଦେବ ଅଗ୍ନୀଶ୍ୱର ପାକ ବିଶୋଧକ ଭାବରେ ଏବଂ ଭଦ୍ରକାଳୀ ବେଢ଼ା ରକ୍ଷାକର୍ତ୍ତ୍ରୀ ଭାବରେ ଏବଂ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବିମଳା, ସର୍ବମଙ୍ଗଳା ଓ ଅର୍ଦ୍ଧାଶନୀ ରତ୍ନ ସିଂହାସନର ରକ୍ଷାକର୍ତ୍ତ୍ରୀ ଭାବରେ ଦାୟିତ୍ୱ ସମ୍ପନ୍ନ କରିଥାନ୍ତି । ଗର୍ବଗଞ୍ଜନ ଶ୍ରୀଜଗନ୍ନାଥଙ୍କର ଏକ ମୌଳିକ ନୀତି । ମନୁଷ୍ୟ କିବା ଛାଇ, ଦେବ ଦେବୀ ଗଣ ମଧ୍ୟ ଦାୟିତ୍ୱ ତୁଲାଇବାରେ ଅବହେଳା କଲେ ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିଥାଏ ।

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଏକ ଚେତନାର ଓ ଚିନ୍ତାଧାରାର ସଙ୍କେତ । ସେ ଆଦ୍ୟଦେବ ଓ ସ୍ୱୟଂ ସୃଷ୍ଟ । ଶାନ୍ତି, ମୈତ୍ରୀ, ସାମ୍ୟ, ବିଶ୍ୱପ୍ରେମ ତଥା ଅନନ୍ତ ବ୍ୟାପ୍ତିର ସେ ପ୍ରତୀକ । ଶ୍ରୀଜଗନ୍ନାଥ ମହାନ୍ ଏବଂ ତାଙ୍କ କ୍ଷେତ୍ରରେ ସବୁ ମହାନ୍ । ସେ ବଡ଼ ଠାକୁର, ତାଙ୍କ ମନ୍ଦିର ବଡ଼ ଦେଉଳ, ତାଙ୍କ ଦାଣ୍ଡ ବଡ ଦାଣ୍ଡ, ତାଙ୍କ ପଣ୍ଡା ବଡ଼ ପଣ୍ଡା, ତାଙ୍କ ଦୀପ ମହାଦୀପ, ଉଦଧି ମହୋଦଧି ଏବଂ ପ୍ରସାଦ ମହାପ୍ରସାଦ । ସେହିପରି, ତାଙ୍କ ସିଂହାସନ ରତ୍ନ ସିଂହାସନ ଏବଂ କୂଅ ସୁନାକୂଅ । ତେଣୁ ଜଗନ୍ନାଥ ଚେତନା ଭିତରେ କ୍ଷୁଦ୍ରତା ବା ସଂକୀର୍ଣ୍ଣତାର ସ୍ଥାନ ନାହିଁ । ଜଗତରେ କେହି ଅନାଥ ବା ନିରାଶ୍ରୟ ନ ରହନ୍ତୁ, ଏହି ଆଶ୍ୱାସନା ଜଗନ୍ନାଥ ନାମରୁ ସୂଚୀତ ହୁଏ ।



ଦଶମ ଅଧ୍ୟାୟ

ଅପାଣିପାଦୋଽହଂ ଅଚିନ୍ତ୍ୟଶକ୍ତିଃ

ଶ୍ରୀଜଗନ୍ନାଥ ବିଶ୍ୱବ୍ରହ୍ମାଣ୍ଡର କର୍ତ୍ତା ଏବଂ ସମସ୍ତଙ୍କର ଆଶ୍ରୟସ୍ଥଳ। ସେ ରହସ୍ୟମୟ, ସର୍ବଶକ୍ତିମାନ, ଜଗନ୍ନାୟ, ଅନାଦି ତଥା ଅନନ୍ତ, ସର୍ବଭୂତର ଆତ୍ମା ଏବଂ ସର୍ବପ୍ରାଣୀ ହିତକାରୀ ବୋଲି ପ୍ରତିପାଦିତ। ଏଭଳି ଠାକୁର ଏକ କିମ୍ଭୂତ କିମାକାର ରୂପରେ କାହିଁକି ଯେ ବିଦ୍ୟମାନ, ତାହା ସାଧାରଣ ମନୁଷ୍ୟ ପକ୍ଷରେ ବୋଧ ଗମ୍ୟ ହେବା କଷ୍ଟକର। ପରମେଶ୍ୱର ସ୍ୱୟଂ ବିଶ୍ୱକର୍ମା ରୂପରେ ନିଜର ମୂର୍ତ୍ତି ଗଠନ କରିଥିବା ବିଷୟ ବିଭିନ୍ନ ପୁରାଣରୁ ସୂଚନା ମିଳେ। ମହାପ୍ରଭୁ ନିଜର ରୂପକୁ ନିଜେ ଏଭଳି ଅପୂର୍ଣ୍ଣାଙ୍ଗ କରିବା ପଛରେ ଯେ ନିଶ୍ଚିତ କିଛି ଉଦ୍ଦେଶ୍ୟ ଅଛି, ଏହା ନିଃସନ୍ଦେହ। ଜଗନ୍ନାଥ ମୂର୍ତ୍ତି ମଧ୍ୟରେ କଳା ଭାସ୍କର୍ଯ୍ୟର ଗାରିମା ନାହିଁ ସତ, କିନ୍ତୁ ଏହା ଭିତରେ କି ଆକର୍ଷଣୀୟତା ଅଛି, ଯାହାଙ୍କ ଦର୍ଶନରେ ଦେହ ଶିହରି ଉଠେ, ତାହା ଅନୁଭବି ହିଁ କେବଳ ଜାଣେ। ବର୍ଷାସାରା କୋଟି କୋଟି ଲୋକ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ନାନାକଷ୍ଟ ସ୍ୱୀକାର କରି, ଅତ୍ୟନ୍ତ ଖର୍ଚ୍ଚାନ୍ତ ହୋଇ ଶ୍ରୀକ୍ଷେତ୍ରକୁ ଆସୁଥିବା ଲକ୍ଷ୍ୟ କରାଯାଇଥାଏ। ଜଗନ୍ନାଥ ଧାମକୁ ଆସିବା ପାଇଁ କିଏ କାହାକୁ ନିମନ୍ତ୍ରଣ କରେ ନାହିଁ କି ପ୍ରଚାର କରାଯାଏ ନାହିଁ। ତଥାପି ଅଗଣିତ ଲୋକଙ୍କର ସୁଅ ଛୁଟିଥାଏ। ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିକୁ ଯେପରି ଭାବରେ ବିଶ୍ଳେଷଣ କଲେ ତାହା ସେହିପରି ଭାବରେ ପ୍ରତିପାଦିତ ହୋଇଥାଏ। ଥରେ ଲଣ୍ଡନରେ ଅତ୍ୟାଧୁନିକ ଫଟୋ ଚିତ୍ରର ଏକ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଜଣେ ଭାରତୀୟ ଛାତ୍ର ଜଗନ୍ନାଥଙ୍କର ଏକ ଚିତ୍ର ଅଙ୍କନ କରି ପ୍ରଥମସ୍ଥାନ ଲାଭ କରିଥିଲେ। ପାଶ୍ଚାତ୍ୟ ଲେଖକ ଏଡ୍‌ୱାର୍ଡ଼ ଥମ୍ପସନ ଜଗନ୍ନାଥ ମୂର୍ତ୍ତି ଓ ମନ୍ଦିରକୁ କୁତ୍ସିତ ବୋଲି ଆକ୍ଷେପ କରିଥିବା ଜଣାଯାଏ। ତାଙ୍କ ମତରେ, ''ଦୁର୍ନାମରେ ପ୍ରସିଦ୍ଧ ଜଗନ୍ନାଥ ତୀର୍ଥ, ଯେଉଁଠାରେ ଅଛି ଏକ କୁତ୍ସିତ ମନ୍ଦିର, ସେଠାରେ କିମ୍ଭୂତ କିମାକାର ଲୋକେ କୁତ୍ସିତତାକୁ ଈଶ୍ୱରଙ୍କ ଗୁଣ ବୋଲି ମନେ କରି ପୂଜା କରନ୍ତି ଓ ବ୍ରାହ୍ମଣ୍ୟ ଧର୍ମ ପୁଣି ଏ ପୂଜାକୁ ଆଧୁନିକ ଜଗତର ଅନ୍ୟଧର୍ମଠାରୁ ବଡ଼ ବୋଲି ଗର୍ବ କରେ''। ଶ୍ରୀଜଗନ୍ନାଥ ମୂର୍ତ୍ତି କାହାକୁ କୁତ୍ସିତ କଦାକାର ଦିଶେତ, ଅନ୍ୟ କାହାକୁ ଶାନ୍ତାକାର, ମନୋହର ତଥା ଲାବଣ୍ୟମୟ ଦେଖାଯାଏ। ହଳଦିଆ ଚଷମା ପିନ୍ଧିଥିବା ଲୋକକୁ ସେ ହଳଦିଆ, କୁତ୍ସିତ ମନ ନେଇ ଆସିଥିବା ଲୋକ ପାଇଁ ସେ କୁତ୍ସିତ କଦାକାର, ଶତ୍ରୁ ମନ ନେଇ ଆସିଥିବା ଲୋକ ପାଇଁ ସେ ଏକ ଉଗ୍ରଭୈରବ ମୂର୍ତ୍ତି କିନ୍ତୁ ଭକ୍ତ ପାଇଁ ସେ ଅତିସୁନ୍ଦର ତଥା ଆକର୍ଷଣୀୟ।

ଶ୍ୱେତାଶ୍ୱେତରୋପନିଷଦରେ ଶ୍ରୀପୁରୁଷୋତ୍ତମଙ୍କର ରୂପ ଓ ଗୁଣ ବର୍ଣ୍ଣନା କରାଯାଇଛି। ପୁରୁଷୋତ୍ତମ ହେଉଛନ୍ତି ଅପାଣି, ଅପାଦ ଅଚକ୍ଷୁ ଓ ଅକର୍ଣ୍ଣ। ଅର୍ଥାତ୍, ତାଙ୍କର ହାତ ନାହିଁ, ଗୋଡ଼ ନାହିଁ, କାନ ନାହିଁ କି ଆଖି ନାହିଁ। ଚକ୍ଷୁ ନଥାଇ ସୁଦ୍ଧା ସେ ସର୍ବଦର୍ଶୀ, କର୍ଣ୍ଣ ନଥାଇ ସୁଦ୍ଧା ସେ ସର୍ବଶ୍ରୋତା, ପାଦ ନଥାଇ ସେ ସର୍ବଗାମୀ ଏବଂ ହାତ ନଥାଇ ସୁଦ୍ଧା ସେ

ସମସ୍ତଙ୍କୁ ଧରି ରଖିଛନ୍ତି । ଯାହା ଜାଣିବାର କଥା ସେ ସବୁ ଜାଣନ୍ତି କିନ୍ତୁ ତାଙ୍କୁ କେହି ଜାଣି ପାରନ୍ତି ନାହିଁ । ଏହି ଆରାଧ୍ୟ ପରମ ପୁରୁଷ ହେଉଛନ୍ତି ଶ୍ରୀ ପୁରୁଷୋତ୍ତମ । ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ନାମରେ ଖ୍ୟାତ । ତାଙ୍କର ପାଦ ନାହିଁ ଦୁଇଟି ସମାନ୍ତରାଳ ରେଖା ଯାହା ପୁଣି ଅପୂର୍ଣ୍ଣାଙ୍ଗ ସେ ତାଙ୍କର ହାତ, କାନ ନାହିଁ ଏବଂ ଦୁଇଟି ଗୋଲକକୁ ଆଖି ବୋଲି କୁହାଯାଇଥାଏ । ଶ୍ରୀଜଗନ୍ନାଥ ପୁଣି ଭୁଲତାବିହୀନ ଅପଲକ ଚକା ନୟନ । ଏପରି ରୂପରେ ଶ୍ରୀଜଗନ୍ନାଥ କାହିଁକି ବିରାଜମାନ, ଏ ସମ୍ବନ୍ଧରେ ସାମାନ୍ୟ ସୂଚନା ଦେବା ଉକ୍ତ ଅଧ୍ୟାୟର ମୂଳ ଲକ୍ଷ୍ୟ । ଅବଶ୍ୟ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ କୌଣସି ସିଦ୍ଧାନ୍ତରେ ଉପନୀତ ହେବା ଧୃଷ୍ଟତା ମାତ୍ର, ତଥାପି ମନୁଷ୍ୟ କିଭଳି ଭାବରେ ଚିନ୍ତା କରିଛି ସେ ବିଷୟରେ ସୂଚନା ଦିଆଯାଉ ।

ଚକା ଆଖି କାହିକି ?

ଶ୍ରୀଜଗନ୍ନାଥଙ୍କ ମୁଖ ମଣ୍ଡଳକୁ ଅବଲୋକନ କଲେ ଦୁଇଟି ବଡ଼ ବଡ଼ ଚକା ଆଖି ପ୍ରଥମତଃ ଦୃଷ୍ଟିକୁ ଆସିଥାଏ । ଭକ୍ତର ଆଖି ସେ ଚକାଆଖିରେ ଲାଖିଯାଏ । ସେ ଆଖି ଫେରାଇ ପାରେ ନାହିଁ । ତାଙ୍କର ଆଖି ଗୋଲାକାର ହେବାର କାରଣ କ'ଣ ?

ପ୍ରଥମତଃ, ଶ୍ରୀଜଗନ୍ନାଥଙ୍କ ଦୁଇ ଚକ୍ଷୁ ହେଉଛନ୍ତି ରବି ଓ ଚନ୍ଦ୍ର । ସେ ରବି ଲୋଚନ ତଥା ଚନ୍ଦ୍ର ଲୋଚନ । ଶ୍ରୀଜଗନ୍ନାଥଙ୍କ ଦକ୍ଷିଣ ଚକ୍ଷୁ ରବି ବା ସୂର୍ଯ୍ୟ ଓ ବାମ ଚକ୍ଷୁ ହେଉଛନ୍ତି ଚନ୍ଦ୍ର । ଅର୍ଜୁନ ଯେତେବେଳେ ବିଶ୍ୱରୂପ ଦର୍ଶନ କରୁଥିଲେ ସେ ଦେଖିଥିଲେ ଯେ ପରମାତ୍ମାଙ୍କ ଦୁଇ ଚକ୍ଷୁ ରବି ଓ ଚନ୍ଦ୍ର । ଶ୍ରୀମଦ୍ ଭଗବତ ଗୀତାର ଏକାଦଶ ଅଧ୍ୟାୟ ବିଶ୍ୱରୂପ ଦର୍ଶନ ଯୋଗରେ ବର୍ଣ୍ଣନା ଅଛି ।

ଅନାଦି ମଧ୍ୟାନ୍ତ ମନନ୍ତବୀର୍ଯ୍ୟମ୍
ଅନନ୍ତ ବାହୁଂ ଶଶିସୂର୍ଯ୍ୟନେତ୍ରମ୍ ।

ବିଶ୍ୱରୂପର ଆଦିଅନ୍ତ ;ନାହିଁ, ସେ ଅନନ୍ତ ଶକ୍ତିଶାଳୀ । ତାଙ୍କର ଅନନ୍ତ ବାହୁ ଏବଂ ଚକ୍ଷୁ ଦୁଇଟି ଶଶି ଓ ସୂର୍ଯ୍ୟଙ୍କ ପରି ଗୋଲାକାର ତଥା ଦୀପ୍ତିମନ୍ତ । ସେହିପରି ବିଷ୍ଣୁ ସହସ୍ର ନାମରେ ଉଲ୍ଲେଖ ଅଛି, 'ରବିର୍ବିରୋଚନଃ ସୂର୍ଯ୍ୟଃ ସବିତା ରବିଲୋଚନଃ ।' ସୂର୍ଯ୍ୟ ଓ ଚନ୍ଦ୍ର ଗୋଲାକାର । ସେମାନେ ଆଲୋକ ପ୍ରଦାନ କରି ତିମିରକୁ ଦୂରୀଭୂତ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କର ଦୁଇ ଚକ୍ଷୁ ଚନ୍ଦ୍ର ଓ ସୂର୍ଯ୍ୟ ହୋଇଥିବାରୁ ତାହା ଗୋଲାକାର ହେବା ସ୍ୱାଭାବିକ । ଶ୍ରୀଜଗନ୍ନାଥ ମଧ୍ୟ ଜ୍ଞାନ ସ୍ୱରୂପ ଏବଂ ଜ୍ଞାନାଲୋକର ଉତ୍ସ । ଜ୍ଞାନାଲୋକ ପ୍ରଦାନ କରିବା ତାଙ୍କର ଲକ୍ଷ୍ୟ । ସମସ୍ତ ସିଦ୍ଧ ସାଧକ ଶ୍ରୀକ୍ଷେତ୍ରକୁ ଆସି ଜଗନ୍ନାଥଙ୍କୁ ଦର୍ଶନ କରି ଦିବ୍ୟ ଜ୍ଞାନ ଆହରଣ କରିଥାନ୍ତି ଏବଂ ସିଦ୍ଧିତ୍ୱ ଲାଭ କରିଥାନ୍ତି । ଶ୍ରୀ କ୍ଷେତ୍ର ହେଉଛି ସିଦ୍ଧ ସାଧକଙ୍କର ସାଧନା ପୀଠ । ସେଥିପାଇଁ ଯଥାର୍ଥରେ କୁହାଯାଇଛି ।

'ସାଧୁ ସଜ୍ଜନଙ୍କର ସାଧନା ପୀଠ।
କାଳେ କାଳେପରିଚିତ ଶ୍ରୀକ୍ଷେତ୍ର।।
ବ୍ରହ୍ମାଣ୍ଡ କରତା ଶ୍ରୀଜଗନ୍ନାଥ।
ଏ କ୍ଷେତ୍ରୁ ଜଗତେ ଦେଖାନ୍ତି ପଥ।।
ସବୁଥିରେ ବଡ଼ ଶ୍ରୀକ୍ଷେତ୍ର ଧାମ।
ଯେଣୁ ବିରାଜନ୍ତି ପୁରୁଷୋତ୍ତମ।।

ଦ୍ୱିତୀୟତଃ, କୌଣସି ଏକ ଗୋଲକର ଆଦ୍ୟ ଓ ଅନ୍ତ ଜାଣି ହୁଏ ନାହିଁ। କେଉଁଠାରୁ ଏହାର ଆରମ୍ଭ ଏବଂ କେଉଁଠାରରେ ଏହାର ପରିସମାପ୍ତି କହିବା କଷ୍ଟକର। ଶ୍ରୀଜଗନ୍ନାଥ ଅନାଦି ତଥା ଅନନ୍ତ ବୋଲି ବିଦିତ। ଯେଉଁ ଦିନ ଜଣେ ଜନ୍ମ ଲାଭ କରେ ସେହି ଦିନରୁ ତାହାର ଆରମ୍ଭ ଏବଂ ମୃତ୍ୟୁବରଣ କରିବା ଦିନ ତାହାର ଶେଷ ବୋଲି ବିଗ୍ଦର କରାଯାଏ। ଜଗନ୍ନାଥ ଅଜନ୍ମା, ସ୍ୱୟଂ ସୃଷ୍ଟ ହୋଇଥିବାରୁ ତାଙ୍କର ଆଦି ନାହିଁ କି ଅନ୍ତ ମଧ୍ୟ ନାହିଁ। ଜଗନ୍ନାଥଙ୍କର ପିତା ନାହାନ୍ତି କି ମାତା ମଧ୍ୟ ନାହାନ୍ତି। ତେଣୁ ଜଗନ୍ନାଥ ଅନାଦି, ଅନନ୍ତ, ଅସୀମ ହୋଇଥିବାରୁ ତାଙ୍କର ଅନାଦିତ୍ୱ, ଅନନ୍ତତ୍ୱ ଓ ଅସୀମତାକୁ ପ୍ରମାଣ କରେ ତାଙ୍କର ଗୋଲାକାର ଚକ୍ଷୁ।

ତୃତୀୟତଃ, ଏକ ଗୋଲକ ସବୁ ଦିଗରୁ ସମାନ ବୋଲି ବିବେଚିତ ହୁଏ। ଏହାର ମଧ୍ୟ ବିନ୍ଦୁରୁ ପରିସୀମାର ଦୂରତ୍ୱ ସର୍ବତ୍ର ସମାନ। ଶ୍ରୀଜଗନ୍ନାଥଙ୍କ ଚକାଆଖି ସୂଚନା ଦିଏ ଯେ, ସେ ସାମ୍ୟବାଦରେ ବିଶ୍ୱାସ କରନ୍ତି। ଧନୀ ନିର୍ଦ୍ଧନ, ଜ୍ଞାନୀ ଅଜ୍ଞାନ, ବ୍ରାହ୍ମଣ ଗୃଣ୍ଡାଳ, ରାଜା ପ୍ରଜା, ପ୍ରତ୍ୟେକ ତାଙ୍କ ନିକଟରେ ସମାନ। ସେ ସମସ୍ତଙ୍କୁ ସମଦୃଷ୍ଟି ଦେଇଥାନ୍ତି। ସାମ୍ୟବାଦର ମୂଳତତ୍ତ୍ୱ ହେଲା ସମସ୍ତଙ୍କ ପାଇଁ ସମାନ ସୁବିଧା ସୁଯୋଗ ଯୋଗାଇ ଦେବା। ଯେକୌଣସି ସ୍ଥାନରେ ଠିଆ ହୋଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ପ୍ରତ୍ୟେକଙ୍କର ହୃଦ୍‌ବୋଧ ହୁଏ ଯେ ଜଗନ୍ନାଥ ସେ ବ୍ୟକ୍ତି ବିଶେଷଙ୍କୁ ଗ୍ରହିଁ ରହିଛନ୍ତି। ଗୋଲାକାର ଚକ୍ଷୁ ହୋଇଥିବାରୁ ସେ ସମଦୃଷ୍ଟି ଦେଉଛନ୍ତି ବୋଲି ଆମେ ଧାରଣା କରିପାରୁ। ଏହିଁସବୁ କାରଣରୁ ଜଗନ୍ନାଥଙ୍କ ଚକ୍ଷୁ ଗୋଲାକାର ବୋଲି ଯୁକ୍ତି ଉପସ୍ଥାପିତ ହୋଇଥାଏ।

ଭ୍ରୂଲତାରହିତ ଅପଲକ ନେତ୍ର କାହିଁକି ?

ଜଗନ୍ନାଥଙ୍କ ଗୋଲାକାର ଚକ୍ଷୁର ଉପରି ଭାଗରେ ଭ୍ରୂଲତା ନଥାଏ ଏବଂ ତାଙ୍କର ପଲକ ପଡୁ ନଥିବାରୁ ସେ ଅପଲକ ନେତ୍ର। ଭ୍ରୂଲତା ମୁଖ ମଣ୍ଡଳର ଶ୍ରୀବୃଦ୍ଧି କରେ ଏବଂ ଶୟନ କାର୍ଯ୍ୟରେ ସହାୟତା କରେ। ଭ୍ରୂଲତା ନଥିଲେ ସୁଦ୍ଧା ଜଗନ୍ନାଥଙ୍କ ମୁଖର ଶୋଭା ଅତୁଳନୀୟ। କଳାମୁଖରେ ଧଳାଚକ୍ଷୁ ଅନ୍ଧକାର ଆକାଶରେ ବିଜୁଳି ଶୋଭା ପାଇବା ପରି ମହାପ୍ରଭୁଙ୍କ ଶ୍ରୀମୁଖକୁ ଆକର୍ଷଣୀୟ କରିଥାଏ ଏବଂ ଭକ୍ତ ସମାଜ ଏଥିଯୋଗୁ ବିଭୋର ହୋଇପଡ଼ନ୍ତି। ଯେତେ ଦେଖୁଥିଲେ ସୁଦ୍ଧା ଆଖିର ସ୍ୱାଦ ମେଣ୍ଟେ ନାହିଁ। ବର୍ତ୍ତମାନ ପ୍ରଶ୍ନ ଉଠେ

ଜଗନ୍ନାଥଙ୍କର ଚକ୍ଷୁ ଭୂଲତା ନାହିଁ କାହିଁ କି ? ଅନୁସନ୍ଧାନରୁ ଜଣାପଡ଼େ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ଚୀର ଜାଗ୍ରତ । ତାଙ୍କର ସୁପ୍ତାବସ୍ଥା ନାହିଁ । ଦିନସାରା ଏବଂ ରାତିରେ ପହୁଡ଼ ହେବା ପର୍ଯ୍ୟନ୍ତ ମାନବ ଭକ୍ତମାନଙ୍କୁ ଦର୍ଶନ ଦେଇ ସେମାନଙ୍କର ଅଳି ଅର୍ଦଳି ଶୁଣି ଉଚିତ ନିଷ୍ପତ୍ତି ଦେଇଥାନ୍ତି । ରାତ୍ରିରେ ପହୁଡ଼ ହେବା ପରେ ଜଗନ୍ନାଥଙ୍କର ନିଦ୍ରା ଯିବାର ଅବକାଶ ନଥାଏ । ସମସ୍ତ ଦେବ ଦେବୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସୁଥିବା ଘଟଣା ଶ୍ରୀମନ୍ଦିରର ବିଭିନ୍ନ କିମ୍ବଦନ୍ତୀରୁ ଜଣାଯାଏ । ଏ ସମସ୍ତ ଦେବ ଦେବୀ ଶ୍ରୀଜଗନ୍ନାଥଙ୍କ ପ୍ରଶାସନ କାର୍ଯ୍ୟରେ ଅଧସ୍ତନ କର୍ମଗ୍ୱରୀ ଭାବରେ ସହାୟତା କରିଥାନ୍ତି । ତେଣୁ ସେ ଦିନ ରାତି ଅହରହ କାର୍ଯ୍ୟରତ ଥିବାରୁ ଆଖିର ପଲକ ପକାଇବାର ଅବକାଶ ରହେନାହିଁ । ଅତଏବ, ଶ୍ରୀଜଗନ୍ନାଥଙ୍କ ଚକ୍ଷୁ ଗୋଲାକାର, ଚକ୍ଷୁର ଉପରି ଭାଗରେ ଭୂଲତା ନଥିବା ଏବଂ ସେ ଅପଲକ ନେତ୍ର ହୋଇଥିବାର କାରଣ ଏପରି ହୋଇପାରେ ବୋଲି ବିଗ୍ୱର କରାଯାଏ ।

ପାବ ନାହିଁ ଏବଂ ବୁଇହାତ ଅପୂର୍ଣ୍ଣାଙ୍ଗ ଓ ସମାନ୍ତରାଳ କାହିଁକି ?

ପାଦ ହେଉଛି ଆଦି ଓ ହାତ ହେଉଛି ଅନ୍ତ । ଯାହାର ପାଦ ହାତ ଅଛି, ତାହାର ଆଦି ଅନ୍ତ ଅଛି । ଶ୍ରୀଜଗନ୍ନାଥ ଅନାଦି, ଅନନ୍ତ ତଥା ଅସୀମ ହୋଇଥିବାରୁ ସେ ହସ୍ତପାଦ ରହିତ ହେବା ସ୍ୱାଭାବିକ । ଉପନିଷଦର ବାଣୀ ହେଲା

'ଅପାଣି ପାଦୋଽହଂ ଅଚିନ୍ତ୍ୟଶକ୍ତିଃ ।
ପଶ୍ୟାମ୍ୟଚକ୍ଷୁଃ ଶୃଣୋମ୍ୟକର୍ଣ୍ଣଃ ।।

ଶ୍ରୀଜଗନ୍ନାଥଙ୍କ ଦୁଇଟି ହସ୍ତ ଅଛି ମାତ୍ର ତାହା ପୂର୍ଣ୍ଣାଙ୍ଗ ନୁହେଁ । ହସ୍ତର ପାପୁଲି ନାହିଁ କି ଅଙ୍ଗୁଳି ନାହିଁ । ହସ୍ତ ପୂର୍ଣ୍ଣାଙ୍ଗ ନୁହେଁ ଯେହେତୁ ସେ ଅନନ୍ତ । କିନ୍ତୁ ବାହୁ ଦୁଇଟି ସମାନ୍ତରାଳ କାହିଁକି ? ଏହାର ଉତ୍ତରରେ କୁହାଯାଇପାରେ ଯେ ଦୁଇଟି ସମାନ୍ତରାଳ ବାହୁ ଏକ ଦିଗରେ ଗତି କରୁଥିଲେ ସୁଦ୍ଧା ସେମାନେ ପରସ୍ପରକୁ କୌଣସି ବିନ୍ଦୁରେ ସ୍ପର୍ଶ କରି ନଥାନ୍ତି । ଏକ ଅପରିକଳ୍ପିତ ଏବଂ ଅନନ୍ତ ବିନ୍ଦୁରେ ସେମାନେ ସ୍ପର୍ଶ କରିପାରନ୍ତି । ଶ୍ରୀଜଗନ୍ନାଥଙ୍କ ଦୁଇ ସମାନ୍ତରାଳ ବାହୁ ତାଙ୍କୁ ଅସୀମ ତଥା ଅନନ୍ତ ବୋଲି ପ୍ରତିପାଦନ କରିଥାଏ । ଏତଦ୍ ବ୍ୟତୀତ, ଦୁଇହାତ ମେଲାଇ ବସିବାର ତାତ୍ପର୍ଯ୍ୟ ହେଉଛି ଯେ, ସେ ସମସ୍ତଙ୍କୁ ବିଶେଷକରି ଭକ୍ତ ସମାଜକୁ ଆଲିଙ୍ଗନ କରିବା ପାଇଁ ବାହୁ ମେଲାଇ ବୋଧହୁଏ ଆହ୍ୱାନ କରୁଅଛନ୍ତି । ଅପର ପକ୍ଷରେ, ଯେ ତାଙ୍କ ସହିତ ମୁକାବିଲା କରିବା ଉଦ୍ଦେଶ୍ୟରେ ଅଥବା ସମାଜର ଅହିତ ସାଧନ କରୁଥିବା ଆସୁରିକ ପ୍ରକୃତିର ଲୋକ ସନାତନ ଧର୍ମକୁ ଧୂଳିସାତ କରିବା ଉଦ୍ଦେଶ୍ୟରେ ଯଦି ତାଙ୍କ ପାଖକୁ ଆସେ ସେ ମଧ୍ୟ ତାକୁ ଉଚିତ ଶିକ୍ଷା ଦେବା ପାଇଁ ବୋଧ ହୁଏ ହସ୍ତ ପ୍ରସାରଣ କରି ବସି ରହିଛନ୍ତି । ଅତଏବ, ଭକ୍ତଙ୍କୁ ଆଲିଙ୍ଗନ କରିବା ଏବଂ ଦୁଷ୍ଟଙ୍କୁ ପ୍ରତିହତ କରିବା ପାଇଁ ଶ୍ରୀଜଗନ୍ନାଥଙ୍କ ଦୁଇ ଭୁଜ ପ୍ରସାରିତ । ସେ ଅର୍ଦ୍ଧ ବାହୁ କିନ୍ତୁ ସେ ମହାବାହୁ । ସମସ୍ତ ପ୍ରକାର ପ୍ରହାରଣ କରିବାର ଆୟୁଧର ସେ ଅଧିକାରୀ । ବିଷ୍ଣୁ ସହସ୍ର ନାମରେ ଅଛି ।

'ଶଙ୍ଖଭୂନନ୍ଦକୀ ଚକ୍ରୀ ଶାର୍ଙ୍ଗଧନ୍ୱା ଗଦାଧରଃ।
ରଥାଙ୍ଗପାଣିରକ୍ଷୋଭ୍ୟଃ ସର୍ବପ୍ରହରଣାୟୁଧଃ।।'

ଭଗବାନଙ୍କର ଦିବ୍ୟ ପ୍ରହାରଣଆୟୁଧ ହେଲା ପାଞ୍ଚଜନ୍ୟଶଙ୍ଖ ନନ୍ଦକ ନାମକ ଖଡ୍‌ଗ, ସୁଦର୍ଶନ ଚକ୍ର, ଶାର୍ଙ୍ଗ ଧନୁ, କୌମୋଦକୀ ଗଦା ଏବଂ ସେ ମଧ୍ୟ ରଥାଙ୍ଗପାଣି। ସେ ସମସ୍ତ ସାତ୍ତ୍ୱିକ, ରାଜସିକ, ତାମସିକ ଗୁଣର ଅଧିକାରୀ ଏବଂ ସର୍ବଶକ୍ତିମାନ ହିସାବରେ ସମସ୍ତ ଆୟୁଧର ଅଧିକାରୀ। ଭକ୍ତଙ୍କ ପାଇଁ ସେ ଯେତିକି କୋମଳ ଦୁଷ୍ଟଙ୍କ ପାଇଁ ସେତିକି ଉଗ୍ର।

ଶ୍ରୀଜଗନ୍ନାଥ କୃଷ୍ଣ ବର୍ଣ୍ଣ କାହିଁକି ?

କୃଷ୍ଣ ତଥା ନୀଳ ବର୍ଣ୍ଣକୁ ଏକ ଅର୍ଥ ପର୍ଯ୍ୟାୟବାଚୀ ବୋଲି ଧରାଯାଏ। କଳା କାଳ ଶବ୍ଦର ରୂପାନ୍ତର। ଜଗନ୍ନାଥ ହେଉଛନ୍ତି ମହାକଳ। ବିଶ୍ୱରୂପ ଦର୍ଶନ ଯୋଗରେ ଭଗବାନଙ୍କର ଅର୍ଜୁନ ପ୍ରତି ଉକ୍ତି ହେଲା,

'କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧ।
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ।'

ସେ ମହାକାଳ ହୋଇଥିବାରୁ କୃଷ୍ଣ ବର୍ଣ୍ଣ। ସେହିପରି ସାଗର ଓ ଆକାଶର ବର୍ଣ୍ଣ,ନୀଳ। ଯେହେତୁ ଉଭୟ ଅସୀମ ତଥା ଅନନ୍ତ। ଭଗବାନ ବିଷ୍ଣୁ, ଶ୍ରୀରାମ, ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥ, ଏ ସମସ୍ତେ ନୀଳ ବା ଶ୍ୟାମଳ ବା କୃଷ୍ଣବର୍ଣ୍ଣ। ତେଣୁ ଶ୍ରୀଜଗନ୍ନାଥ ସାଗର ତଥା ଆକାଶ ପରି ସଦୂର ପ୍ରସାରୀ, ସର୍ବବ୍ୟାପୀ, ଅସୀମ ତଥା ଅନନ୍ତ। ସେଥିପାଇଁ ଯୁଗେ ଯୁଗେ ଭଗବାନଙ୍କର ଏପରି ବର୍ଣ୍ଣ ବୈଭବ।

ଦ୍ୱିତୀୟତଃ, ଗବେଷକମାନଙ୍କ ମତରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଯଥାକ୍ରମେ କୃଷ୍ଣ, ଶ୍ୱେତ ଓ ପୀତବର୍ଣ୍ଣ ବିଶିଷ୍ଟ। ସୁଦର୍ଶନଙ୍କ ବର୍ଣ୍ଣ ଲୋହିତ। ପୃଥିବୀର ଘୃରି ବର୍ଣ୍ଣ ବିଶିଷ୍ଟ ମନୁଷ୍ୟମାନଙ୍କ ମଧ୍ୟରେ ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ଭଗବାନଙ୍କର ଏପରି ଘୃରୋଟି ସାଙ୍କେତିକ ରୂପ ମାତ୍ର। ଆଫ୍ରିକା ଓ ଏସିଆର କୃଷ୍ଣାଙ୍ଗ, ୟୁରୋପ ଓ ଆମେରିକାର ଶ୍ୱେତାଙ୍ଗ ,ଚୀନ ଓ ତିବ୍ଦତର ପୀତାଙ୍ଗ ଏବଂ ଲୋହିତ ଭାରତୀୟଙ୍କର ଲୋହିତାଙ୍ଗମାନଙ୍କ ମଧ୍ୟରେ ମିଳନର ଅଭିମନ୍ତ୍ର ଶୁଣାଇବା ପାଇଁ ଚତୁର୍ଦ୍ଧାମୂର୍ତ୍ତି ବୋଧହୁଏ ଅବତୀର୍ଣ୍ଣ। ଜଗନ୍ନାଥଙ୍କୁ ପତିତପାବନ, ଦୀନବନ୍ଧୁ ଆର୍ତ୍ତତ୍ରାଣ ବୋଲି କୁହାଯାଉ ଥିବାରୁ ସେ, ବୋଧହୁଏ ଅନୁନ୍ନତ ଆଫ୍ରିକା ଓ ଏସିଆର ଅଧିବାସୀଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ସେମାନଙ୍କ ବର୍ଣ୍ଣ ପରି ନିଜେ କୃଷ୍ଣବର୍ଣ୍ଣ ହୋଇଥିବା ଜଣାଯାଏ।

ତୃତୀୟତଃ, ସପ୍ତଶତୀଚଣ୍ଡୀ ପାଠ କଲେ ଜଣାଯାଏ ଯେ ଚଣ୍ଡୀର ତିନୋଟି ଚରିତର ତିନିଦେବୀ ହେଉଛନ୍ତି ମହାକାଳୀ, ମହାଲକ୍ଷ୍ମୀ ଏବଂ ମହାସରସ୍ୱତୀ। ଶ୍ରୀଜଗନ୍ନାଥ ହେଉଛନ୍ତି

ଆଦ୍ୟାଦେବୀ ମହାକାଳୀ, ସୁଭଦ୍ରା ମହାଲକ୍ଷ୍ମୀ ଓ ବଳଭଦ୍ର ମହାସରସ୍ୱତୀ । ମହାକାଳୀଙ୍କ ପରି ଶ୍ରୀଜଗନ୍ନାଥ କୃଷ୍ଣବର୍ଣ୍ଣ । ତନ୍ତ୍ର ଶାସ୍ତ୍ରରେ ମଧ୍ୟ କୁହାଯାଇଛି,

'ନୀଳାଦୌସ୍ତୁ ଜଗନ୍ନାଥଃ
ସାକ୍ଷାତ୍ ଦକ୍ଷିଣକାଳିକା' ।

ଯେ କାଳୀ ସେ ଶ୍ରୀଜଗନ୍ନାଥ । ସେମାନେ ଏକ ତଥା ଅଭିନ୍ନ । ସେଥିପାଇଁ ଯଥାର୍ଥରେ କୁହାଯାଇଛି ।

'ଏକୈବ ଶକ୍ତି ପରମେଶ୍ୱରସ୍ୟ
ଭିନ୍ନାଚତୁର୍ଦ୍ଧା ବିନିଯୋଗ କାଳେ ।
ଭୋଗେ ଭବାନୀ ପୁରୁଷେଷୁ ବିଷ୍ଣୁଃ
କୋପେ ଚ କାଳୀ ସମରେଚ ଦୁର୍ଗା ।

ଅର୍ଥାତ୍ , ପରମେଶ୍ୱଙ୍କର ଗୋଟିଏ ମାତ୍ର ଶକ୍ତି କ୍ଷେତ୍ର ବିଶେଷରେ ଚାରି ଭାଗରେ ବିଭକ୍ତ ହୋଇଥାଏ । ଉପଭୋଗ ସମୟରେ କାଳୀ ଏବଂ ସମର କଲାବେଳେ ସେ ହେଉଛନ୍ତି ଦୁର୍ଗା । ଅତଏବ କାଳୀ ଓ ବିଷ୍ଣୁ ଏକ ତଥା ଅଭିନ୍ନ । ଶ୍ରୀଜଗନ୍ନାଥ ଏଥିପାଇଁ କୃଷ୍ଣବର୍ଣ୍ଣ ହେବା ଯୁକ୍ତିଯୁକ୍ତ ।

ଶ୍ରୀଜଗନ୍ନାଥ ନାକଚଣା (ବସୁଣୀ) ପିନ୍ଧନ୍ତି କାହିଁକି ?

ଶ୍ରୀଜଗନ୍ନାଥ ନାକରେ ନାକଚଣା ବା ବସୁଣୀ ବା ନୋଲକ ପିନ୍ଧିଥିବା ଦୃଷ୍ଟି ଗୋଚରହୁଏ ॥ ଏହା ଅସ୍ୱାଭାବିକ ପରି ମନେ ହୁଏ । ମାତ୍ର ଶାସ୍ତ୍ରଜ୍ଞମାନଙ୍କ ମତରେ ଶ୍ରୀଜଗନ୍ନାଥ ପୁରୁଷ, ସେ ମଧ୍ୟ ସ୍ତ୍ରୀ । ତନ୍ତ୍ର ଶାସ୍ତ୍ରାନୁଯାୟୀ ସେ ମହାକାଳୀ । ବୈଷ୍ଣବମାନଙ୍କ ମତରେ ଶ୍ରୀଜଗନ୍ନାଥ ରାଧା ଓ କୃଷ୍ଣଙ୍କର ଏକ ମିଳିତ ବିଗ୍ରହ । ରାଧା ରସାମୃତ ଗୀତାରେ ଜଗନ୍ନାଥଙ୍କ ବିଷୟ ଉଲ୍ଲେଖ କରିବାକୁ ଯାଇ ମତ ବ୍ୟକ୍ତ ହୋଇଛି ଯେ,

'କିଶୋର କିଶୋରୀ ରୂପ ସେହି ଅଙ୍ଗେ ଅଛି ।
କପଟରେ ଚତୁର୍ଦ୍ଧା ମୂରତି ସେ ହୋଇଛି ।।

ଏତଦ୍ ବ୍ୟତୀତ, 'ଜଗନ୍ନାଥ ଚରିତାମୃତ' ରେ ରାଧା ଓ ଜଗନ୍ନାଥ ଏକ ଅଂଙ୍ଗ ବୋଲି ବର୍ଣ୍ଣନା କରାଯାଇ ଅଛି । ସେଥିପାଇଁ ଯଥାର୍ଥରେ କୁହାଯାଇଛି । ରାଧା ସ୍ୱୟଂ ଜଗନ୍ନାଥ ରାଧିକା ସ୍ଥୂଳ ରୂପିଣୀ ।

ଜଗନ୍ନାଥଚରିତାମୃତ ଅନୁଯାୟୀ,

ଏହି ଜଗନ୍ନାଥ ଅଙ୍ଗରେ । ରାଧା ଅଛନ୍ତି ପ୍ରେମଭରେ ।
ଜଇଠି ଶ୍ୱେତ ଚିତାଯାଏ । ରାଧାକୃଷ୍ଣଙ୍କ ଅଙ୍ଗ ଶୋହେ ।

କେହି କେହି ଶ୍ରୀଜଗନ୍ନାଥଙ୍କ ମୁଖ ମଣ୍ଡଳକୁ ସ୍ୱୟଂ ବିଷ୍ଣୁ ବା ଶ୍ରୀକୃଷ୍ଣ ଏବଂ ମୁଖର ତଳ ଭାଗରୁ ଶେଷ ପର୍ଯ୍ୟନ୍ତ ଅଂଶ ବିଶେଷକୁ ଯୋଗମାୟା ସୁଭଦ୍ରା ବା ମହାଲକ୍ଷ୍ମୀ ବା ରାଧା ବୋଲି ମନେ କରିଥାନ୍ତି । ଅତଏବ, ଶ୍ରୀଜଗନ୍ନାଥ ପୁରୁଷ ଓ ସ୍ତ୍ରୀର ଏକ ସମ୍ମିଳିତ ବିଗ୍ରହ ହୋଇଥିବାରୁ ନୋଲକ ପିନ୍ଧିବା ସ୍ୱାଭାବିକ ମନେହୁଏ ।

ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ବିଭିନ୍ନ ସଙ୍କେତର ସୂଚନା ଦିଏ । ଭଗବାନ ନିରାକାର ଯାହାଙ୍କ ସ୍ୱରୂପ ଯୋଗୀମାନେ ମଧ୍ୟ ପରିକଳ୍ପନା କରି ପାରନ୍ତି ନାହିଁ । ଶ୍ରୀଜଗନ୍ନାଥ ସେହି ନିରାକାର ସଗୁଣ ବ୍ରହ୍ମ । ତେଣୁ ତାଙ୍କର ରୂପ, ବେଶ, ଭୁଷା କିମ୍ଭୂତ କିମାକାର ହେବା ସ୍ୱାଭାବିକ । ସେ ଏପରି ରୂପରେ କାହିଁକି ବିରାଜମାନ ତାହା ତାଙ୍କୁ ହିଁ ଜଣା ।



ଏକାଦଶ ଅଧ୍ୟାୟ

ଶ୍ରୀଜଗନ୍ନାଥଙ୍କ ଦୈନିକ, ସାମୟିକ ତଥା ଗୁପ୍ତନୀତି

ଶ୍ରୀମନ୍ଦିରରେ ଯେଉଁ ସବୁ ନୀତି ପାଳିତ ହୁଏ ତାହାକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇଥାଏ। ଯଥା, ଦୈନିକ ନୀତି, ସାମୟିକ ନୀତି, ଯାନିଯାତ୍ରା ସମ୍ପର୍କୀୟ ନୀତି ଏବଂ ଗୁପ୍ତ ନୀତି। ଏ ଅଧ୍ୟାୟରେ କେବଳ ଦୈନିକ, ସାମୟିକ ତଥାଗୁପ୍ତ ନୀତିର ସୂଚନା ଦିଆଯାଇଅଛି। ଶ୍ରୀମନ୍ଦିର ମଧ୍ୟରେ ସଂରକ୍ଷିତ ହୋଇଥିବା ଅତି ପୁରାତନ ପାଞ୍ଜି, ନୀଳାଦ୍ରି ମହୋଦୟ ନାମକ ସଂସ୍କୃତ ଗ୍ରନ୍ଥରେ ଉକ୍ତ ନୀତି ସମ୍ପର୍କରେ ସୂଚନା ଦିଆଯାଇଅଛି। ଏହାଛଡା, ମାଦଳା ପାଞ୍ଜି ଏବଂ ମୁକ୍ତି ମଣ୍ଡପ ପଣ୍ଡିତ ସଭା ମଧ୍ୟ ନୀତି ସମ୍ପର୍କରେ ସୂଚନା ଦେଇଥାନ୍ତି। Record of Rights ର ଦ୍ୱିତୀୟ ଭାଗରେ ନୀତି ସବୁ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି। କେଉଁ ନୀତି କେଉଁ ସମୟରେ ଅନୁଷ୍ଠିତ ହୁଏ, କେଉଁ କେଉଁ ସେବକ ଏଥି ସହିତ ସମ୍ପୃକ୍ତ, ସେମାନଙ୍କର ନିର୍ଦ୍ଦିଷ୍ଟ ସେବାକ'ଣ ଏବଂ କେଉଁ କେଉଁ ଉପକରଣ ଏଥିପାଇଁ ଲୋଡ଼ା, ଏ ସମସ୍ତ ବିଷୟର ସୂଚନା ମିଳିଥାଏ। ଶ୍ରୀମନ୍ଦିରରେ ସମସ୍ତ ନୀତି ଅକ୍ଷରେ ଅକ୍ଷରେ ପାଳିତ ହୁଏ। ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ମହିମା, ସେବାୟତମାନଙ୍କର ଆନ୍ତରିକତା ତଥା ନିଷ୍ଠା, ପ୍ରଶାସନ କଳର ତତ୍ପରତା ନିଶ୍ଚିତ ଭାବରେ ଦାୟୀ।

ଦୈନିକ ନୀତି : ଶ୍ରୀଜଗନ୍ନାଥଙ୍କର ଗୋଟିଏ ସାଧାରଣ ଦିନ କିପରି କଟେ, ଦୈନିକ ନୀତିରୁ ତାହାର ସୂଚନା ମିଳେ।

୧) ଦ୍ୱାରଫିଟା ଉତ୍ସବ ଓ ମଙ୍ଗଳ ଆରତୀ— ପ୍ରତ୍ୟହ ପ୍ରାତଃ କାଳରେ ଭିତରଛ ମହାପାତ୍ର ସିଂହଦ୍ୱାର ନିକଟରେ ପହଞ୍ଚିଲେ ସିଂହଦ୍ୱାର ଖୋଲେ। ପତିତପାବନଙ୍କ ଦ୍ୱାର ଖୋଲେ ଏବଂ ଶ୍ରୀମନ୍ଦିରର ଅନ୍ୟାନ୍ୟ ଦ୍ୱାର ଖୋଲି ଦିଆଯାଏ। ସିଂହଦ୍ୱାର ଖୋଲିଲା ପରେ ବଡ଼ ଛତା ମଠର ବାଦ୍ୟକାରମାନେ ଭଜନ ବୋଲିବା ଉଦ୍ଦେଶ୍ୟରେ ନାଟ୍ୟ ମନ୍ଦିରରେ ଉପସ୍ଥିତ ହୁଅନ୍ତି। ଗତ ରାତ୍ରିରେ ପହୁଡ଼ ସମୟରେ ଜୟ ବିଜୟ ଦ୍ୱାର ତଳୁଛ ମହାପାତ୍ରଙ୍କ ଉପସ୍ଥିତିରେ ବନ୍ଦ କରାଯାଇଥାଏ। ଭିତରଛ ମହାପାତ୍ର, ଅଖଣ୍ଡ ମେକାପ ପ୍ରତିହାରି, ମୁଦୁଲି,ପାଳିଆ ମେକାପ ଆଦି ସେବାୟତ ଗଣ ଜୟ ବିଜୟ ଦ୍ୱାର ଦେଇ ଶ୍ରୀମନ୍ଦିରର ମୁଖଶାଳା ମଧ୍ୟକୁ ପ୍ରବେଶ କରନ୍ତି ଏବଂ ଭିତରୁ ଦ୍ୱାର ବନ୍ଦ କରିଦିଆଯାଏ। ଭିତରଛ ମହାପାତ୍ର ଶ୍ରୀଜୀଉଙ୍କୁ ଭଲ ଭାବରେ ନିରୀକ୍ଷଣ କରି ଶ୍ରୀଅଙ୍ଗ ସାଜସଜାରେ ଯଦି କିଛି ବ୍ୟତିକ୍ରମ ହୋଇଯାଇଥାଏ ତାକୁ ସଜାଡ଼ି ଦିଅନ୍ତି। ଆରତୀର ସମସ୍ତ ପ୍ରକାର ଆୟୋଜନ ମଧ୍ୟ କରାଯାଏ। ଆରତୀ ପାଇଁ କର୍ପୂର, ବଳିତା ଏବଂ ପିଷ୍ଟକ ଆରତୀ ପ୍ରସ୍ତୁତ କରି ରଖାଯାଏ। ଏହାପରେ ମୁକ୍ତିମଣ୍ଡପ ଆଡ଼କୁ ଥିବା ଦ୍ୱାର ଏବଂ ଜୟ ବିଜୟ ଦ୍ୱାର ଖୋଲିଦିଆଯାଏ। ଜୟ ବିଜୟ ଦ୍ୱାର ଖୋଲିବା ସଂଗେ ସଂଗେ ବାଜା ବନ୍ଦ ହୁଏ ଏବଂ ହରିବୋଲ, ହୁଳହୁଳି ଏବଂ ପ୍ରାର୍ଥନା ଶବ୍ଦରେ ଶ୍ରୀମନ୍ଦିର ପ୍ରକମ୍ପିତ

ହୁଏ । ଅସଂଖ୍ୟ ଭକ୍ତ ଏକ ସ୍ୱରରେ ଜୟଦେବଙ୍କ ରଚିତ ଦଶାବତାର ସ୍ତୋତ୍ର ଏବଂ ଗୀତଗୋବିନ୍ଦ ଗାନ କରୁଥିବା ଲକ୍ଷ୍ୟ କରାଯାଏ । ତିନିଜଣ ସିଂହାରୀ ସେବକ ପ୍ରଥମେ କର୍ପୂର ଆରତୀ କରନ୍ତି । ତାପରେ ଏକୋଇଶିଟି ବତୀକୁ ଅଗ୍ନି ସଂଯୋଗ କରାଯାଇ ଆରତୀ କରାଯାଏ । ଶେଷରେ ପିଷ୍ଟକ ଆରତୀ ମଧ୍ୟ ତିନିଠାକୁରଙ୍କ ଉଦ୍ଦେଶ୍ୟରେ କରାଯାଏ । ଘିଉଳ ଚୁନାକୁ ଦହିରେ ମିଶାଇ ପିଷ୍ଟକ ଆରତୀ ସାମଗ୍ରୀ ପୂର୍ବରୁ ରଖାଯାଇଥାଏ । ଶ୍ରୀଜୀଉଙ୍କର ଏହି ପ୍ରଥମ ଆରତୀକୁ ମଙ୍ଗଳ ଆରତୀ କୁହାଯାଏ । ପ୍ରଭୁଙ୍କର ମଙ୍ଗଳ ଆରତୀ ଦର୍ଶନ କଲେ ସମସ୍ତ ମଙ୍ଗଳ ସାଧିତ ହୋଇଥାଏ ବୋଲି ଭକ୍ତ ସମାଜର ଗଭୀର ବଶ୍ୱାସ ରହିଥାଏ । ମଙ୍ଗଳ ଆରତୀ ଦର୍ଶନ କରିବାକୁ ଅଧିକାଂଶ ସେବାୟତ, ସ୍ଥାନୀୟ ଭକ୍ତଗଣ ପ୍ରତ୍ୟହ ଆସୁଥିବା ଦୃଷ୍ଟି ଗୋଚର ହୁଏ । ପ୍ରାତଃ କାଳରୁ ଶଯ୍ୟା ତ୍ୟାଗ କରି, ଶୁଦ୍ଧ ଶୌଚ ହୋଇ ଶ୍ରୀମନ୍ଦିରକୁ ମଙ୍ଗଳ ଆରତୀ ଦର୍ଶନ କରିବାର ସୌଭାଗ୍ୟ ସମସ୍ତଙ୍କର ନଥାଏ । ଆରତୀ ଦର୍ଶନ ପରେ ପିଷ୍ଟକ ଆରତୀ ଭୋଗ ସେବା କରିବା ବିଧି ହୋଇ ଥିବାରୁ, ସେବାୟତମାନେ ଏହାକୁ ବିତରଣ କରିଥାନ୍ତି । ଆରତୀ ପରେ ସିଂହାରୀ ସେବକ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କୁ 'ମଇଲମ' କରନ୍ତି । ମାଳ ବସ୍ତ୍ରାଦିକୁ କଢ଼ାଯିବା କାର୍ଯ୍ୟକୁ ମଇଲମ କୁହାଯାଏ ।

୨) **ମାଜଣା ଅବକାଶ** :– ମଇଲମ ପରେ ଠାକୁରମାନଙ୍କୁ ତଡ଼ପ ଓ ଉତ୍ତରୀୟ ପିନ୍ଧାଇ ଦିଆଯାଏ । ଏ ବେଶ ଦେଖିଲେ ସତେ ଯେପରି ମନେହୁଏ ଠାକୁରମାନେ ଦାନ୍ତ ଘଷିବା, ସ୍ନାନ କରିବା ପାଇଁ ପ୍ରସ୍ତୁତ । ଉକ୍ତ ଅବକାଶ ସେବା ପାଇଁ ସୁଆର ବଡୁ, ପାଣି ଆପଟ, ଗରାବଡୁ, ଆସ୍ଥାନ ପ୍ରତିହାରୀ, ଦର୍ପଣିଆ, ଦୟଣାମାଳି, ମହାଭୋଇ ଏବଂ ସିଂହାରୀ, ବା ପୁଷ୍ପାଳକ ସେବକ ସେମାନଙ୍କର ନିର୍ଦ୍ଦିଷ୍ଟ ସେବା ସମ୍ପନ୍ନ କରିଥାନ୍ତି । ତିନିଜଣ ସିଂହାରୀ ପିଢ଼ା ଉପରେ ବସି ଠାକୁରମାନଙ୍କୁ କୁମ୍ଭାଟୁଆ ଦାନ୍ତ କାଠିରେ ଦାନ୍ତ ଘଷାନ୍ତି ଏବଂ ସୁବର୍ଣ୍ଣ ଜିଭ ଛେଲାରେ ଠାକୁରମାନଙ୍କର ଜିଭ ଛେଲାନ୍ତି । ଏହାପରେ, ସ୍ନାନ ପର୍ବ ବା ମାଜଣା ଅନୁଷ୍ଠିତ ହୁଏ । ତିନିଠାକୁରଙ୍କ ସମ୍ମୁଖରେ ତିନୋଟି କଂସା ଦର୍ପଣ ରଖାଯାଇଥାଏ । ଠାକୁରଙ୍କମାନଙ୍କର ପ୍ରତିବିମ୍ବ ଦର୍ପଣରେ ପଡୁଥାଏ । ସେହି ପ୍ରତିବିମ୍ବ ଉପରେ ଦହିଢ଼ାଳି ଠାକୁରଙ୍କୁ ସ୍ନାନ କରାଯାଏ । ଝରିରେ ରଖାଯାଇଥିବା ଜଳ ମଧ୍ୟ ପ୍ରତିବିମ୍ବ ଉପରେ ଢ଼ଳାଯାଏ । ଏ ସମସ୍ତ ନୀତିକୁ ମାଜଣା ଅବକାଶ ବା ସ୍ନାନ ବୋଲି କୁହାଯାଇଥାଏ । ଏହି ଅବକାଶ ଜଳକୁ ଭକ୍ତମାନେ ପ୍ରୀତିପୂର୍ବକ ସେବା କରିଥାନ୍ତି ।

୩) **ଗରୁଡ଼ ସ୍ନାନ** :— ନାଟ୍ୟ ମନ୍ଦିରରେ ଏକ ସ୍ତମ୍ଭ ଉପରେ ମହାପ୍ରଭୁଙ୍କ ବାହନ ଗରୁଡ଼ ଠାକୁରଙ୍କ ଆଡ଼କୁ ମୁହଁ କରି ଯୋଡ଼ ହସ୍ତରେ ବସି ରହି ଅଛନ୍ତି । ଗରୁଡ଼ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତି ଦର୍ଶନ କରିବାର ଏକାମାତ୍ର ଅଧିକାରୀ । ଚୁନରା ସେବକ ଗରୁଡ଼ଙ୍କ ସେବା କରିବାର ଅଧିକାରୀ ହୋଇଥିବାରୁ ସେମାନେ ବିମଳାଙ୍କ ସନ୍ନିକଟ କୂଅରୁ ପାଣି ଆଣି ଗରୁଡ଼ଙ୍କୁ ସ୍ନାନ କରାଇ ଦିଅନ୍ତି । ପୂର୍ବ ଦିନରୁ ଗରୁଡ଼ଙ୍କ ଦେହରେ ଲାଗି ହୋଇଥିବା ମାଳ ପ୍ରଭୃତି ମଇଲମ କରାଇ ତୁଆ ଚନ୍ଦନ ଲାଗି କରି ଗରୁଡ଼ଙ୍କୁ ସ୍ନାନ କରାଇ ଦିଆଯାଏ । ଗରୁଡ଼ ସ୍ନାନ କଲାବେଳେ

ବହୁ ଭକ୍ତ ସେ ଜଳରେ ସ୍ନାନ କରି ନାନା ରୋଗରୁ ମୁକ୍ତ ହେବା ଆଶା ରଖି ସ୍ନାନ କରନ୍ତି। ବିଶେଷତଃ ବନ୍ଧ୍ୟା ନାରୀମାନେ ସନ୍ତାନ ଲାଭ କରିବା ଉଦ୍ଦେଶ୍ୟରେ ଗରୁଡ଼ଙ୍କ ସ୍ନାନ ଜଳରେ ସ୍ନାନ କରୁଥିବା ଲକ୍ଷ୍ୟ କରାଯାଏ।

୪) ବେଶ ଲାଗିଃ— ଶ୍ରୀଜଗନ୍ନାଥ ଆଦି ଠାକୁରମାନଙ୍କର ଗରୁଡ଼ ସ୍ନାନ ପରେ ବେଶ ଲାଗି ହୁଏ। ସ୍ୱତ୍ୱଲିପି ଅନୁଯାୟୀ ଭିନ୍ନ ଭିନ୍ନ ଋତୁରେ ଠାକୁରମାନେ ବିଭିନ୍ନ ପ୍ରକାରର ବସ୍ତ୍ରାଦି ପରିଧାନ କରନ୍ତି। ଯଥା

ସାଧା ବେଶ—	ଦୋଳପୂର୍ଣ୍ଣମୀଠାରୁ ଆଶ୍ୱିନ ପର୍ଯ୍ୟନ୍ତ।
ରାଧାଦାମୋଦର ବେଶ—	ଦଶହରା ବାସି ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ।
ସାଧା ବେଶ—	ମାର୍ଗଶୀର ଓ ପୌଷ।
ଘୋଡ଼ଲାଗି ବେଶ—	ଓଡ଼ଣ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ।
ଲକ୍ଷ୍ମୀନାରାୟଣ ବେଶ—	କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ
ଜାମାଲାଗି ବେଶ—	ବସନ୍ତ ପଞ୍ଚମୀଠାରୁ ଦୋଳପର୍ଯ୍ୟନ୍ତ।
ରାଜାବେଶ—	ଦଶହରା, କାର୍ତ୍ତିକ ପୂର୍ଣ୍ଣମୀ, ପୌଷ ପୂର୍ଣ୍ଣମୀ ଏବଂ ରଥା ଉପରର ଏକାଦଶୀ।

୫) ସାହାଣ ମେଲା— ସର୍ବସାଧାରଣଙ୍କର ରତ୍ନସିଂହାସନ ପର୍ଯ୍ୟନ୍ତ ଯାଇ ଦର୍ଶନକୁ ସାହାଣ ମେଲା କୁହାଯାଏ। ଅବଶ୍ୟ, ଏହା ଠାକୁରଙ୍କର ଅପରିହାର୍ଯ୍ୟ ନୀତି ନୁହେଁ । ସାହାଣ ମେଲା ଘୁଲିଥିବାବେଳେ କୌଣସି ଯାତ୍ରୀ ଠାକୁରଙ୍କୁ ସ୍ପର୍ଶ କଲେ, କିମ୍ବା ଜୟ୍ ବିଜୟ୍ ଦ୍ୱାର ଠାରୁ ରତ୍ନ ସିଂହାସନ ପରିସର ମଧ୍ୟରେ କେହି ଛେପ ପକାଇଲେ, ମଳମୂତ୍ର ତ୍ୟାଗ କଲେ, ବାନ୍ତି କଲେ, ରକ୍ତପାତ ହେଲେ ଠାକୁରମାନେ ଅଶୁଚି ହୁଅନ୍ତି, ସେଥିପାଇଁ ମହାସ୍ନାନ କରାଯାଏ । ଏହି ଉଦ୍ଦେଶ୍ୟରେ ଅଜ୍ଞାନ ଶିଶୁମାନଙ୍କୁ ଜୟ୍ ବିଜୟ୍ ଦ୍ୱାରଠାରୁ ସିଂହାସନ ପର୍ଯ୍ୟନ୍ତ ନେବାର ବିଧି ନାହିଁ । ସାହାଣ ମେଲା କାହିଁକି ଅନ୍ୟ ସମୟରେ ମଧ୍ୟ ଉକ୍ତ ପରିସର ମଧ୍ୟରେ ପୂର୍ବୋକ୍ତ ଘଟଣା ଘଟିଲେ ମହାସ୍ନାନ କରାଯାଇଥାଏ ।

୬) ରୋଷ ହୋମଃ— ପୂର୍ବୋକ୍ତ ନୀତି ସମାପନ ପରେ ଶ୍ରୀ ଜୀଉଙ୍କ ରୋଷଶାଳା ପରିଷ୍କାର କରାଯାଏ । ଏହାକୁ 'ରୋଷଧୋ ପଖାଳିଆ' ନାମକ ସେବକ କରିଥାନ୍ତି । ଏହାପରେ, 'ରୋଷ ପାଇକ' ଏ ଖବର ଅମୁଣିହା ପରିଚ୍ଛା ଓ ମହାସୁଆରଙ୍କୁ ଜଣାଇ ଦିଅନ୍ତି। ଏହାପରେ ରୋଷ ହୋମ ହୋଇ ରୋଷଶାଳାକୁ ପବିତ୍ର କରାଯାଏ । ଏହି ହୋମ ପାଇଁ

ଅମୁଣିହା ପରିଚ୍ଛା ଏବଂ ମହାସୁଆର ପୂଜାପଣ୍ଡାଙ୍କୁ ଖବର ଦିଅନ୍ତି । ପୂଜାପଣ୍ଡା ରୋଷହୋମ କରନ୍ତି ଏବଂ ସେହି ହୋମରୁ ଅଗ୍ନି ନିଆଯାଇ ରୋଷକାର୍ଯ୍ୟ ଆରମ୍ଭ ହୁଏ ।

୭) ସୂର୍ଯ୍ୟ ପୂଜାଃ– ମୁକ୍ତିମଣ୍ଡପ ନିକଟରେ ଥିବା ସୂର୍ଯ୍ୟଙ୍କ ମନ୍ଦିରରେ ପ୍ରତ୍ୟହ ସୂର୍ଯ୍ୟପୂଜା ଅନୁଷ୍ଠିତ ହୁଏ । ପୂଜାପଣ୍ଡା ପୂଜା କରନ୍ତି ଏବଂ ପତ୍ରିବଡୁ ନାମକ ସେବକ ସୂର୍ଯ୍ୟପୂଜାର ସାମଗ୍ରୀମାନ ଯଥା ଫୁଲ, ତୁଳସୀ, ଘଣ୍ଟି ଶଙ୍ଖ ଆଦି ଦ୍ରବ୍ୟ ଯୋଗାଇବାର ବିଧି ଅଛି ।

୮) ଦ୍ୱାରପାଳ ପୂଜାଃ– ପତ୍ରିବଡୁ ସମସ୍ତ ପୂଜା ସାମଗ୍ରୀ ଜୟ ବିଜୟ ଦ୍ୱାର ନିକଟରେ ରଖନ୍ତି ଏବଂ ପୂଜାପଣ୍ଡା ସେଠାରେ ଦ୍ୱାରପାଳ ପୂଜା କରିଥାନ୍ତି । ଶ୍ରୀ ଜଗନ୍ନାଥଙ୍କ ପୂଜା ପୂର୍ବରୁ ଦ୍ୱାରପାଳ ପୂଜା ଅନୁଷ୍ଠିତ ହେଉଥିବା ବିଷୟରୁ ପ୍ରଶାସକ ଶ୍ରୀ ଜଗନ୍ନାଥଙ୍କ ମାହାତ୍ମ୍ୟ ଉପଲବ୍ଧି କରିହୁଏ । ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜାବେଳେ ଯେଉଁ ଧୂପ ଦିଆଯାଏ ସେହି ଧୂପପାଇଁ ଦରକାର ହେଉଥିବା ଅଗ୍ନି ରୋଷଘରେ ହୋଇଥିବା ହୋମାଗ୍ନିରୁ ଅଣାଯାଇଥାଏ।

୯) ଗୋପାଳବଲ୍ଲଭ ବା ବଲ୍ଲଭ ଭୋଗ :– ପ୍ରାତଃକାଳର ଜଳଯୋଗକୁ ବଲ୍ଲଭ ଭୋଗ କୁହାଯାଏ । ଏହା ଶ୍ରୀଜୀଉଙ୍କର ପ୍ରଥମ ଶୁଖିଲା ଭୋଗ । ବଲ୍ଲଭ ଭୋଗ ପାଇଁ ସୁଆରବଡୁ ଅମୁଣିହା ପାଣି ପକାନ୍ତି । ଚନ୍ଦନ, ଜାଇଫଳ ଘୋରାହୋଇ ପ୍ରସ୍ତୁତ ହୋଇଥିବା ଘଷାଜଳ ଗରାବଡୁ ନେଇ ରଖନ୍ତି । ଅନବସର ଘରେ ଖଟୁଲି ପଡ଼େ । ମହାସୁଆର ବଲ୍ଲଭ ଭୋଗ ପରିବେଷଣ କରନ୍ତି ଏବଂ ପୂଜାପଣ୍ଡା ଭୋଗ ନୈବେଦ୍ୟ କରିଥାନ୍ତି । ବଲ୍ଲଭ ଭୋଗରେ ଖଇ, କୋରା ଖୁଆମଣ୍ଡା, କଦଳୀ, ଦହି, ଲହୁଣି, ନଡ଼ିଆ ପାତି ଇତ୍ୟାଦି ନୈବେଦ୍ୟ କରାଯାଏ। ଏହି ଭୋଗ ଅନବସର ପିଣ୍ଡିଠାରେ ହୋଇଥାଏ । ଏହା ଏକ ରାଜଭୋଗ ହୋଇଥିବାରୁ ଏ ସମସ୍ତ ସାମଗ୍ରୀ ବର୍ତ୍ତମାନ ଶ୍ରୀ ମନ୍ଦିର ପରିଗ୍ୱଳନା ସଂସ୍ଥା ତରଫରୁ ଯୋଗାଇ ଦିଆଯାଉଅଛି ।

୧୦) ସକାଳ ଧୂପଃ– ସକାଳ ଧୂପ ହେଉଛି ଶ୍ରୀଜଗନ୍ନାଥଙ୍କର ପ୍ରଥମ ସଜୁଡ଼ି ଭୋଗ ବା ଅନ୍ନ ଭୋଗ । ସୁଆର ବଡୁ ଏହି ଧୂପ ପାଇଁ ଅନବସର ପିଣ୍ଡି ଓ ପୋଖରିଆ ଓଗେର ସଫା କରିଥାନ୍ତି । ତାପରେ ପୂଜାପଣ୍ଡା ମୁରୁଜ ପକାନ୍ତି । ପାଣିଆପଟ ନାମକ ସେବକ ଏହି ଭୋଗରେ ଦରକାର ହେଉଥିବା ଗ୍ୱରୋଟି ଥାଳି ଓ ଦୁଇଟି ପିତଳ ପରଖ ପରିଷ୍କାର କରି ରଖିଥାନ୍ତି । ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ର ପ୍ରତ୍ୟେକଙ୍କ ପାଖରେ ଗୋଟିଏ ଗୋଟିଏ ଥାଳି ଓ ପରଖ ଏବଂ ଯୋଗମାୟା ସୁଭଦ୍ରା ଓ ସୁଦର୍ଶନଙ୍କ ପାଇଁ ଗୋଟିଏ ଥାଳି ରଖାଯାଏ । ପ୍ରସାଦ ନୈବେଦ୍ୟ ସମୟ ପୂର୍ବରୁ କଳାଘାଟ ଦ୍ୱାରରେ ଗୋଟିଏ ଲୁଗା ବନ୍ଧାହୁଏ, ଯାହାକୁ ଟେରା ବୋଲି କୁହାଯାଏ । ଟେରା ବନ୍ଧା ହେବା ପରେ ପ୍ରତିହାରୀ ଓ ପ୍ରଧାନୀ ସେବକ ଭୋଗ ଆଣିବାକୁ ଡାକି ଯାଆନ୍ତି । ପ୍ରଥମେ, ପତ୍ତୀବଡୁ ଓ ବିଡୁଆ ନାମକ ଦୁଇଜଣ ସେବକ ଖେରେଡ଼ି ଆଣି ଠାକୁରଙ୍କ ଆଗରେ ରଖାଯାଇଥିବା ଥାଳିରେ ବାଢ଼ନ୍ତି । ମହାସୁଆର ଏ ଭୋଗରେ ଏଣ୍ଡୁରି, କାନ୍ତି, ଝିଲି, ଅଦା ପାଚେଡ଼ି, ହଂସକେଳି, ମାଠପୁଳି, କାକତୁଆ, ବୁନ୍ଦିଆ, କ୍ଷୀରି

ଇତ୍ୟାଦି ପରିବେଷଣ କରନ୍ତି । ପୂଜା ପାଇଁ ଆବଶ୍ୟକ ସମସ୍ତ ଜଳ ଗରାବଡୁ ଯୋଗାଇଥାନ୍ତି । ଧୂପ ଯୋଗାନ୍ତି ସୁଆରବଡୁ ଏବଂ ପତ୍ରିବଡୁ ରୂପାର ପାତ୍ର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଯଥା ମହୁ, ଘିଅ, ଫୁଲ, ତୁଳସୀ ଇତ୍ୟାଦି ଯୋଗାଇବାର ବିଧି ଅଛି । ପୂଜା ସମୟରେ ସୁଆରବଡୁ ପୂଜାପଣ୍ଡାଙ୍କ ନିକଟରେ ଦର୍ପଣ ଏଭଳି ଧରନ୍ତି, ଯଦ୍ଦ୍ୱାରା ଦର୍ପଣରେ ଠାକୁରଙ୍କର ପ୍ରତିବିମ୍ବ ପୂଜାପଣ୍ଡାଙ୍କୁ ଦୃଶ୍ୟ ହେବ । ଷୋଡ଼ଶୋପଗ୍ୱର ବିଧିରେ ପୂଜାପଣ୍ଡାମାନେ ଠାକୁରଙ୍କୁ ନୈବେଦ୍ୟ ଭୋଗ ଦେଇଥାନ୍ତି । ପତ୍ରୀବଡୁ ଓ ହଡ଼ପ ନାୟକଙ୍କ ମାଧ୍ୟମରେ ବିଡ଼ିଆ ପାନ ରୂପା ପାନବଟାରେ ଅଣାଯାଇ ପୂଜାପଣ୍ଡାଙ୍କୁ ଦିଆଯାଏ ଏବଂ ପୂଜାପଣ୍ଡା ଠାକୁରଙ୍କୁ ସମର୍ପଣ କରନ୍ତି । ନୈବେଦ୍ୟର ଅନ୍ତିମପର୍ବରେ କଳାଘାଟ ଦ୍ୱାର ବନ୍ଦ ହୁଏ ଏବଂ କିଛି ସମୟ ପରେ ଦ୍ୱାର ଖୋଲାଯାଇ ଆରତୀ କରାଯାଏ । ତିନିଜଣ ପୂଜାପଣ୍ଡା ଉତ୍ତରାଭିମୁଖ ହୋଇ ରତ୍ନସିଂହାସନ ଉପରେ ବସି ପୂଜା କରିଥାନ୍ତି । ଏହି ଭୋଗ ସକାଳଧୂପ, ରାଜଭୋଗ ନାମରେ ବିଦିତ । ଭୋଗ ପରେ ଠାକୁରମାନଙ୍କର ବେଶଭୂଷା କାଢ଼ି ଦିଆଯାଏ ବା ଠାକୁରଙ୍କର ମଇଳମ ହୁଏ । ମଇଲମ ପରେ ମେକାପ ପଟବସ୍ତ୍ର ଯୋଗାଇ ଦିଅନ୍ତି ଏବଂ ସିଂହାରୀ ବା ପୁଷ୍ପାଳକ ସେବକ ତିନିଜଣ ଠାକରଙ୍କୁ ନୂତନ ବେଶ କରାନ୍ତି । ରାଜାଧିରାଜ ଶ୍ରୀଜଗନ୍ନାଥଙ୍କର ଯେତେ ଭୋଗ, ସେତେ ବେଶ ଏବଂ ପ୍ରତ୍ୟେକ ବେଶ ଅନ୍ୟ ବେଶଠାରୁ ଭିନ୍ନ ।

୧୧) ଭୋଗ ମଣ୍ଡପ ବା ଭଅଣ୍ଡ:– ବେଶ ପରେ ଭୋଗ ମଣ୍ଡପ ବା ଭଅଣ୍ଡର ଆୟୋଜନ କରାଯାଏ । ଭଅଣ୍ଡକୁ ଏକ ଅତିରିକ୍ତ ଭୋଗ ବୋଲି ଧରାଯାଏ । ଏ ଭୋଗ ପ୍ରଥମରୁ ହେଉ ନଥିଲା, ମାତ୍ର କାଳକ୍ରମେ ଯାତ୍ରୀ ତଥା ସ୍ଥାନୀୟ ଲୋକଙ୍କର ଗୃହିଦା ମେଣ୍ଟାଇବା ପାଇଁ ଏହାର ସୂତ୍ରପାତ କରାଯାଇଅଛି । ଏ ଭୋଗର ସାମଗ୍ରୀ ରତ୍ନ ସିଂହାସନ ତଳେ ଥିବା ପୋଖରୀଆରେ ବଢ଼ା ନଯାଇ ଗରୁଡ଼ ସ୍ତମ୍ଭର ପଶ୍ଚାତ୍ ଭାଗରେ ଥିବା ଭୋଗ ମଣ୍ଡପ ମନ୍ଦିରରେ ବଢ଼ାଯାଏ । ସୁଆର ବଡୁ ପାଣି ଛିଞ୍ଚି ତିନୋଟି ପିଢ଼ା ଭଅଣ୍ଡ ଦ୍ୱାର ମୁହଁରେ ରଖନ୍ତି । ଉକ୍ତ ନୀତିରେ ପ୍ରତିହାରୀ ଭୋଗ ଡାକି ଯାଆନ୍ତି ନାହିଁ ଏବଂ ଏ ଭୋଗ ସମୟରେ ଦର୍ପଣର ଆବଶ୍ୟକତା ପଡ଼େ ନାହିଁ । ଭୋଗ ସାମଗ୍ରୀ ଆସିବା ପରେ ଦୁଇ ପାଖ ଦ୍ୱାରରେ ଦୁଇଜଣ ପ୍ରତିହାରୀ ସେବକ ଜଗି ବସନ୍ତି । ପତ୍ରିବଡୁ, ଗରାବଡୁ, ଖଟୁଲି ସେବକ ସେମାନଙ୍କର ସେବା କରିଥାନ୍ତି । ପୂଜା ପଣ୍ଡା ତିନିଜଣ ପଞ୍ଚୋପଗ୍ୱର ବିଧିରେ ଭୋଗ ନୈବେଦ୍ୟ କରନ୍ତି । ଦରକାର ହେଲେ ଦିନକେ ଦୁଇ ତିନିଥର ଭଅଣ୍ଡ ଭୋଗ ହୋଇଥାଏ ।

୧୨) ମଧ୍ୟାହ୍ନ ଧୂପ ବା ଦ୍ୱିପ୍ରହର ଧୂପ:– ମଧ୍ୟାହ୍ନ ଧୂପରେ ଓରିଆ ବା ଘିଅଅନ୍ନ, ମରିଚ ପାଣି, ଜାଲି, ବିଭିନ୍ନ ପ୍ରକାରର ତରକାରୀ ଓ ପିଠା ସହିତ ଅନ୍ୟାନ୍ୟ ଭୋଗସାମଗ୍ରୀ ଭୋଗ ଦିଆଯାଏ । ସକାଳ ଧୂପ ପରି ଦ୍ୱିପ୍ରହର ଧୂପରେ ଅନୁରୂପ ନୀତି ପାଳନ କରାଯାଇଥାଏ । ମହାପ୍ରଭୁଙ୍କୁ ବିଡ଼ିଆ ପାନ ସମର୍ପଣ କରାଯାଏ । ରତ୍ନ ସିଂହାସନରେ ପୂଜାପଣ୍ଡା ବସି ପୋଖରିଆରେ ରଖାଯାଇଥିବା ଭୋଗ ସାମଗ୍ରିକୁ ଭୋଗ ଲଗାନ୍ତି । ଭୋଗପରେ ଆରତୀ

ହୁଏ । ଏ ଭୋଗ ପରେ ଠାକୁରଙ୍କର ବେଶ ମଇଲମ ହୁଏ । ମଧ୍ୟାହ୍ନ ଧୂପ ପରେ ପହୁଡ଼ ହେବାର ବିଧି ଅଛି ଏବଂ ସନ୍ଧ୍ୟା ପୂର୍ବରୁ ପହୁଡ଼ ଖୋଲାଯିବା କଥା । ମାତ୍ର ନୀତିରେ ବିଳମ୍ବ ହେଲେ ଦ୍ୱିପ୍ରହର ସମୟରେ ପହୁଡ଼ ହୋଇପାରେ ନାହିଁ ।

୧୩) ସନ୍ଧ୍ୟା ଆରତୀ :– ସନ୍ଧ୍ୟା ଆରତୀ ପୂର୍ବରୁ ଠାକୁରମାନେ ବେଶ ହୁଅନ୍ତି । ଉକ୍ତ ଆରତୀ ପାଇଁ ସୁଆର ବଡୁ ଏ କୋଇଶିଟି ବତୀ ଓ ପିଷ୍ଟକ ଆରତୀ ଯୋଗାଇଥାନ୍ତି । ମେକାପ କର୍ପୂର ଆରତୀ ଯୋଗାନ୍ତି । ତିନିଜଣ ସିଂହାରୀ ତିନିବାଡ଼ରେ ତିନି ଠାକରଙ୍କର ଆରତୀ କରନ୍ତି । ପ୍ରାତଃ କାଳର ମଙ୍ଗଳ ଆରତୀ ପରି ସନ୍ଧ୍ୟା ଆରତୀ ସମୟରେ ଖୁବ୍ ଭଲ ଜନସମାଗମ ହୋଇଥାଏ ।

୧୪) ସନ୍ଧ୍ୟା ଧୂପ:– ସନ୍ଧ୍ୟା ଆରତୀ ପରେ ସନ୍ଧ୍ୟାଧୂପର ସମସ୍ତ ଆୟୋଜନ କରାଯାଏ । ସନ୍ଧ୍ୟା ଧୂପରେ ଅନ୍ନ, ଡାଲି, ତରକାରୀ, ପିଠା ଇତ୍ୟାଦି ଠାକୁରଙ୍କୁ ନୈବେଦ୍ୟ କରାଯାଏ । ପୂଜାପଣ୍ଡା ରତ୍ନ ସିଂହାସନ ଉପରେ ବସି ପୂଜା କରନ୍ତି । ପୂଜା ପରେ ଆରତୀ ହୁଏ । ସକାଳ ଧୂପ, ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଧୂପରେ ଏକ ପ୍ରକାର ନୀତି ଅନୁସୃତ ହୁଏ ଏବଂ ଷୋଡ଼ଶୋପଗ୍ଭରରେ ପୂଜା କରାଯାଇଥାଏ ।

୧୫) ଚନ୍ଦନ ଲାଗି:– ଚନ୍ଦନଲାଗି ସମୟରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ହୁଏ ବୋଲି ବିଶ୍ୱାସ କରାଯାଏ । ଚନ୍ଦନ ଲାଗି ସମୟରେ ଶାଢ଼ୀବନ୍ଧା ସେବକ ଭିତର କାଠ ପାଖରେ ଥାଇ ଗୀତ ଗୋବିନ୍ଦ ବୋଲନ୍ତି । ଚନ୍ଦନ ଲାଗି ପାଇଁ ଆବଶ୍ୟକ ହେଉଥିବା ଚନ୍ଦନ 'ଘଟୁଆରୀ' ନାମକ ସେବକ ଚନ୍ଦନ ଘୋରି ଯୋଗାଇ ଦିଅନ୍ତି । ଠାକୁରଙ୍କୁ ବିଡ଼ିଆ ମଣୋହି କରାଯାଏ । ଚନ୍ଦନ ଲାଗି ପରେ ଭଣ୍ଡାର ମେକାପଙ୍କ ଠାରୁ ହଡ଼ପ ନାୟକ କିଛି କର୍ପୂର ଓ ବିଡ଼ିଆ ଆଣି ବିମଳା, ଲକ୍ଷ୍ମୀ, ନୃସିଂହ ଓ ସରସ୍ୱତୀଙ୍କୁ ଲାଗି କରାନ୍ତି ।

୧୬) ବଡ଼ ସିଂହାର ବେଶ (ବୃହତ୍ ଶୃଙ୍ଗାର ବେଶ) :– ଚନ୍ଦନଲାଗି ପରେ ଠାକୁରଙ୍କର ବଡ଼ ସିଂହାର ବେଶ ହୁଏ । ଏ ବେଶ ଅତ୍ୟନ୍ତ ଆକର୍ଷଣୀୟ ବେଶ । କେବଳ ଫୁଲରେ ସୁସଜ୍ଜିତ ହୋଇ ମହାପ୍ରଭୁ ଏତେ ସୁନ୍ଦର ଦିଶନ୍ତି ଯାହା ଭାଷାରେ ବର୍ଣ୍ଣନା କରାଯାଇପାରେ ନା । ଶ୍ରୀ ଜୀଉଙ୍କୁ ଗୀତ ଗୋବିନ୍ଦ ଖଣ୍ଡୁଆ ପିନ୍ଧାଇ ଦିଆଯାଏ । ପାଟ, ଚନ୍ଦ୍ରିକା, କରପଲ୍ଲବ, ହୃଦ ପଲ୍ଲବ ଆଦି ଯଥା ସ୍ଥାନରେ ଲାଗି କରାଯାଏ । ଶ୍ରୀରାମ ଦାସ ମଠ ଓ ଏମାର ମଠ ଏହି ବେଶର ଉପକରଣ ଯୋଗାଇବା ପାଇଁ ସ୍ୱତନ୍ତ୍ର ବତ୍ତି ଭୋଗ କରି ଆସୁଛନ୍ତି ।

୧୭) ବଡ଼ସିଂହାର ଭୋଗ:– ବଡ଼ସିଂହାର ଭୋଗରେ ବିରି ପିଠା, କଞ୍ଚାଘିଅ, ଦହିପଖାଳ, ପଇଡ଼, କଦଳୀ ବଡ଼ା, କ୍ଷୀରି, ସାକରା ଇତ୍ୟାଦି ଭୋଗ କରାଯାଏ । ବଳଭଦ୍ର , ସୁଭଦ୍ରା ଓ ଜଗନ୍ନାଥଙ୍କ ପାଖରେ ତିନୋଟି ପରଖ ରଖାଯାଏ । ଅନ୍ୟାନ୍ୟ ଭୋଗ କଲାବେଳେ ପୂଜାପଣ୍ଡା

ଆସନ ଉପରେ ବସି ପୂଜା କରନ୍ତି ମାତ୍ର ବଡ଼ସିଂହାର ଭୋଗ ବେଳେ ପୂଜାପଣ୍ଡା ତଳେ ବସି ଭୋଗ ନୈବେଦ୍ୟ କରନ୍ତି । ପୂଜା ଗ୍ୱଲିଥିବା ସମୟରେ ବଡ଼ ଛତା ମଠର ବାବାଜୀ ମାନେ ବାଦ୍ୟ ବଜାଉଥାନ୍ତି ଓ ଭଜନ ଗାନ କରୁଥାନ୍ତି । ଭୋଗପରେ ବିଡ଼ିଆ ପାନ ସମର୍ପଣ ହୁଏ । ତାନ୍ତ୍ରିକ ମତାନୁଯାୟୀ ଶ୍ରୀଜଗନ୍ନାଥ ମହା ଭୈରବ ହୋଇଥିବାରୁ ବିରିପିଠା ଯାହା ଆମିଷ ପଦବାଚ୍ୟ ଏବଂ ତାମ୍ର ପାତ୍ରରେ ପଇଡ଼ ପାଣି ଯାହା ମଦ୍ୟସହିତ ସମାନ, ଏସବୁ ସମର୍ପଣ କରାଯାଇଥାଏ । ବଡ଼ସିଂହାର ଭୋଗ ଶ୍ରୀଜଗନ୍ନାଥଙ୍କର ଶେଷ ଭୋଗ । ଏହାପରେ ଠାକୁରଙ୍କର ପହୁଡ଼ ପର୍ବ ଆରମ୍ଭ ହୁଏ ।

୧୮) ପହୁଡ଼ :– ଭୋଗପରେ ଭିତରବଡୁ ବା ସୁଆର ବଡୁ ଭିତର ପରିସ୍କାର କରନ୍ତି । 'ଖଟଶେଯ ମେକାପ' ତିନୋଟି ରତ୍ନପଲଙ୍କ ନେଇ ରଖନ୍ତି । 'ଗରାବଡୁ' ତିନୋଟି ଝରିରେ ଘଷାଜଳ ରଖିଥାନ୍ତି । ଏହାପରେ ଶୟନ ଠାକୁରଙ୍କୁ ଭଣ୍ଡାର ଘରୁ ଆଣି ରତ୍ନ ସିଂହାସନରେ ବିଜେ କରାଯାଏ । କର୍ପୂର ଆରତୀ କରାଯାଏ ଏବଂ ତାପରେ ଶୟନ ଠାକୁରଙ୍କୁ ଜୟ ବିଜୟ ଦ୍ୱାର ନିକଟକୁ ଆଣି ଏକ ଉତ୍ସରୁ ଉପରେ ବିଜେ କରାଯାଏ । ଏହି ସମୟରେ ବୀଣାକାର ଓ କାହାଳିଆ ଯଥାକ୍ରମେ ବୀଣା ଓ କାହାଳୀ ବଜାଉଥାନ୍ତି । 'ଭିତର ଗାଏଣି' ଗୀତ ଗୋବିନ୍ଦ ଗାନ କରୁଥାନ୍ତି । ଶୟନ ଠାକୁର ଜୟବିଜୟ ଦ୍ୱାର ନିକଟକୁ ବିଜେ ହେଉଥିବା ସମୟରେ 'ଛତାର' ତାଙ୍କ ମୁଣ୍ଡ ଉପରେ ଛତି ଟେକି ଆସୁଥାନ୍ତି । ଜୟ ବିଜୟ ଦ୍ୱାର ନିକଟରେ ଶୟନ ଠାକୁରଙ୍କୁ ଆରତୀ ବନ୍ଦାପନା କରାଯାଏ । ଏହା ପରେ ଶୟନ ଠାକୁରଙ୍କୁ ଭଣ୍ଡାର ଘରକୁ ବିଜେ କରାଯାଏ । ତତ୍ପରେ ଆଲୁଅ ଲିଭାଇ ଦିଆଯାଏ ଏବଂ ମୁଦୁଲି କବାଟ ବନ୍ଦ କରି ଗ୍ୱବି ପକାନ୍ତି ଏବଂ ତଳୁଛ ମହାପାତ୍ର ଏହାକୁ ତଦାରଖ କରନ୍ତି । ବାଦ୍ୟକାର, ସେବାୟତ ଗଣ, ଏବଂ ଭକ୍ତ ସମାଜ ସମସ୍ତେ ସିଂହଦ୍ୱାର ଦେଇ ବାହାରକୁ ଗ୍ୱଲିଆସନ୍ତି । ସିଂହଦ୍ୱାର ବନ୍ଦ ହେବା ପୂର୍ବରୁ ପତିତପାବନଙ୍କ ଦ୍ୱାର ବନ୍ଦ କରାଯାଏ ଏବଂ ମନ୍ଦିର ମଧ୍ୟରେ ଯେପରି କେହି ନରହିବେ ସେଥିପାଇଁ 'ଦେଉଳଶୋଧ' କରାଯାଏ । ଏହା ପୂର୍ବରୁ ଅନ୍ୟ ତିନିଦ୍ୱାର ବନ୍ଦ କରାଯାଇଥାଏ ।

ଏହିପରି ଭାବରେ ଶ୍ରୀଜଗନ୍ନାଥଙ୍କର ଗୋଟିଏ ଦିନ ଅତିବାହିତ ହୁଏ । ରାଜାଧିରାଜ ଶ୍ରୀଜଗନ୍ନାଥଙ୍କ ସେବାରେ ୧୧୭ ଗୋଟି ସେବକ ନିଯୁକ୍ତ । ପ୍ରତ୍ୟେକ ନିଜର ସେବାହିଁ କେବଳ କରିଥାନ୍ତି । ସେମାନେ ନିଜ ସେବା ବ୍ୟତୀତ ଅନ୍ୟ ସେବକଙ୍କ ସେବା କରିବା ପାଇଁ ହକ୍‌ଦାର ନୁହଁନ୍ତି । ଗଜପତି ମହାରାଜା ପ୍ରଧାନ ସେବକ ଭାବରେ ପରିଗଣିତ ହୁଅନ୍ତି । ଦେଉଳ କରଣ ପ୍ରତ୍ୟହ ମାଦଳା ପାଞ୍ଜି ଲେଖନ୍ତି ଏବଂ ପ୍ରତ୍ୟେକ ନୀତିର ତଦାରଖ କରନ୍ତି । ସ ବୁ ବର୍ଣ୍ଣର ସେବକ ଜଗନ୍ନାଥଙ୍କ ସେବା ପୂଜାରେ ନିଯୁକ୍ତ ।

ଏ ସମସ୍ତ ବିଷୟରୁ ସୂଚୀତ ହୁଏ ଯେ ଶ୍ରୀଜଗନ୍ନଥଙ୍କ ସେବା ପୂଜା କେଡ଼େ ବ୍ୟାପକ ତଥା କଠୋର ନିୟମାନ୍ତର୍ଗତ । ଏଥିରେ ସାମାନ୍ୟ କୋହଳ ମଧ କରାଯାଇପାରେ ନାହିଁ । ପ୍ରତ୍ୟେକ ସେବା ଅନ୍ୟ ସେବା ଉପରେ ନିର୍ଭର କରେ । ଅର୍ଥାତ୍, ମଙ୍ଗଳ ଆରତୀ ଶେଷ ନ

ହେଲେ ଅବକାଶ ହୋଇ ପାରିବ ନାହିଁ । ସମୁଦାୟ ନୀତି ଶେଷ ନହେଲେ ପହୁଡ଼ ହେବା ସମ୍ଭବ ହୁଏ ନାହିଁ । ରାତ୍ରି ପାହିଲା ବେଳକୁ ଯେତିକି ନୀତି ଅନୁଷ୍ଠିତ ହୋଇଥାଏ, ସେତିକିରେ ରହେ ଏବଂ ଶ୍ରୀମନ୍ଦିର ଖୋଲା ରହିଥାଏ । ଅଦ୍ୟାବଧି ସେବା ପୂଜା ଆଇନ୍ ଅନୁଯାୟୀ ସମ୍ପନ୍ନ ହେଉଛି, ତାର କାରଣ, ସେବାୟତମାନଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ଭାବ ଭକ୍ତି । ସେମାନେ ସମସ୍ତେ ଜଗନ୍ନାଥ ସର୍ବସ୍ୱ । ଜଗନ୍ନାଥଙ୍କ ଯୋଗୁ ସେମାନଙ୍କର ଆୟ, ସମ୍ମାନ ସବୁ କିଛି, ଏହା ପ୍ରତ୍ୟେକ ଉପଲବ୍ଧି କରନ୍ତି । ସେହି ପରମାରାଧ୍ୟ ଠାକୁରଙ୍କୁ ଯଥାରୀତି ସେବା କରିବା ଏକମାତ୍ର କାମ୍ୟ ।

ସାମୟିକ ନୀତିଃ–

ଦୈନିକ ନୀତି ଏକ ସାଧାରଣ ଦିନର ନୀତି । ଏ ସମସ୍ତ ନୀତି ପାଳିତ ହେବା ସଙ୍ଗେ ସଙ୍ଗେ, କେତେକ ବିଶିଷ୍ଟ ମାସ, ତିଥି ଓ ବାର ପ୍ରଭୃତିରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱତନ୍ତ୍ର ନୀତି ପାଳିତ ହୁଏ । ଏହାକୁ ସାମୟିକ ବା ସ୍ୱତନ୍ତ୍ର ନୀତି କୁହାଯାଏ । ନିମ୍ନରେ ତନ୍ମଧ୍ୟରୁ କେତେକଙ୍କର ସୂଚନା ଦିଆଗଲା ।

୧) ଗୁରୁବାର ଦିନର ନୀତି (ମାଜଣା)– ଗୁରୁବାର ଦିନ ଶ୍ରୀଜୀଉଙ୍କ ରତ୍ନସିଂହାସରୁ ଲକ୍ଷ୍ମୀ ଓ ସରସ୍ୱତୀ ସକାଳ ଧୂପ ପରେ ମାଜଣା ମଣ୍ଡପକୁ ବିଜେ କରନ୍ତି । ସେଠାରେ ସ୍ୱତନ୍ତ୍ର ନୀତି ପାଳିତ ହୁଏ । ଦକ୍ଷିଣ ଘରୁ ମଦନମୋହନଙ୍କୁ ଆଣି ମାଜଣା ମଣ୍ଡପରେ ବିଜେ କରାଯାଏ । ଠାକୁରମାନଙ୍କର ମାଜଣା, ବନ୍ଦାପନା, ଭୋଗ ଇତ୍ୟାଦି ସମ୍ପନ୍ନ ହୁଏ ଏବଂ ଦ୍ୱିପ୍ରହର ଧୂପ ଛେକ ଆସିଲେ ଦୁଇ ଠାକୁରାଣୀଙ୍କୁ ରତ୍ନସିଂହାସନକୁ ଓ ମଦନ ମୋହନଙ୍କୁ ଦକ୍ଷିଣ ଘରକୁ ବିଜେ କରାଇ ନିଆଯାଏ ।

ଏକାନ୍ତଃ– ଗୁରୁବାର ରାତ୍ରିରେ ଏକାନ୍ତ ହେବାର ନିୟମ । ସନ୍ଧ୍ୟା ଧୂପ ପରେ ମଦନମୋହନଙ୍କୁ ରତ୍ନସିଂହାସନରେ ବିଜେ କରାଯାଏ । ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ମଦନମୋହନଙ୍କୁ ଓ ଲକ୍ଷ୍ମୀଙ୍କୁ ଦିଆଯାଏ । ଆଜ୍ଞାମାଳ ଲାଭ କରିବାପରେ ମଦନମୋହନ ଓ ଲକ୍ଷ୍ମୀ ବିମାନରେ ବିଜେ କରି ସରସ୍ୱତୀଙ୍କ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରନ୍ତି । ଯାତ୍ରା ସମୟରେ ଛତି ଓ ଘଣ୍ଟା ସହ ପଟୁଆରରେ ଯାଆନ୍ତି । ଦିହୁଡ଼ି, ଘଣ୍ଟ ଓ ଛତି ସହ ଠାକୁର ଠାକୁରାଣୀଙ୍କୁ ହାତରେ ବିଜେ କରାଇ ନେଇ ସରସ୍ୱତୀଙ୍କ ମନ୍ଦିର ଭିତରେ ପଶି ମହାଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନକୁ ଯାଆନ୍ତି । ସେଠାରେ ପୂର୍ବରୁ ରଖାଯାଇଥିବା ଏକ ପଲଙ୍କରେ ମଦନମୋହନ ଓ ଲକ୍ଷ୍ମୀଙ୍କୁ ବିଜେ କରାଯାଏ । ଭିତରଛମହାପାତ୍ର ପ୍ରସାଦ ଲାଗି କରନ୍ତି । ପୂଜାପଣ୍ଡା ପୂଜା କରନ୍ତି । ପୂଜାପରେ କର୍ପୂର ଓ ବଳିତା ଆରତୀ ହୁଏ ଏବଂ ଅକ୍ଷତ ବନ୍ଦାପନା କରାଯାଏ । ଏହାପରେ ଠାକୁର ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ସାତପାହାଚ ବାଟ ଦେଇ ଗରୁଡ଼ ସାମନା ଜଗମୋହନରେ ଓହ୍ଲାନ୍ତି ।

ଲକ୍ଷ୍ମୀ ସିଂହାସନକୁ ଓ ମଦନ ମୋହନ ଦକ୍ଷିଣ ଘରକୁ ବିଜେ କଲାପରେ ଏକାନ୍ତ ନୀତି ସମାପ୍ତ ହୁଏ ।

କିନ୍ତୁ, ଜନ୍ମାଷ୍ଟମୀଠାରୁ କଂସ ବଧ (ଭାଦ୍ରବ ଶୁକ୍ଳ ଦଶମୀ) ପର୍ଯ୍ୟନ୍ତ ଗୁରୁବାରରେ ଏକାନ୍ତ ହୁଏ ନାହିଁ । ଗୁରୁବାର ଦିନ ଏକାଦଶୀ ପଡ଼ିଲେ ଏକାନ୍ତ ମଧ୍ୟ ହୁଏ ନାହିଁ । କୁମାରପୂର୍ଣ୍ଣମୀ ଠାରୁ ସାତଦିନ ମଧ୍ୟରେ ଯେଉଁ ଗୁରୁବାର ପଡ଼େ ସେଥିରେ ଏକାନ୍ତ ହୁଏ ନାହିଁ । ଶ୍ରୀରାମ ନବମୀଠାରୁ ପୁଷ୍ୟାନକ୍ଷତ୍ରରେ ଅଭିଷେକ ଯାଏ ଏକାନ୍ତ ମଧ୍ୟ ହୁଏ ନାହିଁ । ସ୍ନାନ ପୂର୍ଣ୍ଣମୀ ଠାରୁ ଦିଅଁ ରଥରୁ ସିଂହାସନକୁ ଫେରିବା ପର୍ଯ୍ୟନ୍ତ ଗୁରୁବାର ନୀତି ଅର୍ଥାତ୍ ମାଜଣା ଓ ଏକାନ୍ତ ହୁଏ ନାହିଁ । ସହସ୍ର କୁମ୍ଭ ଅଭିଷେକ ଠାରୁ ଦଶହରା ପର୍ଯ୍ୟନ୍ତ ଏକାନ୍ତ ହେବାର ବିଧି ନାହିଁ । ଚନ୍ଦନଯାତ୍ରାବେଳେ ଚନ୍ଦନ ବେଢ଼ାରେ ମାଜଣା ହୁଏ ଏବଂ ଚନ୍ଦନରୁ ଫେରିଲେ ଏକାନ୍ତ ହୁଏ । ନବୋତ୍ସବ ଓ ଦୟଣା ଗ୍ରେରିରେ ଗୁରୁବାର ପଡ଼ିଲେ ମାଜଣା ହୁଏ ନାହିଁ ।

୨) ଅମାବାସ୍ୟା ନୀତି ବା ସାଗର ବିଜେ:– ଅମାବାସ୍ୟା ପ୍ରତିପଦ ସ୍ପର୍ଶ ହେଲେ ସକାଳ ଧୂପ ପରେ ଏ ନୀତି ହେବାର ନିୟମ । ସକାଳ ଧୂପ ପରେ ଦକ୍ଷିଣ ଘରୁ ନାରାୟଣଙ୍କୁ ଆଣି ରତ୍ନସିଂହାସନରେ ବିଜେ କରାଯାଏ ଏବଂ ଶ୍ରୀଜଗନ୍ନାଥଙ୍କ ତୁଳସୀମିଶ୍ରିତ ଆଜ୍ଞାମାଳ ନାରାୟଣ ଲାଭ କରିବାପରେ ତାଙ୍କୁ ଏକ ପାଲିଙ୍କିରେ ବିଜେ କରାଇ ସମୁଦ୍ରକୂଳ ସ୍ୱର୍ଗଦ୍ୱାରକୁ ନିଆଯାଏ । ସମୁଦ୍ର ଜଳ ଠାକୁରଙ୍କୁ ଲାଗି କରାଯାଏ । ଆରତୀ ବନ୍ଦାପନା ଆଦି କର୍ମ ଅନୁଷ୍ଠିତ ହୁଏ । ସ୍ୱର୍ଗ ଦ୍ୱାରରୁ ଯମେଶ୍ୱର ମହାଦେବଙ୍କ ମନ୍ଦିରକୁ ଠାକୁର ବିଜେ କରନ୍ତି । ସେଠାରେ ଦହି ଓ ପଞ୍ଚାମୃତରେ ମହାସ୍ନାନ କରାଯାଏ ଏବଂ ପଞ୍ଚୋପଗ୍ୱରରେ ପୂଜା ହୁଏ । ବନ୍ଦାପନା ଆଦି କର୍ମପରେ ଠାକୁର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଦକ୍ଷିଣ ଘରକୁ ନାରାୟଣ ବିଜେ କଲେ ସାଗର ବିଜେ ନୀତି ସମାପ୍ତ ହୁଏ । ସ୍ୱର୍ଗଦ୍ୱାରକୁ ଓ ଯମେଶ୍ୱର ମହାଦେବଙ୍କ ନିକଟକୁ ମାସକରେ ଏକଥର ନାରାୟଣଙ୍କ ଯାତ୍ରା ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ ।

ଆଷାଢ଼ ମାସରେ ଅମାବାସ୍ୟାରେ ପ୍ରତିପଦ ସ୍ପର୍ଶ ହେଲେ ମଧ୍ୟ ଏହି ନୀତି ହୁଏ ନାହିଁ ।

୩) ନକ୍ଷତ୍ର ବନ୍ଦାପନା:– ଯେଉଁଦିନ ଠାକୁରଙ୍କର ଜନ୍ମ ନକ୍ଷତ୍ର ପଡ଼େ, ସେହିଦିନ ଏହି ନୀତି ମଧ୍ୟାହ୍ନ ଧୂପ ପରେ ଅନୁଷ୍ଠିତ ହୁଏ । ଦୈନିକ ନୀତିରେ ସୂଚନା ଦିଆଯାଇଅଛି ଯେ ଜ୍ୟୋତିଷ ଅବକାଶ ପୂଜା ସମୟରେ ଠାକୁରମାନଙ୍କର ଗ୍ରହପୀଡ଼ା ଆଦି ସୂଗ୍ୱଇ ଥାଆନ୍ତି । ବଳଭଦ୍ରଙ୍କର ରାଶି ନକ୍ଷତ୍ର ହେଉଛି ଶ୍ରବଣା ମକର । ସୁଭଦ୍ରାଙ୍କର ଜ୍ୟେଷ୍ଠା ବିଛା ଓ ଜଗନ୍ନାଥଙ୍କର ରୋହିଣୀ ବୃଷ । ଅଧିକ ଆରତୀ ବନ୍ଦାପନା ମାଧ୍ୟମରେ ଜନ୍ମନକ୍ଷତ୍ର ଜନିତ କ୍ଲେଶ ଦୂର ହେବା ପାଇଁ ଗ୍ରହରୂପୀ ଜନାର୍ଦ୍ଦନଙ୍କ କ୍ଷେତ୍ରରେ ନକ୍ଷତ୍ର ବନ୍ଦାପନା ନୀତି କେତେ ଲୋକଶିକ୍ଷାମୂଳକ

ତାହା ହୃଦୟଙ୍ଗମ କରିବା କଥା । ଅନବସର ବେଳେ, ଠାକୁର ଗୁଣ୍ଡିଘ୍ର ଘରେ ବା ରଥ ଉପରେ ଥିଲାବେଳେ ଏ ନୀତି ପାଳନ କରାଯାଏ ନାହିଁ ।

୪) ଏକାଦଶୀ ନୀତି:– ପ୍ରତ୍ୟେକ ଏକାଦଶୀରେ ସନ୍ଧ୍ୟା ଆରତୀ ପରେ ଏକାଦଶୀ ନୀତି ପାଳିତ ହୁଏ । ସନ୍ଧ୍ୟା ଆରତୀ ପରେ ଠାକୁରମାନଙ୍କର ସର୍ବାଙ୍ଗ ଚନ୍ଦନ ଲାଗି ହୁଏ । ଘଟୁଆରୀ ରୂପା ପିଙ୍ଗଣରେ ଚନ୍ଦନ, କର୍ପୂର, କସ୍ତୁରୀ, ଚୂଆ ଇତ୍ୟାଦି ଭଣ୍ଡାର ଦ୍ୱାରରେ ରଖିଥାନ୍ତି । ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଠାକୁରଙ୍କୁ ଚନ୍ଦନ ଲାଗି କରନ୍ତି । ଏତଦ୍‌ବ୍ୟତୀତ, ସନ୍ଧ୍ୟାଧୂପ ପରେ ଗରୁଡ଼ ସେବକ ନୀଳଚକ୍ର ନିକଟରେ ମହାଦୀପ ଜାଳନ୍ତି । ଦଧିନଉତି ତଳେ ଠିଆ ହୋଇ ତୁଳସୀ ଚନ୍ଦନ ନୀଳଚକ୍ରକୁ ଲାଗି କରି ତିନିଜଣ ସେବକ ନୀଳଚକ୍ର ଘୁରିପଟେ ତିନି ଘେରା ବୁଲନ୍ତି ଓ ଚନ୍ଦ୍ରଉଦିଆ ପ୍ରତ୍ୟେକ ଦିଗରେ ତିନୋଟି ଲେଖାଁଏ ଜାଳନ୍ତି । ବୁଲିବା ସମୟରେ 'ମହାପ୍ରଭୁ ପୁରୀ ରାଜାଙ୍କୁ (ଶ୍ରୀଦିବ୍ୟସିଂହ ଦେବଙ୍କୁ) ଶଙ୍ଖେ ପୁରାଇ ଚକ୍ର ଆଢୁଆଳ କରନ୍ତୁ' କହିବା ସଂଗେ ସଂଗେ ପ୍ରଜାଙ୍କ ମଙ୍ଗଳ କାମନା କରନ୍ତି ଏବଂ ହରିବୋଲ ଡାକ ଦିଅନ୍ତି ।

ଏକାଦଶୀ ଯଦି ଗୁରୁବାରରେ ପଡ଼େ, ତେବେ ସନ୍ଧ୍ୟା ଧୂପ ଭୋଗ ପରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ମହାସ୍ନାନ ହୁଏ । ଭିତରଛ ମହାପାତ୍ର ଉପରେ ଠିଆହୋଇ ଶ୍ରୀଜଗନ୍ନାଥଙ୍କ ପାଖରେ ଦଣ୍ଡଛତ୍ର ଧରନ୍ତି । ପାଳିଆ ମେକାପ ସିଂହାସନ ଉପରକୁ ଉଠି ଉକ୍ତ ଦଣ୍ଡ ଛତ୍ରର ବେଣ୍ଟକୁ ହନୁମାନ ଶ୍ରୀରାମଙ୍କ ଅଭିଷେକରେ ଦଣ୍ଡ ଧରିଲା ପରି ଆଣ୍ଠୁମାଡ଼ି ବସି ଧରି ରହନ୍ତି । ମୁଦିରସ୍ତ ପ୍ରସାଦ ଲାଗି କରନ୍ତି । ଶ୍ରୀ ଜଗନ୍ନାଥଙ୍କୁ କର୍ପୂର ଓ ବଳିତା ଆରତୀ କରାଯାଏ ଏବଂ ଅକ୍ଷତ ବନ୍ଦାପନା ମଧ୍ୟ ହୁଏ । ଏହାପରେ ରାଜନୀତି ମଧ୍ୟ ହୁଏ ।

ସୋମବାରରେ ଏକାଦଶୀ ପଡ଼ିଲେ ଏହାକୁ ଶମ୍ଭୁ ଏକାଦଶୀ କୁହାଯାଏ । ଦ୍ୱିପ୍ରହର ଧୂପ ପରେ ମଦନମୋହନ ଆଜ୍ଞାମାଳ ପାଇ, ଶ୍ରୀମନ୍ଦିର ପରିକ୍ରମା କରି ଲୋକନାଥଙ୍କ ମନ୍ଦିରକୁ ବିମାନରେ ବିଜେ କରନ୍ତି । ପୂଜାପଣ୍ଡା ସେଠାକୁ ଯାଇ ଭୋଗ ନୈବେଦ୍ୟ କରନ୍ତି, ଆରତୀ ବନ୍ଦାପନା କରାଯାଏ । ପୂର୍ବରୁ ଭଣ୍ଡାର ଘରୁ ଶ୍ରୀଲୋକନାଥ ଲୋକନାଥଙ୍କ ମନ୍ଦିରକୁ ଯାଇଥାନ୍ତି । ପୂଜାପରେ ଦୁଇ ଠାକୁର ମଦନମୋହନ ଯାଇଥିବା ପାଲିଙ୍କିରେ ଏକତ୍ର ବିଜେ ହୁଅନ୍ତି ଏବଂ ଶ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଜୟ ବିଜୟ ଦ୍ୱାରଠାରେ ପୂଜାର୍ଚ୍ଚନା କରାଯାଏ ଏବଂ ତତ୍ପରେ ଠାକୁରମାନେ ଯେଉଁ ସ୍ଥାନକୁ ଯାଆନ୍ତି । ଆଷାଢ଼ ମାସ ଶୟନ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ଯାଏଁ ଠାକୁରମାନେ ଲୋକନାଥଙ୍କ ପାଖକୁ ଯାଆନ୍ତି ନାହିଁ । ଉକ୍ତ ଚତୁର୍ମାସ୍ୟାରେ ଲୋକନାଥଙ୍କ ସେବକ ଆସି ଲୋକନାଥଙ୍କୁ (ଭଣ୍ଡାର ଘରର) ଓ ମଦନମୋହନଙ୍କୁ ଜୟବିଜୟ ଦ୍ୱାରଠାରେ ବନ୍ଦାପନା ନୀତି କରନ୍ତି । ସେହିପରି, ଚନ୍ଦନ ଯାତ୍ରାରେ ଓ ରୁକ୍ମିଣୀ ହରଣରେ ଠାକୁରମାନେ ଶ୍ରୀଲୋକନାଥଙ୍କ ମନ୍ଦିରକୁ ଯାଆନ୍ତି ନାହିଁ ।

୫) ଘୋଡ଼ଲାଗି :– ମାର୍ଗଶୀର ମାସ ଓଡ଼ଣ ଷଷ୍ଠୀ (ପ୍ରାବରଣ ଷଷ୍ଠୀ) ଠାରୁ ମାଘମାସ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଠାକୁରମାନେ ଘୋଡ଼ ଲାଗି ହୁଅନ୍ତି । ଘୋଡ଼ ଅର୍ଥାତ୍ ଶୀତ ଦିନରେ ଉଷ୍ମ ବସ୍ତ୍ର ଘୋଡ଼ି ହେବା ବା ଶରୀରକୁ ଆବୃତ କରି ରଖିବାକୁ ବୁଝାଇଥାଏ । ଘୋଡ଼ଲାଗି ଦିନମାନଙ୍କରେ ମଧ୍ୟାହ୍ନ ଧୂପ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଧୂପରେ ପୂଜାପଣ୍ଡାମାନେ ରତ୍ନସିଂହାସନ ଉପରେ ବସି ପୂଜା କରନ୍ତି ନାହିଁ । କେଉଁ ଘୋଡ଼ କେଉଁ ବାରରେ ଲାଗି ହୁଏ, ସ୍ୱପ୍ନଲିପିରେ ସୂଚନା ଦିଆଯାଇଛି ।

ରବିବାର — ଲାଲ ରଙ୍ଗର ଘୋଡ଼

ସୋମବାର — କଳାଛିଟମିଶା ଶୁକ୍ଳ ଘୋଡ଼

ମଙ୍ଗଳବାର — ପାଞ୍ଚରଙ୍ଗ ମିଶା ଘୋଡ଼

ବୁଧବାର — ନୀଳ ରଙ୍ଗର ଘୋଡ଼

ଗୁରୁବାର — ବସନ୍ତ ରଙ୍ଗର ଘୋଡ଼

ଶୁକ୍ରବାର — ଶୁକ୍ଳରଙ୍ଗର ଘୋଡ଼

ଶନିବାର — କଳା ରଙ୍ଗର ଘୋଡ଼

୬) ବନକ ଲାଗି ବା ଶ୍ରୀମୁଖ ସିଂହାର :– ଏହା ପ୍ରତ୍ୟେକ ସପ୍ତାହରେ ବୁଧବାର କିମ୍ବା ଗୁରୁବାର ଦିନ ଦ୍ୱିପ୍ରହର ଧୂପ ପରେ ହେବାର ନିୟମ । ଠାକୁରମାନଙ୍କ ଶ୍ରୀମୁଖରେ ବନକ ବା ରଙ୍ଗ ଦେବା କାର୍ଯ୍ୟକୁ ଶ୍ରୀମୁଖ ସିଂହାର କୁହାଯାଏ । ତିନିଜଣ ଦଉ ମହାପାତ୍ର ସେବକ ରତ୍ନସିଂହାସନ ଉପରେ ଠିଆହୋଇ ଠାକୁରଙ୍କ ମୁଖ ସିଂହାର କରନ୍ତି । ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଁଥ ଅଠା, କସ୍ତୁରୀ, କଳା ତେଲ ଇତ୍ୟାଦିର ମିଶ୍ରଣରେ ଏହା ପ୍ରସ୍ତୁତ ହୋଇଥାଏ । ଏ ନୀତି ଗ୍ରଲିଥିବା ସମୟରେ ଜୟବିଜୟ ଦ୍ୱାର ବନ୍ଦ ରହେ, ଫଳରେ ଦର୍ଶନାର୍ଥୀଙ୍କର ଦର୍ଶନର ସୁବିଧା ନଥାଏ । ଏହା ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଗ୍ଲେ । ବନକଲାଗି ପରେ ତିନିଜଣ ପୂଜାପଣ୍ଡା ସିଂହାସନ ତଳେ ବସି ଠାକୁରଙ୍କୁ ପଞ୍ଚାମୃତରେ ମହାସ୍ନାନ କରାନ୍ତି ।

୭) ବେଣ୍ଟ ବା ଶୀକାର :– ଫାଲ୍ଗୁନ ଶୁକ୍ଳପକ୍ଷ ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ ଓ ଦ୍ୱାଦଶୀ ତିଥିରେ ମଙ୍ଗଳ ଆରତୀପରେ ଠାକର ବେଣ୍ଟ ବା ଶୀକାରକୁ ବିଜେ କରିବାର ନିୟମ । ଦୋଳ ଗୋବିନ୍ଦ ଆଜ୍ଞାମାଳ ପାଇ ପାଲିଙ୍କିରେ ଜଗନ୍ନାଥ ବଲ୍ଲଭ ମଠକୁ ଯାତ୍ରା କରନ୍ତି । ଘଣ୍ଟ, ଛତି, କାହାଳୀ ସହ ବିମାନବଡୁ ସେବକ ଗଣ ଠାକୁରଙ୍କୁ ଜଗନ୍ନାଥବଲ୍ଲଭକୁ ନିଅନ୍ତି । ମଠରେ ଠାକୁରଙ୍କୁ ଭୋଗ ଦିଆଯାଏ ଏବଂ ଆରତୀ ବନ୍ଦାପନା ଆଦି କରାଯାଏ । ତତ୍ପରେ ମଠ ଭିତରେ ଥିବା ବେଣ୍ଟ ପୋଖରୀକୁ ଠାକରଙ୍କୁ ନିଆଯାଏ । ଭିତରଛ ମହାପାତ୍ର କାଣ୍ଡ ହେଙ୍ଗୁଡ଼ (ପାଞ୍ଚୋଟି ଲୁହାର ମୁନିଆ ସର) ମହାପ୍ରଭୁଙ୍କ ପ୍ରତିନିଧି ଭାବରେ ଠାକୁରଙ୍କ ଶ୍ରୀହସ୍ତରେ

ଛୁଆଁଇ ଲେଙ୍କା ସେବକଙ୍କ ହାତକୁ ଦିଅନ୍ତି । ସେଠାରେ ପାଞ୍ଚଗୋଟି ପଇଡ଼ ମୃଗଙ୍କାନରେ ରଖାଯାଏ । ଲେଙ୍କା ଉପରୋକ୍ତ ଶର ପଇଡ଼କୁ ଲାଖ କରନ୍ତି । ଏହି ପଇଡ଼ରୁ ଗୋଟିଏ ଲେଙ୍କା ନିଅନ୍ତି ଓ ଅନ୍ୟ ଗୁରିଗୋଟି ରାଜାଙ୍କ ନଅରକୁ ତାଟ ଯାଏ । ଏହାପରେ ଠାକୁରଙ୍କର ବାହୁଡ଼ା ବିଜେ ହୁଏ ।

୮) **ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ନୀତି** :– ଚନ୍ଦ୍ର ଗ୍ରହଣ ବା ସୂର୍ଯ୍ୟୋପରାଗରେ ପାକତ୍ୟାଗ ସମୟଠାରୁ ଠାକୁରଙ୍କର ନୀତି ବନ୍ଦ ରହେ । ପାକ ତ୍ୟାଗ ପୂର୍ବରୁ ଠାକୁର ତଡ଼ପ ଉତ୍ତରି ଲାଗି ହୋଇ ବସି ରହନ୍ତି । ଗ୍ରହଣ ବା ଉପରାଗ ଲାଗିଲେ ପୂଜାପଣ୍ଡାମାନେ ଠାକୁରମାନଙ୍କର ଗ୍ରହଣ ମହାସ୍ନାନ କରାନ୍ତି । ରୋଷରେ ହୋମ ହୁଏ । ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ହୁଏ । ତତ୍ପରେ ସିଂହାରୀ ସେବକମାନେ ଠାକରମାନଙ୍କୁ ଗ୍ରହଣ ବେଶ ପରନ୍ତି । ଏ ବେଶ ଲୁଗା, ଫୁଲ ଓ ତୁଳସୀ ଦ୍ୱାରା ହୁଏ । ଏହି ସମୟରେ ଜୟବିଜୟ ଦ୍ୱାର ବନ୍ଦ ଥାଏ ଏବଂ ଠାକୁରଙ୍କ ଗ୍ରହଣ ଭୋଗ କରାଯାଏ । ଖଇ, କୋରା ଆଦି ଗ୍ରହଣ ଭୋଗର ସାମଗ୍ରୀ ଅଟେ ।

୯) **ଅଶୌଚ ବା ଦୁର୍ଘଟଣାଜନିତ ନୀତି** :– (କ) ଶ୍ରୀ ମନ୍ଦିରରେ ଅକସ୍ମାତ୍ ଦୁର୍ଘଟଣା ହେଲେ ଅର୍ଥାତ୍ କୁକୁର ପ୍ରବେଶ କଲେ, ଶ୍ରୀ ମନ୍ଦିର ହତାରେ ଶବ ଓ ଅସ୍ଥି ଦେଖାଗଲେ ଠାକୁରଙ୍କ ନୀତି ବନ୍ଦ ରଖାଯାଏ ଓ ନୀତିର ଉପକରଣମାନ ବାହାରକୁ ବାହାର କରାଯାଏ । ଠାକୁରମାନଙ୍କର ବଡ଼ ମହାସ୍ନାନର ବ୍ୟବସ୍ଥା କରାଯିବ । ଜୟବିଜୟ ଦ୍ୱାର ଠାରୁ ଭିତର ପୋଖରୀଆ ପର୍ଯ୍ୟନ୍ତ ଧୂଆ ହୋଇ ଚୁନ ପାଣି ପଡ଼ିବ । ପାଳିଆ ମେକାପ ରହୁ ସିଂହାସନରେ ପୋଛା ମାରିବେ । ସିଂହାସନ ତଳେ ମହାସ୍ନାନ ପୂଜା ଠାଁ ହୋଇ ମହାସ୍ନାନ ବଢ଼ିବ । ଏହି ମହାସ୍ନାନ ପୂର୍ବରୁ ସମସ୍ତ ରୋଷ ଧୋପଖାଲ ହେବ ଏବଂ ରୋଷଘରେ ଥିବା ସମସ୍ତ ଭୋଗ, ପାଣି ପଶିଥିବା ସମସ୍ତ ଜିନିଷ, କଟାବଟା ପଦାର୍ଥମାନ, ପାଣି ହାଣ୍ଡି, ଶିକା ଓ ବାଉଁଶ ପ୍ରଭୃତି ବାହାର କରାଯିବ । ପୁନର୍ବାର ରୋଷ ହୋମ ଅନୁଷ୍ଠିତ ହେବ । ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ମଧ୍ୟ କରାଯିବ । ଏହାପରେ ଯେଉଁ ନୀତି ଠାରୁ ବନ୍ଦ ହୋଇଥିଲା ତାହା ଆରମ୍ଭ ହୋଇ କ୍ରମାନ୍ୱୟରେ ଅନ୍ୟାନ୍ୟ ସମସ୍ତ ନୀତି ହେବ ।

ଭୋଗ ପୂଜା ବସିଥିବା ସମୟରେ ଯଦି ଉପରୋକ୍ତ ଦୁର୍ଘଟଣା ଘଟେ, ପୂଜପଣ୍ଡାମାନେ ପୂଜାରୁ ଉଠି ଆସିବେ ଏବଂ ସେ ସମସ୍ତ ଭୋଗ ସାମଗ୍ରୀକୁ ବାହାର କରି ଦିଆଯିବ । ପାର୍ଶ୍ୱ ଦେବ ଦେବୀଙ୍କର ମଧ୍ୟ ମହାସ୍ନାନ ହୁଏ ।

(ଖ) ଭିତରକାଠ ପାଖରୁ ସିଂହାସନ ପର୍ଯ୍ୟନ୍ତ ସ୍ଥାନରେ ଯଦି କୌଣସି ଲୋକ ମଳ ତ୍ୟାଗ କରେ, ପରିସ୍ରା କରେ, ବାନ୍ତି କରେ ବା ରକ୍ତପାତ ହୋଇଥାଏ, ତେବେ ସମଗ୍ର ଅଞ୍ଚଳ ଧୁଆ ହୁଏ, ଓ ଚୁନ ପାଣି ପଡ଼େ ଏବଂ ଠାକୁରଙ୍କର ମହାସ୍ନାନ ହୁଏ ।

(ଗ) ଦର୍ଶନ ସମୟରେ କିମ୍ବା ଅନ୍ୟ ସମୟରେ ଯଦି କେହି ଶ୍ରୀଜୀଉଙ୍କୁ ହାତ ବଢ଼ାଇ ଛୁଇଁ ଦିଏ ତେବେ ଠାକୁରଙ୍କର ମହାସ୍ନାନ ହୁଏ ।

ସୂଚନା ଦିଆଯାଇପାରେ ଯେ ଶ୍ରୀମନ୍ଦିରକୁ ଅନ୍ୟଧର୍ମାବଲମ୍ବୀ ଲୋକଙ୍କର ପ୍ରବେଶ ନିଷେଧ । କୁଷ୍ଠରୋଗୀ ମଧ୍ୟ ପ୍ରବେଶ କରିପାରିବେ ନାହିଁ । ଯୋତା ଓ ମୋଜା ସହ ପ୍ରବେଶ କରିବାରେ ନିଷେଧ ଅଛି । ଫଟୋ କ୍ୟାମେରା ମନ୍ଦିରକୁ ନେବା ମଧ୍ୟ ନିଷେଧ । କୌଣସି ଯାନବାହାନରେ ମଧ୍ୟ କେହି ଶ୍ରୀମନ୍ଦିରକୁ ଯିବାର ବିଧି ନାହିଁ ।

ଗୁପ୍ତ ନୀତି :–

ଶ୍ରୀ ଜୀଉଙ୍କ କେତେକ ନୀତିକୁ ଗୁପ୍ତ ରଖାଯାଏ । ଏ ନୀତି ସମ୍ପର୍କରେ ବ୍ୟାଖ୍ୟାନ କରିବା ଅପରାଧମୂଳକ । ଉଦାହରଣ ସ୍ୱରୂପ, ପ୍ରତ୍ୟେକ ବର୍ଷ ଅନବସର କାଳୀନ ନୀତି ଗୁପ୍ତ ରଖାଯାଏ । ତାଟିର ଅନ୍ୟପଟେ ଦୈତା ଓ ପତି ମହାପାତ୍ର ଶ୍ରୀଜୀଉଙ୍କ ନୀତି ସମ୍ପାଦନ କରନ୍ତି । ସେ ସମୟରେ ସେମାନଙ୍କ ବ୍ୟତୀତ ଅନ୍ୟ କେହି ଶ୍ରୀଜୀଉଙ୍କୁ ଦର୍ଶନ କରିବା ବିଧିଯୁକ୍ତ ନୁହେଁ । ସେହିପରି, ନବକଳେବର ସମୟରେ ନୂତନ ବିଗ୍ରହ ନିର୍ମାଣ, ପୁରାତନ ବିଗ୍ରହରୁ ନୂତନ ବିଗ୍ରହକୁ ବ୍ରହ୍ମ ପରିବର୍ତ୍ତନ, ପୁରାତନ ବିଗ୍ରହଙ୍କୁ ସମାଧି ଦେବା ଆଦି ନୀତି ଅତି ଗୁପ୍ତରେ ସମ୍ପନ୍ନ କରାଯାଇଥାଏ ।

ରାଜାଧିରାଜ ଶ୍ରୀଜଗନ୍ନାଥଙ୍କ ସେବାପୂଜା ଓ ସମସ୍ତ ନୀତି ଅନୁଧ୍ୟାନ କଲେ ଜଣାଯାଏ ଯେ କେଉଁ ଆଦିମ କାଳରୁ ଅଦ୍ୟାବଧି ସେ ସମସ୍ତ ଆନ୍ତରିକତା, ନିଷ୍ଠା ଓ ପରମ୍ପରା ସହକାରେ ପାଳିତ ହୋଇ ଆସୁଅଛି । ସାମାନ୍ୟ ମାତ୍ରାରେ ବ୍ୟତିକ୍ରମର ଅବକାଶ ନାହିଁ, ଯାହା ଫଳରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ସମସ୍ତଙ୍କର ଆଦର୍ଶ ହୋଇ ରହିଛନ୍ତି । ଭାରତରେ ଓ ଭାରତ ବାହାରେ ବହୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଗଲାଣି ମାତ୍ର ସମସ୍ତଙ୍କ ଆଖି ପୁରୁଷୋତ୍ତମ ଧାମରେ । ବାସ୍ତବିକ ଶ୍ରୀକ୍ଷେତ୍ର ହିଁ ମର୍ତ୍ତ୍ୟ ବୈକୁଣ୍ଠ, ଏହା ନିଃସନ୍ଦେହ ।



ଦ୍ୱାଦଶ ଅଧ୍ୟାୟ

ଶ୍ରୀଜଗନ୍ନାଥଙ୍କ ଯାନିଯାତ୍ରା ସମ୍ବନ୍ଧୀୟ ନୀତି

ଶ୍ରୀଜଗନ୍ନାଥଙ୍କର ସାରାବର୍ଷ ପର୍ବପର୍ବାଣି ଗ୍ୱଲିଥାଏ । ବୀର ବାସରେ ତେର ଯାତ କଥା ଯାହା କୁହାଯାଏ, ପ୍ରକୃତରେ ତାହା ତେର ନୁହେଁ, ବହୁ ସଂଖ୍ୟକ । କିନ୍ତୁ କେତେକ ପ୍ରଧାନ ଯାତ୍ରାକୁ ଗଣନାକରି କୁହାଯାଇଛି ।

'ମଞ୍ଚେ ସ୍ନାନଂ ରଥବରଗତିଂ ଶୟନଂଗ୍ୱୟନଂ ଦ୍ୱୟଂ
ପାର୍ଶ୍ୱାବୃତ୍ତିଃ ଶୟନନିବୃତ୍ତିଃ ପାର୍ବଣ ପୁଷ୍ୟପୂଜା ।।

ଦୋଳକେଳି ଦମନକମୋହଂ ଗ୍ଷପୂର୍ଣତୃତୀୟା ।
ଏସାଂ ଯାତ୍ରା ଭୁବନବନ୍ଦିତା ଦ୍ୱାଦଶେୟଂ ନରେନ୍ଦ୍ର ।।

ସ୍ନାନଯାତ୍ରା, ରଥଯାତ୍ରା, ଶୟନଯାତ୍ରା, ଦକ୍ଷିଣାୟନ ଯାତ୍ରା, ପାର୍ଶ୍ୱ ପରିବର୍ତ୍ତନ ଯାତ୍ରା, ଦେବୋତ୍ଥାପନ ଯାତ୍ରା, ପ୍ରାବରଣ ଯାତ୍ରା, ପୁଷ୍ୟାଭିଷେକ ଯାତ୍ରା, ଉତ୍ତରାୟଣ ଯାତ୍ରା, ଦୋଳଯାତ୍ରା, ଦମନକ ଯାତ୍ରା, ଅକ୍ଷୟତୃତୀୟା ବା ଚନ୍ଦନ ଯାତ୍ରା, ଏହି ଦ୍ୱାଦଶ ଯାତ୍ରା ଅତ୍ୟନ୍ତ ପ୍ରସିଦ୍ଧ । ବୈଶାଖ ଶୁକ୍ଳ ଅଷ୍ଟମୀ ତିଥିରେ ହେଉଥିବା ନୀଳାଦ୍ରି ମହୋଦୟକୁ ମିଶାଇ ତେର ଯାତ୍ରା କଥା କୁହାଯାଇଥାଏ ଏହାଛଡ଼ା, ଶ୍ରୀମନ୍ଦିରରେ ବହୁ ଉପଯାତ୍ରା ଓ ପର୍ବଯାତ୍ରା ବିଧି ବିଧାନ ମାନ ପାଳିତ ହୋଇଥାଏ । ସମସ୍ତ ଯାନିଯାତ୍ରା ବିଷୟରେ ବର୍ଣ୍ଣନା କରିବା ଦୁରୁହ ବ୍ୟାପାର ହୋଇଥିବାରୁ, କେତେକ ମୁଖ୍ୟ ଯାତ୍ରା ସମ୍ବନ୍ଧରେ ସାମାନ୍ୟ ସୂନା ନିମ୍ନରେ ପ୍ରଦତ୍ତ ହେଲା ।

୧) ଦେବସ୍ନାନ ପୂର୍ଣ୍ଣମୀ :– ଯାତ୍ରା ଭାଗବତରେ ବର୍ଣ୍ଣନା କରାଯାଇଛି ଯେ,

'ଜ୍ୟେଷ୍ଠେମାସି ସିତେପକ୍ଷେ ପୌର୍ଣ୍ଣମ୍ୟାଂ ଜଗଦୀଶ୍ୱରମ୍ ।
ସ୍ନାପୟେତୀର୍ଥତୋୟେନ ସର୍ବମଙ୍ଗଳ ସିଦ୍ଧୟେ ।'

ଜ୍ୟେଷ୍ଠମାସ ପୂର୍ଣ୍ଣମୀ ତିଥିରେ ଶ୍ରୀଜଗନ୍ନାଥଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ଅନ୍ୟତମ । ସ୍କନ୍ଦ ପୁରାଣ ଓ ନୀଳାଦ୍ରି ମହୋଦୟରେ ଉଲ୍ଲେଖ ଅଛି ଯେ ଉକ୍ତ ଦିନ ଶ୍ରୀଜୀଉଙ୍କ ସମେତ ବଳଭଦ୍ରାଦି ଦେବଙ୍କର ଆବିର୍ଭାବ ଦିବସ । ନୀଳାଦ୍ରି ମହୋଦୟ ଅନୁଯାୟୀ,

'ବଳଦେବ ନମସ୍ତେସ୍ତୁ ରେବତୀପ୍ରାଣବଲ୍ଲଭ ।
ଆବିର୍ଭାବ ଦିନାନ୍ତେଽଦ୍ୟ ସ୍ନାପୟମ୍ୟହମମ୍ବସା ।।'
xxxxxxxxxxxxxxxxxxxx
ଦୀନବନ୍ଧୋ ଦୟାସିନ୍ଧୋ ନୀଳାଚଳପତେ ହରେ ।
ଆଦ୍ୟ ଜନ୍ମଦିନଂ ନାଥ ପାବନଂ ଜାୟତେ ତବ ।।'

ପୂର୍ଣ୍ଣମୀର ପୂର୍ବଦିନ ଠାକୁରଙ୍କର ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ପରେ ସ୍ନାନଯାତ୍ରା ନିମିତ୍ତ ରତ୍ନସିଂହାସନରୁ ଘ୍ରମାର ବନ୍ଧା କାର୍ଯ୍ୟ ସମ୍ପାଦିତ ହୋଇଥାଏ । ପୂର୍ଣ୍ଣମୀ ଦିନ ପ୍ରାତଃକାଳରେ ମଙ୍ଗଳାର୍ପଣ କରାଯାଇ, ଡୋର ଲାଗି ହୋଇ ସ୍ନାନବେଦୀ ଅଭିମୁଖେ ଠାକୁରଙ୍କର ପହଣ୍ଡି ବିଜେ ଆରମ୍ଭ ହୁଏ । ଏହା ପୂର୍ବରୁ ସ୍ୱର୍ଣ୍ଣକୁପର ସଂସ୍କାରାଦି ପରେ ସ୍ନାନବେଦୀ ସୁସଜ୍ଜିତ ହୋଇଥାଏ । ଧାଡ଼ି ପହଣ୍ଡିରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ସ୍ନାନମଣ୍ଡପକୁ ଯାତ୍ରା କରିବା ପରେ ମଦନ ମୋହନ ବିଜେ ହୁଅନ୍ତି । ଏକ ମନୋରମ ତଥାଚିତ୍ତାକର୍ଷକ ପରିବେଶରେ ସ୍ନାନବେଦୀରେ ଦେବବିଗ୍ରହମାନେ ପହଞ୍ଚି ପୂର୍ବାଭିମୁଖରେ ରତ୍ନସିଂହାସନ କ୍ରମରେ ସ୍ୱସ୍ୱ ଚକଡ଼ା ଉପରେ ବିଜେ ହୁଅନ୍ତି । ଏହାପରେ, ଶୀତଳା ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ସୁନାକୂଅରୁ ଏକଶହ ଆଠ କୁମ୍ଭଜଳ ଅଧିବାସ ଘରକୁ ଅଣାଯାଏ । ବର୍ଷକରେ କେବଳ ସ୍ନାନ ପୂର୍ଣ୍ଣମୀ ଦିନ ଏହି କୂଅର ଜଳ ଶ୍ରୀଜୀଉଙ୍କ ସ୍ନାନପାଇଁ ବ୍ୟବହାର କରାଯାଇଥାଏ । ଏକଶହ ଆଠ ଜଳକୁମ୍ଭ ମଧ୍ୟରୁ ଶ୍ରୀଜଗନ୍ନାଥଦେବଙ୍କ ପାଇଁ ପଞ୍ଚତିରିଶ, ବଳଭଦ୍ରଙ୍କ ପାଇଁ ତେତିଶ, ସୁଭଦ୍ରାଙ୍କ ପାଇଁ ବାଇଶି ଓ ସୁଦର୍ଶନଙ୍କ ନିମିତ୍ତ ଅଠର କୁମ୍ଭ ଜଳ ପୃଥକ୍ ପୃଥକ୍ ଭାବରେ ଚନ୍ଦନ, କର୍ପୂର, କେଶରାଦି ମିଶ୍ରିତ ହେବା ପରେ ନବବସ୍ତ୍ର ଓ ନାରିକେଳାଦି ସଂସ୍ଥାପନ ପୂର୍ବକ ଅଧିବାସିତ ହୁଏ । ଠାକୁରମାନଙ୍କର ସ୍ନାନ ବେଦୀ ଉପରେ ମଙ୍ଗଳ ଆରତୀ, ମଇଲମ ଓ ତଡ଼ପ ଲାଗି ଆଦି ନୀତି ଇତି ମଧ୍ୟରେ ସମ୍ପୂର୍ଣ୍ଣ ହୋଇଯାଇଥାଏ । ଅବକାଶ ନୀତି, ନବବସ୍ତ୍ର ପରିଧାନ, ବେଶଭୂଷଣ ବଢ଼ିବା ପରେ ରୋଷ ଧୋ ପଖାଳ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ଦୈନିକ ନୀତି ସମ୍ପନ୍ନ ହୋଇ ସ୍ନାନ ମଣ୍ଡପରେ ଜଳଛେକ ପୂଜା ବସିବା ନିମିତ୍ତ ପାଣି ପଡ଼ି ଟେରା ବନ୍ଧାଯାଏ । ଉତ୍ସବ ମୁଖରିତ ବାଦ୍ୟନାଦ, ହରିବୋଲ ହୁଳହୁଳି ଘୂଲିଥିବାବେଳେ ଘ୍ରି ବାଡ଼ର ଜଳଛେକ ଅଣାଯାଇ ଯଥାକ୍ରମେ ସଜ୍ଜିତ ହୋଇରହେ । ପୂଜା ଶେଷ ହେବା ପରେ ସ୍ୱସ୍ୱ ବାଡ଼ଝିତ କୁମ୍ଭର ଜଳକୁ ରୌପ୍ୟ ପିଙ୍ଗଣମାନଙ୍କ ମାଧ୍ୟମରେ ଦେବ ବିଗ୍ରହମାନଙ୍କୁ ସ୍ନାନ କରାଯାଇଥାଏ । ସ୍ନାନ ଶେଷ ହେବା ପରେ ସ୍ନାନ ଜଳକୁ ଭକ୍ତ ସମାଜ ଅତି ଆଗ୍ରହର ସହ ସେବା କରିଥାନ୍ତି । ଏହା ପରେ ରାଜନୀତିସମ୍ପନ୍ନ ହୋଇ ପାଣି ପଡ଼ିଲେ ଗଜାନନ ବେଶ ବା ହାତୀ ବେଶର ସମସ୍ତ ଆୟୋଜନ ହୁଏ । ହାତୀ ବେଶ ଅତ୍ୟନ୍ତ ଆକର୍ଷଣୀୟ । ଗଣପତି ଭଟ୍ଟ ନାମକ ଭକ୍ତଙ୍କୁ ଜଗନ୍ନାଥ ଗଜାନନ ରୂପରେ ଦର୍ଶନ ଦେଇଥିବା କିମ୍ବଦନ୍ତୀରୁ ଜଣାଯାଏ । ଭକ୍ତ ପ୍ରାର୍ଥନା ଯୋଗୁ ଶ୍ରୀ ଜଗନ୍ନାଥ ବର୍ଷକରେ ଥରେ ସମସ୍ତଙ୍କୁ ସେହି ରୂପରେ ଦର୍ଶନ ଦେଉଥିବା ଘଟଣାରୁ ଜଗନ୍ନାଥ କେଡ଼େ ଭକ୍ତ ବତ୍ସଳ ତାହାର ସୂଚନା ମିଳେ । ଏହା ପରେ ସ୍ନାନ ବେଦୀ ଉପରେ ଭୋଗ ନୈବେଦ୍ୟ କରାଯାଇଥାଏ । ଭୋଗ ନିମିତ୍ତ କାନିକା, ଓରିଆ ବା ଘିଅ ଅନ୍ନ, ସାଦାଅନ୍ନ, ଡ଼ାଲି, ବିଭିନ୍ନ ପ୍ରକାର ତରକାରୀ, ନାଡ଼ି, ଆରିଷା, ପିଠା, ପୁଳି, ହଂସକେଳୀ, କାନ୍ତି, ମାଠପୁଳି, ଅମାଲୁ, ଡ଼ାଲିମ୍ବ, ମଣ୍ଡା, ଏଣ୍ଡୁରି, କଦଳୀ, ପଣସ, ଧୁଆ ମୁଗ, ପଇଡ଼ ଇତ୍ୟାଦି ଅନେକ ପ୍ରକାରର ପରିବେଶଷଣ କରାଯାଏ । ସକାଳ ଧୂପ ବିଧିରେ ପୂଜା ଅନୁଷ୍ଠିତ ହୁଏ ଏବଂ ଆରତୀ କରାଯାଏ । ଏହାପରେ ସର୍ବସାଧାରଣଙ୍କ ଦର୍ଶନ ନିମିତ୍ତ ସାହାଣ ମେଲା

କରାଯାଏ। ସାହାଣ ମେଲା ପରେ ମଇଲମ କରାଯାଇ ପୁଷ୍ପଆଳୀ ଓ ଡ଼ୋର ଲାଗି ନୀତି ସମ୍ପନ୍ନ ହୁଏ। ବିଜୟ କାହାଳୀ ବାଜିଉଠେ ଏବଂ ପହଣ୍ଡି ବିଜେ ହୁଏ। ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ ବେଳେ ଗୋଟି ପହଣ୍ଡି କରାଯାଇଥାଏ। ଠାକୁରମାନଙ୍କୁ ଅନବସର ପିଣ୍ଡିରେ ବିଜେ କରାଇଲା ପରେ ସ୍ନାନ ଯାତ୍ରା ବିଧି ସମାପ୍ତ ହୁଏ।

ସ୍ନାନ ଯାତ୍ରା ଦର୍ଶନ କରିବା ଅତ୍ୟନ୍ତ ପୁଣ୍ୟପ୍ରଦ। ବ୍ରହ୍ମ ପୁରାଣରେ କୁହାଯାଇଛି,

'ସ୍ନାନକାଳେ ତୁ ଯେ ମର୍ତ୍ୟାଃ ପଶ୍ୟନ୍ତି ପୁରୁଷୋତ୍ତମମ୍।
ବଳଭଦ୍ର ସୁଭଦ୍ରାଂ ଚ ତେ ଯାନ୍ତି ପରମବ୍ୟୟମ୍।।

୨) ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥଯାତ୍ରା

ଶ୍ରୀଜୀଉଙ୍କ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ଘୋଷ ଯାତ୍ରା ସର୍ବପ୍ରସିଦ୍ଧ। ଏହି ପୁରାଣ ପ୍ରସିଦ୍ଧ ଗୁଣ୍ଡିଚା ଯାତ୍ରା 'ମହାମହିମ ଶାଳିନୀ'। ଯାତ୍ରା ଭାଗବତରେ ବର୍ଣ୍ଣନା କରାଯାଇଛି।

'ଆଷାଢ଼ସ୍ୟ ସିତେ ପକ୍ଷେ ଦ୍ୱିତୀୟାୟାଂ ଶୁଭେଦିନେ।
ଶ୍ରୀଜଗନ୍ନାଥଦେବସ୍ୟ ଗୁଣ୍ଡିଚା ଭବତି ଧ୍ରୁବମ୍।'

ଅର୍ଥାତ୍ ଆଢ଼ାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଜଗନ୍ନାଥ ଦେବଙ୍କର ଗୁଣ୍ଡିଚା ଯାତ୍ରା ନିଶ୍ଚିତ ଭାବରେ ବାଳିତ ହୁଏ। ଏହି ଦ୍ୱିତୀୟା ତିଥିକୁ ଲଗାଇ ଏହା ନବଦିବସାତ୍ମକ ଯାତ୍ରା। କେବେହେଲେ ଏହା ୮ ଦିନ ବା ୧୦ ଦିନ ହୋଇନପରେ। ଗମାନାଗମନର ଦିବସ ଦ୍ୱୟକୁ ବାଦ୍ ଦେଲେ ଶ୍ରୀଜୀଉ ଗୁଣ୍ଡିଚା ମଣ୍ଡପରେ ସାତଦିନ ରହିବାର ବିଧି। ଏହି ସାତଦିନ ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ଲାଭ ହୁଏ ବୋଲି ଭକ୍ତ ସମାଜର ଗଭୀର ବିଶ୍ୱାସ। ବ୍ରହ୍ମ ପୁରାଣରେ ଯଥାର୍ଥରେ କୁହାଯାଇଛି।

'ଯେ ପଶ୍ୟନ୍ତି ତଦା କୃଷ୍ଣଂ ସପ୍ତାହଂ ମଣ୍ଡପେ ସ୍ଥିତମ୍।
ହଳିନଞ୍ଚ ସୁଭଦ୍ରାଞ୍ଚ ବିଷ୍ଣୁଲୋକଂ ବ୍ରଜନ୍ତି ତେ।'

ଶ୍ରୀ ଗୁଣ୍ଡିଚା ଯାତ୍ରା ପାଇଁ ପ୍ରତିବର୍ଷ ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ନିମିତ୍ତ ନୂତନ ରଥ ନିର୍ମିତ ହୋଇଥାଏ। ଶ୍ରୀ ସୁଦର୍ଶନ ସୁଭଦ୍ରାଙ୍କ ରଥରେ ରଥାରୂଢ଼ ହୁଅନ୍ତି। ଶ୍ରୀ ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ। ଏହାକୁ ଦେବତାମାନେ ତାଳବନରେ ପ୍ରଦାନ କରିଥିଲେ। ତାଳଧ୍ୱଜ ରଥର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳ। ଏହା ୧୪ ଚକ ବିଶିଷ୍ଟ। ଉକ୍ତ ରଥର ରକ୍ଷକ ହେଉଛନ୍ତି ସ୍ୱୟଂ ବାସୁଦେବ। ରଥର ଆବରଣ ରକ୍ତନୀଳ। ରଥର ଶିରରେ ଅନନ୍ତ ନାଗ ବିଦ୍ୟମାନ। ରଥର ପାର୍ଶ୍ୱ ଦେବତାମାନେ ହେଲେ ପ୍ରଣମ୍ୟାରୀ, ଗଦାନ୍ତକାରୀ, ହରିହର, ତ୍ରୈମୂକ,

ବାସୁଦେବ,ନାତମ୍ବର, ଅଘୋର ଏବଂ ତ୍ରିପୁରାରି ଶିବ। ମାତଳୀ ଉକ୍ତ ରଥର ସାରଥୀ। ଏହାର ଅଶ୍ୱମାନଙ୍କ ନାମ ହେଲା ତୀବ୍ର ଘୋର, ଦୀର୍ଘ ଏବଂ ସ୍ୱର୍ଣ୍ଣନାଭ। ବାସୁକୀ ଏହାର ରଜ୍ଜୁ ରୂପରେ ବିରାଜିତ। ରଥର ଋଷି ପଟାରେ ଅଙ୍ଗିରା, ଔଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୃଦଗଲ, ଆତ୍ରେୟ ଓ କଶ୍ୟପାଦି ଅଷ୍ଟଋଷି ବିରାଜମାନ। ଏହାର ଦ୍ୱାରପାଳ ହେଲେ ନନ୍ଦ ଓ ସୁନନ୍ଦ। ଉକ୍ତ ରଥର ନେତର ନାମ ଉନ୍ନତି। ଉକ୍ତ ତାଳଧ୍ୱଜ ରଥର ରଥୀ ବା ଅଧିଶ୍ୱର ହେଉଛନ୍ତି ଶ୍ରୀବଳଭଦ୍ର ବା ବଡ଼ଠାକୁର।

ଶ୍ରୀ ସୁଭଦ୍ରାଙ୍କ ରଥ ଦେବଦଳନ ବା ଦର୍ପଦଳନ ନାମରେ ବିଦିତ। ଏହାର ଉଚ୍ଚତା ୩୧ ହାତ ଏବଂ ଏହା ୧୨ ଚକ ବିଶିଷ୍ଟ। ଉକ୍ତ ରଥର ରକ୍ଷକ ହେଉଛନ୍ତି ଜୟଦୁର୍ଗା। ଧ୍ୱଜାରେ ତ୍ରିପୁର ସୁନ୍ଦରୀ ବିରାଜମାନା। ରଥର ଆବରଣ କୃଷ୍ଣ ଲୋହିତ। ଦର୍ପଦଳନ ରଥର ପାର୍ଶ୍ୱ ଦେବତାମାନେ ହେଲେ ବିମଳା, ଗ୍ମମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡୀ, ମଙ୍ଗଳା, ବାରାହୀ, କାତ୍ୟାୟନୀ, ଜୟଦୁର୍ଗା ଓ କାଳୀ। ଉକ୍ତ ରଥର ସାରଥୀ ହେଉଛନ୍ତି ଅର୍ଜୁନ। ଘୋରି ଅଶ୍ୱର ନାମ ହେଲା ରୋଚିକା, ମୋଚିକା ଜିତା ଓ ଅପରାଜିତା। ସ୍ୱର୍ଣ୍ଣଚୂଡ଼ ନାମକ ନାଗ ଏ ରଥର ରଜ୍ଜୁ ଅଟନ୍ତି। ଋଷିପଟାରେ ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଭଲୁକ ଏପରି ଷଷ୍ଠ ଋଷି ବିରାଜମାନ। ନେତର ନାମ ନାଦାୟିକା। ଦେବଦଳନ ରଥର ଅଧିଶ୍ୱରୀ ହେଉଛନ୍ତି ଶ୍ରୀସୁଭଦ୍ରା।

ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ। ଏହାର ଉଚ୍ଚତା ୩୩ ହାତ ୫ ଆଙ୍ଗୁଳି ଏବଂ ୧୬ ଚକ ବିଶିଷ୍ଟ। ଏ ରଥର ରକ୍ଷକ ହେଉଛନ୍ତି ଗରୁଡ଼ ଏବଂ ଧ୍ୱଜାରେ ବୀର ହନୁମାନ ବିରାଜମାନ ।ରଥର ଆବରଣ ରକ୍ତପୀତ। ରଥର ଶକ୍ତି ହେଉଛନ୍ତି ଯୋଗମାୟା ବିମଳା। ନନ୍ଦିଘୋଷ ରଥର ପାର୍ଶ୍ୱ ଦେବତା ଗଣ ହେଲେ ହନୁମାନ, ରାମ ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ ଧାରଣ, ଚିନ୍ତାମଣି, ରାଘବ ଓ ନୃସିଂହ। ଘୋରି ଅଶ୍ୱଙ୍କର ନାମ ହେଲା ଶଂଖ, ବଳାହକ, ଶ୍ୱେତ, ହରିତାଶ୍ୱ। ଶଙ୍ଖଚୂଡ଼ ନାମକ ନାଗୁଣୀ ଏ ରଥର ରଜ୍ଜୁ। ରଥର ସାରଥୀ ହେଉଛନ୍ତି ଦାରୁକ। ଋଷି ପଟାରେ ନାରଦ, ଦେବଳ, ବ୍ୟାସ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର ଆଦି ଋଷିଗଣ ବିରାଜିତ। ରଥର ଦ୍ୱାରପାଳ ହେଉଛନ୍ତି ଜୟ ଓ ବିଜୟ ଓ ରଥର ନେତନାମ ତ୍ରୈଲୋକ୍ୟ ମୋହିନୀ। ନନ୍ଦିଘୋଷ ରଥର ଅଧିଶ୍ୱର ହେଉଛନ୍ତି ଶ୍ରୀ ଶ୍ରୀ ଜଗନ୍ନାଥ।

ଶ୍ରୀଗୁଣ୍ଡିଚା ପୂର୍ବଦିନ ସକାଳ ଧୂପ ଶେଷ ହେବା ପରେ ତିନିରଥ ପାଇଁ ତିନିଠାକୁରଙ୍କ ତିନିବାଡ଼ରୁ ଆଜ୍ଞାମାଳ ଘଣ୍ଟା, କାହାଳୀ, ଛତି ସହ ରଥ ନିର୍ମାଣସ୍ଥାନକୁ ପ୍ରେରିତ ହୁଏ। ଆଜ୍ଞାମାଳ ନିର୍ଦ୍ଦିଷ୍ଟ ରଥମାନଙ୍କରେ ଲାଗି ହେବା ପରେ ସିଂହଦ୍ୱାର ନିକଟକୁ ତିନିରଥକୁ ଟଣାହୋଇ ଅଣାଯାଏ। ପ୍ରଥମେ ଶ୍ରୀଜଗନ୍ନାଥଙ୍କ ରଥ, ତାପରେ ସୁଭଦ୍ରାଙ୍କ ରଥ ଓ ଶେଷରେ ବଳଭଦ୍ରଙ୍କ ରଥ ଟଣାହୋଇ ଆସିଥାଏ। ସେହିଦିନ ବଡ଼ ସିଂହାର ଭୋଗ ଶେଷ ହେବା ପରେ ଠାକୁରମାନଙ୍କର ବନକ ଲାଗି ହୁଏ। ରଥଯାତ୍ରା ଦିନ ଆରତୀ ଅବକାଶ ବଢ଼ିବା ପରେ ତିନିବାଡ଼ର ଦୈନିକ

ବେଶ ବଢ଼େ। ଏହି ସମୟ ମଧ୍ୟରେ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଇତ୍ୟାଦି କରାଯାଇଥାଏ। ସ୍ନାନ ବେଦୀ ନିକଟସ୍ଥ ଗ୍ରହାଣୀ ମଣ୍ଡପରେ ତିନିରଥର ପ୍ରତିଷ୍ଠା ପୂଜା ହୋମ ଅନୁଷ୍ଠିତ ହୁଏ। ହୋମ ପରେ ରଥ ପ୍ରତିଷ୍ଠାର ସଂସ୍କାରାଦି କାର୍ଯ୍ୟମାନ ସମାପନ କରାଯାଏ। ଏହାପରେ କୋଠ ଭୋଗ (ଖେଚେଡ଼ି ଭୋଗ) ହୁଏ। ଭୋଗ ପରେ ମଙ୍ଗଳାର୍ପଣ ଅନୁଷ୍ଠିତ ହୋଇ ଡ଼ୋର ଲାଗି, ପୁଷ୍ପାଞ୍ଜଳୀ ଇତ୍ୟାଦି ନୀତିମାନ ଅନୁଷ୍ଠିତ ହୁଏ। ଏହାପରେ ବହୁ ଆକାଙ୍ଖିତ ପହଣ୍ଡିବିଜେ ପାଇଁ ରୁନ୍ଧା ଫିଟେ। ଘଣ୍ଟ, କାହାଳୀ, ତେଲିଙ୍ଗିବାଜା, ଆଲଟ,ଘୁମର, ହରିବୋଲ, ହୁଳହୁଳି ଏବଂ ଆନନ୍ଦ ମୁଖରିତ କୋଳାହଳ ଶବ୍ଦରେ ସତେ ବା ଗଗନ ଫାଟି ପଡ଼ିବା ପରି ଲାଗେ। ପ୍ରଥମେ ସୁଦର୍ଶନଙ୍କର ପହଣ୍ଡି ବିଜେ ଆରମ୍ଭ ହୁଏ। ସେ ସାତ ପାହାଚ ନିକଟରେ ପହଞ୍ଚିଲେ ବଳଭଦ୍ରଙ୍କର ରୁନ୍ଧା ଫିଟେ। ଏହି ସାତ ପାହାଚ ଠାରେ ପ୍ରତ୍ୟେକ ଠାକୁର ଟାହିଆ ଲାଗି ହୁଅନ୍ତି। ବଳଭଦ୍ର ସାତ ପାହାଚ ପାଖରେ ପହଞ୍ଚିଲେ ସୁଭଦ୍ରାଙ୍କର ରୁନ୍ଧା ଫିଟେ ଏବଂ ସୁଭଦ୍ରା ସାତ ପାହାଚ ନିକଟରେ ପହଞ୍ଚିଲେ ଜଗନ୍ନାଥଙ୍କର ରୁନ୍ଧା ଫିଟି ପହଣ୍ଡି ବିଜେ ହୁଏ। ରଥଯାତ୍ରା ଦିନ ସବୁ ଠାକୁରଙ୍କର ଏକ ସମୟରେ ପହଣ୍ଡି ବିଜେ ହେଉଥିବାରୁ ଏହାକୁ ଧାଡ଼ି ପହଣ୍ଡି କୁହାଯାଏ। ଚତୁର୍ଦ୍ଧାମୂର୍ତ୍ତି ଆନନ୍ଦ ବଜାର ଦେଇ ସ୍ୱ ସ୍ୱ ରଥକୁ ବିଜେ କରନ୍ତି। ସୁଦର୍ଶନ ସୁଭଦ୍ରାଙ୍କ ରଥରେ ରଥାରୁଢ଼ ହୋଇଥାନ୍ତି। ଏହା ପରେ ଭଗବାନଙ୍କର ଚଳନ୍ତି ପ୍ରତିମା ରାମ, କୃଷ୍ଣ ଓ ମଦନ ମୋହନଙ୍କୁ ପାଲିଙ୍କିରେ ଏକ ବଡ଼ ପଟୁଆରରେ ଅଣାଯାଇ ରାମ ଓ କୃଷ୍ଣଙ୍କୁ ବଳଭଦ୍ରଙ୍କ ରଥରେ ଏବଂ ମଦନ ମୋହନଙ୍କୁ ଶ୍ରୀଜଗନ୍ନାଥଙ୍କ ରଥରେ ବିଜେ କରାଯାଏ। ଏହାପରେ ଦୁଇଟି ବଡ଼ ସିନ୍ଦୁକ ଅଣାଯାଇ ନନ୍ଦି ଘୋଷ ରଥରେ ଶ୍ରୀଜଗନ୍ନାଥଙ୍କ ପଶ୍ଚାତ୍ ଦେଶରେ ରଖାଯାଏ। ଗୋଟିଏ ସିନ୍ଦୁକରେ ନଅ ଦିନ ପାଇଁ ଠାକୁରଙ୍କର ବ୍ୟବହାର ନିମିତ୍ତ ଲୁଗା, ପାଟ ଇତ୍ୟାଦି ଏବଂ ଅନ୍ୟ ସିନ୍ଦୁକରେ ନଅ ଦିନ ପାଇଁ ଠାକୁରଙ୍କର ବ୍ୟବହାର ନିମିତ୍ତ ଲୁଗା, ପାଟ ଇତ୍ୟାଦି ଏବଂ ଅନ୍ୟ ସିନ୍ଦୁକରେ ଅଳଙ୍କାର ମାନ ରଖାଯାଇଥାଏ। ପ୍ରତି ଠାକୁରଙ୍କ ପୂଜା ସାମଗ୍ରି ଥାଳି, ଘଣ୍ଟି, ଗଡୁ ଇତ୍ୟାଦି ଭାଗ ଭାଗ ହୋଇ ତିନି ରଥର ଯଥା ସ୍ଥାନରେ ରଖାଯାଏ। ଏହା ପରେ ଘଣ୍ଟ କାହାଳୀ, ଛତି ସହ ବଣିଆ ଘରୁ ତିନିଠାକୁରଙ୍କ ପାଇଁ ସୋଲ ଚିତା ଅଣାଯାଏ ଏବଂ ଠାକୁରଙ୍କୁ ଲାଗି ହୁଏ।

ଏ ସମସ୍ତ ନୀତି ସମାପନ ପରେ ଗଜପତି ମହାରାଜାଙ୍କୁ ଖବର ଦିଆଯାଏ ଏବଂ ଗଜପତି ଶ୍ରୀନଅରରୁ ମେହେନାରେ ବାଜା ପଟୁଆର ସହ ଛେରା ପହଁରା କରିବା ପାଇଁ ଆସନ୍ତି। ପ୍ରଥମେ ବଳଭଦ୍ରଙ୍କ ରଥରେ ଛେରାପହରା କରଯାଏ। ସେ ପ୍ରଥମେ ଦଣ୍ଡ ପ୍ରଣାମ କରି, ହାତୁଆଣି ନେଇ, ନିଉଛାଳି ହୋଇ ପୁଷ୍ପାଞ୍ଜଳୀ ଅର୍ପଣ କଲା ପରେ କର୍ପୂର ଆରତୀ ଓ ସୁନା ଘୁମର ଆଲଟ କରନ୍ତି। ପୂର୍ବରୁ ସଂସ୍କାର କରାଯାଇଥିବା ସୁନା ଖଡ଼ିକା ଧରି ରଥ ଘୁରିପଟ ପହରିବା ସମୟରେ ତାଙ୍କର ଆଗେ ଆଗେ ଶୁକ୍ଳ କୁସୁମ ବିଛା ଯାଉଥାଏ। ପହରିବା ପରେ ଚନ୍ଦନ ଜଳ ଓ ପରେ ଚନ୍ଦନ ଗୁଣ୍ଡ ଗଜପତି ଛିଞ୍ଚନ୍ତି। ବଳଭଦ୍ରଙ୍କ ରଥ ପରେ ଜଗନ୍ନାଥଙ୍କ ରଥରେ ଏବଂ ଶେଷରେ ସୁଭଦ୍ରାଙ୍କ ରଥରେ ଛେରା ପହରା କାର୍ଯ୍ୟ ଅନୁଷ୍ଠିତ ହୁଏ। ଛେରା

ପହରା ନୀତିରୁ ଜନ ସମାଜକୁ ଏକ ଶିକ୍ଷା ଦିଆଯାଇଥାଏ। କୌଣସି କର୍ମ ହୀନ ବା ତୁଚ୍ଛ ନୁହେଁ ଏବଂ ପ୍ରତ୍ୟେକ କାର୍ଯ୍ୟରେ ମର୍ଯ୍ୟାଦା ଥାଏ, ଏହା ଉପଲବ୍ଧି କରିବା କଥା। ଛେରା ପହରା ପରେ ସାରଥୀ ମାନଙ୍କୁ ରଥ ଉପରକୁ ନିଆଯାଏ ଏବଂ ଗୁରମାର ଫିଟେ। ତତ୍ପରେ ରଥରେ ଘୋଡ଼ା ବନ୍ଧା ହୁଏ ଓ ରଥ ଟଣା ପାଇଁ ଦଉଡ଼ି ଲାଗେ। ପ୍ରଥମେ ଶ୍ରୀବଳଭଦ୍ରଙ୍କ ରଥ, ତତ୍ପରେ ଶ୍ରୀ ସୁଭଦ୍ରାଙ୍କ ରଥ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ରଥ ଟଣାଯାଏ। ଡ଼ାହୁକ ଡାକ, ଘଣ୍ଟୁଆମାନଙ୍କର ଘଣ୍ଟ ବଜାଇବାର ଶୈଳି, ଭକ୍ତମାନଙ୍କର ଭାବ ବିହ୍ୱଳତା ଦେଖିଲେ ଦର୍ଶକର ମନରେ ଅପୂର୍ବ ଭାବାବେଶ ଜାତ ହୋଇଥାଏ। ବାମଦେବ ସଂହିତାରେ ଉଲ୍ଲେଖ ଅଛି,

'ରଥେଷୁ ଘଣ୍ଟଂ ପରିବାଜୟନ୍ତି ନଟନ୍ତି ସର୍ବେ ପରିବାହକାଶ।
ଅଧଶ୍ଚ ତିଷ୍ଠନ୍ତି ହି ଭୂମିଦେବାଃ ଭବନ୍ତି ସର୍ବେ ପୁଲକାଶ୍ରୁ ଦେହାଃ''।।

ବାମଦେବ ସଂହିତା, ନୀଳାଦ୍ରି ମହୋଦୟ, ପଦ୍ମ ପୁରାଣ, ସ୍କନ୍ଦପୁରାଣ, ଯାତ୍ରା ଭାଗବତ ପ୍ରଭୃତିରେ ରଥସ୍ଥ ଠାକୁରମାନଙ୍କୁ ଦର୍ଶନ କଲେ କିପରି ଅଶେଷ ପୁଣ୍ୟ ଲାଭ ହୁଏ, ସେ ସମ୍ପର୍କରେ ବିଶଦ ବର୍ଣ୍ଣନା କରାଯାଇଅଛି। ଯାତ୍ରା ଭାଗବତ ଅନୁଯାୟୀ

'ରଥସ୍ଥଞ୍ଚ ଜଗନ୍ନାଥଂ ପ୍ରୟାନ୍ତଂ ଗୁଣ୍ଡିଘୃଗୃହମ୍।
ଯେପଶ୍ୟନ୍ତି ନରଶ୍ରେଷ୍ଠାସ୍ତେ ଧନ୍ୟାଃ ଭୁବନତ୍ରୟେ।

ରଥ ଗୁଣ୍ଡିଘ୍ର ମନ୍ଦିର ନିକଟରେ ଲାଗିଲେ ଠାକୁରମାନଙ୍କର ମହାସ୍ନାନ ହୋଇ ସର୍ବାଙ୍ଗ ଓବେଶ ବଢ଼େ। ମଧ୍ୟାହ୍ନ ଧୂପଠାରୁ ଦୈନନ୍ଦିନ ନୀତିମାନ ଅନୁଷ୍ଠିତ ହୁଏ। ଅବଶ୍ୟ ରଥ ଉପରେ ଅନ୍ନ ପ୍ରସାଦ ନ ହୋଇ ଶୁଖିଲା ଭୋଗ ହୋଇଥାଏ। ସନ୍ଧ୍ୟା ଆରତୀ, ସନ୍ଧ୍ୟାଧୂପ, ଚନ୍ଦନ ଲାଗି, ବଡ଼ ସିଂହାର (ଶୃଙ୍ଗାର) ବେଶ ଓ ଭୋଗ ଆଦି ନୀତିମାନ ସମ୍ପନ୍ନ ହୋଇ ପହୁଡ଼ ଆରତୀ ହୁଏ ଏବଂ ଶ୍ରୀମୁଖ ଖଣ୍ଡୁଆରେ ଆବରଣ ହେବା ପରେ ରଥର ସାମନା ପରଦା ବନ୍ଦ ହୁଏ। ତା ପରଦିନ ରଥ ଉପରେ ସନ୍ଧ୍ୟା ଧୂପ ଯାଏ ନୀତି ବଢ଼ିଲେ ଗୁଣ୍ଡିଘ୍ର ମନ୍ଦିରକୁ ଠାକୁରମାନଙ୍କର ଗୋଟି ପହଣ୍ଡି ବିଜେ ଆରମ୍ଭ ହୁଏ। ସର୍ବ ପ୍ରଥମେ ମଦନ ମୋହନ, ରାମ ଓ କୃଷ୍ଣଙ୍କୁ ହାତରେ ବିଜେ କରାଇ ନେଇ ଗୁଣ୍ଡିଘ୍ର ମନ୍ଦିର ଭଣ୍ଡାର ଘର ସିଂହାସନ ଉପରେ ବିଜେ କରାଯାଏ। ପରେ ପରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ପହଣ୍ଡି ବିଜେ କରାଯାଏ। ସିଂହାସନରେ ବିଜେ ହେବା ପରେ ରୁନ୍ଧା ବଢ଼େ ଓ ତିନିବାଡ଼ର ସର୍ବାଙ୍ଗ ହୁଏ। ମହାସ୍ନାନ କରାଯାଇ ଦୈନିକ ନୀତି ଆରମ୍ଭ ହୁଏ।

ଆଷାଢ଼ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ହେରା ପଞ୍ଚମୀ ଉତ୍ସବ ପାଳିତ ହୁଏ। ଏହିଦିନ ମହାଲକ୍ଷ୍ମୀ ପାଲିଙ୍କିରେ ବସି ପାଟ ଅଳଙ୍କାର ଲାଗି ହୋଇ ବଡ଼ ଦାଣ୍ଡରେ ଏକ ପଟୁଆରରେ ଗୁଣ୍ଡିଘ୍ର ମନ୍ଦିରକୁ ଯାଆନ୍ତି। ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ମହାଲକ୍ଷ୍ମୀଙ୍କୁ ଜୟ ବିଜୟ ଦ୍ୱାର ନିକଟକୁ ନିଆଯାଏ। ଶ୍ରୀଜଗନ୍ନାଥଙ୍କୁ ଏକାନ୍ତରେ ଦର୍ଶନ କରି ଶ୍ରୀଜଗନ୍ନାଥଙ୍କ

ଶ୍ରୀଅଙ୍ଗ ମାଳ ଲାଭ କରି ଏବଂ ନନ୍ଦିଘୋଷ ରଥ ନିକଟକୁ ଆସି ମହାଲକ୍ଷ୍ମୀ ହେରା ଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ତା ପରଦିନ ରଥଗୁଡ଼ିକର ଦକ୍ଷିଣ ମୋଡ଼ ଆରମ୍ଭ ହୁଏ। ଦକ୍ଷିଣ ମୋଡ଼ରେ ପ୍ରଥମେ ସୁଭଦ୍ରାଙ୍କ ରଥ ଟଣା ହୁଏ ଏବଂ ପରେ ପରେ ବଳଭଦ୍ର ଓ ଜଗନ୍ନାଥଙ୍କ ରଥ ଟଣା ହୋଇ ନାକଚଣା ଦ୍ୱାର ଠାରେ ରଖାଯାଏ।

ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ଶ୍ରୀଜୀଉଙ୍କର ରାସ କ୍ରୀଡ଼ା ଅନୁଷ୍ଠିତ ହୁଏ। ନବମୀ ତିଥିରେ ସନ୍ଧ୍ୟା କାଳରେ ଆଡ଼ପ ମଣ୍ଡପରେ ଠାକୁରଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ଲାଭ ହୁଏ ବୋଲି ଭକ୍ତ ସମାଜର ଗଭୀର ବିଶ୍ୱାସ। ଏହାକୁ ସନ୍ଧ୍ୟାଦର୍ଶନ କୁହାଯାଏ। ଶ୍ରୀ ଗୁଣ୍ଡିଚା ଦିନଠାରୁ ଆଡ଼ପ ମଣ୍ଡପରେ ଶ୍ରୀ ଜୀଉଙ୍କ ଅବସ୍ଥାନ କାଳରେ ଓ ଠାକୁରମାନେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ତିନି ରଥର ଧ୍ୱଜା ପୂଜା ଅନୁଷ୍ଠିତ ହୁଏ। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ଲାଙ୍ଗଳ ଧ୍ୱଜ, ଶ୍ରୀ ସୁଭଦ୍ରାଙ୍କ ଦେବଦଳନ ରଥର ପଦ୍ମଧ୍ୱଜ, ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ତାର୍କ୍ଷ୍ୟଧ୍ୱଜକୁ ରଥମାନଙ୍କୁ ଓ ରଥର ପାର୍ଶ୍ୱଦେବଦେବୀମାନଙ୍କୁ ପ୍ରତ୍ୟହ ଭୋଗ ସମର୍ପଣ କରାଯାଏ।

ବାହୁଡ଼ା ଦଶମୀ ଦିନ ଠାକୁରମାନଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଏ ଏବଂ ଗଜପତିଙ୍କ ଛେରା ପହରା ପରେ ରଥ ଟଣାଯାଏ। ଶ୍ରୀଜଗନ୍ନାଥଙ୍କ ରଥ ମାଉଶୀ ମା ମନ୍ଦିର (ଅର୍ଦ୍ଧାଶନୀ) ନିକଟରେ ଅଟକି ପୋଡ଼ ପିଠା ଭୋଗ କରଯାଏ। ଶ୍ରୀନଅର ନିକଟରେ ଶ୍ରୀଜଗନ୍ନାଥଙ୍କ ରଥ ଅଟକି ରହେ ଏବଂ ଗଜପତିଙ୍କ ଉପସ୍ଥିତିରେ ଲକ୍ଷ୍ମୀ ନାରାୟଣ ଭେଟ ଅନୁଷ୍ଠିତ ହୁଏ। ବାହୁଡ଼ା ଦିନ ବା ତାପର ଦିନ ତିନିରଥ ସିଂହଦ୍ୱାର ଠାରେ ଲାଗେ। ଏକାଦଶୀ ଦିନ ଠାକୁରମାନେରଥ ଉପରେ ସୁନାବେଶ ହୁଅନ୍ତି। ଦ୍ୱାଦଶୀ ଓ ତ୍ରୟୋଦଶୀ ତିଥିରେ ଅଧର ପଣା ଭୋଗ ହୁଏ। ମହାପ୍ରଭୁଙ୍କ ଶ୍ରୀ ଅଧରକୁ ପାଇବା ଭଳି ଉଚ୍ଚ ହୋଇଥିବା ତୁମ୍ବାକାରର ମୃତ୍ତିକା ନିର୍ମିତ ତିନିଗୋଟି ହାଣ୍ଡିରେ ଛାଚି, ଛେନା, କଦଳୀ, କ୍ଷୀର ଇତ୍ୟାଦି ସାମଗ୍ରି ପ୍ରସ୍ତୁତ ପ୍ରପାନକ ଅଧର ପଣା ନାମରେ ପରିଚିତ। ଏହାକୁ ପୂଜା କରାଯାଇ ରଥର ଉପର ଠାକୁରଙ୍କ ଉଦ୍ଦେଶ୍ୟରେ ଏହି ପାତ୍ରମାନଙ୍କୁ ଭାଙ୍ଗି ଦିଆଯାଏ। ତ୍ରୟୋଦଶୀ ବା ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କର ନୀଳାଦ୍ରିବିଜେ ହୁଏ। ଶ୍ରୀଜଗନ୍ନାଥ ଗୃର ଉପରକୁ ଆସିଲେ ମହାଲକ୍ଷ୍ମୀଙ୍କୁ ରୋଷଘର ନିକଟସ୍ଥ ଗୃହାଣି ମଣ୍ଡପକୁ ଅଣାଯାଏ। ମହାଲକ୍ଷ୍ମୀ ରଥସ୍ଥ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଏବଂ ଉଭୟଙ୍କର ଏକ ସମୟରେ ବନ୍ଦାପନା ହୁଏ। ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚିବା ମାତ୍ରେ ସିଂହଦ୍ୱାର ବନ୍ଦ କରାଯାଏ। ଏବଂ କିଛି ସମୟ ପରେ ଫିଟେ। ମାତ୍ର ଶ୍ରୀଜଗନ୍ନାଥ ଜୟ ବିଜୟ ଦ୍ୱାର ନିକଟରେ ପହଞ୍ଚିଲେ ସେ ଦ୍ୱାର ବନ୍ଦ କରାଯାଇଥାଏ। ଶ୍ରୀଜଗନ୍ନାଥଙ୍କ ସେବକ ଓ ମହାଲକ୍ଷ୍ମୀଙ୍କ ପାଇଁ ମଧ୍ୟ ଜଣେ ସେବକ ବଚନିକା କରନ୍ତି ଏବଂ ଶେଷରେ ଦ୍ୱାର ଖୋଲାଯାଏ। ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ବନ୍ଦାପନା ଇତ୍ୟାଦି କରାଯାଏ। ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନ ଉପରେ ବିରାଜମାନ କଲେ ବିଶ୍ୱ ବିଖ୍ୟାତ ଗୁଣ୍ଡିଚା ଯାତ୍ରାର ପରିସମାପ୍ତି ଘଟେ।

ପୂର୍ବାକ୍ତ ଆଲୋଚନା ରଥଯାତ୍ରାର ବାହ୍ୟ ରୂପ। ତାତ୍ତ୍ୱିକ ଦୃଷ୍ଟି କୋଣରୁ ଏହାର ଏକ ଗୂଢ଼ ଅର୍ଥ ପ୍ରକାଶ ପାଇଥାଏ। କଠୋ ପନିଷଦରେ କୁହାଯାଇଛି

'ଆତ୍ମାନଂ ରଥନଂ ବିଦ୍ଧି ଶରୀରଂ ରଥମେକତୁ।
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବଚ।
ଇନ୍ଦ୍ରିୟାଣି ହୟାନାହୁଃ ବିଷୟାଂସ୍ତେଷୁ ଗୋଚରାନ୍।।'

ଅର୍ଥାତ୍ ଆତ୍ମା ରଥୀ ବା ରଥାରୋହଣକାରୀ ଅଟେ ଓ ଶରୀର ଉକ୍ତ ରଥୀର ରଥ ଅଟେ। ମନ ଏହାର ଲଗାମ୍ ଓ ଇନ୍ଦ୍ରିୟମାନେ ଘୋଡ଼ା ଅଟନ୍ତି। ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଏହି ପଞ୍ଚ ଇନ୍ଦ୍ରିୟର ବିଷୟ ରଥର ଗତିପଥ ଅଟନ୍ତି। ଏହି ପାଞ୍ଚଗୋଟି ବିଷୟକୁ ଗ୍ରହଣ କରିବା ପାଇଁ ଶୋତ୍ର (କର୍ଣ୍ଣ) ତ୍ୱକ୍ (ଚର୍ମ), ଚକ୍ଷୁ, ରସନା (ଜିହ୍ୱା) ଓ ଘ୍ରାଣ (ନାସିକା) ଆଦି ପଞ୍ଚେନ୍ଦ୍ରିୟ କାର୍ଯ୍ୟରତ ହୋଇ ରହିଥାନ୍ତି। ଅତଏବ, ରଥ ରଥୀ କଳ୍ପନାର ନିଦର୍ଶନ ସ୍ୱରୂପ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଆତ୍ମା ଶରୀର ରୂପକ ରଥ ଆରୋହଣ କରି ସଂସାର ପଥର ଯାତ୍ରୀ ହୋଇଥାଏ। ନବଦିନ ଯାତ୍ରା ଶେଷ କରି ଚତୁର୍ଦ୍ଧା ମୂର୍ତ୍ତି ବାହୁଡ଼ା ବିଜେ କରିଥାନ୍ତି ଏବଂ ନିଜ ସ୍ୱରୂପରେ ଅବସ୍ଥିତ ହୁଅନ୍ତି। ରଥ, ସାରଥୀ, ଅଶ୍ୱ ଲଗାମ୍ ଏବଂ ବିଷୟମାନଙ୍କୁ ପରିତ୍ୟାଗ କରି ରଥୀ ସେଥିରୁ ପୃଥକ୍ ହୋଇ ସ୍ୱରୂପରେ ଅବସ୍ଥାନ କରିବା ଆତ୍ମମାନଙ୍କ ପାଇଁ ଏକ ଉପଦେଶ। ଆତ୍ମମାନଙ୍କର ସଂସାର ପଥରେ ଯାତ୍ରା ମାୟା ବା ଅଜ୍ଞାନ ବଶତଃ ହୋଇଥିଲେ ସୁଦ୍ଧା ସେଥିରୁ ନିବୃତ୍ତ ହେବା ଓ ସ୍ୱ ସ୍ୱ ରୂପରେ ଅବସ୍ଥିତ ହେବା ଆତ୍ମମାନଙ୍କର ପରମ ପୁରୁଷାର୍ଥ ଅଟେ। ଅଜ୍ଞାନର ସମୂଳ ବିନାଶ ହିଁ କାମ୍ୟ। ପୁନଶ୍ଚ, ଲଗାମ୍ (ମନ) ଓ ସାରଥୀ (ବୁଦ୍ଧି) ଠିକ୍ ଭାବରେ ନିୟନ୍ତ୍ରିତ ହେଲେ ରଥ ନିର୍ଦ୍ଦିଷ୍ଟ ପଥରେ ଗତି କରିବ ନଚେତ୍ ଅସୁବିଧା ଦେଖାଯିବ। ଅତଏବ, ଆମ୍ଭେମାନେ ରଥ ଯାତ୍ରା ଉଦାହରଣରୁ ନିଜର ସଂସାର ଯାତ୍ରା, ସାଂସାରିକ ବନ୍ଧନ, ସେଥିରୁ ନିବୃତ୍ତି ଓ ପରିଶେଷରେ ସତ୍, ଚିତ୍, ଆନନ୍ଦ ସ୍ୱରୂପରେ ଅବସ୍ଥାନ ବିଷୟରେ ଶିକ୍ଷା ଲାଭ କରିବା ଉଚିତ। ସେଥିପାଇଁ ରଥ ଯାତ୍ରାର ବାହ୍ୟ ରୂପ ଦେଖି ମୁଗ୍ଧ ହେବା ସଂଗେ ସଂଗେ ଏହାକୁ ତାତ୍ତ୍ୱିକ ଦୃଷ୍ଟି କୋଣରୁ ବିଶ୍ଳର କରି ଏହା କିପରି ଜୀବନ ଉପରେ ପ୍ରଭାବ ପକାଉଛି ତାକୁ ଗ୍ରହଣ କରିବା ଉଚିତ।

ନବକଳେବର

ନବକଳେବର କ'ଣ ?

ଯେଉଁ ବର୍ଷ ଆଷାଢ଼ ମାସରେ ଅଧିମାସ ପଡ଼େ, ଅର୍ଥାତ୍ ଦୁଇଟି ଆଷାଢ଼ ହୁଏ, ସେହି ବର୍ଷ ଶ୍ରୀଜଗନ୍ନାଥଙ୍କର ନବ କଳେବର ଅନୁଷ୍ଠିତ ହୁଏ। ପୁରାତନ ବିଗ୍ରହମାନଙ୍କୁ ଯଥା ଶ୍ରୀ ବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀଜଗନ୍ନାଥ ଏବଂ ଶ୍ରୀସୁଦର୍ଶଙ୍କ ବିଗ୍ରହଙ୍କୁ ବିସର୍ଜନ କରାଯାଇ ନୂତନ ବିଗ୍ରହ ବିରାଜମାନ କରନ୍ତି। ନବ କଳେବର ଦୁଇ ପ୍ରକାରର ହୋଇଥାଏ। ଯଥା—

ଶ୍ରୀଅଙ୍ଗ ଫିଟା ଅର୍ଥାତ୍ ଶ୍ରୀଅଙ୍ଗରେ ଲାଗି ହୋଇଥିବା ପାଟବସ୍ତ୍ରାଦି ବାହାର କରାଯାଇ ନୂତନ ବସ୍ତ୍ରାଦି ଲାଗି କରାଯାଏ। କିନ୍ତୁ ପ୍ରକୃତ ନବ କଳେବରରେ ପୁରାତନ ବିଗ୍ରହ ବିସର୍ଜନ, ବ୍ରହ୍ମ ସ୍ଥାପନ ଇତ୍ୟାଦି କର୍ମ ଅନୁଷ୍ଠିତ ହୋଇଥାଏ। ସାଧାରଣତଃ ପ୍ରତି ବାର ବର୍ଷରେ ନବ କଳେବର ହୋଇଥାଏ। କିନ୍ତୁ ଏହି ୧୯୯୬ ମସିହା ନବ କଳେବର ୧୯ ବର୍ଷ ପରେ ଅନୁଷ୍ଠିତ ହେବାକୁ ଯାଉଛି। ୧୯୭୭ ମସିହାରେ ଅନୁଷ୍ଠିତ ହୋଇଥିବା ନବକଳେବର ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ଯୁକ୍ତିଯୁକ୍ତ ବୋଲି ମନେ ହୁଏ।

୧୯୭୭ ମସିହାର ନବକଳେବରଃ—

ମା' ମଙ୍ଗଳାଙ୍କ ନିର୍ଦ୍ଦେଶରୁ ସୁଦର୍ଶନଙ୍କ ଦାରୁ କଟକ ଜିଲ୍ଲାସ୍ଥ ନିଆଳି ଗ୍ରାମ ସନ୍ନିକଟ ସିଂହସାଇ ଗ୍ରାମରୁ ମିଳିଥିଲା। ଶ୍ରୀ ବଳଭଦ୍ରଙ୍କ ଦାରୁ କଟକ ଜିଲ୍ଲା ଅଡ଼ସପୁର ନିକଟସ୍ଥ ଭୋଗେଶ୍ୱର ଗ୍ରାମରେ ଥିବା ବିଷୟ ଦୈତାପତିଙ୍କୁ ସ୍ୱପ୍ନାଦିଷ୍ଟ ହୋଇଥିଲା। ସେଠାରେ ଲୋକନାଥଙ୍କ ଶିବ ମନ୍ଦିର। ତିନିଗୋଟି ବିଶାଳ ଉଇହୁଙ୍କା, ଶିବ ମନ୍ଦିର ନିକଟରେ ଗୋଟିଏ ବାବାଜି ମଠ, ନିକଟରେ ଏକ ନଦୀ ଏହିପରି ଅନେକ ଗୁଡ଼ିଏ ଚିହ୍ନ ପରିଲକ୍ଷିତ ହୋଇଥିଲା। ଶ୍ରୀ ସୁଭଦ୍ରା ଦେବୀଙ୍କ ଦାରୁର ସନ୍ଧାନ ମିଳିଥିଲା ପୁରୀ ଜିଲ୍ଲା ଡ଼େଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ। ଶ୍ରୀ ଜଗନ୍ନାଥଙ୍କ ଦାରୁର ସନ୍ଧାନ ମିଳିଥିଲା ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟବର୍ତ୍ତୀ ରାଇଚକ୍ରଧରପୁର ଗ୍ରାମରେ। ଅନ୍ୟାନ୍ୟ ଲକ୍ଷଣ ସହ ଉକ୍ତ ଦାରୁରେ ଶଙ୍ଖଚକ୍ର ଚିହ୍ନମାନ ପରିଲକ୍ଷିତ ହୋଇଥିଲା।

୧୯୬୯ ମସିହାର ନବକଳେବର :—

ସୁଦର୍ଶନଙ୍କ ଦାରୁ ପୁରୀ ଜିଲ୍ଲାର ନୟାହାଟରୁ, ବଳଭଦ୍ରଙ୍କ ଦାରୁ ପୁରୀ ଜିଲ୍ଲାର ବନବାଳିପୁରରୁ, ସୁଭଦ୍ରାଙ୍କ ଦାରୁ କଟକ ଜିଲ୍ଲାର କାନପୁର ଗ୍ରାମରୁ ଏବଂ ଶ୍ରୀଜଗନ୍ନାଥଙ୍କ ଦାରୁ ପୁରୀ ଜିଲ୍ଲା ତାପଙ୍ଗ ଅଞ୍ଚଳର ଚମ୍ପାଝର ଗ୍ରାମରୁ ମିଳିଥିଲା।

ନବକଳେବରର ତାତ୍ତ୍ୱିକ ସମୀକ୍ଷାଃ—

ନବ କଳେବରରର ବାହ୍ୟ ରୂପ ବର୍ଣ୍ଣନା କରିବା ପୂର୍ବରୁ ଏହାକୁ ସୂକ୍ଷ୍ମ ଦୃଷ୍ଟିରେ ଲକ୍ଷ୍ୟ କରାଯିବା ଉଚିତ। ଯଥା ଦେହେ ତଥା ଦେବେ' ନ୍ୟାୟରେ ମଣିଷ ପରି ପରମ ପୁରୁଷ ଶ୍ରୀଜଗନ୍ନାଥଙ୍କୁ ଦେହତ୍ୟାଗ କରିବାକୁ ପଡ଼ିଥାଏ। କାରଣ ସେ ମର୍ତ୍ତ୍ୟମଣ୍ଡଳରେ ଅବତୀର୍ଣ୍ଣ। ଭାଗବତରେ କୁହାଯାଇଛି, 'ମର୍ତ୍ତ୍ୟବଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ,' ମନୁଷ୍ୟର ମୃତ୍ୟୁ ହେଲେ, ଆତ୍ମା ପୁରାତନ ଘଟ ତ୍ୟାଗ କରି ନୂତନ ଘଟ ମଧ୍ୟରେ ପ୍ରବେଶ କରେ। ପୁରାତନ ଶରୀର ଜୀର୍ଣ୍ଣ ହେଲେ ନୂତନ ଶରୀରର ଆବଶ୍ୟକତା ପଡ଼େ। ଶ୍ରୀମଦ୍ ଭଗବଦ୍ ଗୀତାରେ ଯଥାର୍ଥରେ କୁହାଯାଇଛି,

'ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା—
ନ୍ୟନ୍ୟାନି ସଂଯାତି ନବାନି ଦେହୀ' ।

ଅର୍ଥାତ୍, ବସ୍ତ୍ର ପୁରୁଣା ହେଲେ ଲୋକମାନେ ପୁରୁଣା ବସ୍ତ୍ରକୁ ପରିତ୍ୟାଗ କରି ନୂତନ ବସ୍ତ୍ର ଗ୍ରହଣ କରିଥାନ୍ତି । ସେହିପରି, ଜୀବାତ୍ମା ଜୀର୍ଣ୍ଣ ଶରୀର ପରିତ୍ୟାଗ କରି ନୂତନ ଶରୀର ମଧ୍ୟରେ ପ୍ରବେଶ କରେ । ନବ କଳେବରରେ ବ୍ରହ୍ମ ପୁରାତନ ବିଗ୍ରହ ବର୍ଜନ କରି ନୂତନ ନିର୍ମିତ ଦାରୁ ବିଗ୍ରହରେ ପ୍ରବେଶ କରିଥାନ୍ତି ।

ଆତ୍ମାର ସ୍ୱରୂପ କ'ଣ ତାହା କେହି ଜାଣନ୍ତି ନାହିଁ । ଆତ୍ମା ହେଉଛି ନିତ୍ୟ, ଅବିନାଶୀ ତଥା ଅପ୍ରମେୟ ଅର୍ଥାତ୍ ପ୍ରମାଣଦ୍ୱାରା ଅନୁପଲବ୍ଧ । କିନ୍ତୁ ସେ ଧାରଣ କରିଥିବା ଶରୀର ଅନିତ୍ୟ ବା ବିନାଶଶୀଳ । ଆତ୍ମାର ଜନ୍ମ ନଥାଏ କି ମୃତ୍ୟୁ ମଧ୍ୟ ନାହିଁ । ଏହା ଅନାଦି,ବା ଜନ୍ମରହିତ, ନିତ୍ୟ, ଶାଶ୍ୱତ ଓ ପୁରାତନ । ଶରୀର ନଷ୍ଟ ହେଲେ ବି ଏହାର ବିନାଶ ହୁଏ ନାହିଁ । ଆତ୍ମା ଅବ୍ୟକ୍ତ, ଅଚିନ୍ତ୍ୟ ତଥା ଅବିକାର୍ଯ୍ୟ ଅର୍ଥାତ୍ କର୍ମେନ୍ଦ୍ରିୟମାନଙ୍କର ଅଗୋଚର ବୋଲି କଥିତ । ସେହିପରି ନବକଳେବରରେ ପୁରାତନ ବିଗ୍ରହରୁ ବ୍ରହ୍ମଙ୍କୁ ନୂତନ ନିର୍ମିତ ଦାରୁ ବିଗ୍ରହରେ ସ୍ଥାପନ କରାଯାଏ । ଏହାର ସ୍ୱରୂପ କ'ଣ, ବର୍ଣ୍ଣ କ'ଣ, ରୂପ କ'ଣ, ଆକାର କ'ଣ ଏବଂ ଏହା କି ବସ୍ତୁ ତାହା କେହି ଜାଣନ୍ତି ନାହିଁ । ଅତଏବ, ନବ କଳେବରରେ ଆତ୍ମା ରୂପୀ ବ୍ରହ୍ମଙ୍କର କେବଳ ଘଟ ପରିବର୍ତ୍ତନ ହୋଇଥାଏ ।

ଶରୀର ସାଧାରଣତଃ କଳିକାଳରେ ୬୦/୭୦ ବର୍ଷରେ ଜୀର୍ଣ୍ଣ ହୁଏ । ଜୀବାତ୍ମା ଜୀର୍ଣ୍ଣ ଶରୀର ତ୍ୟାଗ କରି ନୂତନ ଶରୀରରେ ପ୍ରବେଶ କରେ । ଶାସ୍ତ୍ରୀୟ ମତାନୁଯାୟୀ ମଣି ବିଗ୍ରହ ମାନଙ୍କର ପରମାୟୁ ୧୦ ସହସ୍ର ପରିମିତ ବର୍ଷ, ଧାତୁ ବିଗ୍ରହର ପରାମାୟୁ ୧ ସହସ୍ର ବର୍ଷ, ଦାରୁ ବିଗ୍ରହର ପରମାୟୁ ୧୨ ବର୍ଷ, ଚିତ୍ର ପ୍ରତିମାର ପରମାୟୁ ୧ ବର୍ଷ ଏବଂ ମୃଣ୍ମୟ ପ୍ରତିମାର ପରମାୟୁ ୧ ମାସ ଅଟେ । ତେଣୁ ଦାରୁ ବିଗ୍ରହ ହାରାହାରି ୧୨ ବର୍ଷରେ ଜୀର୍ଣ୍ଣ ହେବାର କଥା । ଶ୍ରୀଜଗନ୍ନାଥଙ୍କ ଦାରୁ ବିଗ୍ରହର ପରିବର୍ତ୍ତନ ପ୍ରାୟ ୮ ବର୍ଷ, ୧୧ ବର୍ଷ କିମ୍ବା ୧୯ ବର୍ଷରେ ପଡ଼ିଥାଏ । ତେଣୁ ନବ କଳେବରର ଆବଶ୍ୟକତା ପଡ଼ିଥାଏ ।

ନବ କଳେବର ପ୍ରକ୍ରିୟାର ଶୁଭାରମ୍ଭଃ—

ନବ କଳେବର ପ୍ରକିୟାର ଶୁଭାରମ୍ଭ ହୁଏ ଚୈତ୍ର ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ । ଏହି ଦିନ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ପତି ମହାପାତ୍ରେ ସିଂହାସନ ଉପରେ ଉଠି ଶ୍ରୀଅଙ୍ଗରେ ଲାଗି ହୋଇଥିବା ଘୃରିବାଡ଼ର ଆଜ୍ଞାମାଳ ଆଣି ତିନିବାଡ଼ ଆଜ୍ଞାମାଳ ଦୈତାପତିଙ୍କୁ ଦେଇ ନିଜେ ସୁଦର୍ଶନ ବାଡ଼ ଆଜ୍ଞାମାଳ ଗ୍ରହଣ କରନ୍ତି । ଅଣସର ପିଣ୍ଡିରେ ଭିତରଛା ମହାପାତ୍ର

ମହୋଦୟ ଦାରୁ ଅନ୍ୱେଷଣ ପାଇଁ ଆଜ୍ଞାମାଳ ପାଇଥିବା ଦୈତାପତିଙ୍କୁ ଏବଂ ପତି ମହାପାତ୍ରଙ୍କୁ ଶାଢ଼ୀ ବାନ୍ଧନ୍ତି, ତପରେ ଜୟ ବିଜୟ ଦ୍ୱାରଠାରେ ଭିତର ଛ ମହାପାତ୍ର ଦେଉଳ କରଣ, ଚଢ଼ାଉ କରଣ ଓ ବେହେରା ଖୁଣ୍ଟିଆଙ୍କୁ ଶାଢ଼ୀ ବାନ୍ଧନ୍ତି । ଏହାଛଡ଼ା, ପଡ଼ିଆ କରଣ, ଲେଙ୍କା ଓ ବିଶ୍ୱକର୍ମାଙ୍କୁ ମଧ୍ୟ ଶାଢ଼ୀ ବନ୍ଧାଯାଏ । ଏମାନେ ସମସ୍ତେ ଜଗମୋହନ ଦେଇ ଗଜପତିଙ୍କ ଶ୍ରୀନଅରକୁ ଯାତ୍ରା କରନ୍ତି । ଗଜପତିଙ୍କ ଶ୍ରୀହସ୍ତ ଛୁଆଁ ଗୁଆ ରାଜଗୁରୁ ମହୋଦୟ ଦୈତାପତିଙ୍କୁ ପ୍ରଦାନ କଲାପରେ ଏମାନେ ସମସ୍ତେ ଜଗନ୍ନାଥ ବଲ୍ଲଭ ମଠକୁ ଯାଇ ସେଠାରେ ରାତ୍ରିଯାପନ କରନ୍ତି । ତହିଁ ପରଦିନ ବିଧି ଅନୁଯାଇ ଦାରୁ ଅନ୍ୱେଷଣ ପାଇଁ ଅନୁକୂଳ କରି କାକଟପୁର ମଙ୍ଗଳା ଠାକୁରାଣୀଙ୍କ ନିକଟକୁ ଯାଇ ଦେଉଳି ମଠରେ ଅବସ୍ଥାନ କରନ୍ତି । ଦାରୁ ଅନ୍ୱେଷଣ କାରୀ ଦଳରେ ପତିମହାପାତ୍ର, ଦୈତାପତି, ବ୍ରାହ୍ମଣ, ବିଶ୍ୱକର୍ମା, ଲେଙ୍କା, ଦେଉଳ କରଣ ଓ ଶ୍ରୀମନ୍ଦିରର ଜଗୁଆଳି ଅନ୍ତର୍ଭୁକ୍ତ ।

ଯୋଗମାୟା ମହାମଙ୍ଗଳାଙ୍କ ଭୂମିକାଃ—

ଦାରୁ ଅନ୍ୱେଷଣକାରୀ ଗଣ ପବିତ୍ର ପ୍ରାଚୀ ନଦୀରେ ସ୍ନାନ କରି କାକଟପୁରସ୍ଥ ମଙ୍ଗଳା ଦେବୀଙ୍କୁ ମାର୍ଜନା କରନ୍ତି ଏବଂ ପୂଜୋତ୍ସବ, ଚଣ୍ଡୀପାଠ ପ୍ରଭୃତି ଅନୁଷ୍ଠିତ ହୁଏ । ମା'ଙ୍କୁ ଶ୍ରୀମହାପ୍ରସାଦ ସମର୍ପଣ କରାଯାଏ । ମା' ମଙ୍ଗଳାଙ୍କୁ ସନ୍ତୁଷ୍ଟ କରାଯାଇ ତାଙ୍କ ଅନୁଗ୍ରହରୁ ଦାରୁବୃକ୍ଷର ସନ୍ଧାନ ମିଳିଯାଏ । ଲୋକାଗ୍ରର ଅନୁଯାୟୀ ଦୈତାପତି ଗଣ ମା'ଙ୍କ ନିକଟରେ ଶୁଦ୍ଧପୂତ ଭାବରେ ଧାରଣା ଦିଅନ୍ତି ଏବଂ ମା' ଏମାନଙ୍କୁ ସ୍ୱପ୍ନାଦିଷ୍ଟ କରନ୍ତି । ଫଳରେ ଦାରୁଥିବା ସ୍ଥାନ ସମ୍ବନ୍ଧରେ ସେମାନେ ସୂଚନା ପାଇଥାନ୍ତି । ମହାମାୟାଙ୍କ କୃପାଲାଭ କରି ଦାରୁ ଅନ୍ୱେଷଣକାରୀ ଗ୍ରୁରୋଟି ବାଡ଼ ବା ଦଳରେ ବିଭକ୍ତ ହୋଇ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାତ୍ରା କରନ୍ତି । ପ୍ରତ୍ୟେକ ବାଡ଼ର ମୁଖ୍ୟ ଦୈତାପତିଙ୍କୁ ବାଡ଼ଗ୍ରାହୀ କୁହାଯାଏ ଏବଂ ଉକ୍ତ ଗ୍ରିଜଣ ବାଡ଼ଗ୍ରାହୀ ଦାରୁଙ୍କୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆଣିବାର ଦାୟିତ୍ୱ ବହନ କରନ୍ତି ।

ଯୋଗମାୟା ହେଉଛନ୍ତି ବୈଷ୍ଣବୀ ଶକ୍ତି । ସପ୍ତଶତୀ ଚଣ୍ଡୀରେ କୁହାଯାଇଛି,

ତ୍ୱଂ ବୈଷ୍ଣବୀ ଶକ୍ତି ଅନନ୍ତବୀର୍ଯ୍ୟା
ବିଶ୍ୱସ୍ୟ ବୀଜଂ ପରମାସିମାୟା
ସମ୍ମୋହିତାଂ ଦେବି ସମସ୍ତମେତତ୍ ।
ତ୍ୱଂ ବୈପ୍ରସନ୍ନା ଭୁବିମୁକ୍ତି ହେତୁ ।।

ପରଂବ୍ରହ୍ମ ବିଷ୍ଣୁଙ୍କ ଦାରୁ ସଂଗ୍ରହ କାର୍ଯ୍ୟରେ ମହାମାୟା ମଙ୍ଗଳା ଦାରୁ ଅନ୍ୱେଷଣକାରୀଙ୍କୁ ଯଥାର୍ଥ ସଙ୍କେତ ଦେଇ ମହାପ୍ରଭୁଙ୍କ କାର୍ଯ୍ୟର ସଫଳ ରୂପାୟନ କରିଥାନ୍ତି । କେତେକଙ୍କ ମନରେ ସ୍ୱତଃ ଧାରଣା ଆସେ ଯେ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ମହାମାୟା ବିମଳାଙ୍କ ଆଦେଶକୁ ଅପେକ୍ଷା ନକରି ସୁଦୂର କାକଟପୁର ମଙ୍ଗଳାଙ୍କ ନିକଟକୁ ଯିବାର ଅଭିପ୍ରାୟ କ'ଣ ? ଏହାର

ଉତ୍ତରରେ କୁହାଯାଇପାରେ ଯେ, ଶ୍ରୀକ୍ଷେତ୍ରକୁ ଅଷ୍ଟଚଣ୍ଡୀ ସୁରକ୍ଷା କରିଥାନ୍ତି । ସେମାନେ ହେଲେ ମଙ୍ଗଳା, ଭଗବତୀ, ଚର୍ଚ୍ଚିକା, ସାରଳା, ହରଚଣ୍ଡୀ, ରାମଚଣ୍ଡୀ, ଆଲାମଚଣ୍ଡୀ ଓ ତାରିଣୀ । ଏହି କୀଳ ଶକ୍ତିଗଣ ବହିଃ କାର୍ଯ୍ୟର ଅଧିକାରିଣୀ ହୋଇଥିବାରୁ ଏବଂ ଦାରୁ ସଂଗ୍ରହ କାର୍ଯ୍ୟ ଶ୍ରୀକ୍ଷେତ୍ରର ବାହାରେ ହେଉଥିବାରୁ ଉକ୍ତ ଉତ୍ସବ ମଙ୍ଗଳାଙ୍କ ଠାରୁ ଶୁଭାରମ୍ଭ ହୋଇଥାଏ । କାକଟପୁରର ମଙ୍ଗଳା ମହାମଙ୍ଗଳା ରୂପେ ବିଦିତା । ଦେବୀ ପୁରାଣରୁ ଜଣାଯାଏ ଯେ, ମାୟାବୀ ରାକ୍ଷସ ମହିଷା ସହିତ ଦେବୀ ଦୁର୍ଗାଙ୍କର ଯୁଦ୍ଧ ସମୟରେ ବ୍ରହ୍ମମୟୀ ମଙ୍ଗଳାଙ୍କର ଆବିର୍ଭାବ ଘଟିଥିଲା । ମା' ଦୁର୍ଗା ମହିଷାସୁର ସହ ଯୁଦ୍ଧ କରି କ୍ଲାନ୍ତ ହୋଇ ପଡ଼ିବାରୁ ମା' ମଙ୍ଗଳା ଦୁର୍ଗାଙ୍କର ଅନ୍ତଃସ୍ଥଳରୁ ଆବିର୍ଭୂତା ହୋଇ ଦୁର୍ଗାଙ୍କୁ ମହିଷାସୁର ବ୍ରହ୍ମା ବରପ୍ରାପ୍ତି ସମ୍ବନ୍ଧରେ ସୂଚନା ଦେଇଥିଲେ ଏବଂ ଜଗତର କଲ୍ୟାଣ ପାଇଁ ଉଲଗ୍ନ ହୋଇ ମହିଷାକୁ ଯାନୁ ଯୌବନ ପ୍ରଦର୍ଶନ କରିବା ପାଇଁ ଅନୁରୋଧ କରିଥିଲେ । ଦେବୀ ଦୁର୍ଗା ତାଙ୍କୁ ସର୍ବମଙ୍ଗଳା ଆଖ୍ୟା ଦେଇ ଜଗତର କଲ୍ୟାଣ ପାଇଁ କାର୍ଯ୍ୟରତ ରହିବା ପାଇଁ ନିର୍ଦ୍ଦେଶ ଦେଲେ । ଏହାଛଡା, ମା' ମଙ୍ଗଳା ଲଙ୍କାର ଅଧିଷ୍ଠାତ୍ରୀ ଦେବୀ ହିସାବରେ ପୂଜା ପାଉଥିଲେ ବୋଲି ମଧ୍ୟ ଉଲ୍ଲେଖ ଅଛି । ରାବଣ ତାଙ୍କୁ ପ୍ରତ୍ୟହ ପୂଜାର୍ଚ୍ଚନା କରୁଥିଲେ । ଶ୍ରୀ ରାମ, ରାବଣ, ବଧ ପରେ ଦେବୀ ମଙ୍ଗଳାଙ୍କୁ ସଂଗରେ ନେଇ ଆସିଥିଲେ ବୋଲି ମଧ୍ୟ ଜଣାଯାଏ ।

ଦାରୁର ସନ୍ଧାନ ଓ ଦାରୁ ଲକ୍ଷଣଃ—

ମା' ମଙ୍ଗଳାଙ୍କ ସୂଚନା ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ସେ ସ୍ଥାନ ଓ ଅନ୍ୟାନ୍ୟ ବିଷୟ ଅନୁଧ୍ୟାନ କରାଯାଏ । ପୂର୍ବରୁ ସୂଚନା ଦିଆଯାଇଛି ଯେ, ଦାରୁ ଅନ୍ୱେଷଣକାରୀଙ୍କ ମଧ୍ୟରେ ରାଜପ୍ରତିନିଧି, ଚତୁର୍ବେଦୀୟ ବ୍ରାହ୍ମଣ, ରାଜପୁରୋହିତ ଓ ଶିଳ୍ପବିଦ୍ୟା ନିପୁଣ ସୂତ୍ରଧରମାନେ ମଧ୍ୟ ଅନ୍ତର୍ଭୁକ୍ତ । ଦାରୁର ଲକ୍ଷଣ ଓ ସ୍ଥାନ ନିର୍ଦ୍ଧାରଣ 'ଇନ୍ଦ୍ରନୀଳମଣି ପୁରାଣ'ରେ ଲିପିବଦ୍ଧ ହୋଇଅଛି । ଦାରୁ ବୃକ୍ଷ ନଦୀ, ଶ୍ମଶାନ, ମଠ ବା ଦେବାଳୟ ନିକଟରେ ରହିଥିବା ବିଧେୟ । ଏହି ବୃକ୍ଷର ଅନତି ଦୂରରେ ହୁଙ୍କା, ବରୁଣଗଛ, ସାହାଡ଼ାଗଛ ଥାଏ । ଦାରୁ ବୃକ୍ଷ ନିଶ୍ଚିତ ଭାବରେ ନିମ ବୃକ୍ଷ ହୋଇଥିବ ଏବଂ ବୃକ୍ଷର ସ୍ୱାଦ ତିକ୍ତ ପରିବର୍ତ୍ତେ ଅଳ୍ପ ମଧୁର ହୋଇଥାଏ । ବୃକ୍ଷଟି ପୁରାତନ ହୋଇଥିବ ଏବଂ ସେଥିରେ ୪ରୁ ୭ଟି ପର୍ଯ୍ୟନ୍ତ ଶାଖା ରହିଥିବ । ବୃକ୍ଷଟି ମୂଳରୁ ୧୦/୧୨ ଫୁଟ ପର୍ଯ୍ୟନ୍ତ ସଳଖ ଓ ନିଡା ହୋଇଥିବ । ଏହି ବୃକ୍ଷରେ କୀଟ ଦ୍ରଂଷ୍ଟ ଚିହ୍ନ ବା ବଜ୍ରପାତର ଚିହ୍ନ ନଥିବ । ବୃକ୍ଷରେ ପକ୍ଷୀବସା ରହିନଥିବ ଏବଂ ବୃକ୍ଷକୁ ବିଷଧର ସର୍ପ ଯଗି ରହିଥିବ । ଅନ୍ୱେଷଣକାରୀ ସେ ସର୍ପ ସ୍ଥାନ ଛାଡ଼ି ଗ୍ଲିଯିବାର ଲକ୍ଷ୍ୟ କରିଥିବା ଜଣାଯାଏ । ଦାରୁ ବୃକ୍ଷ ଗୁଡ଼ିକ ସରଳ ଓ ଆକର୍ଷଣୀୟ ହୋଇଥିବ । ସୁତ ସଂହିତାରେ ଦାରୁର ଲକ୍ଷଣ ସମ୍ପର୍କରେ ଉଲ୍ଲେଖ ଅଛି ଯେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଦାରୁର, ବର୍ଣ୍ଣ ଯଥାକ୍ରମେ କୃଷ୍ଣ, ଶ୍ୱେତ, ପୀତ ଓ ରକ୍ତବର୍ଣ୍ଣ ଏବଂ ଏଥିରେ ଶଂଖ, ଚକ୍ର, ଗଦା ଓ ପଦ୍ମର ଚିହ୍ନ ରହିବା ବିଧେୟ ।

ଶ୍ରୀବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ କାଷ୍ଠ ବା ଦାରୁ ନିର୍ମିତ ବିଗ୍ରହ ଅଟନ୍ତି । 'ବୃହତ୍ ସଂହିତା'ରେ କୁହାଯାଇଛି ଯେ, କାଷ୍ଠ ନିର୍ମିତ ମୂର୍ତ୍ତି ଉପାସ୍ୟ ହେଲେ ଶ୍ରୀ, ବଳ, ବୀର୍ଯ୍ୟ,ବିଜୟ ଓ ଆୟୁ ଲାଭ ହୋଇଥାଏ । ପୁନଶ୍ଚ, 'ବାମଦେବ ସଂହିତା'ରେ ଉଲ୍ଲେଖ ଅଛି ଯେ ବିଭିନ୍ନ ବୃକ୍ଷ ମଧ୍ୟରେ ନିମ ବୃକ୍ଷ ପ୍ରକୃଷ୍ଟ ବୋଲି ବିବେଚିତ ହୋଇଥାଏ । 'ନିମ୍ବ ପ୍ରଧାନ ମେତେଷାଂ ପ୍ରତିମାନାଂ ବିନିର୍ମିତୌ' ନିମ ବୃକ୍ଷ ହେଉଛି ବୃକ୍ଷମାନଙ୍କ ମଧ୍ୟରେ ପୂଜ୍ୟ । ଭବିଷ୍ୟ ପୁରାଣରେ ଯଥାର୍ଥରେ କୁହାଯାଇଛି-

'ନିମ୍ବାଦ୍ୟାଃ ସର୍ବବର୍ଣ୍ଣାନାଂ ବୃକ୍ଷାଃ ସାଧାରଣା ସ୍ମୃତାଃ' ।

ଏହାଛନା, ନିମ ବୃକ୍ଷର ସ୍ୱାଦ ପିତା ହୋଇଥିବାରୁ ତାହା ସହଜରେ ନଷ୍ଟ ହୁଏ ନାହିଁ କି କୀଟ କବଳିତ ହୁଏ ନାହିଁ । ପ୍ରାଚୀନ ନୀମ ବୃକ୍ଷ ମଳୟ ସ୍ପର୍ଶରେ ଚନ୍ଦନରେ ରୂପାନ୍ତରିତ ହୋଇଥାଏ । ଶ୍ରୀଜଗନ୍ନାଥ ସର୍ବପୂଜ୍ୟ ହୋଇଥିବାରୁ ତାଙ୍କର ବିଗ୍ରହ ନିମ ଦାରୁରେ ନିର୍ମିତ ହେବା ବିଧିଯୁକ୍ତ ।

ବନଯାଗ ଓ ଦାରୁ ସଂଗ୍ରହ :–

ପୂର୍ବୋକ୍ତ ଲକ୍ଷଣଯୁକ୍ତ ଦାରୁର ସନ୍ଧାନ ମିଳିଲା ପରେ ଦାରୁ ଛେଦନ ପାଇଁ ଅନୁକୂଳ ଆରମ୍ଭ ହୁଏ । ପ୍ରଥମେ ସୁଦର୍ଶନଙ୍କ ଦାରୁ ଛେଦନ ବିଧି ଆରମ୍ଭ କରାଯାଏ ଓ ପର୍ଯ୍ୟାୟକ୍ରମେ ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିମିତ୍ତ ଦାରୁ ଛେଦନ କର୍ମ ଅନୁଷ୍ଠିତ ହୁଏ । ଦାରୁ ଥିବା ସ୍ଥାନରେ ଏକ ଏକ ହୋମଶାଳା ନିର୍ମାଣ କରାଯାଏ ଏବଂ ଶବର ପଲ୍ଲୀ ମଧ୍ୟ ନିର୍ମିତ ହୁଏ । ଦୈତାପତିମାନେ ଶବର ପଲ୍ଲୀ ମଧ୍ୟରେ ଅବସ୍ଥାନ କରନ୍ତି । ଅଙ୍କୁରାରୋପଣ ଉଦ୍ଦେଶ୍ୟରେ ଏକ ଗୃହ ନିର୍ମାଣ କରାଯାଇ ସମସ୍ତ ଜିନଷ ପତ୍ର ସେଠାରେ ରଖାଯାଏ । ସେଠାରେ ପଞ୍ଚଶସ୍ୟ ରୋପିତ ହୁଏ । ତତ୍ପରେ ରାଜଗୁରୁ, ପୁରୋହିତ ଓ ବିଶ୍ୱକର୍ମାଗଣ ବନଯାଗ ବିଧିରେ ନୃସିଂହ ମନ୍ତ୍ରରେ ଆହୁତି ଦେଇ ବୃକ୍ଷକୁ ଆଶ୍ରିତ ଦେବଦେବୀ ଓ ଅନ୍ୟାନ୍ୟଙ୍କୁ ବୃକ୍ଷ ପରିତ୍ୟାଗ କରିବାକୁ ନିବେଦନ କରାଯାଏ । ବ୍ରାହ୍ମଣ ଓ ଦୈତାପତିଗଣ ବାଦ୍ୟ ସହ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ନେଇ ବୃକ୍ଷକୁ ୭ଥର ପରିକ୍ରମା କରି ବୃକ୍ଷରେ ଆଜ୍ଞାମାଳ ଲାଗି କରନ୍ତି । ଆଜ୍ଞାମାଳ ଲାଗି ହେବାଠାରୁ ବୃକ୍ଷ ଛେଦନ ପର୍ଯ୍ୟନ୍ତ ସମସ୍ତେ ନିର୍ଜଳା ଉପବାସରେ ରହିବାର ବିଧି ରହିଅଛି । ସମସ୍ତ ଅନୁକୂଳରେ ଶ୍ରୀଜଗନ୍ନାଥଙ୍କ ଶ୍ରୀହସ୍ତ ସୁଦର୍ଶନ ଚକ୍ର ଆଗରେ ଯାଇଥାଏ ଏବଂ ପ୍ରତ୍ୟେକ ଯଜ୍ଞାଦି କର୍ମ ନିକଟରେ ତାଙ୍କୁ ସ୍ଥାପନ କରାଯାଏ । ଯଜ୍ଞବେଦୀରେ ସୁନା, ରୂପା ଓ ଲୁହାର ତିନିଗୋଟି କୁରାଢ଼ି ପୂଜା କରାଯାଏ । ପ୍ରତ୍ୟେକ ଦାରୁ ବୃକ୍ଷ ନିକଟରେ ତିନି ଦିନ ଧରି ଯଜ୍ଞାନୁଷ୍ଠାନ କରାଯାଏ । ଯଜ୍ଞ ଶେଷ ହେଲେ ବ୍ରାହ୍ମଣମାନଙ୍କର ବେଦଧ୍ୱନି, ଅନ୍ୟାନ୍ୟ ଭକ୍ତମାନଙ୍କର ଭଜନ କୀର୍ତ୍ତନର ଉତ୍ତରଳ ଆବେଶ ମଧ୍ୟରେ ବିଦ୍ୟାପତି (ପତିମହାପାତ୍ର) ସୁନା କୁରାଢ଼ି, ବିଶ୍ୱାବସୁ (ଦୈତାପତି) ରୂପା କୁରାଢ଼ି ଏବଂ ବିଶ୍ୱକର୍ମା (ବଢ଼େଇ) ଲୁହା କୁରାଢ଼ି ଦାରୁ ବୃକ୍ଷରେ ଲଗାନ୍ତି । ତତ୍ପରେ ବଢ଼େଇମାନେ ମାପ ଅନୁସାରେ

ଦାରୁ ଛେଦନ କରିଥାନ୍ତି । ଦାରୁ ବୃକ୍ଷର ଅବଶିଷ୍ଟ ଅଂଶ ଗଭୀର ଗର୍ତ୍ତ ମଧ୍ୟରେ ପୋତି ଦିଆଯାଏ, ଯେପରିକି ଏହାର କୌଣସି ଅଂଶ ଅନ୍ୟ କେହି ଅନ୍ୟକାମରେ ଲଗାଇ ପାରିବେ ନାହିଁ । ଏ ସମସ୍ତ କାର୍ଯ୍ୟ ଘୁଲିଥିବା ବେଳେ ଅହରହ ବେଦଧ୍ୱନି, ଭଜନ କୀର୍ତ୍ତନ, ଶାନ୍ତି ସ୍ୱସ୍ତ୍ୟୟନ, ମନ୍ତ୍ରପାଠ ଆଦି ଲାଗି ରହିଥାଏ । ଦାରୁ ଭୂତଳଶାୟୀ ହେଲେ ଏହାକୁ ଚତୁଃସମ କରାଯାଏ ଏବଂ ନୂତନ ନିର୍ମିତ ଶକଟ ସାହାଯ୍ୟରେ ଶ୍ରୀମନ୍ଦିର ଅଭିମୁଖେ ଅଣାଯାଏ । ଦାରୁମାନଙ୍କୁ ପାଟ ବସ୍ତ୍ରାଦିରେ ଆଚ୍ଛାଦିତ କରି ଗନ୍ଧ, ମାଲ୍ୟରେ ସଜ୍ଜିତ କରି ପଟୁଆରରେ ଅଣାଯାଏ । ଦାରୁକୁ ଆଣୁଥିବା ଶକଟ ଘୁରିଚକ ବିଶିଷ୍ଟ । ଏହାର ଚକ ବରକାଠରେ, ଦଣ୍ଡା କେନ୍ଦୁ କାଠରେ, ଓ ଅଖ ତେନ୍ତୁଳି ବା ବେଲ କାଠରେ ନିର୍ମିତ ହୋଇଥାଏ । ବେତ ଦଉଡ଼ି ବା କତା ଦଉଡ଼ି ଦ୍ୱାରା ଶକଟଗୁଡ଼ିକୁ ଟଣାଯାଏ ।

ଦାରୁମାନଙ୍କର ସନ୍ଧାନ ମିଳିବା ଠାରୁ ଦାରୁ ଶ୍ରୀକ୍ଷେତ୍ରକୁ ଆସିବା ପର୍ଯ୍ୟନ୍ତ ଧର୍ମପ୍ରାଣ ବ୍ୟକ୍ତିମାନଙ୍କର ବିରାଟ ସମାରୋହ ହୋଇଥାଏ । ଦାରୁ ଅନ୍ୱେଷଣକାରୀମାନଙ୍କ ମଧ୍ୟରୁ କେହି ଅଶୌଚ ହେଲେ, ସେ ଅଶୌଚ ବିଧି ତାଙ୍କୁ ଲାଗୁ ହୁଏ ନାହିଁ । ପ୍ରଥମେ ସୁଦର୍ଶନଙ୍କ ଦାରୁ, ତାପରେ ବଳଭଦ୍ରଙ୍କର, ତତ୍ପରେ ସୁଭଦ୍ରାଙ୍କର ଏବଂ ସର୍ବଶେଷରେ ଜଗନ୍ନାଥଙ୍କ ଦାରୁ ଶ୍ରୀକ୍ଷେତ୍ରକୁ ଅଣାଯାଏ । ଜଗନ୍ନାଥ ସଡ଼କ ଦେଇ ଅଠରନଳା ପାଖରେ ପହଞ୍ଚିବା ମାତ୍ରେ ଗଜପତି ମହାରାଜାଙ୍କୁ ଶୁଭ ସମ୍ବାଦ ଦିଆଯାଏ ଏବଂ ଗଜପତି ହସ୍ତୀ, ଘୁମର ବ୍ୟଜନ ପ୍ରଭୃତି ସ୍ୱାଗତ ଉପଘ୍ନର ସହିତ ସାଧୁ, ସନ୍ଥ ମାନଙ୍କ ଗହଣରେ ଅଠର ନଳା ପାଖରେ ଉପସ୍ଥିତ ହୋଇ ଦାରୁଙ୍କୁ ପାଛୋଟି ଆଣନ୍ତି ଏବଂ ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଦେଇ କୋଇଲି ବୈକୁଣ୍ଠର ଦାରୁ ମଣ୍ଡପରେ ଅବସ୍ଥାପିତ କରାନ୍ତି । ତତ୍ପରେ ପତି ମହାପାତ୍ର ଦାରୁମାନଙ୍କୁ ମହାସ୍ନାନ କରାନ୍ତି ଏବଂ ଗଜପତି ମହାରାଜା ମନ୍ଦିରରେ ବ୍ରାହ୍ମଣ ଭୋଜନ କରାନ୍ତି । ଏ ସମସ୍ତ ଦାରୁ ନିଶ୍ଚିତ ଭାବରେ ଦେବସ୍ନାନ ପୂର୍ଣ୍ଣମୀ ପୂର୍ବରୁ ଶ୍ରୀମନ୍ଦିରରେ ପହଞ୍ଚିସାରିଥିବା ବିଧି ।

ନୈବଦ୍ୟ ବୈକୁଣ୍ଠରେ ମୂର୍ତ୍ତି ନିର୍ମାଣ :–

ମୂର୍ତ୍ତି ନିର୍ମାର ଏବଂ ବ୍ରହ୍ମ ସ୍ଥାନାନ୍ତର ଇତ୍ୟାଦି ଅତ୍ୟନ୍ତ ଗୋପନୀୟ କର୍ମ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

''ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ
ମହାଜନୋ ଯେନ ଗତଃ ସଃ ପନ୍ଥାଃ'' ।

ଦାରୁମାନଙ୍କୁ ଉତ୍ତର ଦ୍ୱାର ଦେଇ କୋଇଲି ବୈକୁଣ୍ଠରେ ମୂର୍ତ୍ତି ନିର୍ମାଣ କରାଇବା ଶାସ୍ତ୍ରବିହିତ । ଉତ୍ତର ଦ୍ୱାର ଏ କାର୍ଯ୍ୟ ପାଇଁ ପ୍ରକୃଷ୍ଟ ଦ୍ୱାର । ଏଥିପାଇଁ ଯଥାର୍ଥରେ କୁହାଯାଇଛି,

'ଉତ୍ତରେ ସର୍ବଦେବତା ଉତ୍ତରେ ସର୍ବତୀର୍ଥାନି ।'

ଏହାଛଡ଼ା, ବୈକୁଣ୍ଠକୁ ଗୁପ୍ତ ପୀଠ ରୂପେ ବର୍ଣ୍ଣନା କରାଯାଇଥାଏ । ତେଣୁ ବିଗ୍ରହର ନିର୍ମାଣ କର୍ମ ଅତ୍ୟନ୍ତ ଗୁପ୍ତ ଭାବରେ କୋଇଲି ବୈକୁଣ୍ଠରେ ହିଁ ସମ୍ପନ୍ନ ହୁଏ ।

ଦେବସ୍ନାନ ପୂର୍ଣ୍ଣମୀ ଦିନ ଶ୍ରୀଜଗନ୍ନାଥଙ୍କ ସ୍ନାନ ଉତ୍ସବ ସଙ୍ଗେ ସଙ୍ଗେ ବୈକୁଣ୍ଠ ମଧ୍ୟରେ ଥିବା ଦାରୁଙ୍କୁ ମଧ୍ୟ ସ୍ନାନ କରାଯାଏ । ଜ୍ୟେଷ୍ଠମାସ ପୂର୍ଣ୍ଣମୀଠାରୁ ଆଷାଢ଼ ମାସ ଅମାବାସ୍ୟା ଯାଏ ଅନବସର ବା ଅଣସର ନୀତି ପାଳିତ ହୁଏ । ସାଧାରଣତଃ, ଅଣସର ୧୫ ଦିନ ହୋଇଥାଏ । କିନ୍ତୁ ନବକଳେବର ସମୟରେ ଅଣସର ଦେଢ଼ମାସ ହୁଏ ଏବଂ ଏହାକୁ ମହା ଅଣସର କୁହାଯାଏ । ସ୍ନାନ ପୂର୍ଣ୍ଣମୀ ପୂର୍ବରୁ କୋଇଲି ବୈକୁଣ୍ଠ ମଧ୍ୟରେ କେତେ ଗୁଡ଼ିଏ ଗୃହ ନିର୍ମାଣ କରାଯାଏ । ସେଥି ମଧ୍ୟରୁ ଗୋଟିଏ, ଅଙ୍କୁରାରୋପଣ ଗୃହ, ଗୋଟିଏ ନିର୍ମାଣ ମଣ୍ଡପ, ଗୋଟିଏ ଯଜ୍ଞ ମଣ୍ଡପ, ଗୋଟିଏ ନୃସିଂହ ମଣ୍ଡପ, ଦୁଇଟି ସ୍ନାନ ଅଧିବାସ ଗୃହ ଏବଂ ଗୋଟିଏ ନ୍ୟାସ ଦାରୁଗୃହ ହୋଇଥାଏ । ଏହାଛଡ଼ା ଦାରୁ ଆସିବା ପୂର୍ବରୁ ଦାରୁ ରହିବା ପାଇଁ ଗ୍ୱରୋଟି ଗୃହ ନିର୍ମାଣ କରାଯାଇଥାଏ ଏବଂ ସେହି ଗୃହ ମଧ୍ୟରେ ଶକଟ ସହ ଆସିଥିବା ଦାରୁଙ୍କୁ ସେହିପରି ରଖାଯାଏ । ଯଜ୍ଞ ମଣ୍ଡପ ଗୃହଟିର ଦୈର୍ଘ୍ୟ ୧୨ ହାତ ଏବଂ ପ୍ରସ୍ଥ ମଧ୍ୟ ୧୨ ହାତ । ଏଥିରେ ୧୬ଟି ଖମ୍ଭ ଥାଏ ଏବଂ ଏହା ଦୁଇଟି ଗ୍ୱଳ ବିଶିଷ୍ଟ । ଗୃହ ମଧ୍ୟରେ ଯେଉଁ ମଣ୍ଡପ ଥାଏ, ସେହି ମଣ୍ଡପର ମଧ୍ୟ ଭାଗରେ ହୋମ କୁଣ୍ଡ ନିର୍ମିତ ହୋଇଥାଏ ଏବଂ ଯଜ୍ଞ ମଣ୍ଡପର ଗ୍ୱରିଦିଗକୁ ଥିବା ଗ୍ୱରି ଦ୍ୱାରରେ ଗ୍ୱରିବେଦ ହୋମ ପାଇଁ ଗ୍ୱରିଗୋଟି ଛୋଟକୁଣ୍ଡ ରହିଥାଏ । ଯଜ୍ଞ ଗୃହର ପଶ୍ଚିମ ଦିଗରେ ୧୬ ହାତ ଦୈର୍ଘ୍ୟ ଓ ୧୬ ହାତ ପ୍ରସ୍ଥ ବିଶିଷ୍ଟ ନିର୍ମାଣ ମଣ୍ଡପରେ ବିଗ୍ରହମାନଙ୍କୁ ନିର୍ମାଣ କରାଯାଏ । ନିର୍ମାଣ ମଣ୍ଡପର ଉତ୍ତର ଦିଗରେ ଅଙ୍କୁଚାରୋପଣ ଗୃହ ନିର୍ମିତ ହୋଇଥାଏ । ଦାରୁ ଗୃହର ଦକ୍ଷିଣ ପାର୍ଶ୍ୱରେ ନୃସିଂହ ଗୃହ ଓ ନ୍ୟାସଦାରୁ ଗୃହ ନିର୍ମାଣ କରାଯାଇଥାଏ । ଏ ସମସ୍ତ ଗୃହ ଛଣରେ ଛପର ହୋଇଥାଏ ଓ ଗ୍ୱରୁପଟ ତାଳପତ୍ର ତାଟିରେ ବନ୍ଦ କରାଯାଇଥାଏ । ସ୍ନାନ ପୂର୍ଣ୍ଣମୀ ପୂର୍ବରୁ ଶୁଭ ମୁହୂର୍ତ୍ତରେ ବ୍ରାହ୍ମଣମାନେ ପଞ୍ଚଶସ୍ୟ ନେଇ ଅଙ୍କୁରାରୋପଣ ଗୃହରେ ଅଙ୍କୁରାରୋପଣ କରନ୍ତି । ସ୍ନାନ ପୂର୍ଣ୍ଣମୀ ଦିନ ଦୈତାପତିମାନେ ଦାରୁଙ୍କୁ ସ୍ନାନ କରାନ୍ତି । ପ୍ରତିଷ୍ଠା କର୍ମପାଇଁ ଆଗ୍ନ୍ୟର୍ଯ୍ୟ, ପୁସ୍ତକାଗ୍ନ୍ୟର୍ଯ୍ୟ, ସମୀଧାଗ୍ନ୍ୟର୍ଯ୍ୟ, ବ୍ରହ୍ମା, ରାଜପୁରୋହିତ, ଦେଉଳ ପୁରୋହିତ ଆଦି ବ୍ରାହ୍ମଣଙ୍କୁ ବିଧି ପୂର୍ବକ ବରଣ କରାଯାଏ । ଦାରୁଙ୍କ ସ୍ନାନପରେ ପତିମହାପାତ୍ର ଓ ଦୈତାପତି ଦକ୍ଷିଣ ଘରୁ ନୃସିଂହଙ୍କୁ ଆଣି ନୃସିଂହ ମଣ୍ଡପରେ ବିଜେ କରାନ୍ତି । ନବକଳେବର ସମୟରେ ନୃସିଂହଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କରି ଅଧିନାୟକତ୍ୱରେ ନବ କଳେବରର ସମସ୍ତ କର୍ମ ସମ୍ପନ୍ନ ହୁଏ । ନୃସିଂହ ବିଜେ ହେଲା ପରେ ଯଜ୍ଞକର୍ମର ଶୁଭାରମ୍ଭ ହୁଏ । ଏହି ସମୟରେ ଶ୍ରୀମନ୍ଦିରସ୍ଥ ଜଗମୋହନରେ ଏବଂ ପଞ୍ଚରୁଦ୍ର ଓ ପଞ୍ଚଦେବୀଙ୍କ ନିକଟରେ ଜପ, ଧ୍ୟାନ, ସ୍ତୁତି, ସହସ୍ରନାମ ପାଠ, ଶ୍ରୀମଦ୍‌ଭାଗବତ ପାରାୟଣ, ଚଣ୍ଡୀପାଠ ଏବଂ ରୁଦ୍ରଙ୍କ ନିକଟରେ ରୁଦ୍ରାଭିଷେକ ଆଦି କର୍ମ ଅନୁଷ୍ଠିତ ହେଉଥାଏ, ଏହି ଅବସରରେ ସ୍ନାନାଧିବାସ ଗୃହରେ ୧୦୮ ଗରା ଜଳ

ରଖାଯାଇ ସେଥିରେ ଔଷଧି ଓ ତୀର୍ଥଜଳ ଆଦି ମିଶାଯାଏ । ବେଦୋକ୍ତ ମନ୍ତ୍ରପାଠ ସହ ଆଗ୍ନ୍ୟର୍ଯ୍ୟ ଦାରୁଙ୍କୁ ସ୍ନାନ କରାନ୍ତି ଏବଂ ଯଜ୍ଞଶାଳାର ଐଶାନ୍ୟ କୋଣରେ ଦାରୁଙ୍କୁ ରଖାଯାଏ । ବିଧି ପୂର୍ବକ ପ୍ରତିଷ୍ଠା କର୍ମ ଓ ଷୋଡ଼ଶ ଉପଗ୍ଭରରେ ଦାରୁପୂଜା ଅନୁଷ୍ଠିତ ହୁଏ ।ଯଜ୍ଞ ଆରମ୍ଭ ହେଲାପରେ ଦାରୁ ମଣ୍ଡପରେ ମୂର୍ତ୍ତି ନିର୍ମାଣ ଆରମ୍ଭ କରାଯାଏ । ସୂତ ସଂହିତାର ପଦ୍ଧତି ଅନୁସାରେ ଶ୍ରୀମୂର୍ତ୍ତିମାନଙ୍କୁ ନିର୍ମିତ କରାଯାଏ ।ଦ୍ୱାଦଶୀ ଦିନ ବ୍ରାହ୍ମଣମାନଙ୍କୁ ଗୋଦାନ ଦିଆଯାଏ। ତ୍ରୟୋଦଶୀ ଦିନ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ସମାପ୍ତ ହୁଏ ଏବଂ ଯଜ୍ଞର ପୂର୍ଣ୍ଣାହୁତି ହୁଏ । ଆଗ୍ନ୍ୟର୍ଯ୍ୟ ବ୍ରାହ୍ମଣଗଣ, ଛତିସା ନିଯୋଗ ସେବାୟତ ସତ୍ତ, ମହନ୍ତ, ବ୍ରହ୍ମଗ୍ୱିରୀ ଆଦି ବରଣ ହୋଇ ମୂର୍ତ୍ତିମାନଙ୍କୁ ସଂସ୍କାର ଓ ନ୍ୟାସ କରିବାକୁ ନିର୍ମାଣ ମଣ୍ଡପକୁ ଆସନ୍ତି । ଆଗ୍ନ୍ୟର୍ଯ୍ୟ ରାଜଗୁରୁ ଖଣ୍ଡୁଆ ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛାଦିତ ମୂର୍ତ୍ତି ଚତୁଷ୍ଟୟକୁ କୁଶାଗ୍ରରେ ସ୍ପର୍ଶ କରି ସଂସ୍କାର ଓ ପ୍ରତିଷ୍ଠା କରନ୍ତି ।ନୃସିଂହ ମନ୍ତ୍ର ଓ ନ୍ୟାସାଦିରେ ଉପାସନା ଓ ପ୍ରତିଷ୍ଠା କର୍ମ ଅନୁଷ୍ଠିତ ହୁଏ ।ଗଜପତିଙ୍କ ଉପସ୍ଥିତିରେ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଏ ଏବଂ ଯଜ୍ଞପରେ ଦାନବିଧି, ଆରତୀ ଓ ପୁଷ୍ପାଞ୍ଜଳି ହୋଇ, ପୁଣ୍ୟାହବାଚନ କରାଯାଇ ଅଗ୍ନି ଶାନ୍ତି କରାଯାଏ ।ଯଜ୍ଞ କର୍ମ ଓ ପ୍ରତିଷ୍ଠା କର୍ମ ଶେଷ ହେଲାପରେ ପତି ମହାପାତ୍ରଙ୍କୁ ନବନିର୍ମିତ ବିଗ୍ରହମାନଙ୍କର ଦାୟିତ୍ୱ ଦିଆଯାଏ ।

ବ୍ରହ୍ମଙ୍କ ଘଟ ପରିବର୍ତ୍ତନ :–

ଆଷାଢ଼ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ ନିଶାର୍ଦ୍ଧରେ ଅତି ଗୋପନୀୟ ଭାବରେ ପୂରାତନ କଳେବରରୁ ନୂତନ ନିର୍ମିତ ବିଗ୍ରହମାନଙ୍କୁ ବ୍ରହ୍ମଙ୍କୁ ସ୍ଥାନାନ୍ତରିତ କରାଯାଏ । ଏହି ଦିନ ସନ୍ଧ୍ୟା ସୁଦ୍ଧା ବଡ଼ ସିଂହାର ଧୂପ ଶେଷ ହୋଇ ମନ୍ଦିର ଶୋଧ କରାଯାଇଥାଏ ଏବଂ ସମସ୍ତ ଦ୍ୱାର ବନ୍ଦ କରାଯାଏ । ଭିତର ବେଢ଼ାରେ କେବଳ ପତି ମହାପାତ୍ର ଓ ଦୈତାପତି ରହିଥାନ୍ତି । ବାଇଶି ପାହାଚରେ ଦେଉଳ କରଣ ଶ୍ରୀ ଜଗନ୍ନାଥଙ୍କ ପାଟଖଣ୍ଡା ଧରି ଜଗି ରହନ୍ତି । ଦୈତାପତିଗଣ କୋଇଲି ବୈକୁଣ୍ଠରୁ ନବ ନିର୍ମିତ ବିଗ୍ରହ ଚତୁଷ୍ଟୟଙ୍କୁ ପହଣ୍ଡି ବିଜେ କରାଇ ଅଣସର ପିଣ୍ଡିକୁ ଆଣନ୍ତି ଏବଂ ବ୍ରହ୍ମ ପରିବର୍ତ୍ତନ ବା ଘଟାନ୍ତର କରାଯାଏ । ବ୍ରହ୍ମ କ'ଣ, ତାହା ଅଦ୍ୟାବଧି ରହସ୍ୟାବୃତ ଭାବରେ ରହିଛି ଏବଂ ରହିଥିବ । ବ୍ରହ୍ମଙ୍କୁ କେବଳ ପରମ ପୁରୁଷଙ୍କ ଆତ୍ମା ହିସାବରେ ବିବେଚନା କରାଯାଇ ପାରେ । ବ୍ରହ୍ମ ନବକଳେବର ମାନଙ୍କରେ ଅବସ୍ଥାପିତ ହେବା ପରେ ଷୋଡ଼ଶ ଉପଗ୍ଭରରେ ପୂଜାବିଧି ଅନୁଷ୍ଠିତ ହୁଏ । ପୁରାତନ ବିଗ୍ରହଗୁଡ଼ିଙ୍କୁ କୋଇଲି ବୈକୁଣ୍ଠ ମଧ୍ୟରେ ସମାଧି ଦିଆଯାଏ । ଏହି ବିଗ୍ରହମାନଙ୍କ ସହିତ ରଥର ସାରଥୀ, ଅଶ୍ୱ, ରଥର ପାର୍ଶ୍ୱ ଦେବତା, ରଥର ଶୁଆ, ଦ୍ୱାରପାଳ, ଧ୍ୱଜାଦଣ୍ଡ ଓ ମହାପ୍ରଭୁଙ୍କ ଖଟ ଶେଯ ଆଦିକୁ ମଧ୍ୟ ପୋତି ଦିଆଯାଏ । ପ୍ରକାଶ ଥାଉକି ନବ କଳେବର ବର୍ଷ ରଥର ସାରଥୀ, ଅଶ୍ୱ, ପାର୍ଶ୍ୱ ଦେବତା, ଦ୍ୱାରପାଳ, ଧ୍ୱଜାଦଣ୍ଡ ଓ ଖଟ ଶେଯ ଇତ୍ୟାଦି ନୂତନ ଭାବରେ ନିର୍ମିତ ହୁଏ ।

ଲୋକାଗ୍ରର ମତରେ ଦୈତାପତିମାନେ ଅନ୍ତ୍ୟଷ୍ଟିକ୍ରିୟା ସମ୍ପନ୍ନ କରନ୍ତି । 'ଯଥା ଦେବହ ତଥା ଦେବେ' ନ ୟାୟରେ ଏ ସମସ୍ତ କର୍ମ ଅନୁଷ୍ଠିତ ହୁଏ । ସେମାନେ କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ଦଶଦିନ ଧରି ଅଶୌଚ ପାଳନ କରନ୍ତି । ହବିଷ ଅନ୍ନ ଭୋଜନ କରନ୍ତି । ଶୁକ୍ଳ ନବମୀ ତିଥିରେ ଅର୍ଥାତ୍ ଏକାଦଶାହ ଅବସରରେ ଦୈତାମାନେ ମୁକ୍ତି ମଣ୍ଡପରେ ବସି ତୈଳ ମର୍ଦ୍ଦନ ହୁଅନ୍ତି ଏବଂ ମାର୍କଣ୍ଡେୟ ସରୋବରରେ କ୍ଷୌର କର୍ମ ଓ ସ୍ନାନାଦି ସମାପନ କରନ୍ତି । ଶ୍ରୀମନ୍ଦିର ତରଫରୁ ବ୍ୟବସ୍ଥା କରାହୋଇଥିବା ନୂତନ ବସ୍ତ୍ର ପରିଧାର କରି, ବାଇଶି ପାହାଚରେ ଗୋଡ଼ ଧୋଇ ସେମାନଙ୍କୁ ଶାନ୍ତି ଉଦକ ମଧ୍ୟ ପାନ କରିବାକୁ ପଡ଼ିଥାଏ । ଶୁକ୍ଳ ଦଶମୀ ଦିନ ଦ୍ୱାଦଶାହ ମହା ସମାରୋହରେ ପାଳିତ ହୁଏ । ଦୈତାପତିମାନେ ଷୋଳ ଶାସନ ବ୍ରାହ୍ମଣମାନଙ୍କୁ ସାଧୁ, ସଜ୍ଜ, ଛତିଶା ନିଯୋଗକୁ, ମୁକ୍ତିମଣ୍ଡପ ପଣ୍ଡିତଙ୍କୁ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମନ୍ଦିର ପ୍ରାଙ୍ଗଣରେ ମହାପ୍ରସାଦ ଭୋଜନରେ ଆପ୍ୟାୟିତ କରିଥାନ୍ତି । ସହସ୍ରାଧିକ ବ୍ୟକ୍ତିର ଏକକାଳୀନ ମହାପ୍ରସାଦ ସେବନ ଦୃଶ୍ୟ ଅତ୍ୟନ୍ତ ଆନନ୍ଦଦାୟକ ହୋଇଥାଏ । ଏହିପରି ଭାବରେ ପୁରାତନ ବିଗ୍ରହ ବିସର୍ଜନ, ନୂତନ ବିଗ୍ରହମାନଙ୍କର ପ୍ରତିଷ୍ଠା ଆଦି କର୍ମ ବିଧି ପୂର୍ବକ ଅନୁଷ୍ଠିତ ହୁଏ ଏବଂ ଭକ୍ତ ସମାଜ ନୂତନ କଳେବର ଲାଭ କରିଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ଅପେକ୍ଷାରେ ରହିଥାନ୍ତି । ଅନବସର ପିଣ୍ଡିରେ ନବ ଯୌବନ ଦର୍ଶନ ଏବଂ ରଥାଯାତ୍ରା ଦିନ ରଥସ୍ଥ ଭଗବାନଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଭକ୍ତମାନଙ୍କୁ ମିଳିଥାଏ ।

୩) ଶୟନ ଯାତ୍ରା :– ଆଷାଢ଼ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଶୟନ ଯାତ୍ରା ପାଳିତ ହୁଏ । ଯାତ୍ରା ଭାଗବତରେ ଉଲ୍ଲେଖ ଅଛି,

'ଆଷାଢ଼େ ଶୁକ୍ଳପକ୍ଷେ ତୁ ଚୈକାଦଶ୍ୟାଂ ବିଶେଷତଃ ।
ନିଶାୟାଂ ଚ ସ୍ୱପେତ୍‌ବିଷ୍ଣୁଃ ଜନମଙ୍ଗଳ ହେତବେ ।।'

ବିଷ୍ଣୁ ବର୍ଷକରେ ଚାରିମାସ ଶୟନ କରନ୍ତି ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ହରିଙ୍କର ଶୟନ କାଳ ।

ଶ୍ରୀ ଜୀଉଙ୍କର ବଡ଼ ସିଂହାର ଭୋଗ ବଢ଼ି ମହାସ୍ନାନ ହେବା ପରେ ଭଣ୍ଡାର ଘରୁ ତିନିମୂର୍ତ୍ତି ଶୟନ ଠାକୁର ତିନିବାଡ଼କୁ ବିଜେ କରନ୍ତି । ବଡ଼ବାଡ଼ର ଶୟନ ଠାକୁର ହେଉଛନ୍ତି । ବାସୁଦେବ, ମଝିବାଡ଼ର ଭୁବନେଶ୍ୱରୀ ଏବଂ ମହାପ୍ରଭୁଙ୍କ ବାଡ଼ର ଶୟନ ଠାକୁର ହେଉଛନ୍ତି ନାରାୟଣ । ବିଜେ ପରେ ମହାସ୍ନାନ ବଢ଼େ ଏ ସମୟରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ରଥ ଉପରେ ଥାଆନ୍ତି । ସର୍ବାଙ୍ଗ ଲାଗି, ନୂଆ ପତନି ଲାଗି, ମାଳଫୁଲ ଲାଗି ଶେଷ ହେବାପରେ ପାଣି ପଡ଼ି ଟେରା ବନ୍ଧା ହୁଏ ଏବଂ ବଡ଼ସିଂହାର ଭୋଗ କରାଯାଏ । ଏ ପୂଜା ଷୋଡ଼ଶ ଉପଗ୍ରର ପୂଜା ବିଧିରେ ଅନୁଷ୍ଠିତ ହୋଇଥାଏ । ଭୋଗ ପରେ କର୍ପୂର ଆରତୀ ବଢ଼ିଲେ ତିନି ଶୟନ ଠାକୁର ହାତରେ ବିଜେ ହୋଇ ଭଣ୍ଡାର ଘର ଦ୍ୱାର ନିକଟକୁ ଯାତ୍ରା

କରିଥାନ୍ତି । ଶୟନ ଘରେ ପୂର୍ବରୁ ଶେଯ, ତକିଆ ପ୍ରସ୍ତୁତ ହୋଇ ରହିଥାଏ । ଠାକୁରମାନେ ଏଥିରେ ଶୟନ କରନ୍ତି । ପ୍ରସାଦ ଲାଗି, ପୁଷ୍ପାଞ୍ଜଳୀ, କର୍ପୂର ଆରତୀ ଓ ବନ୍ଦାପନାପରେ ଶୟନ ଘର ଦ୍ୱାର ମଦନମୋହନଙ୍କ ମୁଦରେ ମୁଦ ଦିଆଯାଇ ବନ୍ଦ କରାଯାଏ । ନୀଳାଦ୍ରି ମହୋଦୟରେ ଠାକୁର ମାନଙ୍କର ପ୍ରାର୍ଥନା ମନ୍ତ୍ର ଉଲ୍ଲେଖ ଅଛି ସେଥିମଧ୍ୟରୁ ଜଗନ୍ନାଥଙ୍କ ପ୍ରାର୍ଥନା ମନ୍ତ୍ର ହେଲା,

'ଜଗଦୀଶ ଜଗନ୍ନାଥ ଜଗଦାନନ୍ଦକାରକ,
ଜଗଦ୍ଧାମ ଜଗଦ୍ରୂପ ନମସ୍ତେ ଜଗତାଂ ପତେ ।।
ଦୁଷ୍ଟାନାଂ ନାଶନାର୍ଥାୟ ଶିଷ୍ଟାନାଂ ପ୍ରାଣହେତବେ,
ଲକ୍ଷ୍ମୀକଳତ୍ର କଲ୍ପେଽସ୍ମିନ୍ ସୁଖେନ ଶୟନଂ କୁରୁ ।।'

ଶୟନ ଯାତ୍ରା ଦର୍ଶନ କରିବା ଅତ୍ୟନ୍ତ ପୁଣ୍ୟଦାୟକ ବୋଲି କୁହାଯାଏ ।

୪) ଦକ୍ଷିଣାୟନ ଯାତ୍ରାଃ– ଏହା କର୍କଟ ସଂକ୍ରାନ୍ତି ଦିବସରେ ଅନୁଷ୍ଠିତ ହୁଏ । ତିନିବାଡ଼ରେ ଠାକୁରମାନଙ୍କୁ ବୋଇରାଣି ଲୁଗା ଲାଗି କରାଯାଏ । ତିନିଗୋଟି ରୂପା ପିଙ୍ଗଣରେ ଘଣ୍ଟ, ଛତି, କାହାଳ ସହ ଚନ୍ଦନ ବିଜେ ହୋଇ ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ବେଶ କରାଯାଏ । ଦ୍ୱିପ୍ରହର ଧୂପ ପୂଜା ବସି ଟେରା ପଡ଼ିଲେ ମନ୍ଦିର ଘୁରି ପାଖରେ 'ପ୍ରସ୍ତୁତ ବଳିଭାତ'ରୁ ଅନ୍ନ ବଳି ଦିଆଯାଏ । ରଥ ଉପରେ ଠାକୁରଥିବା ସମୟରେ କର୍କଟ ସଂକ୍ରାନ୍ତି ପଡ଼ିଲେ ଅନ୍ନ ବଦଳରେ ଶୁଖିଲା ଘିଉଳ ଓ ବିରିରେ ବଳି ଦିଆଯିବା ସଂଗେ ସଗେ ଶୁଖିଲା ଭୋଗ ନୈବେଦ୍ୟ ହୋଇଥାଏ । ଅୟନ ଯାତ୍ରାରେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପୁଣ୍ୟପ୍ରଦ ବୋଲି ବିଗ୍ୱର କରଯାଏ । ବାମଦେବ ସଂହିତାରେ ବର୍ଣ୍ଣନା କରାଯାଇଛି,

'ଏତସ୍ମିନ୍ ସମୟେ ଦେବି ଯେ ପଶ୍ୟନ୍ତି ଜନାର୍ଦ୍ଦନମ୍ ।
ସୁଖାନି ପ୍ରାପ୍ନୁବନ୍ତୀହ ଗ୍ୱନ୍ତେ ବୈକୁଣ୍ଠ ମାପ୍ନୁୟୁଃ ।।'

୫) ପାର୍ଶ୍ୱ ପରିବର୍ତ୍ତନ ଯାତ୍ରାଃ– ଯାତ୍ରା ଭାଗବତରେ ବର୍ଣ୍ଣନା କରାଯାଇଛି ଯେ,

'ଭାଦ୍ରେମାସି ସିତେପକ୍ଷେ ଦ୍ୱେକାଦଶ୍ୟାଂ ଜଗଦ୍ଗୁରୋଃ ।
ଦିବସେ ପାର୍ଶ୍ୱବୃତ୍ତିଂ ଚ କୁର୍ଯ୍ୟାତ୍ ସର୍ବାର୍ଥସିଦ୍ଧୟେ ।।'

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଶ୍ରୀଜୀଉଙ୍କର ପାର୍ଶ୍ୱ ପରିବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୁଏ । ଦ୍ୱିପ୍ରହର ଧୂପ ପରେ ମଦନମୋହନ ପାଲିଙ୍କିରେ ମନ୍ଦିର ପ୍ରଦକ୍ଷିଣ କରି ଜୟ ବିଜୟ ଦ୍ୱାରଠାରେ ଏକାଦଶୀ ଭୋଗ ବନ୍ଦାପନା ପରେ ଦକ୍ଷିଣ ଘରକୁ ବିଜେ କରନ୍ତି । ସନ୍ଧ୍ୟାଧୂପ ବଢ଼ିଲେ ଅନନ୍ତ ପୁରୁଷୋତ୍ତମ ମନ୍ଦିର ମଧ୍ୟରେ ପବିତ୍ର ଅଧିବାସ ହୋମ ଅନୁଷ୍ଠିତ ହୁଏ । ଚନ୍ଦନ ଲାଗି ପରେ ଖଟଶେଯ ଘରୁ ଖଟଶେଯ ଚନ୍ଦନ ଅର୍ଗଳିଠାରେ ରଖାଯାଏ । ପ୍ରଥମ

ବଡ଼ ସିଂହାର ବେଶ ପରେ ଭୋଗ ବଢ଼ିଲେ ଖଟଶେଯ ଘର ଧୋ ପଖାଳ ହୁଏ । ମୁରୁଜରେ ତିନିଗୋଟି ମଣ୍ଡଳ ପଡ଼େ ଓ ପୂର୍ଣ୍ଣ କୁମ୍ଭ ସ୍ଥାପନ କରାଯାଏ । ଅନ୍ୟାନ୍ୟ ନୀତି ସମାପନ ପରେ ବଲ୍ଲଭ ବଡ଼ ସିଂହାର ଭୋଗ ବଢ଼ିଲେ ଶୟନ ଘରରେ ଥିବା ପେଡ଼ା ଖୋଲାଯାଏ । ପୁଷ୍ପାଞ୍ଜଳୀ ଦିଆଯାଇ ଶୟନ ଠାକୁରଙ୍କର କଡ଼ ଲେଉଟାଯାଏ । ଏଥି ପୂର୍ବରୁ ଶୟନ କାଳରେ ଠାକୁରମାନଙ୍କର ମୁଖ ଦକ୍ଷିଣ ଦିଗକୁ ରହିଥାଏ । ପାର୍ଶ୍ୱ ପରିବର୍ତ୍ତନ କାଳରେ ମୁଖ ଉତ୍ତର ଦିଗକୁ କରାଯାଏ । ବନ୍ଦାପନା ପରେ ପେଡ଼ା ବନ୍ଦ କରାଯାଏ ଏବଂ ଦ୍ୱାର ବନ୍ଦ କରି ମୁଦ ଦିଆଯାଏ । ନୀଳାଦ୍ରି ମହୋଦୟରେ କୁହାଯାଇଛି,

'ଏତସ୍ମିନ୍ ସମୟେ ରାଜନ୍ ଯେ ପଶ୍ୟନ୍ତି ଜନାର୍ଦ୍ଦନମ୍ ।
ପାପଜାଳବିନିର୍ମୁକ୍ତା ବିଷ୍ଣୁଲୋକଂ ବ୍ରଜନ୍ତି ତେ ।।'

ଶ୍ରୀଜୀଉଙ୍କର ପାର୍ଶ୍ୱ ପରିବର୍ତ୍ତନ ଉତ୍ସବ ଯେ ଦର୍ଶନ କରନ୍ତି ବା ଏହି ସମୟରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରନ୍ତି ସେମାନଙ୍କର ସମସ୍ତ ପାପ କ୍ଷୟ ହୁଏ ଏବଂ ସେମାନଙ୍କର ଗତି ବିଷ୍ଣୁଲୋକକୁ ହୋଇଥାଏ ।

୬) ଦେବୋତ୍‌ଥାପନ ଯାତ୍ରାଃ— କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଶ୍ରୀଜୀଉଙ୍କର ଉତ୍‌ଥାପନ ଯାତ୍ରା ପାଳିତ ହୁଏ । ଯାତ୍ରା ଭାଗବତରେ କୁହାଯାଇଛି,

'କାର୍ତ୍ତିକ ଶୁକ୍ଳପକ୍ଷେ ଚ ଦେବଦେବସ୍ୟ ଶାର୍ଙ୍ଗିଣଃ ।
ଉତ୍‌ଥାପନ ବିଧିଂ ଚୈବ ନିଶାୟାଞ୍ଚ ସମାଚରେତ୍ ।।'

ଉକ୍ତ ଦିନ ସକାଳ ଧୂପ ଶେଷ ହେବାପରେ ତିନିବାଡ଼ରେ ବନ୍ଦାପନା ବଢ଼ି ଏକାଦଶୀ ନୀତି ସହ ଦୈନନ୍ଦିନ ନୀତି କ୍ରମରେ ବଡ଼ ସିଂହାର ଭୋଗ ଶେଷ ହୁଏ ଏବଂ ଶୟନ ଏକାଦଶୀ ବିଧିରେ ମହାସ୍ନାନ ପୂଜା ଅନୁଷ୍ଠିତ ହୋଇଥାଏ । ସେବକମାନେ ଖଟଶେଯ ଘର ଓ ଶୟନ ପେଡ଼ି ମୁଦ ଭାଙ୍ଗି ଠାକୁରମାନଙ୍କୁ ବିଧି ପୂର୍ବକ ପ୍ରାର୍ଥନା କରି ଆରତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରିଥାନ୍ତି । ତିନିଗୋଟି ରୂପାଥାଳିରେ ତିନିଠାକୁରଙ୍କୁ ବିଜେ କରାଇ ମହାସ୍ନାନ ପୂଜା ସ୍ଥାନକୁ ନେଇ ସେଠାରେ ରଖା ହୋଇଥିବା ଖଟୁଳିରେ ବିଜେ କରାଇଲେ ମହାସ୍ନାନ ବଢ଼େ । ତହରେ ତିନି ଠାକୁରଙ୍କୁ ସିଂହାସନ ଉପରକୁ ନିଆଯାଏ ଓ ତିନିବାଡ଼ରେ ସେମାନଙ୍କୁ ବିଜେ କରାଇବା ପରେ ତିନିଗୋଟି ରୂପା ପିଙ୍ଗଣରେ ଚନ୍ଦନ ବିଜେ ହୋଇ ଆସି ସର୍ବାଙ୍ଗଲାଗି ହୁଏ । ନୂତନ ବସ୍ତ୍ର, ମାଳଫୁଲ ଲାଗି ହୋଇ ବେଶ ବଢ଼ିବା ପରେ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହୁଅନ୍ତି । ବଲ୍ଲଭ ବଡ଼ ସିଂହାର ଭୋଗ ହେବାପରେ କର୍ପୂର ଆରତୀ ବନ୍ଦାପନା ହୋଇ ଶୟନ ଠାକୁର ଭଣ୍ଡାର ଘରକୁ ବିଜେ କରନ୍ତି । ଶ୍ରୀଜୀଉଙ୍କ ମଇଲମ, ପଇଡ଼ଘସା, ବିଡ଼ିଆ ମଣୋହି ଓ ପୁଷ୍ପାଞ୍ଜଳୀ ଇତ୍ୟାଦି ନୀତି ପରେ ନିତ୍ୟ ପହୁଡ଼ ହୋଇଥାଏ ।

ହରିଶୟନ, ପାର୍ଶ୍ୱ ପରିବର୍ତ୍ତନ ଯାତ୍ରା ପରି ହରି ଉତ୍‌ଥାପନ ଯାତ୍ରାର ନୀତିମାନ ଦେଖିବା ଏବଂ ଶ୍ରୀଜୀଉଙ୍କୁ ଦର୍ଶନ କରିବା ଅତ୍ୟନ୍ତ ପୁଣ୍ୟପ୍ରଦ । ନୀଳାଦ୍ରିମହୋଦୟରେ ବର୍ଣ୍ଣନା କରାଯାଇଛି,

'ଏତଦ୍ଭୁତଥାପନୋତ୍‌ଥଂ ଯେ ପଶ୍ୟନ୍ତ୍ୟୁତ୍ସବ ମାଦରାତ୍ ।
ସର୍ବକାମ ଫଳଂ ପ୍ରାପ୍ୟ ମୁକ୍ତାସ୍ତେ ପାପଜାଳତଃ ।।
ଦେହାନ୍ତେ ବିଷ୍ଣୁଭବନଂ ଗଚ୍ଛନ୍ତ୍ୟ ମରଦୁର୍ଲଭମ୍ ।।'

ଏଥିପାଇଁ, ଅସଂଖ୍ୟ ଭକ୍ତ ଶ୍ରୀଜଗନ୍ନାଥଙ୍କର ଏ ନୀତି ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଉପସ୍ଥିତ ହୋଇ ରହିଥାନ୍ତି ।

୭) ପ୍ରାବରଣ ଯାତ୍ରା (ଓଢ଼ଣ ଷଷ୍ଠୀ):— ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଶ୍ରୀ ମନ୍ଦିରରେ ଶ୍ରୀଜୀଉଙ୍କର ପ୍ରାବରଣୋତ୍ସବ ପାଳିତ ହୁଏ । ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି,

'ମାର୍ଗଶୀର୍ଷେ ସିତେପକ୍ଷେ ଷଷ୍ଠ୍ୟାଂ ପ୍ରାବରଣୋତ୍ସବମ୍ ।
କୃତ୍ୱା ଦୃଷ୍ଟ୍ୱା ନରୋଭକ୍ତ୍ୟା ବୈଷ୍ଣବଂ ଲୋକମାପ୍ନୁୟାତ୍ ।।'

ଏହାର ପୂର୍ବଦିନ ଠାରୁ ଘୋଡ଼ ଖଞ୍ଜୁଆ ଆଦି ଅଧିବାସ ହୋଇ ରହିଥାଏ । ପଞ୍ଚମୀ ଦିନ ବଡ଼ ସିଂହାର ଭୋଗ ଘରେ ଶ୍ରୀ ଜଗନ୍ନାଥଙ୍କର ମୈଲମ ବଢ଼େ, ମହାସ୍ନାନ ହୁଏ ଏବଂ ସିଂହାସନରେ ଠାକୁରମାନେ ଝିନ ପତନି ଲାଗି ହୁଅନ୍ତି । ତିନିଗୋଟି ରୂପା ପିଙ୍ଗଣରେ ସର୍ବାଙ୍ଗ ବିଜେ ହୋଇ ଆସି ସର୍ବାଙ୍ଗ ଲାଗି ବଢ଼ିଥାଏ । ଆରତୀ ପରେ ଠାକୁରମାନେ ପହୁଡ଼ ହୁଅନ୍ତି । ଷଷ୍ଠୀଦିନ ସକାଳ ଧୂପ ପରେ ମୈଲମ ହୁଏ । ପୂର୍ବଦିନ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡ଼ମାନଙ୍କୁ ଘଣ୍ଟ, ଛତୀ, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିରକୁ ତିନିଥର ପ୍ରଦକ୍ଷିଣ କରାଇ ଭିତର ସିଂହାସନକୁ ବିଜେ କରାଯଂଏ । ଠାକୁରମାନଙ୍କୁ ପାଗ ଓ ଘୋଡ଼ ଲାଗି କରାଇ ଛଅମୂର୍ତ୍ତି ଅଳଙ୍କାର ଲାଗି ହୁଏ । ବନ୍ଦାପନା ହୁଏ ଓ ତାପରେ ଷୋଡ଼ଶ ଉପଗ୍ୱର ବିଧିରେ ମଧ୍ୟାହ୍ନ ଭୋଗ ପୂଜା ବଢ଼େ । ଶୀତ ଦିନରେ ଠାକୁରମାନେ ଶୀତବସ୍ତ୍ର ପରିଧାନ କରିବା ଘଟଣାରୁ ଶ୍ରୀଜଗନ୍ନାଥ କିଭଳି ମନୁଷ୍ୟ ପରି ଆଚରଣ କରନ୍ତି, ତାହା ସ୍ପଷ୍ଟ ହୁଏ । ଏହି ଘୋଡ଼ ବସନ୍ତ ପଞ୍ଚମୀ ଯାଏ ପ୍ରତ୍ୟହ ଠାକୁରମାନେ ଲାଗି ହୁଅନ୍ତି । କେଉଁ ବାରରେ କେଉଁ ରଙ୍ଗର ଘୋଡ଼ ଲାଗି ହୁଅନ୍ତି, ତାହା ନିର୍ଦ୍ଧାରିତ ଓ କାର୍ଯ୍ୟତଃ ତାହାହିଁ କରାଯାଇଥାଏ । ଯାତ୍ରା ଭାଗବତରେ ପ୍ରାବରଣୋତ୍ସବ ଦର୍ଶନ କରିବା ସୌଭାଗ୍ୟ ତଥା ପୁଣ୍ୟର କଥା ବୋଲି କୁହାଯାଇଅଛି । ଯଥା,

'ପ୍ରାବୃତଂ ଯେ ଚ ପଶ୍ୟନ୍ତି ଦେବଦେବଂ ସନାତନମ୍ ।
ନତେ ଗର୍ଭଗୃହଂ ଯାନ୍ତି ଯାବଚ୍ଚନ୍ଦ୍ର ଦିବାକରୌ ।।'

ବାମଦେବ ସଂହିତା, ସ୍କନ୍ଦ ପୁରାଣ ଓ ନୀଳାଦ୍ରି ମହୋଦୟରେ ଅନୁରୂପ ମତ ମଧ୍ୟ ପ୍ରଦାନ କରାଯାଇଅଛି ।

୮) **ପୁଷ୍ୟାଭିଷେକ ଯାତ୍ରା**ଃ– ପୌଷ ମାସ ପୂର୍ଣ୍ଣମୀ ତିଥିରେ ପୁଷ୍ୟାଭିଷେକ ଉତ୍ସବ ଶ୍ରୀମନ୍ଦିରରେ ପାଳିତ ହୁଏ । ଯାତ୍ରା ଭାଗବତରେ ଉଲ୍ଲେଖ ଅଛି,

'ପୌଷମାସି ସିତେପକ୍ଷେ ପୌର୍ଣ୍ଣମ୍ୟାଂ ଋକ୍ଷିଣୀପତେଃ ।
ପୁଷ୍ୟାଭିଷେକଂ କୁର୍ବୀତ ସର୍ବକାମାର୍ଥ ସିଦ୍ଧୟେ ।।'

ଏ ଉତ୍ସବର ଆନୁସଙ୍ଗିକ ଅଙ୍କୁରାରୋପଣ କର୍ମ ଏକାଦଶୀ ତିଥିରେ ଏବଂ ଅଧିବାସ କର୍ମ ଚତୁର୍ଦ୍ଦଶୀ ତିଥିରେ ଅନୁଷ୍ଠିତ ହୋଇଥାଏ । ଭୋଗମଣ୍ଡପ ଘରେ ସତାଅଶି ଗରା ଜଳ ଓ ଏକୋଇଶି ଗରା ଘିଅ ଅଧିବାସ ହୋଇ ରଖାଯାଏ । ସତାଅଶି ଗରାଜଳକୁ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ପ୍ରତ୍ୟେକଙ୍କ ପାଇଁ ପଚିଶି ଗରା ଲେଖାଏଁ ଏବଂ ସୁଦର୍ଶନଙ୍କ ପାଇଁ ବାର ଗରା ଅଧିବାସ ହୋଇ ରହେ । ସେହିପରି, ଏକୋଇଶି ଗରା ଘିଅକୁ ତିନିବାଡ଼ରେ ଛଅଗରା ଲେଖାଏଁ ଏବଂ ସୁଦର୍ଶନଙ୍କ ବାଡ଼ରେ ତିନିଗରା ରଖି ଅଧିବାସ କରାଯାଇ ଦ୍ୱାରବନ୍ଦ କରି ମୁଦ ଦିଆଯାଏ ।

ପୌଷ ପୂର୍ଣ୍ଣମୀ ଦିନ ସକାଳ ଧୂପ ପୂଜା ବସିଥିବାବେଳେ ପ୍ରତିହାରୀ ନିଯୋଗ ସମ୍ମୁଖସ୍ଥ ମଣ୍ଡପରେ ପୂର୍ବରୁ ନିର୍ମିତ ହୋଇଥିବା ଯଜ୍ଞଶାଳା ନିକଟରେ ହୋମ କାର୍ଯ୍ୟ ବଢ଼େ । ସକାଳ ଧୂପ ପରେ ଅନ୍ୟାନ୍ୟ ନୀତି କରାଯାଇ ଭୋଗ ମଣ୍ଡପ ଘରର ମୁଦ ଖୋଲାଯାଇ ରୋଷରୁ ନିଆଁ ଆଣି, ଘିଅକୁ ତରଳାଇ କୁମ୍ଭସ୍ଥିତ ଜଳରେ ମିଶ୍ରଣ କରାଯାଏ । ଭିତର ଓ ବାହାର ଟେରା ବନ୍ଧା ହୋଇ ଭୋଗ ମଣ୍ଡପ ଘରଠାରୁ ଜଳଛେକ ଅଣାଯିବା ନିମିତ୍ତ ଡାକରା ଗଲେ ବାଘ ମୁହଁ ବନ୍ଧା ଯାଇଥିବା ସେବକମାନେ ପୂର୍ବୋକ୍ତ ଗରାମାନଙ୍କୁ ହାତରେ ଧରି ଘଣ୍ଟ, ଛତୀ, କାହଳୀ ସହ ଘିରି ପନ୍ତିରେ ସଜାଇ କରି ରଖନ୍ତି । ଏହାପରେ ପ୍ରସାଦ ଲାଗି ବଢ଼ି ପଞ୍ଚୋପଗ୍ୱର ପୂଜା ବିଧିରେ ଧୂପ, ଦୀପ, ନୈବେଦ୍ୟ ପରେ ଜଳଲାଗି ହୋଇଥାଏ । ଏହି ଜଳ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଲାଗି ନ ହୋଇ ଦର୍ପଣ ଉପରିସ୍ଥ ଅଭିଷେକ ପାତ୍ରରେ ଜଳଲାଗି ହୁଏ । ଅଭିଷେକ କେବଳ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ହୋଇଥାଏ । ତତ୍ପରେ ମୈଲମ ହୋଇ ନୂତନ ବସ୍ତ୍ର ଲାଗି ହୁଏ । ବସ୍ତ୍ର ପରେ ରୂପା ପିଙ୍ଗଣମାନଙ୍କରେ ଚନ୍ଦନ ବିଜେ ହୋଇ ସର୍ବାଙ୍ଗ ଲାଗି ହୁଏ । ଏହାପରେ ମହାଲକ୍ଷ୍ମୀ ଆଜ୍ଞାମାଳ ପାଇ ପାଲିଙ୍କିରେ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଆନ୍ତି । ସେଠାରେ ମାଜଣା ଓ କନକ ଲାଟି ବେଶ ବଢ଼େ । ଇତି ମଧ୍ୟରେ ଯାତ୍ରାଙ୍କ ଭୋଗ ରୋଷରୁ ଶ୍ରୀଜଗନ୍ନାଥଙ୍କ ପାଖକୁ ଅଣାଯାଇଥାଏ । ମହାଲକ୍ଷ୍ମୀ ବାହୁଡ଼ା ବିଜେ କରି ଶ୍ରୀ ଅଙ୍ଗ ଲାଗି ହେବାପରେ ପ୍ରସାଦ ଲାଗି ବଢ଼େ । ଦଣ୍ଡଛତ୍ର ସଂସ୍କାର କରାଯାଇ ସିଂହାସନକୁ ଉଠାଯାଏ । ସେବକ ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧରନ୍ତି ଏବଂ ଦଣ୍ଡଛତ୍ରର ମୂଳ ଭାଗକୁ

ଅନ୍ୟସେବକ ହନୁମାନ ରୂପରେ ଧରିଥାନ୍ତି । ଏହାପରେ ଷୋଡ଼ଶ ଉପଗ୍ଧରରେ ପୂଜା ହୁଏ, ବନ୍ଦାପନା କାର୍ଯ୍ୟ ବଢ଼େ ଏବଂ ଫୁଲ ଶର ଓ ଫୁଲ ଆୟୁଧ ଲାଗି ହୋଇଥାଏ । ରାଜନୀତି ଓ ବନ୍ଦାପନା ବଢ଼ିଲେ ଠାକୁର ମଇଲମ ହୁଅନ୍ତି । ଏହାପରେ ଦକ୍ଷିଣ ଘରୁ ରଘୁନାଥଙ୍କୁ ପାଲିଙ୍କିରେ ବାହାର ଅଭିଷେକ ପାଇଁ ଲକ୍ଷ୍ମୀଙ୍କ ମନ୍ଦିରକୁ ନିଆଯାଏ । ସେଠାରେ ଭଦ୍ରାସନ (କାଷ୍ଠ)ରେ ବିଜେ କରନ୍ତି, ମହାସ୍ନାନ ହୁଏ । ଭୋଗ ନୈବେଦ୍ୟ ଓ ବନ୍ଦାପନା ପରେ ରଘୁନାଥ ବାହୁଡ଼ା ବିଜେ କରି ଦକ୍ଷିଣ ଘରକୁ ଯାତ୍ରା କରନ୍ତି । ଏଥି ସହିତ ପୁଷ୍ୟାଭିଷେକ ଉତ୍ସବ ସମାପ୍ତ ହୁଏ । ନୀଳାଦ୍ରି ମହୋଦୟ, ବାମଦେବ ସଂହିତା ଓ ସ୍କନ୍ଦ ପୁରାଣ ଆଦି ଗ୍ରନ୍ଥ ମାନଙ୍କରେ ପୁଷ୍ୟାଭିଷେକ ଉତ୍ସବ ଦର୍ଶନ କଲେ କି କି ଫଳ ଲାଭ ହୋଇଥାଏ ତାହା ବିଶଦ ଭାବରେ ବର୍ଣ୍ଣନା କରାଯାଇଛି । ବାମଦେବ ସଂହିତାରେ ଉଲ୍ଲେଖ ଅଛି,

'ପୁଷ୍ୟାଭିଷେକଂ ଯେବୈ ତେ ପଶ୍ୟନ୍ତି ଭୁବିମାନବାଃ,
ସର୍ବପାପବିନିର୍ମୁକ୍ତା ବିଷ୍ଣୁଲୋକଂ ବ୍ରଜନ୍ତି ତେ ।'

ରାଜାମାନଙ୍କ ମଧ୍ୟରେ ଶ୍ରୀରାମ ସର୍ବୋତ୍ତମ, ପ୍ରଶାସକ ହିସାବରେ ସେ ସର୍ବଶ୍ରେଷ୍ଠ ଏବଂ ରାମରାଜ୍ୟ ହିଁ ଶ୍ରେଷ୍ଠ ଅବଦାନ, ଏହି ସ୍ମୃତିରେ ଶ୍ରୀ ଜଗନ୍ନାଥ ଯେ କି ସ୍ୱୟଂ ଶ୍ରୀରାମ, ତାଙ୍କର ଅଭିଷେକ ଉତ୍ସବ ଶ୍ରୀ ମନ୍ଦିରରେ ପାଳିତ ହେବା ତାତ୍ପର୍ଯ୍ୟପୂର୍ଣ୍ଣ । ରାମ ରାଜ୍ୟରେ ରାଜା ବା ଶାସକ ତ୍ୟାଗ ସ୍ୱୀକାର କରନ୍ତି ଏବଂ ପ୍ରଜାକୁଳ ଭୋଗ କରନ୍ତି । ଏହି ପ୍ରସଙ୍ଗରେ ଶ୍ରୀରାମଙ୍କ ଉକ୍ତି ଭବଭୂତିଙ୍କ ଭାଷାରେ ହେଲା,

'ରାଜ୍ୟଂ ଦୟାଂ ଚ ସୌଖ୍ୟଂ ଚ ଯଦିବା ଜାନକୀମପି,
ଆରାଧନାୟ ଲୋକସ୍ୟ ମୁଞ୍ଚତୁ ନାସ୍ତି ମେ ବ୍ୟଥା ।'

ଲୋକଙ୍କର ସେବା କରିବା ପାଇଁ ରାଜ୍ୟ, ସୌଖ୍ୟ, ଦୟା ଏପରିକି ପ୍ରାଣପ୍ରିୟା ଜାନକୀଙ୍କୁ ପରିତ୍ୟାଗ କରିବାରେ ତାଙ୍କର ତିଳେ ମାତ୍ର ବ୍ୟଥା ନଥିଲା । ଶାସକ ଏଭଳି ହେଲେ ରାମରାଜ୍ୟ ପ୍ରତିଷ୍ଠା କରାଯାଇପାରିବ, ନଚେତ୍ ରାମରାଜ୍ୟର ପରିକଳ୍ପନା କେବଳ କାଗଜ କଲମରେ ହିଁ ରହିବ ।

୯) ଉତ୍ତରାୟଣ ଯାତ୍ରା (ମକର ସଂକ୍ରାନ୍ତି) :

ସୂର୍ଯ୍ୟ ଧନୁରାଶି ତ୍ୟାଗ କରି ମକର ରାଶିକୁ ଗଲାବେଳେ ଘଟୁଥିବା ସଂକ୍ରମଣକୁ ଉତ୍ତରାୟଣ ସଂକ୍ରାନ୍ତି କୁହାଯାଏ । ଉକ୍ତ ସଂକ୍ରାନ୍ତି ଦିନ ଶ୍ରୀଜଗନ୍ନାଥଙ୍କର ଉତ୍ତରାୟଣ ଯାତ୍ରା ଉତ୍ସବ ପାଳିତ ହୁଏ । ଏ ଦିନ ମକର ଘୃତଳ ଭୋଗ କରାଯାଏ । ଏହାର ପୂର୍ବଦିନ ଅର୍ଥାତ୍ ମାସାନ୍ତ ଦିନ ଶ୍ରୀ ଜୀଉଙ୍କର ନବାଙ୍କ ବେଢ଼ା ମଧ୍ୟ ହୁଏ । ନବାଙ୍କ ଦିନ ଅନ୍ୟାନ୍ୟ ନୀତି ସହ ଘୃତଳ ଓଗେର ଅଧିବାସ ହୋଇ ରହେ । ଅସଂଖ୍ୟ ଭକ୍ତ ଶ୍ରୀ ମନ୍ଦିରକୁ ନଅଥର ପ୍ରଦକ୍ଷିଣ କରୁଥିବା ଦୃଷ୍ଟି ଗୋଚର ହୋଇଥାଏ ।

ସଂକ୍ରାନ୍ତି ଦିନ ଦ୍ୱିପ୍ରହର ଧୂପ ସହିତ ଯାତ୍ରା ଭୋଗ ପାଇଁ ବିଭିନ୍ନ ସାମଗ୍ରୀ ଅଣାଯାଇ ଷୋଡ଼ଶୋପଗ୍ଭରରେ ମଣୋହି ବଢ଼େ । ଟେରା ପଡ଼ିବା ପରେ ଏକ ଓଳି ଅନ୍ନ ବାହାରକୁ ଅଣାଯାଇ ମନ୍ଦିର ଗ୍ଭରି ପାଖରେ ଦିଗବଳି ଦିଆଯାଏ । ଗ୍ଭଉଳ, ଏବଂ ମକର ଗ୍ଭଉଳର ଅନ୍ୟାନ୍ୟ ସାମଗ୍ରୀ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ମନ୍ଦିର ପ୍ରଦକ୍ଷିଣ କରାଇ ନୈବେଦ୍ୟ ପାଇଁ ଶ୍ରୀଜୀଉଙ୍କ ଛାମୁରେ ରଖାଯାଏ । ହଡ଼ପ ନାଏକମାନେ ବାଘମୁହଁ ବାନ୍ଧି ଘଣ୍ଟ ଛତୀ କାହାଳୀ ସହ ପଟୁଆରରେ ବଡ଼ ଦେଉଳକୁ ଏକଘେରା ପ୍ରଦକ୍ଷିଣ କରି ଭୋଗରେ ବଢ଼ାଯିବା ନିମିତ୍ତ ନଳିପାନ ଓ ଛାଚିପାନ ମଧ୍ୟ ଆଣିଥାନ୍ତି । ଏ ସମସ୍ତ ଦ୍ରବ୍ୟ ଅଣାଯିବା ପରେ ପ୍ରସାଦ ଲାଗି ବଢ଼େ, ଏବଂ ବନ୍ଦାପନା କରାଯାଏ । ଶ୍ରୀ ଜଗନ୍ନାଥଙ୍କୁ ମକର ଗ୍ଭଉଳ ଭୋଗ ପରେ ଅସଂଖ୍ୟ ଭକ୍ତ ମକର ଗ୍ଭଉଳ ଶ୍ରୀମନ୍ଦିରରେ ଭୋଗ କରାଉଥିବା ଲକ୍ଷ୍ୟ କରାଯାଏ । ବାମଦେବ ସଂହିତାରେ କୁହାଯାଇଛି,

‘ଏତସ୍ମିନ୍ ସମୟେ ଦେବାନ୍ ଯେ ପଶ୍ୟନ୍ତି ଜନାଶ୍ଚତେ ।
ରାଜସ୍ୱୟଫଳଂ ଲବ୍ଧ୍ୱା ବ୍ରଜନ୍ତି ହରିମନ୍ଦିରମ୍ ।।’

ତେଣୁ ଏ ଉତ୍ସବ ଦର୍ଶନାର୍ଥୀଙ୍କର ଏବଂ ମକର ସଂକ୍ରାନ୍ତି ଦିନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିବା ବ୍ୟକ୍ତିଙ୍କର ଅଶେଷ ପୁଣ୍ୟ ଲାଭ ହୁଏ ବୋଲି ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଅଛି ।

୧୦) ଦୋଳ ଯାତ୍ରା:– ଦୋଳଯାତ୍ରା ସର୍ବତ୍ର ପାଳିତ ହେଉଥିବାରୁ ଏହା ବିଶେଷ ଭାବରେ ଜଣାଶୁଣା । ଯାତ୍ରା ଭାଗବତରେ କୁହାଯାଇଛି,

‘ଦଶମୀଦିନମାରଭ୍ୟ ଯାବତ୍ ପଞ୍ଚଦଶୀ ଭବେତ୍ ।
ଫାଲ୍‌ଗୁନସ୍ୟ ସିତେ ପକ୍ଷେ ଫଲ୍‌ଗୁଯାତ୍ରା ହରେର୍ଭବେତ୍ ।।’

ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀ ଦିନରୁ ଉକ୍ତ ଯାତ୍ରାର ଶୁଭାରମ୍ଭ ହୁଏ ଏବଂ ଦୋଳପୂର୍ଣ୍ଣିମାର ପରଦିନ ଅର୍ଥାତ୍ ଚୈତ୍ରମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରେ ଏହାର ପରିସମାପ୍ତି ଘଟେ । ଅତଏବ, ଶ୍ରୀ ଜଗନ୍ନାଥଙ୍କର ଦୋଳଯାତ୍ରା ସାତଦିନ ଧରି ଅନୁଷ୍ଠିତ ହୁଏ । ଶ୍ରୀକ୍ଷେତ୍ରରେ ଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ଦୋଳ ବେଦୀରେ ଝୁଲୁଥିବା ଅବସ୍ଥାରେ ଫଗୁଖେଳରେ ରତ ଥାନ୍ତି । ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ମଧ୍ୟାହ୍ନ ଧୂପ ପରେ ଗ୍ଭଚେରି ବେଶ, ଗ୍ଭଚେରି ଭୋଗ, ଫଗୁ ଲାଗି, ଜଗନ୍ନାଥବଲ୍ଲଭ ପର୍ଯ୍ୟନ୍ତ ଯାତ୍ରା ଓ ବନ୍ଦାପନା ପ୍ରଭୃତିକୁ ଦୋଳ ଯାତ୍ରାର ବିଧି ବୋଲି କୁହାଯାଇଥାଏ । ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଗ୍ଭଚେରି ବେଶ, ଭୋଗ, ଫଗୁଲାଗି, ଲକ୍ଷ୍ମୀମନ୍ଦିର ଓ ଦୋଳବେଦୀ ନିକଟସ୍ଥ ଅଗ୍ନି ଉତ୍ସବ ଗୃହକୁ ଯାତ୍ରା, ଗୃହଦାହ, ଭୋଗ ଓ ବନ୍ଦାପନାକୁ ଅଗ୍ନି ଉତ୍ସବ ବିଧି ଏବଂ ପୂର୍ଣ୍ଣିମା ଦିନ ସକାଳ ଖଇକୋରା ଭୋଗ ପରେ ଲାହିଟୋ ମନ୍ଦିରକୁ ଯାତ୍ରା, ଦୋଳମଣ୍ଡପ ଯାତ୍ରା ପ୍ରଦକ୍ଷିଣ, ତିନିଧୂପର ନୈବେଦ୍ୟ, ଆରତୀ, ବନ୍ଦାପନା, ଦୋଳା ଓ ଫଗୁଖେଳ ସହ ମନ୍ଦିରକୁ ବିଧିପୂର୍ବକ ବାହୁଡ଼ା

ବିଜେ ଏବଂ ମନ୍ଦିରରେ ଶ୍ରୀଜୀଉଙ୍କର ସମସ୍ତ ପର୍ବଗତ ବିଧି ଓ ରାଜବେଶାଦିକୁ ଦୋଳ ଉତ୍ସବର ବିଧି ବୋଲି କୁହାଯାଇଥାଏ । ପ୍ରତିପଦା ଦିନ ମଧ୍ୟାହ୍ନ ଧୂପ ପରେ ନରେନ୍ଦ୍ର ପୁଷ୍କରଣୀକୁ ଯାତ୍ରା, ଚନ୍ଦନ ଓ ହରିଦ୍ରାଜଳ ସେକ ଓ ବନ୍ଦାପନାଦି ବିଧିକୁ ହୋରି ଉତ୍ସବ ବିଧି କୁହାଯାଏ ।

ଦୋଳ ପୂର୍ଣ୍ଣମୀ ଦିନ ଶ୍ରୀ ଜଗନ୍ନାଥଙ୍କ ପ୍ରତିନିଧି ଦୋଳଗୋବିନ୍ଦ ଭୂଦେବୀ ଶ୍ରୀଦେବୀଙ୍କ ସହ ସୁସଜ୍ଜିତ ଦୋଳବେଦୀ କୁଞ୍ଜରେ ଦୋଳିଖେଳନ୍ତି, ଫଂଗୁ ଖେଳନ୍ତି ଏବଂ ବସନ୍ତରାସରେ ନିମଜ୍ଜିତ ହୋଇଥାନ୍ତି । ଏହି ଦିନ ଶ୍ରୀଜଗନ୍ନାଥ ଆଦି ଠାକୁରମାନେ ରାଜବେଶ ହେଉଥିବାରୁ ଶ୍ରୀମନ୍ଦିରରେ ଅସମ୍ଭବ ଜନସମାଗମ ହୁଏ । ଶ୍ରୀଜୀଉଙ୍କର ଯାତ୍ରା ତ ଅନେକ, ମାତ୍ର ଦୋଳ, ଚନ୍ଦନ ଏବଂ ରଥଯାତ୍ରା ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଅଛି । ଯଥା.

ଦୋଳେ ଚ ଦୋଳଗୋବିନ୍ଦଂ
ଗ୍ୱପେ ଚ ମଧୁସୂଦନମ୍ ।
ରଥେ ତୁ ବାମନଂ ଦୃଷ୍ଟ୍ୱା
ପୁନର୍ଜନ୍ମ ନ ବିଦ୍ୟତେ ।

ଅର୍ଥାତ୍, ଦୋଳଯାତ୍ରାରେ ଦୋଳଗୋବିନ୍ଦଙ୍କୁ ଚନ୍ଦନଯାତ୍ରାର ଗ୍ୱପରେ ମଦନମୋହନଙ୍କୁ (ମଧୁସୂଦନ) ଏବଂ ନନ୍ଦିଘୋଷ ରଥରେ ଶ୍ରୀଜଗନ୍ନାଥଙ୍କୁ (ବାମନ) ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ, ଅର୍ଥାତ୍ ପରମପଦ ଲାଭ ହୁଏ ।

୧୧) ଦମନକ ଯାତ୍ରା:— ଦମନକ ଯାତ୍ରା ବା ଦଅଁଣା ଲାଗି ଉତ୍ସବ ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ରୀ ମନ୍ଦିରରେ ପାଳିତ ହୁଏ । ଯାତ୍ରା ଭାଗବତରେ ଉଲ୍ଲେଖ ଅଛି,

'ଚୈତ୍ରେ ମାସି ସିତେପକ୍ଷେ ଚତୁର୍ଦ୍ଦଶ୍ୟାଂ ବିଶେଷତଃ ।
ଶ୍ରୀକୃଷ୍ଣସ୍ୟ ଚ ପ୍ରୀତ୍ୟର୍ଥଂ କାର୍ଯ୍ୟଂ ଦମନ କାର୍ପଣମ୍ ।।'

ଦ୍ୱାଦଶୀ ତିଥିରୁ ଏ ଯାତ୍ରାର ଶୁଭାରମ୍ଭ ହୋଇ ଚତୁର୍ଦ୍ଦଶୀ ତିଥିରେ ପୂର୍ଣ୍ଣାଙ୍ଗ ହୁଏ । ଚତୁର୍ଦ୍ଦଶୀ ଦିନ ସକାଳ ଧୂପ ପରେ ମହାସ୍ନାନ, ସର୍ବାଙ୍ଗ ଲାଗି ଓ ବେଶ ବଢ଼େ ଏବଂ ଛମୂର୍ତ୍ତି ଅଳଙ୍କାର ଲାଗି ହୋଇଥାଏ । ମଦନ ମୋହନ, ଲକ୍ଷ୍ମୀ ସରସ୍ୱତୀଙ୍କୁ ଶ୍ରୀମନ୍ଦିର ଗ୍ୱରିପଟେ ତିନିଘେରା ପ୍ରଦକ୍ଷିଣ କରାଇ ରତ୍ନ ସିଂହାସନକୁ ନିଆଯାଏ । ଏହି ସମୟରେ ଦଅଁଣା ଗଛମାନ ତିନିଠାକୁରଙ୍କୁ ଲାଗି କରାଯାଏ । ଭୋଗ, ବନ୍ଦାପନା ପରେ ମଦନମୋହନ ଦକ୍ଷିଣ ଘରକୁ ବିଜେ କରନ୍ତି । ଉକ୍ତ ଦଅଁଣା ଲାଗି ଉତ୍ସବ ଯେଉଁମାନେ ଦର୍ଶନ କରନ୍ତି, ସେମାନେ ଚତୁର୍ବର୍ଗ ଫଳ ଲାଭ କରନ୍ତି ବୋଲି ଶାସ୍ତ୍ରମତ ଅଟେ । ଯେଉଁମାନେ ଲାଗି ହୋଇଥିବା ଦଅଁଣା ସେବନ କରନ୍ତି, ସେମାନେ ରୋଗମୁକ୍ତ ହୁଅନ୍ତି ଏବଂ ଯେଉଁମାନେ ଏହି ପ୍ରସାଦ ଦଅଣାକୁ ମସ୍ତକରେ ଧାରଣ କରନ୍ତି, ସେମାନେ ସର୍ବତ୍ର ବିଜୟୀ ହୁଅନ୍ତି ବୋଲି ଭକ୍ତମାନଙ୍କର ଗଭୀର ବିଶ୍ୱାସ ।

୧୨) ଚନ୍ଦନ ଯାତ୍ରା:— ଚନ୍ଦନଯାତ୍ରା ଶ୍ରୀଜଗନ୍ନାଥଙ୍କର ଏକ ପ୍ରଧାନ ଯାତ୍ରା। ଯାତ୍ରା ଭାଗବତରେ କୁହାଯାଇଛି,

'ବୈଶାଖେ ଚ ସିତପେକ୍ଷେ ତୃତୀୟାୟାଂ ଜଗତଗୁରୋଃ।
ନାବକ୍ରୀଡ଼ାଂ ପ୍ରକୁର୍ବୀତ ସର୍ବକାମାର୍ଥ ସିଦ୍ଧୟେ।।'

ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥିରୁ ଚନ୍ଦନ ଯାତ୍ରା ଆରମ୍ଭ ହୋଇ ଏକୋଇଶି ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ। ଏହି ତୃତୀୟା ଅକ୍ଷୟ ତୃତୀୟା ନାମରେ ବିଦିତ। ଏକୋଇଶି ଦିନ ଯାକ ଶ୍ରୀ ମନ୍ଦିରରୁ ମଦନ ମୋହନ, ଭୂଦେବୀ ଓ ଶ୍ରୀଦେବୀ ମଣିବିମାନରେ ରାମ ଓ କୃଷ୍ଣ ସୁସଜ୍ଜିତ ପାଲିଙ୍କିରେ ଏବଂ ଶ୍ରୀ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠେଶ୍ୱର ଏହି ପଞ୍ଚ ଶମ୍ଭୁଙ୍କର ବିଜେ ପ୍ରତିମା ସ୍ୱସ୍ୱ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ନୌ ବିହାର ନିମିତ୍ତ ଯାତ୍ରା କରିଥାନ୍ତି। ଶ୍ରୀ ମନ୍ଦିରରେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଚନ୍ଦନ ଲାଗି, ଆଲଟ ଲାଗି,ବେଶ ଓ ଯାତ୍ରା ଭୋଗ ପ୍ରଭୃତି ବିଧାନ ଏ ଦିନମାନଙ୍କରେ ଅନୁଷ୍ଠିତ ହୁଏ। ଏହା ବାହାର ଚନ୍ଦନ ଯାତ୍ରା ନାମରେ ନାମିତ। ଏ ବାହାର ଚନ୍ଦନ ଯାତ୍ରା ଶେଷ ହେଲେ ଶ୍ରୀମନ୍ଦିର ପ୍ରାଙ୍ଗଣରେ ମଧ୍ୟ ଏକୋଇଶି ଦିନ ଭିତର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ।

ଅକ୍ଷୟ ତୃତୀୟା ପ୍ରତ୍ୟେକ ଶୁଭକାର୍ଯ୍ୟ ପାଇଁ ଏକ ବିଶିଷ୍ଟ ଦିବସ। ଏହି ଦିନ ଶ୍ରୀଜୀଉଙ୍କର ଚନ୍ଦନ ଯାତ୍ରା ଆରମ୍ଭ ହେବା ସଂଗେ ସଂଗେ ନୂତନ ରଥ ନିର୍ମାଣ ପାଇଁ ଅନୁକୂଳ ମଧ୍ୟ କରାଯାଏ। ରାମ, କୃଷ୍ଣ, ମଦନମୋହନ ଆଦି ଦେବ ପ୍ରତିମାମାନେ ଆଡ଼ମ୍ବର ସହିତ ସିଂହଦ୍ୱାରଠାରୁ ରାଜନବର ଦ୍ୱାର ପର୍ଯ୍ୟନ୍ତ ପଟୁଆରରେ ଯାତ୍ରା କରି ଶ୍ରୀନଅର ନିକଟରେ ପହଞ୍ଚିଲେ, ସେମାନଙ୍କ ଉପସ୍ଥିତିରେ ବିଧିବିଧାନ ସହ ରଥ ଅନୁକୂଳ କାର୍ଯ୍ୟ ସାମାହିତ ହୁଏ। ଏ ପଟୁଆରରେ ପ୍ରଥମେ ରାମ ଓ କୃଷ୍ଣଙ୍କ ପାଲିଙ୍କି, ତାପରେ ମଦନ ମୋହନ, ଭୂଦେବୀ, ଶ୍ରୀଦେବୀ ବିଜେ କରିଥିବା ମଣି ବିମାନ ଏବଂ ମଣି ବିମାନ ପଛକୁ ପଞ୍ଚ ମହାଦେବଙ୍କ ପଞ୍ଚ ବିମାନ ଯାତ୍ରା କରିଥାନ୍ତି। ଦେବଯାନଗୁଡ଼ିକ ନରେନ୍ଦ୍ର ପୁଷ୍କରଣୀ ନିକଟରେ ପହଞ୍ଚିବା ପରେ କର୍ପୂର ଜଳ ମଶୋହି ସମ୍ପାଦିତ ହୁଏ। ପୂର୍ବରୁ ଦୁଇଟି ଗ୍ୱପ ପ୍ରସ୍ତୁତ ହୋଇ ରହିଥାଏ। ରାମକୃଷ୍ଣ ବଡ଼ ଗ୍ୱପସ୍ଥ ଆସନକୁ ମଦନ ମୋହନ, ଭୂଦେବୀ, ଶ୍ରୀଦେବୀ ପଛ ଗ୍ୱପର ମହାର୍ଘ ସିଂହାସନରେ ବିଜେ ହୁଅନ୍ତି। ପଞ୍ଚ ମହାଦେବ ଯାହାଙ୍କୁ ପଞ୍ଚପାଣ୍ଡବ ବୋଲି କୁହାଯାଏ ରାମକୃଷ୍ଣଙ୍କ ପଶ୍ଚାତ୍ ଭାଗରେ ଥିବା ସିଂହାସନରେ ବିଜେ ହୋଇଥାନ୍ତି। ଗ୍ୱପ ଉପରେ ପ୍ରସାଦ ଲାଗି ଓ ବିଡ଼ିଆ ମଣୋହି ହୋଇଥାଏ। ଏହାପରେ ଦିନ ଗ୍ୱପ ଆରମ୍ଭ ହୁଏ ଏବଂ ନରେନ୍ଦ୍ର ପୁଷ୍କରଣୀ ଗ୍ୱରିପଟେ ଦୁଇଗ୍ୱପ ଏକ ଘେରା ବୁଲି ଆସନ୍ତି। ଗ୍ୱପର ଆଗରେ ଏକ ନୌକାରେ ବାଦ୍ୟକାର ମାନେ ବାଦ୍ୟ ପରିବେଶଷର କରୁଥାନ୍ତି। ଗ୍ୱପ କୂଳରେ ଲାଗିଲେ ଦୁଇଗ୍ୱପ ଏକତ୍ର ହୋଇ ବଡ଼ ଗ୍ୱପରୁ ରାମକୃଷ୍ଣ, ମଦନମୋହନଙ୍କ ଗ୍ୱପକୁ ବିଜେ ହେଲେ ବନ୍ଦାପନା ଓ ଗ୍ୱମର ଆଲଟ ବଢ଼େ। ଏହା ପରେ ଦେବ ବିଗ୍ରହମାନଙ୍କୁ ଚନ୍ଦନ ମଣ୍ଡପ ଉପରକୁ ବିଜେ କରାଇ ଚନ୍ଦନ

କୁଣ୍ଡରେ ଅବସ୍ଥାପିତ କରାଯାଏ। ଜଗତି ଉପରେ ଏଥିପାଇଁ ନାନା ପ୍ରକାର ପୁଷ୍ପ ଓ ଚନ୍ଦନ ପ୍ରଭୃତି ଦିଆହୋଇ ପ୍ରସ୍ତୁତ କରାଯାଇଥିବା ସୁବାସିତ ଦଳ ତିନିଗୋଟି କୁଣ୍ଡରେ ରଖାଯାଇଥାଏ। ମଦନ ମୋହନ ଲକ୍ଷ୍ମୀ ସରସ୍ୱତୀ ମଧ୍ୟ ଭାଗରେ ଥିବା ଚନ୍ଦନ କୁଣ୍ଡରେ ରାମ ଓ କୃଷ୍ଣ ପୂର୍ବ ଭାଗରେ ଥିବା ଚନ୍ଦନ କୁଣ୍ଡରେ ଏବଂ ପଞ୍ଚ ପାଣ୍ଡବ ପଶ୍ଚିମ ପାର୍ଶ୍ୱରେ ଥିବା ଚନ୍ଦନକୁଣ୍ଡରେ ଦିଜେ କରନ୍ତି। ଜଳଲାଗି ବଢ଼ିବା ପରେ ସେମାନଙ୍କୁ ବେଶ କରାଯାଏ, ଶୀତଳ ଭୋଗ ନୈବେଦ୍ୟ ହୁଏ, ସୁବର୍ଣ୍ଣ ଆଭରଣରେ ବିମଣ୍ଡିତ କରାଯାଇ ଭିତରକୁ ନିଆଯାଏ। ନରେନ୍ଦ୍ର ଚକଡ଼ା ରୋଷରେ ପ୍ରସ୍ତୁତ ମାଣ୍ଡୁଅ ଭୋଗ କରାଯାଇ ବିଡ଼ିଆ ମଣୋହି ହୁଏ। ଠାକୁରମାନେ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ପ୍ରକାରର ବେଶ ହୋଇଥାନ୍ତି। ଏ ସମସ୍ତ ନୀତି ପାଳିତ ହେବା ପରେ ରାତ୍ରି ଗ୍ୱପକୁ ଠାକୁରମାନେ ପୂର୍ବୋକ୍ତ ରୀତିରେ ବିଜେ କରନ୍ତି। ରାତ୍ରି ଗ୍ୱପ ପରେ ଦେବ ବିଗ୍ରହମାନେ ସ୍ୱସ୍ୱ ଯାନରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଚନ୍ଦନ ଯାତ୍ରାର ବିଂଶ ଦିବସରେ ଭଉଁରୀ ଯାତ୍ରା ଅନୁଷ୍ଠିତ ହୁଏ। ଏ ଦିନର ପଟୁଆର ଅତ୍ୟନ୍ତ ଆକର୍ଷଣୀୟ। ଏହି ଦିନ ରାତ୍ରି ଗ୍ୱପ ନରେନ୍ଦ୍ର ପୁଷ୍କରଣୀ ମଧ୍ୟରେ ଏକୋଇଶି ଘେରା ବୁଲି ଥାଏ। ଏକବିଂଶ ଦିବସରେ ରାତ୍ରିଗ୍ୱପ ହୁଏ ନାହିଁ। ଦିନ ଗ୍ୱପରେ ଗ୍ୱପମିଳନ ଓ ଦେବମିଳନ ସମୟରେ ବନ୍ଦାପନା ଓ ହଳଦୀ ପାଣି ପିର୍‌କାରୀ ଖେଳ ପରେ ବାହୁଡ଼ା ବିଜେ ହୁଏ। ଏହା ହଳଦୀ ପାଣି ଉତ୍ସବ ନାମରେ ନାମିତ।

ବାହାର ଚନ୍ଦନ ଏକୋଇଶି ଦିନ ପରେ ଶ୍ରୀମନ୍ଦିର ମଧ୍ୟରେ ଏକୋଇଶି ଦିନ ଭିତରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ। ଏହି ଦିନମାନଙ୍କରେ ଶ୍ରୀ ଜୀଉଙ୍କର ଚନ୍ଦନ ଲାଗି, ଆଲଟ ଗ୍ୱମର ଲାଗି ଇତ୍ୟାଦି ନୀତିମାନ ପାଳିତ ହୋଇଥାଏ। ଏହାଛଡ଼ା, ଶୀତଳ ଷଷ୍ଠୀ ଏବଂ ରୁକ୍ମିଣୀ ହରଣ ଏକାଦଶୀ ଦିନମାନଙ୍କରେ ଜଳକ୍ରୀଡ଼ା ମଣ୍ଡପରେ ଜଳକ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହିପରି ଭାବରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ ଏବଂ ଏ ଯାତ୍ରା ଦର୍ଶନ କଲେ ଅଶେଷ ପୁଣ୍ୟ ଲାଭ ହୋଇଥାଏ ବୋଲି ଶାସ୍ତ୍ରମାନଙ୍କରେ କୁହାଯାଇଅଛି।

ପୂର୍ବୋକ୍ତ ଦ୍ୱାଦଶ ଯାତ୍ରା ବ୍ୟତୀତ ଶ୍ରୀମନ୍ଦିରରେ ବହୁ ଅନ୍ୟାନ୍ୟ ଯାତ୍ରା, ଉପଯାତ୍ରା ଓ ପର୍ବପର୍ବାଣି ପାଳନ କରାଯାଏ। ସେମାନଙ୍କ ସମ୍ବନ୍ଧରେ ବିଶଦ ଆଲୋଚନା ନ କରାଯାଇ କେବଳ କେଉଁ ଦିନ କେଉଁ ଯାନିଯାତ୍ରା ପାଳନ କରାଯାଏ ସେ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଯାଇଅଛି।

୧) ରୁକ୍ମିଣୀ ହରଣ ଓ ବିବାହ— ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମା ମଦନମୋହନ ଓ ଲକ୍ଷ୍ମୀଙ୍କର ବିବାହ ନୀତି ସମ୍ପନ୍ନ ହୁଏ।

୨) ଚମ୍ପକ ଦ୍ୱାଦଶୀ— ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ମଦନମୋହନ ଓ ଲକ୍ଷ୍ମୀ (ବରକନ୍ୟା) ଶ୍ରୀନଅରକୁ ଯାତ୍ରା କରନ୍ତି। ସେଠାରେ ପ୍ରସାଦ ଲାଗି ଓ ବନ୍ଦାପନା

ବଢ଼େ। ତପରେ ସେମାନଙ୍କୁ ଯମେଶ୍ୱର ମହାଦେବଙ୍କ ମନ୍ଦିରକୁ ନିଆଯାଏ। ପଞ୍ଚଗ୍ରାସି ଭୋଗ ଓ ବନ୍ଦାପନା ବଢ଼ିଲେ ବର କନ୍ୟା ବାହୁଡ଼ା ବିଜେ କରିଥାନ୍ତି।

୩) ଗରୁଡ଼ ଶୟନ — ଏ ଉତ୍ସବ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଅନୁଷ୍ଠିତ ହୁଏ। ଏହା ହରିଶୟନ ଏକାଦଶୀର ପରଦିନ। ଗରୁଡ଼ଙ୍କର ମହାସ୍ନାନ ଓ ଭୋଗ ଆଦି ନୀତି ବଢ଼ିବା ପରେ ଶୟନ କରିଥିବା ପ୍ରଭୁଙ୍କ ପଲଙ୍କ ତଳେ ଶୟନ କରିବା ନିମିତ୍ତ ଗରୁଡ଼ଙ୍କୁ ପ୍ରାର୍ଥନା କରି ଶୟନ ଯାତ୍ରା କରାଯାଇଥାଏ।

୪) ଚିତାଲାଗି ଅମାବାସ୍ୟା— ଶ୍ରାବଣ ଅମାବାସ୍ୟା ତିଥିରେ ଠାକୁରମାନଙ୍କୁ ଚିତା ଲାଗି କରାଯାଏ। ବଳଭଦ୍ରଙ୍କୁ ନୀଳା, ସୁଭଦ୍ରାଙ୍କୁ ମାଣିକ୍ୟ ଓ ଜଗନ୍ନାଥଙ୍କୁ ହିରା ଖଚିତ ସୁବର୍ଣ୍ଣ ଚିତା ଲାଗି କରାଯାଏ।

୫) ବାଡ଼ି ନୃସିଂହ ବିଜେ— ଶ୍ରାବଣ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ମଧ୍ୟାହ୍ନ ଧୂପ ପରେ ନୃସିଂହ ପ୍ରତିମା ରହ ସିଂହାସନରେ ବିଜେ ହୋଇ ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇ ବିମାନରେ ମାର୍କଣ୍ଡ, ଅଙ୍ଗିରା, ପଣ୍ଡୁ ଓ ଭୃଗୁ ଏହି ଗ୍ୱରି ଆଶ୍ରମକୁ ଯାତ୍ରା କରନ୍ତି। ହଇଜା, ମହାମାରିର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ନୃସିଂହଙ୍କ ଗ୍ୱରି ଆଶ୍ରମ ଯାତ୍ରା ଫଳପ୍ରଦ ବୋଲି ବିଗ୍ୱର କରାଯାଇଥାଏ।

୬) ଝୁଲଣ ଯାତ୍ରା— ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ସାତ ଦିନ ବ୍ୟାପି ଶ୍ରୀମନ୍ଦିରରେ ପାଳନ କରାଯାଏ। ମୁକ୍ତି ମଣ୍ଡପରେ ହୋଇଥିବା ସୁସଜ୍ଜିତ ଝୁଲଣ କୁଞ୍ଜରେ ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଦୋଳି ଉପରେ ବିଜେ କରନ୍ତି। ଏହା ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ନ ହେଲେ ସୁଦ୍ଧା ଏ ଯାତ୍ରାର ଲୋକପ୍ରିୟତା ଖୁବ୍ ବେଶି। ଏହି ଯାତ୍ରା ଅଷ୍ଟାଦଶ ଶତକର ଶେଷ ଭାଗରୁ ଅଦ୍ୟାବଧି ଚଳି ଆସୁଥିବାର ପ୍ରମାଣ ✓ ଜଗବନ୍ଧୁ ସିଂହଙ୍କ ସଂଗୃହୀତ ପ୍ରାଚୀନ ଉତ୍କଳର ଯଦୁବଂଶୀୟ (ଭୋଇ ବଂଶୀୟ) ରାଜାମାନଙ୍କର ବିବରଣୀରୁ ମିଳିଥାଏ।

୭) ବଳଭଦ୍ର ଜନ୍ମ, ଗହ୍ମାପୂର୍ଣ୍ଣିମା — ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଶ୍ରୀବଳଭଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ଏହି ଦିନ ସୁଦର୍ଶନଙ୍କ ନଗର ପରିକ୍ରମା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସମସ୍ତ ପାପ, ତାପ, ଆସୁରିକ ପ୍ରକୃତିର ବିଲୋପ ପାଇଁ ସୁଦର୍ଶନ ବିଜେ କରିଥାନ୍ତି। ଏ ଦିନ ଜନ୍ମୋତ୍ସବ ପାଇଁ ଷଷ୍ଠୀ ମାର୍କଣ୍ଡ ଓ ବରୁଣ ପୂଜା ଅନୁଷ୍ଠିତ ହୁଏ। ମଙ୍ଗଳାର୍ପଣ ସାମଗ୍ରୀ ବଳଭଦ୍ରଙ୍କ ସମ୍ମୁଖରେ ସଜାଇ ରଖାଯାଏ ଏବଂ ମଙ୍ଗଳାର୍ପଣ ହୁଏ। ମାର୍କଣ୍ଡଙ୍କ ନିକଟରେ ଚିକିଟା ମାଟିରେ ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରାଯାଇ, ଜୀବନ୍ୟାସାଦି ବିଧି ଓ ଜାତ କର୍ମ ଇତ୍ୟାଦି ସଂସ୍କାର ସମ୍ପାଦିତ ହୁଏ ଏବଂ ପ୍ରସାଦ ଲାଗି ବଢ଼େ। ପଞ୍ଚୋପଗ୍ୱର ବିଧିରେ ଶୀତଳ ଭୋଗ ମଣୋହି

କରାଯାଇ ବନ୍ଦାପନା କରାଯାଏ । ଏ ସମସ୍ତ ନୀତି ସମ୍ପାଦିତ ହେବା ପରେ ବଳଭଦ୍ରଙ୍କ ପ୍ରତିମାକୁ ଜଳରେ ବିସର୍ଜନ କରାଯାଏ ।

୮) ରେଖା ପଞ୍ଚମୀ — ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ଦିନ ରାହୁରେଖା ଲାଗି ଉତ୍ସବ ପାଳନ କରାଯାଏ । ଏ ଦିନ ଭଣ୍ଡାର ଘରେ ମୁଦ ହୋଇ ରହିଥିବା ସୁବର୍ଣ୍ଣ ରାହୁ ରେଖାକୁ ସଂସ୍କାର ପୂର୍ବକ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଲାଗି କରାଯାଏ ।

୯) ଜନ୍ମାଷ୍ଟମୀ — ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀର ନିଶାର୍ଦ୍ଧକାଳରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରାଯାଏ । ମଦନ ମୋହନଙ୍କୁ ଶ୍ରୀକୃଷ୍ଣ ଭାବରେ ପୂଜା କରାଯାଇ ଗର୍ଭଧାରଣଠାରୁ ଜନ୍ମ, ନାଭିଚ୍ଛେଦନ, ଯଜ୍ଞୋପବୀତ ଧାରଣ ଇତ୍ୟାଦି କର୍ମ ଶ୍ରୀ ମନ୍ଦିରରେ ସମ୍ପାଦିତ ହୁଏ । ଏହାପରେ ଠାକୁରମାନଙ୍କୁ (ମଦନମୋହନ, ରାମ, କୃଷ୍ଣ) ଜଗମୋହନରେ ପ୍ରସ୍ତୁତ ହୋଇ ରହିଥିବା ଦୋଳିରେ ବିଜେ କରାଯାଏ ।

ଜନ୍ମୋତ୍ସବ ପରେ ନବମୀରେ ନନ୍ଦୋତ୍ସବ, ଦଶମୀରେ ବନ ଭୋଜୀ ବେଶ, କୋଳିବିକା, ବକାସୁର ବଧ, ଅର୍ଘାସୁର ବଧ, ଏକାଦଶୀରେ କାଳୀୟ ଦଳନ ଓ ବେଶ, ଧେନୁକାସୁର ବଧ, ଦ୍ୱାଦଶୀ ଦିନ ପ୍ରଲମ୍ବାସୁର ବଧ ଓ ବେଶ, ତ୍ରୟୋଦଶୀ ଦିନ କୃଷ୍ଣବଳରାମ ବେଶ ପ୍ରଭୃତି ନୀତିମାନ ମହା ଆଡ଼ମ୍ବରରେ ପାଳିତ ହୁଏ । ଅମାବାସ୍ୟାରେ ବସ୍ତ୍ର ହରଣ, ଶୁକ୍ଳ ପ୍ରତିପଦାରେ ଦାବାଗ୍ନି, ଦ୍ୱିତୀୟାରେ ନିକୁଞ୍ଜ ଲୀଳା ଏବଂ ତୃତୀୟାରେ ଅନ୍ଧ ଲୀଳା ନୀତି ସମ୍ପାଦିତ ହୁଏ । ପଞ୍ଚମୀରେ ଦାହ ଲୀଳା, ଷଷ୍ଠୀରେ ବିତ୍ସାସୁର ବଧ, ସପ୍ତମୀରେ କେଶୀ, ବଧ, ଦଶମୀରେ ଲବଣି ଖିଆ, ମଥୁରାହାଟ ଯୂର ଓ କଂସବଧାଦି ନୀତିମାନ ପାଳନ କରାଯାଏ ।

୧୦) ବାମନ ଜନ୍ମ (ସୁନିଆ)— ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ବାମନଙ୍କର ଜନ୍ମୋତ୍ସବ ଶ୍ରୀମନ୍ଦିରରେ ପାଳିତ ହୁଏ । ଉକ୍ତ ଦିନ ନୂଆ ଅଙ୍କର ସୃଷ୍ଟି ହେଉଥିବାରୁ ଏହାକୁ ନବ ବର୍ଷ ଉତ୍ସବ ଭାବରେ ପାଳନ କରାଯାଇଥାଏ ।

୧୧) ଅନନ୍ତ ଚତୁର୍ଦ୍ଦଶୀ — ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ରୀ ଅନନ୍ତ ବାସୁଦେବଙ୍କ ମନ୍ଦିରରେ ପୂଜା ଅନୁଷ୍ଠିତ ହୁଏ । ଏହା ଅନନ୍ତବ୍ରତ ନାମରେ ବିଦିତ ।

୧୨) ଇନ୍ଦ୍ରଗୋବିନ୍ଦ ପୂଜା — ଭାଦ୍ରବ ମାସ ପୂର୍ଣ୍ଣିମା ତିଥିରେ ଏ ପୂଜା ଅନୁଷ୍ଠିତ ହୁଏ ।

୧୩) ସହସ୍ର କୁମ୍ଭ ଅଭିଷେକ— ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଦିନ ମାଜଣା ମଣ୍ଡପରେ ଶ୍ରୀ ଦୁର୍ଗାଙ୍କ ସହସ୍ର କୁମ୍ଭ ଅଭିଷେକ କରାଯାଏ । ଏହି ଦିନଠାରୁ ଶ୍ରୀ ବିମଳାଙ୍କ ମନ୍ଦିରରେ ଷୋଳ ପୂଜା ଆରମ୍ଭ ହୁଏ । ଦୁର୍ଗା ମାଧବ ଉପାସନା ଶ୍ରୀକ୍ଷେତ୍ରର ବୈଶିଷ୍ଟ୍ୟ ବୋଲି କୁହାଯାଇଥାଏ ।

୧୪) ଦଶହରା — ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ଦିନ ଏ ଉତ୍ସବ ମହା ସମାରୋହରେ ଶ୍ରୀମନ୍ଦିରରେ ପାଳନ କରାଯାଏ । ଶ୍ରୀଜଗନ୍ନାଥ ଏହି ଦିନ ରାଜବେଶ ହୁଅନ୍ତି । ଦଶହରା ଦିନ

ରାମକୃଷ୍ଣ ପାଲିଙ୍କିରେ, ଦୁର୍ଗାମାଧବ ରଥରେ ଏବଂ ମଦନ ମୋହନ ବିମାନରେ ବିଜେ ହୋଇ ବିଜୟ ଯାତ୍ରା କରିଥାନ୍ତି ।

୧୫) କୁମାର ପୂର୍ଣ୍ଣମୀ — ଆଶ୍ୱିନ ମାସ ପୂର୍ଣ୍ଣମୀ ତିଥିରେ କୁମାରୋତ୍ସବ ପାଳନ କରାଯାଏ । ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମା ମାଧବ, ମହାଲକ୍ଷ୍ମୀଙ୍କ ସହିତ ଦ୍ୟୁତ କ୍ରୀଡ଼ା ଖେଳି ପରାସ୍ତ ହୋଇ ମହାଲକ୍ଷ୍ମୀଙ୍କ ମନ୍ଦିରରେ ସାତ ଦିନ ବନ୍ଧା ହୋଇ ରହନ୍ତି ।

୧୬) କାର୍ତ୍ତିକ ମାସ ନୀତି— ରାଧାଦାମୋଦର ପୂଜା ଓ ବେଶ, ଲକ୍ଷ୍ମୀନାରାୟଣ ପୂଜା ଓ ବିଭିନ୍ନ ବେଶ, ବାଲଧୂପ ଇତ୍ୟାଦି ପ୍ରଧାନ । ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ଗରୁଡ଼ ଉତ୍ଥାପନ ଉତ୍ସବ ପାଳନ କରଯାଏ ।

୧୭) ଦେବ ଦୀପାବଳୀ — ମାର୍ଗଶୀର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରୁ ଶୁକ୍ଳପକ୍ଷ ପ୍ରତିପଦା ପର୍ଯ୍ୟନ୍ତ ତିନିଦିନ ବ୍ୟାପି ଶ୍ରୀମନ୍ଦିରରେ ଦେବ ଦୀପାବଳି ଉତ୍ସବ ପାଳନ କରଯାଏ । ଶ୍ରୀଜଗନ୍ନାଥ ତ ଅଜନ୍ମା କିନ୍ତୁ ବିଭିନ୍ନ ଯୁଗରେ ଅବତାର ନେଲାବେଳେ ତାଙ୍କର ଯେଉଁ ପିତାମାତା ଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ଭଗବାନ ଦୀପଦାନ ଶ୍ରାଦ୍ଧ କରନ୍ତି । ଏହା ଲୋକ ଶିକ୍ଷାମୂଳକ ।

ଏହାଛଡ଼ା, ମାର୍ଗଶୀର କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପ୍ରଥମାଷ୍ଟମୀ, ଷଷ୍ଠୀ ତିଥିରେ ଘୋଡ଼ ଲାଗି, ଇତ୍ୟାଦି ପାଳନ କରାଯାଏ ।

୧୮) ବକୁଳ ଅମାବାସ୍ୟା -— ପୌଷମାସ ଅମାବାସ୍ୟା ତିଥିରେ ବକୁଳ ଅମାବ୍ୟାସା ଉତ୍ସବ ଅନୁଷ୍ଠିତ ହୁଏ । ଏ ଦିନ ଶ୍ରୀଜୀଉଙ୍କୁ ଗଇଁଠା ଭୋଗ କରାଯାଏ ଏହା ଏକ ଅତିରିକ୍ତ ଭୋଗ ।

୧୯) ବସନ୍ତ ପଞ୍ଚମୀ — ମାଘ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ଦିନ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ଅନୁଷ୍ଠିତ ହୁଏ । ଏ ଦିନ ସରସ୍ୱତୀଙ୍କ ମନ୍ଦିରରେ ପାଞ୍ଜି ପୂଜା ହୋଇଥାଏ ।

୨୦) ମାଘ ପୂର୍ଣ୍ଣମୀ— ଏ ଦିନ ଗଜ ଉଦ୍ଧାରଣ ବେଶ କରାଯାଏ ।

୨୧) ଶିବରାତ୍ରି — ଲୋକନାଥଙ୍କ ମନ୍ଦିରରେ ଏହା ପାଳନ କରାଯାଏ । ମାତ୍ର ଏ ଦିନ ହରିହର ଭେଟ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ।

୨୨) ଚୈତ୍ର ମାସର ଉତ୍ସବ — ଚୈତ୍ର ଶୁକ୍ଳ ଷଷ୍ଠୀରେ ଚୈତ୍ର ଗୁଣ୍ଡିଘ୍ୱ, ଅଷ୍ଟମୀ ତିଥିରେ ଅଶୋକାଷ୍ଟମୀ ଏବଂ ନବମୀ ତିଥିରେ ଶ୍ରୀରାମ ନବମୀ ପାଳନ କରାଯାଏ । ଶ୍ରୀରାମଙ୍କ ଜନ୍ମୋତ୍ସବ ଏବଂ ତା ପରଦିନଠାରୁ ଶ୍ରୀରାମଙ୍କ ବିଭିନ୍ନ ଲୀଳା ମନ୍ଦିର ତରଫରୁ କରାଯାଇଥାଏ ।

୨୩) ମହାବିଷୁବ ସଂକ୍ରାନ୍ତି — ବୈଶାଖ ମାସ ସଂକ୍ରାନ୍ତି ଦିନ ଏ ଯାତ୍ରା ଅନୁଷ୍ଠିତ ହୁଏ । ଏହା ମଧ୍ୟ ପରମଭକ୍ତ ବୀର ହନୁମାନଙ୍କ ଜୟନ୍ତୀ ଉତ୍ସବ ଭାବରେ ବିଦିତ । ଶ୍ରୀ ଜୀଉଙ୍କ ଆଜ୍ଞାମାଳ

ଘୃରିଦ୍ୱାର ମହାବୀର ଓ ବାରଭାଇ ମହାବୀରଙ୍କୁ ଦିଆଯାଏ । ଦରିଆ ମହାବୀରଙ୍କୁ ମଧ୍ୟ ଆଜ୍ଞାମାଳ ଦିଆଯାଇଥାଏ । ଏ ଦିନ ପଣା ଭୋଗ ଦିଆଯାଉଥିବାରୁ ଏହାକୁ ପଣା ସଂକ୍ରାନ୍ତି ବୋଲି କୁହାଯାଇଥାଏ ।

୨୪) ନୀଳାଦ୍ରି ମହୋଦୟ— ବୈଶାଖ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ନୀଳାଦ୍ରି ମହୋଦୟ ମହୋତ୍ସବ ଅନୁଷ୍ଠିତ ହୁଏ ।

୨୫) ନୃସିଂହ ଜନ୍ମ — ବୈଶାଖ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ନୃସିଂହଙ୍କ ଜନ୍ମୋତ୍ସବ ମହା ସମାରୋହରେ ପାଳନ କରାଯାଏ ।

୨୬) ଶୀତଳ ଷଷ୍ଠୀ— ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ଦିନ ପାଳନ କରାଯାଏ । ଶିବ ପାର୍ବତୀ ବିବାହ କରି ଶ୍ରୀମନ୍ଦିରକୁ ଆସନ୍ତି ଏବଂ ଦୋଳ ଗୋବିନ୍ଦ ମହାଲକ୍ଷ୍ମୀଙ୍କ ମନ୍ଦିରରେ ସେମାନଙ୍କୁ ସ୍ୱାଗତ କରନ୍ତି ଏବଂ ସେଠାରେ ପୂଜା ଓ ବନ୍ଦାପନା ହୁଏ ।

୨୭) ରାଜେନ୍ଦ୍ରାଭିଷେକ— ଏ ନୀତି ଜ୍ୟେଷ୍ଠ ଶୁକ୍ଳ ଦଶମୀ ଦିନ ଅନୁଷ୍ଠିତ ହୁଏ । ଏ ଦିନ ଶ୍ରୀଜଗନ୍ନାଥଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୁଏ । ଏହିଦିନ ମଧ୍ୟ ରୁକ୍ମିଣୀଙ୍କର ବିବାହ ପ୍ରସ୍ତାବ ଆଗତ ହୋଇଥାଏ ।

ପୂର୍ବୋକ୍ତ ବର୍ଣ୍ଣିତ ଦ୍ୱାଦଶ ଯାତ୍ରା ଏବଂ ଅନ୍ୟାନ୍ୟ ଯାତ୍ରା, ଉପଯାତ୍ରା, ଉତ୍ସବ, ନୀତି ସମ୍ବନ୍ଧରେ ସାମାନ୍ୟ ସୂଚନା ଦିଆଗଲା । ପ୍ରତ୍ୟେକ ଉତ୍ସବ, ନୀତି ଯାତ୍ରାର ବିଧି ବିଧାନ ଅତି ବ୍ୟାପକ ଓ କଠୋର ନିୟମରେ ବନ୍ଧା । ଶ୍ରୀଜଗନ୍ନାଥ ତ ଅନନ୍ତ, ତାଙ୍କ ନୀତି ମଧ୍ୟ ଅନନ୍ତ । ସାଗର ମଧ୍ୟରୁ କେତେକ ଜଳ ବିନ୍ଦୁ ମାତ୍ର ଏ ଅଧ୍ୟାୟରେ ପରିବେଷଣ କରାଯାଇଅଛି । ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ଯାହା କିଛି କୁହାଯିବ, ଲେଖାଯିବ, ଆଲୋଚନା କରାଯିବ ତାହା ନିଶ୍ଚିତ ଭାବରେ ଅସମ୍ପୂର୍ଣ୍ଣ । ତେଣୁ ସେହି ଭାବରେ ସୁଧୀ ପାଠକବୃନ୍ଦ ଏହାକୁ ଗ୍ରହଣ କରିବେ ବୋଲି ଆଶା ଓ ବିଶ୍ୱାସ ।



ତ୍ରୟୋଦଶ ଅଧ୍ୟାୟ

ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ

ମଙ୍ଗଳ ଆରତୀ ପରଠାରୁ ପହୁଡ଼ ପର୍ଯ୍ୟନ୍ତ ତ୍ରିମୂର୍ତ୍ତିଙ୍କୁ ବିଭିନ୍ନ ପ୍ରକାରର ବେଶଭୂଷା କରାଯାଏ। ଏହା ନିତ୍ୟ ନୈମିତିକ ନୀତି। ବସ୍ତ୍ର, ସୁବର୍ଣ୍ଣ, ରତ୍ନ, ବିଭିନ୍ନ ପ୍ରକାରର ପୁଷ୍ପ, ତୁଳସୀ, ଚନ୍ଦନ କର୍ପୂର ଆଦିରେ ଠାକୁରମାନେ ସୁସଜ୍ଜିତ ହୁଅନ୍ତି। ମହାପ୍ରଭୁଙ୍କର ଯେତେ ଭୋଗ ବା ଧୂପ ହୁଏ, ସେତେ ପ୍ରକାରର ବେଶ ହୋଇଥାଏ। ଦୈନିକ ବେଶ ବ୍ୟତୀତ,ଯାନି ଯାତ୍ରାରେ ଏବାଂ ତିଥିବାର ନକ୍ଷତ୍ରରେ ସ୍ୱତନ୍ତ୍ର ବେଶର ବିଧାନ ରହିଅଛି। ଜଗନ୍ନାଥ ନିର୍ଗୁଣ ନିରାକାର ବ୍ରହ୍ମ। ଉପାସନା ପାଇଁ ଏବଂ ଭକ୍ତଙ୍କ ପ୍ରୀତି ପାଇଁ ତାଙ୍କୁ ସାକାର କରାଯାଇଥାଏ। ଅପାଣି ପାଦ ପ୍ରଭୁଙ୍କୁ ସୁବର୍ଣ୍ଣର ହସ୍ତ ପାଦ ଯୁକ୍ତ କରି ଭକ୍ତର ଆକ୍ଷିର ସ୍ୱାଦ ମେଣ୍ଟାଇବାର ଉଦ୍ୟମ କରଯାଇଥାଏ। ଶାସ୍ତ୍ରରେ ମଧ୍ୟ ବର୍ଣ୍ଣନା କରାଯାଇଛି ଯେ, ବିଷ୍ଣୁ ଅଳଙ୍କର ପ୍ରିୟ। ଭୂଷଣ ପ୍ରିୟ। ଯଥା,

'ଗଣେଶ ମୋଦକାକାଙ୍କ୍ଷୀ
ଅଳଙ୍କାର ପ୍ରିୟ ହରିଃ।
ବାରିଧାରା ପ୍ରିୟ ରୁଦ୍ରଃ
ନମସ୍କାର ପ୍ରିୟ ରବିଃ।
ଘୃତଧାରା ପ୍ରିୟ ବହ୍ନି
ଷଡ଼୍‌କ୍ରିୟା ଭୂସୁରାଚରନ୍।।

ଅର୍ଥାତ, ଗଣେଶ ମୋଦକ ପ୍ରିୟ, ହରି ଅଳଙ୍କାର ପ୍ରିୟ। ଶିବ ଜଳଧାରା ପ୍ରିୟ, ସୂର୍ଯ୍ୟ ନମସ୍କାର ପ୍ରିୟ, ଅଗ୍ନି ଘୃତଧାରା ପ୍ରିୟ ଅଟନ୍ତି। ତେଣୁ ବିଷ୍ଣୁଙ୍କୁ ଅଳଙ୍କାର, ପାଟ ବସ୍ତ୍ରାଦିରେ ଭୂଷଣ, ପୁଷ୍ପ,. ତୁଳସୀ, ଚନ୍ଦନ, କର୍ପୂର, କସ୍ତୁରୀରେ ସୁସଜ୍ଜିତ କରି ଦର୍ଶନ କରିବା ଉଚିତ ମନେ କରାଯାଇଥାଏ। ଶ୍ରୀଜଗନ୍ନାଥଙ୍କ ବେଶ ଅନନ୍ତ, ତନ୍ମଧ୍ୟରୁ କେତୋଟି ପ୍ରଧାନ ପ୍ରଧାନ ବେଶ ସମ୍ବନ୍ଧରେ ସାମାନ୍ୟ ସୂଚନା ଦିଆଯାଇଅଛି।

୧) ଅବକାଶ ବା ଡଡ଼ପ ଉତୁରି ବେଶ :—

ମଙ୍ଗଳ ଆରତୀ ପରେ ମଇଲମ ହୁଏ ଏବଂ ପୁଷ୍ପାଳକ ସେବକ ତିନିଜଣ ଠାକୁରମାନଙ୍କର ନିତ୍ୟ କର୍ମ ଉଦ୍ଦେଶ୍ୟରେ ସେମାନଙ୍କୁ ଅବକାଶ ବେଶ କରାନ୍ତି। ଏହା ବିଗ୍ରହମାନଙ୍କର ମୁକ୍ତ ଦେହ ପ୍ରଦର୍ଶନର ଏକାମତ୍ର ବେଶ। ଏ ବେଶରେ ପୁଷ୍ପ ବା ଅଳଙ୍କାର ଲାଗି ହୁଏ ନାହିଁ। ବାର ହାତର ଡଡ଼ପ ବା ଅଙ୍ଗକଛା, ଗାମୁଛା ପରି ଶୁକ୍ଳ ବସ୍ତ୍ର ସମ୍ମୁଖକୁ ପାଞ୍ଚମୁହଁ ଥାଇ ଲାଗି ହୋଇଥାଏ। ମନୁଷ୍ୟମାନେ ଗାମୁଛା ପିନ୍ଧି, ଗାମୁଛା କାନ୍ଧରେ ପକାଇ

ସ୍ନାନାଦି କର୍ମ କଲାପରି, ଶ୍ରୀଜୀଉ ତଡ଼ପ ପରିଧାନ କରନ୍ତି ଏବଂ ଉତ୍ତରୀୟ ଭୁଜରେ ପକାଇଥାନ୍ତି। ଏ ବେଶ ବେଳେ ସପ୍ତ ବିଗ୍ରହଙ୍କୁ ପରିସ୍କାର ଭାବରେ ଦର୍ଶନ କରିହୁଏ।

୨) ବଡ଼ ଶୃଙ୍ଗାର ବେଶ :—

ଅବକାଶ ବେଶ ପରି ବଡ଼ ଶୃଙ୍ଗାର ବେଶ ପ୍ରତ୍ୟହ କରାଯାଏ। ରାତ୍ରିରେ ସନ୍ଧ୍ୟାଧୂପ ମଇଲମ ପରେ ଚନ୍ଦନ ଲାଗି ହୁଏ। ଚଦନ ଲାଗି ପରେ ବଡ଼ ଶୃଙ୍ଗାର ବେଶ ହୋଇଥାଏ। ମହାପ୍ରଭୁ ଶ୍ରୀ ଅଙ୍ଗରେ ଚନ୍ଦନ, କର୍ପୂର, କସ୍ତୁରୀ ତ୍ରିଗନ୍ଧ ଲେପନ ପରେ ନାନା ସୁଗନ୍ଧ ପୁଷ୍ପରେ ଭୂଷିତ ହୁଅନ୍ତି। ଗୀତ ଗୋବିନ୍ଦ ଲେଖା ହୋଇଥିବା ଖଣ୍ଡୁଆ ପରିଧାନ କରନ୍ତି। ଶିର ଦେଶରେ ଚନ୍ଦ୍ରିକା, କପାଳରେ ଅଳକା, ଫୁଲର ତିଳକ, ଝୁମ୍ପା, ନାକୁ ଆସି ଶୋଭା ପାଏ। ଗୁଣା ନାସାକୁ ମଣ୍ଡନ କରେ। ଅଧରରେ ଦୟଣା, ଅଧର ମାଳି, ଦୁଇ ଭୁଜ ମୂଳରେ ମକର କୁଣ୍ଡଳ, ଭୁଜ ପୟର ମାଳା ହୃଦୟରେ ଶ୍ରୀପଦକ, କଟି ଦେଶର ସମ୍ମୁଖକୁ କଳିପଦକ କୌସ୍ତୁଭ ପଦକ, ହସ୍ତରେ କରପଲ୍ଲବ ଆଦି ଦ୍ୱାଦଶ ପୁଷ୍ପାଳଙ୍କାର ଲାଗି ହୋଇଥାଏ। ଏତଦ୍ ବ୍ୟତୀତ କଳା, ଧଡ଼ିଯୁକ୍ତ ଧଳା ଶିର କପଡ଼ା ବଳଭଦ୍ରଙ୍କୁ, ଅରୁଣରଙ୍ଗ ଧଡ଼ିର ଶିର କପଡ଼ା ଜଗନ୍ନାଥଙ୍କୁ ଓ ନାଲି ଧଡ଼ିଆ ଧଳା ଶିର କପଡ଼ା ସୁଭଦ୍ରାଙ୍କୁ ଲାଗି କରାଯାଏ।

ବଡ଼ ଶୃଙ୍ଗାର ବେଶ ଅତ୍ୟନ୍ତ ଆକର୍ଷଣୀୟ ତଥା ଦେବ ଦୁର୍ଲଭ। ଏହି ବେଶରେ ପ୍ରଭୁଙ୍କର ବଡ଼ ଶୃଙ୍ଗାର ଭୋଗ ହୁଏ ଏବଂ ଠାକୁରମାନେ ପଡୁଡ଼ ହୁଅନ୍ତି। ତା ପରିଦିନ ଠାକୁରଙ୍କର ବଡ଼ ଶୃଙ୍ଗାର ବେଶ ଥାଇ ମଙ୍ଗଳ ଆରତୀ ହୋଇଥାଏ। ବେଶ ଓ ଲାଗି ହେଲେ (ମଇଲମ) ଏ ବେଶର ପୁଷ୍ପାଳଙ୍କାର ଗୁଡ଼ିକ ପ୍ରଧାନ ପ୍ରଧାନ ଦେବୀ ବିଗ୍ରହ ଗଣଙ୍କୁ ଲାଗି କରାଯାଏ। ବଳଭଦ୍ରଙ୍କ ଅଧର ମାଳା ମା ବିମଳାଙ୍କୁ ଶ୍ରୀଜଗନ୍ନାଥଙ୍କ ଅଧର ମାଳା, ବେଢ଼ାଲକ୍ଷ୍ମୀଙ୍କୁ ଏବଂ ସୁଭଦ୍ରାଙ୍କ ଅଧରମାଳା ଉତ୍ତରାୟଣୀଙ୍କୁ ଦିଆଯାଇଥାଏ। ଏତଦ୍‌ବ୍ୟତୀତ, କର ପଲ୍ଲବାଦି ବାଟମଙ୍ଗଳା, ରାମଚଣ୍ଡୀ, ହରଚଣ୍ଡୀ, ଦକ୍ଷିଣକାଳୀ ଏବଂ ଶ୍ରୀକ୍ଷେତ୍ରରେ ଥିବା ଅନ୍ୟାନ୍ୟ ଠାକୁରଣୀଙ୍କୁ ଏବଂ ମହାବୀର ହନୁମାନଙ୍କୁ ଲାଗି ହେବା ପାଇଁ ଦିଆଯାଇ ଥାଏ। ଭକ୍ତଗଣ ମଧ୍ୟ ଶ୍ରୀଜୀଉଙ୍କ ପୁଷ୍ପାଳଙ୍କାର ପୁଷ୍ପହାର ଇତ୍ୟାଦି ସେମାନଙ୍କର ଶୁଭକାର୍ଯ୍ୟ ପାଇଁ ନେଇଥାନ୍ତି।

ବଡ଼ ଶୃଙ୍ଗାର ବେଶ ଦର୍ଶନ କରିବା ସୌଭାଗ୍ୟର କଥା ବୋଲି ବିଗ୍ରର କରାଯାଇଥାଏ। ପଡୁଡ଼ ପରେ ସମସ୍ତ ଦେବ ଦେବୀ ଏ ବେଶ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥାନ୍ତି।

୩) ଚନ୍ଦନ ଲାଗି ବେଶ :—

ପ୍ରତ୍ୟହ ପ୍ରତ୍ୟେକ ଯାତ୍ରା ଓ ଉତ୍ସବ ଦିନରେ ଚନ୍ଦନ ଲାଗିର ବ୍ୟବସ୍ଥା ଥିଲେ ସୁଦ୍ଧା ଅକ୍ଷୟ ତୃତୀୟାଠାରୁ ୪୨ ଦିନ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଚନ୍ଦନ ଲାଗିକୁ ଚନ୍ଦନ ଲାଗି ବେଶ କୁହାଯାଇଥାଏ। ଗ୍ରୀଷ୍ମ କାଳରେ ଜୟ ବିଜୟ ଆଦି ଦ୍ୱାର ବନ୍ଦ କରାଯାଇ ଆଲଟ କରାଯାଏ।

ଆଲଟ ଲାଗି ପରେ ଶ୍ରୀଚନ୍ଦନ, କର୍ପୂର ଓ କେଶର ଆଦି ଆଡ଼ମ୍ବରରେ ଅଣାଯାଇ ପୂଜାପଣ୍ଡା, ସିଂହାରୀ ଓ ମୁଦିରସ୍ଥ ଠାକୁରମାନଙ୍କୁ ଲାଗି କରନ୍ତି । ଚନ୍ଦନ ଆଦି ଚତୁସମ ଲାଗି ହେବା ପରେ ସୁଗନ୍ଧ ପୁଷ୍ପର ଚଉସରି ଅର୍ଥାତ୍ ଗ୍ରିସରିରେ ଫୁଲଗଣ୍ଠି ଥାଇ ଶ୍ରୀଜୀଉଙ୍କ ରାହୁ ରେଖାରୁ ପାଦବେଶ ପର୍ଯ୍ୟନ୍ତ ପଡ଼େ । ଏହାପରେ ଶୁକ୍ଳମାଳା ଅଳକା ଲାଗି ହୁଏ । ଅଳକା ଲାଗି ହେବା ପରେ ଶ୍ରୀମୁଖର ସୌନ୍ଦର୍ଯ୍ୟ କଳନା କରିହୁଏ ନାହିଁ । ମସ୍ତକରେ ଛୋଟ ଚନ୍ଦ୍ରିକା ଚୂଳ ଓ ସାମନ୍ୟ ସୁଗନ୍ଧ ପୁଷ୍ପମାଳା ରଖାଯାଇ ବେଶ କରାଯାଏ । ଚନ୍ଦନ ଲାଗି ଦର୍ଶନ କରିବାକୁ ଅସମ୍ଭବ ଧରଣର ଜନସମାଗମ ହୁଏ । ଚନ୍ଦନ ଲାଗି ସମୟରେ ଶ୍ରୀଜୀଉଙ୍କୁ ସମସ୍ତ ଚିନ୍ତା ଦୂରକରିବା ପାଇଁ ପ୍ରାର୍ଥନା କରାଯାଇଥାଏ ।

୪) ଗଣପତି ବେଶ ବା ହାତୀ ବେଶଃ—

ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥି ଦେବସ୍ନାନ ପୂର୍ଣ୍ଣିମା ନାମରେ ବିଦିତ । ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡିବିଜେ କରି ସ୍ନାନ ମଣ୍ଡପକୁ ଆସନ୍ତି । ସେହିଦିନ ସ୍ନାନ ଉତ୍ସବ ଅନୁଷ୍ଠିତ ହୁଏ ଏବଂ ସ୍ନାନ ପରେ ଠାକୁରମାନେ ଗଣପତି ବେଶ ବା ହାତୀବେଶ ହୁଅନ୍ତି । ସୋଲ, ଜରି, କଦଳୀ ପଟରେ ତରାସଚୂଳ ଏବଂ କରପଲ୍ଲବ ଆଦି ଲାଗି କରି ବଳଭଦ୍ରଙ୍କୁ ଧଳା ହାତୀ ଓ ଜଗନ୍ନାଥଙ୍କୁ କଳା ହାତୀ ରୂପରେ ସଜାଇ ଦିଆଯାଏ । ଏ ବେଶ ଦେଖିବାକୁ ବଡ଼ ଧରଣର ଜନ ସମାଗମ ହୁଏ । ଶ୍ରୀମନ୍ଦିରସ୍ଥ ସ୍ନାନ ମଣ୍ଡପ ଓ ବଡ଼ ଦାଣ୍ଡରେ ଲୋକମାନେ ଠିଆ ହୋଇ ଏ ଅପୂର୍ବ ବେଶ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥାନ୍ତି ।

ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ହାତୀ ବେଶ ହେବାର କାରଣ ହେଉଛି ପଞ୍ଚଦଶ ଶତାବ୍ଦିରେ ମହାରାଷ୍ଟ୍ରରୁ ମହାଗାଣପତ୍ୟ ସମ୍ପ୍ରଦାୟର ଶ୍ରୀ ଗଣପତି ଭଟ୍ଟ ନାମକ ଜଣେ ପରମ ଭକ୍ତ ଶ୍ରୀକ୍ଷେତ୍ର ଆସି ଶ୍ରୀଜଗନ୍ନାଥଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣିପାତ କଲେ ନାହିଁ । ସେ ତାଙ୍କର ଇଷ୍ଟ ଗଣପତିଙ୍କ ଛଡ଼ା ଅନ୍ୟ କାହାକୁ ପ୍ରଣିପାତ କରନ୍ତି ନାହିଁ । ସେ ନିରାଶ ହୋଇ ଶ୍ରୀକ୍ଷେତ୍ର ତ୍ୟାଗ କରି ମୁକ୍ତେଶ୍ୱରଙ୍କ ପର୍ଯ୍ୟନ୍ତ ଗ୍ୱଲିଗଲେ । ଆପାର କରୁଣା ସିନ୍ଧୁ ଭଗବାନ ଭକ୍ତବତ୍ସଳ ହୋଇଥିବାରୁ ଭକ୍ତର ନିରାଶଭାବ ଦେଖି ତାଙ୍କୁ ଦୟା ଦେଖାଇଲେ । ସ୍ୱପ୍ନାଦେଶ ହେଲା ଭକ୍ତଙ୍କୁ । ସେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଶ୍ରୀକ୍ଷେତ୍ରକୁ ଆସି ଦେଖିଲେ ସ୍ନାନବେଦିରେ ଧଳାଗଣେଶ ରୂପରେ ବଳଭଦ୍ର ଓ କଳା ଗଣେଶ ରୂପରେ ଜଗନ୍ନାଥ ଶୋଭାପାଉଛନ୍ତି । ଗଣପତି ଭଟ୍ଟ ପ୍ରଣିପାତ କରି ପ୍ରାର୍ଥନା କଲେ ।

‘ତ୍ୱମେବ ବକ୍ରତୁଣ୍ଡ ଶ୍ଚ ତ୍ୱମେବ ଗଣନାୟକଃ ।
ଶୁକ୍ଳ କୃଷ୍ଣ ସ୍ୱରୂପେଣ ଗୌରୀପୁତ୍ର ବିନାୟକଃ ।।
କୃଷ୍ଣ ରୂପମୟ କୃଷ୍ଣଃ ଶିବ ରୂପମୟ ହରଃ ।
ସାକ୍ଷାତ୍ ଦେବ ଜଗନ୍ନାଥଃ ବିଘ୍ନ ବିନାୟକ ସ୍ୱୟମ୍ ।।

ଏହି ରୂପରେ ପ୍ରତିବର୍ଷ ଦର୍ଶନ ଦେବାକୁ ଭକ୍ତର ପ୍ରାର୍ଥନା ଯୋଗୁ ଠାକୁରମାନେ ଗଣପତି ବେଶ ହୋଇଥାନ୍ତି ।

୫) ସୁନାବେଶ :—

ଶ୍ରୀଜଗନ୍ନାଥ ଆଦି ଠାକୁରଙ୍କର ବର୍ଷକରେ ପାଞ୍ଚଥର ସୁନାବେଶ ବା ରାଜବେଶ ହୋଇଥାଏ । ଆଷାଢ଼ ମାସରେ ରଥ ଉପରେ ଥିବାବେଳେ, ବିଜୟାଦଶମୀ ବା ଦଶହରା ଦିନ, କାର୍ତ୍ତିକ ପୂର୍ଣ୍ଣମୀ ଦିନ, ଦୋଳପୂର୍ଣ୍ଣମୀ ଦିନ ଏବଂ ପୌଷ ପୂର୍ଣ୍ଣମୀ ଦିନ ଶ୍ରୀଜୀଉଙ୍କର ସୁନାବେଶ ହୋଇଥାଏ । ହସ୍ତ, ପାଦ, କିରିଟୀ, କୁଣ୍ଡଳ, କଣ୍ଠମାଳା, ପଦକମାଳା, ଆଦି ସୁବର୍ଣ୍ଣ ନିର୍ମିତ ଅଳଙ୍କାର ଠାକୁରଙ୍କୁ ଲାଗି କରାଯାଏ । ଶ୍ରୀଜଗନ୍ନାଥଙ୍କ ଦକ୍ଷିଣହସ୍ତରେ ସୁବର୍ଣ୍ଣଚକ୍ର ଏବଂ ବାମ ହସ୍ତରେ ରୌପ୍ୟ ଶଂଖ ଶୋଭା ପାଉଥାଏ । ସେହିପରି, ବଳଭଦ୍ର ସୁବର୍ଣ୍ଣ ନିର୍ମିତ ହଳ ଲଙ୍ଗଳ ଧାରଣ କରିଥାନ୍ତି । ରାଜାଧିରାଜ ଶ୍ରୀ ଜଗନ୍ନାଥ ଦଶହରାରେ ବିଜୟୀ ରାମଚନ୍ଦ୍ର ରୂପରେ, କାର୍ତ୍ତିକ ପୂର୍ଣ୍ଣମୀରେ ଦ୍ୱାରିକାନାଥ ରୂପରେ, ଦୋଳପୂର୍ଣ୍ଣମୀରେ ଗୋପେଶ୍ୱର ରୂପରେ ଏବଂ ପୌଷ ପୂର୍ଣ୍ଣମୀ ଦିନ ହେଉଥିବା ପୁଷ୍ୟାଭିଷେକରେ ଅଯୋଧ୍ୟାନାୟକ ରୂପରେ ବିରାଜମାନ କରିଥାନ୍ତି । ବେଶର ବନ୍ଦାପନା ମନ୍ତ୍ର ହେଲା,

'ସ୍ୱରାଟରାଟ ଶ୍ରୀଜଗନ୍ନାଥ ତ୍ରିକଳିଙ୍ଗ ପତିର୍ଗତିଃ ।
ରାଜାଧିରାଜ ଶ୍ରୀଦେବଃ ଦେହି ଶ୍ରୀବିଜୟ ସଦା ।।'

ସୁନାବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଏ ସମସ୍ତ ଦିନମାନଙ୍କରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥାଏ । ଅଳଙ୍କାର ପ୍ରିୟ ହରିଙ୍କୁ ଅଳଙ୍କାର ଲାଗି କରାଇ ଦର୍ଶନ କରିବା ନିଶ୍ଚିତ ଭାବରେ ପୁଣ୍ୟପ୍ରଦ ।

୬) ବନଭୋଜି ବେଶଃ—

ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ଭାବରେ ଓ ବଳଭଦ୍ରଙ୍କୁ ବଳରାମ ଭାବରେ ବିଗ୍ରର କରାଯାଇଥାଏ । ଗୋପ ଲୀଳା ସମୟରେ ବଳରାମ ଓ କୃଷ୍ଣ ବାଛୁରୀ ସଙ୍ଗରେ ନେଇ ବଣକୁ ବଣଭୋଜି ଉଦ୍ଦେଶ୍ୟରେ ଯାଉଥିଲେ ବୋଲି ବର୍ଣ୍ଣନା ଅଛି । ତେଣୁ କୃଷ୍ଣ ଜନ୍ମ ପରେ ଭାଦ୍ରବ କୃଷ୍ଣ ଦଶମୀ ତିଥିରେ ଶ୍ରୀଜଗନ୍ନାଥଙ୍କର ବନଭୋଜି ବେଶ ଅନୁଷ୍ଠିତ ହୋଇଥାଏ । ବଳଭଦ୍ର ଡାହାଣ ହାତରେ ଶିଘାଁ ଓ ବାମ ହାତରେ ଶିକାରେ କ୍ଷୀର ପସରା ଧରି ଘୁଲୁଥିବାର ବେଶ କରାଯାଏ । ଜଗନ୍ନାଥ ହାତରେ ବଂଶୀ ଓ ଲହୁଣୀ ପସରା ଧରି ବନଗମନ ବେଶ ହୋଇଥାନ୍ତି । ସଂଗରେ ଗୋ ଗୋଷ୍ଠକୁ ନେଉଥିବା ବିଷୟ ବେଶରୁ ସ୍ପଷ୍ଟ ଜଣାଯାଏ । ଓଡ଼ିଶାର ଯାଦବକୁଳ ବା ମହାଭୋଇମାନଙ୍କର ଏବେଶ ବୋଲି ବିଗ୍ରର କରାଯାଏ । ରାତ୍ରିରେ ହେଉଥିବା ଏ ବେଶକୁ ବହୁ ଭକ୍ତ ଦର୍ଶନ କରି ପରମ ଆନନ୍ଦ ଲାଭ କରିଥାନ୍ତି ।

୭) କାଳୀୟ ଦଳନ ବେଶ :—

ଭାଦ୍ରବ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ କାଳୀୟ ଦଳନ ବେଶ ଅନୁଷ୍ଠିତ ହୁଏ । ଶ୍ରୀଜଗନ୍ନାଥଙ୍କୁ ଏ ବେଶ କରାଯାଏ । ବିରାଟକାୟ କାଳୀନାଗ ଶ୍ରୀଜଗନ୍ନାଥଙ୍କ ଶରୀରକୁ ଆବୃତ କରି ରଖାଯାଇଥାଏ । ସପ୍ତଫଣାଯୁକ୍ତ ଶରୀରକୁ ଆବୃତ କରି ରଖାଯାଇଥାଏ । ସପ୍ତଫଣାଯୁକ୍ତ ନାଗର ମସ୍ତକ ଉପରେ ଶ୍ରୀଜଗନ୍ନାଥଙ୍କ ଶ୍ରୀପଦ୍ମର ଦୁଇଟିକୁ ରଖାଯାଏ । ମହାପ୍ରଭୁ ବାମ ହାତରେ କାଳୀୟ ପୁଚ୍ଛ ପଦ୍ମକଳିକା ଏବଂ ଦକ୍ଷିଣ ହାତରେ ଅମୃତ ଲଡୁ ଧାରଣ କରିଥାନ୍ତି । ବଳଭଦ୍ର ଓ ସୁଭଦ୍ରା ସାଧାରଣ ବେଶରେ ବିରାଜମାନ କରନ୍ତି । ଏ ଆକର୍ଷଣୀୟ ବେଶ ଦର୍ଶନ କରିବାକୁ ବହୁତ ଭକ୍ତଙ୍କର ସମାଗମ ହୋଇଥାଏ ।

୮) ପ୍ରଳମ୍ବାସୁର ବଧ ବେଶଃ—

ଭାଦ୍ରବ ବାସ କୃଷ୍ଣ ପକ୍ଷ ଦ୍ୱାଦଶୀ ଦିନ ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହୁଏ । ଏ ବେଶ ବଳଭଦ୍ରଙ୍କଠାରେ ହିଁ କରାଯାଏ । ବଳଭଦ୍ରଙ୍କର ଦୁଇ ହସ୍ତରେ ହଳମୂଷଣ ଶୋଭାପାଏ । ପ୍ରଭୁ ବଳରାମଙ୍କ ପ୍ରଳମ୍ବାସୁର ବହନ କରି ନେଇ ଯାଉଥିବାର ଦୃଶ୍ୟ ଏ ବେଶରୁ ସ୍ପଷ୍ଟ ହୁଏ । ଏକ ବିରାଟକାୟ କାଷ୍ଠ ନିର୍ମିତ ପ୍ରଳମ୍ବାର ଭୟଙ୍କର ରୂପ ବଳଭଦ୍ରଙ୍କ ନିମ୍ନ ଭାଗରେ ଶୋଭା ପାଉଥାଏ । ଶ୍ରୀଜଗନ୍ନାଥ ଓ ଶ୍ରୀସୁଭଦ୍ରା ସାଧାରଣ ବେଶରେ ବିରାଜମାନ କରନ୍ତି । କୃଷ୍ଣ ଲୀଳାର ଏ ଦୃଶ୍ୟ ଦେଖିବାକୁ ଭକ୍ତଙ୍କର ଭିଡ଼ ଜମେ ।

୯) କୃଷ୍ଣ ବଳରାମ ବେଶଃ—

ଭାଦ୍ରବ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୁଏ । ବଳଭଦ୍ରଙ୍କୁ ବଳରାମ ରୂପରେ ଓ ଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପରେ ସଜାଇ ଦିଆଯଏ । ସୁଭଦ୍ରା ତ ଭଗିନୀ, ସେହିପରି ଭାବରେ ତାଙ୍କୁ ସଜାଇ ଦିଆଯାଏ । କଦମ୍ବ ବୃକ୍ଷ, ଗୋବତ୍ସା ସହିତ ସୋଲର କଦମ୍ବ ଫୁଲ ଟାହିଆ ଇତ୍ୟାଦି ଦିଆଯାଇ ଠାକୁରମାନଙ୍କୁ ସଜାଇ ଦିଆଯାଏ । ଏହା ଖଣ୍ଡସାହି ଜମିଦାରଙ୍କ ଯେଜମାନୀ ବେଶ ଅଟେ ।

୧୦) ବଳି ବାମନ ବେଶଃ—

ଏ ବେଶ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ଅନୁଷ୍ଠିତ ହୁଏ । ଏ ଦିନ ବାମନଙ୍କର ଜନ୍ମୋତ୍ସବ । ମଧ୍ୟାହ୍ନରେ ଜନ୍ମୋତ୍ସବ କରାଯାଇ ଦ୍ୱିପ୍ରହର ଧୂପ ପରେ ମହାପ୍ରଭୁ ବାମନ ବେଶ ହୁଅନ୍ତି । ଶ୍ରୀଜଗନ୍ନାଥ ଗଡୁ, ଛତ୍ତା ଧରି କୁଶବଟୁ ଗ୍ରହଣ କରି, କପାଳରେ ତ୍ରିପୁଣ୍ଡ୍ରକ ଧାରଣ କରି ବାମନ ରୂପରେ ଏକ ଶୁଦ୍ଧପୂତ ବ୍ରାହ୍ମଣ ବେଶରେ ଆସୁଥିବା ପରି କମନୀୟ ବେଶ ହୋଇଥାନ୍ତି । ବଳଭଦ୍ର ରାଜାଙ୍କ ପରି ବସି ରହନ୍ତି । ବୀର କିଶୋର ଦେବଙ୍କ କୃତ ଭଜନରେ ଉଲ୍ଲେଖ ଅଛି—

'ଜଗତେ ଯାହାର ଚରଣ ତଳରେ
ହାତ ପତାଇଣ ମାଗନ୍ତି ଭିଖ।
ଗଡୁ ଛତା କୁଶବଟୁ ଘେନି ବଟୁ ରୂପେ
ଭିକ୍ଷା ମାଗନ୍ତାଙ୍କୁ ଯାଆନ୍ତି ଦେଖ।।'

ଏ ବେଶ ଦର୍ଶନ କରିବା ତ ଆମୋଦ ଦାୟକ, ଏହା ମଧ୍ୟ ଅତ୍ୟନ୍ତ ସୌଭାଗ୍ୟର କଥା। ପାଳିଆ ପୁଷ୍ପାଳକ ଗଣ ଶ୍ରୀଜଗନ୍ନାଥଙ୍କୁ ଏପରି ସଜାଇ ଦିଅନ୍ତି, ଜଣାଯାଏ ଜଗନ୍ନାଥ ସତେ ଅବା ଏକ ବାମନ ବା କ୍ଷୁଦ୍ରକାୟ ବିପ୍ର।

୧୧) ରାଧା ଦାମୋଦର ବେଶଃ—

ଆଶ୍ୱିନ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରୁ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କର ରାଧା ଦାମୋଦର ବେଶ ଅନୁଷ୍ଠିତ ହୁଏ। ଏ ବେଶରେ ପ୍ରଭୁ ତ୍ରିକଚ୍ଛ ପରିଧାନ କରିଥିବେ। ହାତରେ ସୁବର୍ଣ୍ଣ ନଳିଭୁଜ, ତ୍ରିମୁଣ୍ଡି ଚୂଳ ଉପରେ ଚନ୍ଦ୍ରିକା କର୍ଣ୍ଣଦେଶରେ କୁଣ୍ଡଳ, ଓଡ଼ିଆଣୀ, ତଡ଼କିଚନ୍ଦ୍ର, ସୂର୍ଯ୍ୟ ସୁନାଚିତା ଆଦି ଲାଗି ହୋଇ ଥିବେ। ଏ ଅପୂର୍ବ ରୂପ ଦେଖି କାର୍ତ୍ତିକ ବ୍ରତୀଗଣ ମୁଗ୍ଧ ହୁଅନ୍ତି। ଏଥିରେ ସନ୍ଦେହ ନାହିଁ। ଏକମାସ ଧରି ଏ ବେଶ ହେଉଥିବାରୁ ପ୍ରାୟ ପ୍ରତ୍ୟେକ ଭକ୍ତ ଦର୍ଶନ କରିବାର ସୁଯୋଗ ଲାଭ କରିଥାନ୍ତି।

୧୨) ଠିଆକିଆ ବା ଲକ୍ଷ୍ମୀ ନାରାୟଣ ବେଶଃ—

କାର୍ତ୍ତିକ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚକ ପାଞ୍ଚଦିନ ଯାକ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ବେଶ ହୁଏ। ଯଥାର୍ଥରେ କୁହାଯାଇଛି,

ଏକାଦଶ୍ୟା ଲକ୍ଷ୍ମୀନାଥଂ
ଦ୍ୱାଦଶ୍ୟା ବଳିମର୍ଦ୍ଦନଂ
ତ୍ରିବିକ୍ରମଂ ତ୍ରୟୋଦଶ୍ୟା
ଚତୁର୍ଦ୍ଦଶ୍ୟା ନୃକେଶରୀ
ପୂର୍ଣ୍ଣିମାୟାଂ ତଥା ପୂଜେତ୍ ରାଜରାଜେଶ୍ୱର ହରିଃ।

ଅର୍ଥାତ୍, ଏକାଦଶୀରେ ଜଗନ୍ନାଥଙ୍କୁ ଲକ୍ଷ୍ମୀ ନାରାୟଣ ରୂପରେ, ଦ୍ୱାଦଶୀରେ ବାମନ ରୂପରେ, ତ୍ରୟୋଦଶୀରେ ତ୍ରିବିକ୍ରମ ରୂପରେ, ଚତୁର୍ଦ୍ଦଶୀରେ ନୃସିଂହ ରୂପରେ ଏବଂ ପୂର୍ଣ୍ଣିମାରେ ରାଜ ରାଜେଶ୍ୱର ରୂପରେ ଆରାଧାନା କରାଯାଇଥାଏ। ତେଣୁ ସେହି ସେହି ପ୍ରକାରର ବେଶରେ ପ୍ରଭୁଙ୍କୁ ସୁସଜ୍ଜିତ କରଯାଏ।

ପଞ୍ଚକର ପ୍ରଥମ ଦିନ ଏ ଦାଦଶୀରେ ଶ୍ରୀଜଗନ୍ନାଥଙ୍କର ଲକ୍ଷ୍ମୀ ନାରାୟଣ ବେଶ ହୁଏ। ଅନ୍ୟ ସବୁ ଅଳଙ୍କାର ଥାଇ ସୁବର୍ଣ୍ଣ କର, ଶ୍ରୀପଯର, ଶଙ୍ଖଚକ୍ର ଏବଂ ବଳଭଦ୍ରଙ୍କର

ହଳଲଙ୍ଗଳ ଆଦି ଲାଗି ହୁଏ । ରାଧା ଦାମୋଦର ବେଶରେ ତ୍ରିମୁଣ୍ଡିରେ ଚୂଳ ରହିଥାଏ । ମାତ୍ର ଏ ବେଶରେ ସେ ଚୂଳ ପରିବର୍ତ୍ତରେ ଶିର ଦେଶରେ ସୁବର୍ଣ୍ଣ ଚନ୍ଦ୍ରିକାମାନ ଖଞ୍ଜା ଯାଇଥାଏ । ଏ ଠିଆକିଆ ବା ଲକ୍ଷ୍ମୀ ନାରାୟଣ ବେଶ ଅତ୍ୟନ୍ତ ମନୋରମ ।

୧୩) ବାଙ୍କ ଚୂଡ଼ା ବା ବାମନ ବେଶ :—

କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀଜୀଉଙ୍କର ଏ ବେଶ ହୁଏ । ଲକ୍ଷ୍ମୀ ନାରାୟଣ ବେଶ ଠାରୁ ଏହା ବିଶେଷ ଭାବରେ ଭିନ୍ନ ନୁହେଁ । ମାତ୍ର ଉକ୍ତ ବେଶରେ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଦିଗକୁ ଆଡ଼ଖୋସା ପଡ଼େ ଏବଂ ଶିର ଅଳଙ୍କାର ସ୍ୱରୂପ ସୁବର୍ଣ୍ଣଚୂଳ ଲାଗି ହୋଇଥାଏ । ବାଲଧୂପ ପରେ ଏ ବେଶ ମଉଳାଇ ଦିଆଯାଏ । ଏ ଦିନ ମହାପ୍ରଭୁଙ୍କୁ ବାମନ ରୂପରେ ଆରାଧନା କରାଯାଇଥାଏ ।

୧୪) ଆଡ଼କିଆ ବା ତ୍ରିବିକ୍ରମ ବେଶ :—

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ଦିନ ମହାପ୍ରଭୁଙ୍କର ଆଡ଼କିଆ ବା ତ୍ରିବିକ୍ରମ ବେଶ ହୋଇଥାଏ । ଏ ବେଶରେ ଶିର ଶୃଙ୍ଗାରର ଆକର୍ଷଣ ବେଶି । ଓଡ଼ିଶୀ ନୃତ୍ୟରେ ନଟୀ ଶିର ଶୃଙ୍ଗାର କଲାପରି ଠାକୁରଙ୍କର ସେହିପରି କରାଯା/ଇଥାଏ । ଏ ବେଶ ଓଡ଼ିଶୀ ଅତିବଡ଼ି ଶାଖାର ଅନୁକୂଳ ବେଶ ଅଟେ । ପଞ୍ଚସଖାବାଦୀମାନେ ଏହି ତ୍ରୟୋଦଶୀ ଦିନ ଏବେଶ ଦର୍ଶନରେ ବିରାଟ ରୂପର ପରିକଳ୍ପନା କରିଥାନ୍ତି ।

୧୫) ଡାଳିକିଆ ବା ନୃସିଂହ ବେଶ :—

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏ ବେଶ ହୁଏ । ନୃସିଂହ ରୂପରେ ଶ୍ରୀଜଗନ୍ନାଥଙ୍କୁ ଆରାଧନା ପାଇଁ ଏ ବେଶ କରାଯାଇଥାଏ । କିଆ, ନଖଂଜି ଫଳି, ଫୁଲ ଓ ଭଣ୍ଡାଚୂଳ ପ୍ରଭୃତି ଲାଗି କରି ଏ ବେଶ କରାଯାଏ । ଏଥିରେ ଦଶାବତାର ମାଳି, ପଦକ ମାଳି ପ୍ରଭୃତି ସବୁ ସୁବର୍ଣ୍ଣମାଳା ଲାଗି ହୁଏ । ଲାଗି କରାଯାଇଥିବା ଫଳାଗୁଡ଼ିକ ନୃସିଂହଙ୍କ କେଶର ବୋଲି ପରିକଳ୍ପନା କରାଯାଇଥାଏ । ଶ୍ରୀଜଗନ୍ନାଥଙ୍କ ଦୁଇ ହସ୍ତରେ ଶଂଖଚକ୍ର ଓ ଶ୍ରୀବଳଭଦ୍ରଙ୍କ ଦୁଇ ହସ୍ତରେ ହଳଲଙ୍ଗଳ ଶୋଭା ପାଉଥାଏ । ସୁବର୍ଣ୍ଣର ଶ୍ରୀପଯ୍ୟର ଓ ହସ୍ତ ମଧ୍ୟ ଲାଗି ହୁଏ । ଏ ମନୋରମ ବେଶ ଦର୍ଶନ କରିବାକୁ ଲକ୍ଷାଧିକ ଲୋକଙ୍କର ସମାଗମ ହୁଏ ।

୧୬) ରାଜରାଜେଶ୍ୱର ବେଶ :—

କାର୍ତ୍ତିକ ପୂର୍ଣ୍ଣମୀ ଦିନ ଶ୍ରୀଜଗନ୍ନାଥଙ୍କର ଯେଉଁ ସୁନା ବେଶ ହୁଏ, ତାହାକୁ ରାଜରାଜେଶ୍ୱର ବେଶ କୁହାଯାଏ । ଏହି ବେଶରେ କାର୍ତ୍ତିକ ମାସର ଉର୍ଯ୍ୟାପନ ଜନିତ ରାଜନୀତି ବନ୍ଦାପନା ଅନୁଷ୍ଠିତ ହୁଏ । ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଆଦି ସେବାୟତ ଗଣ ବାଲଧୂପ ପରେ ଅକ୍ଷତ, ବତି, କର୍ପୂର ବତୀ, ଆଲଟ, ଘୃମର ଓ ପୁଷ୍ପାଞ୍ଜଳୀ ଆଦି ସପ୍ତ

ବନ୍ଦାପନା କରନ୍ତି । ଏ ବେଶକୁ ରାଜା ମହାରାଜାମାନେ ଦର୍ଶନ କରିବାକୁ ଆସୁଥିଲେ ବୋଲି ଜଣାଯାଏ ।

୧୭) ନାଗାର୍ଜୁନ ବା ପର୍ଶୁରାମ ବେଶଃ—

କାର୍ତ୍ତିକ ମାସରେ ପଞ୍ଚକ ପାଞ୍ଚଦିନ ନ ହୋଇ ଯଦି ଛଅ ଦିନ ପଡ଼େ, ତେବେ ନାଗାର୍ଜୁନ ବେଶ ହେବାରେ ବିଧି ରହିଅଛି । ପୂର୍ଣ୍ଣମୀର ପୂର୍ବଦିନ ଏ ନାଗାର୍ଜୁନ ବେଶ କରାଯାଏ । ଏହା ଏକ ସାମରିକ ବେଶ । ମୁଣ୍ଡରେ ହାଣ୍ଡିଆ, ବଡ଼ଫୁଲ, ବାଘନଖ, ସ୍କନ୍ଧ ଦେଶରେ କାଣ୍ଡଧନୁ, ଶରପୁଂଜ, ହାତରେ ଓଳମାଳ, କଟିରେ ଢାଲ ପ୍ରଭୃତି ଶୋଭାପାଉଥାଏ । ଉତ୍‌କଳୀୟ ସାମରିକ ଅଳଙ୍କାର ଓ ଉତ୍କଳୀୟ ଢଙ୍ଗରେ ପରିଧାନ ଆଦି ଦୃଷ୍ଟିଗୋଚର ହୁଏ । ଶ୍ରୀକ୍ଷେତ୍ରରେ ସାହିଯାତ୍ରାମାନଙ୍କରେ ବଳବାନ ବ୍ୟକ୍ତିଗଣ ଏ ପ୍ରକାର ବେଶ ହୋଇ ନାନା ପ୍ରକାର କ୍ରୀଡ଼ା କୌଶଳ ଓ ରଣ କୌଶଳ ପ୍ରଦର୍ଶନ କରନ୍ତି । ଶ୍ରୀବିଷ୍ଣୁଙ୍କର ସପ୍ତମ ଅବତାର ପର୍ଶୁରାମଙ୍କ ପରି ଶ୍ରୀଜଗନ୍ନାଥଙ୍କ ଓ ଶ୍ରୀବଳଭଦ୍ରଙ୍କୁ ସଜାଇ ଦିଆଯାଏ । ପର୍ଶୁରାମ ସହସ୍ରାର୍ଜୁନ ବା ନାଗାର୍ଜୁନର ବଧ ସାଧନ କରିଥିଲେ ବୋଲି ସେହି ବୀରବେଶକୁ ପ୍ରଦର୍ଶନ କରାଯାଇଥାଏ । ଏ ବେଶ ପ୍ରତ୍ୟେକ ବର୍ଷ ହେଉ ନଥିବାରୁ ଯେତେବେଳେ ଏ ବେଶ ହୁଏ, ଲକ୍ଷ ଲକ୍ଷ ଭକ୍ତ ଧାଡ଼ିବାନ୍ଧି ଶ୍ରୀଜୀଉଙ୍କୁ ଦର୍ଶନ କରିଥାନ୍ତି ।

୧୮) ଘୋଡ଼ଲାଗି ବେଶ :—

ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ମାଘମାସ ବସନ୍ତ ପଞ୍ଚମୀ ଯାଏ ଠାକୁରମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଘୋଡ଼ ବା ଶୀତବସ୍ତ୍ର ପରିଧାନ କରନ୍ତି । ଶୀତର ଶ୍ୟତା ସ୍ୱୀକାର କରି ରବିବାରରେ ନାଲିଘୋଡ, ସୋମବାରରେ ଧଳା, ମଙ୍ଗଳବାରରେ ପାଞ୍ଚପଟିଆ, ବୁଧବାରରେ ଶାଗୁଆ, ଗୁରୁବାରରେ ହଳଦିଆ, ଶୁକ୍ରବାରରେ ଧଳାଛିଟ ଏବଂ ଶନିବାରରେ କଳାଘୋଡ ଲାଗି ହୁଏ । ଉକ୍ତ ଘୋଡ ଲାଗି ବେଶ ମଧ୍ୟରେ ମକର ଚଉରାଶୀ ମକର ଚୂଳ ଲାଗି ଅତ୍ୟନ୍ତ ସୁନ୍ଦର ଦେଖାଯାଏ । ଏହି ଘୋଡଥାଇ ବଡ଼ଶୃଙ୍ଗାରର ସମସ୍ତ ପୁଷ୍ପାଳଙ୍କାର ଲାଗି ହୁଏ । ସାତଦିନରେ ଘୋଡର ରଙ୍ଗକୁ ଜ୍ୟୋତିଷଶାସ୍ତ୍ରଜ୍ଞମାନେ ସାତ ଗ୍ରହର ପ୍ରତୀକ ବୋଲି କହିଥାନ୍ତି । ଘୋଡ଼ଲାଗି ବେଶରୁ ଠାକୁରମାନେ କିପରି ମନୁଷ୍ୟ ପରି ଆଚରଣ କରନ୍ତି ତାହା ଜଣାଯାଏ ।

୧୯) ପଡୁବେଶ :—

ମାଘ ଅମାବାସ୍ୟା ପରେ ବସନ୍ତ ପଞ୍ଚମୀ ମଧ୍ୟରେ ବୁଧବାର ବା ଶନିବାରରେ ଶ୍ରୀଜୀଉଙ୍କର ପଡୁବେଶ ହୋଇଥାଏ । ପଡୁବେଶ ମୂଳରେ ଏକ ଭକ୍ତଙ୍କର କାହାଣୀ ଅଛି । ପ୍ରାୟ ଦଶମ ଶତାବ୍ଦିର ଶେଷ ଭାଗରେ ଉଦ୍ୟୋତ କେଶରୀ ରାଜାଙ୍କ ସମୟରେ ମନ୍ତ୍ରୀ ଭବଦେବ ମନ୍ଦିର ପରିଚାଳନା ଦାୟିତ୍ୱରେ ଥାନ୍ତି । ଋଷିକୁଲ୍ୟା ତଟଦେଶରୁ ମନୋହର ଦାସ ନାମକ ଜଣେ ସାଧୁ ଘୁଲିଘୁଲି ଶ୍ରୀକ୍ଷେତ୍ର ଆସୁଥାନ୍ତି । ବାଟରେ ଏକ ପୁଷ୍କରଣୀରୁ ଅନେକ

ଗୁଡ଼ିଏ ପଦ୍ମଫୁଲ ସଂଗ୍ରହ କରି ଶ୍ରୀଜଗନ୍ନାଥଙ୍କୁ ଲାଗି କରିବାକୁ ଆସି ଶ୍ରୀକ୍ଷେତ୍ରରେ ମାଘମାସ ଅମାବାସ୍ୟାରେ ପହଞ୍ଚିଲେ । ଏ ପଦ୍ମଫୁଲ ଗୁଡ଼ିକୁ ମନ୍ତ୍ରୀ ମହୋଦୟଙ୍କୁ ଦେଇ ଜଗନ୍ନାଥଙ୍କୁ ଲାଗି କରିବାକୁ ଅନୁରୋଧ କଲେ । ଶୁଷ୍କ ଫୁଲଏ ପୁଣି ମଇଳା ଗାମୁଛାରେ ବନ୍ଧା ହୋଇଥିବାରୁ ମନ୍ତ୍ରୀ ମହୋଦୟ ଏହା ଲାଗି ହୋଇପାରିବ ନାହିଁ ବୋଲି ମନା କରିଦେଲେ । ସାଧୁ ମହାରାଜ ଏହା ଶୁଣି କାନ୍ଦି କାନ୍ଦି ମୂର୍ଚ୍ଛିତ ଅବସ୍ଥାରେ ପଡ଼ି ରହିଲେ । ରାତ୍ରିରେ ଭବଦେବଙ୍କୁ ସ୍ୱପ୍ନାଦେଶ ହେଲା ସେ ପୁଷ୍ପ ଲାଗି କରାଇବା ପାଇଁ ଏବଂ କ୍ଷୀରି ଭୋଗ କରି ସାଧୁଙ୍କୁ ସେ ଭୋଗ କ୍ଷୀରି ଭୋଜନ ଉଦ୍ଦେଶ୍ୟରେ ଦେବା ପାଇଁ । ସେହି ଶୁଷ୍କ ଫୁଲକୁ ଲାଗି କରାଗଲା ଏବଂ ପ୍ରଭୁଙ୍କ ଶ୍ରୀଅଙ୍ଗ ସ୍ପର୍ଶରେ ପଦ୍ମଗୁଡ଼ିକ ସତେଜ ହୋଇଉଠିଲା । ଭୋଗ କ୍ଷୀରି ଖାଇ ସାଧୁ ମହାରାଜ ନିଜକୁ ଧନ୍ୟ ମନେକଲେ । ଏଥିରୁ ସୂଚନା ମିଳେ ଯେ ଦ୍ରବ୍ୟ ଅପେକ୍ଷା ମନ ପ୍ରାଣ ସମର୍ପଣକୁ ମହାପ୍ରଭୁ ସାଦରେ ଗ୍ରହଣ କରିଥାନ୍ତି । ଏହି ବେଶରେ ଶୋଲରେ ତିଆରି ପଦ୍ମଫୁଲରେ ପ୍ରଭୁଙ୍କୁ ଆଚ୍ଛାଦିତ କରଯାଏ । ପଦ୍ମଫୁଲ ଶ୍ରୀଜଗନ୍ନାଥଙ୍କର ଅତି ପ୍ରିୟ । ତାଙ୍କର କର ଅରବିନ୍ଦ, ମୁଖ ଅରବିନ୍ଦ, ନେତ୍ର ଅରବିନ୍ଦ, ପାଦଅରବିନ୍ଦ ଏବଂ ସର୍ବାଙ୍ଗ ଅରବିନ୍ଦ ବୋଲି ବର୍ଣ୍ଣନା ରହିଅଛି । ବଡ଼ ସିଂହାର ଭୋଗରେ କ୍ଷୀରି ମଧ୍ୟ ପରିବେଶଣ କରାଯାଏ ।

୨୦) ଗଜୋଦ୍ଧାରଣ ବେଶ :—

ମାଘ ମାସ ପୂର୍ଣ୍ଣିମା ତିଥିରେ ଗଜୋଦ୍ଧାରଣ ବେଶ ଅନୁଷ୍ଠିତ ହୁଏ । ପୁରାଣରୁ ଜଣାଯାଏ ଯେ ଗଜକୁ କୁମ୍ଭୀର ଜଳ ମଧ୍ୟରେ ଆକ୍ରମଣ କରିବାରୁ ଗଜ ଉଦ୍ଧାର ପାଇବାର କୌଣସି ଉପାୟ ନଦେଖି ଭଗବାନଙ୍କୁ ହିଁ ପ୍ରାର୍ଥନା କରିଥିଲା । ଆର୍ତ୍ତୀ ଗଜର ଦୁଖ ନିବାରଣ କରିଥିଲେ ଶ୍ରୀ ବିଷ୍ଣୁ । ଗରୁଡ଼ ପିଠିରେ ବସି ଲକ୍ଷ୍ମୀଙ୍କୁ ସଙ୍ଗରେ ନେଇ ଗଜର ଦୁଃଖ ଦୂର କରିଥିବା ସ୍ମୃତିରେ ଶ୍ରୀଜଗନ୍ନାଥ ମାଘ ପୂର୍ଣ୍ଣିମା ଦିନ ଗଜଉଦ୍ଧାରଣ ବେଶ ହୋଇଥାନ୍ତି । ଏ ବେଶରେ ବଳଭଦ୍ର ଓ ଜଗନ୍ନାଥ ପ୍ରତ୍ୟେକ ଚତୁର୍ଭୁଜ ହୋଇଥାନ୍ତି । ଜଗନ୍ନାଥ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରନ୍ତି, ଗରୁଡ଼ ଉପରେ ବସିରହନ୍ତି ଏବଂ ତାଙ୍କ କୋଳରେ ସୁବର୍ଣ୍ଣ ମହାଲକ୍ଷ୍ମୀ ବିରାଜମାନ କରିଥାନ୍ତି । ଚୂଳ, କିରିଟୀ, ଓ ଅଳଙ୍କାର ମାନ ସୋଲ ଓ ଜରିରେ ନିର୍ମିତ ହୋଇ ଲାଗି ହୋଇଥାଏ । ବଳଭଦ୍ର ମଧ୍ୟ ଶଂଖ, ଚକ୍ର, ହଳ ଓ ମୂଷଳ ଧରି ବାସୁଦେବ ରୂପରେ ବିରାଜମାନ କରୁଥାନ୍ତି । ସୁଭଦ୍ରା କୃଷ୍ଣଙ୍କ ପରି ପାଦକୁ ଛନ୍ଦି ଏକ ପଦ୍ମ କଳିକା ଧରି ଦଣ୍ଡାୟମାନ ହୋଇଥାନ୍ତି । ଦୁଇଟି ହସ୍ତୀ ଶୁଣ୍ଡରେ ପଦ୍ମଧରି ବିପଦରୁ ରକ୍ଷା ପାଇବା ପାଇଁ ଶ୍ରୀଜଗନ୍ନାଥଙ୍କୁ ଡାକୁଥାନ୍ତି । ଏ ବେଶ ଦର୍ଶନ କରିବା ବ୍ୟକ୍ତିଙ୍କର ଦୁଃଖ ମୋଚନ ହୋଇଥାଏ ବୋଲି ବିଶ୍ୱାସ କରାଯାଇଥାଏ ।

ଉପର ବର୍ଣ୍ଣିତ ବେଶ ଛଡ଼ା ଆହୁରି ଅନେକ ବେଶ ରହିଛି ଯାହାର ବର୍ଣ୍ଣନା ଏଠାରେ କରାଯାଇନାହିଁ । ଶ୍ରାଦ୍ଧ ବେଶ, ଘୁଚେରୀ ବେଶ, ରଘୁନାଥ ବେଶ ଇତ୍ୟାଦି ମାଧ୍ୟମରେ ଭଗବାନ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ପୁଷ୍ପାଳକ ବା ସିଂହାରୀ ସେବକଗଣ ଏ ସମସ୍ତ ବେଶ କରିବାର ଦାୟିତ୍ୱ ବହନ କରି ପ୍ରଭୁଙ୍କର ସେବା କରିଥାନ୍ତି ।

ଚତୁର୍ଦ୍ଦଶ ଅଧ୍ୟାୟ

ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ

ଶ୍ରୀମନ୍ଦିର ଭିତର ବେଢ଼ା ମଧ୍ୟରେ ରୋହିଣୀ କୁଣ୍ଡର ଦକ୍ଷିଣ ପଶ୍ଚିମ କୋଣରେ ଜଗଦ୍ଧାତ୍ରୀ ବିମଳାଙ୍କ ମନ୍ଦିର ଅବସ୍ଥିତ। ଏହା ଏକ ପୁରାତନ ମନ୍ଦିର। ମୁଖ୍ୟ ମନ୍ଦିର, ଜଗମୋହନ ଏବଂ ନାଟ୍ୟ ମନ୍ଦିର ସମ୍ମୁଖରେ ରୋହିଣୀ କୁଣ୍ଡ ସଂଲଗ୍ନ ସ୍ଥାନରେ ଏକ ଗଜକୁ ସିଂହ ମାଡ଼ି ବସିଥିବାର ମୂର୍ତ୍ତି ବିଦ୍ୟମାନ। ଜୀବର ଗଜରୂପୀ ବୁଦ୍ଧିକୁ ସିଂହରୂପୀ ଆତ୍ମା ପରାହତ କରୁଥିବା ବିଷୟ ଅଥବା ଅଜ୍ଞାନକୁ ଜ୍ଞାନ କବଳିତ କରୁଥିବା ବିଷୟ ଏଥିରୁ ସୂଚୀତ ହୁଏ। ମୁଖ୍ୟ ମନ୍ଦିରରେ କଳା ମୁଗୁନି ପଥରରେ ନିର୍ମିତ ବିମଳାଙ୍କ ମୂର୍ତ୍ତି ଶୋଭାପାଏ। ମହାଦେବୀ ଚତୁର୍ଭୁଜା ଅଟନ୍ତି। ଏକ ହସ୍ତରେ ସର୍ପ, ଅନ୍ୟହସ୍ତରେ ଜୀବ ନିମ୍ନ ହସ୍ତରେ ସୁଧାପାତ୍ର ଏବଂ ଅପର ହସ୍ତରେ ଜପମାଳା ଶୋଭାପାଏ।

ବିମଳା ଜଗନ୍ନାଥଙ୍କର ମାୟାଶକ୍ତି, ବଳଭଦ୍ରଙ୍କର କ୍ରିୟାଶକ୍ତି ଏବଂ ସୁଭଦ୍ରାଙ୍କର ଇଚ୍ଛାଶକ୍ତି ଭାବରେ ପ୍ରତିପାଦିତା। ସେ ଏକାଧାରରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ। ପୀଠ ଦେବୀ ବିମଳା ଶ୍ରୀକ୍ଷେତ୍ର ରାଜେଶ୍ୱରୀ ଏବଂ ଶ୍ରୀ ପାଦ ପୀଠେଶ୍ୱରୀ। ଦେବୀ ଭାଗବତ, କାଳିକା ପୁରାଣ ଓ ଶାକ୍ତ ଗ୍ରନ୍ଥମାନଙ୍କରେ ଶାକ୍ତ ପୀଠର ବର୍ଣ୍ଣନା ପ୍ରସଙ୍ଗରେ ବିମଳ ପ୍ରଦା ବିମଳାଙ୍କର ପ୍ରସଙ୍ଗ ଆସିଥାଏ। ପୌରାଣିକ ବର୍ଣ୍ଣନାରୁ ଜଣାଯାଏ ଯେ, ଦକ୍ଷ ପ୍ରଜାପତି ଯଜ୍ଞ କରାଇବା ବେଳେ ନିଜର କନ୍ୟା ସତୀଙ୍କୁ ଓ ଜାମାତା ଶିବଙ୍କୁ ନିମନ୍ତ୍ରଣ କରି ନଥିଲେ। ଶିବପତ୍ନୀ ସତୀ ପିତାଙ୍କ ନିମନ୍ତ୍ରଣ ନପାଇଲେ ସୁଦ୍ଧା ଯଜ୍ଞ ଦେଖିବା ପାଇଁ ପିତୃ ଆଳୟକୁ ଯାତ୍ରା କଲେ। ସେଠାରେ ସେ ଶିବଙ୍କ ନିନ୍ଦା ସହ୍ୟ କରିନପାରି ଯଜ୍ଞ କୁଣ୍ଡ ମଧ୍ୟକୁ ଡେଇଁ ପଡ଼ି ପ୍ରାଣ ବିସର୍ଜନ କଲେ। ଏ ଦୁଃସମ୍ବାଦ ପାଇ ଶିବ କ୍ରୋଧରେ ସେ ସ୍ଥାନରେ ପହଞ୍ଚି ଦକ୍ଷଯଜ୍ଞ ଭଗ୍ନ କରିବା ପରେ ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ କନ୍ଧରେ ଧାରଣ କରି ତୀର୍ଥ ଭ୍ରମଣ କରିବା ଉଦ୍ଦେଶ୍ୟରେ ଯାତ୍ରା କଲେ। ଶିବଙ୍କ କ୍ରୋଧ ଯୋଗୁ ବିଶ୍ୱ ଧ୍ୱଂସ ହୋଇପାରେ ଏ ଆଶଙ୍କା ଥିବାରୁ ଦେବ ଦେବୀଗଣ ପରବ୍ରହ୍ମ ବିଷ୍ଣୁଙ୍କୁ ଏ ସଂକଟ ମୋଚନ ପାଇଁ ପ୍ରାର୍ଥନା କଲେ। ସତୀଙ୍କର ଶରୀର ଶିବଙ୍କ କାନ୍ଧରେ ଥିବା ଯାଏ ତାଙ୍କର କ୍ରୋଧ ପ୍ରଶମିତ ହେବ ନାହିଁ ବୋଲି ବିଘ୍ନର କରି ବିଷ୍ଣୁ ସୁଦର୍ଶନ ଚକ୍ରକୁ ଶିବଙ୍କ ଅଗୋରରେ ସତୀଙ୍କର ଶରୀରକୁ ଖଣ୍ଡଖଣ୍ଡ କରି କାଟି ପକାଇବାକୁ ନିର୍ଦ୍ଦେଶ ଦେଲେ। ସମସ୍ତ ଶରୀରର ବିଭିନ୍ନ ଅଂଶ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା ତାହା ଗୋଟିଏ ଗୋଟିଏ ଶକ୍ତିପୀଠ ଭାବରେ ବିଦିତ ହେଲା। ସତୀଙ୍କର ପାଦଯୁଗଳ ଶିବଙ୍କ ହସ୍ତ ମଧ୍ୟରେ ଥିବାରୁ ସୁଦର୍ଶନ କିଛି କାର୍ଯ୍ୟାନୁଷ୍ଠାନ କରିପାରିଲେ ନାହିଁ ଏବଂ ବିଷ୍ଣୁଙ୍କୁ ସେ କଥା ସୁଦର୍ଶନ ଜଣାଇଦେଲେ। ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲାମାତ୍ରେ ପାଦଯୁଗଳ

ଭୂମିରେ ପଡ଼ିଗଲା ଏବଂ ତାହାହେଲା ପାଦପୀଠ ବା ବିମଳା ପୀଠ। ଓଡ଼ିଶାରେ ବିରଜା କ୍ଷେତ୍ର ହେଉଛି ନାଭିପୀଠ ଏବଂ ପୁରୁଷୋତ୍ତମ କ୍ଷେତ୍ର ହେଉଛି ପାଦପୀଠ। ତେଣୁ ବିମଳା ଶ୍ରୀପାଦ ପୀଠେଶ୍ୱରୀ ଭାବରେ ବିଦିତା।

ଅନ୍ୟ କେତେକଙ୍କ ମତରେ ସତୀଙ୍କ ରସନା ବା ଜିହ୍ୱା ଶ୍ରୀକ୍ଷେତ୍ରରେ ପତିତ ହୋଇ ବିମଳା ପୀଠର ସୃଷ୍ଟି ହୋଇଅଛି। ଉତ୍‌ଡ଼ୀଶ ତନ୍ତ୍ର ଅନୁଯାୟୀ—

'ରସନା ଉତ୍ତରଦେଶେ ଚ ବିମଳା ପୁରୁଷୋତ୍ତମେ'।

ବିମଳା ପୀଠ ରସନା ପୀଠ ହେବା ମୂଳରେ କେତେକ ଯୁକ୍ତି ଉପସ୍ଥାପିତ ହୋଇଥାଏ। ଉତ୍‌କଳୀୟ ସ୍ତ୍ରୀମାନେ ଦେବୀ ଉପାସନା ସମୟରେ ହୁଳହୁଳି ପକାଇ ସୂଚ୍ଚଇ ଦିଅନ୍ତି ଯେ ଏହା ମହାଦେବୀଙ୍କର ପବିତ୍ର ରସନା ପୀଠ। ଅନ୍ୟ ପ୍ରଦେଶର ସ୍ତ୍ରୀ ଲୋକମାନେ ହୁଳହୁଳି ପକାଇବା ପ୍ରାୟ ବିରଳ। ସେ ଯାହାହେଉ, ବିମଳା ପୀଠ ଏକ ପ୍ରଧାନ ଶକ୍ତି ପୀଠ, ଏହା ନିଃସନ୍ଦେହ।

ମହାଦେବୀ ବିମଳା ହେଉଛନ୍ତି କୈବଲ୍ୟ ଲୋଲୁପିନୀ। ଶ୍ରୀଜଗନ୍ନାଥଙ୍କ ପ୍ରସାଦ ବିମଳାଙ୍କୁ ସମର୍ପିତ ହେଲା ପରେ ଏହା 'ମା ପ୍ରସାଦ' ବା ମହାପ୍ରସାଦ ପଦବାଚ୍ୟ ହୋଇଥାଏ। ତନ୍ତ୍ର ଶାସ୍ତ୍ରମାନଙ୍କରେ ଶିବ କହୁଥାନ୍ତି ଏବଂ ପାର୍ବତୀ ଶୁଣୁଥାନ୍ତି। ପାର୍ବତୀଙ୍କ ବିନା ଅନୁମୋଦନରେ ଶିବଙ୍କର କୌଣସି ବାକ୍ୟ ସିଦ୍ଧ ନୁହେଁ ବୋଲି ଜଣାଯାଇଥାଏ। ସେହିପରି, ଶ୍ରୀଜଗନ୍ନାଥଙ୍କ ପ୍ରସାଦ ମା' ବିମଳାଙ୍କ ଅନୁମୋଦନ ପରେ ହିଁ ମହାପ୍ରସାଦ ବୋଲି ବିବେଚିତ ହୋଇଥାଏ। ବିମଳାଙ୍କର ସ୍ୱତନ୍ତ୍ର ରୋଷଘର ନାହିଁ, ସେ ପ୍ରତ୍ୟହ ମହାପ୍ରସାଦ ସେବା କରୁଥିବା ଜଣାଯାଏ। ପୂଜା କାରିକା ଅନୁଯାୟୀ ନିମ୍ନୋକ୍ତ ମନ୍ତ୍ରରେ ବିମଳାଙ୍କୁ ସମର୍ପଣ କରଯାଏ। ଯଥା—

'କୈବଲ୍ୟ ଭୋଜିନିଦେବି ବିମଳେ ବିମଳପ୍ରଦେ।
ଗୃହଣାତୁ ହରିକୈବଲ୍ୟଂ ସୃଷ୍ଟିସ୍ଥିତ୍ୟନ୍ତ କାରିଣୀ।।'

ବିମଳାଙ୍କ କୈବଲ୍ୟ ଲାଳସାମୂଳରେ ପୌରାଣିକ ଗୂଢ଼ତତ୍ତ୍ୱ ନିହିତ ଥିବା ଜଣାଯାଏ। ଏକଦା ନାରଦ ଶ୍ରୀକୃଷ୍ଣଙ୍କ ଭୋଜନ ପରେ ତାଙ୍କ ଉଚ୍ଛିଷ୍ଟରୁ କିଛି ପ୍ରସାଦ ପାଇ ନିଜକୁ ଧନ୍ୟ ମନେ କରି ଅତି ଉଲ୍ଲାସରେ କୈଳାସରେ ପହଞ୍ଚିଲେ। ତାଙ୍କର ଉଲ୍ଲାସ ଭାବର କାରଣ ନାରଦଙ୍କଠାରୁ ବୁଝି ଶିବ କୈବଲ୍ୟ ସେବା ପାଇଁ ଲାଳାୟିତ ହେଲେ। ଦୈବାତ୍ ନାରଦଙ୍କ ଦାଢ଼ିରେ କଣିକାଏ କୈବଲ୍ୟ ଲାଗିଥିବା ଦେଖି ଶିବ ପରମ ଆନନ୍ଦରେ ତାକୁ ସେବା କଲେ ଏବଂ ଅତ୍ୟନ୍ତ ଉଲ୍ଲସିତ ହେଲେ। ନାରଦ ଓ ଶିବ ପରମାନନ୍ଦରେ ଥିବାବେଳେ ପାର୍ବତୀ ସେଠାରେ ଉପସ୍ଥିତ ହୋଇ ସମସ୍ତ ବିଷୟ ଅବହିତ ହେଲେ। ପାର୍ବତୀ ଶିବଙ୍କର ଅର୍ଦ୍ଧାଙ୍ଗିନୀ ହୋଇଥିବାରୁ କଣିକାଏ କୈବଲ୍ୟରୁ ଅଧ କଣିକାଏ ତାଙ୍କର ପ୍ରାପ୍ୟ ଥିଲା ବୋଲି କହି କୈବଲ୍ୟ ପ୍ରାପ୍ତି ପାଇଁ ତପସ୍ୟାରତ ହେଲେ। ପାର୍ବତୀଙ୍କ ତପସ୍ୟାରେ ଭଗବାନ ସନ୍ତୁଷ୍ଟ ହୋଇ ତାଙ୍କୁ କୈବଲ୍ୟ ପ୍ରଦାନ କଲେ ଏବଂ କହିଲେ ଯେ ସେ ଯେତେବେଳେ ଦାରୁବ୍ରହ୍ମ ଭାବରେ ନୀଳାଚଳରେ ବିରାଜମାନ

କରିବେ ସେତେବେଳେ ଦେବୀ ପାର୍ବତୀ ବିମଳା ରୂପରେ ସେଠାରେ ବିରାଜିତ ହେବେ ଏବଂ ପ୍ରତ୍ୟହ ତାଙ୍କୁ ପ୍ରସାଦ ସମର୍ପଣ କରାଯିବ। ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବିମଳାଙ୍କୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ସମର୍ପିତ ହେବା ପରେ ଏହା ମହାପ୍ରସାଦ ଭାବରେ ବିଦିତ ହେବ। ଦେବୀ ପାର୍ବତୀ କଣିକାଏ କୈବଲ୍ୟ ପାଇଁ ତପସ୍ୟା କରିଥିଲେ। ସତ, କିନ୍ତୁ ତାଙ୍କ ପାଇଁ ନିତ୍ୟ କୈବଲ୍ୟର ବରାଦ ହେଲା। ଏହି ପୌରାଣିକ ଉପାଖ୍ୟାନରୁ ବିମଳା କୈବଲ୍ୟ ଲୋଲୁପିନୀ ହେବାର କାରଣ ଜଣାଯାଇଥାଏ।

ବିମଳାଙ୍କୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ସମର୍ପଣ କରାଯିବା ମୂଳରେ ଅନ୍ୟ ଏକ ପୌରାଣିକ କିମ୍ବଦନ୍ତୀ ଥିବା ଜଣାଯାଏ। ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ହେବା ପୂର୍ବରୁ ବିମଳାଙ୍କ ଦ୍ୱାରା ଶ୍ରୀମନ୍ଦିର ଅଧିକୃତ ହୋଇ ରହିଥିଲା। ଶ୍ରୀଜଗନ୍ନାଥଙ୍କ ଆଗମନ ଯୋଗୁ ବିମଳା କୈବଲ୍ୟ ସେବାର ଅଧିକାର ନ ପାଇଲେ ଜଗନ୍ନାଥଙ୍କୁ ମନ୍ଦିର ପ୍ରବେଶ କରାଇ ଦେବେ ନାହିଁ ବୋଲି ଜିଦ୍ କରିବାରୁ ଶ୍ରୀଜଗନ୍ନାଥ ଏ ପ୍ରସ୍ତାବରେ ସମ୍ମତ ହେଲେ। ସେଥିପାଇଁ ବିମଳା କୈବଲ୍ୟ ଲୋଲୁପିନୀ ହେଲେ ବୋଲି ବିଶ୍ୱାସ କରଯାଏ।

ବିମଳା ଏକ ଶକ୍ତି ପୀଠ ଏବଂ ବିମଳା ଆଦ୍ୟାଶକ୍ତି, ଯୋଗମାୟା ଅଟନ୍ତି। ଭାରତରେ ସମସ୍ତ ଶକ୍ତି ପୀଠରେ ଭଗବାନ ଶଙ୍କର ହେଉଛନ୍ତି ଭୈରବ ଏବଂ ଶକ୍ତି ହେଉଛନ୍ତି ଭୈରବୀ 'ଶିବ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ ଶ୍ଲୋକରୁ ଶିବ ଓ ଶିବାଙ୍କ ଅଭେଦ ସମ୍ପର୍କ ସୂଚୀତ ହୁଏ। ଶିବଙ୍କ ସହ ଶିବପତ୍ନୀ ଦୁର୍ଗାଙ୍କର ସଂଯୋଗ ସ୍ୱାଭାବିକ। ମାତ୍ର ଶ୍ରୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ ଭୈରବ ହେଲାବେଳେ ମହାଦେବୀ ବିମଳା ହେଉଛନ୍ତି ଭୈରବୀ। ସେଥିପାଇଁ ଯଥାର୍ଥରେ କୁହାଯାଇଅଛି-

'ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ'

ବିମଳାଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ସଂଯୋଗ ସମସ୍ତଙ୍କ ମନରେ ବିସ୍ମୟ ସୃଷ୍ଟି କରେ। ଶକ୍ତି ଉପାସକ ସାରଳା ଦାସ ମହିଷ ମର୍ଦ୍ଦିନୀ ଶାରଳାଙ୍କୁ ପରମ ବୈଷ୍ଣବୀ ତଥା ବିଷ୍ଣୁ ବଲ୍ଲଭୀ ରୂପେ ବର୍ଣ୍ଣନା କରି ଅଛନ୍ତି। ତାଙ୍କ ରଚିତ ମହାଭାରତରେ ବର୍ଣ୍ଣନା ଅଛି,

'ଜୟ ଜୟ ଶାରଳା ଗୋ ବିଷ୍ଣୁର ବଲ୍ଲଭୀ।
ଜୟ ଜୟ ଶାରଳା ଗୋ ପରମ ବୈଷ୍ଣବୀ।।'

ସେହିପରି ବିମଳାଷ୍ଟକରେ ବର୍ଣ୍ଣନା ଅଛି—

'ଗୋବିନ୍ଦାଙ୍ଗବିହାରିଣୀ ଗୋ ଜନନୀ ଯଜ୍ଞୋଦ୍ଭବାଶୁକରୀ'

ସେ ଯାହା ହେଉନା କାହିଁକି, ମହାଦେବୀ ବିମଳା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କ ଶକ୍ତି। ଶକ୍ତି ଓ ଶକ୍ତିବାନ୍ ମିଳିତ ହେବା ସେମାନଙ୍କର ପୂଜୋଦ୍ଭବ ଏକତ୍ର କରାହେବା ଶ୍ରୀକ୍ଷେତ୍ରର ବୈଶିଷ୍ଟ୍ୟ।

ଦୁର୍ଗାମାଧବ ଉପାସନାଃ– ଦୁର୍ଗାମାଧବ ଉପାସନା ଶ୍ରୀ କ୍ଷେତ୍ରର ବୈଶିଷ୍ଟ୍ୟ । ଦୁର୍ଗାପୂଜା ସମୟରେ ଏ ଉପାସନା କରାଯାଇଥାଏ । ଦୁର୍ଗାପୂଜା ସମଗ୍ର ଭାରତର ଏକ ପ୍ରସିଦ୍ଧ ପୂଜା ଉତ୍ସବ ଅଟେ । ଏହା ଶରତ କାଳରେ ଓ ବସନ୍ତ କାଳରେ ଅନୁଷ୍ଠିତ ହୋଇଥାଏ । ବସନ୍ତ କାଳରେ ଅନୁଷ୍ଠିତ ହେଉଥିବା ଉତ୍ସବ ଚୈତ୍ର ଶୁକ୍ଳ ପ୍ରତିପଦା ଠାରୁ ଆରମ୍ଭ ହୋଇ ନବଦିନ ବ୍ୟାପୀ ହୋଇଥାଏ । ଶରତ କାଳରେ ଅର୍ଥାତ୍ ଆଶ୍ୱିନ ମାସରେ ଏହା ଷୋଡ଼ଶ ଦିନ ବ୍ୟାପୀ ହୋଇଥାଏ ଏବଂ ଏହି ଶରତ କାଳୀନ ଦୁର୍ଗୋତ୍ସବ ବିଶେଷ ଭାବରେ ଅନୁଷ୍ଠିତ ହୋଇଥାଏ। ଦୁର୍ଗା ଶବ୍ଦର ବ୍ୟାଖ୍ୟା ମହର୍ଷି ବ୍ୟାସଦେବ ପ୍ରଦାନ କରିଅଛନ୍ତି । ଦୁର୍ଗା ଶବ୍ଦର ଅର୍ଥ ହେଉଛି କାରଣ, ସୂକ୍ଷ୍ମ ଓ ସ୍ଥୂଳ ନାମକ ଶରୀର ତ୍ରୟ ବା ପଞ୍ଚକୋଷ । ଶାସ୍ତ୍ରରେ ବର୍ଣ୍ଣନା ଅଛି ଯେ ତିନିଗୋଟି ଶରୀର ମଧ୍ୟରେ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ। ଏହିପରି ପାଞ୍ଚଗୋଟି କୋଷ ରହିଅଛି । ଏହି ଶରୀର ଓ କୋଷଗୁଡ଼ିକୁ ଦୁର୍ଗ ବୋଲି କୁହାଯାଏ। ତାହାଦ୍ୱାରା ଯେଉଁ ଆର୍ତ୍ତି ବା କ୍ଲେଶ ମିଳେ ତାହା ହେଉଛି ଦୁର୍ଗାର୍ତ୍ତି । ସେହି ଦୁର୍ଗାର୍ତ୍ତିକୁ ସ୍ୱରୂପ ପ୍ରକାଶ ଦ୍ୱାରା ନାଶ କରୁଥିବାରୁ ଦୁର୍ଗା ଦୁର୍ଗାର୍ତ୍ତିନାଶିନୀ। ପୁନଶ୍ଚ, ଦେବତାମାନେ ସ୍ତୁତି କରି କହି ଅଛନ୍ତି । 'ଦୁର୍ଗାଽସି ଦୁର୍ଗଭବସାଗର ନୌରସଙ୍ଗା', ଅର୍ଥାତ୍, ହେ ଦେବି ! ଆପଣ ଦୁର୍ଗରୂପକ ସଂସାର ସମୁଦ୍ରକୁ ପାର ହେବାପାଇଁ ନୌକା ସ୍ୱରୂପ ହୋଇଥିବାରୁ ଆପଣଙ୍କ ନାମ ଦୁର୍ଗା ଅଟେ । ତେଣୁ ଚୈତନ୍ୟ ରୂପରେ ବିରାଜିତା, ଜ୍ଞାନ, ବୁଦ୍ଧି ରୂପରେ ବିରାଜିତା ଦେବୀ ଦୁର୍ଗାଙ୍କୁ ଅଜ୍ଞାନ, ଦୁଃଖ, କ୍ଲେଶର ବିନାଶ ସାଧନ ପାଇଁ ଆରାଧନା କରାଯାଏ ।

ଦୁର୍ଗାମାଧବ ଉପାସନା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ସେହି ମାସ ଶୁକ୍ଳପକ୍ଷ ନବମୀ ତିଥି ପର୍ଯ୍ୟନ୍ତ ଶ୍ରୀ ମନ୍ଦିରରେ ପାଳିତ ହୁଏ। ଏହା ଷୋଡ଼ଶ ଦିନ ବ୍ୟାପୀ ହେଉଥିବାରୁ ଏହାକୁ ଷୋଡଶ ପୂଜା ବା ଷୋଳ ପୂଜା ବୋଲି କୁହାଯାଇଥାଏ । ଅଷ୍ଟମୀ ଦିନ ଦୁର୍ଗାପୂଜା ନିମିତ୍ତ ଦେବୀ ସୁଭଦ୍ରାଙ୍କୁ ପ୍ରାର୍ଥନା କରାଯାଏ। ଧୂପ ବଢ଼ିବା ପରେ ସୁବର୍ଣ୍ଣ ଦୁର୍ଗାମୂର୍ତ୍ତି ସିଂହାସନରେ ବିଜେ ହୁଅନ୍ତି ଏବଂ ଆଜ୍ଞାମାଳ ପାଇ ମାଜଣାମଣ୍ଡପରେ ପଲ୍ୟଙ୍କ ଉପରେ ବିରାଜମାନ କରନ୍ତି। ପଣ୍ଡା, ପତି, ମୁଦିରସ୍ତ ଏବଂ ଆଚାର୍ଯ୍ୟ ଏକଶହ ଆଠ ଗରା ଜଳରେ ବନଦୁର୍ଗା ମନ୍ତ୍ରରେ ଦେବୀଙ୍କୁ ଅଭିଷେକ କରନ୍ତି । ଶୀତଳ ଭୋଗ, ପ୍ରସାଦ ଲାଗି, ବନ୍ଦାପନା ପରେ ମହାଦେବୀଙ୍କୁ ଭଣ୍ଡାର ଦ୍ୱାରରେ ବିଜେ କରାଯାଏ । ମାଧବ ଆଜ୍ଞାମାଳ ପାଇ ଭଦ୍ରାସନରେ ଦୁର୍ଗାଙ୍କ ସହ ଏକତ୍ର ରୁନ୍ଧା ବା ମିଳିତ ହୁଅନ୍ତି । ଦୁର୍ଗାମାଧବ ରଥରେ ବିଜେ ହୋଇ ଷୋଳ ପୂଜାର ପ୍ରଥମ ଆଠଦିନ ବିମଳାଙ୍କ ମନ୍ଦିରରେ ଏକ ପଲ୍ୟଙ୍କ ଉପରେ ବସନ୍ତି ଏବଂ ଶ୍ରୀ ଜଗନ୍ନାଥଙ୍କ ରାତ୍ରି ଚନ୍ଦନ ଲାଗି ପରେ ବିମଳାଙ୍କ ମନ୍ଦିରରୁ ବାହୁଡା ବିଜେ କରନ୍ତି । ଶେଷ ଆଠଦିନ ଦୋଳମଣ୍ଡପ ସାହିସ୍ଥ ନାରାୟଣୀଙ୍କ ମନ୍ଦିରକୁ ଦୁର୍ଗା ଓ ମାଧବ ରଥରେ ଯାତ୍ରା କରିଥାନ୍ତି । ଏଠାରେ ବନ୍ଦାପନା ହୁଏ, ଶୀତଳ ଭୋଗ ବଢ଼େ ଏବଂ ଜଗନ୍ନାଥଙ୍କ ରାତ୍ରି ଚନ୍ଦନ ଲାଗିପରେ ସେମାନେ ଶ୍ରୀମନ୍ଦିରକୁ ବାହୁଡ଼ା ଯାତ୍ରା କରିଥାନ୍ତି । ମହାସପ୍ତମୀ, ମହା ଅଷ୍ଟମୀ ଏବଂ ମହାନବମୀ ତିଥିରେ ବିମଳାଙ୍କ

ମନ୍ଦିର ପାଖରେ ଏକ ଅସ୍ଥାୟୀ ପାକଶାଳା ନିର୍ମାଣ କରାଯାଇ ଅନ୍ନ ବ୍ୟଞ୍ଜନ ଆଦି ପ୍ରସ୍ତୁତ ହୁଏ । ଆମିଷ ମଧ୍ୟ ସେଠାରେ ରୋଷ କରାଯାଏ ଏବଂ ତିନିଦିନ ପଶୁତ୍ୱ ବଳି ଦିଆଯାଇଥାଏ । ମହାଦେବୀଙ୍କୁ ଦଶବାଧା ଦୂର କରିବା ପାଇଁ ପ୍ରାର୍ଥନା କରାଯାଇଥାଏ । ଦଶବାଧା ହେଲା,

'ଆତ୍ମଗ୍ଲାନି ଅସୂୟା ଚ ଈର୍ଷାଦ୍ୱେଷ ପରୋକ୍ଷବାକ୍ ।
ମିଥ୍ୟା କ୍ରୋଧାଭିମାନଞ୍ଚ ଅହଂତ୍ୱଂ ନାସ୍ତିକମତମ୍ ।
ଦଶବାଧା ମିତିପ୍ରୋକ୍ତା ନଶ୍ୟନ୍ତୁ ମମ ସର୍ବଦା ।।'

ଦଶହରା ଦିନ ଶ୍ରୀ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ସୁନା ବେଶ ବା ରାଜାବେଶ ହୋଇ ବିଜୟ ଉତ୍ସବ ପାଳନ କରିଥାନ୍ତି । ଉକ୍ତ ଦିନ ରାମ, କୃଷ୍ଣ ଓ ମଦନମୋହନ ବୀର ବେଶ ହୁଅନ୍ତି । ରାମ, କୃଷ୍ଣ, ମଦନମୋହନ, ଓ ଦୁର୍ଗାମାଧବ ରତ୍ନ ସିଂହାସନରେ ବିଜେ ହୋଇ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ଲାଭ କରି ବଟବୃକ୍ଷ ମୂଳକୁ ଯାଆନ୍ତି । କଲ୍ପବଟ ମୂଳରେ ଥିବା ପାଲିଙ୍କିରେ ରାମ ଓ କୃଷ୍ଣ, ରଥରେ ଦୁର୍ଗାମାଧବ ଏବଂ ବିମାନରେ ମଦନମୋହନ ବିଜେ କରି ଜଗନ୍ନାଥ ବଲ୍ଲଭମଠକୁ ପଟୁଆରେ ବିଜୟଯାତ୍ରା କରିଥାନ୍ତି । ସେଠାରେ ପ୍ରସାଦ ଲାଗି ହୁଏ ଏବଂ ବନ୍ଦାପନା ଆଦି ନୀତି ବଢ଼ିଲାପରେ ଠାକୁରମାନଙ୍କର ବାହୁଡ଼ା ବିଜେ ହୋଇଥାଏ । ଶ୍ରୀ ମନ୍ଦିରକୁ ଆସିବା ପରେ ମାଧବଙ୍କୁ ରତ୍ନସିଂହାସନରେ, ଦୁର୍ଗାଙ୍କୁ ଭଣ୍ଡାର ଘରେ ଏବଂ ରାମ, କୃଷ୍ଣ, ମଦନମୋହନଙ୍କୁ ଦକ୍ଷିଣ ଘରେ ବିଜେ କରାଯାଏ । ଏ ଯାତ୍ରା ଶାକ୍ତ ଗୁଣ୍ଡିଚା ନାମରେ ବିଦିତ ।

ଷୋଳ ପୂଜା ଭିତରେ ଏଗାରଦିନ ବିମଳାଙ୍କୁ ଭୁବନେଶ୍ୱରୀ, ବନଦୁର୍ଗା, ରାଜରାଜେଶ୍ୱରୀ, ଉଗ୍ରତାରା, ମତଙ୍ଗିନୀ, ବଗଳା, ନାରାୟଣୀ, ସିଂହ ବାହିନୀ, ଜୟଦୁର୍ଗା, ଶ୍ୱଳୀଦୁର୍ଗା ଓ ହରଚଣ୍ଡୀ ରୂପରେ ବେଶ କରାଯାଏ । ଉପରୋକ୍ତ ଦୁର୍ଗାମାଧବ ଉପାସନାରୁ ମହାଦେବୀ ବିମଳା ବା ଦୁର୍ଗା ଏବଂ ଜଗନ୍ନାଥ ବା ମାଧବଙ୍କ ଅଭେଦ ସମ୍ପର୍କ ପ୍ରତିପାଦିତ ହୁଏ। ଜଗନ୍ନାଥ ଜଗଦୀଶ୍ୱର ହେଲେ ବିମଳା ଜଗଦୀଶ୍ୱରୀ, ସେ ଦାରୁବ୍ରହ୍ମ ତ ଏ ବ୍ରହ୍ମମୟୀ, ଜଗନ୍ନାଥ ବେଦ ସ୍ୱରୂପ ହେଲେ ବିମଳା ଗାୟତ୍ରୀ, ଏବଂ ଜଗନ୍ନାଥ ଶିବ ହେଲେ ବିମଳା ଶକ୍ତି । ସେହିପରି ଜଗନ୍ନାଥ ନାରାୟଣ ହେଲେ ବିମଳା ନାରାୟଣୀ ଏବଂ ଜଗନ୍ନାଥ ଯଦି ମହାଶୂନ୍ୟ ହୁଅନ୍ତି ମା ବିମଳା ହେଉଛନ୍ତି ପରାପୃଥିବୀ । ସର୍ବୋପରି ଜଗନ୍ନାଥ ଶ୍ରୀକ୍ଷେତ୍ର ରାଜେଶ୍ୱର ହେଲେ ବିମଳା ହେଉଛନ୍ତି ଶ୍ରୀ କ୍ଷେତ୍ର ରାଜେଶ୍ୱରୀ । ତେଣୁ ଦୁର୍ଗା ମାଧବଙ୍କୁ ଅନ୍ୟ ଅର୍ଥରେ ବିମଳା ଓ ଜଗନ୍ନାଥଙ୍କୁ ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ ଏବଂ ପରମ ପଦ ପ୍ରାପ୍ତି ପାଇଁ ପ୍ରାର୍ଥନ କରାଯାଇଥାଏ । ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ଦୁର୍ଗା ମାଧବଙ୍କ ନାମ ସ୍ମରଣ କରାଯାଏ ସେଥିପାଇଁ ଯଥାର୍ଥରେ କୁହାଯାଇଛି,

'ଯୋ ଦୁର୍ଗାମାଧବଂ ନିତ୍ୟଂ ସ୍ମରତି ଶ୍ରଦ୍ଧୟାନ୍ୱିତଃ
ସର୍ବବିଘ୍ନ ଭୟଂ ତେଷାଂ ବିନଶ୍ୟନ୍ତି ପଦେ ପଦେ
x x x x x x x x x x x x x x x x x x x
ଦୁର୍ଗାମାଧବ ସଂଚିନ୍ତ୍ୟ ସର୍ବକାର୍ଯ୍ୟ ସମାଚରେତ
ଦୁର୍ଗା ବିଘ୍ନହୃତା ଦେବୀ ମାଧବ ଶୁଭଦାୟକଃ

ଦୁର୍ଗା ବିଘ୍ନ ନାଶନକାରୀ ଏବଂ ମାଧବ ଶୁଭପ୍ରଦ ହୋଇଥିବାରୁ ସମସ୍ତ ମାଙ୍ଗଳିକ କାର୍ଯ୍ୟ ବେଳେ ଦୁର୍ଗା ମାଧବଙ୍କୁ ସ୍ମରଣ କରାଯିବା ବିଧି ।

ସପ୍ତଶତୀ ଚଣ୍ଡୀରେ ମା ଦୁର୍ଗାଙ୍କୁ 'ଯା ଦେବୀ ସର୍ବ ଭୂତେଷୁ ବିଷ୍ଣୁ ମାୟେତି ଶବ୍ଦିତା, ନମସ୍ତସ୍ୟୈ ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋ ନମଃ' ବୋଲି କହି ପ୍ରଣିପାତ କରିବାର ବିଧି ଅଛି । ମା ଦୁର୍ଗା ବା ବିମଳା ଶ୍ରୀ ଜଗନ୍ନାଥଙ୍କର ମାୟା ଶକ୍ତି ଏବଂ ଶକ୍ତି ସ୍ୱରୂପିଣୀ । ସେ ବୈଷ୍ଣବୀ ଶକ୍ତି । ଚଣ୍ଡୀରେ କୁହାଯାଇ ଅଛି ଯେ,

'ତ୍ୱଂ ବୈଷ୍ଣବୀ ଶକ୍ତି ଅନନ୍ତବୀର୍ଯ୍ୟା
ବିଶ୍ୱସ୍ୟ ବୀଜଂ ପରମାସି ମାୟା
ସମ୍ମୋହିତଂ ଦେବି ସମସ୍ତମେତତ୍
ତ୍ୱଂ ବୈ ପ୍ରସନ୍ନା ମୁବିମିକ୍ତିହେତୁଃ ।।'

ଅନ୍ୟ କେତେକ ଗବେଷକଙ୍କ ମଧ୍ୟରେ ଦୁର୍ଗା ବା ବିମଳା ଏବଂ ଶ୍ରୀ ଜଗନ୍ନାଥ ଏକ ତଥା ଅଭିନ୍ନ । ଯଥାର୍ଥରେ କୁହାଯାଇଛି,

'ଏକୈବ ଶକ୍ତି ପରମେଶ୍ୱରସ୍ୟ
ଭିନ୍ନା ଚତୁର୍ଦ୍ଧା ବିନିଯୋଗ କାଳେ ।

ଭୋଗେ ଭବାନୀ ପୁରୁଷେଷୁ ବିଷ୍ଣୁଃ
କୋପେ ଚ କାଳୀ ସମରେଚ ଦୁର୍ଗା ।।'

ଅର୍ଥାତ୍, ପରମେଶ୍ୱରଙ୍କର ଏକମାତ୍ର ଶକ୍ତି ପ୍ରୟୋଗ ବେଳେ ଘ୍ରିଭାଗରେ ବିଭକ୍ତ ହୋଇଥାଏ । ପରମେଶ୍ୱର ଉପଭୋଗ କରିବାକୁ ଇଚ୍ଛା କଲେ ସେ ଭବାନୀ ରୂପ ଗ୍ରହଣ କରନ୍ତି । ପୌରୁଷତ୍ୱ ପ୍ରଦର୍ଶନ ବେଳେ ସେ ସ୍ୱୟଂ ବିଷ୍ଣୁ, କୋପ ପ୍ରଦର୍ଶନ ବେଳେ ତାଙ୍କର କାଳୀ ରୂପ ଏବଂ ସମର କଲାବେଳେ ସେ ସ୍ୱୟଂ ଦୁର୍ଗା । ଅତଏବ, ଦୁର୍ଗା (ବିମଳା), ଓ ବିଷ୍ଣୁ ଏକ ତଥା ଅଭିନ୍ନ । ଅନ୍ୟ ଏକ ଉପାଖ୍ୟାନରୁ ଦୁର୍ଗା ହିଁ ବିଷ୍ଣୁ, ତାହା ପ୍ରତିପାଦିତ ହୋଇଥାଏ । ସାଗର ମନ୍ଥନରୁ ଆବିଷ୍କୃତ ଅମୃତ ଭକ୍ଷଣ ପାଇଁ ଦେବ-ଦାନବ ମିଳିତ ହୋଇଥିଲେ । ବିଷ୍ଣୁ ଏକ ଭୁବନ

ମୋହିନୀ ଅନିନ୍ଦ୍ୟ ସୁନ୍ଦରୀ ରୂପ ଧରି ଦେବତାଙ୍କୁ ଅମୃତ ପରିବେଷଣ କରିଥିଲେ । ଭଗବାନ ଶଙ୍କର ବିଷ୍ଣୁଙ୍କ ମାୟାକୁ ବୁଝି ନ ପାରି ସେ ଅନିନ୍ଦ୍ୟ ରୂପରେ ପ୍ରଲୁବ୍ଧ ହୋଇ ତାଙ୍କର ପଶ୍ଚାଦ୍ଧାବନ କଲେ । ଦେବ ଦେବ ମହାଦେବଙ୍କ ମନୋଭାବ ବିଷ୍ଣୁ ବୁଝି ପାରି କହିଥିଲେ ''ମହିଷାସୁରର ଅତ୍ୟାଗ୍ଭରରେ ଯେତେବେଳେ ବିଶ୍ୱରେ ଆତଙ୍କ ସୃଷ୍ଟି ହେବ ସେତେବେଳେ ସମସ୍ତ ଦେବ ଦେବୀଙ୍କ ଶକ୍ତି ନେଇ ମୁଁ ଦୁର୍ଗା ନାମରେ ଅବତୀର୍ଣ୍ଣ ହେବି । ସେ ସମୟରେ ହିଁ ତୁମେ ମୋତେ ପତ୍ନୀ ଭାବରେ ପାଇ ପାରିବ'' । ଏ ଉପାଖ୍ୟାନରୁ ମହାଦେବୀ ଦୁର୍ଗା ବା ବିମଳା ହିଁ ସ୍ୱୟଂ ବିଷ୍ଣୁ, ଏହା ପ୍ରମାଣିତ ହୁଏ ।

ନାନା ମୁନିନାଂ ନାନା ମତ । ମହାଦେବୀ ଦୁର୍ଗା ବା ବିମଳା ଶିବଙ୍କର ପତ୍ନୀ ହୁଅନ୍ତୁ, ବିଷ୍ଣୁଙ୍କର ମାୟାଶକ୍ତି ହୁଅନ୍ତୁ ଅଥବା ବିଷ୍ଣୁଙ୍କର ଅନ୍ୟ ରୂପ ହୁଅନ୍ତୁ ସେ ଦୁର୍ଗାର୍ତ୍ତିନାଶିନୀ ତଥା ବିମଳ ଯଶ ଦାୟିନୀ । ଅନନ୍ତମୟୀ ବ୍ରହ୍ମମୟୀ ଭଗବତୀ ଦୁର୍ଗା ଏବଂ ସଚ୍ଚିଦାନନ୍ଦ ଘନବିଗ୍ରହ ମାଧବଙ୍କ ଯୁଗଳ ଉପାସନାରୁ ବୈଷ୍ଣବ ଓ ଶାକ୍ତ ଧର୍ମର ଏକ ଅପୂର୍ବ ମିଳନର ସୂଚନା ମିଳେ । ବିମଳା ପୀଠ ଏକ ପ୍ରାଚୀନ ତଥା ପ୍ରଧାନ ଶକ୍ତି ପୀଠ । ଜଗନ୍ନାଥଙ୍କ ପ୍ରାଚୀନତା ସହିତ ଏହା ତୁଳନୀୟ । କପିଳ ସଂହିତାରେ ବର୍ଣ୍ଣନା ଅଛି,

'ବଟସ୍ୟ ଦଶତିମେ ଭାଗ ବିମଳା ବିମଳପ୍ରଦା
ତସ୍ୟା ଦର୍ଶନମାତ୍ରେଣ ବିଦ୍ୟାବାନ ଜାୟତେ ନରଃ' ।।

ମହାଦେବୀ ବିମଳାଙ୍କୁ ଦର୍ଶନ କଲେ ଜଣେ ବିଦ୍ୟାବାନ ତ ହୁଏ, ଶକ୍ତି ହୀନ ମଧ୍ୟ ଶକ୍ତି ଲାଭ କରେ । ମହାଦେବୀ ବିମଳା ଏକାଧାରରେ ମହାକାଳୀ ମହାଲକ୍ଷ୍ମୀ ଓ ମହା ସରସ୍ୱତୀ, ଏହା ନିଃ ସନ୍ଦେହରେ କୁହାଯାଇ ପାରେ ।

ପଞ୍ଚଦଶ ଅଧ୍ୟାୟ

ଭକ୍ତସମାଜ ଏବଂ ଶ୍ରୀଜଗନ୍ନାଥ

ସାଧୁସନ୍ଥ ତଥା ଭକ୍ତଗଣ ଶ୍ରୀଜଗନ୍ନାଥଙ୍କର ଅପାର କରୁଣା ଲାଭ କରି ଅସାଧ୍ୟ ସାଧନ କରିଥିବା ଘଟଣା ପୁରାଣ, ଇତିହାସ ଓ ସେମାନଙ୍କ ଜୀବନୀରୁ ସୂଚନା ମିଳେ। ଶ୍ରୀମଦ୍ ଭଗବତ୍ ଗୀତାର ଷଷ୍ଠ ଅଧ୍ୟାୟ ଜ୍ଞାନ ଯୋଗରେ ଭଗବାନଙ୍କର 'ମୁଖ ନିସୃତ' ବାଣୀ ହେଲା,

''ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନ
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସେ ମେ ଯୁକ୍ତ ତମୋ ମତଃ।।''

ଅର୍ଥାତ୍ ଅନ୍ତରାତ୍ମା ବା ମନକୁ ମୋଠାରେ ନିବିଷ୍ଟ କରି ଶ୍ରଦ୍ଧାର ସହିତ ମୋତେ ଯେ ଭଜନ କରେ, ସେ ଯୋଗୀ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ମୁଁ ମନେ କରେ। ବ୍ରହ୍ମଜ୍ଞାନ ଓ ଧ୍ୟାନଯୋଗ ସାଧନା ଦୁଃସାଧ୍ୟ ମାର୍ଗ। ତେଣୁ ସାଧାରଣ ଲୋକଙ୍କ ପକ୍ଷରେ ଈଶ୍ୱର ବିଶ୍ୱାସ, ଈଶ୍ୱର ଭକ୍ତି ଓ ଈଶ୍ୱର ଭଜନ ଏକ ସୁଗମ ତଥା ଶ୍ରେଷ୍ଠପନ୍ଥା ଅଟେ। ଏପ୍ରକାର ଭକ୍ତମାନଙ୍କର ଈଶ୍ୱର ସର୍ବସ୍ୱ ଜୀବନ ଅଟେ। ସେମାନେ ସମସ୍ତ କର୍ମ ପ୍ରଭୁଙ୍କ ନିକଟରେ ସମର୍ପଣ କରି ବିଶ୍ୱରୂପ ପରମାତ୍ମାଙ୍କୁ ଏକମାତ୍ର ଆଲମ୍ବନ ରୂପେ ଆଶ୍ରୟ କରିଥାନ୍ତି ଏବଂ ସେମାନଙ୍କର କର୍ତ୍ତବ୍ୟକୁ ନିଷ୍ଠା ତଥା ଆନ୍ତରିକତାର ସହିତ ତୁଲାଇଥାନ୍ତି। ଏଭଳି ସାଧୁ ସନ୍ଥ ଓ ଭକ୍ତଙ୍କ ସଂଖ୍ୟ ଅବଶ୍ୟ ଖୁବ୍ କମ୍। ତଥାପି ସେମାନଙ୍କ ମଧ୍ୟରୁ କେତେକଙ୍କ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା କରିବା ଉକ୍ତ ଅଧ୍ୟାୟର ମୂଳ ଲକ୍ଷ୍ୟ 'ଭଗବାନ ଯୁଗେ ଯୁଗେ ଭକ୍ତର ଏବଂ ଭକ୍ତ ମଧ୍ୟ ଯୁଗେ ଯୁଗେ ପରମେଶ୍ୱରଙ୍କର ଭଗବାନ ଭକ୍ତଙ୍କୁ ଆଶ୍ରୟ ଦେଇ ଆସିଛନ୍ତି ଓ ନାନା ବିପଦ ଆପଦରୁ ଆଶ୍ଚର୍ଯ୍ୟଜନକ ଭାବରେ ଉଦ୍ଧାର କରିଥିବା ଘଟଣା ପୌରାଣିକ କିମ୍ବଦନ୍ତୀରୁ ସୂଚନା ମିଳେ। ଗଜେନ୍ଦ୍ର ପକ୍ଷୀକୁ ଭଗବାନ ଘଷ୍ଟ ଘୋଡ଼ାଇ ରଖିବା, କୁରୁସଭାରେ ବିବସ୍ତ୍ରା ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ଦାନ କରିବା, ଭକ୍ତ ଧ୍ରୁବ ଓ ପ୍ରହ୍ଲାଦଙ୍କୁ ବିପଦମୁକ୍ତ କରି ଐଶ୍ୱର୍ଯ୍ୟ ପ୍ରଦାନ କରିବା ଏବଂ ପରମଭକ୍ତ ଶ୍ରୀବତ୍ସ ବ୍ରାହ୍ମଣଙ୍କ ଗୋଇଠା ମାଡ଼କୁ ଚନ୍ଦନ ପରି ଶ୍ରୀ ଅଙ୍ଗରେ ଧାରଣ କରି ରଖିବା ଆଦି ଅସଂଖ୍ୟ ଉପାଖ୍ୟାନ ରୁ ସୂଚନା ମିଳେ ଯେ ଭଗବାନ ଯୁଗେ ଯୁଗେ ଭକ୍ତବତ୍ସଳ। ସେହିପରି, ଭକ୍ତ କବି ଜୟଦେବ, ଅତିବଡ଼ି ଜଗନ୍ନାଥ ଦାସ, ଭକ୍ତକବି ବଳରାମ ଦାସ, ଭକ୍ତକବି ଦୀନକୃଷ୍ଣ ଦାସ, ଯବନ କବି ସାଲବେଗ, ବାଲିଗାଁ ଦାସିଆ ବାଉରୀ, ଭକ୍ତ ବଂଧୁ ମହାନ୍ତି, ରାଜକୁମାରୀ ବିଷ୍ଣୁପ୍ରିୟା, ଭକ୍ତ ଗୀତାପଣ୍ଡା, ଗଣପତି ଭଟ୍ଟ ଏବଂ ସନ୍ଥ ତୁଳସି ଦାସ, ଭକ୍ତ ଚୈତନ୍ୟ ଓ ଗୁରୁନାନକ ଆଦି ପ୍ରଭୁଙ୍କ କୃପାରୁ ଉଚ୍ଚକୋଟିର କବି, ଭାବୁକ, ସିଦ୍ଧ ପୁରୁଷ ଓ ସର୍ବୋପରି ସମସ୍ତଙ୍କର ଆଦର୍ଶ ଭାବରେ ପରିଗଣିତ ହୋଇ ଆସୁଥିଛନ୍ତି। ଏମାନେ ସମସ୍ତେ ନିଜକୁ ନିମିତ୍ତ ମାତ୍ର ବୋଲି ମନ ଓ ହୃଦୟରେ ଧାରଣା କରିଥିବାରୁ ମହାପ୍ରଭୁଙ୍କର ଅତି ପ୍ରିୟପାତ୍ର ହୋଇ ପାରିଛନ୍ତି। ପ୍ରଭୁଙ୍କ ଭାଷାରେ, '' ଯୋମଦ୍ ଭକ୍ତଃ ସ ମେ ପ୍ରିୟଃ'' ବା

''ଭକ୍ତିମାନ୍ ଯଃ ସମେ ପ୍ରିୟଃ''। ପ୍ରଭୁଙ୍କର ଅତି ନିକଟତମ, ଅତି ପ୍ରିୟ ହୋଇ ସୁଦ୍ଧା ଯଦି ସାମାନ୍ୟ ଅହଂଭାବ ମନରେ ସ୍ପର୍ଶ କରିଛି, ଶ୍ରୀଜଗନ୍ନାଥ ତା'ର ଗର୍ବଗଞ୍ଜନ କରି ତାକୁ ଲଜ୍ଜିତ, ଅପଦସ୍ତ କରିବାକୁ କୁଣ୍ଠାବୋଧ କରିନାହାନ୍ତି। ମନୁଷ୍ୟ କିବା ଛାର, ପ୍ରଭୁଙ୍କର ବାହନ ଗରୁଡ଼ ଆୟୁଧ ସୁଦର୍ଶନ ଚକ୍ର ଓ ପୀଠଦେବୀ ଚର୍ଚ୍ଚିକାଙ୍କର ମଧ୍ୟ ଗର୍ବ ଗଞ୍ଜନ ହୋଇଥିବା ବିଷୟ ଔପୌରାଣିକ ଉପାଖ୍ୟାନରୁ ସୂଚନା ମିଳେ। ଏ ସମ୍ବନ୍ଧରେ ମଧ୍ୟ ଉକ୍ତ ଅଧ୍ୟାୟରେ ସମ୍ୟକ୍ ସୂଚନା ଦିଆଯାଇଅଛି।

ଭକ୍ତକବି ଜୟଦେବଃ— ଜୟଦେବ ପୁରୀ ଜିଲ୍ଲା ପ୍ରାଚୀନଦୀ କୂଳରେ ଅବସ୍ଥିତ କେନ୍ଦୁଳି ଶାସନରେ ଜନ୍ମଗ୍ରହଣ କରିଥିଲେ। ସେ ଗ୍ରାମରେ ଏକ କ୍ଷୁଦ୍ର ମାଧବ ମନ୍ଦିର ଅବସ୍ଥିତ ଥିଲା। ବାଲ୍ୟ କାଳରୁ ଜୟଦେବ ଥିଲେ ପରମ ବିଷ୍ଣୁଭକ୍ତ। ତେଣୁ ଶ୍ରୀକ୍ଷେତ୍ର ଆସି ସେ ବରାବର ଶ୍ରୀଜଗନ୍ନାଥ ଚିନ୍ତନରେ ଦିନ ଅତିବାହିତ କରୁଥିଲେ। ତାଙ୍କର ଯୁବକ ଅବସ୍ଥାରେ ସେ ପଦ୍ମାବତୀ ନାମକ ଏକ ଅତି ଉଚ୍ଚକୋଟିର ପଣ୍ଡିତାଙ୍କୁ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀ ଉଭୟଙ୍କ ହୃଦୟରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଥିଲା ଅଚଳା ଭକ୍ତି ତଥା ଅତୁଟ ଶ୍ରଦ୍ଧା। ନିଜ ଗ୍ରାମର ରାଧାମାଧବଙ୍କ ମନ୍ଦିରରେ ବସି ସେ ତାଙ୍କର ଅମର କାବ୍ୟ ଶ୍ରୀ ଗୀତ ଗୋବିନ୍ଦ ରଚନା କରୁଥିଲା ବେଳେ ମନରେ ଦ୍ୱନ୍ଦ୍ୱ ଆସିବାରୁ ଲେଖା ବନ୍ଦ କରି ବ୍ୟଥିତ ହୃଦୟରେ ପ୍ରାଚୀନଦୀକୁ ସ୍ନାନ ନିମିତ୍ତ ଯାଇଥିଲେ। ଏହି ସମୟରେ ଶ୍ରୀ ଜଗନ୍ନାଥ ଜୟଦେବଙ୍କ ରୂପ ଧାରଣ କରି, ଠିକ୍ ସେହି ସ୍ନାନ ବେଶରେ ଘରକୁ ଫେରି ଆସିଲେ। ପଦ୍ମାବତୀ ସ୍ୱାମୀଙ୍କୁ ବିନା ସ୍ନାନରେ ଫେରି ଆସିବାର କାରଣ ପଗ୍ଧରିଲେ। ଛଦ୍ମବେଶୀ ଜୟଦେବ ଉତ୍ତର ଦେଲେ ଯେ ହଠାତ୍ ତାଙ୍କର ଅଧାଥିବା ପଦଟି ମନେ ପଡ଼ିଲା, କାଳେ ବିସ୍ମରଣ ହୋଇଯିବ, ସେଥିପାଇଁ ସେ ଫେରି ଆସିବାକୁ ବାଧ୍ୟ ହେଲେ। ପଦ୍ମାବତୀଙ୍କୁ ଲେଖନୀ ପୋଥି ମାଗି ସେ ସେହି ତେଲ ହାତରେ ଲେଖିଦେଲେ।

''ଦେହି ପଦପଲ୍ଲବ ମୁଦାରମ୍''

ଏତକ ଲେଖି ସେ ସେଠାରୁ ଗ୍ୱଲିଗଲେ ଏବଂ ଠିକ୍ ସେ ଯିବା ପରେ ପରେ ପ୍ରକୃତ ଜୟଦେବ ଆସି ଘରେ ପହଞ୍ଚିଲେ। ପଦ୍ମାବତୀ ସ୍ୱାମୀଙ୍କୁ ସଂଗେ ସଂଗେ ଲେଖିବା ପରେ ଏତେଚଞ୍ଚଳ ଫେରି ଆସିବାର କାରଣ ପଗ୍ଧରିବାରୁ, ଜୟଦେବ ପୋଥି ଆଣି ଲେଖାଟିକୁ ଦେଖିଲେଏବଂ ଏହା ଜଗନ୍ନାଥଙ୍କ କାଣ୍ଡ ବୋଲି ନିଶ୍ଚିତ ହେଲେ। ପଦ୍ମାବତୀ ପ୍ରଭୁଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିଥିବାରୁ ସେ ନିଶ୍ଚିତ ଭାବରେ ପୁଣ୍ୟବତୀ ବୋଲି କହି ପ୍ରଭୁଙ୍କ ପଦ ଚିହ୍ନର ପବିତ୍ର ରେଣୁ ଆଣି ଜୟଦେବ ଶିରରେ ବୋଳିବାକୁ ଲାଗିଲେ। ଏହା ପରେ ଗୀତଗୋବିନ୍ଦ କାନ୍ତକୋମଳ ପଦାବଳୀରେ ସଂପୂର୍ଣ୍ଣ ହେଲା ଏବଂ ଜନସମାଜରେ ଅତ୍ୟନ୍ତ ଆଦୃତ ହୋଇ ଉଠିଲା।

ରକ୍ଷଣଶୀଳ କେତେକ ପଣ୍ଡିତ ଜଗପତି ମହାରାଜା ପୁରୁଷୋତ୍ତମ ଦେବଙ୍କ ନିକଟରେ ଜୟଦେବଙ୍କ ଶ୍ରୀଗୀତ ଗୋବିନ୍ଦ ଗ୍ରନ୍ଥରେ ଅନେକ ଦୋଷତ୍ରୁଟି ଅଛି ବୋଲି କହି ଏହା ଶ୍ରୀମନ୍ଦିରରେ ଗାନ କରାଯିବା ଉଚିତ ନୁହେଁ ବୋଲି ଅଭିଯୋଗ କରିଥିଲେ। ଗଜପତି ପୁରୁଷୋତ୍ତମ ଦେବ

ମଧ୍ୟ ଶ୍ରୀ ଗୀତ ଗୋବିନ୍ଦକୁ ବଳିଯିବା ଭଳି ଅନ୍ୟ ଏକଗ୍ରନ୍ଥ ଲେଖିଲେ ଯାହାର ନାମ ଥିଲା 'ଅଭିନବ ଗୀତ ଗୋବିନ୍ଦ'। କେଉଁ ଗ୍ରନ୍ଥ ଶ୍ରୀଜଗନ୍ନାଥଙ୍କର ପ୍ରିୟ, ଏହାର ପ୍ରମାଣ ପାଇଁ ଶ୍ରୀ ଗୀତଗୋବିନ୍ଦ ଓ ଅଭିନବ ଗୀତଗୋବିନ୍ଦ, ଦୁଇଟିଯାକ ଗ୍ରନ୍ଥକୁ ପଣ୍ଡିତମାନଙ୍କ ପରାମର୍ଶରେ ଶ୍ରୀଜଗନ୍ନାଥଙ୍କ ପଦତଳେ ମହାରାଜା ରଖିଦେଇ ଆସିଲେ। ପରଦିନ ପ୍ରଭାତରେ ଦେଖାଗଲା ଶ୍ରୀଜଗନ୍ନାଥଙ୍କ ପଦତଳେ ଲାଗି ରହିଛି ଜୟଦେବଙ୍କ ଶ୍ରୀ ଗୀତଗୋବିନ୍ଦ ଏବଂ ତଳେ ପଡ଼ିରହିଛି ଅଭିନବ ଗୀତ ଗୋବିନ୍ଦ। ତେଣୁ ଶ୍ରୀଗୀତଗୋବିନ୍ଦ ଶ୍ରୀଜଗନ୍ନାଥ ଘେନା କରିଥିବାରୁ ଏହା ଶ୍ରୀ ମନ୍ଦିରରେ ଗାନ କରାଗଲା ଏବଂ ଆଜିକୁ ଆଠ ଶହ ବର୍ଷ ହେଲା ଏହା ଗାନ କରାହୋଇଆସୁଅଛି। ଶ୍ରୀ ଜୟଦେବ ଜଣେ ଶ୍ରେଷ୍ଠ ଭକ୍ତକବି, ଶ୍ରୀ ଗୀତଗୋବିନ୍ଦ ଶ୍ରୀଜଗନ୍ନାଥଙ୍କ ପ୍ରତି ଶ୍ରେଷ୍ଠ ଭକ୍ତ୍ୟର୍ଘ୍ୟ, ଏହା ନିଃସନ୍ଦେହ। ଉକ୍ତ ଗ୍ରନ୍ଥଟି ଶ୍ରୀ ରାଧାକୃଷ୍ଣ ପ୍ରେମର ଗମ୍ଭୀରତା ଏବଂ ଏହି ପ୍ରେମ ଭକ୍ତିରେ ହିଁ ଶ୍ରୀଜଗନ୍ନାଥଙ୍କୁ ଯୁଗେ ଯୁଗେ ଭକ୍ତ ଅନୁଭବ କରିଥାଏ। କଥିତ ଅଛି, ଗୀତଗୋବିନ୍ଦ ଗାନ କରାହେଉଥିବା ବେଳେ ଶ୍ରୀଜଗନ୍ନାଥ ଶ୍ରବଣ ଡ଼େରି ଆଗ୍ରହର ସହ ଶୁଣୁଥାନ୍ତି। କିମ୍ବଦନ୍ତୀ କହେ, ଦିନେ ଶ୍ରୀ କ୍ଷେତ୍ରର ଏକ ଗାଁରେ ଏକ ମାଳିର କନ୍ୟା ଗୀତଗୋବିନ୍ଦ ଗାନ କରିକରି ବାଇଗଣ କିଆରୀରୁ ବାଇଗଣ ତୋଳୁଥିବା ବେଳେ ସେହି ଗୀତର ଝଂକାରରେ ମୁଗ୍ଧ ହୋଇ ସ୍ୱୟଂ ଶ୍ରୀଜଗନ୍ନାଥ ସେହି କନ୍ୟାର ପଶ୍ଚାଦ୍ଧାବନ କଲେ। ବାଇଗଣ ଗଛର କଣ୍ଟାରେ ଶ୍ରୀଜଗନ୍ନାଥଙ୍କ ବସ୍ତ୍ର ଓଢ଼ଣୀ ଛିନ୍ନଭିନ୍ନ ହୋଇଯାଇଥାଏ, ମାତ୍ର ସେଥିପ୍ରତି ତାଙ୍କର ଭ୍ରୁକ୍ଷେପ ନଥାଏ। ଏହା ପରେ ଶ୍ରୀଜଗନ୍ନାଥ ମନ୍ଦିରକୁ ଆସିଲେ ମାତ୍ର ପଣ୍ଡା ପଢ଼ିଆରୀମାନେ ତାଙ୍କ ବେଶରେ ଏଭଳି ଅଦ୍ଭୁତ ପରିବର୍ତ୍ତନ ଲକ୍ଷ୍ୟ କରି ସେ ବିଷୟରେ ରାଜାଙ୍କୁ ଜଣାଇଥିଲେ। ରାଜା ସ୍ୱପ୍ନରେ ସବୁକଥା ଜାଣିପାରିଲେ ଏବଂ ପରଦିନ ମାଳିର କନ୍ୟାକୁ ଡକାଇ ଆଣି ଆଦେଶ ଦେଲେ ଯେ ସେ ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ନିକଟରେ ଗୀତଗୋବିନ୍ଦ ଗାନ କରିବ। ଅନେକ ଭୂ ସମ୍ପତ୍ତି ରାଜା ସେଥିପାଇଁ ତା ନାମରେ ଖଞ୍ଜା କରିଦେଇଥିଲେ। ଏହିମାନେ ଆଜି ମାହାରୀ ନାମରେ ନାମିତ। ରାଜା ପ୍ରତାପରୁଦ୍ର ଦେବ ଗୀତଗୋବିନ୍ଦ ପ୍ରତ୍ୟହ ଶ୍ରୀମନ୍ଦିରରେ ଗାନ କରାଯିବା ବିଷୟ ମାଦଳା ପାଞ୍ଜିରେ ମଧ୍ୟ ଲିପିବଦ୍ଧ କରାଇଥିଲେ।

ଭକ୍ତକବି ଅତିବଡ଼ି ଶ୍ରୀ ଜଗନ୍ନାଥ ଦାସ :— ଶ୍ରୀ ଜଗନ୍ନାଥ ଦାସ ପୁରୀ ଜିଲ୍ଲାର କବିଳେଶ୍ୱରପୁର ଗ୍ରାମରେ ପୁରାଣ ପଣ୍ଡା ଶ୍ରୀ ଭଗବାନ ଦାସଙ୍କ ପୁତ୍ର ଭାବରେ ଜନ୍ମଗ୍ରହଣ କରିଥିଲେ। ତୁଳସି ଦୁଇ ପତ୍ରରୁ ବାସିବା ପରି ଅତି ବାଲ୍ୟ କାଳରୁ ଶ୍ରୀ ଜଗନ୍ନାଥ ଦାସଙ୍କର ଭକ୍ତିମତ୍ତା ପ୍ରକାଶ ପାଇଥିଲା। ପ୍ରତ୍ୟେହ ସେ ଶ୍ରୀକ୍ଷେତ୍ର ଆସି ଜଗନ୍ନାଥଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ନିକଟରେ ଭାଗବତ ପାଠ କରୁଥିଲେ। ଭାଗବତ ପାଠ କଲାବେଳେ ସେ ଏତେ ତନ୍ମୟ ହୋଇଯାଉଥିଲେ ଯେ, ଆନନ୍ଦାଶ୍ରୁ ତାଙ୍କ ଚକ୍ଷୁରୁ ନିର୍ଗତ ହେଉଥିବା ଘଟଣା ଶ୍ରୋତାମାନଙ୍କୁ ଅଭିଭୂତ କରୁଥିଲା। ବଟ ଗଣେଶଙ୍କ ନିକଟରେ ଭାଗବତ ପାଠ ଓ ବ୍ୟାଖ୍ୟା କରୁଥିବାବେଳେ ଶ୍ରୀ ଚୈତନ୍ୟ ଦେବ ଶ୍ରୀ ଜଗନ୍ନାଥ ଦାସଙ୍କ ବ୍ୟାଖ୍ୟାରେ ବିହ୍ୱଳ ହୋଇ ତାଙ୍କୁ ପ୍ରେମାଲିଙ୍ଗନ କରି ତାଙ୍କ ଶିରରେ ନିଜର ଉତ୍ତରୀୟ ବାନ୍ଧି ଦେଇ "ଅତିବଡ଼ି" ବୋଲି ସମ୍ମାନ ସୂଚକ

ଉପାଧି ପ୍ରଦାନ କରିଥିଲେ। ସେହିଦିନଠାରୁ ଶ୍ରୀ ଜଗନ୍ନାଥ ଦାସ ଅତିବଡ଼ି ଜଗନ୍ନାଥ ଦାସ ନାମରେ ପରିଚିତ ହେଲେ। ଶ୍ରୀ ଚୈତନ୍ୟଙ୍କ ନିର୍ଦ୍ଦେଶରେ ଭକ୍ତକବି ବଳରାମ ଦାସ ତାଙ୍କୁ ବୈଷ୍ଣବ ଦୀକ୍ଷାରେ ଦୀକ୍ଷିତ କରିଥିଲେ।

ଅତିବଡ଼ି ଶ୍ରୀ ଜଗନ୍ନାଥ ଦାସଙ୍କର ଜୀବନ କାଳରେ ଅନେକ ଅଲୌକିକ ଘଟଣା ଘଟି ଯାଇଥିଲା। ତାଙ୍କର ଅମରକୃତି ଓଡ଼ିଆ ଭାଗବତ ଓଡ଼ିଶାର ପ୍ରତ୍ୟେକ ପୁରପଲ୍ଲୀରେ ଘରେ ଘରେ ସଂରକ୍ଷିତ ତଥା ଆଦୃତ। ଏହି ପୁରାଣ ରଚନା ମୂଳରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶ ତଥା କରୁଣା ରହିଥିବା ବିଷୟ ଅନୁସନ୍ଧାନରୁ ଜଣାଯାଏ। ଜଟିଳ ସଂସ୍କୃତ ଭାଗବତକୁ ସର୍ବସାଧାରଣ ବୁଝିବା କଷ୍ଟକର ବ୍ୟାପର ହୋଇଥିବାରୁ, ସେ ପ୍ରାକୃତ ଓଡ଼ିଆ ଭାଷାରେ ଲେଖିବାକୁ ମନସ୍ଥ କଲେ। ମାତ୍ର ନାନା ଦ୍ୱନ୍ଦ୍ୱ ମନ ମଧ୍ୟରେ ସ୍ଥାନ ପାଇବାରୁ ସେ କୌଣସି ସମାଧାନ ନକରି ନିଦ୍ରାଗଲେ ଏବଂ ତାଙ୍କୁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ହେଲା ଶ୍ରୀଭାଗବତ ମହାପୁରାଣକୁ ଓଡ଼ିଆ ଭାଷାରେ ଲେଖି ପ୍ରଚାର କରିବା ପାଇଁ। ନିଦ୍ରାତ୍ୟାଗ କରି ଲେଖନୀ ପୋଥି ଧରି ସେ ଓଡ଼ିଆ ଭାଗବତ ରଚନା କରିବାକୁ ଉଦ୍ୟତ ହୁଅନ୍ତେ, ସୁନ୍ଦର ସରଳ କବିତ୍ୱମୟ ପଦ୍ୟ ଝରିପଡ଼ିଲା ଅବାରିତ ଭାବରେ। ତାଙ୍କର ହୃଦ୍‌ବୋଧ ହେଲା ଯେ ଶ୍ରୀଜଗନ୍ନାଥ ତାଙ୍କ ଅନ୍ତର ଆତ୍ମା ମଧ୍ୟରେ ରହି ସତେ ଅବା ଭାଗବତର ଶବ୍ଦାବଳୀ ଓ କବିତା ଡାକି ଦେଉଛନ୍ତି। ଅଳ୍ପକାଳ ମଧ୍ୟରେ ଭାଗବତ ରଚିତ ହୋଇ ଶହ ଶହ ଭକ୍ତଙ୍କ ମନ ଓ ପ୍ରାଣକୁ ଚହଲାଇ ଦେଲା। ରକ୍ଷଣଶୀଳ ସଂସ୍କୃତ ପଣ୍ଡିତମାନେ ଈର୍ଷାରେ କ୍ରୋଧାନ୍ୱିତ ହେଲେ ଏବଂ ପ୍ରାକୃତ ଭାଷାରେ ଲିଖିତ ଭାଗବତ ବିରୁଦ୍ଧରେ ମହାରାଜାଙ୍କ ନିକଟରେ ନାନା ମିଥ୍ୟା ଅଭିଯୋଗ ବାଢ଼ିଥିଲେ। ଭାଗବତର ମଧୁର ତଥା ଆକର୍ଷଣୀୟ ବାଣୀ ଶ୍ରବଣ କରିବା ପାଇଁ ପୁରୁଷଙ୍କ ଅପେକ୍ଷା ଶତଶତ ଯୁବତୀ ସ୍ତ୍ରୀ ଶ୍ରୀ ଜଗନ୍ନାଥ ଦାସଙ୍କ ନିକଟରେ ରୁଣ୍ଡ ହେଉଥିବାରୁ ଅନେକଙ୍କର ଗାତ୍ର ଦାହ ହେଲା। ସ୍ତ୍ରୀମାନଙ୍କୁ ଆକର୍ଷଣ କରିବା ପାଇଁ ଜଗନ୍ନାଥ ଦାସଙ୍କର ଏହା ଏକ ଅଭିନବ କୌଶଳ ବୋଲି ରାଜାଙ୍କ ସମ୍ମୁଖରେ ଯୁକ୍ତି ଉପସ୍ଥାପିତ ହେଲା। ରାଜା ଜଗନ୍ନାଥ ଦାସଙ୍କୁ ଡାକି ସମସ୍ତ ବିଷୟରେ ପ୍ରଶ୍ନ କରିବାରୁ, ଜଗନ୍ନାଥ ଦାସ କହିଲେ, ''ମୁଁ ଆଜନ୍ମ ବ୍ରହ୍ମଚାରୀ' ମୁଁ ପୁରୁଷ ପାଖେ ପୁରୁଷ ଓ ସ୍ତ୍ରୀ ପାଖରେ ସ୍ତ୍ରୀ ଭାବ ଆଚରଣ କରେ''। ରାଜା ତାଙ୍କୁ ନାରୀ ରୂପ ଦେଖାଇବା ପାଇଁ ନିର୍ଦ୍ଦେଶ ଦେଲେ। ରାଜାଙ୍କ ଆଦେଶରେ ଜଗନ୍ନାଥ ଦାସଙ୍କୁ ନିର୍ଜନ ବନ୍ଦୀଘରେ ରଖାଜଲା। ଏପରି ସଙ୍କଟମୟ ଅବସ୍ଥାରେ ଜଗନ୍ନାଥ ଦାସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏ କଠିନ ପରୀକ୍ଷାରୁ ଉଦ୍ଧାର କରିବା ପାଇଁ ଆକୁଳ ନିବେଦନ କରିବା ଛଡ଼ା ଅନ୍ୟ ଉପାୟ ନଥିଲା। ବନ୍ଦୀ ଘରେ ସେ ସାମାନ୍ୟ ଘୁମାଇ ପଡ଼ିଥିବା ବେଳେ କିଏ ତାଙ୍କୁ ସତେ ଅବା କହିଲା, ''ତୋର ବାଞ୍ଛା ସିଦ୍ଧି ହେଉ, ତୋର ପୁରୁଷ ଶରୀର ନାରୀ ଶରୀର ଧାରଣ କରୁ।'' ଜଗନ୍ନାଥ ଦାସ ଏ ଦିବ୍ୟ ଅନୁଭୂତିରେ ଚମକି ପଡ଼ିଲେ ନିଜକୁ ଗ୍ରହି ସେ ଦେଖିଲେ ଏକ ସୁନ୍ଦର ନାରୀ ରୂପ। ପରଦିନ ରାଜା ଶ୍ରୀ ଜଗନ୍ନାଥ ଦାସଙ୍କର ନାରୀ ରୂପ ଦେଖିଲେ। ପରୀକ୍ଷା ନିରୀକ୍ଷା କଲେ। ବିସ୍ମୟ ଓ ଲଜ୍ଜାର ସମୁଦ୍ରରେ ରାଜା ପ୍ରତାପରୁଦ୍ର ଦେବ

ବୁଡ଼ିଗଲେ ଏବଂ ଶ୍ରୀ ଜଗନ୍ନାଥ ଦାସଙ୍କ ପାଦତଳେ କ୍ଷମା ମଧ୍ୟ ମାଗିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏ ସବୁ ଲୀଳା ଏବଂ ଶ୍ରୀ ଜଗନ୍ନାଥ ଦାସ ତାଙ୍କର ଅତି ପ୍ରିୟ ଭକ୍ତ, ଏ କଥା ତାଙ୍କର ହୃଦ୍‌ବୋଧ ହେଲା। ନିଜ ରାଣୀ ପାଇଁ ନିର୍ମାଣ କରାହୋଇଥିବା ଏକ ଉଆସ ରାଜା ପ୍ରତାପ ରୁଦ୍ର ଦେବ ଶ୍ରୀ ଜଗନ୍ନାଥ ଦାସଙ୍କୁ ଅର୍ପଣ କରିଥିଲେ। ଏହା ହେଉଛି ଶ୍ରୀକ୍ଷେତ୍ରରେ ବର୍ତ୍ତମାନ ବିରାଜମାନ କରୁଥିବା 'ବଡ଼ ଓଡ଼ିଆ ମଠ'। ସମୁଦ୍ର କୂଳରେ ଅବସ୍ଥିତ 'ସାତଲହଡ଼ି ମଠ' ମଧ୍ୟ ଜଗନ୍ନାଥ ଦାସଙ୍କର ସାଧନାର ପୀଠ ଥିଲା। କଥିତ ଅଛି, ଶ୍ରୀ ଜଗନ୍ନାଥ ଦାସ ଧ୍ୟାନରେ ନିମଗ୍ନ ଥିବାବେଳେ ସମୁଦ୍ର ଲହଡ଼ି ମାଡ଼ି ଆସିବାରୁ ସେଠାରୁ ସାତ ଲହଡ଼ି ପାରହେବା ଯାଏ, ସମୁଦ୍ର ଜଳକୁ ସେ ଘୁଞ୍ଚାଇ ଦେଇଥିଲେ। ଏ ସମସ୍ତ ଅଲୌକିକ ଘଟଣା ଶ୍ରୀ ଜଗନ୍ନାଥଙ୍କ କରୁଣାରୁ ସମ୍ଭବ ବୋଲି ସେ ନିଜେ ଉପଲବ୍ଧି କରୁଥିଲେ ଏବଂ ଶ୍ରୀ ଜଗନ୍ନାଥ ଦାସଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ ମଧ୍ୟ ହୃଦ୍‌ବୋଧ କରୁଥିଲେ। ସେହି ମହାତ୍ମାଙ୍କ ପାଇଁ ପୁରୀର କପିଳେଶ୍ୱର ପୁର ଗ୍ରାମ ଆଜି ସର୍ବତ୍ର ବିଦିତ ଓ ଭକ୍ତମାନଙ୍କର ଏକ ପବିତ୍ର ପୀଠ।

ଭକ୍ତ କବି ବଳରାମ ଦାସ :—- ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ବଳରାମ ଦାସ ସାତଖଣ୍ଡ ଓଡ଼ିଆ ରାମାୟଣ ଶ୍ରୀ ମନ୍ଦିରର ଜଗମୋହନରେ ବସି ରଚନା କରିଥିଲେ। ଏହି ଗ୍ରନ୍ଥର ନାମ ହେଉଛି ଜଗମୋହନ ରାମାୟଣ, ଯାହାକି ଓଡ଼ିଆମାନଙ୍କର ଅତି ପ୍ରିୟ ଗ୍ରନ୍ଥ।

ଶ୍ରୀ ବଳରାମ ଦାସ ଶ୍ରୀକ୍ଷେତ୍ରର ଏକ ଗୃହୀ ବୈଷ୍ଣବ। ସେ ବେଶ୍ୟାଳୟକୁ ଯାଆନ୍ତି ବୋଲି ତାଙ୍କ ନାମରେ ଲୋକାପବାଦ ରହିଥାଏ। ସେ କିନ୍ତୁ ଭଗବାନଙ୍କ ନାମ ଓ ମହିମା ଗାନ କରିବାରେ ଉନ୍ମତ୍ତ ଥିଲେ। ବଳରାମ ଦାସ ତାଙ୍କର ବେଦାନ୍ତ ସାର ଗୁପ୍ତ ଗୀତାରେ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା, ଅସାଧ୍ୟ ସାଧନ ଇତ୍ୟାଦି ବିଷୟ ଲିପିବଦ୍ଧ କରିଯାଇଛନ୍ତି।

ବର୍ଷେ ରଥଯାତ୍ରା ଦିନ ସେ ବେଶ୍ୟା ସହିତ ମତ୍ତ ହୋଇ ରହିଥିବା ସମୟରେ ଠାକୁରମାନଙ୍କର ରଥକୁ ପହଣ୍ଡିବିଜେ ହୋଇଯାଇଥାଏ। ସେ ନିଜକୁ ଧିକ୍‌କାର କରି ପାଗଳ ପ୍ରାୟ ରଥ ନିକଟକୁ ଦୌଡ଼ି ଆସି ରଥକୁ ଆରୋହଣ କଲାବେଳେ ସେବକମାନେ ତାଙ୍କୁ ଧକ୍‌କା ଦେଇ, ନାନା ଭାବରେ ଅପମାନିତ କରି ରଥରୁ ବିଦା କରିଦେଲେ। ଦୁଃଖ ଓ ଅଭିମାନରେ ବଳରାମ ଦାସ ରଥ ତଳେ ଠିଆ ହୋଇ ଚକାଡ଼ୋଳାକୁ ନିରୀକ୍ଷଣ କରି କାନ୍ଦିବାକୁ ଲାଗିଲେ। ଅଭିମାନ ଭରା ପ୍ରାର୍ଥନା କରି ସେ ଘୁଲିଲେ ସମୁଦ୍ର କୂଳସ୍ଥ ବାଙ୍କି ମୁହାଣ ନିକଟକୁ। ସେଠାରେ ବାଲିରେ ଗୋଟିଏ ରଥ ତିଆର କରି ସେହି ରଥରେ ଶ୍ରୀଜଗନ୍ନାଥ ବିଜେ କରିବାକୁ ପ୍ରାର୍ଥନା କଲେ। ରଥରେ ଶ୍ରୀଜଗନ୍ନାଥ ବିଜୟ କଲେ ଏବଂ ରଥ ଘୁଲିବାକୁ ଲାଗିଲା। ଏଣେ ବଡ଼ ଦାଣ୍ଡରେ ନନ୍ଦିଘୋଷ ରଥ ଅଚଳ ହୋଇ ରହିଥାଏ। ହଜାର ହଜାର ଭକ୍ତ, ଶହ ଶହ ହାତୀ ଲଗାଇ ମଧ୍ୟ ରଥ ଚଳାଇବାକୁ ଶତଚେଷ୍ଟା କରି ମଧ୍ୟ ସବୁ ବିଫଳ। ମହାରାଜା ପ୍ରତାପରୁଦ୍ର ଦେବ ଶ୍ରୀଜଗନ୍ନାଥଙ୍କୁ ଆକୁଳ ନିବେଦନ କରି ମଧ୍ୟ କୌଣସି ଫଳ ହେଲା ନାହିଁ। ମହାରାଜାଙ୍କୁ ଶ୍ରୀଜଗନ୍ନାଥ ସ୍ୱପ୍ନରେ ଦେଖା ଦେଇ କହିଲେ, ''ଭକ୍ତ ଓ ଭଗବାନ ଅଭିନ୍ନ ଭକ୍ତ

ମୋର ଶରୀର, ମୁଁ ତାର ଆତ୍ମା। ଯେ ମୋହର ନାମ ଓ ମହିମା ଗାନରେ ଉନ୍ମତ୍ତ, ସେ କଦାପି ଅଶୌଚ ନୁହେଁ। ମୋର ଭକ୍ତଙ୍କୁ ତୋର ସେବକମାନେ ଅଶୌଚ କହି ଧକ୍‌କା ଦେଇ ରଥରୁ ପକାଇଦେଲେ। ସେ ବର୍ତ୍ତମାନ ଚକ୍ରତୀର୍ଥର ବାଙ୍କି ମୁହାଣରେ ଅଭିମାନରେ ବସି ରହିଛି। ତା'ର ହୃଦୟ ରଥରେ ମୁଁ ବର୍ତ୍ତମାନ ବିଦ୍ୟମାନ''। ମହାରାଜା ସ୍ୱପ୍ନରେ ଏ ସବୁ ଶୁଣି ପାତ୍ରମନ୍ତ୍ରୀଙ୍କ ଗହଣରେ ବାଙ୍କି ମୁହାଣକୁ ଯାତ୍ରା କଲେ ଏବଂ ଭକ୍ତ ବଳରାମଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରି, କ୍ଷମା ପ୍ରାର୍ଥନା ମାଗି ନନ୍ଦିଘୋଷ ରଥ ନିକଟକୁ ପାଛୋଟି ଆଣିଲେ। ନନ୍ଦିଘୋଷ ରଥରେ ବଳରାମଙ୍କୁ ବସାଇ ଦିଆଗଲା ଏବଂ ତାଙ୍କର ନିର୍ଦ୍ଦେଶରେ ଘଣ୍ଟ କାହାଳୀ ବାଜି ରଥ ଗୁଣ୍ଡିଘ୍ର ମନ୍ଦିର ଦିଗରେ ଆଗେଇ ଗ୍ଲଲିଲା। ସମସ୍ତେ ବଳରାମ ଦାସଙ୍କର ଜୟ ଜୟ ଗାନ କରିବାକୁ ଲାଗଲେ।

ଭଗବାନଙ୍କ ଦୟାରେ ସବୁ ଅସମ୍ଭବ ସମ୍ଭବ ହୋଇପାରେ। ଏହାଥିଲା ଭକ୍ତକବି ବଳରାମ ଦାସଙ୍କର ଅନ୍ତରର ଭାଷା। ଏକ ଜଡ଼ ମଧ୍ୟ ଅନର୍ଗଳ ବେଦାନ୍ତ ବ୍ୟାଖ୍ୟା କରିପାରେ, ଏହାର ଜ୍ୱଳନ୍ତ ପ୍ରମାଣ ସେ ରାଜାଙ୍କ ଆଗରେ ଦେଇ ପାରିଥିଲେ। ସେଥିପାଇଁ ଯଥାର୍ଥରେ କୁହାଯାଇଛି,

''ମୂକଂ କରୋତି ବାଗ୍ୱଳଂ ପଙ୍ଗୁ ଲଂଘୟତେ ଗିରି''

ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଅପାର କୃପା ବଳରେ ଶ୍ରୀ ବଳରାମ ଦାସ ଜଣେ ପ୍ରତିଷ୍ଠିତ ଭକ୍ତ କବି ହିସାବରେ ଆଜି ସୁପରିଚିତ ଓ ସମ୍ମାନିତ। ତାଙ୍କର ଅମର କୃତି ରାମାୟଣ ଓଡ଼ିଆମାନଙ୍କର ଅତି ଆଦରଣୀୟ ଗ୍ରନ୍ଥ।

ଭକ୍ତକବି ଦୀନକୃଷ୍ଣ ଦାସ :— ଦୀନକୃଷ୍ଣ ଦାସ ଶ୍ରୀଜଗନ୍ନାଥଙ୍କ ଏକ ପରମ ଭକ୍ତ ଏବଂ ତାଙ୍କର ସମସ୍ତ ଲେଖା ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। କବିତା ଲେଖିବା ପରେ ସେ ତାହା ଶ୍ରୀଜଗନ୍ନାଥଙ୍କୁ ବରାବର ଶୁଣାଉଥାନ୍ତି। ତାଙ୍କର ରଚିତ 'ରସ କଲ୍ଲୋଳ' ଓ 'ଆରତତ୍ରାଣ ଚଉତିସା' ଓଡ଼ିଶାରେ ଭାଗବତ ପରି ଅତି ଲୋକପ୍ରିୟ।

ମହାରାଜା ଦିବ୍ୟସିଂହ ଦେବ ଦୀନକୃଷ୍ଣଙ୍କୁ ରାଜସଭାକୁ ଡକାଇ ତାଙ୍କର କବିତା ଶୁଣି ବିମୁଗ୍ଧ ହେଲେ ଏବଂ ତାଙ୍କୁ ଅନୁରୋଧ କଲେ ଯେ, ଏଣିକି ଗୀତ ରଚନା କରି ରାଜାଙ୍କ ନାମରେ ଭଣିତା କରିବା ପାଇଁ। ଦୀନକୃଷ୍ଣ ସ୍ପଷ୍ଟ ଭାବରେ ଏହା କରିବାକୁ ମନା କରିଦେଲେ, ଫଳରେ ତାଙ୍କୁ ବନ୍ଦୀ ଭାବରେ ଜୀବନ ଯାପନ କରିବାକୁ ପଡ଼ିଥିଲା। ବନ୍ଦୀ ଘରେ ଗ୍ୱରିହାତ ଲମ୍ବ ଗ୍ୱରିହାତ ଓସାରର ଗାତ ଖୋଳାଗଲା। ହାତ ଓ ଗୋଡ଼ ସାଙ୍କୋଳି ଦେଇ ତହିଁରେ ତାଙ୍କୁ ରଖି ଦିଆଗଲା। ଉପରେ କାଠ ପଟା ଫାଙ୍କ କରି ରଖି ତା ଉପରେ ପଥର ଲଦି ଦିଆଗଲା। ଦୀନକୃଷ୍ଣ ତା ମଧ୍ୟରେ ଥାଇ ଶ୍ରୀଜଗନ୍ନାଥଙ୍କୁ କାକୁତି ମିନତି କରି କହିଲେ, ''ହେ ପ୍ରଭୁ! ମୋର ମୃତ୍ୟୁକୁ ଭୟ ନାହିଁ। ଭୟ ହେଉଛି ଜାଳେ ଆପଣଙ୍କ ମହିମାରେ ସନ୍ଦେହ ଆସିବ।

ସଂସାରରେ ଲୋକେ କହିବେ ଯେ ଦୀନକୃଷ୍ଣ ଶ୍ରୀଜଗନ୍ନାଥଙ୍କୁ ଆଶ୍ରା କରି ମଧ୍ୟ ତାର ବିନାଶ କାଳରେ ସେ ଯେତେ ଡ଼ାକିଲେ ମଧ୍ୟ ଜଗନ୍ନାଥ ତାଙ୍କୁ ରକ୍ଷା କରିପାରିଲେ ନାହିଁ । ଜଗତରେ ଏକଥା ପ୍ରକଟ ହେଲେ ଲୋକେ ଆଉ ତୁମକୁ ଭଜିବେ ନାହିଁ ଏବଂ ତୁମର ମହିମା ନ୍ୟୁନ ହେବ ଏହାହିଁ ମୋର ଦୁଃଖ । ଭକ୍ତର ଆକୁଳ ଡାକରେ ଶ୍ରୀଜଗନ୍ନାଥଙ୍କ ଆଶିଷ ଝରି ପଡ଼ିଲା ଏବଂ ହାତ ଓ ପାଦର ଶାଙ୍କୋଳି ଆପେ ଆପେ ଖୋଲିଗଲା । ପାଖରେ ଦିବ୍ୟଭୋଜନ ମହାପ୍ରସାଦ ଥୁଆ ହୋଇଗଲା ଏବଂ ଦୀନକୃଷ୍ଣ ମହାପ୍ରସାଦ ସେବା କରି ଅତ୍ୟନ୍ତ ପ୍ରୀତ ମନରେ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା କଥା ଭାବି ହେବାକୁ ଲାଗିଲେ । ତେଣେ ମହାରାଜା ଦିବ୍ୟସିଂହ ଅତି ଭୟଙ୍କର ସ୍ୱପ୍ନ ଦେଖି ବନ୍ଦୀଘରକୁ ଆସି ଦେଖିଲେ ଯେ, ଗର୍ତ୍ତ ଉପରର କାଠ ଓ ପଥର ବହୁ ଦୂରରେ ପଡ଼ିଛି ଏବଂ ଦୀନକୃଷ୍ଣ ଶ୍ରୀଜଗନ୍ନାଥଙ୍କ ଭଜନ ଗାନ କରିବାରେ ବ୍ୟସ୍ତ ଅଛନ୍ତି । ରାଜା ଦୀନକୃଷ୍ଣଙ୍କ ପାଦତଳେ ପଡ଼ି ନିଜର ଭୁଲ ପାଇଁ କ୍ଷମା ଭିକ୍ଷା କଲେ ।

କଥିତ ଅଛି ଦୀନକୃଷ୍ଣ କୁଷ୍ଠରୋଗରେ ପୀଡ଼ିତ ହୋଇଥିଲେ ପ୍ରତ୍ୟହ ଗରୁଡ଼ ଖମ୍ଭ ନିକଟରେ ଠିଆହୋଇ ଗାଉଥିଲେ ।

''କୃପାସିନ୍ଧୁ ବଦନ କରି ଅବଲୋକନ କେଉଁ କରମ ହୀନ ଜନ ।
କାକୁସ୍ଥଭର ହୋଇ କର ଯୋଡ଼ି ଜଣାଇ ଗରୁଡ଼ ସ୍ତମ୍ଭ ସନ୍ନିଧାନ ହେ ମହାପ୍ରଭୁ ।।' ଏହି ପ୍ରାର୍ଥନା ପ୍ରତ୍ୟହଗାନ କରି କରି ସେ କୁଷ୍ଠ ବ୍ୟାଧିରୁ ମୁକ୍ତି ଲାଭ କରିଥିଲେ ।
ପ୍ରଭୁଙ୍କ ଅପାର କରୁଣାରୁ ଆଜି ଭକ୍ତ କବି ଦୀନକୃଷ୍ଣ ଦାସ ସର୍ବଜନ ବିଦିତ । ତାଙ୍କର ଗ୍ରନ୍ଥଗୁଡ଼ିକ ଓଡ଼ିଆ ସାହିତ୍ୟର ଅମୂଲ୍ୟ ନିଧି ।

ଯବନ କବି ସାଲବେଗଃ— ପୁରୀ ଜିଲ୍ଲାର ଦାଣ୍ଡମୁକୁନ୍ଦପୁର ଗ୍ରାମରେ ସାଲବେଗଙ୍କ ମା'ଙ୍କର ଜନ୍ମସ୍ଥାନ । ତାଙ୍କର ବାପାଙ୍କ ନାମ ଥିଲା ଲାଲବେଗ ଏବଂ ସେ ଥିଲେ ପ୍ରବଳ ପରାକ୍ରମୀ ଓଡ଼ିଶାର ମୋଗଲ ସେନାପତି । ଥରେ ସେ ଗଜପତି ରାଜାଙ୍କ ସହ ଯୁଦ୍ଧରେ ବ୍ୟାପୃତ ଥିବା ସମୟରେ ଦାଣ୍ଡମୁକୁନ୍ଦପୁର ଗ୍ରାମର ଜଣେ ବିଧବା ବ୍ରାହ୍ମଣୀ ସ୍ନାନ ପାଇଁ ଆସୁଥିବା ଦେଖିଲେ ଏବଂ ସେହି ସ୍ତ୍ରୀଙ୍କୁ ବଳହାରରେ ଅପହରଣ କରି ସେ ନେଇ ଆସିଲେ ତାଙ୍କର ଘର କଟକ ନଗରୀକୁ । ଉକ୍ତ ବ୍ରାହ୍ମଣୀ ସ୍ତ୍ରୀଙ୍କର ସନ୍ତାନ ହେଉଛନ୍ତି ସାଲବେଗ । ପିତା ଲାଲବେଗ ପୁତ୍ର ସାଲବେଗଙ୍କୁ ଯୁଦ୍ଧ ବିଦ୍ୟାରେ ତାଲିମ ଦେଲେ । ଥରେ ଯୁଦ୍ଧରେ ସାଲବେଗଙ୍କ ଶରୀରରେ ପ୍ରବଳ ଅସ୍ତ୍ରାଘାତ ହେଲା ଏବଂ ଲାଲବେଗ ଶତଚେଷ୍ଟା କରି ମଧ୍ୟ ପୁତ୍ରକୁ ଆରୋଗ୍ୟ କରାଇପାରିଲେ ନାହିଁ । ମା'ଙ୍କର ପୁତ୍ର ପ୍ରତି ଏକମାତ୍ର ଉପଦେଶ ଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିବା ପାଇଁ କାରଣ ସେ ହିଁ ଏକମାତ୍ର ତ୍ରାଣ କର୍ତ୍ତା । ସାଲବେଗ ବିଶ୍ୱାସର ସହିତ ଶ୍ରୀନୀଳାଚଳ ନାଥଙ୍କୁ ଭଜନ କଲେ ଏବଂ ଦୃଢ଼ ବିଶ୍ୱାସ ଓ ସଂକଳ୍ପ ନେଇ ବାରଦିନ କାଳ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ ରୋଗର ଆରୋଗ୍ୟ ପାଇଁ । ଦିନେ ରାତିରେ ଜଣେ କେହି ତାଙ୍କ ନିକଟରେ ଉପସ୍ଥିତ ହୋଇ କ୍ଷତ ସ୍ଥାନରେ ଲେପଦେବା ପାଇଁ କିଛି ବିଭୂତି ଦେଇ

ଘୁଲିଗଲେ । ସାଲବେଗ ବିଭୂତିକୁ କ୍ଷତସାରା ବୋଲିଦେଲେ । ପ୍ରଭାତରୁ ଦେଖାଗଲା କ୍ଷତବିକ୍ଷତର ଚିହ୍ନ ବର୍ଣ୍ଣ ନାହିଁ କି ଶରୀରରେ ବେଦନା ଓ ଜ୍ୱାଳା ମୋଟ ଉପରେ ଅନୁଭୂତ ହେଉନାହିଁ । ସାଲବେଗଙ୍କର ମନରେ ଆସିଲା ଅଦ୍‌ଭୂତ ପରିବର୍ତ୍ତନ ଏବଂ ଶ୍ରୀ ଜଗନ୍ନାଥଙ୍କ ପ୍ରତି ତାଙ୍କର ହେଲା ଅତୁଟ ବିଶ୍ୱାସ । ସଂସାର ପ୍ରତି ତାଙ୍କର ବିତୃଷ୍ଣା ଆସିଲା । ସେ ସେହି ଶକ୍ତିର ଅନୁସନ୍ଧାନରେ ସନ୍ୟାସ ବେଶ ଧରି ବିଭିନ୍ନ ତୀର୍ଥ ଭ୍ରମଣ କଲେ ଏବଂ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ମନପ୍ରାଣ ସମର୍ପଣ କରି ତାଙ୍କରି ଉଦ୍ଦେଶ୍ୟରେ ଲେଖିଗଲେ ଅସଂଖ୍ୟ କବିତା । 'ଆହେ ନୀଳ ଶଇଳ ପ୍ରବଳ ମଉ ବାରଣ' 'ଏକା ତୋ ଭକତ ଜୀବନ' ପରି ଶହ ଶହ ସୁନ୍ଦର ଭକ୍ତି ରସାତ୍ମକ ପ୍ରାର୍ଥନା ଯବନ କବିଙ୍କ ଲେଖନୀରୁ ଝରିପଡ଼ିଲା, ଯାହାକୁ ଶ୍ରୀ ମନ୍ଦିରରେ ଓ ବାହାରେ ପ୍ରତ୍ୟେକ ଲୋକ ଗାନ କରୁଥିବା ଦେଖାଯାଏ । ଶ୍ରୀଜଗନ୍ନାଥଙ୍କ କରୁଣା ଜାତି ଧର୍ମ ନିର୍ବିଶେଷରେ ଲାଭ କରାଯାଏ, ଏହା ସାଲବେଗଙ୍କ ପ୍ରତି ଶ୍ରୀ ଜଗନ୍ନାଥଙ୍କ ପ୍ରେମରୁ ଦୃଷ୍ଟାନ୍ତ ମିଳେ । ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସାଲବେଗଙ୍କ ପାଇଁ ଅଟକି ରହିଥିଲା । ଏହା କବିଙ୍କ ପ୍ରାର୍ଥନାରୁ ସୂଚନା ମିଳେ । ଭକ୍ତ ଯେପରି ମହାନ୍, ଭଗବାନ ମଧ୍ୟ ସେହିପରି ମହାନ୍ । ସେ ଜାତି, ଗୋତ୍ର ଉପରେ ଗୁରୁତ୍ୱ ନଦେଇ କାହାର ମନପ୍ରାଣ କେତେଦୂର ଉତ୍ସର୍ଗୀକୃତ ତାକୁ ଲକ୍ଷ୍ୟ କରିଥାନ୍ତି । ତେଣୁ ଶ୍ରୀ ଜଗନ୍ନାଥଙ୍କୁ ଆଞ୍ଚଳିକ ସୀମା ମଧ୍ୟରେ ଆବଦ୍ଧ କରିବାକୁ ଚେଷ୍ଟା କଲେ ସୁଦ୍ଧା, ସେ ସେହି ସୀମାର ଅତି ଉର୍ଦ୍ଧ୍ୱରେ । ସେ ଜଗତର ନାଥ, ସମସ୍ତଙ୍କର ନାଥ ।

ବାଲି ଗାଁ ବାସିଆ ବାଉରୀ—ଶ୍ରୀ କ୍ଷେତ୍ରର ଅନତି ଦୂରରେ ବାଲିଗାଁ ନାମରେ ଏକ ଗ୍ରାମରେ ପୁତ୍ରକନ୍ୟାହୀନ ଦାସିଆ ବାଉରିର ଜନ୍ମଘର । ତନ୍ତରେ ଲୁଗାବୁଣି ତାକୁ ବିକ୍ରୟ କରି ସେ ଦିନ ଅତିବାହିତ କରୁଥାଏ । ମାତ୍ର ପ୍ରତ୍ୟେକ ସମୟରେ ସେ ଶ୍ରୀଜଗନ୍ନାଥଙ୍କ କଥା ଭାବୁଥାଏ ଓ ତାର ମନ ପ୍ରଭୁଙ୍କ ପାଦ ତଳେ ଲାଗି ରହିଥାଏ । ବର୍ଷେ ରଥଯାତ୍ରା ସମୟରେ ଶ୍ରୀ କ୍ଷେତ୍ରକୁ ଆସି ରଥରେ କଳା ଶ୍ରୀମୁଖ ଦେଖି ଦାସିଆ ଭାବ ବିହ୍ୱଳ ହୋଇଯାଇଥାଁଏ । ଯାତ୍ରାପରେ ଘରକୁ ଫେରିଆସିଲା ।। ସ୍ତ୍ରୀ ତା ପାଇଁ ବାଢ଼ିଦେଲା ଭାତମିଶା ପେଜ ହାଣ୍ଡିଏ ଓ ମେଣ୍ଢାଏ ଶାଗ । ନୂଆ ହାଣ୍ଡିର କଳା ଗୋଲେଇ ମୁହଁ, ତା ଭିତରେ ଧଳା ପେଜ ଓ ପେଜ ମଝିରେ କଳାଜୋଳା ପରି ଶାଗ ଦେଖି ଦାସିଆ ମନରେ ଆସିଲା ଏକ ଭ୍ରମ ଯେ ଏହାତ ଶ୍ରୀଜଗନ୍ନାଥଙ୍କ ଚକାଜୋଳା । ଏହାକୁ ସେ ଖାଇବ କିପରି ? ଭାତ ପାଖରେ ବସି ଆଖିରୁ ଝର ଝର ହୋଇ ଲୋତକେ ବୋହି ଆସିଲା, ରୋମ ଟାଙ୍କୁରି ଉଠିଲା ଏବଂ ସେ ଆନନ୍ଦରେ ନାଚିବାକୁ ଲାଗିଲା । ସମସ୍ତେ ଭାବିଲେ ଶ୍ରୀକ୍ଷେତ୍ରରୁ ଆସି ଦାସିଆର ମୁଣ୍ଡ ବୋଧହୁଏ ଖରାପ ହୋଇଯାଇଛି । ସେହିଦିନ ଠାରୁ ତାର ହୃଦୟରେ ରହିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ । ସମସ୍ତ କର୍ମ ଭିତରେ ସେ ତାର ମନକୁ ଭଗବାନଙ୍କ ପାଦପଦ୍ମରେ ରଖି ଆନନ୍ଦରେ ଦିନ କଟାଉଥାଏ ।

ଦିନେ ଶ୍ରଦ୍ଧାରେ ଦାସିଆ ତାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଖଣ୍ଡିଏ ହାତବୁଣା ଲୁଗା ସଜାଡ଼ି ରଖିଲା । ବାଡ଼ିର ମିଠା ପଇଡ଼ ଓ ନଡ଼ିଆ ,ଏବଂ ତା ସାଙ୍ଗରେ ଆମ୍ବ, ପଣସ, କଦଳୀ

ପ୍ରଭୃତି ଶ୍ରୀକ୍ଷେତ୍ରକୁ ଯାଇ ମହାପ୍ରଭୁଙ୍କୁ ସମର୍ପଣ କରିବା ପାଇଁ ମନସ୍ଥ କଲା । ଶ୍ରୀକ୍ଷେତ୍ରକୁ ଗଲାବେଳେ ବାଟରେ ଦେଖିଲା ତାଙ୍କ ଗାଁର କେତେଜଣ ବ୍ରାହ୍ମଣଙ୍କୁ । ସେ ନିଜେ ହରିଜନ ହୋଇଥିବାରୁ ଶ୍ରୀମନ୍ଦିର ଭିତରକୁ ତାର ପ୍ରବେଶ ନିଷେଧ ଥିଲା । ତେଣୁ ଜଣେ ବ୍ରାହ୍ମଣଙ୍କୁ ସେ ସବୁ ଦ୍ରବ୍ୟ ଦେଇ ଅନୁନୟ କଲା ଆପଣ ଗରୁଡ଼ ପଛରେ ଛିଡ଼ାହୋଇ ପ୍ରଭୁଙ୍କୁ ଡାକି କରି କହିବେ ଯେ ବାଲିଗାଁ ଦାସିଆ ଏତଜ ପଦାର୍ଥ ଆପଣଙ୍କ ଲାଗି ପଠାଇଛି ଓ ଆପଣ ଅନୁଗ୍ରହ କରି ଏସବୁ ଗ୍ରହଣ କରନ୍ତୁ । ଶ୍ରୀଜଗନ୍ନାଥ ଯଦି ନିଜେ ଶ୍ରୀହସ୍ତରେ ନେବେ ତ ନେବେ ନହେଲେ ମୋ ଜିନିଷ ତକ ଫେରାଇ ଆଣିବେ । ବ୍ରାହ୍ମଣମାନେ ଦାସିଆର ଏ ପ୍ରକାର ବାଗ୍ୱଳତାରେ ନହସି ରହିପାରିଲେ ନାହିଁ । ତଥାପି ଜଣେ ବ୍ରାହ୍ମଣ ସେ ସବୁ ଗ୍ରହଣ କରି ତା କହିଥିବା ମତେ ଗରୁଡ଼ ଖମ୍ଭ ପଛରେ ରହି ଦାସିଆର ଗୁହାରୀ ଶ୍ରୀଜଗନ୍ନାଥଙ୍କୁ ଜଣାଇବାରୁ, ଶୂନ୍ୟରୁ କେହି ଯେପରି ହାତ ବଢ଼େଇ ଟୋକେଇକ ଜିନିଷ ନେଇଗଲେ । ମନ୍ଦିରରେ ହାଲହୋଲି ପଡ଼ିଗଲା ଏବଂ ଶ୍ରୀଜଗନ୍ନାଥଙ୍କ ରତ୍ନ ସିଂହାସନ ତଳେ ଆମ୍ବ, ଟାକୁଆ, ନଡ଼ିଆ ଷଡ଼େଇ, ପଇଡ଼ ଖୋଳ ପଡ଼ିଥିବାର ଦେଖାଗଲା । ତାର ହାତବୁଣା ଲୁଗା ଖଣ୍ଡିକ ପ୍ରଭୁଙ୍କର ପାଦପଦ୍ମ ତଳେ ଲାଗି ରହିଥିଲା । ଏଣେ ଦାସିଆ ମନ୍ଦିର ବାହାରେ ରହି ନିଜ ଭକ୍ତିରେ ଶ୍ରୀଜଗନ୍ନାଥଙ୍କୁ ଡାକି ଗ୍ୱଲିଥାଏ କିପରି ତାର ସାମାନ୍ୟ ଦ୍ରବ୍ୟ ପ୍ରଭୁ ଗ୍ରହଣ କରିବେ । ଦାସିଆ ବାଉରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରେଷ୍ଠ ଭକ୍ତ ଏହା ସେବକମାନେ, ଦେଖଣାହାରୀମାନେ ମୁକ୍ତ କଣ୍ଠରେ ସ୍ୱୀକାର କଲେ । ଶ୍ରେଷ୍ଠ ଭକ୍ତ ଭାବରେ ସେ ଲାଭକଲା ଶ୍ରୀଜଗନ୍ନାଥଙ୍କର ପ୍ରେମ ଓ କରୁଣା, ଓଡ଼ିଶାର ଜଣେ ହରିଜନ ଭକ୍ତ ଭାବରେ ଦାସିଆ ବାଉରୀ ଚୀର ଅମର ।

ଭକ୍ତ ବଂଧୁ ମହାନ୍ତି :– କଟକ ଜିଲା ଯାଜପୁରର ଏକ ପଲ୍ଲୀ ଗାଁରେ ବଂଧୁ ମହାନ୍ତିଙ୍କ ଜନ୍ମ । ଆର୍ଥିକ ସମ୍ବଳ ନଥିବାରୁ ନିଜ ସ୍ତ୍ରୀ, ଦୁଇପୁଅ ଓ ଗୋଟିଏ ଝିଅକୁ ନେଇ ଏକ ପାଞ୍ଚ ପ୍ରାଣୀର ପରିବାରକୁ ଭିକ୍ଷା କରି ପୋଷୁଥାନ୍ତି । ବଂଧୁ ମହାନ୍ତିଙ୍କ ସହାୟ ଏକମାତ୍ର ଶ୍ରୀଜଗନ୍ନାଥ ବୋଲି ତାଙ୍କର ଗଭୀର ବିଶ୍ୱାସ ରହିଥାଏ । ଥରେ ଦେଶରେ ଅକାଳ ପଡ଼ିବାରୁ ଭିକ୍ଷାରେ ପେଟ ପୋଷିବା ଗାଁରେ ସମ୍ଭବ ହେଲା ନାହିଁ । ତେଣୁ ପରିବାର ସହ ସେ ଶ୍ରୀକ୍ଷେତ୍ର ଅଭିମୁଖରେ ପଦଯାତ୍ରା କଲେ । ଦୁଇଦିନ ପରେ ଶ୍ରୀକ୍ଷେତ୍ରରେ ପହଞ୍ଚି ପେଜନେଳାରୁ ପେଟେ ଲେଖାଏଁ ପେଜ ପିଇ ସେମାନେ ନିଦ୍ରାଗଲେ । ବଂଧୁ ବହାନ୍ତିଙ୍କ ପରମ ବଂଧୁ ଶ୍ରୀଜଗନ୍ନାଥ ପହୁଡ଼ ପରେ ମଧ୍ୟ ବିଶ୍ରାମ ନେଇ ପାରିଲେ ନାହିଁ । ଜଣେ ସେବକ ବେଶରେ ଶ୍ରୀ ଜଗନ୍ନାଥ ଦକ୍ଷିଣ ଦ୍ୱାରରେ ପହଞ୍ଚି ତାଙ୍କର ଯାଜପୁରିଆ ବଂଧୁଙ୍କୁ ଡାକିଲେ ଏବଂ ରତ୍ନ ଥାଳିରେ ନାନାପ୍ରକାର ଭୋଗରାଗ ରଖି ସେଠାରୁ ଗ୍ୱଲି ଯାଇଥିଲେ । ବଂଧୁ ମହାନ୍ତି ଅନ୍ଧାରରେ ଛୁଆ ପିଲାଙ୍କୁ ଉଠାଇ ଖାଇବାକୁ ଦେଲେ, ଏବଂ ନିଜେ କିଛି ପ୍ରସାଦ ସେବା କରି ଲୁଗାରେ ରତ୍ନ ଥାଳି ଗୁଡ଼ାଇ ମୁଣ୍ଡତଳେ ରଖି ଶୋଇପଡ଼ିଲେ ।

ତା ପର ଦିନ ସକାଳେ ରତ୍ନ ଥାଳି ଖୋଜା ଲୋଡ଼ା ହୋଇ ନ ମିଳିବାରୁ ରାଜାଙ୍କ ପାଖକୁ ଖବର ଗଲା । ରତ୍ନ ଥାଳି ଘୋରି ଯାଇଛି ବୋଲି ସମସ୍ତେ ମନସ୍ଥ କରି ଘୁରିଆଡ଼େ ଖୋଜାଲୋଡ଼ାରେ ବଂଧୁ ମହାନ୍ତି ଧରା ପଡ଼ିଲେ । ତାଙ୍କୁ ବନ୍ଦୀ କରାଗଲା । ବଂଧୁ ମହାନ୍ତିଙ୍କର କୌଣସି କୈଫିୟତ୍ ଶୁଣାଗଲା ନାହିଁ । ଆକ୍ଷିରୁ ଲୁହ ଝରାଇ ପରମ ବଂଧୁ ଶ୍ରୀଜଗନ୍ନାଥଙ୍କୁ ଡାକିବା ଛଡ଼ା ତାଙ୍କ ପକ୍ଷରେ ଅନ୍ୟ ଉପାୟ ନଥିଲା । ଭକ୍ତର ଦୁଃଖରେ ଶ୍ରୀଜଗନ୍ନାଥ ଅତିଷ୍ଠ ହୋଇ ରାଜାଙ୍କୁ ସମସ୍ତ ବିଷୟ ସ୍ୱପ୍ନମାଧ୍ୟମରେ ଜଣାଇ ଦେଲେ । ରାଜା ବଂଧୁ ମହାନ୍ତିଙ୍କୁ ବନ୍ଦୀରୁ ମୁକ୍ତ କରି ଦେଉଳର ପାଣ୍ଠିଆ ଭାବେ ନିଯୁକ୍ତି ଦେଇ ବହୁ ଧନରତ୍ନ ଜମିବାଡ଼ି ତାଙ୍କ ନାମରେ ଖଞ୍ଜି ଦେଲେ । ପରମବଂଧୁ ଶ୍ରୀଜଗନ୍ନାଥଙ୍କ ଦୟାରୁ ବନ୍ଧୁ ମହାନ୍ତିଙ୍କର ସମସ୍ତ ଦୁଃଖ ଶୋକ ଦୂରୀଭୂତ ହେଲା ଏବଂ ବଂଧୁ ମହାନ୍ତି ଜଗନ୍ନାଥଙ୍କ ସେବାରେ ନିୟୋଜିତ ହୋଇ କାଳାତିପାତ କରିବାକୁ ଲାଗିଲେ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରାଯାଏ,

''ତ୍ୱମେବ ବଂଧୁ ଚ ସଖା ତ୍ୱମେବ''

ବିପଦର ବଂଧୁ ହିଁ ଶ୍ରୀ ଜଗନ୍ନାଥ, ଏହା କେବଳ ଭକ୍ତ ହିଁ ଅନୁଭବ କରିଥାଏ ।

ରାଜକୁମାରୀ ବିଷ୍ଣୁପ୍ରିୟାଃ– ଜୟପୁରର ରାଜା ଜୟସିଂହଙ୍କର ଏକ ଭକ୍ତିମତୀ କନ୍ୟା ଥିଲେ ଯାହାଙ୍କର ନାମ ଥିଲା ବିଷ୍ଣୁ ପ୍ରିୟା । ଶ୍ରୀ ଜଗନ୍ନାଥଙ୍କ ମହିମା ସମ୍ବନ୍ଧରେ ନାନା ବିଷୟରେ ଶୁଣି, ପଢ଼ି ବିଷ୍ଣୁପ୍ରିୟା ନିଜର ମନ ଓ ପ୍ରାଣକୁ ମହାପ୍ରଭୁଙ୍କ ନିକଟରେ ଅର୍ପଣ କରିଥିଲେ । ଥରେ ଜନୈକ ଶ୍ରୀଜଗନ୍ନାଥଙ୍କ ସେବକ ତାଙ୍କ ରାଜପ୍ରାସାଦକୁ ଯାଇଥାନ୍ତି । ରାଜା ଓ ରାଣୀ ତାଙ୍କର ଯଥାରୀତି ସତ୍କାର କରି ପଣ୍ଡାଙ୍କୁ କେତେକ ସୁବର୍ଣ୍ଣ ମୁଦ୍ରା ପ୍ରଣାମି ମଧ୍ୟ ଦେଇଥାନ୍ତି । ରାଜକୁମାରୀ ବିଷ୍ଣୁପ୍ରିୟା ପଣ୍ଡାଙ୍କ ପାଖକୁ ଆସି ତାଙ୍କୁ ଏକ ଜଉମୁଁଦ ଚିଠି ଦେଲେ । ଚିଠିର ଠିକଣା ଯାଗାରେ ଲେଖାଥିଲା ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁ, ଶ୍ରୀକ୍ଷେତ୍ର, ପୁରୀ । ପଣ୍ଡାଙ୍କୁ ଦଶଟି ସୁବର୍ଣ୍ଣ ମୁଦ୍ରା ପାରିଶ୍ରମିକ ହିସାବରେ ଦେଇ ଚିଠିଟି ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କୁ ଦେଇଦେବାପାଇଁ ରାଜକୁମାରୀ ବିନମ୍ର ନିବେଦନ କରିଥିଲେ । ପଣ୍ଡା ସେଠାରୁ ବିଦାୟ ନେଇ ଚିଠି ମଧ୍ୟରେ କିଛି ଅମୂଲ୍ୟ ରତ୍ନ ରହିଛି ଭାବି ତାକୁ ଏକ ନିଭୃତ ସ୍ଥାନରେ ଚିରିଦେଇ ଦେଖିଲେ ଗୋଟିଏ ଚିଠି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଲେଖା ଅଛି । ଚିଠିଟି ହେଲାଃ-

''ରତ୍ନାକରସ୍ତବ ଗୃହଂ ଗୃହିଣୀ ଚ ଲକ୍ଷ୍ମୀ
କିଂ ଦେୟମସ୍ତି ଭବତେ ପୁରଷୋତ୍ତମାୟ ।
ଆଭୀର ଗୋପଲଳନା ହୃତମାନସାୟ
ବତ୍ତଂ ମନସ୍ତଦନୁ ମେ କୃପୟା ଗୃହାଣ'' ।

ଅର୍ଥାତ୍, ହେ ପୁରୁଷୋତ୍ତମ ! ରତ୍ନାକର ଅର୍ଥାତ୍ ସାଗର ଆପଣଙ୍କର ଗୃହ ଏବଂ ସାରା ବ୍ରହ୍ମାଣ୍ଡର ପଡ଼ିଦାତ୍ରୀ ଜଗଜ୍ଜନନୀ ମହାଲକ୍ଷ୍ମୀ ଆପଣଙ୍କ ଗୃହିଣୀ । ଆପଣଙ୍କର କି ଅଭାବ ଅଛି

ଯେ ଏ ଦୀନ ଆପଣଙ୍କୁ କିଛି ଦାନ କରିବ । ଆପଣ ଦ୍ୱାପର ଯୁଗରେ ଗୋପାଳ ଓ ଗୋପାଙ୍ଗନା ମାନଙ୍କର ମନ ଓ ପ୍ରାଣକୁ ଅପହରଣ କରିନେଇଯାଇଥିଲେ । ତେଣୁ ଏ ଦୀନ ଆପଣଙ୍କ ନିକଟରେ ତାର ମନ ଓ ପ୍ରାଣକୁ ଅର୍ପଣ କରୁଛି । ଆପଣ ଦୟାକରି ତାକୁ ଗ୍ରହଣ କରନ୍ତୁ ।

ଚିଠିଟି ପଢ଼ିସାରି ପଣ୍ଡା ମହାଶୟ ସ୍ମିତ ହାସକରି ତାକୁ ଚିରି ଫୋପାଡ଼ି ଦେଲେ । ସେ କାହୁଁ ଜାଣିବେ ଯେ ଶ୍ରୀଜଗନ୍ନାଥଙ୍କର ହସ୍ତପାଦ ଅଛି । ଚକ୍ଷୁ ଓ କର୍ଣ୍ଣ ଅଛି । ଶ୍ୱେତାଶ୍ୱେତ ଉପନିଷଦ ରେ ପୁରୁଷୋତ୍ତମଙ୍କ ବିଷୟରେ ବର୍ଣ୍ଣନା ଅଛି ଯେ,

ଅପାଣି ପାଦୋ ଯବନଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସଶୃଣୋତ୍ୟକର୍ଣ୍ଣଃ ।
ସ ବେତ୍ତି ବେଦ୍ୟଂ ନ ଚ ନସ୍ୟାସ୍ତିବେତ୍ତା ।
ତମାହୁରାଧ୍ୟଂ ପୁରୁଷଂ ମହାନ୍ତମ୍ ।

ଶ୍ରୀ ପୁରୁଷୋତ୍ତମ ଅପାଣି ତଥା ଅପାଦ । ମାତ୍ର ଅପାଣି ହେଲେ ସୁଦ୍ଧା ସେ ସମସ୍ତଙ୍କୁ ଧରି ରଖିଛନ୍ତି ଏବଂ ଅପାଦ ହୋଇ ସୁଦ୍ଧା ସେ ସର୍ବତ୍ର ଯାଇପାରନ୍ତି । ସେ ଅଚକ୍ଷୁ, କିନ୍ତୁ ସର୍ବଦର୍ଶୀ ଏବଂ ସେ ଅକର୍ଣ୍ଣ କିନ୍ତୁ ସର୍ବଶ୍ରୋତା । ଯାହା ଜାଣିବାର କଥା, ସେ ସବୁ ଜାଣନ୍ତି କିନ୍ତୁ ତାଙ୍କୁ କେହି ସଠିକ୍ ଭାବରେ ଜାଣି ପାରନ୍ତି ନାହିଁ । ଏହାଙ୍କୁ ପୁରୁଷୋତ୍ତମ ବୋଲି କୁହାଯାଏ ।

ଶ୍ରୀଜଗନ୍ନାଥ ଚିଠିଟିକୁ ଅମୂଲ୍ୟ ରତ୍ନ ମଣି ଗୋଟାଇ ଆଣି, ଗଳାର ମାଲିକରି ଅତିଯତ୍ନରେ ପିନ୍ଧିଲେ । ହାରରେ ପଦକ ପରି ଚିଠିଟି ବନ୍ଧହୋଇ ତାଙ୍କ ହୃଦୟରେ ଶୋଭା ପାଇଲା । କେତେଦିନ ପରେ ପଣ୍ଡା ଶ୍ରୀ କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରି ରାତ୍ରିରେ ନିଦ୍ରା ଯାଇଥାନ୍ତି । ସେ ରାତ୍ରିରେ ସ୍ୱପ୍ନ ଦେଖିଲେ ଯେ ଶ୍ରୀଜଗନ୍ନାଥ ତାଙ୍କ ମୁଣ୍ଡ ନିକଟରେ ଠିଆହୋଇ ତାଙ୍କୁ କହୁଛନ୍ତି- ‘‘ତୋର ଯାହା ପ୍ରାପ୍ୟ ତୁ ତାହା ନେଲୁ ମାତ୍ର ମୋ ଧନ ମୋତେ ଦେଲୁ ନାହିଁ କାହିଁକି ? ବିଷ୍ଣୁପ୍ରିୟାର ଚିଠି ସାମାନ୍ୟ କାଗଜ ନୁହେଁ । ତାହା ମୋ ଆକ୍ଷିରେ କୋଟି କୋଟି ହୀରା, ନୀଳା, ମଣି ମାଣିକ୍ୟଠାରୁ ଲକ୍ଷେ ଗୁଣରେ ଶ୍ରେୟସ୍କର । କାଲି ସକାଳେ ଆସି ଦେଖ, ମୁଁ ତାକୁ ହୃଦୟର ମାଲିକରି ଅତି ଆଗ୍ରହରେ କିପରି ପିନ୍ଧି ଅଛି ’’ । ପଣ୍ଡା ମହାଶୟ ପରଦିନ ପ୍ରଭାତରୁ ଶ୍ରୀମନ୍ଦିର ଆସି ଶ୍ରୀଜଗନ୍ନାଥଙ୍କ ହୃଦୟରେ ଜଉମୁଦ ଚିଠିଟି ଦେଖି, ନିଜର ଦୁଷ୍କର୍ମ ପାଇଁ ପ୍ରଭୁଙ୍କ ନିକଟରେ କ୍ଷମା ଭିକ୍ଷା କଲେ ।

ଉପରୋକ୍ତ ଉପାଖ୍ୟାନରୁ ସୂଚନା ମିଳେ ଯେ ବିଶ୍ୱବ୍ରହ୍ମାଣ୍ଡର ଅଧିପତି ଶ୍ରୀଜଗନ୍ନାଥ ଭକ୍ତଠାରୁ ଧନରତ୍ନ, ଭୋଗରାଗ, ଦୀପଧୂପ କିଛି ଗ୍ରହାନ୍ତି ନାହିଁ । କାରଣ ଭକ୍ତର ଏ ସମସ୍ତ ଦାନ ତାଙ୍କର ଭକ୍ତ ପ୍ରତି ଦାନର ପ୍ରତିଦାନ ମାତ୍ର । ସେ ଗ୍ରହାନ୍ତି ଭକ୍ତର ମନ । ମନପ୍ରାଣ ତାଙ୍କ ନିକଟରେ ଅର୍ପଣ କରିବା ହେଉଛି ଶ୍ରେଷ୍ଠ ଭକ୍ତ୍ୟର୍ଘ୍ୟ ।

ଭକ୍ତ ଗୀତା ପଣ୍ଡା:– ଶ୍ରୀକ୍ଷେତ୍ରରେ ପାଞ୍ଚପ୍ରାଣୀ କୁଟୁମ୍ବ ଧରି ଜଣେ ଗରିବ ବ୍ରାହ୍ମଣ ବାସ କରୁଥିବଲେ । ପ୍ରତିଦିନ ସକାଳୁ ଉଠି ଆଦ୍ୟପ୍ରାନ୍ତ ଅଠର ଅଧ୍ୟାୟଯାକ ଗୀତା ପଢ଼ିବା ପରେ ଭିକ୍ଷାକରି ସେ କୁଟୁମ୍ବ ପୋଷୁଥାନ୍ତି । ସେ ବ୍ରାହ୍ମଣ ପ୍ରତ୍ୟହ ଗୀତା ପଢୁଥିବାରୁ ତାଙ୍କୁ ଗୀତାପଣ୍ଡା ବୋଲି କୁହାଯାଉଥିଲା । ଗୀତା ତାଙ୍କ ଜୀବନର ସର୍ବସ୍ୱ ଥିଲା । ଦିନେ ଦିନେ ଗୀତା ପଢ଼ାରେ ସେ ଭିକ୍ଷା କରି କିଛି ଅର୍ଜନ କରିବାକୁ ସମର୍ଥ ହେଉ ନଥିଲେ । ଛୋଟ ପିଲାମାନେ ଭୋକରେ ଚହଳ ବିକଳ ହେଉଥିବା ସମୟରେ ପଣ୍ଡାଙ୍କର ଗୀତା ପଢ଼ା ଘୁଲିଥାଏ ।। ତାଙ୍କର ସ୍ତ୍ରୀ ପିଲାଙ୍କ କଲବଲ ଅବସ୍ଥା ଦେଖି ସହ୍ୟ କରି ନପାରି ଗୀତାପଣ୍ଡାଙ୍କୁ ରାଗରେ କହିଲେ ଯେ ''ତୁମେ ହରି ଭଜୁଥିବ ଆଉ ତୁମ ଘରେ ବଳେ ବଳେ ଧାନ ଗୁଉଳ ପଶିଯିବ''। । ପଣ୍ଡାଏ ଅତି ନିର୍ଲିପ୍ତ ଭାବରେ ଗୀତାର ବାଣୀ ଶୁଣାଇଲେ । ଭଗବାନ କହନ୍ତି,

''ସମସ୍ତ କର୍ମ ପରିହାରି । ଯେ ମୋର ପାଦେ ଆଶ୍ରେ କରି ।
ତାହାର ନିର୍ବାହର ଭାର । କାନ୍ଧରେ ରହିଛି ମୋହର ।।।''

ସ୍ତ୍ରୀ ଏହାକୁ ଅସତ୍ୟ ବୋଲି କହି ରାଗରେ ଗୀତା ପୋଥିରେ ସେହି ଶ୍ଲୋକ ଉପରେ ଲେଖନୀରେ ତିନୋଟି ଗାର ପକାଇ କାଟି ଦେଲେ । ଗୀତା ପଣ୍ଡା ଦୁଃଖରେ ଅଭିମାନରେ ପିଲାଙ୍କ ପରି କାନ୍ଦି କାନ୍ଦି କବାଟ କିଳି ଶୋଇବାକୁ ଗଲେ । ସ୍ତ୍ରୀ ମଧ୍ୟ ଛୁଆ ପିଲାଙ୍କୁ ଧରି ଅନ୍ୟ ଘରେ କବାଟ କିଳି ଶୋଇଲେ ।

ଶ୍ରୀ ଜଗନ୍ନାଥ ଭକ୍ତର ଦୁଃଖରେ ଅତିଷ୍ଟ ହୋଇ ଖାଦ୍ୟ ଦ୍ରବ୍ୟର ନାନା ସରଞ୍ଜାମ ଭାର କରି ଗୋପାଳ ବେଶରେ ପଣ୍ଡିଆଣୀ ଶୋଇଥିବା ଘର କବାଟ ଠକ୍ ଠକ୍ କଲେ । ପଣ୍ଡିଆଣୀ କବାଟ ଖୋଲି ଦେଖିଲେ ଗୋଟିଏ କୃଷ୍ଣବର୍ଣ୍ଣର ବାଳକ ଦୁଇଟା ବଡ଼ ବଡ଼ ଭାର ଥୋଇ ଠିଆ ହୋଇଛି । ପିଲାଟି ପଣ୍ଡିଆଣୀଙ୍କୁ କହିଲା, ''ପଣ୍ଡାଙ୍କର ସାଙ୍ଗ ମୋ ହାତରେ ଏତକ ପଦାର୍ଥ ଦେଇଛନ୍ତି ତାଙ୍କ ଘରେ ଦେଇ ଆସିବା ପାଇଁ । ତୁମେ ଯତ୍ନକରି ଏସବୁ ରଖ ଏବଂ ପଣ୍ଡା ଉଠିଲେ ତାଙ୍କୁ ଏକଥା ଜଣାଇ ଦେବ ।'' ସେହି ଦୁଇ ଭାର ଜିନିଷରେ ଘର ପୂର୍ଣ୍ଣ ହୋଇଗଲା । ରଖିବାକୁ ଜାଗା ମିଳିଲା ନାହିଁ । ପଣ୍ଡିଆଣୀ ପିଲାଟିକୁ ଖାଇକରି ଯିବାକୁ ଅନୁରୋଧ କରିବାରୁ, ପିଲାଟି କହିଲା, ''ପଣ୍ଡାଙ୍କ ଘରେ ଦିଓଟି ପଖାଳ ପାଣି ଖାଇବାକୁ ଇଚ୍ଛା । କିନ୍ତୁ ମୋର ଜିଭ କାଟି ହୋଇ ଯାଇଥିବାରୁ ଖାଇଲାବେଳେ ପାଟି ପୋଡୁଛି । କିଛି ଖାଇ ହେଉନାହିଁ ।'' ଏତକ କହି ବାଳକଟି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା ।

ରନ୍ଧାବଢ଼ା ଶେଷ କରି ପଣ୍ଡିଆଣୀ ସ୍ୱାମୀଙ୍କୁ ସ୍ନେହରେ ଉଠାଇଲେ ଏବଂ ସମସ୍ତ ବୃତାନ୍ତ ତାଙ୍କ ଆଗରେ ଆଗ୍ରହର ସହ ବଖାଣିବସିଲେ । ଗୀତା ପଣ୍ଡା ସ୍ୱୟଂ ଶ୍ରୀଜଗନ୍ନାଥ ଛଦ୍ମ ବେଶରେ ଭାର ଧରି ଆସିଥିଲେ ବୋଲି ନିଶ୍ଚିତ ଭାବରେ ଜାଣିଲେ । ପ୍ରଭୁଙ୍କ ଜିଭ କାଟି ହୋଇ ଯାଇଥିବାରୁ ସେ ଦୁଃଖରେ ଭାଙ୍ଗି ପଡ଼ିଲେ । ପଣ୍ଡିଆଣୀ ନିଜର ଅପରାଧ ପାଇଁ

ସ୍ୱାମୀଙ୍କ ପାଖରେ ଓ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ଶ୍ରୀମନ୍ଦିର ଯାଇ ଦେଖିଲେ ପ୍ରଭୁଙ୍କ କ୍ଷମାଭିକ୍ଷାକଲେ। ରଙ୍ଗ ଅଧରରେ ତିନୋଟି ସ୍ପଷ୍ଟ ଦାଗ ଦେଖାଯାଉଛି । ସେମାନଙ୍କ ଆଖିରୁ ଝର ଝର ହୋଇ ଲୁହର ଧାର ଛୁଟିଲା ଏବଂ ସାଷ୍ଟାଙ୍ଗ ପ୍ରଣିପାତ କରି କ୍ଷମାଭିକ୍ଷା କରିବାକୁ ଲାଗିଲେ । ସେମାନଙ୍କର ଦୁଃଖ ଦାରିଦ୍ର୍ୟ ଦୂରୀଭୂତ ହେଲା ଏବଂ ଶ୍ରୀ ଜଗନ୍ନାଥଙ୍କୁ ଆଶ୍ରୟ କରି, ତାଙ୍କ ନିକଟରେ ମନ ପ୍ରାଣ ଅର୍ପଣ କରି ସେମାନେ ସୁଖରେ କାଳାତିପାତ କଲେ ।

ଭକ୍ତ ଗଣପତି ଭଟ୍ଟଃ– ମହାରାଷ୍ଟ୍ରର ଜଣେ ଧର୍ମନିଷ୍ଠ ସାଧକ ଥିଲେ, ଯାହାଙ୍କ ନାମ ଥିଲା ଗଣଭତି ଭଟ୍ଟ । ପ୍ରଭୁ ଗଜାନନ ପୂର୍ଣ୍ଣବ୍ରହ୍ମ ହୋଇଥିବାରୁ ସେ ଗଜାନନଙ୍କ ଛଡ଼ା ଅନ୍ୟ କାହାକୁ ପ୍ରଣିପାତ କରୁ ନଥିଲେ । ଯେପରି ବୀରହନୁମାନ ଶ୍ରୀରାମଙ୍କ ଛଡ଼ା ଅନ୍ୟ କାହାକୁ, ବାହାନ ଗରୁଡ଼ ବିଷ୍ଣୁଙ୍କ ଛନା ଅନ୍ୟ କାହାକୁ ଦେବତା ବୋଲି ସ୍ୱୀକାର କରନ୍ତି ନାହିଁ କି ପଣିପାତ ମଧ୍ୟ କରନ୍ତି ନାହିଁ ସେହିପରି ଗଣଭତି ଭଟ୍ଟ ପ୍ରଭୁ ଗଣେଶଙ୍କ ବ୍ୟତୀତ ଅନ୍ୟ କାହାକୁ ସ୍ୱୀକାର କରନ୍ତି ନାହିଁ । ସେ ପୁରାଣରୁ, ସାଧୁ ସଜ୍ଜଙ୍କ ଉପଦେଶ ବାଣୀରୁ ଅବଗତ ହେଲେ ଯେ ଶ୍ରୀ କ୍ଷେତ୍ରରେ ବ୍ରହ୍ମସ୍ଥୂଳ ସ୍ୱରୂପ ଧାରଣ କରି ଜଗନ୍ନାଥ ରୂପରେ ଅବତୀର୍ଣ୍ଣ । ତେଣୁ ବ୍ରହ୍ମ ଦର୍ଶନ ଉଦ୍ଦେଶ୍ୟରେ ନାନା କଷ୍ଟ ସ୍ୱୀକାର କରି ସେ ଶ୍ରୀ କ୍ଷେତ୍ର ଅଭିମୁଖରେ ଯାତ୍ରା କଲେ । ଅବଶେଷରେ ସ୍ନାନ ପୂର୍ଣ୍ଣମୀର ପୂର୍ବଦିନ ସେ ଶ୍ରୀ ମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ସୁଦ୍ଧା ତାଙ୍କଠାରେ ଗଜବଦନ ନଦେଖି ତାଙ୍କୁ ବ୍ରହ୍ମ ବୋଲି ବିଶ୍ୱାସ କଲେ ନାହିଁ । ଏତେ ପଥ ଅତିକ୍ରମ କରି ଆସିବା ନିରର୍ଥକ ବୋଲି ତାଙ୍କର ହୃଦ୍‌ବୋଧ ହେଲା । ସେ ନିରାଶ ହୋଇ ଫେରିବା ବେଳେ ଜଣେ ଯାତ୍ରୀ କଥୋପକଥନ ଛଳରେ ତାଙ୍କୁ ଉପଦେଶ ଦେଲେ ଯେ ମନ ନିଶ୍ଚଳ କରି ଶ୍ରୀ ଜଗନ୍ନାଥ ଦାରୁବ୍ରହ୍ମଙ୍କୁ ଗ୍ରହିଁଲେ ନିଶ୍ଚୟ ତାଙ୍କର ଗଜବଦନର ଦର୍ଶନ ମିଳିବ । ଗଣପତି ଭଟ୍ଟ ଏ ପ୍ରକାର ଦିବ୍ୟଜ୍ଞାନ ଲାଭକରି ଶ୍ରୀଜଗନ୍ନାଥଙ୍କୁ ଗଣେଶ ଭାବରେ ସ୍ତବ କରିବାରୁ ମହାପ୍ରଭୁ ଜଗନ୍ନାଥ ତାଙ୍କୁ ଗଜାନନ ରୂପ ଦର୍ଶନ ଦେଲେ । ଭକ୍ତ ଗଣପତି ଭଟ୍ଟ ଆନନ୍ଦରେ ଅଧୀର ହୋଇ ପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ ଏବଂ ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣମୀ ଦିନ ମହାପ୍ରଭୁ ଯେପରି ଏହି ଗଜାନନ ବେଶ ଧାରଣ କରନ୍ତି, ଏଥି ନିମିତ୍ତ ସେ ପ୍ରଭୁଙ୍କୁ ବିନୀତ ପ୍ରାର୍ଥନା କରିଥିଲେ । ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ ସ୍ନାନପୂର୍ଣ୍ଣମୀ ଦିନ ଶ୍ରୀଜଗନ୍ନାଥଙ୍କର ଗଜାନନ ବେଶ ବା ହାତୀ ବେଶ ହୁଏ । ଗଣପତି ଭଟ୍ଟ ବ୍ରହ୍ମରୂପେ ଶ୍ରୀ ଜଗନ୍ନାଥଙ୍କୁ ଧ୍ୟାନ କରି ସେହି ବ୍ରହ୍ମରେ ଲୀନ ହୋଇଯାଇଥିଲେ ।

ଶ୍ରୀଜଗନ୍ନାଥ କାଳେ କାଳେ ଭକ୍ତର ଅଧୀନ । ଯେ ଯେଉଁ ରୂପରେ ତାଙ୍କୁ ଦର୍ଶନ କରିବାକୁ ଗ୍ରହିଁଛି, ଶ୍ରୀ ଜଗନ୍ନାଥଙ୍କର ତା ପାଇଁ ସେହି ରୂପ । ସେଥିପାଇଁ ଗୋପାଳ ସହସ୍ର ନାମରେ ବର୍ଣ୍ଣିତ ଅଛି,

''ଅପାରକରୁଣାସିନ୍ଧୁର୍ଭଗବାନ ଭକ୍ତବତ୍ସଲଃ'' ।

ସନ୍ତ ତୁଳସୀ ଦାସଃ- ସନ୍ତ ତୁଳସୀ ଦାସ ଅଯୋଧ୍ୟାରୁ ଶ୍ରୀକ୍ଷେତ୍ର ଆସିଥାନ୍ତି ତାଙ୍କର ପରମାରାଧ୍ୟ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଦର୍ଶନ କରିବା ପାଇଁ । ସେ ଶୁଣିଛନ୍ତି ରାମ, ଲକ୍ଷ୍ମଣ, ସୀତା ପୁରୁଷୋତ୍ତମ କ୍ଷେତ୍ରରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଭାବେ ଆରାଧିତ ହେଉଛନ୍ତି ବୋଲି । ତେଣୁ ସେ ଭାବବିହ୍ୱଳ ଭାବରେ ଗରୁଡ଼ ସ୍ତମ୍ଭ ନିକଟରେ ପହଞ୍ଚି ରତ୍ନ ସିଂହାସନକୁ ଦୃଷ୍ଟି ନିକ୍ଷେପ କରି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଦେଖିଲେ । ପ୍ରଣିପାତ କରିବା ପାଇଁ ତାଙ୍କର ମୋଟେ ଇଚ୍ଛା ହେଲା ନାହିଁ । ଶ୍ରୀ ରାମଙ୍କ ସୌମ୍ୟ ଶାନ୍ତ ମୂର୍ତ୍ତି ନଦେଖି ସେ ରତ୍ନ ସିଂହାସନ ଆଡ଼କୁ ଅଗ୍ରସର ହେଲେ । ରତ୍ନ ସିଂହାସନ ତଳେ ଦଣ୍ଡାୟମାନ ହୋଇ ଯେତେଥର ନିରୀକ୍ଷଣ କଲେ ସୁଦ୍ଧା ତାଙ୍କର ପରମାରାଧ୍ୟ ଶ୍ରୀରାମ ମୂର୍ତ୍ତି ନଦେଖି ନିରାଶରେ ପ୍ରତ୍ୟାବର୍ତ୍ତନ କଲେ । ଏତେ ପଥ ପରିଶ୍ରମ କରି ଆସି କିଛି ଲାଭ ହେଲା ନାହିଁ ବୋଲି ତାଙ୍କର ହୃଦ୍‌ବୋଧ ହେଲା । ଶ୍ରୀରାମଙ୍କର ସେହି କମନୀୟ କାନ୍ତି ବଦଳରେ ସେ ଯାହାଙ୍କୁ ଦେଖିଛନ୍ତି ଭୟଙ୍କରତାରେ ତାଙ୍କ ଠାରୁ ଅଧିକ ଚିତ୍ର ସେ ଆଉ କିଛି ଦେଖି ପାରିବେ ନାହିଁ ବୋଲି ତାଙ୍କର ମନେ ହେଲା । ଶ୍ରୀମନ୍ଦିରରୁ ଫେରିବାବେଳେ ବାଇଶି ପାହାଚରେ ପହଞ୍ଚିଛନ୍ତି, ହଠାତ୍ ଗୋଟିଏ ବଡ଼ ମାଙ୍କଡ଼ ଧାଇଁ ଆସି ତାଙ୍କ କାନ୍ଧରେ ପଡ଼ିଥିବା ଗ୍ୱଦରଟିକୁ ଟାଣି ନେଇଗଲା ଏବଂ ଆନନ୍ଦରେ ବାହାର ବେଢ଼ାର ମେଘନାଦ ପାଚେରି ଉପରେ ଗ୍ୱଦର ଧରି ବସି ରହିଲା । ଯେତେ ପ୍ରକାର ଚେଷ୍ଟା କଲେ ମଧ୍ୟ ତୁଳସୀ ଦାସ ଗ୍ୱଦର ପାଇଲେ ନାହିଁ । କିଛି ସମୟ ପରେ ଜଣେ ଦୀର୍ଘକାୟ ବ୍ୟକ୍ତି ତାଙ୍କ ପାଖରେ ପହଞ୍ଚି ତାଙ୍କୁ ଟିକିଏ ଅନାଇଲେ ଏବଂ ମେଘନାଦ ପାଚେରୀ ଉପରେ ଗ୍ୱଦର ସହ ବସିଥିବା ମାଙ୍କଡ଼ଟିକୁ ଗ୍ୱଦର ଦେଇଦେବା ପାଇଁ ନିର୍ଦ୍ଦେଶ ଦେବାରୁ ସେ ଗ୍ୱଦରଟିକୁ ତଳକୁ ପକାଇଦେଲା । ତୁଳସୀ ଦାସ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ଗ୍ୱଦର ନେଇ ମନ୍ଦିର ବାହାରକୁ ଗ୍ୱଲିଗଲେ । ଗ୍ୱଲିଯାଉଥିବାବେଳେ ତାଙ୍କର ମନେ ପଡ଼ିଲା ରାମାୟଣର ଉତ୍ତରାକାଣ୍ଡରେ ଲେଖାଯାଇଥିବା ବିଷୟ । ରାମଚନ୍ଦ୍ର ଯେତେବେଳେ ସ୍ୱର୍ଗକୁ ବାହାରିଲେ, ସେତେବେଳେ ବିଭୀଷଣଙ୍କୁ କହିଯାଇଥିଲେ ଇକ୍ଷ୍ୱାକୁ ବଂଶର କୁଳଦେବତା ଜଗନ୍ନାଥଙ୍କୁ ପୂଜା କରିବା ପାଇଁ । ମହର୍ଷୀ ବାଲ୍ମିକୀ ଲେଖିଯାଇଛନ୍ତି,

"ଆରାଧୟ ଜଗନ୍ନାଥମିକ୍ଷ୍ୱାକୁକୁଳ ଦୈବତମ୍" ।

ତୁଳସୀ ଦାସଙ୍କ ମନରେ ବାରମ୍ବାର ଗୋଟିଏ ପ୍ରଶ୍ନ ଉତ୍‌ଥାପିତ ହେଲା, ରାମଚନ୍ଦ୍ରଙ୍କର କୁଳଦେବତା କ'ଣ ଏହି ଶ୍ରୀ ଜଗନ୍ନାଥ, ଯାହାଙ୍କର ପାଦ ନାହିଁ, ହାତ ଥାଇ ନଥିଲାଭଳି, କାନ ନାହିଁ ଏବଂ ଚକ୍ଷୁ ଦୁଇଟା ବୃତ୍ତାକାର । ମୁହଁରେ ପାଟି ଭଳି ନାଲିରେ ଚିତ୍ରିତ ହୋଇଥିବା ପାଟି, ଠିକ୍ ପାଟି ନୁହେଁ । ଏଭଳି ଏକ ଖଣ୍ଡିତ ଦେବତାଙ୍କୁ ପୂଜା କରିବା ନିମିତ୍ତ ବିଭୀଷଣଙ୍କୁ କ'ଣ ଶ୍ରୀରାମଚନ୍ଦ୍ର କହିଯାଇଥିଲେ ? ଏହିପରି ଚିନ୍ତାର ସାଗର ମଧ୍ୟରେ ଉବୁଟୁବୁ ହେଉଥିବା ସମୟରେ ହଠାତ୍ ଜଣେ ଦୀର୍ଘକାୟ ବ୍ୟକ୍ତି ଗୋଟିଏ ମାଙ୍କଡ଼କୁ ଲୁହା ଶିକୁଳିରେ ବାନ୍ଧି ତାଙ୍କ ନିକଟରେ ପହଞ୍ଚିଗଲେ । ସେ ଜୟରାମ ଜୟ ଜଗନ୍ନାଥ ବୋଲି ବରାବର କହୁଥାନ୍ତି । ରାମଙ୍କ ନାମ ଶୁଣି ତୁଳସୀ ଦାସଙ୍କର ସେ ଲୋକ ପ୍ରତି ଗୋଟାଏ ଆତ୍ମୀୟତା ଭାବ ଆସିଲା ।

ସେ ତୁଳସୀ ଦାସଙ୍କୁ କହିଲେ ଯେ ଶ୍ରୀ ଜଗନ୍ନାଥ ହିଁ ପରଂବ୍ରହ୍ମ । ତାଙ୍କୁ ଦର୍ଶନ କରିବା ପାଇଁ କବିଭୀଷଣ ଓ ହନୁମାନ ପ୍ରତ୍ୟହ ଏଠାକୁ ଆସନ୍ତି । ଏହି ଜଗନ୍ନାଥ ସ୍ୱୟଂ ଶ୍ରୀରାମ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ସୀତା ଦେବୀ ଏ କ୍ଷେତ୍ରରେ ଯୋଗିନୀ ରୂପେ କ୍ଷେତ୍ରକୁ ରକ୍ଷା କରୁଅଛନ୍ତି । ଏଠାରେ ଚନ୍ଦ୍ରରୁ ଅମୃତ କ୍ଷରି କ୍ଷେତ୍ରକୁ ପ୍ଲାବନ କରୁଛି । ଏପରି ଅନେକ କଥା କହି ସେ ଗ୍ୱଲିଗଲେ । ରାତ୍ରିରେ ନିରାହାରରେ ଶୋଇଥିବା ସମୟରେ ଜଣେ ଲୋକ ମହାପ୍ରସାଦ ଆଣି ତାଙ୍କୁ ଦେବାରୁ ସେ ତାକୁ ଗ୍ରହଣ କଲେ ଏବଂ ପ୍ରସାଦର ସ୍ୱାଦୁ ତାଙ୍କୁ ଅମୃତ ଭଳି ଲାଗିଲା । ସେ ପୂର୍ବରୁ ଶୁଣିଥାନ୍ତି ଯେ ସ୍ୱୟଂ ମହାଲକ୍ଷ୍ମୀଙ୍କ ପାକ ଭୈରବୀ ଚକ୍ରରେ ଓ ନୃସିଂହ ମନ୍ତ୍ରରେ ଲାଗି ହୋଇଥାଏ ଏବଂ ମହାପ୍ରସାଦ ହେଲା କି ନାହିଁ ତାହା ବିମଳାଙ୍କ ପାଖରେ ସମର୍ପିତ ହୋଇ ଅନୁମୋଦିତ ହୁଏ । ତୁଳସୀ ଦାସ ରାତ୍ରିରେ ଶୟନ ଯାଇଥିବା ସମୟରେ ସ୍ୱପ୍ନରେ ଦେଖିଲେ ସ୍ୱୟଂ ରାମଚନ୍ଦ୍ରଙ୍କୁ । ତାଙ୍କର ପ୍ରଭୁ ଶ୍ରୀରାମଚନ୍ଦ୍ର କହୁଛନ୍ତି, ''ତୁଳସୀ ! ଶ୍ରୀ କ୍ଷେତ୍ର ଭଳି ମହାନ୍ କ୍ଷେତ୍ରକୁ ଅବଜ୍ଞା କରି ଏଠା ପରିତ୍ୟାଗ କରିବା ବିଜ୍ଞତାର କାର୍ଯ୍ୟ ନୁହେଁ । ମୁଁ ଏହି କ୍ଷେତ୍ରରେ ରହିଛି ଏବଂ ମୁଁ ହେଉଛି ସ୍ୱୟଂ ବ୍ରହ୍ମ । ତୁମେ ଶ୍ରୀମନ୍ଦିରରୁ ଫେରିଆସୁଥିବା ବେଳେ ଯେଉଁ ବାନର ତୁମର ଗ୍ୱଦର ଟାଣି ନେଇଥିଲା ସେ ମୋର ପରମ ଭକ୍ତ ହନୁମାନ ଏବଂ ଯେଉଁ ବ୍ୟକ୍ତି ତୁମ ଗ୍ୱଦର ହନୁମାନ ଠାରୁ ଫେରାଇ ଆଣି ତୁମକୁ ସମର୍ପଣ କଲେ ସେ ସ୍ୱୟଂ ବିଭୀଷଣ । ଯେଉଁ ପ୍ରସାଦ ତୁମେ ସେବନ କରି ପରମ ତୃପ୍ତି ଲାଭ କରିଥିଲ ତାକୁ ମୁଁ ତୁମ ପାଖକୁ ପଠାଇଥିଲି । ମୁଁ ତୁମର ସେହି ଶ୍ରୀରାମ ଏଠାରେ ଜଗନ୍ନାଥ ରୂପରେ ଅବସ୍ଥାନ କରିଛି । ଆଜିର ଏହି ରାତି ପାହି ପ୍ରଭାତ ହେବା ମାତ୍ରେ ତୁମେ ଆସି ମୋତେ ଦର୍ଶନ କର । ତୁମକୁ ମୁଁ ଶ୍ରୀରାମ ଭାବରେ ଦର୍ଶନ ଦେବି ।

ତୁଳସୀ ଦାସଙ୍କର ଏହି ସ୍ୱପ୍ନରେ ନିଦ୍ରା ଭାଙ୍ଗିଗଲା । ରାତ୍ରିର ଅବଶିଷ୍ଟ ସମୟତକ ଚିନ୍ତା ରାଜ୍ୟରେ ବୁଡ଼ି ରହି ସେ ଅତିବାହିତ କଲେ। ପ୍ରାତଃ କାଳରୁ ନିତ୍ୟକର୍ମ ଶେଷ କରି ଶ୍ରୀ ମନ୍ଦିରକୁ ଯାଇ ଦ୍ୱାର ଖୋଲା ହେବା ମାତ୍ରେ ରତ୍ନ ସିଂହାସନରେ ଦେଖିଲେ ଶ୍ରୀରାମ, ସୀତା ଓ ଲକ୍ଷ୍ମଣ ବିରାଜମାନ କରୁଛନ୍ତି । ତାଙ୍କର କମନୀୟ କାନ୍ତି ତୁଳସୀଙ୍କ ମନର ସମସ୍ତ ଆଳତାକୁ ପୋଛିଦେଲା । ସେ ସେଠାରେ ସାଷ୍ଟାଙ୍ଗ ପ୍ରଣିପାତ କଲେ ,ଏବଂ ଜୀବନ ତାଙ୍କର ଧନ୍ୟ ହେଲା ବୋଲି ମନେ ମନେ ଚିନ୍ତା କରିବାକୁ ଲାଗିଲେ । ତାଙ୍କର ଆଖିରୁ ଲୁହର ଧାର ଗଡ଼ି ଗ୍ୱଲିଥାଏ ଏବଂ ସେ ମହାପ୍ରଭୁଙ୍କୁ କହୁଥାନ୍ତି, '' ହେ ମହାପ୍ରଭୁ ! ମୋର ଅଜ୍ଞତା ପାଇଁ, ଧୃଷ୍ଟତା ପାଇଁ ମୋତେ କ୍ଷମାକର । ସେ କ୍ଷମାମାଗି ମାଗି ଯେତେବେଳେ ଉଠିଲେ ତାଙ୍କ ହୃଦୟରୁ ସ୍ୱତଃ ଗୋଟିଏ ସ୍ୱର ନିସୃତ ହେଲା ଏବଂ ସେ ଗାଇ ଉଠିଲେ—

ବିନୁପଦ ଚଲଇ ସୁନ ବିନୁ କାନା ।
କରବିନୁ କରମ କରଇ ବିଧି ନାନା ।।
ଆନନ ରହିତ ସକଳ ରସଭୋଗୀ ।
ବିନୁବାନୀ ବକତା ବଡ଼ଯୋଗୀ ।।

ରତ୍ନ ସିଂହାସନ ଉପରୁ ତାଙ୍କୁ କେହି ନିର୍ଦ୍ଦେଶ ଦେଲା ତୁଳସୀ ରାମାୟଣ ରଚନା କରିବାପାଇଁ । ମହାପ୍ରଭୁଙ୍କ ଆଦେଶକୁ ତୁଳସୀ ସେହିଠାରେ ଶିରନତ କରି ଗ୍ରହଣ କରିନେଲେ ।। ସେ ମୁଖତୋଲି ଦେଖିଲେ ସିଂହାସନ ଉପରେ ଆଉ ଶ୍ରୀରାମ ନାହାନ୍ତି । ତାଙ୍କ ସ୍ଥାନରେ ଶ୍ରୀଜଗନ୍ନାଥ ଉଭା ହୋଇଛନ୍ତି । ସୀତାଙ୍କ ସ୍ଥାନରେ ଯୋଗମାୟା ସୁଭଦ୍ରା ଏବଂ ଲକ୍ଷ୍ମଣଙ୍କ ସ୍ଥାନରେ ଶ୍ରୀ ବଳଭଦ୍ର ରତ୍ନ ସିଂହାସନରେ ବିରାଜମାନ କରୁଛନ୍ତି ।

ତୁଳସୀ ଦାସ ପ୍ରଭୁଙ୍କ ନିର୍ଦ୍ଦେଶକୁ ଯଥାରୀତି ମାନ୍ୟ ଦେଇ ରଚନା କଲେ ରାମାୟଣ, ଯାହା ଆଜି ତୁଳସୀ ରାମାୟଣ ନାମରେ ବିଦିତ । ତୁଳସୀ ରାମାୟଣ ପ୍ରଭୁଙ୍କ ନିର୍ଦ୍ଦେଶରେ ଲେଖାଯାଇଥିବାରୁ ଏହା ଅମୃତ ପରି ରସପୂର୍ଣ୍ଣ ହୋଇପାରିଛି । ମହାକବି ବାଲ୍ମିକୀଙ୍କ ରାମାୟଣ ପରି ଏହା ଅତୀବ ଲୋକପ୍ରିୟ ।

ଶ୍ରୀଚୈତନ୍ୟ:– ଶ୍ରୀ ଚୈତନ୍ୟ ଜଣେ ସିଦ୍ଧ, ସାଧକ, ତଥା ମହାପୁରୁଷ ଭାବରେ ଜନସମାଜରେ ଆଦୃତ । ଶ୍ରୀ କ୍ଷେତ୍ରରେ ସେ ଅଠର ବର୍ଷ କାଳ ଅବସ୍ଥାନ କରି ମଧୁର ଭକ୍ତି ଲୀଳାରେ ନୀଳାଚଳ ଧାମକୁ ପ୍ଲାବିତ କରିଥିଲେ । କଳି ଯୁଗରେ ଭଗବାନଙ୍କ ନାମ ସଂକୀର୍ତ୍ତନ ହିଁ ପ୍ରଧାନ, ଏହା ଥିଲା ତାଙ୍କର ଜନସମାଜ ନିକଟରେ ବକ୍ତବ୍ୟ । ସେ ୧୫୦୯ ଖ୍ରୀଷ୍ଟାବ୍ଦରେ ଶ୍ରୀ କ୍ଷେତ୍ର ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଅଳ୍ପକାଳ ଅବସ୍ଥାନ କଲାପରେ ଶ୍ରୀକ୍ଷେତ୍ର ତ୍ୟାଗକରି ଚାଲିଯାଇଥିଲେ । ପୁନର୍ବାର ୧୫୧୦ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟବାର ଶ୍ରୀକ୍ଷେତ୍ର ଆସି ଶ୍ରୀଜଗନ୍ନାଥଙ୍କୁ ପ୍ରତ୍ୟହ ଦର୍ଶନ କରି ତାଙ୍କର ତିରୋଧାନ ପର୍ଯ୍ୟନ୍ତ ସେ ଏ ମର୍ତ୍ତ୍ୟ ବୈକୁଣ୍ଠରେ ଅବସ୍ଥାନ କରିଥିଲେ । ସେତେବେଳେ ଉତ୍କଳର ସମ୍ରାଟ ଥାଆନ୍ତି ଗଜପତି ପ୍ରତାପରୁଦ୍ର ଦେବ । ଶ୍ରୀଚୈତନ୍ୟ ହରି ନାମ ସଂକୀର୍ତ୍ତନ କରି ଶ୍ରୀଜଗନ୍ନାଥ ଦର୍ଶନରେ ଏପରି ପ୍ରେମାବିଷ୍ଟ ହୋଇପଡ଼ିଲେ ଯେ ସେ ହଠାତ୍ ମୂର୍ଚ୍ଛିତ ହୋଇଗଲେ । ମହା ପଣ୍ଡିତ ସାର୍ବଭୌମ ଭଟ୍ଟ ମିଶ୍ର ଶ୍ରୀ ଚୈତନ୍ୟଙ୍କ ପ୍ରେମ ବିକାର ଦେଖି ବିସ୍ମିତ ହେଲେ ଏବଂ ତାଙ୍କର ଆବାସ ସ୍ଥଳୀ ଶ୍ରୀକ୍ଷେତ୍ରର ଗଙ୍ଗାମାତା ମଠକୁ ତାଙ୍କୁ ସେବକମାନଙ୍କ ସାହାଯ୍ୟ ନେଇ ସେଠାରେ ତାଙ୍କର ସଂଜ୍ଞା ଅଣାଇଲେ । ଶ୍ରୀ ଚୈତନ୍ୟ ସଂଜ୍ଞା ପାଇବା ପରେ ସାର୍ବଭୌମଙ୍କ ସହିତ ବେଦାନ୍ତ ଆଲୋଚନାରେ ବ୍ୟସ୍ତ ରହିଲେ ।। ସାର୍ବଭୌମ ବେଦାନ୍ତକୁ ନଅ ପ୍ରକାର ଅର୍ଥ କରି ବୁଝାଇବାରୁ ଶ୍ରୀ ଚୈତନ୍ୟ ଏହାକୁ ୧୮ ଟି ପ୍ରକାର ଅର୍ଥ କରି ପ୍ରକାଶ କଲେ । ସାର୍ବଭୌମଙ୍କର ସେତେଦିନ ପର୍ଯ୍ୟନ୍ତ ଥିବା ଅହଂଭାବ ଲୋପ ହେଲା ଏବଂ ସେ ଶ୍ରୀଚୈତନ୍ୟଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ସାର୍ବଭୌମଙ୍କର ଧାରଣା ହେଲା ଯେ ଶ୍ରୀ ଚୈତନ୍ୟ ସାମାନ୍ୟ ସନ୍ୟାସୀ ନୁହଁନ୍ତି । ସାକ୍ଷାତ ଭଗବାନ । ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ମଧ୍ୟ ଶ୍ରୀଚୈତନ୍ୟଙ୍କ ମଧୁର ସଂକୀର୍ତ୍ତନରେ ନିମଜ୍ଜିତ ହେଲେ । ଶ୍ରୀଜଗନ୍ନାଥ ଦର୍ଶନ, ନାମ ସଂକୀର୍ତ୍ତରେ ଶ୍ରୀ ଚୈତନ୍ୟଙ୍କର ଶ୍ରୀକ୍ଷେତ୍ରରେ କାଳ ଅତିବାହିତ ହେବାକୁ ଲାଗିଲା ।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟ ଉପସ୍ଥିତ ହୋଇଥାଏ । ଶ୍ରୀ ଚୈତନ୍ୟ ବିଭିନ୍ନ ସମ୍ପ୍ରଦାୟ ଓ ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ସହିତ ମହା ସଂକୀର୍ତ୍ତନରେ ବିଭୋର ହୋଇ ନୃତ୍ୟ କରିବାକୁ ଲାଗିଲେ । ତାଙ୍କର ମହା ଭାବମୟ ଉଦ୍ଦଣ୍ଡ ନୃତ୍ୟ ଓ ଆବେଗ ଭରା ରଥ ଟଣା ଏକ ସ୍ୱର୍ଗୀୟ ଲୀଳାର ପରିସ୍ଫୁରଣ ମାତ୍ର । ଗୋପୀ ଗଣ କୃଷ୍ଣଙ୍କର ଦର୍ଶନ ପାଇଁ ଯେପରି ଭାବ ବିହ୍ୱଳ ହୋଇ ପଡୁଥିଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଶ୍ରୀଚୈତନ୍ୟଙ୍କର ସେହିପରି ଭାବାବିଷ୍ଟ ହେଉଥିଲା । ନିଜକୁ ମହାଭାବମୟୀ ରାଧା ଭାବରେ କୃଷ୍ଣରୂପୀ ଜଗନ୍ନାଥଙ୍କ ସହ ମିଶାଇ ଦେଉଥିଲେ । ନୀଳାଚଳରେ ସେ ସର୍ବତ୍ର ଦେଖୁଥିଲେ କୃଷ୍ଣମୟ । ତାଙ୍କ ମତରେ ନୀଳାଚଳ ହିଁ ନିତ୍ୟବୃନ୍ଦାବନ ଓ ଜଗନ୍ନାଥ ହିଁ ସାକ୍ଷାତ ଶ୍ରୀକୃଷ୍ଣ । ଶ୍ରୀ କ୍ଷେତ୍ରର ପ୍ରତି ଧୂଳି କଣାରେ ସେ ଦେଖୁଥିଲେ ଗୋଲକର ମଧୁର ଲୀଳା । ତାଙ୍କର ଭାବମୟ ଜଗନ୍ନାଥ ସଂକୀର୍ତ୍ତନରେ ପଥର ମଧ୍ୟ ତରଳି ଯାଉଥିଲା । ପଥର ତରଳି ଗରୁଡ଼ସ୍ତମ୍ଭ ନିକଟସ୍ଥ କାନ୍ଥରେ ତାଙ୍କର ତିନୋଟି ଅଙ୍ଗୁଳିର ଚିହ୍ନ ଏବଂ ପୁରୀ ଠାରୁ ଅଠର ମାଇଲ ଦୂରରେ ଅବସ୍ଥିତ ପ୍ରସିଦ୍ଧ ଅଲଙ୍ଗାର ନାଥଙ୍କ (ଅଲାର ନାଥ) ମନ୍ଦିର ପ୍ରାଙ୍ଗଣରେ ଏକ ବିରାଟ ପ୍ରସ୍ତର ଖଣ୍ଡରେ ଶ୍ରୀ ଚୈତନ୍ୟଙ୍କର ସାଷ୍ଟାଙ୍ଗ ପ୍ରଣିପାତର ଚିହ୍ନ ଏବେ ବି ବିଦ୍ୟମାନ ଏବଂ ଏହା ଭକ୍ତମାନଙ୍କର ଦର୍ଶନୀୟ ହୋଇ ବିରାଜମାନ କରୁଛି । ଗରୁଡ଼ ସ୍ତମ୍ଭ ପଶ୍ଚାତ୍ ଭାବରେ ରହି ସେ ବରାବର ଗାଉଥିଲେ,

''ରାମ ରାଘବ ରାମ ରାଘବ ରାମ ରାଘବ ରକ୍ଷମାଂ
କୃଷ୍ଣ କେଶବ କୃଷ୍ଣ କେଶବ କୃଷ୍ଣକେଶବ ପାହିମାଂ ।।''

ଶ୍ରୀ ଚୈତନ୍ୟଙ୍କ ମତରେ ପ୍ରେମ ଭକ୍ତି, ହରି ନାମରେ ଅନୁରକ୍ତି ଓ ଜୀବରେ ଦୟା ହେଉଛି ସନାତନ ଧର୍ମ ଓ ବିଶ୍ୱଧର୍ମର ମୂଳମନ୍ତ୍ର । ତୃଣ ଠାରୁ ନୀଚ, ତରୁ ଠାରୁ ସହିଷ୍ଣୁ ଏବଂ ପ୍ରେମରେ ଭଗବତ୍ ଭଜନ– ଏହା ଥିଲା ତାଙ୍କ ଜୀବନର ଆଦର୍ଶ । ଏପରି ଭାବମୟ ଭଜନ, କୀର୍ତ୍ତନ କରୁ କରୁ ଦିନେ ସେ ସମୁଦ୍ରର ନୀଳଜଳରାଶିକୁ ଯମୁନାର ଜଳରାଶି ଏବଂ ଶ୍ରୀକୃଷ୍ଣଙ୍କର ନୀଳନୀରଦ ତନୁର ଆଭାସ ଦେଖି ତହିଁରେ ଝାସ ଦେଲେ । ଅନ୍ୟ ଏକ ଉପାଖ୍ୟାନ ଅନୁଯାୟୀ ଶ୍ରୀ ଚୈତନ୍ୟ ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ସମୟରେ ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ତାଙ୍କର ଶ୍ରୀ ଅଙ୍ଗରେ ଲୀନ ହୋଇ ଯାଇଥିଲେ । ଏହା ଥିଲା ଏକ ଅଲୌକିକ ଘଟଣା । ଅନେକଙ୍କ ମତରେ ଶ୍ରୀ ଚୈତନ୍ୟ ଦେବ ଏକ ଅବତାର । ଯେତେବେଳେ ସମଗ୍ର ଭାରତ ତଥା ଉତ୍କଳ ଖଣ୍ଡରେ ମୁସଲମାନ ଆକ୍ରମଣ ଫଳରେ ଧର୍ମରେ ଗ୍ଲାନି ଦେଖାଯାଇଥିଲା ସେତେବେଳେ ଭଗବାନ ଆବିର୍ଭୂତ ହେଲାପରି ଶ୍ରୀ ଚୈତନ୍ୟଙ୍କର ଆର୍ବିଭାବ ଘଟିଥିଲା ତାଙ୍କ ସହିତ ଓଡ଼ିଶାର ପଞ୍ଚ ମହାପୁରୁଷ ଯଥା ଅନନ୍ତ, ଅଚ୍ୟୁତ, ବଳରାମ, ଯଶୋବନ୍ତ ଓ ଜଗନ୍ନାଥ ଦାସଙ୍କର ଅପୂର୍ବ ମିଳନ ଘଟିଥିଲା ଏହି ପବିତ୍ର ଶ୍ରୀକ୍ଷେତ୍ର ଧାମରେ । ଏମାନେ ସମସ୍ତେ ମହାନ୍ ଦୁଃଖକଷ୍ଟରୁ ଉଦ୍ଧାର ପାଇବା ପାଇଁ ଗୋଟିଏ ମାତ୍ର ବାଟ ବତାଇ ଦେଇ ଯାଇଛନ୍ତି । ତାହା ହେଉଛି, ଭଗବାନଙ୍କ ଭଜନ, କୀର୍ତ୍ତନ ଓ ସଦାସର୍ବଦା ଭଗବତ୍

ଚିନ୍ତା । ସେଥିପାଇଁ ଶ୍ରୀ ଚୈତନ୍ୟ ସବୁବେଳେ କହୁଥିଲେ,

''ହରେର୍ନାମ ହରେର୍ନାମ ହରେର୍ନାମ ହିଁ କେବଳମ୍
କଲୌ ନାସ୍ତୈବ ନାସ୍ତୈବ ନାସ୍ତୈବ ଗତିରନ୍ୟଥା ।''
ଅର୍ଥାତ୍, କଳି କାଳରେ ହରିନାମ ବ୍ୟତୀତ ଅନ୍ୟ ଗତି ନାହିଁ ।

ଗୁରୁ ନାନକଃ— ଷୋଡ଼ଶ ଶତାବ୍ଦୀରେ ଶିଖ୍ ସଂପ୍ରଦାୟର ଗୁରୁ ନାନକ ସାହେବ ଅନ୍ୟାନ୍ୟ ମହାପୁରୁଷଙ୍କ ପରି ଶ୍ରୀପୁରୁଷୋତ୍ତମ ଧାମକୁ ଆସିଲେ । ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟଙ୍କ ସହ ତାଙ୍କର ସାକ୍ଷାତ୍ ଘଟିଥିଲା ଏବଂ ସେ ବରାବର ସଂକୀର୍ତ୍ତନରେ ଯୋଗ ଦେଉଥିଲେ । ତାଙ୍କର ଶ୍ରୀକ୍ଷେତ୍ର ରହଣି ସମୟରେ ଅନେକ ଥରେ ଗୁରୁ ତାଙ୍କର ମୁସଲମାନ ଶିଷ୍ୟ ମର୍ଦ୍ଦନଙ୍କ ସହିତ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ମର୍ଦ୍ଦନଙ୍କୁ ଭୀଷଣ କ୍ଷୁଧା ହେଲା । ସେ ମୁସଲମାନ ହୋଇଥିବାରୁ ଶ୍ରୀମନ୍ଦିରକୁ ଯାଇ ମହାପ୍ରସାଦ ସେବା କେରିବା ତାଙ୍କ ପକ୍ଷରେ ସମ୍ଭବପର ନଥିଲା । ତେଣୁ ଗୁରୁ ନାନକ ପୁରୀ ସମୁଦ୍ରକୂଳରେ ଥିବା ଏକ କୂପରୁ ଜଳପାନ କରି କ୍ଷୁଧା ନିବାରଣ କରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଲେ । ପୂର୍ବରୁ ଉକ୍ତ କୂପର ଜଳ ଲବଣାକ୍ତ ଥିଲା । ମାତ୍ର, ମର୍ଦ୍ଦନଙ୍କ ଜଳପାନ ପରେ ଏହାର ଜଳ ମଧୁର ହେଲା ବୋଲି ଅନୁଭବୀମାନଙ୍କଠାରୁ ଶୁଣିବାକୁ ମିଳେ । ସେହି କୂପ ନିକଟରେ ଗୁରୁ ନାନକଙ୍କର ବାଉଳି ମଠ ଅବସ୍ଥିତ ।

ଅନ୍ୟ ଏକ ଅଦ୍ଭୁତ ଘଟଣାରୁ ଗୁରୁ ନାନକଙ୍କର ଶ୍ରୀଜଗନ୍ନାଥ ଭକ୍ତିର ପ୍ରମାଣ ମିଳେ । ଥରେ ଗଜପତି ମହାରାଜା ଆରତୀ ଦର୍ଶନ କରୁଥିବା ସମୟରେ ହଠତ୍ ଆରତୀ ଥାଳିଟି ସେବକଙ୍କ ହାତରୁ ଖସିଯାଇ ଶୂନ୍ୟରେ ଭାସିଭାସି ଗୁରୁ ନାନକ ଓ ମର୍ଦ୍ଦନ ବାହାରେ ବସିଥିବା ସ୍ଥାନକୁ ପହଞ୍ଚିଥିଲା । ରାଜା, ସେବକ ଏବଂ ଭକ୍ତଗଣ ଥାଳି ପଛେ ପଛେ ଘୁଲିବାକୁ ଲାଗିଲେ । ଗୁରୁ ନାନକ ସେଠାରେ ସମସ୍ତଙ୍କୁ ବୁଝାଇଦେଲେ ଯେ, ଶ୍ରୀଜଗନ୍ନାଥ ସର୍ବତ୍ର ବିଦ୍ୟମାନ । ସେ କୌଣସି ବ୍ୟକ୍ତି, ଜାତି ବା ଦଳର ନୁହଁନ୍ତି । ସମସ୍ତଙ୍କ ଆଗରେ ସେ ତାଙ୍କର ଦୁଇ ହାତର ପାପୁଲି ଦେଖାଇଦେଲେ ଏବଂ ସମସ୍ତେ ଗୁରୁ ନାନକଙ୍କ ପାପୁଲିରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀ ସୁଭଦ୍ରାଙ୍କର ମୂର୍ତ୍ତି ଅଙ୍କିତ ହୋଇଥିବା ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହେଲେ ।

ଅନ୍ୟ ଏକ ଉପାଖ୍ୟାନ ଅନୁଯାୟୀ ଶ୍ରୀ ଜଗନ୍ନାଥ ରାଜା ପ୍ରତାପରୁଦ୍ରଙ୍କୁ ଥରେ ସ୍ୱପ୍ନରେ କହିଲେ ଯେ ସେ ପ୍ରତ୍ୟହ ସକାଳେ ଓ ସନ୍ଧ୍ୟା ବେଳେ ସ୍ୱର୍ଗଦ୍ୱାରର ପିତୃସ୍ତମ୍ଭ ନିକଟକୁ ଗୁରୁ ନାନକଙ୍କର ଭଜନ ଶୁଣିବାକୁ ଯାଉଛନ୍ତି । ତେଣୁ ସନ୍ଧ୍ୟା ସକାଳରେ ଶ୍ରୀ ମନ୍ଦିରର ସେବା ପୂଜା ବନ୍ଦ ରହିବ । ରାଜା ସେବକମାନଙ୍କ ସହ ସ୍ୱର୍ଗ ଦ୍ୱାରକୁ ଯାଇ ଗୁରୁ ନାନକଙ୍କୁ ଦର୍ଶନ କଲେ ଏବଂ ତାଙ୍କୁ ତାଙ୍କର ଶିଷ୍ୟବର୍ଗଙ୍କ ସହିତ ଶ୍ରୀ ମନ୍ଦିରକୁ ପାଛୋଟି ଆଣିଲେ । ସେ ଏକ ଅଶ୍ୱତ୍ଥ ଗଛମୂଳେ ଉପଦେଶାମୃତ କହିଥିଲେ । ଏହି ଗଛଟି ମଙ୍ଗୁ ମଠ ନିକଟସ୍ଥ ଅଶ୍ୱତ୍ଥ ବୃକ୍ଷ । ସେଠାରେ ଗୁରୁନାନକ ସମବେତ ଜନତାଙ୍କୁ ଧର୍ମ ଉପଦେଶ ଦେବାବେଳେ ତାଙ୍କର ପାପୁଲି ସମସ୍ତଙ୍କୁ

ଦେଖାଇଲେ ଏବଂ ସମସ୍ତେ ନାନକଙ୍କ ହାତରେ ତ୍ରିମୂର୍ତ୍ତି ରୂପ ଅଙ୍କିତ ହୋଇଥିବାର ଦେଖି ଗୁରୁନାନକଙ୍କୁ ଶ୍ରୀ ଜଗନ୍ନାଥଙ୍କ ପ୍ରଧାନ ଭକ୍ତ ଭାବରେ ବିବେଚନା କଲେ। ଏହି ଘଟଣାର ସ୍ମୃତି ସ୍ୱରୁପ ବାଉଳି ମଠ ଓ ମଙ୍ଗୁମଠର ନାଲି ପତାକାରେ ଏକ ଧଳା ପାପୁଲି ରେ ଚିତ୍ର ରଖାଯାଇଅଛି।

ଗୁରୁନାନକ ଶିଖ୍ ସଂପ୍ରଦାୟର ବ୍ୟକ୍ତି ହୋଇଥିଲେ ସୁଦ୍ଧା ଶ୍ରୀ ଜଗନ୍ନାଥ ତାଙ୍କୁ ଅତି ଉଚ୍ଚ ଆସନରେ ଆସୀନ କରିଅଛନ୍ତି। ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଜଗନ୍ନାଥ ହେଉଛନ୍ତି ଅଧୀଶ୍ୱର। ଜଗନ୍ନାଥ ଧର୍ମ ସନାତନ ଧର୍ମଭାବରେ ବିଦିତ, ଯେଉଁଥିରେ ରହିଛି ସାମ୍ୟତା, ଉଦାରତା ଏବଂ ବିଶ୍ୱୈକପ୍ରାଣତା। ସେଥିରେ ଜାତିଭେଦର କୌଣସି ସ୍ଥାନ ନାହିଁ। ଶିଖ୍,ମୁସଲମାନ,ବୌଦ୍ଧ, ଜୈନ, ଯେ କୌଣସି ସଂପ୍ରଦାୟର ଭକ୍ତ ହେଉନା କାହିଁକି, ସେ ଯଦି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ମନ ଓ ପ୍ରାଣ ସମର୍ପଣ କରେ, ମହାପ୍ରଭୁ ତାକୁ ଆଦରରେ ଗ୍ରହଣ କରନ୍ତି ଏବଂ ସେ ଜନସମାଜରେ ଅସାଧ୍ୟ ସାଧନ କରିଥାଏ।

ଅଗଣିତ ଭକ୍ତ, ସାଧୁ ସନ୍ଥ ଶ୍ରୀ ଜଗନ୍ନାଥଙ୍କୁ ମନପ୍ରାଣ ଅର୍ପଣକରି, ତାଙ୍କରି ନାମ ଭଜନ, କୀର୍ତ୍ତନ କରି ଅମରତ୍ୱ ଲାଭ କରିଛନ୍ତି। ସେମାକନଙ୍କ ମଧ୍ୟରୁ ମାତ୍ର କେତେଜଣଙ୍କ ସମ୍ବନ୍ଧରେ ସମ୍ୟକ ଆଲୋଚନା କରାଗଲା। ଏମାନଙ୍କ ବ୍ୟତୀତ ଭକ୍ତ ରଘୁ ଅରକ୍ଷିତ ଭକ୍ତ ନୀଳାମ୍ବର ଦାସ, ଭକ୍ତ ପରମେଷ୍ଠୀ, ଭକ୍ତ କୃପାସିନ୍ଧୁ ଦାସ, ଭକ୍ତ ରଘୁ ଦାସ, ଭକ୍ତ ମଣିଦାସ, ଭକ୍ତ ବିଲ୍ୱମଙ୍ଗଳ, ଭକ୍ତ ଝୋଲିଆ କବିର ଭକ୍ତ ନନ୍ଦ ପଟ୍ଟନାୟକ ଏବଂ ଜ୍ଞାନ ଦେଇ ମାଲୁଣୀ ପ୍ରଭୃତିଙ୍କ ଜୀବନରେ ମହାପ୍ରଭୁଙ୍କ ଅପାରକରୁଣାରୁ ଅଲୌକିକ ଘଟଣାମାନ ଘଟିଥିବା ବିଷୟ ଅଳ୍ପବହୁତ ପ୍ରାୟ ସମସ୍ତଙ୍କୁ ଜଣା।

ଅତଏବ, ଭଗବାନ କେତେ ଭକ୍ତବତ୍ସଳ ତାହାର ସୂଚନା ଉପରୋକ୍ତ ଆଲୋଚନାରୁ ମିଳିଥାଏ। ନାରଦଙ୍କ ଉଦ୍ଦେଶ୍ୟରେ ଭଗବାନଙ୍କର ଉକ୍ତି ହେଲା,

ନାହଂ ତିଷ୍ଠାମି ବୈକୁଣ୍ଠେ
ଯୋଗୀନାଂହୃଦୟେ ନଚ
ମଦ୍ଭକ୍ତା ଯତ୍ର ଗାୟନ୍ତି
ତତ୍ର ତିଷ୍ଠାମି ନାରଦ

ଅର୍ଥାତ, ଭଗବାନ ବୈକୁଣ୍ଠରେ କି ଯୋଗୀଙ୍କ ହୃଦୟରେର ରହନ୍ତି ନାହିଁ ତାଙ୍କର ଭକ୍ତ ଯେଉଁସ୍ଥାନରେ ତାଙ୍କୁ ସ୍ମରଣ କରନ୍ତି, ସେ ସେହିଠାରେ ହିଁ ଥାଆନ୍ତି। ଭକ୍ତ ପାଇଁ ସେ ସବୁ କିଛି କରିପାରନ୍ତି। ଏହାର ଦୃଷ୍ଟାନ୍ତର ଅଭାବ ନାହିଁ। ତେଣୁ ଯଥାର୍ଥରେ କୁହାଯାଇଛି, ଅପାର କରୁଣା ସିନ୍ଧୁ ଭଗବାନ ଭକ୍ତବତ୍ସଳଃ।

ଷୋଡ଼ଶ ଅଧ୍ୟାୟ

ଶ୍ରୀକ୍ଷେତ୍ର ପରିକ୍ରମା

ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ବ୍ରହ୍ମାଣ୍ଡ ପୁରାଣ, ବିଷ୍ଣୁ ପୁରାଣ, ବ୍ରହ୍ମପୁରାଣ ଏବଂ ସ୍କନ୍ଦ ପୁରାଣରେ ବିଶଦ ବର୍ଣ୍ଣନା କରାଯାଇଅଛି। ଏହା ସର୍ବଶ୍ରେଷ୍ଠ ପବିତ୍ର ତୀର୍ଥ ସ୍ଥଳୀ ଅଟେ। 'କପିଳ ସଂହିତା' ରେ ବର୍ଣ୍ଣନା କରାଯାଇଛି ଯେ,

''ସର୍ବେଷାଂ ଚୈବ ଦେବାନାଂ ରାଜାଶ୍ରୀ ପୁରୁଷୋତ୍ତମଃ।
ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମଃ।।''

ଏହି ପୁରୁଷୋତ୍ତମ କ୍ଷେତ୍ରର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ତୀର୍ଥ, ଦେବଦେବୀଙ୍କ ଆସ୍ଥାନ, ସାଧୁ ସନ୍ଥଙ୍କ ମଠ ଇତ୍ୟାଦି ବିଦ୍ୟମାନ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲାପରେ ଶ୍ରୀ ମନ୍ଦିର ବାହାରେ ଅବସ୍ଥିତ ଉପରୋକ୍ତ ଅନୁଷ୍ଠାନଗୁଡ଼ିକୁ ପରିଦର୍ଶନ କରିବା ଏବଂ ଦେବ ଦେବୀଙ୍କୁ ଭକ୍ତ୍ୟର୍ଘ୍ୟ ପ୍ରଦାନ କରିବା ସର୍ବାଦୌ କର୍ତ୍ତବ୍ୟ।

ପଞ୍ଚତୀର୍ଥ :— ବ୍ରହ୍ମପୁରାଣରେ ବର୍ଣ୍ଣନା କରାଯାଇଛି ଯେ,

''ମାର୍କଣ୍ଡେୟାଽବଟକୃଷ୍ଣୌ ରୌହିଣେୟୀ ମହୋଦଧିଃ।
ଇନ୍ଦ୍ରଦ୍ୟୁମ୍ନ ସରଶ୍ଚୈବ ପଞ୍ଚତୀର୍ଥ ବିଧି ସ୍ମୃତଃ।।''

ଅର୍ଥାତ୍, (୧) ମାର୍କଣ୍ଡେୟ ମୁନିଙ୍କ ଦ୍ୱାରା ଖନନ କରାହୋଇଥିବା ମାର୍କଣ୍ଡେୟ ପୁଷ୍କରିଣୀରେ ସ୍ନାନ (୨) କୃଷ୍ଣ ଅର୍ଥାତ୍ ଅକ୍ଷୟବଟ ନ୍ୟଗ୍ରୋଧାକୃତି ବିଷ୍ଣୁ ଅର୍ଥାତ୍ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ (୩) ରୋହିଣେୟ ଅର୍ଥାତ୍ ବଳଭଦ୍ରଙ୍କୁ ଦର୍ଶନ (୪) ମହୋଦଧିରେ ସ୍ନାନ (୫) ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ। ଏହା ପଞ୍ଚତୀର୍ଥ ନାମରେ ଖ୍ୟାତ। ହଳଧର କୃତ ସ୍ମୃତି ଦର୍ପଣରେ ଉଲ୍ଲେଖ ଅଛି।

''ମାର୍କଣ୍ଡେୟୀ ବଟେଽକୃଷ୍ଣେ ରୋହିଣ୍ୟାଂ ଚ ମହୋର୍ଦ୍ଦଧୌ।
ଇନ୍ଦ୍ରଦ୍ୟୁମ୍ନ ସରେଃ ସ୍ନାତ୍ୱା ପୁନର୍ଜନ୍ମ ନ ବିଦ୍ୟତେ।

ଅର୍ଥାତ୍, ପାଞ୍ଚତୀର୍ଥ ମାନ ହେଲେ (୧) ମାର୍କଣ୍ଡେୟ ପୁଷ୍କରିଣୀ ରେ ସ୍ନାନ (୨) ଅକୃଷ୍ଣେ, ଅର୍ଥାତ୍, ଶ୍ୱେତ ଗଙ୍ଗାରେ ସ୍ନାନ (୩) ରୋହିଣୀ କୁଣ୍ଡରେ ସ୍ନାନ (୪) ମହୋଦଧିରେ ସ୍ନାନ (୫) ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ।

ପଞ୍ଚତୀର୍ଥ ଭ୍ରମଣ କରିବାରେ ଅମାପ ପୁଣ୍ୟ ଲାଭ ହୁଏ ବୋଲି ଭକ୍ତମାନଙ୍କର ଅଗାଧ ବିଶ୍ୱାସ।

ଶ୍ରୀକ୍ଷେତ୍ରରେ ପଞ୍ଚ ଦ୍ୱାରପାଳ ମହାଦେବଙ୍କ ମନ୍ଦିର ମଧ୍ୟ ଅତ୍ୟନ୍ତ ପବିତ୍ର ପୀଠ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କ ସହିତ ପଞ୍ଚମହାଦେବ ଚନ୍ଦନଯାତ୍ରା ସମୟରେ ଘୁପଖେଳିବା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ବିଜୟ ଯାତ୍ରା କରିଥାନ୍ତି। ସେମାନେ ହେଲେ, ଶ୍ରୀ ଲୋକନାଥ, ଶ୍ରୀ ମାର୍କେଣ୍ଡେଶ୍ୱର, ଶ୍ରୀ କପାଳମୋଚନ ଶ୍ରୀ ଯମେଶ୍ୱର ଏବଂ ଶ୍ରୀ ନୀଳକଣ୍ଠେଶ୍ୱର।

ଶ୍ରୀଲୋକନାଥ :- ଶ୍ରୀ ମନ୍ଦିରଠାରୁ ପଶ୍ଚିମକୁ ପ୍ରାୟ ଦୁଇମାଇଲ ଦୂରରେ ଶ୍ରୀ ଲୋକନାଥ ମନ୍ଦିର ଅବସ୍ଥିତ। ପୌରାଣିକ ଉପାଖ୍ୟାନରୁ ଜଣାଯାଏ ଯେ ତ୍ରେତୟା ଯୁଗରେ ଶ୍ରୀ ରାମଚନ୍ଦ୍ର ସୀତାଙ୍କୁ ଉଦ୍ଧାର କରିବାକୁ ଲଙ୍କାଯିବା ପଥରେ ଶଙ୍ଖ କ୍ଷେତ୍ରକୁ ଆସି ଶବରପଲ୍ଲିରେ ରହିଥିଲେ । ରାମଚନ୍ଦ୍ର ପ୍ରତ୍ୟହ ଶିବଲିଙ୍ଗ ପୂଜା କରନ୍ତି । ଶବରପଲ୍ଲୀରେ ଶିବଲିଙ୍ଗ ନ ମିଳିବାରୁ ଶବରମାନେ ଦେଇଥିବା ଗୋଟିଏ ଲାଉକୁ ଶିବଲିଙ୍ଗ ଜ୍ଞାନ କରି ସେ ପୂଜା କରୁଥିଲେ । ଲାଉ ଦ୍ୱାରା ଶିବଲିଙ୍ଗ ପୂଜା ନିର୍ବାହ ହୋଇଥିବା ଯୋଗୁଁ ଲୋକମାନେ ''ଲାଉକ ନାଥ ବା ଲୋକନାଥ'' ବୋଲି ଏ ମହାଦେବଙ୍କୁ କହିଥାନ୍ତି । ଲୋକନାଥ ପଞ୍ଚମହାଦେବଙ୍କ ମଧ୍ୟରେ ପ୍ରଧାନ । ଏ ମନ୍ଦିର ଶଙ୍ଖ କ୍ଷେତ୍ର ମୂଳରେ ଅବସ୍ଥିତ । ଶ୍ରୀଜଗନ୍ନାଥଙ୍କ ମନ୍ଦିରର ନୀତି ସହିତ ଶ୍ରୀ ଲୋକନାଥ ପ୍ରତ୍ୟକ୍ଷ ଭାବରେ ଜଡ଼ିତ । ଲୋକନାଥ ହେଉଛନ୍ତି ଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ । ଶିବରାତ୍ରି ଦିନ ଶ୍ରୀଲୋକନାଥଙ୍କଠାରେ ହରିହର ଉପାସନା ହୁଏ । ବୈଷ୍ଣବମାନେ ତୁଳସୀପତ୍ରରେ ଏବଂ ଶୈବମାନେ ବେଲ ପତ୍ରରେ ଅଭିଷେକ କରନ୍ତି । ରତ୍ନସିଂହାସନସ୍ଥ ବଳଭଦ୍ର ବା ବଡ଼ଠାକୁର ଶିବରାତ୍ରିଦିନ ଓ ଅମାବାସ୍ୟା ପରେ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରତ୍ୟେକ ସୋମବାର ଦିନ ହରିହର ବେଶ ହୁଅନ୍ତି । ଶିବରାତ୍ରି ବା ଜାଗର ଦିନ ଅତି ନିଷ୍ଠା ସହକାରେ ଉପାସନା କରାଯାଏ । ସାରାରାତ୍ରି ଉଜାଗର ରହି ଦୀପ ଜାଳି ଭକ୍ତମାନେ ଶିବ ଉପାସନା କରିଥାନ୍ତି । ଶ୍ରୀ ଲୋକନାଥ ବର୍ଷସାରା ପାଣି ମଧ୍ୟରେ ବୁଡ଼ି ରହୁଥିଲେ ସୁଦ୍ଧା ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ଦିନ ଜଳ ନିଷ୍କାସନ କରାଯାଏ ଏବଂ ଚତୁର୍ଦ୍ଦଶୀ ଦିନ ଶ୍ରୀ ଲୋକନାଥଙ୍କୁ ସର୍ବସାଧାରଣ ଦର୍ଶନ କରିଥାନ୍ତି । ଶ୍ରୀ ଲୋକନାଥ ସର୍ବପାପ, ଦୁଃଖ ଓ ରୋଗହରଣକାରୀ ହୋଇଥିବାରୁ, 'ଲୋକମାନେ ଭୟ ଓ ଭକ୍ତିରେ ତାଙ୍କର ଆରାଧନା କରିଥାନ୍ତି ।

ଶ୍ରୀ ମାର୍କଣ୍ଡେଶ୍ୱରଃ– ମାର୍କଣ୍ଡେଶ୍ୱର ସାହିର ଶେଷ ଭାଗରେ ମାର୍କଣ୍ଡେୟ ପୁଷ୍କରିଣୀ ଓ ଶ୍ରୀ ମାର୍କଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ । ମାର୍କଣ୍ଡେୟ ପୁଷ୍କରିଣୀ ପଞ୍ଚତୀର୍ଥର ଅନ୍ୟତମ ତୀର୍ଥ । ଏଥିରେ ସ୍ନାନ କରି ମହାଦେବଙ୍କୁଦର୍ଶନ କଲେ ଅଶ୍ୱମେଧ ଯଜ୍ଞର ଫଳ ଲାଭ ହୁଏ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି । ପ୍ରଳୟ ସମୟରେ ଏକମାତ୍ର ମାର୍କଣ୍ଡେୟ ମୁନି ଭାସି ଭାସି ଆସି ବଟପତ୍ର ଉପରେ ଶୟନ କରିଥିବା ବାଳମୁକୁନ୍ଦଙ୍କୁ ଦର୍ଶନ କରିଥିଲେ । ସେ ବଟବୃକ୍ଷ ମୂଳକୁ ଯାଇ ବାଳମୁକୁନ୍ଦଙ୍କ ମୁଖ ଭିତରେ ପ୍ରବେଶ କଲେ ଏବଂ ତାଙ୍କ ଉଦର ମଧ୍ୟରେ ଚତୁର୍ଦ୍ଦଶ ଭୁବନ, ଦେବ, ରାକ୍ଷସ ଓ ମୁନିମାନଙ୍କୁ ଦର୍ଶନ କଲେ । ସେ ଚଉଦବ୍ରହ୍ମାଣ୍ଡ ଦର୍ଶନ କରିଥିଲେ ମଧ୍ୟ ଅନ୍ତଦର୍ଶନ କରି ପାରିଲେ ନାହିଁ । ତେଣୁ ସେ ଉଦର ମଧ୍ୟରୁ ନିର୍ଗତ ହୋଇ ଭଗବାନଙ୍କୁ ଦର୍ଶନ କଲେ ଏବଂ ଶ୍ରୀ ପୁରୋଷତ୍ତମ କ୍ଷେତ୍ରର ମାହାତ୍ମ୍ୟ ପ୍ରଭୁଙ୍କ

ଠାରୁ ଶ୍ରବଣ କରି ସେ ସେହି କ୍ଷେତ୍ରରେ ବାସ କରିବା ପାଇଁ ମନସ୍ଥ କଲେ । ଶ୍ରୀକ୍ଷେତ୍ରରେ ବାସ କରି ଯେ ତାଙ୍କର ଦ୍ୱିତୀୟ ତନୁ ଶିବଙ୍କୁ ଆରାଧନା କରିବ ସେ ନିଶ୍ଚିତ ମୃତ୍ୟୁଞ୍ଜୟ ହେବ ବୋଲି ପରଂବ୍ରହ୍ମ ବିଷ୍ଣୁ ମାର୍କଣ୍ଡେୟ ମହାମୁନିଙ୍କୁ ଜଣାଇଥିଲେ । ଏହି ବର ଭଗବାନଙ୍କ ଠାରୁ ଲାଭ କରି ବଟ ବୃକ୍ଷର ବାୟୁକୋଣରେ ହରିଙ୍କର ଗୋଟିଏ ଗର୍ତ୍ତ ତିଆରି କରି ଅନ୍ୟ ପାର୍ଶ୍ୱରେ ରହି ମହାଦେବଙ୍କୁ ସେ ପୂଜା କଲେ । ଏହି ଗର୍ତ୍ତ ମାର୍କଣ୍ଡେୟ ପୁଷ୍କରିଣୀ ନାମରେ ଖ୍ୟାତ ଏବଂ ଏହାର କୂଳରେ ଶ୍ରୀ ମାର୍କଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ । ଏହା କରିବା ଦ୍ୱାରା ମାର୍କଣ୍ଡେୟ ମହାମୁନି ମୃତ୍ୟୁକୁ ଜୟ କରିଥିଲେ । ମୃତ୍ୟୁଞ୍ଜୟ ଶିବଲିଙ୍ଗ ବ୍ୟତୀତ ମନ୍ଦିରର ଗାର୍ତ୍ତ ମଧ୍ୟରେ କାଳୀୟଦଳନ, ଓ ପଞ୍ଚପାଣ୍ଡବ ମୂର୍ତ୍ତି ଦେଖିବାକୁ ମିଳେ । ମାର୍କଣ୍ଡେୟ ପୁଷ୍କରିଣୀରେ କାଳୀୟଦଳନ ଉତ୍ସବ ଅନୁଷ୍ଠିତ ହୋଇଥାଏ ।

ଶ୍ରୀ କପାଳ ମୋଚନ:– ଶ୍ରୀ ମନ୍ଦିରର ଅନତି ଦୂରରେ ଦକ୍ଷିଣପଶ୍ଚିମ କୋଣରେ ଶ୍ରୀଶ୍ରୀ କପାଳମୋଚନ ମହାଦେବଙ୍କ ମନ୍ଦିର ଭୂମି ପତନ ଠାରୁ ପ୍ରାୟ ୩୦-୪୦ ଫୁଟ ନିମ୍ନ ଭାଗରେ ଅବସ୍ଥିତ । କିମ୍ବଦନ୍ତୀରୁ ଜଣାଯାଏ ଯେ ଥରେ କ୍ରୋଧରେ ଦେବଦେବ ମହାଦେବଙ୍କ ହସ୍ତପ୍ରହାରରେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡଟି କଟିଯାଇ ଶିବଙ୍କ ହସ୍ତରୁ ବିଚ୍ୟୁତ ହେଲା ନାହିଁ । ଶିବ ଅତ୍ୟନ୍ତ ଅସ୍ତବ୍ୟସ୍ତ ହୋଇ ସେ ମୁଣ୍ଡକୁ ହାତରେ ଧରି ସମଗ୍ର ବ୍ରହ୍ମାଣ୍ଡ ଭ୍ରମଣ କରିବାକୁ ଲାଗିଲେ । ମହାଦେବ ଶ୍ରୀକ୍ଷେତ୍ରରେ ପହଞ୍ଚିବା କ୍ଷଣି ତାଙ୍କ ହାତରୁ ମୁଣ୍ଡଟି ଖସି ପଡ଼ିଲା । ସେହିଦିନ ଠାରୁ ସେହିସ୍ଥାନରେ କପାଳ ମୋଚନ ମହାଦେବ ବିରାଜମାନ କଲେ । ଶ୍ରୀ କପାଳନମୋଚନ ମହାଦେବଙ୍କ ମନ୍ଦିର ଶଙ୍ଖର ଦ୍ୱିତୀୟାବର୍ତ୍ତରେ ଅବସ୍ଥିତ । ଏହି ମହାଦେବଙ୍କୁ ଦର୍ଶନ କଲେ ବ୍ରହ୍ମ ହତ୍ୟା ପାପ ଦୂରୀଭୂତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ଶିବଙ୍କର ବ୍ରହ୍ମହତ୍ୟା ଘୋଷ ଶ୍ରୀକ୍ଷେତ୍ରର ଏହି ସ୍ଥାନରେ ମୋଚନ ହୋଇଥିବାରୁ ଏ ପ୍ରକାର ବିଶ୍ୱାସ ଯୁକ୍ତିଯୁକ୍ତ ପରି ମନେ ହୁଏ ।

ଶ୍ରୀ ଯମେଶ୍ୱର:– ଶ୍ରୀମନ୍ଦିରର ଦକ୍ଷିଣ ଦିଗରେ ହରଚଣ୍ଡୀ ସାହିର ଶେଷ ଭାଗରେ ଶ୍ରୀଯମେଶ୍ୱର ମହାଦେବଙ୍କ ମନ୍ଦିର ବିରାଜିତ । ମନ୍ଦିରଟି ଭୂମି ପତନ ଠାରୁ ପ୍ରାୟ ୪୦ ଫୁଟ୍ ତଳେ ଅବସ୍ଥିତ । ପୁରୁଷୋତ୍ତମ କ୍ଷେତ୍ରରେ ଯମଙ୍କର ଆଧିପତ୍ୟ ନାହିଁ ଏବଂ ଏ କ୍ଷେତ୍ରରେ ମୃତ୍ୟୁବରଣ କଲେ କେହି ଯମାଳୟ ନଯାଇ ବୈକୁଣ୍ଠ ଧାମକୁ ଯାଆନ୍ତି ବୋଲି ଶ୍ରୀକ୍ଷେତ୍ର ମାହାତ୍ମ୍ୟରୁ ଜଣାଯାଏ ।ଯମେଶ୍ୱର ମହାଦେବ ଯମଙ୍କ ପ୍ରଭାବରୁ ଶ୍ରୀକ୍ଷେତ୍ରକୁ ରକ୍ଷା କରିଥାନ୍ତି ।। ପ୍ରତ୍ୟେକ ଅମାବାସ୍ୟା ତିଥିରେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀ ନରାୟଣଙ୍କୁ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ତାଙ୍କୁ ମହୋଦଧି ଜଳରେ ସ୍ନାନ କରାଇ ଦିଆଯାଏ । ଏହାପରେ ଶ୍ରୀ ନରାୟଣ ଙ୍କୁ ଶ୍ରୀଯମେଶ୍ୱରଙ୍କ ମନ୍ଦିରକୁ ଯାତ୍ରା କରିଥାନ୍ତି । ଅମାବାସ୍ୟା ଦିନ ଚନ୍ଦ୍ରଙ୍କର ମୃତ୍ୟୁ ଘଟୁଥିବାରୁ ମାସର ମଧ୍ୟ ମୃତ୍ୟୁ ଘଟେ । ତେଣୁ ଅମାବାସ୍ୟା ତିଥିରେ ଏପରି ନୀତି ପାଳିତ ହୁଏ । ଶ୍ରୀ ଯମେଶ୍ୱର ମହାଦେବଙ୍କୁ ଦର୍ଶନ କଲେ ଯମଭୟ ଦୂରୀଭୂତ ହେଉଥିବାରୁ, ଭକ୍ତମାନଙ୍କର ଏହା ଏକ ପବିତ୍ର ପୀଠ । ଏଠାରେ ରାଧାଷ୍ଟମୀ, ଚମ୍ପକ ଦ୍ୱାଦଶୀ ଓ ଶ୍ରାବଣ

ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ କେତେକ ନୀତି ସମ୍ପନ୍ନ କରାଯାଏ । ଏହାଛଡ଼ା, କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦ୍ୱିତୀୟାରେ 'ଯମଦ୍ୱିତୀୟା' ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୁଏ ।

ଶ୍ରୀ ନୀଳକଣ୍ଠେଶ୍ୱରଃ– ଗୁଣ୍ଡିଚ୍ଚ ମନ୍ଦିରର ପଶ୍ଚିମପଟେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ କୂଳରେ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ । ଶଙ୍ଖକ୍ଷେତ୍ର (ଶ୍ରୀକ୍ଷେତ୍ର) ଅଗ୍ରଭାଗରେ ଉକ୍ତ ମହାଦେବ ଅବସ୍ଥାନ କରୁଅଛନ୍ତି । ଚନ୍ଦନଯାତ୍ରା, ଶୀତଳ ଷଷ୍ଠୀ ପର୍ବ ଏଠାରେ ମହା ଆଡ଼ମ୍ବରରେ ପାଳିତ ହୋଇଥାଏ । ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପଞ୍ଚତୀର୍ଥ ମଧ୍ୟରେ ଅନ୍ୟତମ ହୋଇଥିବାରୁ ଶ୍ରୀକ୍ଷେତ୍ରକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଏଠାରେ ସ୍ନାନ କରନ୍ତି ଏବଂ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କୁ ଦର୍ଶନ କରି ପୁଣ୍ୟଲାଭ କରିଥାନ୍ତି ।

ପ୍ରାୟ ପାଞ୍ଚ ଏକର ଜମି ଉପରେ ଇନ୍ଦ୍ରଦ୍ୟୁମ୍ନ ସରୋବର ଅବସ୍ଥିତି । ପୌରାଣିକ ଉପାଖ୍ୟାନରୁ ସୂଚନା ମିଳେ ଯେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ସହସ୍ରେ ଅଶ୍ୱମେଧ ଯଜ୍ଞ କରିବା ପରେ ଅସଂଖ୍ୟ ଗୋଦାନ କରିଥିଲେ । ଏହି ଗୋରୁ ମାନଙ୍କର ଖୁରାବାଜି ଭୂମି ଖୋଳି ହୋଇ ଏ ପୁଷ୍କରିଣୀର ସୃଷ୍ଟି । ଏ ପୁଷ୍କରିଣୀରେ ବଡ଼ ବଡ଼ କୂର୍ମ ରହିଥିଲେ । ମନ୍ଦିର ନିର୍ମାଣ କରାଯିବା ସମୟରେ ଲୋକମାନେ ପିଠିରେ ବଡ଼ ବଡ଼ ପଥର ବୋହିଥିବାରୁ, ସେମାନେ କୂର୍ମ ପାଲଟି ଯାଇ ଏହି ପୁଷ୍କରିଣୀ ମଧ୍ୟରେ ରହୁଥିଲେ ବୋଲି ଅନେକ ବିଶ୍ୱାସ କରନ୍ତି ।

ମହାବୀର (ଶ୍ରୀ ହନୁମାନ)ଃ– ଶ୍ରୀ କ୍ଷେତ୍ର ମଧ୍ୟରେ ଅନେକ ମହାବୀର ମନ୍ଦିର ଓ ମୂର୍ତ୍ତି ବିରାଜିତ । ସେମାନଙ୍କ ମଧ୍ୟରୁ କେତେକଙ୍କ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା କରାଗଲା ।

(କ) **ବର୍ଗୀ ହନୁମାନ**- ପୁରୀ ଲୋକନାଥ ରୋଡ଼ରେ ଏହି ମନ୍ଦିର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ମାତ୍ର ଏହାର ଐତିହାସିକ ମୂଲ୍ୟବୋଧ ଖୁବ୍ ବେଶୀ । ଅତୀତରେ ମହାରାଷ୍ଟ୍ରରୁ ବର୍ଗୀ ମାନେ ଅଶ୍ୱପୃଷ୍ଠରେ ଆସି ବଳିଆ ପଣ୍ଡା ଅଞ୍ଚଳ ଦେଇ ପୁରୀ ପ୍ରବେଶ କରୁଥିଲେ ଏବଂ ପୁରୀର ଜନସାଧାରଣ ଓ ମନ୍ଦିର ପ୍ରତି ବିପଦର କାରଣ ହେଉଥିଲେ । ସେମାନେ ସ୍ୱଭାବତଃ ହନୁମାନ ଭକ୍ତ । ତେଣୁ ସେମାନଙ୍କୁ ପ୍ରତିହତ କରିବା ପାଇଁ ସେମାନଙ୍କ ଆସିବା ପଥରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ଧର୍ମ କାରଣରୁ ବର୍ଗୀମାନେ ହନୁମାନଙ୍କୁ ଡ଼େଇଁ ପୁରୀ ସହରକୁ ଯିବା ପାଇଁ କୁଣ୍ଠାବୋଧ କଲେ, ଫଳରେ ବର୍ଗୀଙ୍କ କବଳରୁ ଶ୍ରୀ କ୍ଷେତ୍ର ରକ୍ଷା ପାଇଲା । ଏହି କାରଣରୁ ଏହି ହନୁମାନଙ୍କୁ ବର୍ଗୀ ହନୁମାନ ବୋଲି କୁହାଯାଇଥାଏ ।

(ଖ) **କାନପାତା ହନୁମାନଃ–** ଶ୍ରୀ ମନ୍ଦିର ଦକ୍ଷିଣ ଦ୍ୱାରରେ ଏକ ହନୁମାନ ମୂର୍ତ୍ତି ବିରାଜମାନ । ସେ ଦକ୍ଷିଣାଭିମୁଖ । ଏ ସ୍ଥାନରେ ଦକ୍ଷିଣକୁ ମୁଖ କରି କାନପାତି ଭକ୍ତ ହନୁମାନ ମୂର୍ତ୍ତି ବିରାଜମାନ କରୁଥିବା ମୂଳରେ ଏକ ଉପାଖ୍ୟାନ ରହିଥିବା ଜଣାଯାଏ । ଲକ୍ଷ୍ମୀ ସାଗରକନ୍ୟା ହୋଇଥିବାରୁ ସାଗର ଶ୍ରୀଜଗନ୍ନାଥଙ୍କର ଶ୍ୱଶୁର । ରାତ୍ରି କାଳରେ ସମୁଦ୍ରର ଗର୍ଜନ ଘୁରିଆଡ଼େ

ଶୁଣାଯାଏ ତେଣୁ ଏହା ମଧ୍ୟ ଶ୍ରୀମନ୍ଦିର ମଧ୍ୟକୁ ପୂର୍ବେ ଶୁଣାଯାଉଥିଲା । ସମୁଦ୍ର ଗର୍ଜନରେ ଶ୍ରୀ ଜଗନ୍ନାଥଙ୍କ ସୁନିଦ୍ରା ବ୍ୟାହତ ହେବାରୁ, ଶ୍ରୀଜଗନ୍ନାଥ ସମୁଦ୍ର ଗର୍ଜନ ଶ୍ରୀ ମନ୍ଦିର ମଧ୍ୟକୁ ଯେପରି ନଶୁଭେ. ସେଥିପାଇଁ ସମୁଦ୍ରକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଭୁଙ୍କ ଦାସାନୁଦାସ ଶ୍ରୀ ହନୁମାନଙ୍କୁ ମଧ୍ୟ ଆଦେଶ ହେଲା ଯେ ସେ କାନପାତି ଶୁଣିବେ ପ୍ରକୃତରେ ସମୁଦ୍ର ଗର୍ଜନ ଶୁଭୁଛି କି ନାହିଁ । ଏଥିପାଇଁ ଏହି ହନୁମାନଙ୍କୁ କାନପାତା ହନୁମାନ ବୋଲି କୁହାଯାଇଥାଏ । ଅନୁଭବୀ କେବଳ ଜାଣେ ଯେ ମଧ୍ୟ ରାତ୍ରିରେ ପୁରୀର ସବୁସ୍ଥାନକୁ ସମୁଦ୍ର ଗର୍ଜନ ଶୁଭୁଥିବାବେଳେ ଶ୍ରୀମନ୍ଦିର ମଧ୍ୟରେ ଥିବା ଲୋକମାନଙ୍କୁ ଏହା ଆଦୌ ଶୁଣାଯାଏ ନାହିଁ ।

(ଗ) **ବେଡ଼ି ହନୁମାନ:**– ବେଡ଼ି ହନୁମାନ ପୁରୀ ଚକ୍ରତୀର୍ଥ ନିକଟରେ ଅବସ୍ଥିତ । ପୂର୍ବ କାଳରେ ସମୟ ସ୍ରେମେୟରେ ପୁରୀ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସୁଥିଲା । ଲୋକମାନଙ୍କର ଧନ ଜୀବନ ନଷ୍ଟ ହେବାରୁ ପୁରୀବାସୀ ସେମାନଙ୍କର ଅତି ଆଦରର ଠାକୁର ଶ୍ରୀଜଗନ୍ନାଥଙ୍କୁ ଏହାର ପ୍ରତିକାର ପାଇଁ ନିବେଦନ କଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ସେହି ସମୁଦ୍ର କୂଳରେ ବୀର ହନୁମାନଙ୍କୁ ରଖାଇଲେ ଏବଂ ସମୁଦ୍ର ଯେପରି ମାଡ଼ି ନଆସେ ସେଥିପାଇଁ ତାଙ୍କୁ ନିର୍ଦ୍ଦେଶ ଦେଲେ । ବୀର ହନୁମାନ ଶ୍ରୀ ରାମଙ୍କର ପରମ ଭକ୍ତ ହୋଇଥିବାରୁ କେତେ ଦିନ ପରେ ସେ ଅଯୋଧ୍ୟା ଗ୍ଲିଯିବାରୁ ସମୁଦ୍ର ପୁନର୍ବାର ମାଡ଼ି ଆସିଲା ଶ୍ରୀଜଗନ୍ନାଥ ହନୁମାନଙ୍କୁ ଡକାଇ ସେ ଯେପରି ସେ ସ୍ଥାନ ଛାଡ଼ି କରି କେଉଁଆଡ଼େ ନଯାଇ ପାରିବେ, ସେଥିପାଇଁ ତାଙ୍କୁ ବେଡ଼ି ପକାଇ ସେଠାରେ ରଖାଇଲେ । ଏଥିପାଇଁ ଏଠାକାର ହନୁମାନଙ୍କୁ ବେଡ଼ି ହନୁମାନ ବୋଲି କୁହାଯାଏ ।

(ଘ) **ସିଦ୍ଧ ମହାବୀର:**– ଗୁଣ୍ଡିଘ୍ର ମନ୍ଦିରର ପଛପଟେ ତାଳବଣିଆରେ ସିଦ୍ଧ ମହାବୀର ମନ୍ଦିର ଅବସ୍ଥିତ । ଏହା ମଧ୍ୟ ରେଲଷ୍ଟେସନ ଓ ରେଲ୍ ଲାଇନ୍‌ର ଖୁବ୍ ନିକଟବର୍ତ୍ତୀ ସ୍ଥାନରେ ଅବସ୍ଥିତ । ପୂର୍ବେ ପୁରୀରେ ଅନେକ ରେଲ୍ ଦୁର୍ଘଟଣା ଘଟୁଥିଲା । ଦୁର୍ଘଟଣାରୁ ଲୋକମାନଙ୍କୁ ସିଦ୍ଧ ମହାବୀର ରକ୍ଷା କରନ୍ତି ବୋଲି ଅନେକଙ୍କର ଗଭୀର ବିଶ୍ୱାସ । ଏହାଛଡ଼ା, ଓଡ଼ିଶାର ପ୍ରସିଦ୍ଧ ବୈଦ୍ୟ ମାଗୁଣୀ ବ୍ରହ୍ମା ପ୍ରତିଦିନ ଏହି ମନ୍ଦିରରେ ପୂଜାର୍ଚ୍ଚନା କରି ସିଦ୍ଧିଲାଭ କରିଥିଲେ ।। ସିଦ୍ଧିଲାଭର ଏହା ପ୍ରକୃଷ୍ଟ ପୀଠ ବୋଲି ପୁରୀ ସହରର ପ୍ରାୟ ସମସ୍ତଙ୍କର ଗଭୀର ବିଶ୍ୱାସ । ୨ ଆଜିକାଲି ପ୍ରାୟ ପ୍ରତ୍ୟେକ ଦିନ ଶତାଧିକ ଲୋକ ଏଠାକୁ ଯାଇ ସିଦ୍ଧମହାବୀରଙ୍କୁ ଆରାଧନା କରୁଥିବା ଦୃଷ୍ଟିଗୋଚର ହୁଏ ।

ଶ୍ରୀକ୍ଷେତ୍ରର କେତେକ ଦେବୀ ବିଗ୍ରହ: (କ) ବାଟମଙ୍ଗଳା:– ଶ୍ରୀକ୍ଷେତ୍ରଠାରୁ ପ୍ରାୟ ତିନିମାଇଲ ଦୂରରେ ଜଗନ୍ନାଥ ସଡ଼କର ଏକ ପାର୍ଶ୍ୱରେ ପରମ ବୈଷ୍ଣବୀ ବାଟମଙ୍ଗଳା ବିରାଜିତା । ଏହା ଅତି ପ୍ରାଚୀନ ମୂର୍ତ୍ତି ଏବଂ ବାଟମଙ୍ଗଳାଙ୍କ ପ୍ରାଚୀନତା ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତା ସହିତ ଜଡ଼ିତ । ସାରିଆ ଭିଖ ନାମକ ଜଣେ ଭକ୍ତ ଜବି ଗାଇ ଉଠିଲେ,

''ଅକାମନ ଗ୍ୱଲ ଯିବା ଚକାନୟନ ଦେଖିବା ।
ବାଟରେ ବାଟ ମଙ୍ଗଳା ଦେଖିବା ଅଠର ନଳା
ପାଞ୍ଚମନ ଏକ କରି ନରେନ୍ଦ୍ରେ ସ୍ନାନ କରିବା ।''

ପୌରାଣିକ ଉପାଖ୍ୟାନରୁ ଜଣାଯାଏ ଯେ ସୃଷ୍ଟିକର୍ତ୍ତା ବ୍ରହ୍ମା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାକୁ ଶ୍ରୀକ୍ଷେତ୍ର ଆସି ଏହି ସ୍ଥାନରେ ବାଟବଣା ହୋଇ ଯାଇଥିଲେ । ମା ମଙ୍ଗଳା ବ୍ରହ୍ମାଙ୍କୁ ବାଟ ବତେଇ ଦେଇଥିବାରୁ ବ୍ରହ୍ମା ଶ୍ରୀ କ୍ଷେତ୍ରଗାମୀ ପଥିକଙ୍କୁ ବାଟ ବତେଇବା ପାଇଁ ତାଙ୍କୁ ସେଠାରେ ପ୍ରତିଷ୍ଠା କରିଥିଲେ । ଏହି ସ୍ଥାନର ଶ୍ରୀମନ୍ଦିରକୁ ଭକ୍ତମାନେ ଦର୍ଶନ କରିବାର ସୁବିଧା ମଧ୍ୟ ପାଇଥାନ୍ତି ।

ବାଟମଙ୍ଗଳାଙ୍କ ମନ୍ଦିରର ଉଚ୍ଚତା ପ୍ରାୟ ପନ୍ଦର ଫୁଟ ଏବଂ ଦ୍ୱାରଦେଶର ଉଚ୍ଚତା ଗ୍ୱରିଫୁଟ । ମନ୍ଦିର ମଧ୍ୟରେ ଲାବଣ୍ୟମୟୀ ଚତୁର୍ଭୁଜା ମୂର୍ତ୍ତି ପଦ୍ମାସନରେ ଆସୀନା । ଉର୍ଦ୍ଧ୍ୱ ଦୁଇ ହସ୍ତରୁ ଦକ୍ଷିଣ ହସ୍ତରେ ଶଙ୍ଖ ଓ ବାମ ହସ୍ତରେ ତ୍ରିଶୂଳ ଏବଂ ନିମ୍ନଭାଗର ଦୁଇ ହାତ ଉନ୍ମୁକ୍ତ ଥାଇ ଅଭୟ ପ୍ରଦାୟିନୀର ସଙ୍କେତ ଦେଉଥାଏ । ଦୁଇ ଫୁଟରୁ ଉର୍ଦ୍ଧ୍ୱ କଳାମୁଗୁନି ପଥରର ମଙ୍ଗଳାଙ୍କ କମନୀୟ ମୂର୍ତ୍ତି ଦେଖିଲେ ଯେ କେହି ବ୍ୟକ୍ତି ଭାବଭକ୍ତି ବିହ୍ୱଳିତ ହୋଇପଡ଼େ । ବାଟମଙ୍ଗଳା ପରମ ବୈଷ୍ଣବୀ ହୋଇଥିବାରୁ ତାଙ୍କ ନିକଟରେ ଆମିଷ ଭୋଗ ହୁଏ ନାହିଁ ।

ଅଧିକାଂଶ ଯାନ ବାହନ ବସ୍, ଟ୍ରକ୍ ଓ କାର ଇତ୍ୟାଦି ବାଟରେ ସେମାନଙ୍କର ଯାତ୍ରା ନିର୍ବିଘ୍ନରେ ସମାପ୍ତ ହେବା ଆଶାରେ ଏହି ବାଟମଙ୍ଗଳାଙ୍କ ପାଖରେ ଅଟକି ମାଳ ଓ ସିନ୍ଦୁର ଗାଡ଼ିରେ ଲଗାଉଥିବା ଦୃଷ୍ଟିଗୋଚର ହୁଏ ।

(ଖ) **ଅଲମ୍ବା ବା ଆଲମା ଚଣ୍ଡୀ**:– ଶ୍ରୀକ୍ଷେତ୍ରରେ ପ୍ରବେଶ ପଥରେ ଅଠରନଳା ପରେ ଆଲମ୍ବାଚଣ୍ଡୀଙ୍କ ମନ୍ଦିର ଅବସ୍ଥିତ । ମନ୍ଦିର ମଧ୍ୟରେ ଚତୁର୍ଭୁଜା ଦୁର୍ଗାମୂର୍ତ୍ତି ବିରାଜିତା । ମୁସଲମାନ ଶାସନ କାଳରେ ଏହି ସ୍ଥାନରେ ଜିଜିୟା କର ଆଦାୟ କରାଯାଉଥିଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ସମୟରେ ମହାପଟୁଆରରେ ଅଣାଯାଉଥିବା ଦାରୁକୁ ଏହିଠାରେ ରଖାଯାଏ ଏବଂ ଗଜପତି ମହାରାଜା, ସାଧୁ, ସଜ୍ଜ, ମହନ୍ତ ପ୍ରଭୃତି ଛତିଶା ନିଯୋଗ ସହ ଛତିଘ୍ୱମର ଧରି ମହାପ୍ରଭୁଙ୍କ ଦାରୁକୁ ଏହିଠାରୁ ସ୍ୱାଗତ କରି ଶ୍ରୀମନ୍ଦିରକୁ ନିଅନ୍ତି ।

(ଗ) **ମର୍ଚ୍ଛିକା** :– ଶ୍ରୀମନ୍ଦିରର ଅନତି ଦୂରରେ ବଡ଼ଦାଣ୍ଡର ପୂର୍ବଭାଗରେ ପରମବୈଷ୍ଣବୀ ମର୍ଚ୍ଛିକା ଠାକୁରାଣୀଙ୍କ ମନ୍ଦିର ଅବସ୍ଥିତ । ଠାକୁରାଣୀଙ୍କ ନାମାନୁସାରେ ଏ ସ୍ଥାନର ନାମ ମରିଚୀକୋଟ ଛକ ଅଟେ । ନବପତ୍ରିକା ପୂଜା, ଶାରଦୀୟ ପୂଜା ସମୟରେ ଗଜପତିଙ୍କର ଆରାଧ୍ୟ କନକ ଦୁର୍ଗା ଏଠାକୁ ବିଜେ କରିଥାନ୍ତି ।

(ଘ) ଚର୍ଚ୍ଚିକା :– ଦେବୀ ଚର୍ଚ୍ଚିକା ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନିର୍ମାଣ କାର୍ଯ୍ୟର ମୁଖ୍ୟ ତତ୍ତ୍ୱାବଧାରିକା । ଶ୍ରୀଜଗନ୍ନାଥଙ୍କ ରଥ ଯେଉଁ ସ୍ଥାନରେ ନିର୍ମିତ ହୁଏ ସେହି ସ୍ଥାନରେ ଚର୍ଚ୍ଚିକା ମୂର୍ତ୍ତି ବିରାଜିତା । ଗଜପତି ମହାରାଜାଙ୍କର ଆରାଧ୍ୟଦେବୀମାନଙ୍କ ମଧ୍ୟରେ ଚର୍ଚ୍ଚିକା ଅନ୍ୟତମ । ରାଜାମାନେ ଯୁଦ୍ଧଯାତ୍ରା କରିବା ପୂର୍ବରୁ ମା ଚର୍ଚ୍ଚିକାଙ୍କୁ ଆରାଧନା କରି ଆସୁଥିଲେ । ପ୍ରତ୍ୟେକ ବର୍ଷ ବାହୁଡ଼ା ଯାତ୍ରାରେ ନନ୍ଦିଘୋଷ ରଥ ଏହି ସ୍ଥାନରେ ଅଟକି ଲକ୍ଷ୍ମୀନାରାୟଣ ଭେଟ ହେଉଥିବା ପ୍ରାୟ ସର୍ବଜନ ବିଦିତ ।

''ମର୍ଚ୍ଚିକା ଚର୍ଚ୍ଚିକା ମଧ୍ୟେ ରଥଭୂମି ବ୍ୟବସ୍ଥିତା''

ରଥ ଗଢ଼ା ଭୂମିର ଉଭୟ ପାର୍ଶ୍ୱରେ ଉପରୋକ୍ତ ଉଭୟ ଶକ୍ତି ବଡ଼ଦାଣ୍ଡରେ ପ୍ରତିଷ୍ଠିତା ।

(ଙ) ଅର୍ଦ୍ଧାଶନୀ (ମାଉସୀ ମା)– ବଡ଼ଦାଣ୍ଡର ପୂର୍ବଭାଗରେ ଅଦ୍ଧାଶନୀ ବା ମାଉସୀ ମା ମନ୍ଦିର ଅବସ୍ଥିତ । କିମ୍ବଦନ୍ତୀରୁ ଜଣାଯାଏ ଯେ, ମିଟିଆଣି ନଈର ଜଳକୁ ଶୋଷଣ କରିଥିବାରୁ କେହି କେହି ଏହାଙ୍କୁ ଅର୍ଦ୍ଧଶୋଷଣୀ ବୋଲି କହିଥାନ୍ତି । ଅନ୍ୟକେତେକଙ୍କ ମତରେ ପ୍ରଳୟ ଜଳକୁ ଶୋଷଣ କରିଥିବାରୁ ଏହାଙ୍କୁ ଅର୍ଦ୍ଧାଶନୀ ବୋଲି କୁହାଯାଇଥାଏ । ସ୍କନ୍ଦ ପୁରାଣ ଅନୁଯାୟୀ ଶ୍ରୀକ୍ଷେତ୍ରକୁ ଅଷ୍ଟଶକ୍ତି ରକ୍ଷା କରିଥାନ୍ତି । ସେମାନଙ୍କ ମଧ୍ୟରେ ଅର୍ଦ୍ଧାଶନୀ ଅନ୍ୟତମ । ନୀଳତନ୍ତ୍ରରେ ଉଲ୍ଲେଖ ଅଛି,

''ପ୍ରାଚ୍ୟଦେବୀ ମହାଶକ୍ତି ମର୍ଚ୍ଚିକା ଚର୍ଚ୍ଚିକା ତଥା ।
ଅର୍ଦ୍ଧାଶନୀ ମହାଯୂପା କ୍ଷେତ୍ରପାଳନ ତତ୍‌ପରାଃ ।।''

ଅର୍ଦ୍ଧାଶନୀ ହେଉଛନ୍ତି ଯଜ୍ଞବଳର ଅର୍ଦ୍ଧଶୋଷଣ କାରିଣୀ । ଏହା ଏକ ବିଚିତ୍ରମୂର୍ତ୍ତି ଯାହାଙ୍କ ଜଣକ ନାମ ମାଉସୀ ମା । ଲୋକକଥା ଅନୁଯାୟୀ, ମହାଲକ୍ଷ୍ମୀଙ୍କୁ ତ୍ୟାଗ କରି ଯେତେବେଳେ ତୁଇ ଭାଇ ଦ୍ୱାର ଦ୍ୱାର ବୁଲିଲେ, ସେତେବେଳେ ସୁଭଦ୍ରା ମାଉସୀଘରକୁ ଯାଇଥିଲେ । ଏଥିପାଇଁ ସେ ମାଉସୀ ମା ନାମରେ ଖ୍ୟାତ । ବାହୁଡ଼ା ଯାତ୍ରା ବେଳେ ଏଠାରେ ରଥ ରହି ପୋଡ଼ପିଠା ଭୋଗ ହେବାର ବିଧି ଅଛି ।

(ଚ) ଦକ୍ଷିଣ କାଳୀ:– ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ ମୂର୍ତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୁରାଣ ବର୍ଣ୍ଣିତା ଦକ୍ଷିଣ ଦିଗର ସେ କାଳୀ । କ୍ଷେତ୍ର ଭୂପୁର ବାସିନୀ ଚଣ୍ଡରୂପ ଦକ୍ଷିଣକାଳୀ ରୋଷବାଧା ବିନାଶିନୀ ଅଟନ୍ତି । କେବଳ ତାଙ୍କରି ସିନ୍ଦୁର ଘେନି ରୋଷକୁ ପ୍ରବେଶ ହୋଇଥାଏ । ଶ୍ରୀଜଗନ୍ନାଥ ଓ ଦକ୍ଷିଣ କାଳୀ ଏକ ତଥା ଅଭିନ୍ନ ବୋଲି ବିଗ୍ରର କାଯାଇଥାଏ । ସେଥିପାଇଁ ତନ୍ତ୍ରଶାସ୍ତ୍ରରେ ଯଥାର୍ଥରେ କୁହାଯାଇଛି ।

''ନୀଳାଦ୍ରୌସ୍ତୁ ଜଗନ୍ନାଥଃ ସାକ୍ଷାଦ୍ ଦକ୍ଷିଣକାଳିକା'' ।

ସିଂହଦ୍ୱାର ଠାରୁ ସ୍ୱର୍ଗଦ୍ୱାରକୁ ଯିବା ବାଟରେ ବାମ ଦିଗରେ କାଳିକା ଦେବୀ ସାହିରେ ଦକ୍ଷିଣକାଳୀଙ୍କ ମନ୍ଦିର । ପୁରୀ ସହର ଅଧିବାସୀ ଗଣ ଦକ୍ଷିଣକାଳୀଙ୍କୁ ପ୍ରତ୍ୟହ ଦର୍ଶନ କରୁଥିବା ଦେଖାଯାଏ ।। ଦେବୀଙ୍କୁ ବର୍ଷକରେ ମାତ୍ର ତିନିଦିନ (ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ) ଅନ୍ନ ଓ ଆମିଷ ଭୋଗ କରାଯାଇଥାଏ । ଅନ୍ୟ ଦିନମାନଙ୍କରେ ଶୁଖିଲି ଭୋଗ ହୁଏ ଏବଂ ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ପ୍ରତ୍ୟହ ସମର୍ପଣ କରାଯାଏ ।

(ଛ) ଶ୍ୟାମାକାଳୀ:– ବାଲିସାହିରେ ପ୍ରସିଦ୍ଧ ଶ୍ୟାମାକାଳୀଙ୍କ ମନ୍ଦିର ଅବସ୍ଥିତ । ବାରବାଟି ଦୁର୍ଗରେ ଥିବା ଗଡଚଣ୍ଡୀଙ୍କ ପରି ମା ଶ୍ୟାମାକାଳୀ ଶାକ୍ତମୂର୍ତ୍ତି ଶିବଶକ୍ତି ସଂଯୁକ୍ତା ରାଜଶକ୍ତି ଅଟନ୍ତି । ଗଜପତି ମହାରାଜାଙ୍କ ଶ୍ରୀନଅର ପୂର୍ବରୁ ସେହି ସ୍ଥାନରେ ଥିଲା । ଶ୍ୟାମାକାଳୀ ଗଜପତି ରାଜା ମାନଙ୍କର ଅଧିଷ୍ଠାତ୍ରୀ ଦେବୀ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

''ରାଜଶକ୍ତିମୟଃ କାଳୀ ସର୍ବ ସିଦ୍ଧି ପ୍ରଦାୟିନୀ'' ।

ଶ୍ରୀନଅର ଆଉ ସେଠାରେ ନାହିଁ । ମାତ୍ର ନବର ଶକ୍ତି ଯାଗ୍ରତାବସ୍ଥାରେ ରହିଅଛନ୍ତି ।

ଶ୍ୟାମକାଳୀ ମନ୍ଦିର ନିକଟରେ ଅଦ୍ୟାପି ରାଜବାଟିରେ ବ୍ୟବହୃତ ହେଉଥିବା କେତେକ ଜିନିଷ ଦୃଷ୍ଟିଗୋଚର ହୁଏ । ଗଜପତିଙ୍କ ଦ୍ୱାରା ପୂଜିତ ହେଉଥିବା ଅଷ୍ଟଲିଙ୍ଗର ପ୍ରମାଣ ମଧ୍ୟ ମିଳେ । ଶ୍ୟାମାକାଳୀ ପୁରୀ ଅଧିବାସୀମାନଙ୍କର ଅତ୍ୟନ୍ତ ପବିତ୍ର ସ୍ଥଳୀ ଭାବରେ ପରିଚିତ । ପ୍ରାୟ ପ୍ରତ୍ୟେକ ଦିନ ଅନ୍ନ ଓ ଆମିଷ ମା ଶ୍ୟାମାକାଳୀଙ୍କୁ ଭୋଗ କରାଇ ଲୋକମାନେ ପ୍ରସାଦ ସେବା କରିଥାନ୍ତି ।

ଶ୍ରୀକ୍ଷେତ୍ର ରକ୍ଷାକାରିଣୀ ଅନ୍ୟାନ୍ୟ ଦେବୀ:– ଉପରୋକ୍ତ ଶକ୍ତିମାନଙ୍କ ବ୍ୟତୀତ ଆହୁରି ଅନେକେ ଶକ୍ତି ବିଭିନ୍ନ ସ୍ଥାନରେ ବିରାଜିତା । ଲୋକୋକ୍ତି ଅନୁଯାୟୀ,

''ବଟ, ବାଟ, ପନ୍ତା ଘାଟମାନଙ୍କ ମଂଗଳା
କ୍ଷେତ୍ରକୁ ଜଗିଣଛନ୍ତି ଦେବୀ ଏ ଅର୍ନଗଳା ।''

ଅର୍ଥାତ୍, ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଯଥା ବଟବୃକ୍ଷମୂଳେ, ବାଟରେ, ପନ୍ତାକୂଳେ ଏବଂ ଘାଟମାନଙ୍କରେ ମା ମଙ୍ଗଳା ଶ୍ରୀକ୍ଷେତ୍ରକୁ ରକ୍ଷା କରିଅଛନ୍ତି । ଉଦାହରଣ ସ୍ୱରୂପ, ମଂଗଳାଘାଟ ପଥରେ ଘାଟ ମଂଗଳା ବିରାଜିତା । ଉପଶକ୍ତି ରୂପରେ ଅଗ୍ନି କୋଣରେ ମାଟିମଣ୍ଡପସାହିରେ ମା ଅଲେଇ ଏବଂ ପୂର୍ବଦିଗରେ ହେରା ଗୋହିରୀ ସାହି ମୁଣ୍ଡରେ ଜାଡ଼େଶ୍ୱରୀ ବା ଜାଡୁଆଣୀ ମଧ୍ୟ ବିରାଜିତା । ବାଡୁଆଣୀ ଠାକୁରାଣୀ କଥା କହି ପାରୁ ନଥିବା ବାଳକଙ୍କର ବାକ୍‌ଶକ୍ତି ପ୍ରଦାୟିନୀ ଅଟନ୍ତି । ଅନଙ୍ଗ ଭୀମଦେବଙ୍କ ଦ୍ୱାରା ପ୍ରତିଷ୍ଠିତା ଶିଳ୍ପମାତୃକା ଅଲେଇ ଓ ପଦ୍ମା ବିରାଜିତା ।

ରାମଚଣ୍ଡୀ ସାହିର ରାମଚଣ୍ଡୀ ଏକ ପ୍ରଧାନ ପୀଠ ରୂପେ ପରିଚିତ । ସାତ ସାହିର ସାତଗ୍ରାମ ଦେବୀ ଯଥା, କାଳିକା ଦେବୀ ସାହିର ଦକ୍ଷିଣ କାଳୀ, ବାସେଳି ସାହିର ବାସେଳୀ,

ହରଚଣ୍ଡୀ ସାହିର ହରଚଣ୍ଡୀ, କାଳିକା ଏବଂ କୁଣ୍ଢାଇ ବେଣ୍ଟ ସାହିର ରାମଚଣ୍ଡୀ ସାହି ଠାକୁରାଣୀଭାବେ ଅନ୍ତର୍ଭୁକ୍ତ । ସେହିପରି ବନବାସିନୀ ଦୁର୍ଗା ରୂପରେ ମାଟିମଣ୍ଡପ ସାହିରେ ବକଳଯୋଗିନୀ, ଗଛକାଳୀ ବିରାଜିତା । ଷ୍ଟେସନ ପଥରେ ଝାଡ଼େଶ୍ୱରୀ ବଟଯୋଗିନୀ ନାମରେ ଅଧୁନା ସୁପରିଚିତା । ଶ୍ମଶାନରେ ଶ୍ମଶାନ ଚଣ୍ଡୀଙ୍କର ଅବସ୍ଥିତି ଶାକ୍ତ ବିଭୂତିରୁ ମଧ୍ୟ ପୃଥକ୍ ନହେଁ । ଗ୍ରାମ୍ୟ ଶ୍ମଶାନ ବା କର୍କଟ ପେଣ୍ଠ ମହାକାନ୍ତାରରେ ଉକ୍ତ ଶ୍ମଶାନ ଚଣ୍ଡୀ ବିରଜମାନ କରନ୍ତି ଏବଂ କାପାଳିକ ମାନେ ଏହି ସ୍ଥାନରେ ନିଶାର୍ଦ୍ଧରେ ଅପାଣାର ସାଧନା ପ୍ରକ୍ରିୟା ଦ୍ୱାରା ଭାବ ବିସ୍ତାର କରିଥାନ୍ତି । ଏହା ବ୍ୟତୀତ, କୋଣାର୍କ ନିକଟସ୍ଥ ରାମଚଣ୍ଡୀ ଏବଂ ଅନ୍ୟ ଦିଗରେ ନିକଟସ୍ଥ ବାଲି ହରଚଣ୍ଡୀ ଉଭୟ ଦିଗରୁ ଶ୍ରୀକ୍ଷେତ୍ର ରକ୍ଷା କରୁଥିବା ବିଷୟ ପୌରାଣିକ ଉପାଖ୍ୟାନରୁ ସୂଚୀତ ହୁଏ । ରାମଚଣ୍ଡୀଙ୍କ ସମ୍ବନ୍ଧରେ ଏକ ଐତିହାସିକ କିମ୍ବଦନ୍ତୀ ରହିଥିବା ଜଣାଯାଏ । କଳା ପାହାଡ଼ ଯେତେବେଳେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଆକ୍ରମଣ କରିଥିଲା, ମା ରାମଚଣ୍ଡୀ ତାକୁ ପ୍ରତାରିତ କରି ତାକୁ ତାଙ୍କ ଦ୍ୱାର ପାଖରେ ବସାଇ ଗ୍ଲିଯାଇଥିବା ଜଣାଯାଏ । ସେଥି ପାଇଁ ଲୋକମୁଖରେ ଶୁଣାଯାଏ,

ଭଲା ରାମଚଣ୍ଡୀ ଭଲାରେ
କଳାପାହାଡ଼କୁ ଦୁଆରେ ବସାଇ
ଭଲା ପାଣି ପାଇଁ ଗଲାରେ ।

ହରଚଣ୍ଡୀ ମନ୍ଦିର ଏକ ବାଲିକୁଦ ଉପରେ ଅବସ୍ଥିତ । ଦେବୀ ଦକ୍ଷିଣାଭିମୁଖ ହୋଇ ବସିଥିବା ଦୃଷ୍ଟିଗୋଚରର ହୁଏ । ରାମଚଣ୍ଡୀ ପୂର୍ବ ଦିଗରୁ ଏବଂ ହରଚଣ୍ଡୀ ପଶ୍ଚିମ ଦିଗରୁ ଶ୍ରୀକ୍ଷେତ୍ର ରକ୍ଷା କରିଥାନ୍ତି ।

ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ପବିତ୍ର ତଥା ଦର୍ଶନୀୟ ସ୍ଥାନ :–

(୧) ଅନ୍ତର୍ବେଦୀ— ମହୋଦଧିଠାରୁ କଲ୍ପବଟ ମୂଳ ପର୍ଯ୍ୟନ୍ତ ଥିବା ସ୍ଥାନକୁ ଭଗବାନଙ୍କର ଅନ୍ତର୍ବେଦୀ କୁହାଯାଏ । ମହାଭାରତରୁ ଜଣାଯାଏ ଯେ ଯୁଧିଷ୍ଠିରଙ୍କ ସମୟରେ ପୁରୁଷୋତ୍ତମ କ୍ଷେତ୍ରରେ କୌଣସି ମନ୍ଦିର ବା ବିଗ୍ରହ ନଥିଲେ । କିନ୍ତୁ ଏକ ବେଦୀ ବା ଅନ୍ତର୍ବେଦୀ ରହିଥିଲା । ଏହା ଥିଲା ତୀର୍ଥ ଯାତ୍ରୀମାନଙ୍କର ଏକ ପବିତ୍ରତମ ପୀଠ । ପୁରାଣରେ ବର୍ଣ୍ଣିତ ଅଛି ଯେ ଏହି ସ୍ଥାନରେ ମୃତ୍ୟୁବରଣ କଲେ ମୋକ୍ଷଲାଭ ହୁଏ । ଯଥା–

"ବଟ ସାଗରୟୋର୍ମଧ୍ୟେ ଯେ ତ୍ୟଜନ୍ତି କଳେବରମ୍,
ତେ ଦୁର୍ଲଭଂ ପରଂମୋକ୍ଷଂ ପ୍ରାପ୍ନୁବନ୍ତି ନ ସଂଶୟମ୍ ।।"

(୨) ଶ୍ୱେତଗଙ୍ଗା– ସିଂହଦ୍ୱାର ଠାରୁ ସ୍ୱର୍ଗଦ୍ୱାର ଯିବା ରାସ୍ତାରେ ଦକ୍ଷିଣକାଳୀ ମନ୍ଦିରର ଦକ୍ଷିଣ ଭାଗକୁ ଶ୍ୱେତଗଙ୍ଗା ତୀର୍ଥ ବିରାଜିତ । ଶ୍ୱେତାଗଙ୍ଗାଙ୍କୁ "ସା ଗଙ୍ଗା-ଲୋକପାବନୀ" ବୋଲି କୁହାଯାଇଥିଲା । ସେଠାରେ ଧ୍ୟାନଯୋଗ୍ୟ ଶ୍ୱେତମାଧବ ଓ ତାଙ୍କର ଦକ୍ଷିଣକୁ ଜନାର୍ଦ୍ଦନଙ୍କର

ମତ୍ସ୍ୟ ମାଧବ ତଥା ମତ୍ସ୍ୟ ଓ ଶ୍ୱେତରୂପଧର ଶିବଦ୍ୱୟ ବିରାଜିତ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

''ଜନାର୍ଦ୍ଦନୋ ମତ୍ସ୍ୟରୂପ ଶ୍ୱେତରୂପଧରଃ ଶିବଃ ।''

ସେହି ଶିବ ବିଷ୍ଣୁଙ୍କର ମଧ୍ୟରେ ପାବନ (ହରି ପାଦୁକା ମୁକ୍ତିଶିଳା) ମୁକ୍ତିପ୍ରଦ ସ୍ଥାନ ରହିଅଛି ବୋଲି ପଣ୍ଡିତ ମାନଙ୍କର ମତ । ଶ୍ୱେତଗଙ୍ଗା ଜଳରେ ସ୍ନାନ କରି ମତ୍ସ୍ୟ ମାଧବ ତଥା ଶ୍ୱେତ ମାଧବଙ୍କୁ ଦର୍ଶନ କଲେ ସର୍ବ ପାପ ନାଶ ହୁଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଅଛି । ମହାପ୍ରସାଦ ଅଜ୍ଞାନରେ ପଦଦଳିତ ଜନିତ ଅପରାଧ ଉକ୍ତ ଶ୍ୱେତ ଗଙ୍ଗା ଜଳରେ ପ୍ରକ୍ଷାଳନ ପୂର୍ବକ ଶ୍ୱେତମାଧବଙ୍କ ଦର୍ଶନାନ୍ତେ ଖଣ୍ଡିତ ହୋଇଥାଏ,

ଶ୍ୱେତଗଙ୍ଗା ଓ ପବିତ୍ର ଗଙ୍ଗାନଦୀ ମଧ୍ୟରେ ଅଭେଦ ସମ୍ପର୍କ ରହିଥିବା ଜଣାଯାଏ । ଅତୀତରେ ତଳଛୁ ମହାପାତ୍ର ନାମକ ଜଣେ ଜଗନ୍ନାଥଙ୍କ ସେବାୟତ ବାରାଣସୀ ଯାଇ ଗଙ୍ଗାରେ ସ୍ନାନ କରିବା ପାଇଁ ଆଗ୍ରହୀ ହୋଇଥିଲେ ମାତ୍ର ଶାରିରୀକ ଅସୁସ୍ଥତା ତଥା ଆର୍ଥିକ ଅସ୍ୱଚ୍ଛଳତା ଯୋଗୁ ପ୍ରବଳ ଇଚ୍ଛା ଥିଲେ ସୁଦ୍ଧା ବାରାଣସୀ ଯିବା ତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ତାଙ୍କର ମନକାମନା ମହାପ୍ରଭୁଙ୍କୁ ଜଣାଇ ସେ ଶ୍ୱେତଗଙ୍ଗାରେ ଡୁବ ଦେଲେ ,ଏବଂ ଉପରକୁ ଉଠି ଦେଖିଲେ ଯେ ସେ କାଶୀର ମଣିକର୍ଣ୍ଣିକା ଘାଟରେ ଠିଆ ହୋଇଛନ୍ତି ଗଙ୍ଗାନଦୀ ଜଳରେ ।। ମନ ତାଙ୍କର ଉତ୍ ଫୁଲ୍ଲିଲିତ ହେଲା ଏବଂ ଗଙ୍ଗା ମାତାଙ୍କୁ ପ୍ରଣାମ କରି ସେ ପୁନର୍ବାର ବୁଡ଼ ଦେଲେ ଗଙ୍ଗାନଦୀରେ । ଉପରକୁ ଉଠି ଦେଖିଲେ ଯେ ସେ ଶ୍ୱେତଗଙ୍ଗା ଜଳମଧ୍ୟରେ ସ୍ନାନ କରୁଛନ୍ତି । ମହାପ୍ରଭୁ ଜଗନ୍ନାଥ ଓ ଗଙ୍ଗାମାତା ତାଙ୍କ ମନକାମନା ପୂର୍ଣ୍ଣ କରିଥିବାରୁ ସେ ଉଭୟଙ୍କୁ ପ୍ରଣିପାତ କରି ସେଠାରୁ ବିଦାୟ ନେଲେ ।

ଏ ଉପାଖ୍ୟାନ କେତେଦୂର ସତ, ସେ ବିଷୟରେ ବାଦାନୁବାଦ କରିବାର ଆବଶ୍ୟକତା ନାହିଁ । ''ବିଶ୍ୱାସେ ମିଳଇ ହରି'' ନ୍ୟାୟରେ ଏହାକୁ ଗ୍ରହଣ କରିବା ଉଚିତ, ତେବେ ଶ୍ୱେତଗଙ୍ଗାର ଜଳ କେବେ ହେଲେ ଶୁଷ୍କ ହୁଏ ନାହିଁ । ମେସିନ୍ ସାହାଯ୍ୟରେ ଜଳ ନିଷ୍କାସନ କରାଯାଇଥିଲେ ସୁଦ୍ଧା କ୍ଷଣକ ମଧ୍ୟରେ ଝର ଝର ହୋଇ ଜଳଧାରା ନିର୍ଗତ ହେଉଥିବାରୁ ପୁଷ୍କରିଣୀ ଜଳ ପୂର୍ଣ୍ଣ ଅବସ୍ଥାରେ ରହିଥାଏ । ଗଙ୍ଗାନଦୀରେ ଜଳ ଉଛୁଳିଲା ବେଳେ ଶ୍ୱେତଗଙ୍ଗାରେ ଜଳ ଉଛୁଳି ଥାଏ । ସେହିପରି ଗଙ୍ଗାଜଳକୁ ବହୁଦିନ ପର୍ଯ୍ୟନ୍ତ ସଂରକ୍ଷଣ କରି ରଖିଲେ ଯେପରି କୀଟ ହୁଅନ୍ତି ନାହିଁ, ଶ୍ୱେତଗଙ୍ଗା ଜଳକୁ ମଧ୍ୟ ଅନୁରୂପ ରଖାଯାଏ ଏବଂ ଏଥିରେ କୀଟ ହୋଇନଥାନ୍ତି । ଶ୍ୱେତଗଙ୍ଗା ଏକ ପବିତ୍ର ତୀର୍ଥ ।

(୩) ସ୍ୱର୍ଗଦ୍ୱାରଃ– ସମୁଦ୍ର କୂଳରେ ଥିବା ଶ୍ମଶାନକୁ ସ୍ୱର୍ଗଦ୍ୱାର ବୋଲି କୁହାଯାଇଥାଏ । ଏଠାରେ ପିଣ୍ଡଦାନ କରାଯାଏ ଏବଂ ଏଠା ସମୁଦ୍ରରେ ବୁଡ଼ ପକାଇଲେ ମୁକ୍ତି ମିଳେ । ଶ୍ରୀପୁରୁଷୋତ୍ତମ ଧାମରେ ମୃତ୍ୟୁବରଣ କରି ସ୍ୱର୍ଗଦ୍ୱାରରେ ଦାହକାର୍ଯ୍ୟ ସମାପନ ହେଲେ

ଲୋକମାନେ ସ୍ୱର୍ଗଗାମୀ ହୋଇଥାନ୍ତି ବୋଲି ସମସ୍ତଙ୍କର ବିଶ୍ୱାସ । ଏ ଧାମରେ ଯମରାଜାଙ୍କର ପ୍ରଭାବ ଅନୁଭୂତ ହୁଏ ନାହିଁ । ବୃଦ୍ଧ ବୃଦ୍ଧାମାନେ ଶ୍ରୀ କ୍ଷେତ୍ରରେ ପ୍ରାଣ ବିସର୍ଜନ ପାଇଁ ଏକ୍ଷେତ୍ରରେ ଶେଷ ଜୀବନ କଟାଇଥାଆନ୍ତି । ଅତୀତ ଦ୍ୱାପର ଯୁଗରେ ଏହି ସ୍ଥାନର ନାମ 'ଅପୋଡ଼ା ସ୍ଥାନ' ଥିଲା । କିନ୍ତୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଦେହତ୍ୟାଗ କଲାପରେ ପାଣ୍ଡବମାନେ ଏହିଠାରେ ପ୍ରଥମେ ତାଙ୍କର ମରଶରୀରକୁ ଦାହ କରିଥିଲେ । ସେହିଦିନ ଠାରୁ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରାଯାଉଅଛି ।

(୪) ଚକ୍ରତୀର୍ଥ– ଶ୍ରୀ ମନ୍ଦିର ପୂର୍ବକୁ ପ୍ରାୟ ୩ କିଲୋମିଟର ଦୂରରେ ମହୋଦଧିର ବେଳା ଭୂମି ଉପରେ ଚକ୍ରତୀର୍ଥ ଅବସ୍ଥିତ । ଏହା ନିକଟରେ ଭାର୍ଗବୀ ନଦୀର ଏକ ଶାଖାନଦୀ ସମୁଦ୍ରରେ ଏହି ସ୍ଥାନରେ ପଡ଼ିଥିଲା । ଏହାର ନାମ ଥିଲା ବାଙ୍କି ମୁହାଣ । ଏହି ବାଙ୍କି ମୁହାଣରେ ଦାରୁର ଆବିର୍ଭାବ ହୋଇଥିଲା ଏବଂ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଏହିଠାରୁ ଦାରୁ ସଂଗ୍ରହ କରି ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରାଇଥିଲେ । ଏ ସ୍ଥାନରେ ଚକ୍ରନାରାୟଣଙ୍କ ମନ୍ଦିର ଅବସ୍ଥିତ । ଏଠାରେ ମଧ୍ୟ ଲକ୍ଷ୍ମୀଙ୍କ ପିତା ଜଳଦେବତା ବରୁଣଙ୍କ ଘର ରହିଛି ଏବଂ ଜାମାତା ଶ୍ରୀ ଜଗନ୍ନାଥଙ୍କ ପାଇଁ ଲକ୍ଷ୍ମୀଙ୍କ ବାପଘରୁ ଶ୍ରୀମନ୍ଦିରକୁ ଭାର ଆସିଥାଏ । ଏଠାକାର ଚକ୍ରରେ ନାରାୟଣଙ୍କ ବିଗ୍ରହ ରହିଅଛି । ତେଣୁ ତୀର୍ଥର ନାମ ଚକ୍ରତୀର୍ଥ ବୋଲି କୁହାଯାଏ । ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ ଯେତେବେଳେ ଦାରୁ ଭାସି ଆସିଲା ସେଥିରେ ଚକ୍ରଚିହ୍ନ ସ୍ପଷ୍ଟ ଭାବରେ ଦୃଷ୍ଟି ଗୋଚର ହେଉଥିଲା ଏବଂ ଚକ୍ର ମଧ୍ୟରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ନାରାୟଣଙ୍କୁ ଦର୍ଶନ କରିଥିଲେ ।

(୫) ଟୋଟା ଗୋପୀନାଥ:– ଶ୍ରୀକ୍ଷେତ୍ରରେ ଥିବା ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରୁ ଟୋଟା ଗୋପୀନାଥ ଅନ୍ୟତମ । ଏକ ସୁରମ୍ୟ କାନନ ମଧ୍ୟରେ କଲାମୁଗୁନି ପଥରର ଏକ ମନୋହର କୃଷ୍ଣ ମୂର୍ତ୍ତି ଏବଂ ଏହାଙ୍କ ବାମ ପାର୍ଶ୍ୱରେ ଶ୍ରୀରାଧାଙ୍କ ମୂର୍ତ୍ତି ବିରାଜମାନ । ମନ୍ଦିରଟି ଯମେଶ୍ୱର ମନ୍ଦିରର ପଶ୍ଚାତ୍ ଭାଗରେ ଅବସ୍ଥିତ । ଗୌଡ଼ୀୟ ବୈଷ୍ଣବ ମାନଙ୍କର ଏହା ଏକ ସାଧନାର ପୀଠ । କିମ୍ବଦନ୍ତୀରୁ ଜଣାଯାଏ ଯେ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରକୁ ଆସି ଏହି ଆଶ୍ରମରେ ଲୀନ ହୋଇଥିଲେ । ଏହା ଏକ ସୁରମ୍ୟ କାନନ ହୋଇଥିବାରୁ ପ୍ରତ୍ୟହ ବହୁ ଆଗନ୍ତୁକ ଏଠାକୁ ଆସି ରାଧାକୃଷ୍ଣଙ୍କୁ ଦର୍ଶନ କରି ଶାନ୍ତିରେ ସମୟ ଅତିବାହିତ କରନ୍ତି ।

(୬) ଶରଧା ବାଲି:– ଅତୀତରେ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ମଧ୍ୟରେ ଗୋଟିଏ ନଦୀ ପ୍ରବାହିତ ହୋଇ ଚକ୍ରତୀର୍ଥ ଠାରେ ମହୋଦଧିରେ ପଡ଼ିଥିଲା । ଏହାକୁ ବାଙ୍କି ମୁହାଣ କୁହାଯାଉଥିଲା । ରଥଯାତ୍ରା ସମୟରେ ମୋଟ୍‌ରେ ୬ଟି ରଥ ନିର୍ମିତ ହୋଇ ନଦୀର ଅପରପକ୍ଷରେ ଅର୍ଥାତ୍ ଗୁଣ୍ଡିଚା ମନ୍ଦିର ପକ୍ଷରେ ୩ଟି ରଥ ଏବଂ ଶ୍ରୀ ମନ୍ଦିର ପାର୍ଶ୍ୱରେ ୩ଟି ରଥ ରହୁଥିଲା । ଠାକୁରମାନେ ୩ଟି ରଥରେ ବସି ସେହି ନଦୀ ପର୍ଯ୍ୟନ୍ତ ଯାଉଥିଲେ । ତହରେ ରଥରୁ ପହଣ୍ଡି ହୋଇ ନଦୀ ପାର ହୋଇ ଅପର ପାର୍ଶ୍ୱସ୍ଥ ରଥରେ ବିଜେ କରି ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରୁଥିଲେ । ଇତିହାସରୁ ଜଣାଯାଏ ଯେ ରାଜା ନରସିଂହଦେବ

(୨ୟ) ବାଙ୍କି ମୁହାଣ ପୋତାଇ ୩ଟି ରଥ କରାଇଥିଲେ । ନଦୀ ପୋତା ଯିବାରୁ ସେ ସ୍ଥାନ ବାଲିରେ ପୂର୍ଣ୍ଣ ହୋଇଥିଲା । ବଡ଼ ଶଙ୍ଖଠାରୁ ଗୁଣ୍ଡିଘ୍ର ମନ୍ଦିର ପର୍ଯ୍ୟନ୍ତ ସ୍ଥାନକୁ ଶରଧାବାଲି କୁହାଯାଏ । ଏହା ଅତ୍ୟନ୍ତ ପବିତ୍ର ସ୍ଥାନ । ଭକ୍ତମାନେ ଶରଧା ବାଲିରୁ ଧୂଳିକଣା ଉଠାଇ ମୁଣ୍ଡରେ ବୋଳି ହୁଅନ୍ତି ।

(୭) ଗୁଣ୍ଡିଘ୍ର ମନ୍ଦିରଃ– ରଥଯାତ୍ରା ଦିନ ଠାକୁରମନେ ରଥାରୂଢ଼ ହୋଇ ଗୁଣ୍ଡିଘ୍ର ମନ୍ଦିରକୁ ଯାତ୍ରା କରିଥାନ୍ତି । ଏ ମନ୍ଦିରରେ ସେମାନେ ସାତଦିନ ଅବସ୍ଥାନ କରନ୍ତି । ଯିବା ଓ ଆସିବା ଦୁଇ ଦିନକୁ ମିଶାଇ ନଅଦିନ ହୋଇଥାଏ । ଏହି କାରଣରୁ ରଥଯାତ୍ରାକୁ ନବଦିନ ଯାତ୍ରା ବୋଲି କୁହାଯାଇଥାଏ । ମନ୍ଦିରରେ ଘ୍ରୋଟି ଭାଗ ଅଛି— ବିମାନ, ଜଗମୋହନ, ନାଟମନ୍ଦିର ଓ ଭୋଗମଣ୍ଡପ । କେତେକଙ୍କ ମତରେ ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ ଗୁଣ୍ଡିଘ୍ର ଦେବୀଙ୍କ ନାନାନୁସାରେ ଯାତ୍ରାର ନାମ ଗୁଣ୍ଡିଘ୍ର ଯାତ୍ରା ଓ ମନ୍ଦିର ନାମ ଗୁଣ୍ଡିଘ୍ର ମନ୍ଦିର ରଖାଯାଇଅଛି । ଠାକୁରମାନେ ଗୁଣ୍ଡିଘ୍ର ମନ୍ଦିରରେ ଥିଲାବେଳେ ଠାକୁରଙ୍କ ସମସ୍ତ ପ୍ରଚଳିତ ନୀତି ବଡ଼ ଦେଉଳ ପରି ଏଠାରେ ଅନୁସୃତ ହୋଇଥାଏ । ଗୁଣ୍ଡିଘ୍ର ମନ୍ଦିରରେ ଏବଂ ରଥସ୍ଥ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଅଶେଷ ଫଳ ମିଳିଥାଏ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

> ''ଗୁଣ୍ଡିଘ୍ର-ମଣ୍ଡପଂ ଯାନ୍ତି, ଯେ ପଶ୍ୟନ୍ତି ରଥେ ସ୍ଥିତମ୍
> କୃଷ୍ଣରାମୌ ସୁଭଦ୍ରାଂ ଚ ତେ ଯାନ୍ତି ଭବନଂ ହରେଃ ।
> ଯେ ପଶ୍ୟନ୍ତି ତଦାକୃଷ୍ଟଂ ସପ୍ତାହଂ ମଣ୍ଡପେ ସ୍ଥିତଂ
> ହଳିନଞ୍ଚ ସୁଭଦ୍ରାଂ ଚ ବିଷ୍ଣୁଲୋକଂ ବ୍ରଜନ୍ତି ତେ ।''

(୮) ଯଜ୍ଞ ନୃସିଂହଃ– ଗୁଣ୍ଡିଘ୍ର ମନ୍ଦିରର ପୂର୍ବ ଉତ୍ତରକୁ ବେଢ଼ା ପାଚେରୀକୁ ଲାଗି ନୃସିଂହନାଥଙ୍କ ମନ୍ଦିର ଅବସ୍ଥିତ । ଏହି ନୃସିଂହଙ୍କୁ ଯଜ୍ଞ ନୃସିଂହ ବୋଲି କୁହାଯାଏ । ଶ୍ରୀମନ୍ଦିର ପ୍ରତିଷ୍ଠା ହେବା ପୂର୍ବରୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ମହାବେଦୀରେ ନୃସିଂହ ଉପାସନା କରି ଯଜ୍ଞାରମ୍ଭର ସୂଚନା ଦେଇଥିଲେ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ଯଜ୍ଞରୁ ଏକ ନୃସିଂହମୂର୍ତ୍ତି ତାଙ୍କ ଶିରରେ ଅନନ୍ତରୂପୀ ବଳଭଦ୍ର ଓ କୋଳରେ ମହାଲକ୍ଷ୍ମୀ ଉଦ୍‌ଭବ ହୋଇଥିଲେ । ତାପରେ ସେ ମୂର୍ତ୍ତି ଯଜ୍ଞ ନାରାୟଣ ମୂର୍ତ୍ତିରେ ପରିଣତ ହେଲେ । ମହାପ୍ରଭୁ ସତ୍ୟଯୁଗରେ ନୃସିଂହ ଅବତାର ଗ୍ରହଣ କରିଥିବାରୁ ତାଙ୍କୁ ଆଦିଦେବ, ମହାବିଷ୍ଣୁ ବୋଲି ପ୍ରଣିପାତ କରାଯାଇଥାଏ। ମହାରାଜା ଇନ୍ଦ୍ରଦ୍ୟୁମ୍ନ ଏହିଠାରେ ନୃସିଂହ ମୂର୍ତ୍ତିଙ୍କୁ ପ୍ରତିଷ୍ଠା କରାଇ ସହସ୍ରେ ଅଶ୍ୱମେଧ ଯଜ୍ଞ କରିଥିଲେ । ପର୍ବପର୍ବାଣିମାନଙ୍କରେ ଜଗନ୍ନାଥ ମନ୍ଦିରରୁ ପ୍ରଥମେ ନୃସିଂହଙ୍କ ପାଖକୁ ଆଜ୍ଞାମାଳ ଯାଇଥାଏ । ପୁରୀର ସମସ୍ତ ଯୋଗା ଆଖଡ଼ାମାନଙ୍କରେ ନୃସିଂହ, ଦୁର୍ଗା ଏବଂ ମହାବୀର (ହନୁମାନ) ପୂଜା ପାଉଥିବା ଦେଖାଯାଏ ।

(୯) ବେଲେଶ୍ୱର ମହାଦେବଃ– ଶ୍ରୀ କ୍ଷେତ୍ରର ବେଳା ଭୂମିରେ ପ୍ରାୟ ଦଶ କିଲୋମିଟର ଦୂରରେ ବେଲେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ । ବେଲେଶ୍ୱର ମହାଦେବ

ଅତି ପ୍ରତ୍ୟକ୍ଷ ଠାକୁର ବୋଲି ବିବେଚିତ ହୁଅନ୍ତି । ଏହି ଠାକୁରଙ୍କ ଉତ୍ପତି ମୂଳରେ ଏକ ପୌରାଣିକ କିମ୍ବଦନ୍ତୀ ରହିଥିବା ଜଣାଯାଏ । ପ୍ରାଚୀନ କାଳରେ ଅସୁରମାନେ ପାତାଳ ପୁରରୁ ମର୍ତ୍ତ୍ୟକୁ ଆସି ନରମାନଙ୍କୁ ଭକ୍ଷଣକରି ଗ୍ୱଲିଯାଉଥିଲେ । ଏହା ଅସୁରମାନଙ୍କର ନିତ୍ୟ ନୈମିତିକ କର୍ମ ହୋଇଥିବାରୁ ଏଠାକାର ଜନପଦ ମାନଙ୍କରେ ଆତଙ୍କ ଖେଳି ଯାଇଥିଲା । ଶ୍ରୀକୃଷ୍ଣ ପଞ୍ଚପାଣ୍ଡବଙ୍କ ସହିତ ଏ ସ୍ଥାନକୁ ଆସି ପାତାଳକୁ ପ୍ରବେଶ କରିଥିଲେ ଏବଂ ବହୁ ଅସୁରଙ୍କୁ ନିପାତ ମଧ୍ୟ କଲେ । ପାତାଳ ପୁରୀରୁ ମର୍ତ୍ତ୍ୟକୁ ଆସିବାର ଯାତାୟତ ପଥ ନିରୋଧ ନକରାଗଲେ ନରମାନେ ଚୀରକାଳ ଅସୁରଙ୍କର ଖାଦ୍ୟସାମଗ୍ରୀ ହେବେ, ଏହା ଥିଲା ଶ୍ରୀକୃଷ୍ଣଙ୍କର ଚିନ୍ତାର କାରଣ । ଦେବ ଦେବ ମହାଦେବ ହିଁ କେବଳ ଅସୁରମାନଙ୍କର ଯାତାୟତ ବନ୍ଦ କରିପାରିବେ, ଏକଥା ଶ୍ରୀକୃଷ୍ଣ ହୃଦୟଙ୍ଗମ କରି ଗୋଟିଏ ବେଲଫଳ ଆଣି ମହାଦେବଙ୍କୁ ଏହିଠାରେ ଆରାଧନା କଲେ ଏବଂ ମନ୍ଦିରଟିଏ ମଧ୍ୟ ସ୍ଥାପନ କଲେ । ଠାକୁରଙ୍କର ନାମ ସେହି କାରଣରୁ ବେଲେଶ୍ୱର ହୋଇଛି ବୋଲି ପୌରାଣିକମାନେ ମତ ପ୍ରଦାନ କରନ୍ତି । ଏହି ଠାକୁର ପ୍ରତିଷ୍ଠିତ ହେବା ପରେ ଅସୁରମାନଙ୍କର ଯାତାୟତ ପଥ ରୁଦ୍ଧ ହେଲା ଏବଂ ମର୍ତ୍ତ୍ୟର ଅଧିବାସୀଗଣ ସୁଖରେ କାଳାତିପାତ କରିବାକୁ ଲାଗିଲେ ।

(୧୦) ଅଲାର-ନାଥଃ– ଶ୍ରୀକ୍ଷେତ୍ରର ବ୍ରହ୍ମଗିରି ଅଞ୍ଚଳରେ ପ୍ରସିଦ୍ଧ ଅଲାରନାଥ ଠାକୁରଙ୍କର ମନ୍ଦିର ଅବସ୍ଥିତ । ଆଲୋୟର ଏକ ଦ୍ରାବିଡ଼ ଶବ୍ଦ ଯାହାର ଅର୍ଥ ଭକ୍ତ । ଏଣୁ ଆଲୋୟାରନାଥ ପ୍ରକୃତରେ ଭକ୍ତର ନାଥ । କାଳକ୍ରମେ ଏହି ଆଲୋୟାର ନାଥ ଶବ୍ଦର ଅପ୍ରଭଂସ ଘଟି ଆଲବନ୍ଦା ନାଥ, ଅଲବର ନାଥ, ଆଲାଲା ନାଥ ଓ ପରିଶେଷରେ ଏ ଅଞ୍ଚଳର ଲୋକମୁଖରେ ଅଲାରନାଥ ନାମରେ ପରିଣତ ହୋଇଅଛି । ଅଲାରନାଥ ଏକ ବିଷ୍ଣୁ ବିଗ୍ରହ । ଏହା ଏକ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ପିତାମ୍ବର ବସ୍ତ୍ର ପରିହିତ ଜମନୀୟ ମୂର୍ତ୍ତି, ଅଲାର ନାଥଙ୍କୁ କ୍ଷୀରି ଗ୍ୱେର ଅଲାରନାଥ ବୋଲି କୁହାଯାଏ । ଶ୍ରୀ ଜଗନ୍ନାଥ ଠାକୁରଙ୍କ ପରି ଅଲାରନାଥଙ୍କ ନିକଟରେ ପ୍ରତ୍ୟହ ଅନ୍ନ ପ୍ରସାଦ ଓ କ୍ଷୀରି ଭୋଗ କରାଯାଏ । କଥିତ ଅଛି ଠାକୁରଙ୍କ ସେବା ପୂଜାରେ ନିଯୁକ୍ତ ଥିବା ବ୍ରାହ୍ମଣ କୌଣସି କାର୍ଯ୍ୟ ବଶତଃ ଅନ୍ୟଗ୍ରାମକୁ କେତେଦିନ ପାଇଁ ଯାଇଥିଲେ । ଯିବା ପୂର୍ବରୁ ସେ ତାଙ୍କର ନାବାଳକ ପୁତ୍ରକୁ ଠାକୁରଙ୍କ ନିକଟରେ କ୍ଷୀରିର ଭୋଗ କରିବା ପାଇଁ କହି ଯାଇଥିଲେ । ଅଜ୍ଞାନ ବାଳକ ପୂଜା ପଦ୍ଧତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ ସୁଦ୍ଧା କ୍ଷୀରି ହାଣ୍ଡି ଧରି ଠାକୁରଙ୍କ ପାଖରେ ପହଞ୍ଚି ଭକ୍ତିର ସହକାରେ କହିଲେ,

> ‘‘ଆହେ ଦିଅଁ ଖାଅ କ୍ଷୀରି
> ମୋତେ ନ ଆସେ ପୂଜା କରି,
> ବାପା ଯାଇଛନ୍ତି ବିଦେଶ କରି ।।’’

ଏତକ କହି ପିଲାଟି ଆଖି ଖୋଲିଲା ବେଳକୁ ଦେଖିଲା ହାଣ୍ଡିରେ କିଛି କ୍ଷୀରି ନାହିଁ । ଘରକୁ ଶୂନ୍ୟ ପାତ୍ର ଧରି ଫେରି ମା’ଙ୍କ ଆଗରେ ସମସ୍ତ ବୃତାନ୍ତ କହିଲେ ସୁଦ୍ଧା ମା’ଙ୍କର ବିଶ୍ୱାସ

ହେଲା ନାହିଁ । ତା ପରଦିନ ପୁଅକୁ କ୍ଷୀରି ହାଣ୍ଡି ସହ ପଠାଇ ମା ଅଲାରନାଥଙ୍କ ବିଗ୍ରହର ପଶ୍ଚାତ୍ ଭାଗରେ ଲୁଚି ରହିଲେ । କ୍ଷୀରି ଖାଇବା ପାଇଁ ଠାକୁରଙ୍କୁ ଆବାହନ କରିବା ମାତ୍ରେ, ପ୍ରଭୁ ଅଲାରନାଥ ଲଇଁପଡ଼ି କ୍ଷୀରି ଖାଉଥିବା ବେଳେ ମା ଭୟରେ ଚିତ୍କାର କଲେ । ଗରମ କ୍ଷୀରି ପ୍ରଭୁଙ୍କ ହାତ ଓ ମୁହଁରେ ପଡ଼ି ଫୋଟକା ହୋଇଯାଇଥିଲା । ଅଦ୍ୟାବଧି ଏହାର ସ୍ମୃତି ପ୍ରଭୁଙ୍କ ହାତ, ମୁହଁରେ ଥିବା ଫୋଟକା ଚିହ୍ନରୁ ସୁସ୍ପଷ୍ଟ ।

ଶ୍ରୀ ଜଗନ୍ନାଥଙ୍କ ଅନବସର ସମୟରେ ଜଗନ୍ନାଥଙ୍କୁ ଦର୍ଶନ କରିବା ସମ୍ଭବପର ହେଉ ନଥିବାରୁ ହଜାର ହଜାର ଭକ୍ତ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିଥାନ୍ତି । ଶ୍ରୀ ଅଲାରନାଥଙ୍କ ମନ୍ଦିର ଏକ ପ୍ରାଚୀନ ମନ୍ଦିର । ପୁରାତନ ମନ୍ଦିରଟି ଭଗ୍ନପ୍ରାୟ ହେଲେହେଁ ଏହା ସୂକ୍ଷ୍ମ କାରୁକଳା ବିମଣ୍ଡିତ । ୧୧୨୮ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ଚତୁର୍ଥ ନରପତି ମଦନ ମହାଦେବଙ୍କ ଦ୍ୱାରା ଏହା ନିର୍ମିତ ହୋଇଥିଲା ।

ଶ୍ରୀକ୍ଷେତ୍ରର ଗ୍ୱରି ଆଶ୍ରମଃ– ଅଙ୍ଗିରା ଆଶ୍ରମ ବା ଅଙ୍ଗିରା ଛତା, ପାଣ୍ଡୁ ଆଶ୍ରମ ବା ନିକୁମ୍ଭିଲା ବଟ, ଭୃଗୁ ଆଶ୍ରମ ଏବଂ ମାର୍କଣ୍ଡେୟାଶ୍ରମ ବା ମାର୍କଣ୍ଡେୟ ଅବଟ ଅତ୍ୟନ୍ତ ପ୍ରାଚୀନ ତଥା ପ୍ରସିଦ୍ଧ । ଏହି ଗ୍ୱରି ଆଶ୍ରମକୁ ସୁଦର୍ଶନ ଚକ୍ର କୁମାର ପୂର୍ଣ୍ଣିମା, ଶ୍ରାବଣ ପୂର୍ଣ୍ଣିମା ବା ବଳଭଦ୍ର ଜନ୍ମ ଏବଂ ରାଧାଷ୍ଟମୀ ଦିନମାନଙ୍କରେ ପରିକ୍ରମା କରିବା ପାଇଁ ଆସିଥାନ୍ତି । ଏହି ଦିନ ମାନଙ୍କରେ ଆଶ୍ରମ ଚତୁଷ୍ଟୟକୁ ମନ୍ଦିର ତରଫରୁ ବାର୍ଷିକ ମର୍ଯ୍ୟାଦା ପ୍ରଦାନ କରାଯାଏ । ଗ୍ୱରୋଟି ଯାକ ଆଶ୍ରମ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାର ସଂରକ୍ଷଣ ନିତାନ୍ତ ଦରକାର ।

ଜଗନ୍ନାଥ ମନ୍ଦିର ସହିତ ସମ୍ପୃକ୍ତ ବିଭିନ୍ନ ମଠଃ– ପୂର୍ବେ ପୁରୀରେ ୭୫୨ଟି ମଠ ଥିବାର ପ୍ରମାଣ ମିଳେ । କାଳର ପ୍ରଭାବରେ ଏଥିରୁ ଅନେକ ଲୋପ ପାଇଗଲେଣି । ଏହି ମଠମାନେ ଧର୍ମ ପ୍ରଗ୍ୱର କାର୍ଯ୍ୟ ସଙ୍ଗେ ସଙ୍ଗେ ଶ୍ରୀମନ୍ଦିରର କେତେକ ସେବା ପୂଜାର ଦାୟିତ୍ୱ ବହନ କରୁଥିଲେ । ଏଥିପାଇଁ ମଠାଧୀଶ ମାନେ ଭୂସମ୍ପତ୍ତି ମଧ୍ୟ ଭୋଗ କରୁଥିଲେ । ଉଦାହରଣ ସ୍ୱରୂପ, ପୂର୍ବଦ୍ୱାରରେ ଅବସ୍ଥିତ ଏମାର ମଠ ଶ୍ରୀ ମନ୍ଦିରକୁ ଘିଅ ଯୋଗାଇବା, ଠାକୁରଙ୍କ ବେଶବେଳେ ବେଶ ସାମଗ୍ରୀ ଯୋଗାଇବା ଆଦି ସେବା ପାଇଁ ପ୍ରତିଷ୍ଠିତ ହୋଇଥିଲା । ଅନେକ ବିଦ୍ୟାର୍ଥୀ ମଠରେ ରହି ଅନ୍ନ ପ୍ରସାଦ ସେବା କରି ବିଦ୍ୟାର୍ଜନ ମଧ୍ୟ କରୁଥିଲେ । ଉତ୍ତରପାର୍ଶ୍ୱ ମଠ ମହନଭୋଗ ପ୍ରସ୍ତୁତ କରି ଠାକୁରଙ୍କ ଭୋଗ ବିତରଣ ପାଇଁ ଉଦିଷ୍ଟ ଥିଲା । ଚନ୍ଦନ ଭୋଗ ପାଇଁ 'ତିରିମଲ୍ଲବାଡ଼ା' ମଠ ଓ ବିମାନ ନିର୍ମାଣ ପାଇଁ ରାଘବ ଦାସ ମଠ ଉଦିଷ୍ଟ ଥିଲା ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ରକ୍ଷଣାବେକ୍ଷଣ ପାଇଁ ଜଗନ୍ନାଥ ବଲ୍ଲଭ ମଠ ଉଦିଷ୍ଟ । ଏହି ମଠ ଠାକୁରମାନଙ୍କର ଲୀଳା ଭୂମି ରୂପେ ପରିଚିତ । ଶ୍ରୀ ରାମ ନବମୀ ଉତ୍ସବରେ ଚୈତ୍ର ଶୁକ୍ଳ ଦଶମୀ ଦିନ ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମା ରାମ, ଲକ୍ଷ୍ମଣ ଓ ସୀତା ଏଠାକୁ ବିଜେ କରନ୍ତି । ଏଠାରେ ଯାନିଯାତ୍ରା ହୁଏ । ଦୋଳଯାତ୍ରା ସମୟରେ ଲକ୍ଷ୍ମୀ ଓ ସରସ୍ୱତୀ ଏଠାରେ

ଫୁଗୁଖେଳ କରନ୍ତି । ଶ୍ରୀ ନୃସିଂହଙ୍କ ଜନ୍ମ ଦିବସରେ ଶ୍ରୀ ନୃସିଂହ ମଧ୍ୟ ଜଗନ୍ନାଥ ବଲ୍ଲଭ ମଠକୁ ବଜେ କରନ୍ତି ଏବଂ ଭୋଗ ଓ ବନ୍ଦାପନା ପରେ ଶ୍ରୀ ମନ୍ଦିରକୁ ବାହୁଡ଼ା ବିଜେ କରନ୍ତି । ଜଗନ୍ନାଥ ବଲ୍ଲଭର ବେଣ୍ଟ ପୋଖରୀଠାରେ ଶ୍ରୀ ଜଗନ୍ନାଥଙ୍କ ବିଜେ ପ୍ରତିମା ପଇଡ଼କୁ ମୁନିଆ ଶରଦ୍ୱାରା ଲାଖ ବା ବିଦ୍ଧ କରନ୍ତି । ଏହାଛଡା, ଦଶହରା ଦିନ ଶ୍ରୀ ମଦନମୋହନ, ରାମ ଓ କୃଷ୍ଣ ଏବଂ ଦୁର୍ଗାମାଧବ ଏଠାକୁ ବିଜୟ ଯାତ୍ରା କରିଥାନ୍ତି । ଦେବ ଦୀପାବଳୀର ଶେଷ ଦିନ ଶ୍ରୀ ଜଗନ୍ନାଥଙ୍କ ବିଜେ ପ୍ରତିମା ଏହିଠାରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦୀପଦାନ ଶ୍ରାଦ୍ଧ ଦେଉଥିବା ଦୃଷ୍ଟି ଗୋଚର ହୁଏ । ତେଣୁ ଜଗନ୍ନାଥ ବଲ୍ଲଭ ମଠ ଶ୍ରୀ ମନ୍ଦିର ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ । ମଥୁରା ହାଟ ଯୁର ଉତ୍ସବ ପାଇଁ ଲବଣୀଖିଆ ମଠ ସ୍ଥାପିତ ହୋଇଥିଲା ।

ଏତଦ୍‌ବ୍ୟତୀତ ଆହୁରି ଅନେକ ମଠ ସେବା ମଠ ରୂପେ ପରିଚିତ ଥିଲେ । ଉଦାହରଣ ସ୍ୱରୂପ, ମନ୍ଦିରର ଚୂଡ଼ା ସଂରକ୍ଷଣ ଓ ବେଦୀ ମାର୍ଜନା ପାଇଁ ଦର୍ପନାରାୟଣ ମଠ, ପାଟ ଡୋରି ବୋଳିବା ଓ ବଳିତା ଯୋଗାଇବା ପାଇଁ ବଲ୍ଲଭ ମଠ ଇତ୍ୟାଦି ପ୍ରଧାନ । ସେହିପରି, ଶ୍ରୀଜୀଉଙ୍କ ବସ୍ତ୍ର ଯୋଗାଇବା ପାଇଁ କାପେଡ଼ିଆ ମଠ, କୋଠ ଭୋଗ ଯୋଗାଇବା ପାଇଁ କୋଠ ଭୋଗ ମଠ ଏବଂ ପ୍ରତ୍ୟହ ଶ୍ରୀମନ୍ଦିର ବେଢ଼ା ଝାଡୁ କରାଇବା ପାଇଁ ଝାଡୁ ମଠ ପ୍ରଭୃତି ଅନେକ ମଠ ପ୍ରତିଷ୍ଠିତ ହୋଇଥିଲା । ବଡ଼ଛତା ମଠ ଠାକୁରଙ୍କର ଦ୍ୱାରଫିଟା ଉତ୍ସବ ବଡ଼ସିଂହାର ଭୋଗ ଓ କାର୍ତ୍ତିକର ବାଲଧୂପବେଳେ ଭଜନ ଓ ବାଜା ପରିବେଷଣ କରନ୍ତି ।

ଜୟଦେବ ମଠ ବା ଦଶାବତାର ମଠ, କୁଞ୍ଜ ମଠ, ଲଳିତା ବିଶାଖା ମଠ ଏବଂ ଘୁମୁସର ମଠ ପ୍ରଭୃତି ଆହୁରି ଅନେକ ମଠର ଶ୍ରୀମନ୍ଦିର ସହିତ ସାଂସ୍କୃତିକ ସମ୍ବନ୍ଧ ଥିଲା ।

ଏତଦ୍‌ବ୍ୟତୀତ, ଅନେକ ରାଜା ଓ ଜମିଦାର ଶ୍ରୀ ଜଗନ୍ନାଥଙ୍କ ସେବାପୂଜା ପାଇଁ ଜମିବାଡ଼ି ଖଞ୍ଜା କରି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ପ୍ରତ୍ୟହ ଦର୍ଶନ କରିବା ପାଇଁ ମଠମାନ ପ୍ରତିଷ୍ଠା କରିଥିଲେ । ସେମାନଙ୍କ ମଧ୍ୟରୁ କେନ୍ଦୁଝର ରାଣୀ ମଠ ଚନ୍ଦନ ଟାହିଆ ଦେଉଥିଲେ । କନିକାରାଣୀ ମଠ ମାଧବୀ-ଫୁଲମାଳ ଦେଉଥିଲେ । ନାଣ୍ଡୀମାତା ମଠ ଶ୍ରୀମନ୍ଦିରରେ ଜରି ସିଲେଇ କରୁଥିଲେ । ଆଜିକାଲି ଏ ପ୍ରକାର ସେବା ଆଉ ନାହିଁ ।

ଶ୍ରୀ ମନ୍ଦରକୁ ଜଗାରଖା କରିବା ପାଇଁ ରାଣୀ ସରସ୍ୱତୀ ପାଟ ମହାଦେଈ ସିଂହଦ୍ୱାରର ଦକ୍ଷିଣକୁ ଛାଉଣି ମଠ ପ୍ରତିଷ୍ଠା କରିଥିଲେ । ନିମ୍ନରେ ଶ୍ରୀ ଜଗନ୍ନାଥ ମନ୍ଦିରର ଦୈନିକ ନୀତି, ଯାନିଯାତ୍ରା ଓ ପର୍ବପର୍ବାଣୀ ସହିତ ସମ୍ପୃକ୍ତ ଥିବା କେତେକ ମଠର ନାମ ପ୍ରଦତ୍ତ ହେଲା ।

(୧) ବେଢ଼ୀ ହନୁମାନ (୨) ଛାଉଣି (୩) ମଙ୍ଗୁ (୪) ରାଧାବଲ୍ଲଭୀ (୫) ଏମାର (୬) ଶ୍ୟାମକୁଞ୍ଜ (୭) ଉତ୍ତର ପାର୍ଶ୍ୱ (୮) ରାଘବ ଦାସ (୯) ଶ୍ରୀରାମ ଦାସ (୧୦) ଶଙ୍କରାଗୁର୍ଯ୍ୟ ଗୋବର୍ଦ୍ଧନ ପୀଠ (୧୧) ଗଙ୍ଗାମାତା (୧୨) କୋଠଭୋଗ (୧୩) ରେବସା (୧୪) ଦକ୍ଷିଣ ପାର୍ଶ୍ୱ (୧୫) ସଂକ୍ରାନ୍ତି (୧୬) ତ୍ରିମାଳୀ (୧୭) ଶିବତୀର୍ଥ (୧୮) ଗୋପାଳତୀର୍ଥ (୧୯)

ଶଙ୍କରାନନ୍ଦ (୨୦) ସୋନାର ଗୌରାଙ୍ଗ (୨୧)୧ ନେବଳ ଦାସ (୨୨) ବଡ଼ ଓଡ଼ିଆ ମଠ (୨୩) ସାନ ଓଡ଼ିଆ ମଠ (୨୪) ଆଉଲା ମଠ (୨୫) ଚିକିଟି ମଠ (୨୬) ଲବଣିଆ ମଠ (୨୭) ବଡ଼ ଆଖେଡ଼ା (୨୮) ପଥର ଆଖେଡ଼ା (୨୯) ବାଘ ଆଖେଡ଼ା (୩୦) ନିମି ଆଖେଡ଼ା (୩୧) ଇନ୍ଦ୍ରସ୍ୱାମୀ (୩୨) ମରିଚ କୋଟ (୩୩) ବଳରାମ କୋଟ (୩୪) ନରସିଂହ କୋଟ (୩୫) ଭଗବତୀ କୋଟ (୩୬) ବଡ଼ଛତା ମଠ (୩୭) ସାନଛତା ମଠ (୩୮) ବଡ଼ ସତ୍ର (୩୯) ସାନସତ୍ର (୪୦) ରାମଜୀ (୪୧) ଚଉରା (୪୨) ଅଙ୍ଗିରା ଆଶ୍ରମ (୪୩) ପରାଶର ଆଶ୍ରମ (୪୪) ଭୃଗୁ ଆଶ୍ରମ (୪୫) ପାଣ୍ଡୁ ଆଶ୍ରମ (୪୬) ଗିରି ସ୍ୱାମୀ (୪୭) ଗୌରୀ ମଠ (୪୮) ନାଗା ମଠ (୪୯) ଖଡ଼ଖିଆ ମଠ (୫୦) ସିଦ୍ଧ ମଠ (୫୧) ଝାଞ୍ଜି ପିଟା ମଠ (୫୨) କେନ୍ଦୁଝର ମଠ (୫୩) ଜୟପୁର ମଠ (୫୪) ଘୁମୁସର ମଠ (୫୫) ଦର୍ପଣୀ ମଠ (୫୬) ସୁନାମୁଣ୍ଡି (୫୭) ଉଗ୍ରସେନ ମଠ (୫୮) ଘ୍ୟମଡ଼ା ମୁଣ୍ଡି (୫୯) ଲଙ୍ଗୁଳି ମଠ (୬୦) ବ୍ରହ୍ମଗିରୀ ମଠ (୬୧) ବାଉଳି ।

ବିଭିନ୍ନ କୋଟଃ– ପୁରୀ ସହରକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଅତୀତରେ ଗ୍ୱରୋଟି କୋଟ ବା ଦୁର୍ଗ ଥିଲା । ସେମାନେ ହେଲେ, ପୂର୍ବ ଦିଗରେ ମରିଚି କୋଟ, ଦକ୍ଷିଣରେ ନାଗା କୋଟ, ଉତ୍ତରରେ ଭଗବତୀ କୋଟ ଏବଂ ଉତ୍ତର ପଶ୍ଚିମ କୋଣରେ ଇନ୍ଦ୍ରଦ୍ୟୁମ୍ନ କୋଟ । ଅଧୁନା ଦୁର୍ଗ ନାହିଁ, ମାତ୍ର ନାମ କେବଳ ରହିଛି ।

ମହାରାଜା ପ୍ରତାପ ରୁଦ୍ର ଦେବ ଶ୍ରୀମନ୍ଦିରକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ମେଘନାଦ ପାଚେରୀର ଗ୍ୱରିକୋଣରେ ଗ୍ୱରିଗୋଟି ଗୁରୁଜ ବା ଶିବିର ନିର୍ମାଣ କରାଇଥିଲେ। ଏତଦ୍‌ବ୍ୟତୀତ, ଶ୍ରୀକ୍ଷେତ୍ର ତଥା ଶ୍ରୀମନ୍ଦିରକୁ ରକ୍ଷା କରିବାପାଇଁ ସାତ ସାହିର ଯାଗାଘର ସୃଷ୍ଟି ହେଲା । ସାତ ସାହି ମଧ୍ୟରେ ହରଚଣ୍ଡୀ ସାହି, ବାଲି ସାହି, ଦୋଳ ମଣ୍ଡପ ସାହି, କୁଣ୍ଢେଇବେଣ୍ଟ ସାହି, ଗୌଡ଼ବାଡ଼ ସାହି, ମାର୍କେଣ୍ଡେଶ୍ୱର ସାହି ଏବଂ କାଳିକାଦେବୀ ସାହି ଅନ୍ତର୍ଭୁକ୍ତ । ଏହି ଯାଗା ଘର ମାନଙ୍କରେ ଖଣ୍ଡା ଯୁଦ୍ଧ, ବାଡ଼ି ଖେଳ ଏବଂ ଶରିରୀକ ଚର୍ଚ୍ଚା କରାଯାଇ ସାହିର ଲୋକମାନଙ୍କୁ ଯୁଦ୍ଧ ବିଦ୍ୟାରେ ତାଲିମ ଦିଆ ଯାଉଥିଲା । ଏବେ ମଧ୍ୟ ଯାଗା ଘର ମାନଙ୍କରେ ସେ ସମସ୍ତ ଚର୍ଚ୍ଚା କରାଯାଉଅଛି ଏବଂ ତାର ନିଦର୍ଶନ ସ୍ୱରୂପ ସାହିଯାତ ସମୟରେ ଗୋଟିଏ ସାହିର ବିଭିନ୍ନ ଯଗା ଘର ତାର ବାଦି ସାହିକୁ ଯାଇ ବିଭିନ୍ନ କୌଶଳ ପ୍ରଦର୍ଶନ କରୁଅଛନ୍ତି । ସାହି ଯାତ୍ରା ସହିତ ଶ୍ରୀ ଜଗନ୍ନାଥ ସଂସ୍କୃତିର ନିବିଡ଼ ସମ୍ପର୍କ ରହିଛି । ଏହା ଯାତ୍ରା ଗୁଡ଼ିକରେ ରାମାୟଣ ଓ ମହାଭାରତ ବର୍ଣ୍ଣିତ ବିଭିନ୍ନ ଯାତ୍ରା ଅନ୍ତର୍ଭୁକ୍ତ । ପୁରୀ ସହର ମଧ୍ୟରେ ଥିବା କେତେକ ପ୍ରଧାନ ଜେଗାଘରର ନାମ ନିମ୍ନରେ ପ୍ରଦତ୍ତ ହେଲା ।

ହରଚଣ୍ଡୀ ସାହି– (୧) ବଡ଼ ଆଖେଡ଼ା (୨) ବାରବାଟୀ (୩) ଧ୍ୱଜାଗଡ଼ (୪) ଢ଼ିପ ଜେଗା (୫) ଈଶ୍ୱର ବଲ୍ଲଭ (୬) ମୁଦୁଲି (୭) ତାପଙ୍ଗ (୮)୧ ସଂକଟ (୯) ନରସିଂହବଲ୍ଲଭ (୧୦) ଜମି ଖୁଣ୍ଟିଆ (୧୧) କୁସୁନ ଖୁଣ୍ଟିଆ ୯୧୨) ଘ୍ୟମୁଣ୍ଡାମୁଣ୍ଡି ।

ବାଲିସାହି– (୧) ପଞ୍ଚୁଆତି ଯାଗା (୨) ଲୁହାଗଡ଼ (୩) ଗୁରୁଜଙ୍ଗ (୪) ଖୁଣ୍ଟିଆ ଯାଗା (୫) ହିଞ୍ଜଳ (୬) ନାଗାକୋଟ (୭) ଉଦୟଗିରି (୮) କଦମ୍ବଗଡ଼

ଦୋଳମଣ୍ଡପ ସାହି– (୧) ତିଆଡ଼ି ଯାଗା (୨) ଚମ୍ପାଗଡ଼ ୯୩) ବଜ୍ରଗଡ଼ ଅମିନ ଯାଗା (୪) ଜଗତ ପଡ଼ିଆରୀ (୫) ନୂଆ ତୋଟା ।

କୁଣ୍ଢାଇବେଣ୍ଠ ସାହି– (୧) ସୁନ୍ଦରା (୨) ବିଶୁନି (୩) କଣ୍ଡରାକୋଟ (୪) ମଣିଗଡ଼ (୫) ଗଣେଶ ଗୁରୁଜ (୬) ବ୍ରହ୍ମା ଯାଗା (୭) ମାଳି ଯାଗା (୮) ମାଜେଣା ଯାଗା (୯) ଜୁଇଗଡ଼ (୧୦) ମଲ୍ଲୀଗଡ଼ ଏବଂ ଆହୁରି ଅନେକ ।

ଗୌଡ଼ବାଡ଼ ସାହି– ୯୧) ଅଡ଼ଙ୍ଗତିଆଡ଼ି (୨) ଖାସୁ ଜେଗା (୩) ଜୁଆଣିଗଡ଼ (୪) ଡୁବେଇ ଇତ୍ୟାଦି ।

ମାର୍କଣ୍ଡେଶ୍ୱର ସାହି– (୧) ପାଣ୍ଡ ଯାଗା (୨) ରାହାସବିହାରୀ (୩) ବଡ଼ ପୋଖରୀ (୪) ସାତବଖରା (୫) ଦ୍ୱାରୀ ଜେଗା (୬) ଭଙ୍ଗ ଯାଗା (୭) ବଡୁ ଯାଗା । ବାଳିକା ଦେବୀ ସାହି - ଭୋଗଯାଗା ଓ ଆହୁରୀ ଅନେକ ।

ଉପରୋକ୍ତ ଯାଗାଘରମାନଙ୍କର ନାମରୁ ଏଗୁଡ଼ିକ ସୈନ୍ୟସାମନ୍ତ ଛାଉଣିର ପୀଠ ଥିଲା, ଏହା ସୂଚୀତ ହୁଏ । ଉଦାହରଣସ୍ୱରୂପ, ଲୁହାଗନ, କଦମ୍ବଗଡ଼, ଜୁଆଣୀଗଡ଼, ଚମ୍ପାଗଡ଼, ମଣିଗଡ଼. ମଲ୍ଲୀଗଡ଼, ଧ୍ୱଜାଗଡ଼, ଇତ୍ୟାଦି ଯାଗା ଘରର ନାମକରଣରେ ଯଥାର୍ଥତା ରହିଅଛି । ଗଡ଼ ଶବ୍ଦ ସହିତ ସୈନ୍ୟ ଛାଉଣୀର ନିବିଡ଼ ସମ୍ପର୍କ ରହିଅଛି ।

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ, ବିଭିନ୍ନ ଦେବଦେବୀ, ବିଭିନ୍ନ ଦର୍ଶନୀୟ ସ୍ଥାନ, ଭିନ୍ନ ଭିନ୍ନ ମଠ ଓ ଯାଗା ଘର, ସବୁରି ମୂଳରେ ଶ୍ରୀମନ୍ଦିର ଏମଂ ତା'ର ଅଧୀଶ୍ୱର ଶ୍ରୀ ଜଗନ୍ନାଥ ରହିଥିବା ବିଷୟ ସର୍ବଜନ ବିଦିତ । ଶ୍ରୀଜଗନ୍ନାଥଙ୍କର ଏପରି ଆକର୍ଷଣୀୟ ଶକ୍ତି ଅଛି, ଯାହାଫଳରେ ଭକ୍ତ ସାଲବେଗ, ଯବନ ହରିଦାସ, ଯୀଶୁ ଏବଂ ମହମ୍ମଦ ଆଦି ବହୁ ମହାପୁରୁଷ ଶ୍ରୀ ଜଗନ୍ନାଥଙ୍କ ଦର୍ଶନାଭିଳାଷୀ ହୋଇ ଶ୍ରୀ କ୍ଷେତ୍ରକୁ ଆସିଛନ୍ତି, କ୍ଷେତ୍ର ପରିକ୍ରମା କରିଛନ୍ତି ମାତ୍ର ହିନ୍ଦୁଧର୍ମର ପରମ୍ପରା ନଷ୍ଟ କରି ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରିନାହାଁନ୍ତି । ବହୁ ମହାପୁରୁଷଙ୍କ ଦ୍ୱାରା ଅନେକ ଧର୍ମାନୁଷ୍ଠାନ, ମନ୍ଦିର, ମଠ, ଆଶ୍ରମ, ଗାଦି ଇତ୍ୟାଦି ପ୍ରତିଷ୍ଠିତ ହୋଇଛି ଏବଂ ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ବୃଦ୍ଧି ପାଇଛି । ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ, ସମସ୍ତଙ୍କ ପାଇଁ ଯୁଗେ ଯୁଗେ ଆରାଧ୍ୟ ହୋଇ ରହିଥିବା ବିଷୟ ପୁରାଣ, ଇତିହାସ, କିମ୍ବଦନ୍ତୀରୁ ସୂଚୀତ ହୁଏ ।

—OOO—

ନାଗାର୍ଜୁନ ବେଶ

ରାଧା ଦାମୋଦର ବେଶ